# ଶତାବ୍ଦୀର ନାୟକ :

# ଗୌରୀଶଙ୍କର



ଡକ୍ଟର ଶ୍ରୀଚରଣ ମହାନ୍ତି

# ଶତାବ୍ଦୀର ନାୟକ : ଗୌରୀଶଙ୍କର

ସମ୍ପାଦକ — ଡକ୍ଟର ଶ୍ରୀଚରଣ ମହାନ୍ତି

ପ୍ରକାଶକ — ପ୍ରଗତି ଉତ୍କଳ ସଂଘ
୮/୯, ଫକୀରମୋହନ ନଗର
ସେକ୍ଟର - ୭, ରାଉରକେଲା - ୭୬୯ ୦୦୩

ପ୍ରଥମ ସଂସ୍କରଣ — ୧୯୯୪

ମୁଦ୍ରଣ — ସରସ୍ୱତୀ ପ୍ରିଣ୍ଟର୍ସ, ଶକ୍ତିନଗର
ରାଉରକେଲା - ୭୬୯ ୦୧୪

ଓ

ଷ୍ଟାଣ୍ଡାର୍ଡ଼ ଆର୍ଟ ପ୍ରେସ୍, ସେକ୍ଟର - ୧୮
ରାଉରକେଲା - ୭୬୯ ୦୦୩

ମୂଲ୍ୟ — ୪୦.୦୦
( ଚାଳିଶ ଟଙ୍କା ମାତ୍ର )

**SATABDIR NAYAK : GOURISANKAR**

*Editor :* Dr. Sricharan Mohanty

*Published by :* Pragati Utkal Sangh
8/9, Sector - 7, Rourkela - 3
PIN - 769 003, ORISSA

First Edition - 1994

*Printed at :* Saraswati Printers
Shaktinagar, Rourkela - 14

&

Standard Art Press
Sector - 18, Rourkela - 3

Price : 40.00
( Rupees Forty Only )

# ପ୍ରକାଶକଙ୍କ ନିବେଦନ

ଗତ ୧୯୬୮ ମସିହାରେ ପ୍ରତିଷ୍ଠିତ 'ପ୍ରଗତି ଉତ୍କଳ ସଂଘ', ରାଉରକେଲାର ଏକ ବରିଷ୍ଠ ସାଂସ୍କୃତିକ ଅନୁଷ୍ଠାନ । ଏହାର ସୁସଂଗଠିତ ସମୃଦ୍ଧ ପାଠାଗାର ଅଞ୍ଚଳ ସହରର ଓଡ଼ିଆ ଗବେଷକମାନଙ୍କୁ ଆକୃଷ୍ଟ କରିପାରିଛି । ଅନ୍ୟାନ୍ୟ କାର୍ଯ୍ୟ ସହିତ ସନ ୧୯୭୮ ମସିହାରୁ 'ଉତ୍କଳ ଦିବସ ଓ ମଧୁସୂଦନ ଜୟନ୍ତୀ' ପାଳନ ଓ ରାଉରକେଲା ରେଳଷ୍ଟେସନ ସମ୍ମୁଖ ମଧୁସୂଦନମାର୍ଗରେ ଉତ୍କଳ ଗୌରବ ମଧୁସୂଦନଙ୍କର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ଭଳି ମହତ କାର୍ଯ୍ୟ ଏ ଅନୁଷ୍ଠାନ କରି ଆସିଅଛି ।

ଓଡ଼ିଆ ଜାତୀୟ ଜୀବନରେ ଯେଉଁମାନେ ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଛନ୍ତି, ସେମାନଙ୍କର ସ୍ମୃତିକୁ ପୂଜା କରିବା 'ପ୍ରଗତି ଉତ୍କଳ ସଂଘ'ର ଅନ୍ୟତମ ଲକ୍ଷ୍ୟ । ସେହି ଉଦ୍ଦେଶ୍ୟରେ ଉତ୍କଳ ଗୌରବ ମଧୁସୂଦନଙ୍କ ସହ ଅନ୍ୟାନ୍ୟ ମନୀଷୀମାନଙ୍କୁ ବକ୍ତୃତା ମାଧ୍ୟମରେ ଏହି ଅନୁଷ୍ଠାନ ପୂଜା କରି ଆସିଅଛି । ଊନବିଂଶ ଶତକର ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ମହାନ ଯୋଦ୍ଧା ଶତାବ୍ଦୀର ନାୟକ ଗୌରୀଶଙ୍କରଙ୍କ ଜୀବନ ଓ କୃତି ଚର୍ଚ୍ଚା ମାଧ୍ୟମରେ ଶ୍ରଦ୍ଧା ନିବେଦନ କରି ସଂଘ ନିଜକୁ ଗୌରବାନ୍ୱିତ ମନେ କରୁଅଛି ।

Madhusudan Das : The Legislature ପରି ଇଂରାଜୀରେ ଲିଖିତ ୬୦୦ ପୃଷ୍ଠାର ବୃହତ୍ ପ୍ରକାଶନର ଐତିହାସିକ ପଦକ୍ଷେପ ପରେ ସଂଘର ଦ୍ୱିତୀୟ ପ୍ରକାଶନ 'ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ' । ଏହି ପୁସ୍ତକ ଲେଖକ ସ୍ୱୀକୃତି ଅର୍ଜନ କରି ପ୍ରଥମ ସଂସ୍କରଣଟି ଯେପରି ଅଳ୍ପ ଦିନରେ ଶେଷ ହୋଇପାରିଲା, ପ୍ରକୃତରେ ତାହା ଆମକୁ ଆଶାରୁ ଅଧିକ ଦେଖାଇଲା । କୃତିତ୍ୱ ଅବଦାନ ବାବଦରେ [illegible] ପୃଷ୍ଠାର ବହି 'ପ୍ରଗତି ଉତ୍କଳ ସଂଘ' ଓ ରାଉରକେଲାର ସାଂସ୍କୃତିକ ବିକାଶ ଧାରା' ଶିଳ୍ପ ନଗରୀ ରାଉରକେଲା ଉପରେ ଏକ ପ୍ରାମାଣିକ ପୁସ୍ତକ । ବର୍ତ୍ତମାନର ସଂକଳନ ଏହି ଅନୁଷ୍ଠାନର ଚତୁର୍ଥ ପ୍ରକାଶନ ।

'ଶତାବ୍ଦୀର ନାୟକ : ଗୌରୀଶଙ୍କର' ପୁସ୍ତକଟିକୁ ସଂପାଦନା କରିଛନ୍ତି ରାଉରକେଲା ସରକାରୀ କଲେଜର ବରିଷ୍ଠ ଅଧ୍ୟାପକ ଡକ୍ଟର ଶ୍ରୀଚରଣ ମହାନ୍ତି । ଏହି ଜାତୀୟ କାର୍ଯ୍ୟ କରିଥିବାରୁ ସଂଘ ତାଙ୍କୁ କୃତଜ୍ଞତା ଜଣାଉଛି ।

ଏହି ପୁସ୍ତକକୁ ଆଲୋକକୁ ଆଣିବା କ୍ଷେତ୍ରରେ ଅନୁଷ୍ଠାନର ପ୍ରକାଶନ ଉପଦେଷ୍ଟା ଶ୍ରୀ ଦେବେନ୍ଦ୍ର କୁମାର ଦାଶ ( ରାଉରକେଲା ମ୍ୟୁନିସିପାଲ କଲେଜ )ଙ୍କ ପ୍ରେରଣା ଓ ସହଯୋଗ ଭୁଲିବାର ନୁହେଁ ।

ଓଡ଼ିଶାର ବରିଷ୍ଠ ଲେଖକ, କୋଚ ଓ ପ୍ରଫେସରମାନେ ଆମର ଅନୁରୋଧ ରକ୍ଷା କରି ସେମାନଙ୍କ ଲେଖା ପ୍ରଦାନ ପୂର୍ବକ ଆମକୁ ଅନୁଗୃହୀତ କରିଛନ୍ତି, ସେମାନଙ୍କୁ ପ୍ରଗତି ଉତ୍କଳ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରୁଅଛୁ ।

ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପୁସ୍ତକକୁ ପ୍ରକାଶ କରିବାର ଉଦ୍ୟମ କରାଯାଇଥିଲା ମାତ୍ର କେତେକ ଅସୁବିଧା କାରଣରୁ ଆମେମାନେ ଏହାକୁ ଆଲୋକକୁ ଆଣିପାରିଲୁ ନାହିଁ ସେଥିପାଇଁ ଅନ୍ୟ ଏକ ପ୍ରେସ୍‌ର ସାହାଯ୍ୟ ନେବାକୁ ପଡ଼ିଲା । ଆମର ଅନିଚ୍ଛାକୃତ ବିଳମ୍ବ ଓ କେତେକ ମୁଦ୍ରଣ ତ୍ରୁଟି ପାଇଁ ଆମେମାନେ ପାଠକ ପାଠିକାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଅଛୁ ।

ଆମର ଅନ୍ୟାନ୍ୟ ପ୍ରକାଶନ ପରି ଏ ପୁସ୍ତକ ଓଡ଼ିଶାର ଛାତ୍ର, ଅଧ୍ୟାପକ, ସମାଲୋଚକ ତଥା ବୁଦ୍ଧିଜୀବୀମାନଙ୍କର କାମରେ ଲାଗିପାରିଲେ ଆମର ଉଦ୍ଦେଶ୍ୟ ସଫଳ ହେବ ।

ସମ୍ପାଦକ

ପ୍ରଗତି ଉତ୍କଳ ସଂଘ, ରାଉରକେଲା

# ॥ ସୂଚୀପତ୍ର ॥

## ପ୍ରଥମ ଭାଗ


| | | | |
|---|---|---|---|
| ୧- | ସମ୍ପାଦକୀୟ | ଡଃ ଶ୍ରୀଚରଣ ମହାନ୍ତି | କ |
| ୨- | ସମକାଳୀନ ଦୃଷ୍ଟିରେ ଗୌରୀଶଙ୍କର | ✳ ଫକୀରମୋହନ ସେନାପତି | ଙ |
| | | ✳ ମଧୁସୂଦନ ଦାସ | ଚ |
| | | ✳ ରାଧାନାଥ ରାୟ | ଛ |
| | | ✳ ମଧୁସୂଦନ ରାଓ | ଜ |
| ୩- | ଗୌରୀଶଙ୍କର ରାୟଙ୍କର ଜୀବନର କେତୋଟି ଅବିସ୍ମରଣୀୟ ଅଧ୍ୟାୟ | ମୁରଲୀ ମୋହନ ଜେନା | ଝ |
| ୪- | ଆତ୍ମଜୀବନୀ | ଡଃ ନଟବର ସାମନ୍ତରାୟ | ଣ |
| ୫- | ଗୌରୀଶଙ୍କର | ଲେଖକରତ୍ନ ଡଃ କୃଷ୍ଣଚନ୍ଦ୍ର ଦାଶ | ଥ |


## ଦ୍ୱିତୀୟ ଭାଗ


| | | | |
|---|---|---|---|
| ୬- | ଊନବିଂଶ ଶତକର ଓଡ଼ିଶା : ଐତିହାସିକ ପ୍ରେକ୍ଷାପଟ | ଡଃ କୈଳାଶ ଚନ୍ଦ୍ର ଦାଶ | ୧ |
| ୭- | ଗଳ୍ପ କୁହେଁ ସମାଲୋଚନା | ଡଃ ନଟବର ସାମନ୍ତରାୟ | ୧୭ |
| ୮- | ଗୌରୀଶଙ୍କର ଓ ଉତ୍କଳଦୀପିକା | ଡଃ ବୈଷ୍ଣବ ଚରଣ ସାମଲ | ୨୪ |
| ୯- | ଗୌରୀଶଙ୍କର ଓ ଓଡ଼ିଆ-ସାହିତ୍ୟ-ଚର୍ଚ୍ଚା | ଦେବବ୍ରତ | ୪୩ |
| ୧୦- | ଊନବିଂଶ ଶତକର ପୁସ୍ତକ ପ୍ରକାଶନ ଓ ଗୌରୀଶଙ୍କର | ଡଃ ଜାନକୀ ବଲ୍ଲଭ ମହାନ୍ତି ( ଭରଦ୍ୱାଜ ) | ୬୮ |
| ୧୧- | ଗୌରୀଶଙ୍କର : ଓଡ଼ିଆ ଜାତୀୟତାବାଦର ଭଗୀରଥ | ଡଃ ଶରତ ଚନ୍ଦ୍ର ନାୟକ | ୭୫ |
| ୧୨- | ଗୌରୀଶଙ୍କର ଓ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ | ଡଃ ଶରତେନ୍ଦ୍ର ନାଥ ଦାଶ | ୧୦୯ |
| ୧୩- | ଊନବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟଶୈଳୀ ଓ ଗୌରୀଶଙ୍କର | ଡଃ ଗୌରାଙ୍ଗ ଚରଣ ଦାଶ | ୧୨୪ |
| ୧୪- | ଓଡ଼ିଶାର ନବଜାଗରଣ ଓ ଦ୍ରଷ୍ଟା ଗୌରୀଶଙ୍କର | ଦେବେନ୍ଦ୍ର କୁମାର ଦାଶ | ୧୪୮ |

# ସମ୍ପାଦକୀୟ

ଓଡ଼ିଆ ଜାତିର ଏକ ସନ୍ଧିକ୍ଷଣ ସମୟରେ ଶତାବ୍ଦୀର ନାୟକ ଗୌରୀଶଙ୍କରଙ୍କର ଶୁଭ ଆବିର୍ଭାବ । ଜାତି ଜାଗୃତିର ଝଡ଼ ବେଗରେ ସମଗ୍ର ଉତ୍କଳ ଜନନୀ ଯେତେବେଳେ ଦୁର୍ଭିକ୍ଷ ବେଦନାରେ ଜର୍ଜ୍ଜରିତା, ସେତେବେଳେ ତାହାର ମୁଖରେ ହସ ଆବର୍ତ୍ତନମଣ୍ଡଳରେ ସ୍ୱାତନ୍ତ୍ର୍ୟରଙ୍ଗ ଫୁଟାଇବାକୁ ଯେଉଁ ମହାପୁରୁଷମାନେ ଜନ୍ମ ହୋଇଥିଲେ ସେମାନଙ୍କ ମଧ୍ୟରେ କର୍ମବୀର ଗୌରୀଶଙ୍କର ହିଁ ସର୍ବଶ୍ରେଷ୍ଠରେ ଅନ୍ୟତମ । ଗୌରୀଶଙ୍କର ରାୟ, କଟକ ଜିଲ୍ଲା ଅନ୍ତର୍ଗତ ଓଡ଼ିଶାରେ ଅବସ୍ଥାପିତ ଏକ ବଙ୍ଗୀୟ କାୟସ୍ଥ ପରିବାରରେ ୧୮୩୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଗୌରୀଶଙ୍କରଙ୍କର ବାଲ୍ୟ ଥିଲା ଏକ ଦୁଃଖ ପରିବର୍ତ୍ତନର କାଳ । ସେ ଥିଲେ ଓଡ଼ିଶାର ପ୍ରଥମ ମାଟ୍ରିକ୍ୟୁଲେଟ୍ । ଉଚ୍ଚଶିକ୍ଷା ଲାଭପାଇଁ ସେ କଲିକତା ଯାଇଥିଲେ କିନ୍ତୁ ଶିକ୍ଷା ଲାଭ କରିନ ଫେରି ଆସିଥିଲେ । ପ୍ରଥମେ ଏକ କମିଶନର ଅଫିସ ପରେ ଓଡ଼ିଆ ଅନୁବାଦକ ଭାବରେ ତାଙ୍କର ଚାକିରି ଜୀବନ ସେ ଆରମ୍ଭ କରିଥିଲେ । ତାଙ୍କ ପରେ ମାଟ୍ରିକ୍ୟୁଲେସନ ପାସ୍ କରିଥିବା ବନମାଳୀ ସିଂହ, ନନ୍ଦ କିଶୋର ଦାସ, ଉତ୍କଳ ସଂକେନାୟକ ତଥା ରାଧାନାଥ ରାୟ ସମକାଳୀନ ବ୍ୟକ୍ତିଙ୍କରେ ଯେଉଁ ମିତ୍ର ଗୋଷ୍ଠୀ ଗଠନ କରିଥିଲେ, ଗୌରୀଶଙ୍କର ସମସ୍ତ ଜୀବନ ବ୍ୟାପୀ ଏହି ପଦବୀ, ସମ୍ମାନ ତଥା ଅଧିକାର ପ୍ରତି ଆଗ୍ରହକୁ ଛାଡ଼ି ନଥିଲେ । ଚେଷ୍ଟା ବି କରି ନଥିଲେ । ଗୌରୀଶଙ୍କରଙ୍କର ଜୀବନ ଥିଲା ଏକ ସାଧକର ଜୀବନ । ବ୍ୟକ୍ତିଗତ ପଦ ମର୍ଯ୍ୟାଦା ନୁହେଁ, ଜାତିର କର୍ତ୍ତବ୍ୟ ପାଳନକୁ ସେ ଜୀବନର ବ୍ରତ ଭାବରେ ଗ୍ରହଣ କରି ନେଇଥିଲେ, ଫଳରେ ସରକାରୀ ଚାକିରି ହୋଇ ମଧ୍ୟ ଜାତୀୟତାବାଦୀ ଲୋକଙ୍କ ସହ ହାତ ମିଳାଇ, ତାଙ୍କ ମୃତ୍ୟୁ ପରେ ନେତା ଭାବରେ ଓ ସ୍ୱଜନ ଗୌରବ ମଧୁସୂଦନ ଓଡ଼ିଶାକୁ ଆସିବା ପରେ ତାଙ୍କ ସହିତ ମିଶି ସେ ବେଶ୍ ଓ ସମ୍ପାଦକ ଭାବରେ ଓଡ଼ିଶାରେ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଅଭ୍ୟୁତ୍ଥାନର ଅଗ୍ରଣୀ ଭୂମିକା ନେଇଥିଲେ ।

ଊନବିଂଶ ଶତାବ୍ଦୀ ଥିଲା ଭାରତର ଇତିହାସର ଏକ ସଂକ୍ରାନ୍ତିକାଳ । ଏହି ସଂକ୍ରାନ୍ତି କାଳରେ ଅତୀତ ସହ ବର୍ତ୍ତମାନର, ପ୍ରାଚୀନ ସାମନ୍ତବାଦ ସହ ନବ୍ୟ ସାମନ୍ତବାଦର, ପ୍ରାଚୀନ ପାଣ୍ଡିତ୍ୟ ସହ ଆଧୁନିକ ଶିକ୍ଷାର, ପ୍ରାଚୀନ କବିତ୍ୱ ସହ ଆଧୁନିକ କଳ୍ପନାର ସଂଘର୍ଷ ଅନିବାର୍ଯ୍ୟ ହୋଇପଡ଼ିଥିଲା । ଏହି ସଂଘର୍ଷ ଭିତରେ ସନ୍ତୁଳନ ରକ୍ଷାକରି ଗୋଟିଏ ଜାତିକୁ ତା'ର କର୍ମପଥରେ ଆଗେଇ ନେବା ତଥା ଉତ୍କର୍ଷର

ପାଇଁ ସାର୍ବଜନୀନ ଶିକ୍ଷା ଦେବା ମହତ୍ତମ କାର୍ଯ୍ୟ ଥିଲା । ଗୌରୀଶଙ୍କରଙ୍କର ସମସାମୟିକ ମାନେ ସୁଯୋଗ ପାଇବା ମାତ୍ରେ ସରକାରୀ ଚାକିରିରେ ଅନୁପ୍ରବେଶ କରିଛନ୍ତି । ଉପଯୁକ୍ତ କର୍ତ୍ତାଙ୍କ ସହ ଉତ୍ତମ ସମ୍ପର୍କ ରଖି ଆପଣାର ପଦ ମର୍ଯ୍ୟାଦାର ପାହାଚ ଡେଇଁଛନ୍ତି । ସୁଯୋଗ ଆସିଲେ ଆପଣାର ଉଦ୍‌ବୃତ୍ତ ଶ୍ରମ ସମୟ ତଥା ବୁଦ୍ଧିକୁ ଜନସାଧାରଣଙ୍କ କାର୍ଯ୍ୟରେ ନିୟୋଗ କରିଛନ୍ତି । ଗୌରୀଶଙ୍କରଙ୍କର ଚରିତ୍ରୋଦ୍ଭୂତ ବୈଶିଷ୍ଟ୍ୟ ହେଲା ମୃତ୍ୟୁ ପର୍ଯ୍ୟନ୍ତ ସେ ସ୍ୱୟଂ ଥିଲେ ଏକ ଅନୁଷ୍ଠାନ । ବ୍ୟକ୍ତିଗତ ଜୀବନ ସେଠାରେ ଜଳାଞ୍ଜଳି ହୋଇଥିଲା । ସେ ହୋଇ ଉଠିଥିଲେ ସ୍ୱୟଂ ଏକ ଅନୁଷ୍ଠାନ । 'ଉତ୍କଳ ଦୀପିକା'ର ସେ ସମ୍ପାଦକ ଥିଲେ । ଏ କାର୍ଯ୍ୟ ତାଙ୍କ ବନ୍ଧୁମାନଙ୍କ ଦ୍ୱାରା ତାଙ୍କୁ ଅର୍ପଣ କରାଯାଇଥିଲା । ସ୍ୱୟଂ ବିଚିତ୍ରାନନ୍ଦ ଦାସ, ଗୌରୀଶଙ୍କରଙ୍କର ସାମର୍ଥ୍ୟ ଦେଖି ତାଙ୍କୁ ଏହି କାର୍ଯ୍ୟରେ ନିଯୋଜିତ କରିଥିଲେ । କିନ୍ତୁ ତାଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସେ ଯାହା ସମ୍ପୂର୍ଣ୍ଣ କରିପାରିବେ ନାହିଁ । ତାଙ୍କୁ ଏକ ନୂଆ ରୂପରେ, ନୂଆ ଢଙ୍ଗରେ ସୁସଜ୍ଜିତ କରିପାରିବେ, ଏହା ବିଚିତ୍ରାନନ୍ଦ ଦାସ କଳ୍ପନା କରି ନଥିଲେ । ଆଧୁନିକ ଓଡ଼ିଶାର ଆଦିନେତା ଥିଲେ ବିଚିତ୍ରାନନ୍ଦ ଦାସ, ତାହାହେଲେ ଊନବିଂଶ ଶତାବ୍ଦୀ ଓଡ଼ିଶାର ନାୟକ ଥିଲେ ଗୌରୀଶଙ୍କର ।

ଗୌରୀଶଙ୍କର ଜାତିରେ ଥିଲେ ବଙ୍ଗାଳୀ କିନ୍ତୁ ଜୀବନସାରା ଓଡ଼ିଶାର ପ୍ରାଚୀନ ସାହିତ୍ୟ, ଓଡ଼ିଶୀ ସଙ୍ଗୀତ, ଓଡ଼ିଆ ଭାଷା ତଥା ସମଗ୍ର ଓଡ଼ିଆ ଜାତୀୟତା ପାଇଁ ସଂଗ୍ରାମ କରିଆସିଛନ୍ତି । ସାଧାରଣ ଦୃଷ୍ଟିରୁ ଦେଖିଲେ ଏହା ଏକ ପ୍ରକଟ ଆତ୍ମ-ବିରୋଧ । ବର୍ତ୍ତମାନର ସଙ୍କୀର୍ଣ୍ଣ ପ୍ରାଦେଶିକତା ଓ ଭାଷା ଭିତ୍ତିକ ଜାତୀୟତା ଏହିଭଳି ଏକ ଧାରଣାକୁ ଜନ୍ମ ଦେଇଥାଏ । ଷୋଡ଼ଶ ଶତାବ୍ଦୀର ଶେଷଭାଗ ଓ ଦେଶ ଓଡ଼ିଶା ବଙ୍ଗ ସୁବା ସହ ସଂଯୁକ୍ତ ହେବା ଫଳରେ ତଥା ଚୈତନ୍ୟ ପରବର୍ତ୍ତୀକାଳରେ ବୈଷ୍ଣବ ଧର୍ମକୁ ମାଧ୍ୟମ କରି ବଙ୍ଗୋତ୍କଳ ସମ୍ପର୍କର ଯେଉଁ ଯୁକ୍ତବେଣୀ ରଚିତ ହୋଇଥିଲା, ଗୌରୀଶଙ୍କର ସେହି ପରମ୍ପରାର ଥିଲେ ବାହକ । ଜାତିରେ ବଙ୍ଗାଳୀ ହେଲେ ବି ସଂସ୍କୃତି ଦୃଷ୍ଟିରୁ ସେ ଥିଲେ ଉତ୍କଳୀୟ । ଯେଉଁ ସମାଜର ପାଣି, ପବନ, ମାଟି ଓ ଭାଷା ତାଙ୍କ ଦେହ ମନକୁ ପୁଷ୍ଟ କରିଥିଲା, ସେ ସେହି ସମାଜର ସ୍ୱାର୍ଥରକ୍ଷା ପାଇଁ ଜୀବନକୁ ଉତ୍ସର୍ଗ କରିଥିଲେ । ତାହାର ଅନ୍ତରର ବେଦନାକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ।

ଗୌରୀଶଙ୍କରଙ୍କର ପିତା ସଦାଶିବ ପ୍ରସାଦ ଯେପରି ତେଜସ୍ୱୀ ପୁରୁଷ ଥିଲେ ସେହିପରି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ । ପିତାଙ୍କର ଏହି ଗୁଣର ପ୍ରଭାବ ଗୌରୀଶଙ୍କରଙ୍କୁ ତେଜଗୁଣ ସମ୍ପନ୍ନ ତଥା ସ୍ୱାଭିମାନୀ କରି ଜୀବନର ପଥକୁ ନିର୍ଦ୍ଧାରିତ କରିଥିଲା । ହୁଗୁଳି କଲେଜରେ ପ୍ରଥମବର୍ଷ ଶିକ୍ଷା ସମାପ୍ତ କରିଥିଲେ ହେଁ, ସେ ବିଶ୍ୱ ବର୍ଷ ବୃତ୍ତି ପରୀକ୍ଷା ନ ଦେଇ ଫେରି ଆସି ପ୍ରଥମେ ବାଲେଶ୍ୱର କଲେକ୍ଟ୍ରୀରେ ବେତନମାଧ୍ୟ ଶିକ୍ଷକତା କରିଥିଲେ । ମାତ୍ର ପରେ କଟକକୁ ଆସି କଣାକ କର୍ମଚାରୀ

ସ୍ୱାଗତ ପ୍ରଦାନ କରିଥିଲେ । ଦେଶ ଭିତରେ ଜମାଟ ବାନ୍ଧିଥିବା ଅଜ୍ଞତା, ଦରିଦ୍ରତା ଅଶିକ୍ଷା ଓ ଅସ୍ୱାସ୍ଥ୍ୟର ଅନ୍ଧକାରକୁ ଅପସାରଣ ନିମନ୍ତେ ଶିକ୍ଷାପ୍ରାପ୍ତ ଯୁବକଙ୍କର ହସ୍ତ ରୂପରେ ଦେଖି ପାରିଥିଲେ । ଜନ ସାଧାରଣଙ୍କର ଦୋଷତ୍ରୁଟିଗୁଡ଼ିକ ସେ ମର୍ମେ ମର୍ମେ ଅନୁଭବ କରି ତାଙ୍କର ସମର୍ଥନ ସ୍ୱରୂପ ଉତ୍କଳ ପ୍ରଦେଶର ଦୁର୍ଦ୍ଦଶା ଦୂର କରିବା ପାଇଁ ସାରସ୍ୱତ ସମାଜର ସୁପ୍ରତିଷ୍ଠାକୁ ଅବତୀର୍ଣ୍ଣ ହେଲେ । ସମ୍ବାଦପତ୍ରକୁ ଜନର ସାଧାରଣ ଜାଗରଣ ଦୋଷରେ ମାଧ୍ୟମ ରୂପରେ ଦେଖୁଥିଲେ ଯେଉଁ କାରଣରୁ ସମ୍ବାଦପତ୍ରମାନଙ୍କ ଉପରେ ଗଭୀର ଦୃଷ୍ଟି ରଖୁଥିଲେ । ଅଳ୍ପ ଅନୁମୋଦନ ନ କରୁଥିବା କାର୍ଯ୍ୟକୁ ସେ କେବେହେଁ ପ୍ରଶ୍ରୟ ଦେଉ ନଥିଲେ, ସେଥିପାଇଁ ଗୁଣ କାର୍ଯ୍ୟରେ ଆଗ ହୋଇ ନିଜକୁ ନିଜେ ନିଜ ଦେଇ ନଥିଲେ । ସମ୍ବାଦପତ୍ର କର୍ମୀଙ୍କ ଆଜି ମଧ୍ୟ 'ଦୀପିକା' ପୃଷ୍ଠାରେ ସେ ସମ୍ପାଦକଙ୍କ ଅବଦାନ ବା ଦୋଷତ୍ରୁଟିକୁ ଯେପରି ସମାଲୋଚନା କରୁଥିଲେ, ତାହା ଆଜିର ପତ୍ରିକା କରିବା ଅଦ୍ଭୁତ ।

ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ଗୌରୀଶଙ୍କରଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ଆଜି ଆଉ କାହାରି ଅଜଣା ନୁହେଁ, ତାହା ସର୍ବଜନବିଦିତ । ଯେତେବେଳେ ସେ ଓଡ଼ିଆଙ୍କର ଦେଶୀ ଭାଷାକୁ ରକ୍ଷା କରିବାକୁ ହେଲେ, ସର୍ବପ୍ରଥମେ ତା ଉପଯୋଗିତାର ଆବଶ୍ୟକତା ନାହିଁ, ଦୃଷ୍ଟାନ୍ତ ହିଁ ପ୍ରଥମ ପଦକ୍ଷେପ ହେବା ଉଚିତ । ଏଣୁ ଲୋକମାନଙ୍କ ମଧ୍ୟରେ ଅଳ୍ପ ମୂଲ୍ୟରେ ପାଠ୍ୟପୁସ୍ତକ ଉପଯୁକ୍ତ ହସ୍ତରେ ଦେବା ପାଇଁ ଓଡ଼ିଆ ଭାଷାରେ ଥିବା ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର କାର୍ଯ୍ୟ ପ୍ରଥମ ପଦକ୍ଷେପ ହେବା ଉଚିତ । ତାଙ୍କ ଭାଷାରେ—"ଉତ୍କଳର ପୂର୍ବ ଗୌରବ ଯେପରି ଏହି ପଟଳରେ ଲୁଚିରହିଛି, ପୂର୍ବ ମହତ୍ତ୍ୱ, ସେପରି ଅନ୍ୟ ପଟଳରେ ପୂର୍ବ ରଚନା ସମ୍ପନ୍ନ ସାହିତ୍ୟ ଗ୍ରନ୍ଥମାନ ଜୀର୍ଣ୍ଣ ଅବସ୍ଥାରେ ନଷ୍ଟ ହେଉଅଛି ।" ପ୍ରକୃତ ଗୌରବର ଦେଖିଲେ ଉତ୍କଳର ପ୍ରାଚୀନ କାବ୍ୟମାଳା ମଧ୍ୟର ସମ୍ପୂର୍ଣ୍ଣ ଦୈନ୍ୟ ତାର ଦୂର କାରୁକାର୍ଯ୍ୟ ଶୋଭା ସୃଷ୍ଟି ଲାଭ କରୁଅଛି, ଉତ୍କଳର ପ୍ରାଚୀନ ସାହିତ୍ୟ ଯେପରି ଭାବ ରସ-ଭାବ-ଯୁକ୍ତି -ଶାନ୍ତିରସମାନେ ମହତ୍ତ୍ୱ ପ୍ରତିପାଦନ କରୁଅଛି । ଲୋକମାନଙ୍କ ମଧ୍ୟରେ ସେହି ତତ୍ତ୍ୱ ବୋଧରେ ଆଣିବା ପାଇଁ, ସେ ପ୍ରାଚୀନ ସାହିତ୍ୟ, ସଙ୍ଗୀତ ତଥା ନୃତ୍ୟର ପୁନରୁଦ୍ଧାର କରିଥିଲେ । ପୁସ୍ତକ ମୁଦ୍ରଣ କାର୍ଯ୍ୟପାଇଁ ସେ ଏକ ପ୍ରେସର ଆବଶ୍ୟକତା ଓ ଲୋକମାନଙ୍କ ନିକଟରେ ସେମାନଙ୍କର ମିଳନ ଭାବ ପହଞ୍ଚାଇବା ପାଇଁ ଗୋଟିଏ ଓଡ଼ିଆ ପତ୍ରିକାର ପ୍ରକାଶନର ଗୁରୁତ୍ୱ ସେ ଅନୁଭବ କଲେ । ଏହି କାର୍ଯ୍ୟ ପାଇଁ

କଟକ ପ୍ରିଣ୍ଟିଂ କମ୍ପାନୀ ଗଠନ କରିବାର କାରଣ ବହୁ ପୂର୍ବରୁ ମିଶନ ପ୍ରେସ୍ ସ୍ଥାପିତ ହୋଇଥିଲେ ବି ସେଠାରେ କେବଳ ଧର୍ମ ସମ୍ବନ୍ଧୀୟ ଗ୍ରନ୍ଥ କିମ୍ବା ପ୍ରାଚୀନ ଓଡ଼ିଆ ସାହିତ୍ୟ ଛପା ହେବାର ସମ୍ଭାବନା ନଥିଲା । ଏଣୁ ଓଡ଼ିଶାର ଭଗୀରଥ ଗୌରୀଶଙ୍କର ନାନା କଷ୍ଟ ସ୍ୱୀକାର ନୂତନ ପ୍ରିଣ୍ଟିଂ କମ୍ପାନୀ କରାଇ ପ୍ରାଚୀନ ସାହିତ୍ୟକୁ ସୁରକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଦୋହିଁଏ ଜାତିର ସ୍ୱଭାବ ଉପାକର୍ତ୍ତା ହେଲେ ।

ଗୌରୀଶଙ୍କରଙ୍କର ଅନ୍ୟତମ ମହତ୍ତ୍ୱ କୀର୍ତ୍ତି ଉତ୍କଳର ପୂର୍ଣ୍ଣାଙ୍ଗ ଅବାଂଶ ପାଇଁ ନାୟକ ସାରଙ୍ଗଙ୍କୁ ସମର୍ପଣ କରିବା । ବଙ୍ଗୀୟମାନେ ଯେବେ ଜଳକୁ ଚଳଚଳ ଜାଲି ଦେଇ ରକ୍ଷା କରିଥିଲେ ଓଡ଼ିଆ ଜାତିର ମହତ୍ତ୍ୱକୁ ଆଉ ଏକ ସହଜର ସମସ୍ତ ସ୍ତରୀ ଓ ସମତାକୁ ଉପଯୋଗ କରି ଚଳିଥିଲେ ଉତ୍କଳର ଚାର ପୁରୁଷ ଚଳନ୍ତୁ । ଉତ୍କଳ ଗୌରବ ମଧୁସୂଦନଙ୍କ ସ୍ୱାର୍ଥରେ ଲୁକ୍‌କାୟିତ ଥିବା ଜାତି-ପ୍ରେମ-ବହ୍ନିକୁ ପ୍ରଜ୍ୱଳିତ କରିବାରେ ଗାନ୍ଧର ବ ପ୍ରକାର ମହତ୍ତ୍ୱ ଅବଦାନ ଥିଲା ତାହା ଏହି ସଙ୍କଳନରେ ପ୍ରକାଶିତ ମଧୁସୂଦନଙ୍କ ନିଜ ଉକ୍ତିରୁ ପ୍ରମାଣିତ ହୁଏ ।

ଜାତିପାଇଁ ସମସ୍ତ ଅର୍ପଣ କରିଥିବା, ଏ ଜାତିର ଭାଗ୍ୟ ସ୍ରଷ୍ଟା ଗୋଷ୍ଠୀର ନାୟକ ଗୌରୀଶଙ୍କରଙ୍କୁ ଓଡ଼ିଆ ଜାତି ସମସ୍ତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛି ।

ଡଃ ଶ୍ରୀ ଚରଣ ମହାନ୍ତି

## ସମକାଳର ଦୃଷ୍ଟିରେ..............

# -- ଗୌରୀଶଙ୍କର --

● ଫକୀରମୋହନ ସେନାପତି

---

"ବାବୁ ଗୌରୀଶଙ୍କର ରାୟଙ୍କ ଉଦ୍ଦେଶ୍ୟରେ ଶତ ସହସ୍ର ପ୍ରଣିପାତ କରୁଅଛି । ସେ ଉତ୍କଳ ଦୀପିକାରେ ଉତ୍କଳ ଭାଷା ସପକ୍ଷରେ ଘୋର ସଂଗ୍ରାମ ଯୁଦ୍ଧମୂର୍ତ୍ତି ଧାରଣ ବାହାର କରୁଥାନ୍ତି । ଆମ୍ଭେମାନେ ବାଲେଶ୍ୱରବାସୀ ସମସ୍ତ ଉତ୍କଳକୁ କେବଳ ତାହାଙ୍କର ଅମୃତମୟ ବାଣୀ ଶୁଣୁ ଆଛି । ଅମ୍ଭମାନଙ୍କ ବାଲେଶ୍ୱରରେ ନବପ୍ରକାଶିତ "ବାଲେଶ୍ୱର ସମ୍ବାଦ ବାହିକା"ରେ କିଛି କିଛି ଲେଖୁଥାଉଁ ।"

ଆତ୍ମଜୀବନ ଚରିତ—'ଓଡ଼ିଆ ଭାଷାର ସଙ୍କଟ' ଅଧ୍ୟାୟ ]

"ହେ ଗୌରୀଶଙ୍କର ଧନ୍ୟ ତୁମ୍ଭର ସାହସ,
ପତ୍ରିକା ଲେଖୁଛ ବସି ପଚିଶ ବରଷ ।
ନ ମାନ ବିପଦ ବାଧା ନ ଚିନ୍ତି ଦେହକୁ,
ମନ ପ୍ରାଣ ସମରପି ପାଳିଛ ବ୍ରତକୁ ।
ଦେଖି ଦେଖି ତୋର ଗୁଣ କହିଛୁ ବିଶେଷ,
ଅଟ ତୁମ୍ଭେ ଜଣେ Man of Business ।

'ଉତ୍କଳ ଭ୍ରମଣ' ]

# -- ଗୌରୀଶଙ୍କର --

● ମଧୁସୂଦନ ଦାସ

..............ଆପଣମାନେ ସମସ୍ତେ ଗୌରୀଶଙ୍କରଙ୍କ ନାମ ଶୁଣି ଥିବେ । ଯେଉଁଠାରେ ଲୋକେ ଓଡ଼ିଆ ଭାଷା କହନ୍ତି କିମ୍ବା ଓଡ଼ିଆ ପୁସ୍ତକ ପାଠ କରନ୍ତି, ସେଠାରେ ଗୌରୀଶଙ୍କରଙ୍କ ନାମ ଜଣା ଅଛି । ରାୟବାହାଦୁର ଉପାଧି ସେ ପାଇଥିଲେ । ମୁଁ କିନ୍ତୁ ରାୟବାହାଦୁର ଗୌରୀଶଙ୍କର, ବାବୁ ଗୌରୀଶଙ୍କର ଇତ୍ୟାଦି କଥା କହିବାକୁ ଇଚ୍ଛା କରେ ନାହିଁ । ମନୁଷ୍ୟର ଆତ୍ମା ଯେତେବେଳେ ତାହାର ମୃଣ୍ମୟ ପିଣ୍ଡରେ ପ୍ରବେଶ କରେ, ସେତେବେଳେ କଣ କରେ ? ସେହି ସର୍ବଶକ୍ତିମାନ ଈଶ୍ବରଙ୍କ ଅନନ୍ତଆତ୍ମାର ଅଂଶ ପ୍ରବେଶ କରେ । ସେହି ମୃଣ୍ମୟ ପିଣ୍ଡର ନାମ ରାୟବାହାଦୁର, ବାବୁ, ମିଷ୍ଟର ଇତ୍ୟାଦି ହୁଏ । କିନ୍ତୁ ଆତ୍ମା ଯେତେବେଳେ ପ୍ରବେଶ କରେ କିମ୍ବା ମୃଣ୍ମୟପିଣ୍ଡ ଛାଡ଼ି ପଳାଏ, ସେତେବେଳେ ରାୟବାହାଦୁର, ବାବୁ ଇତ୍ୟାଦି ଉପାଧି ସବୁ ତୁଚ୍ଛ ଜଡ଼ ପିଣ୍ଡ ସହିତ ପଡ଼ିରହି ଯାଏ । ଗୌରୀଶଙ୍କରଙ୍କ ଆତ୍ମା ସ୍ୱର୍ଗରେ ଅଛି । ବର୍ତ୍ତମାନ ତାଙ୍କ ଆତ୍ମାକୁ ମୁଁ ଆହ୍ୱାନ କରୁଅଛି । ତାଙ୍କୁ ରାୟବାହାଦୁର ଇତ୍ୟାଦି ସମ୍ବୋଧନରେ ଆହ୍ୱାନ କଲେ ସେହି ଆତ୍ମା ସେ ସବୁ ତୁଚ୍ଛ ଜ୍ଞାନ କରିବ ନାହିଁ ।

ମନୁଷ୍ୟ ଉଭୟ କଷ୍ଟ ଦୁଃଖ ଆନନ୍ଦ ପାଏ । ପଶ୍ଚାଦଦୃଷ୍ଟିରେ ତାର କଷ୍ଟ ନାହିଁ । ଏହି ହେତୁ ପଶ୍ଚାତରେ ଯାହା ହୋଇଥିଲା ସେ ତାହା ଦେଖି ନାହିଁ । ଗୋଟିଏ ଜାତି ପକ୍ଷରେ ମଧ୍ୟ ତଦ୍ରୂପ । ଯେତେବେଳେ ଗୋଟିଏ ଜାତି ଅଗ୍ରସର ହୁଏ ତାହାର ସାଧାରଣତଃ ଆନନ୍ଦ ବା ଉତ୍ସାହ ପ୍ରତି ଦୃଷ୍ଟି ପଡ଼େ । ପଶ୍ଚାତ୍ ଜୀବନରେ ବା ଅତୀତ ଇତିହାସରେ ତାହାର ଅବସ୍ଥା କିପରି ଥିଲା, ସେ ଦେଖିବାକୁ ଇଚ୍ଛା କରେ ନାହିଁ ! ଶିଶୁ ଜନ୍ମ ପରେ ଅନେକ ଆଶା ଦେଖେ । ପଶ୍ଚାତରେ ଅର୍ଥାତ ପୂର୍ବରେ, ତାହାର ପିତା ମାତା କିପରି ଅବସ୍ଥାରେ ଥିଲେ, କେତେ ଦୁଃଖ କଷ୍ଟରେ ତାହାର ଲାଳନ ପାଳନ କରିଥିଲେ, ଏବେ ସେ ସବୁ ସେ ମନେ ନାହିଁ । କିନ୍ତୁ ଯେତେବେଳଠାରୁ ଆମ୍ଭେମାନେ ଆମ୍ଭ ପିତାମାତା ପୂର୍ବରେ କିପରି ଭାବରେ ଜୀବନ ଯାପନ କରୁଥିଲେ ଏ ସମ୍ବନ୍ଧରେ ନ ଭାବୁଁ, ସେମାନଙ୍କର କାର୍ଯ୍ୟଧାରା ସମାଲୋଚନା, ଜାତିର କି ଉପକାର ହୋଇପାରେ ଜାଣିପାରୁ ନାହୁଁ । ଗୌରୀଶଙ୍କର ଉତ୍କଳରେ ପ୍ରଥମେ ସମ୍ବାଦ ପତ୍ର ପ୍ରକାଶ କଲେ । 'ଉତ୍କଳ ଦୀପିକା' ଉତ୍କଳର ଦୀପଟିଏ । ଏହି ସମୟରେ ମନୁଷ୍ୟ ଜାତି ଅନ୍ଧକାରାବସ୍ଥାରେ ଥିଲା । ସୃଷ୍ଟିର ପ୍ରଥମ ଦିନରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହେଲେ, ଅନ୍ଧକାର ପୃଥିବୀରେ ଘୋଟିଗଲା ମନୁଷ୍ୟ ଯେତେବେଳେ ଆତ୍ମରକ୍ଷା ପାଇଁ ବ୍ୟାକୁଳ ହେଲା, ସେତେବେଳେ ମନୁଷ୍ୟ କେଉଁ କାର୍ଯ୍ୟରେ ତାହାକୁ

ସାହାଯ୍ୟ ହେବାକୁ ପାଗଳ ସୃଷ୍ଟି କଲା । ସେତେବେଳେ ଲୋକଙ୍କୁ ତେଲ ତାହାର ଭଲ କପାଳେ ବୁଢ଼ ଖଣ୍ଡ ଖଳିଆ, ଯାଇ ସର୍ବଶରେ ଅଟି, ଉତ୍ପାଦନ କରିବାକୁ ତାକୁ କେତେ କଷ୍ଟ ସହ୍ୟ କରିବାକୁ ପଡୁଥିଲା । ବର୍ତ୍ତମାନ ପାପ କାଳିକା ଅତି ସହଜ । କିନ୍ତୁ ପ୍ରଥମରେ ଯାହାର ମସ୍ତିଷ୍କ ପାପ ଅବସ୍ଥାରେ ଉଦ୍‌ବୋଳିତ ହେଲା, ତାହାର କେତେ ଚେଷ୍ଟାର ଫଳ ଏହା । କେଣୁ ମାନବ ଜାତି ତାହା ପରେ କୃତଜ୍ଞ ରହିବାକୁ ବାଧ୍ୟ ।

ସେତେବେଳେ ମନୁଷ୍ୟ ଶିଶୁ ଅବସ୍ଥାରେ ଥିଲା, ଆତ୍ମରକ୍ଷା କରିବାର ଶକ୍ତି ତା'ର ନଥିଲା, ମାତା ତାହାକୁ ରକ୍ଷା କରୁଥିଲେ । ଆମ୍ଭମାନଙ୍କର ଆତ୍ମରକ୍ଷା କରିବାର ଶକ୍ତି ନଥିବା ସମୟରେ, ମାତା ଆମ୍ଭମାନଙ୍କୁ ରକ୍ଷା କରୁଥିଲେ । ଏହା ସମସ୍ତେ ଜାଣ ଭାରତୀୟଙ୍କୁ ଆଜି ଆଉ ଏଠାରେ ମାତୃପୂଜା ନିମନ୍ତେ ପ୍ରବୃତ୍ତ କରିବାକୁ ହେଉନାହିଁ ନାହିଁ । ଗୌରୀଶଙ୍କର ପ୍ରଥମେ ଜଗନ୍ନାଥରେ କ'ଣ କରିଥିଲେ ତାହା ସତ୍ୟ କାହିଁ ।

ମୁଁ ଓଡ଼ିଆମାନଙ୍କ ମଧ୍ୟରେ ଏଗ୍ରିଟେଟ୍ ପାପୀ । କଲେଜମାନଙ୍କର କନିଷ୍ଠ ସନ୍ତାନ । ତାହାର କାରଣ ବୋଧହୁଏ ଯେ ମୁଁ ଓଡ଼ିଶାରେ ପ୍ରଥମେ ଏମ୍.ଏ. । ମୁଁ ପ୍ରଥମେ ଇଂରାଜି ଶିଖି ସେମାନେ କଳୁଷିତ ହୋଇଛି, ସେଥିରେ ମୁଁ ଉତ୍ତମ ରୂପେ ତାହା ବୁଝିପାରୁଛି । ପ୍ରଥମେ ବାଲ୍ୟାବସ୍ଥାରେ ମନୁଷ୍ୟ ଯେପରି ଅବସ୍ଥା ହେଲା କରେ, ତାହା ମୁଁ ବର୍ତ୍ତମାନ ଅନୁଭବ କରୁଛି । ଆଜି କିଏ କରୁଥିବ ନାହିଁ ସନ୍ଦେହ । ବର୍ତ୍ତମାନର ସ୍ୱାର୍ଥପରତା ସବୁର ସହିତ ଏ ବଂଶ ଶତାବ୍ଦୀର ସଂଖ୍ୟା ସୂଚରେ କୌଣସି ସ୍ୱାଧୀନ କାର୍ଯ୍ୟ କରିଲେ ହରବାର, ସେ'ଲିଖି ସେପରି ବାପ ଏକ ଦିନ ଦେବାକୁ କହି- ଅଛନ୍ତି, ୫୦ ବର୍ଷ ତଳେ ସେମାନେ କପଟ ହୋଇ ନଥିବେ, ସତ୍ୟ । ସେତେବେଳେ ଗୌରୀଶଙ୍କର କାର୍ଯ୍ୟ କ୍ଷେତ୍ରରେ ବାପ ପଣ ଛୁଆ ହୋଇଥିଲେ ।

ତାଙ୍କଠାରେ ମୁଁ ବହୁ ଗାଛ ଏକ ଶିକ୍ଷା କରିଅଛି । ସମସ୍ତ ସମୟରେ କୌଣସି କାର୍ଯ୍ୟରେ ତାଙ୍କ ସହିତ ପରାମର୍ଶ କରେ । ମୁଁ ଯାହାଠାରୁ ଯୋଗ୍ୟ କଥା ଶିଖିଅଛି, ତାଙ୍କୁ ଗୁରୁ ସ୍ୱୀକାର କରୁଛି । ପିଲାକାଳେ ଅବଧାନଙ୍କ ଠାରେ ୧୦-୧୨ ଦିନ ପଢ଼ିଥିଲି । ସେଥିପାଇଁ ତାଙ୍କୁ ମୁଁ ୩୦ ବର୍ଷ ନିମନ୍ତେ ପେନ୍‌ସନ୍ ଦେଇଥିଲି । ମୁଁ ଗୌରୀଶଙ୍କରଙ୍କ ଠାରେ ଗ୍ରନ୍ଥ ବିଷୟରେ ଋଣୀ । ତାଙ୍କର ଯେଉଁ କର୍ତ୍ତବ୍ୟ ଜ୍ଞାନ ଥିଲା, ତାହା ବଳରେ ସେ ସବୁଦିନ ନିର୍ଭୀକ ଭାବରେ କାର୍ଯ୍ୟ କରୁଥିଲେ । ସେ ଯେତେବେଳେ ୩୦୦ ଟଙ୍କା ବେତନରେ ଥିଲେ, ସେତେବେଳେ କଲେକ୍ଟରଙ୍କୁ ମାନି ନ ଥିଲେ ।

କଂଗ୍ରେସକୁ ଓଡ଼ିଶାରୁ ପ୍ରତିନିଧି ରୂପେ ଯେତେବେଳେ ମୁଁ ଓ ଗୌରୀଶଙ୍କର ଯିବାକୁ ସ୍ଥିର କଲୁ, ସେତେବେଳେ ସରକାରଙ୍କ ଆଦେଶ ପ୍ରକାଶ ହେଲା ଯେ, ସରକାରୀ କର୍ମଚାରୀମାନେ କଂଗ୍ରେସକୁ ଯିବେ ନାହିଁ । ମୁଁ ସେତେବେଳେ ପଚାରିଥିଲି "ମାଷ୍ଟର ମହାଶୟ ! ଆପଣ କ'ଣ କରିବାକୁ ସ୍ଥିର କରିଛନ୍ତି ?" ସେ କହିଥିଲେ – "କ'ଣ କରିବି ! ଚାକିରୀ ପଛେ ଯାଉ ଦେଶ ସକାଶେ ମୁଁ ଅବଶ୍ୟ କଂଗ୍ରେସକୁ ଯିବି ।"

ଆଜି ସେତେବେଳେ ଓଡ଼ିଆ ଧର୍ମଗୁରୁ ଦେଶ ପ୍ରକାଶେ ଶରଣାଗ୍ର ସ୍ୱକୀୟ ପରିତ୍ୟାଗ କରିବାକୁ ଅକ୍ଷମ ହେବେ ? ସ୍ୱଭାବ ସମାଜେ ସେହ ମୁଁ ବୈଶିଷ୍ଟ୍ୟଙ୍କର କରିଣ ତଳେ ଚିନ୍ତା କରୁଛି । ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ, ସେ ମୋତେ ଆଶୀର୍ବାଦ କରନ୍ତୁ, ଯେପରି ମୁଁ ତାଙ୍କ ପଥ ନିର୍ଦ୍ଦେଶ ସ୍ୱରରେ କରିବା ସମ୍ପାଦନ କରିବି ।

ତାଙ୍କ ଉଦ୍ଦେଶ୍ୟରେ ଯେଉଁ ଚିଠି ଲେଖାଯାଇଛି ତାହା ସ୍ମରଣ ରଖିବା ନିମନ୍ତେ ତାଙ୍କର ପ୍ରତିମା ସ୍ଥାପନ ବା ଅନ୍ୟ କିଛି ବନ୍ଦୋବସ୍ତ କରିବା ନିମନ୍ତେ ଅନେକ କହନ୍ତି । କିନ୍ତୁ ତାହା ନିତାନ୍ତ ଭ୍ରମ । ଏହାଦ୍ୱାରା କ'ଣ ସ୍ମୃତିରକ୍ଷା ହୋଇପାରେ ? ଫଟୋଟିଏ ରଖି ସ୍ମୃତିରକ୍ଷା କରିବାକୁ କେହି କେହି କହନ୍ତି । ତାଙ୍କର ୧୪ ବର୍ଷ ବୟସରେ ଗୋଟିଏ ଫଟୋ ଅଛି । ଆଉ ଗୋଟିଏ ୨° ବର୍ଷ ବୟସର । କେଉଁଟି ରଖିବ ? ଏସବୁ କେବଳ ମୂର୍ଖତା, କେହି କେହି କହନ୍ତି ତାଙ୍କର ଗୋଟିଏ ସ୍ମୃତିସ୍ତମ୍ଭ ନିର୍ମାଣ କରଯାଉ—ନାମ ରହିବ । କଲିକତାରେ Huchington Street ନାମରେ ଗୋଟିଏ ରାସ୍ତା ଅଛି । କିନ୍ତୁ ଯାଇ ପଚାର କେଉଁ ହେଚିଂସନ ନାମରେ ଏହାର ନାମ ଦିଆ ଯାଇଛି, କେହି କହି ପାରିବେ ନାହିଁ । ସ୍ମୃତି ରହିଲା କାହିଁ କହନ୍ତୁ ? କେତେ ଦୂରର କଥା । ଆମର ଏ ଯେଉଁ ନବଜାଗ୍ରତ ଦେଖୁଛୁ, ତାର ନିର୍ମାତା ସମ୍ବନ୍ଧରେ କିଏ କହୁଛି ଅମୁକ ଲୋକ, ଅନ୍ୟ କେହି କହୁଛି ଅମୁକ ଲୋକ । ଏସବୁ ପ୍ରକୃତ ସ୍ମୃତିରକ୍ଷା ହୋଇ ପାରିବ ନାହିଁ ।

ମୋ ଚିନ୍ତା ଦ୍ୱାରା ଯଦି ଅନ୍ୟ ଲୋକେ ଆମ୍ଭମାନଙ୍କ ଆତ୍ମା ଉପରେ କିଛି ଚିହ୍ନ ରଖିପାରେ, ତେବେ ତାଙ୍କର ସ୍ମୃତି ଅକ୍ଷୁର୍ଣ୍ଣ ହୋଇ ରହିବ ବୋଲି ଜାଣିବାକୁ ହେବ । ତାହା କି ଚିହ୍ନ ରଖିପାରେ ? ଓଡ଼ିଶାର ଜାତି ଜୀବନରେ ତାଙ୍କର ଆତ୍ମା ଯେପରି ଜାଗ୍ରତ ହୋଇଥିଲା, ସେହି ଆତ୍ମାର ଜାତି ଶୀଳତା ଯଦି କୌଣସି ପ୍ରକାର ଉଦ୍ଭାସିତ ହେବ, ତେବେ ତାଙ୍କର ସ୍ମୃତି ରହିବ । ଏହିପରି ଆତ୍ମା ଉପରେ ଛାପ ମାରିବାର ଉପାୟ କରିବା ଉଚିତ ।

★★
●
★★

# ॥ ଗୌରୀଶଙ୍କର ॥

● ରାଧାନାଥ ରାୟ

ମାହେନ୍ଦ୍ର ଯୋଗରେ ଜନ୍ମ ଗ୍ରହଣ କରିଲେ
ହେ ଗୌରୀଶଙ୍କର ! ତୁମ୍ଭି ଧନ୍ୟ ଏ ସଦନେ
ଦେଶ ସୁରକ୍ଷିତା-ରୂପ ବାସନା ପୂରିଲେ,
ବଳ ସ୍ୱତନ୍ତ୍ର ଏବେ ତୋମାର ଭବନେ ।
ଶିବେନ କିରାତୀ ଯଥା ପାର୍ଥ ଧନୁର୍ଦ୍ଧର
ତୁଷି ଗଙ୍ଗାଧରେ ନିଜ ଭକ୍ତି ତପୋବଳେ
ଲଭିଲେ, ଅମୋଘ ଅସ୍ତ୍ର ପାଶୁପତ ଶର
କୈଳାଶୀନ ମହାଦେବେ କାଳଦେଶ୍ୟ ଦଳେ ।
ତୁମ୍ଭେ କେମନ୍ତ ଭଦ୍ର ! ଅଜି ତପ୍ୟାଧନ
ପ୍ରଭାବେ ବର୍ଣ୍ଣାଶ୍ରମେ ବନ୍ଧୁଶ୍ରମ ଜନ
ହୁଙ୍କାର ତମ୍ବିର ସ୍ୱତ୍ୱ ଜଣେତେଇ ରଣ
ଉତ୍କଳ-ପାର୍ଥିବା ରୂପ ପାଶୁପତ ଧନ ।
ସଞ୍ଚେନ ଜାଲେନ୍ଦ୍ର ଯଥା ଚନ୍ଦ୍ରଚୂଡ଼ ଶିରେ
ଭବ ଯଲେ ଯଶସ୍ୱନ୍ତ ଭୂମେବ ଅଙ୍ଗେରେ ।

[ 'କବିତାବଳୀ' ପ୍ରଥମ ଖଣ୍ଡ ]

## ॥ କର୍ମୀ ଶ୍ରୀ ଗୌରୀଶଙ୍କର ସ୍ମୃତି ॥

● ଭକ୍ତକବି ମଧୁସୂଦନ ରାଓ

ଶୁଭକ୍ଷଣେ ଜନ୍ମ ତବ ଉତ୍କଳ-ଭୂମିରେ,
ଧର୍ମ ସୂତ୍ରେ କର୍ମଯୋଗୀ, ଦେଶର ଜନ୍ମ ସଙ୍ଗେ
ସ୍ଥିତି କାର୍ଯ୍ୟ ସୂତ୍ରାବଲେ ବଙ୍ଗୀୟ ବନ୍ଧନେ
ସାଧିଥିଲ ସ୍ୱଧର୍ମକୁ ପୂର୍ଣ୍ଣ ପରିଶ୍ରମେ ।
ଜଣ ଦେଶେ ଉତ୍କଳୀୟ, ସମର୍ଥ ମହାତ୍ମ,
ଓଡ଼ିଆମାନ ଦଶା, କରିବାରେ ଅନୁଭବ
ଲେଖିଥିଲ ପୂର୍ଣ୍ଣଭାବେ ପରମ ସୂକ୍ଷ୍ମରେ
ଭୂମି ପରି ଧୂରନ୍ଧର ବାକ୍ୟର ବଳରେ ।
ଶ୍ରୀ ବ୍ରଜନାଥଙ୍କ ପୁଣି ଶ୍ରୀ ଜଗମୋହନ *
ନାମ ସଙ୍ଗେ ତବ ନାମ ଯୁକ୍ତ ହେବ ପୁନଃ;
ମଣି କାଞ୍ଚନର ଯୋଗେ ଉଦ୍ଭବ ଉତ୍କଳେ,
ଯଶର ମନ୍ଦିର ମଧ୍ୟେ ପୂର୍ଣ୍ଣ ସ୍ଥାୟୀଭାବେ ।
ନବ-ଯୁଗ-ଉତ୍ସାହରେ "ଆଶିକା" ପ୍ରକାଶି
ଧନ୍ୟ ହୋଇଲେ ଏ ଉତ୍କଳେ, ସୁକୃତ-ବିଳାସୀ ।

* ଶ୍ରୀ ବ୍ରଜନାଥ ଦାସ ଓ ଶ୍ରୀ ଜଗନ୍ମୋହନ ଷଡ଼ଙ୍ଗୀ ଉଭୟେ ଓଡ଼ିଆ ରୋମାନ୍ସର ପ୍ରବର୍ତ୍ତକ ।

[ 'ବସନ୍ତ ଗାଥା'ରେ ପ୍ରକାଶିତ ]

# ଗୌରୀଶଙ୍କର ରାୟଙ୍କ ଜୀବନର କେତୋଟି ଅବିସ୍ମରଣୀୟ ଅଧ୍ୟାୟ

✤ ମୁରାରି ମୋହନ ଜେନା

॥ ଏକ ॥

ଗୌରୀଶଙ୍କର ରାୟ ୧୮୭୯ ମସିହାରେ 'ନବଗୁଞ୍ଜନ' ଛଦ୍ମନାମରେ ଓଡ଼ିଆ ଭାଷା ସାହିତ୍ୟର ଲୋପ ପାଇଁ ଷଡ଼ଯନ୍ତ୍ରକାରୀଙ୍କ ବିରୁଦ୍ଧରେ ବ୍ୟଙ୍ଗ ପଦ୍ୟ ଲେଖିଥିଲେ—

"ସଙ୍ଗୀତ ନ ଶୁଣିବ ଅବନୀତ ... ଦାଣ୍ଡି ଏବଂ ଦଣ୍ଡ ଅବସ୍ଥିତରେ
ଓଡ଼ିଆ ପାଠିକ ସାହା ପଡ଼ିଆ ... କରମ ଭଙ୍ଗିଯା ହେବ,
ବଙ୍ଗ ଜନ ତାଙ୍କୁ ଓଡ଼ିଆ ଅକ୍ଷର ... ଭାଷା ଅଡ଼ୁଆ ଲାଗିବରେ
ଶିଶି ବାଳାଙ୍କ ବୋଲନ୍ତୁ ଶୁଣାଣ ... ଭୁଲି ହୋଇଛୁ ନବାତ୍,
ଏ ନ ଯୁକ୍ତିଟା ଅକ୍ଷର କେତେଟା ... ମଣ୍ଡିଛନ୍ତି ବାଲୁଆଡ଼"

ଏ ସନ୍ଦର୍ଭରେ ମୁଁ ଏଠାରେ ମନେପକାଏ ଯେ ବହୁ ବର୍ଷ ପୂର୍ବରୁ ଅନେକ ଶିକ୍ଷିତ ବାଙ୍ଗାଳୀ ବର୍ଷ ତଳେ ଓଡ଼ିଆ ଭାଷା ସାହିତ୍ୟକୁ ଲୋପ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ରର ପରିଚାଳକ ନାୟକ ହୋଇଥିଲେ । କଟକର ଜଣେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନହେ' ପୁସ୍ତକ ରଚନା କରି ତା'ର ପ୍ରଚାର ଓ ପ୍ରସାରରେ ଯେଉଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ତା'ର ମୁହାଁମୁହିଁ ମୁକାବିଲା କରିବାକୁ ଗୌରୀଶଙ୍କର ଅଣ୍ଟାଭିଡ଼ି ବାହାରିଥିଲେ । ତାଙ୍କର ଅଦମ୍ୟ ଉଦ୍ୟମ ଓ ଅକ୍ଳାନ୍ତ ଆନ୍ଦୋଳନ ଫଳରେ ତତ୍କାଳୀନ ଓଡ଼ିଆ ସ୍କୁଲମାନଙ୍କରେ ବଙ୍ଗଳା ପୁସ୍ତକ ପରିବର୍ତ୍ତେ ଓଡ଼ିଆ ପୁସ୍ତକମାନ ପଠିତ ହେଲା । ଏଣୁ ଆମ ଭାଷା ସାହିତ୍ୟର ଏଭଳି ଏକ ସଙ୍କଟାପନ୍ନ ମୁହୂର୍ତ୍ତରେ ଗୌରୀଶଙ୍କର ଏ ଭାଷାକୁ ବଞ୍ଚାଇବା ପାଇଁ ଯେଉଁ ଲଢ଼େଇ-ଝଗଡ଼ା କରିଥିଲେ, ତାହା କଦାପି ବିସ୍ମରଣ ହେବାର ନୁହେଁ । ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କର ଗଭୀର ମମତ୍ୱବୋଧ ଆମ ଭବିଷ୍ୟତ-ପିଢ଼ିଙ୍କ ପ୍ରେରଣାର ଉତ୍ସ ହେଉ ।

॥ ଦୁଇ ॥

୧୯୧୮ ମସିହାରେ ଶ୍ରୀଧର ରାଓଙ୍କ ଦ୍ୱାରା ସଙ୍କଳିତ ମାଣ ଦଣ୍ଡବନ୍ଧା କୃଷିକର୍ମ-

ସାର ଗୌରୀଶଙ୍କରଙ୍କ ସ୍ମୃତି ଭାବରେ ଉଲ୍ଲେଖ ଅଛି ଯେ—"ମହାପୁରୁଷମାନେ ଈଶ୍ବରେଚ୍ଛା ସାଧନରେ ନାନା ପ୍ରକାର ସୁବିଧା ପାଆନ୍ତି । ସେ ସୁବିଧା ଈଶ୍ବର ହିଁ କରିଦିଅନ୍ତି । ଗୌରୀଶଙ୍କରଙ୍କୁ ଉତ୍କଳ ଦେଶର କେତେକୋଟି ମହତ୍‌କାର୍ଯ୍ୟ ସାଧନ ନିମନ୍ତେ ସେ ପ୍ରେରଣ କରିଥିଲେ । ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ସେ କେତେଜଣଙ୍କ ମହାତ୍ମାଙ୍କୁ ସୃଷ୍ଟି କରି ଦେଇଥିଲେ । ସେମାନଙ୍କ ମଧ୍ୟରୁ ବିଚିତ୍ରାନନ୍ଦ ଦାସ, ଜଗ-ମୋହନ ଲାଲ ଏବଂ କମିଶନର ରେଭେନ୍‌ସା ସାହେବଙ୍କ ନାମ ଉଲ୍ଲେଖନୀୟ । ବିଚିତ୍ରାନନ୍ଦବାବୁ କମିଶନର ସାହେବଙ୍କ ସିରସ୍ତାଦାର ଥିଲେ । ସେ ଏପରି ପ୍ରତିଭା-ଶାଳୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ ଯେ ତାଙ୍କ କଥା କେହି ଟାଳିପାରୁ ନ ଥିଲେ । ସ୍ବଦେଶର ଉପକାର ତାଙ୍କର ଗୋଟିଏ ଲକ୍ଷ୍ୟ ଥିଲା । ଓଡ଼ିଶାରେ ସେତେବେଳେ ଏକମାତ୍ର ଛାପାଖାନା 'ମିଶନ ପ୍ରେସ' ଏହାଛଡ଼ା ବିଚିତ୍ରାନନ୍ଦ ଗଉଡ଼ବାବୁଙ୍କ ସଭା ଓ ମୋଗଲବନ୍ଦୀର ଜମିଦାରମାନଙ୍କୁ ଉତ୍ସାହିତ କରି ଛାପାଖାନା ସ୍ଥାପନ କରିବାର ଉଦ୍ୟମ କଲେ । ଢେଙ୍କାନାଳ, ତାଳଚେର, ନୟାଗଡ଼, ବଡ଼ମ୍ବା, ନରସିଂହପୁର, ଆଠଗଡ଼ ପ୍ରଭୃତିର ରାଜାମାନେ, କେନ୍ଦ୍ରାପଡ଼ାର ଜମିଦାର ଶ୍ରୀଯୁକ୍ତ ରାଧାଶ୍ୟାମ ନରେନ୍ଦ୍ର, କୋଠ ଦେଶର ଜମିଦାର ଭଗବାନ ସାଏ ସିଂହ, ଲକ୍ଷ୍ମଣପୁରର ଚୌଧୁରୀ କୃତ୍ତିବାସ ଦାସ, ଗୋପାଳବାବୁ, ଜଗମୋହନବାବୁ ପ୍ରଭୃତି ଅଂଶୀଦାର ହେଲେ । ପ୍ରତ୍ୟେକଙ୍କର ଅଂଶଧନ ପଚାଶଟଙ୍କା ଧାର୍ଯ୍ୟ ହେଲା ଓ ସାତହଜାର ପାଞ୍ଚଶ ଟଙ୍କା ମୂଳଧନ ଉଠିଲା । କମିଶନର ରେଭେନ୍‌ସା ସାହେବ ସ୍ବୟଂ ଅଂଶୀଦାର ଥିଲେ ଏବଂ ସେତେବେଳେ ଓଡ଼ିଶାରେ ଥିଲେ ଓଡ଼ିଶାର ଅନ୍ୟାନ୍ୟ ସମ୍ଭ୍ରାନ୍ତ ମାନଙ୍କରେ ସେପରି ମଙ୍ଗଳ କାମନା କରୁଥିଲେ ଏବଂ ଛାପାଖାନାର ସେପରି କାମନା କରୁଥିଲେ । ଏଠାରୁ ପେନସନ୍ ନେଇ ବିଲାତ ଯିବା ସମୟରେ ତାଙ୍କ ଅଂଶର ଲାଭ ଅନେକଦିନ ଜମା ରହିଲା । ଟଙ୍କା କାହାକୁ ଦିଆଯିବ ? ଗୌରୀଶଙ୍କରବାବୁ ତାଙ୍କ ନିକଟକୁ ପତ୍ର ଲେଖିଲେ । ରେଭେନସା ସାହେବ ଉତ୍ତର ଦେଲେ—"ଓଡ଼ିଶାର ମଙ୍ଗଳ ନିମନ୍ତେ ମୁଁ ଯାହା ଦାନ କରିଥିଲି, ତାହା ଆଉ ଗ୍ରହଣ କରିବି ନାହିଁ । କଟକର ନିଜର ଦ୍ବାରା ଓଡ଼ିଶାର କିଛି ଉପକାର ହେଉଥିବାର ଶୁଣିଲେ, ଆପଣାକୁ କୃତାର୍ଥ ମଣିବି ।"

ମୋ ମତରେ ଅନେକ ବର୍ଷ ପରେ ତତ୍କାଳୀନ ଓଡ଼ିଶାର ବଦାନ୍ୟ ବ୍ୟକ୍ତି-ମାନଙ୍କର ସାହାଯ୍ୟ-ସହଯୋଗ ଓ ସନ୍ତୋଷଜନକ ତତ୍କାଳୀନ କଟକ କମିଶନର ସାହେବଙ୍କ ଶୁଭଦୃଷ୍ଟିରେ ସେହି ପ୍ରିଣ୍ଟିଂ ପ୍ରେସ ସ୍ଥାପନ କରାଯାଇଥିଲା ଏବଂ ଓଡ଼ିଆଙ୍କର

ସାହିତ୍ୟର ମୂଳପୋଛ ପାଇଁ ହୋଇଥିବା ଷଡ଼ଯନ୍ତ୍ରର ମୁକାବିଲା କରି ସେହି 'ଉତ୍କଳ ଦୀପିକା' ପତ୍ରିକା ଅପ୍ରକାଶ କରିଥିଲା, ତାହା କେତେ ଦୂର ଗୁରୁତ୍ୱ । ଏହି ଘଟଣାକୁ ଆମକୁ ବିଶେଷ ଭାବେ ଅନୁସମୀକ୍ଷା କରିବାର ଅଛି ଯେ, ବିଦେଶୀ ବେଡ଼୍‌କ-ନସ୍ ସାହେବଙ୍କର ଏ ଭଳି ସାହିତ୍ୟ ଓ ଜାତୀୟତା ପ୍ରତି ଏ ମମତ୍ୱବୋଧ ଥିଲା ? ପ୍ରିଣ୍ଟିଂ ପ୍ରେସ ସ୍ଥାପିତ ନ ହୋଇଥିଲେ, 'ଉତ୍କଳ ଦୀପିକା' ପ୍ରକାଶ ପାଉନଥିଲେ ଓ ତାହା ଗୌରୀଶଙ୍କରଙ୍କ ସୁଯୋଗ୍ୟ ତତ୍ତ୍ୱାବଧାନରେ ସଙ୍କଳିତ ଓ ସମ୍ପାଦିତ ନ ହୋଇଥିଲେ, ଆଜି ବୋଧହୁଏ ଆମର ଓଡ଼ିଆ ଭାଷା ନ ଥାନ୍ତା । ଆମର ଭାଷା ସାହିତ୍ୟକୁ ସର୍ବୋତ୍କୃଷ୍ଟଭାବେ ରକ୍ଷା କରିବା ଲାଗି ଗୌରୀଶଙ୍କରଙ୍କ ସଂଗ୍ରାମଶୀଳ ଭୂମିକା ଏ ଜାତିର ଇତିହାସରେ ଏକ ଅଲିଭା ସ୍ୱାକ୍ଷର ନୁହେଁ କି ?

## ॥ ତିନି ॥

୧୯୧୯ ମସିହାରେ ଉତ୍କଳ ସମ୍ମିଳନୀର ଯେଉଁ ୧୩ଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ସେଥିରେ ଉତ୍କଳ ଗୌରବ ମଧୁସୂଦନ ଦାସ, ରାୟ ବାହାଦୁର ଗୌରୀ-ଶଙ୍କର ରାୟଙ୍କ ପରଲୋକରେ ଶୋକ ପ୍ରକାଶ କରି ତାଙ୍କ ସମ୍ପର୍କରେ କହିଥିଲେ- ''ତାଙ୍କ ଠାରେ ମୁଁ ବହୁ ସାହସିକ ଶିକ୍ଷା ଲଭିଅଛି । ସମସ୍ତ ସମୟରେ କୌଣସି କାର୍ଯ୍ୟରେ ତାଙ୍କ ଉନ୍ନତ ପରାମର୍ଶ ଲଭେ । ମୁଁ ତାଙ୍କଠାରୁ ଗୋଟିଏ କଥା ଶିକ୍ଷା କରିଛି, ତାଙ୍କୁ ଗୁରୁଜ୍ଞାନ କରୁଛି । ପିଲାବେଳେ ଅବଧାନଙ୍କ ଠାରେ ୧୦/୧୨ ଦିନ ପଢ଼ିଥିଲି । ସେଥିପାଇଁ ତାଙ୍କୁ ମୁଁ ୫୫ ବର୍ଷ ପର୍ଯ୍ୟନ୍ତ ପେନସନ ଦେଉଥିଲି । ମୁଁ ଗୌରୀଶଙ୍କରଙ୍କ ଠାରେ ଗୁରୁ ଭାବରେ ଋଣୀ ।

କଂଗ୍ରେସକୁ ଓଡ଼ିଶାର ପ୍ରତିନିଧି ରୂପେ ଯେତେବେଳେ ମୁଁ ଓ ଗୌରୀଶଙ୍କରବାବୁ ଯିବାକୁ ସ୍ଥିର କଲୁଁ, ସେତେବେଳେ ସରକାରୀ ଆଦେଶ ପ୍ରଚାର ଥିଲା ଯେ ସରକାରୀ କର୍ମଚାରୀମାନେ କଂଗ୍ରେସକୁ ଯିବେ ନାହିଁ । ମୁଁ ସେତେବେଳେ ପଚାରିଥିଲି ମାଷ୍ଟର ମହାଶୟ ! ଆପଣ କଣ କରିବାକୁ ସ୍ଥିର କରନ୍ତି ? ସେ କହିଥିଲେ କଣ କରିବି ? ଚାକିରୀଟା ପଛରେ ଯାଉ, ଦେଶ ସକାଶେ କଂଗ୍ରେସକୁ ଯିବି । (କରତାଳି) । ଆଜି କେତେଜଣ ଓଡ଼ିଆ କର୍ମଚାରୀ ଦେଶ ସକାଶେ ସରକାରୀ ଚାକିରୀ ପରିତ୍ୟାଗ କରିବାକୁ ଅଗ୍ରସର ହେବେ ? ସ୍ୱଜାତି ସକାଶେ ହେଉ, ମୁଁ ଗୌରୀଶଙ୍କର ବାବୁଙ୍କର ଚରଣ ତଳେ ଶିକ୍ଷା କରିଛି । ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ, ମୋତେ ଆଶୀର୍ବାଦ କରନ୍ତୁ, ଯେପରି ମୁଁ ତାଙ୍କ ପଥ ଅର୍ଜିତ ଭାବରେ ଚାଲିବା ସମ୍ପାଦନ କରିବି (କରତାଳି) ।

ମୋ ଶିକ୍ଷା ଦ୍ୱାରା ଯଦି ଅନ୍ୟ ଜଣକର ଆତ୍ମମାନଙ୍କର ଅବସ୍ଥା ଉପରେ କିଛି ଦୃଷ୍ଟି ଦେଇପାରେ, ତେବେ ତାଙ୍କର ସ୍ମୃତି ଅସମ୍ପୂର୍ଣ୍ଣ ବୋଲି ଜ୍ଞାନ କରିବାକୁ ହେବ । ତାହା କି ଦୃଷ୍ଟି ରଖିପାରେ ? ଓଡ଼ିଶାର ଦାର୍ଶନିକ କ୍ଷେତ୍ରରେ ତାଙ୍କର ଅବସ୍ଥା ଯେପରି ଜଟିଳ ହୋଇଥିଲା, ସେହି ଅବସ୍ଥାର ଦାର୍ଶନିକତା ଯଦି କୌଣସି ପ୍ରକାରେ ଜଣାଇପାରେ, ତେବେ ତାଙ୍କର ସ୍ମୃତି ରହିବ । ଏମାନଙ୍କର ଅବସ୍ଥା ଉପରେ ଉପକାରର ଉପାୟ ଭାବିବା ଉଚିତ୍ (ଜୀବନୀ)

ମୋ ମନରେ ଉତ୍କଳ ଗୌରବ ମଧୁସୂଦନ ଜନ୍ମଦିନ ଶୌର୍ଯ୍ୟଶକ୍ତିଙ୍କ ପ୍ରତି ଯେଉଁ ଅଖଣ୍ଡ ଶ୍ରଦ୍ଧା ଭକ୍ତି ଅର୍ଘ୍ୟ ନିବେଦନ କରି ଜଣେ ମନୀଷୀଙ୍କର ସ୍ମୃତି ଉଦ୍ଦେଶ୍ୟରେ ସେହି ମହାମାନବର ମହତ୍ତ୍ୱ ସ୍ତବ ପାଠ କରିବାକୁ, ତାହା ଅନେକ ପରିପ୍ରେକ୍ଷୀରେ ଅନ୍ୟଦେଶ ଜଗତର ଅନୁଧ୍ୟାନ ଓ ଅନୁଶୀଳନ କରିବା ଏକାନ୍ତ ଆବଶ୍ୟକ ନୁହେଁ କି ?

# - ଆମ୍ଭ ସମ୍ବାଦ -

✱ ଡ଼ଃ ନଟବର ସାମନ୍ତରାୟ

ଅମ୍ଭେମାନେ ଏ ସପ୍ତାହରେ ଆପଣାର ଭାଗ୍ୟରେ ଅତ୍ୟନ୍ତ ବ୍ୟସ୍ତ ଥିବାରୁ ନିୟମିତ ରୂପେ ପତ୍ରିକାର କର୍ତ୍ତବ୍ୟ ସାଧନରେ ଅକ୍ଷମ ହୋଇଅଛୁଁ । ଏଥିପାଇଁ ଭରସା କରୁଁ ପାଠକମାନେ ଅମ୍ଭମାନଙ୍କୁ କ୍ଷମା କରିବେ । ଅମ୍ଭେମାନେ ଯେ କେବଳ ପାଠକଙ୍କ ଉଦାରତା ଓ ଶ୍ରଦ୍ଧା ଉପରେ ନିର୍ଭର କରି ପତ୍ରିକାର କାର୍ଯ୍ୟ ନିର୍ବାହ କରୁଅଛୁଁ ଏ କଥା କହିବାର ବାହୁଲ୍ୟ ଅଟେ । ପାଠକମାନେ ଅମ୍ଭମାନଙ୍କର ପରମ ବନ୍ଧୁ ଓ ସୁଦିନ ଦୁର୍ଦ୍ଦିନରେ କାଳବଶତଃ ଶରୀର ଅସୁସ୍ଥ ଓ ପରିବାରର ନିୟମ ଏହି ଯେ ସମସ୍ତେ ଆପଣାର ସୁଖ ଓ ଦୁଃଖର କଥା ଅନ୍ୟ ବନ୍ଧୁ ଠାରେ ବ୍ୟକ୍ତ କରନ୍ତି । ଏହି କାରଣରୁ ଅମ୍ଭେମାନେ ଅଦ୍ୟ ଆପଣାର କଥା ପାଠକଙ୍କୁ ଜଣାଇବାକୁ ପ୍ରବୃତ୍ତ ହେଲୁଁ । ଯେଉଁ ଅନର୍ଥ ବିପଦ ଉପସ୍ଥିତ ହୋଇଥିଲା ତାହା ଈଶ୍ୱରଙ୍କ କୃପାରୁ ବିଦୂରିତ ହୋଇଅଛି । ଏବେ ଉଦ୍ବିଗ୍ନ ହିତୈଷୀ ବନ୍ଧୁ ପାଠକମାନେ ଅବଗତ ହୋଇ ଅମ୍ଭମାନଙ୍କ ପ୍ରତି କରୁଣ ବିବେଚନା କରନ୍ତୁ । ଉତ୍କଳର ମଙ୍ଗଳ ସାଧନ ଅମ୍ଭମାନଙ୍କର ଉଦ୍ଦେଶ୍ୟ, ଏଥିପାଇଁ ଅମ୍ଭେମାନେ ଯେବେ ଶାରୀରିକ ବୃଥା କ୍ଲେଶ ଭୋଗ କଲୁଁ ସେଥିରେ କିଛି ଶୋଚନା ନାହିଁ । ଏହା ସର୍ବସାଧାରଣ ଠାରେ ଅମ୍ଭେମାନେ ଅପଣା କର୍ତ୍ତବ୍ୟରେ ତ୍ରୁଟି ନ କଲେ କୃତାର୍ଥ ହେବୁଁ । ଏତିକି ମାତ୍ର ଭୂମିକା ଉତ୍ତାରୁ ଅମ୍ଭେମାନେ ମଙ୍ଗଳବାର ବୃତ୍ତାନ୍ତ ଲେଖୁଅଛୁଁ ।

ପାଠକମାନଙ୍କର ସ୍ମରଣ ଥିବ ଯେ, ଗତ ନୋଭେମ୍ବର ତା ୨୪ ରଖ ପତ୍ରିକାରେ 'ରଙ୍କ ପଞ୍ଚାନନ' ସ୍ୱାକ୍ଷରରେ କଣ୍ଟି ଏ ପ୍ରେରିତ ପତ୍ର ପ୍ରକାଶ ହୋଇଥିଲା । ବାବୁ ରାଧାକୃଷ୍ଣ ମୁର୍ଦ୍ଧା ସେଥିରେ ଆପଣାଙ୍କୁ ଅପମାନିତ ବିବେଚନା କରି ଉକ୍ତଲିଖିତ ପତ୍ର ନେଇ ପ୍ରିଣ୍ଟିଂ ବ୍ୟୁରୋଙ୍କ ଅଧ୍ୟକ୍ଷଙ୍କୁ ଲେଖିଲେ । ଯଥା —

ଆପଣଙ୍କର ପ୍ରକାଶିତ ଉତ୍କଳଦୀପିକା ସଂଖ୍ୟା ୪୮ (ଭାଗ ୪୬) ତା ୨୪ ରଖ ନୁଭେମ୍ବର ସନ ୧୮୬୯ ମସିହାରେ ଶ୍ରୀରଙ୍କ ପଞ୍ଚାନନ ସ୍ୱାକ୍ଷରିତ କଣ୍ଟି ଏ ପ୍ରେରିତ ପତ୍ର ପ୍ରକାଶିତ ହୋଇଅଛି । ଉକ୍ତ ପତ୍ରରେ ଅମ୍ଭମାନଙ୍କ ନାମରେ କେତେକ ଅପବାଦ ସୂଚକ କଥା ଥିବାରୁ ତାହା ଦଣ୍ଡବିଧି ୫୦୦ ଧା ଅନୁସାରେ ଦଣ୍ଡନୀୟ ଅଟେ, ଅତଏବ ଅମ୍ଭେ ଆପଣମାନଙ୍କୁ ପ୍ରାର୍ଥନା କରୁଅଛୁଁ ଯେ, ଉକ୍ତ ପତ୍ରପ୍ରେରକଙ୍କର ପ୍ରକୃତ ନାମ ଧାମାଦି ଅମ୍ଭଠାକୁ ଲେଖି ପଠାଇବା. ହେବେ ଯେ ଅମ୍ଭେ ତାହାଙ୍କ ନାମରେ ଫୌଜଦାରୀ ଅଦାଲତରେ ଏବଂ ଉଚିତମତେ ଦେୱାନୀ ଅଦାଲତରେ ନାଲିଶ

କରନ୍ତୁ । ତାହା ନ କଲେ ଅମ୍ଭେ ସମସ୍ତ ଅଧିକାରୀଙ୍କ ନାମରେ ନାଲିଶ କରିବାକୁ ଦୁଃଖର ସହିତ ବାଧ୍ୟ ହେବୁଁ ।

କଟକ ତା ୨୪ ଶେ ଜୁଲାଇ ସନ ୧୮୬୯
ଆପଣଙ୍କର ବାଧ୍ୟ ଭୃତ୍ୟ
ରାଜକୃଷ୍ଣ ମୁଖୁର୍ଯ୍ୟା ଏମ. ଏ. ବି. ଏଲ
ଅଧୁନା ଉପଦେଶକ କଟକ ହାଇସ୍କୁଲ
ଏବଂ ଉକିଲ ହାଇକୋର୍ଟ

ଏ ପତ୍ର କୁମାରଙ୍କ ସେକ୍ରେଟେରୀ ବାବୁ ଗୌରୀଶଙ୍କର ରାୟ ପ୍ରମୁଖ କର ଡାକ୍ତରବାବୁଙ୍କ ସକାଶେ ଉପସ୍ଥିତ ହେଲେ ଓ ସମସ୍ତେ ତର୍କ ବିତର୍କ ଅନ୍ତେ ପତ୍ରରେ କୌଣସି ଅପବାଦ ସୂଚକ କଥା ନଥିବାର ସ୍ଥିର କରି ଉତ୍ତର ଲେଖିବାକୁ ସେକ୍ରେଟେରୀଙ୍କୁ ଆଦେଶ ଦେବାରୁ ସେ ନିମ୍ନ ଲିଖିତ ଉତ୍ତର ପଠାଇଲେ । ଯଥା—

ଆପଣଙ୍କର ପତ୍ର ଡାକ୍ତରବାବୁଙ୍କ ସକାଶେ ଉପସ୍ଥିତ କରି ତାହାଙ୍କ ଆଦେଶାନୁଯାୟୀ ଲେଖୁଅଛୁଁ ଯେ ଉକ୍ତ ପତ୍ରରେ କୌଣସି ଅପବାଦସୂଚକ କଥା ନାହିଁ । ଅତଏବ ପତ୍ର ପ୍ରେରକଙ୍କ ନାମ ପ୍ରକାଶ କରିବାକୁ ଆମ୍ଭେମାନେ ଅସ୍ୱୀକାର କରୁଅଛୁ ।

ତା ୨୮ ଶେ ଜୁଲାଇ ସନ ୧୮୬୯
ଆପଣଙ୍କର ଏକାନ୍ତ ବାଧ୍ୟଭୃତ୍ୟ
ଗୌରୀଶଙ୍କର ରାୟ.

ପତ୍ର ପଠାଇବା ଏବଂ ଉତ୍ତର ପାଇବା ପରେ ଶୁଣାଗଲା ଯେ, ଅଧିକାରୀମାନେ ବାବୁଙ୍କଠାରେ କ୍ଷମା ପ୍ରାର୍ଥନା କଲେ ବାବୁ ନାଲିଶ କରିବାକୁ କ୍ଷାନ୍ତ ହେବେ, କିନ୍ତୁ ଅଧିକାରୀମାନେ ଆପଣା ଦୋଷ ମାନି ନଥିବାରୁ ଓ ବାବୁ ତାହାଙ୍କୁ ସେ ବିଷୟ ସ୍ପଷ୍ଟ କରିବାକୁ ସେମାନେ କ୍ଷମା ପ୍ରାର୍ଥନା କରିବାକୁ ଅସମ୍ମତ ହୋଇ କେବଳ ଏହି ପର୍ଯ୍ୟନ୍ତ ସ୍ୱୀକାର କଲେ ଯେ ବାବୁ ସେହି ପତ୍ର ଲେଖିଲେ. ତେବେ କୁମାର ସେଥିର ପ୍ରକୃତ ଯଥାର୍ଥ ଭାବ ବୁଝାଇ ଦେଇ ବାବୁ ଦ୍ୱାରା ଅର୍ଥ କରିବା ସ୍ଥଳରେ ତାହା ପ୍ରମାଣ କରନ୍ତେ । ବୋଧହୁଏ ବାବୁ ଏ ଉତ୍ତରରେ ସନ୍ତୁଷ୍ଟ ନ ହେଲେ ଏବଂ ତକ୍ତ ମାତ୍ର ତୁଚ୍ଛ କାରଣରେ ସଭାପଦସ୍ଥଙ୍କ ନାଲିଶ କରିବାକୁ ପ୍ରସ୍ତୁତ କରୁଁ ତ ଯାହେବ ତାହାଙ୍କର ସ୍ଥଳରେ କ ଭଲବାର ନ ଦେଇ ପ୍ରକାଶ୍ୟ ସ୍ଥଳରେ ଅପବାଦର କଥା ଥିବାର ଜାଣି ଗତ ପ୍ରିଣ୍ଟ କୁମାରଙ୍କ ସେକ୍ରେଟେରୀ ନାମରେ ସମନ ଜାରି ହେଲା ଓ ତତ୍ ତା ୪ ଶେ ମକଦ୍ଦମା ଶୁଣିବାର ଦିନ ସ୍ଥିର ହେଲା ।

ଏଥି ମଧ୍ୟରେ ଏ କଥା ନଗର ସାରା ପ୍ରସିଦ୍ଧ ହୋଇଗଲା । ନଗର ଓ ମଫ- ଦେଶୀୟ ଲୋକଙ୍କ ସଭାରମ୍ଭ ଦେଖି ସେ ତାହା ଜାଣିବାକୁ ଇଚ୍ଛା କଲେ । ପ୍ରଥମ

ମକଦ୍ଦମାର ଏକ ଉତ୍ତେଜିତ ହେଲା ଓ କୌତୁକ ଦେଖିବା ପାଇଁ ଏତେ ଲୋକ ଜମେଇଥିଲେ ଯେ କଚେରୀ ଘର ଓ ବାରଣ୍ଡାରେ ତିଳେ ସ୍ଥାନ ନ ଥିଲା । ଉକିଲମାନଙ୍କ ଓକାଲତି ଶେଷ ହେବା ପରେ ଶ୍ରବଣ କରି ଏକ ଦୃଷ୍ଟିରେ ସାହେବଙ୍କ ମୁଖ ଅଡ଼କୁ ଚାହିଁ ରହିଥିଲେ । କେତେ ଜଣ ଲୋକମାନଙ୍କ ମୁହଁରୁ ଶୁଣାଗଲା କେବଳ ଏହି କଥା ସମସ୍ତଙ୍କ ମନରେ ଆନ୍ଦୋଳିତ ହେଉଥିଲା । ଯାହାହେଉ ମକଦ୍ଦମା ବିଚାର ଶେଷ ହେଲା ଓ ବାବୁ ଖଲାସ ହୋଇ ଘରକୁ ଆପଣା ଦୃଢ଼ତା ଜଣାଇଲେ । ବାବୁ କହିଲେ ଯେ ସମ୍ବାଦପତ୍ର ସମ୍ପାଦକ ଅପବାଦ ସୂଚକ ଏହି ଓ ଉଦ୍ଧୃତିକ କଥାମାନ ଅନେକ ଖବର ରୂପେ ଅପବାଦ ସୂଚକ ହୋଇଅଛି । ଯଥା—

ପତ୍ରସମ୍ପାଦକ ଲେଖନ୍ତି ଯେ ବାବୁ "ସ୍ୱଦେଶର ସ୍ୱତ୍ୱ ରକ୍ଷକ ହୋଇ ଉଚ୍ଚକଳଙ୍କ ଲାଭ କରିଅଛନ୍ତି" ଏଥିରୁ ବାବୁ ଏହି ସିଦ୍ଧାନ୍ତ କଲେ ଯେ ସ୍ୱଦେଶ ସ୍ୱତ୍ୱ ରକ୍ଷକ ହେବାର ଲେଖିବାରେ ପତ୍ରସମ୍ପାଦକ ବାବୁଙ୍କୁ ଦେଶାନୁରାଗ ଦୋଷ ବୋଲି ଅପବାଦ ଦେଇ ଅଛନ୍ତି । ବାବୁଙ୍କ "କଠଉରେ କେତେଗୋଟି ଉକଳ ଅକ୍ଷର ରହିବାକୁ ସେତେ ସ୍ଥାନ ଅଛି । ଇତ୍ୟାଦି" କଥା ପତ୍ରସମ୍ପାଦକ ଲେଖି ଏହି ଅପବାଦ ଦେଉନ୍ତି ଯେ ବାବୁ ଏତେ ମୂର୍ଖ ଯେ କେତେଟା ଅକ୍ଷର ଶିକ୍ଷା କରିବାକୁ ସେ ଅପାରଗ, ଏ ରୂପେ ତାହାଙ୍କର ବୁଦ୍ଧି ପ୍ରତି ଦୋଷାରୋପ ହେଲା । "ବାବୁ ଏକପ୍ରକାର ଚତୁରତାର କର୍ମ କରି ଉପାଧିରୁ 'ବି' ଲୋପ କରିଅଛନ୍ତି ।" ଏ କଥା ପତ୍ରସମ୍ପାଦକ ଲେଖି ଏହି ଅପବାଦ ଦେଉନ୍ତି ଯେ ବାବୁ ଯୌଣସି ଅନ୍ୟ ଉପାୟ ଦ୍ୱାରା 'ଏମ ଏ' ଉପାଧି ପାଇଅଛନ୍ତି; ଅତଏବ ତାହାଙ୍କର ଚରିତ୍ର ପ୍ରତି ଦୋଷାରୋପ ହେଲା ଓ ସେଥିରେ ତାହାଙ୍କ ମେଷ କହିବାରୁ ପତ୍ରସମ୍ପାଦକ ଏହି ଅପବାଦ ଦେଉନ୍ତି ଯେ ବାବୁ ଏତେ ବୁଦ୍ଧିହୀନ ଯେ ଏହାଙ୍କୁ ମେଷ ସଙ୍ଗେ ଅଳ୍ପ ମାତ୍ର ପ୍ରଭେଦ ଜଣାଯାଏ; ଏଥିରେ ତାହାଙ୍କର ବୁଦ୍ଧି ପ୍ରତି ବିଶେଷ ଦୋଷାରୋପ ହେଲା । ଏହିରୂପେ ପତ୍ରସମ୍ପାଦକଙ୍କର ଦୋଷ ବର୍ଣ୍ଣନା କରି ଆପଣା ଓକିଲଙ୍କର ପକ୍ଷରୁ ଦେବା ଜମିନ୍ଦାର ଦେବେ କଥା କହିଲେ ଓ କେଉଁ ଦେଶରେ କି ରୂପେ ଛାପାଖାନା ହୋଇ ସମ୍ବାଦପତ୍ର କେଉଁ ସମୟରେ ପାଇଅଛନ୍ତି ତାହା ବାଖ୍ୟା କଲେ ।

ଶ୍ରୀଯୁକ୍ତ ବର୍କ୍କ ସାହେବ ଅତି ମନୋଯୋଗ ପୂର୍ବକ ତାହାଙ୍କର ବକ୍ତୃତା ଶ୍ରବଣ କଲେ ଓ ସ୍ୱୟଂ ଲେଡ଼ି ଲେଞ୍ଜ୍ ଅନୁକୂଳର ତାହାଙ୍କର ଅଙ୍କ କାହୁ ପଢ଼ି ଅଛୁ କି ନାହିଁ ଶୁଣିବାକୁ ଇଚ୍ଛା କଲେ । ଯହିଁ ବାବୁଙ୍କର ସମସ୍ତ କଥା ଶେଷ ହେଲା, ତହିଁ ଉକଳଲିପିକ ସବୁକୁ ସମସ୍ତଙ୍କ ସାକ୍ଷାତରେ ପାଠ କରି ମୋକଦ୍ଦମା ଡିସମିସ୍ ଓ ଅଭିଯୋଗୀ ଖଲାସ ହେବାର ଆଜ୍ଞା ଦେଲେ । ସ୍ୱୟଂ ଲେଖିବା ସମୟରେ ଯେ ସମସ୍ତ ତର୍କ ବିତର୍କ ହୋଇଥିଲା ତାହା ଲେଖିବାର ପ୍ରୟୋଜନ ନାହିଁ । ସୁଦାଲି ପକ୍ଷରେ ଶ୍ରେଷ୍ଠ ଓକାଳତର ଲଲିତ ବାବୁ ରାମମୋହନ ମଲ୍ଲିକ ଉପସ୍ଥିତ ହୋଇଥିଲେ । ସାହେବଙ୍କ ସମ୍ମୁଖ ଅବିକଳ ଅନୁବାଦ ଏଠାରେ ପ୍ରକାଶ ହେଲା । ପାଠକମାନେ ପାଠ କରି ସକଳ ବିଷୟ ଜାଣି ପାରିବେ ।

# ରାୟ

ଅଦାଲତ ବିବେଚନାରେ ତାଙ୍କୁ ମୀରଜାଫର କହିବାରେ ଭାରତୀୟ ଦଣ୍ଡବିଧି ଆଇନର ଧ ୫୦୦ ଧାରା ଅର୍ଥ ଅନୁସାରେ କୌଣସି ଅପବାଦ ହୋଇ ନାହିଁ । ଏ ଧାରା ଦ ୪୯୯ ଧାରା ତୃତୀୟ ବର୍ଣ୍ଣିତ ଶର୍ତ୍ତ ମଧ୍ୟରେ ଅନ୍ୟତମ '।' ଉଦାହରଣ ଭଳିରେ ଓଡ଼ିଶା ଅସେମ୍ବ୍ଲି ଓ ଏହି ଭଳି ବେଳ ଜନତା ଅସେମ୍ବ୍ଲି ପ୍ରକାଶ କରିବା ବିଷୟରେ ଏକ ବକ୍ତୃତା ପାଠ କରିବାରେ ଯାହା ପ୍ରକାଶ ରୂପେ ସେହି ବକ୍ତୃତାର ଘୋଷଣା କଲେ । ପରିଲେଖନ ଏପରି ମତକୁ ସ୍ୱାଧୀନ ଜ୍ଞାନ କରି ସେଥିରେ ଅସନ୍ତୁଷ୍ଟ ହୋଇ ଉଚିତ୍ସା ଯେ ଉପକାର ହେତୁ ତାଙ୍କ ଦ୍ୱେଷ କରୁ ନ ଥିଲେ ଏବଂ ପରନ୍ତୁ ବିବେଚନାରେ ଯାହା ଏପରି ପ୍ରସ୍ତାବର ଘୋଷଣା କରିବାରେ ଅଳ୍ପ ବୁଦ୍ଧିର ପ୍ରକାଶ କରିଥିବାର ସେ ଉଲ୍ଲେଖ କରିଅଛି । ଉପଯୁକ୍ତ ବକ୍ତୃତା ନିଶ୍ଚୟ ସର୍ବସାଧାରଣ ସମ୍ପର୍କୀୟ ବିଷୟରେ ହୋଇଥିଲା ଓ ସେ ବିଷୟର ଜାତୀୟରେ ଓଡ଼ିଶା-ନିବାସୀମାନଙ୍କର ବିଶେଷ ସମ୍ପୃକ୍ତ ଅଛି । ସେହି ବକ୍ତୃତା ଘୋଷଣା କରିବାରେ ତାହାର କାର୍ଯ୍ୟ ଯେପରି ଦେଖାଯାଉଅଛି ସେଥିର ଉଚିତ ସୌହାର୍ଦ୍ଦ୍ୟ ବିବେଚନା କରିବା ଅପେକ୍ଷା ଲେଖକ ଅଧିକ କରିନାହିଁ ।

ଅଭିଯୁକ୍ତ ଯାହା କହିଲେ ଯେ 'ଦ୍ୱିତୀୟ ମୀର ଜାଫର' ହେବାର କହିବାରୁ ତାଙ୍କର ଅପମାନ ହୋଇଅଛି, ମଧ୍ୟ ଅନ୍ୟ ଉପାୟ ଦ୍ୱାରା ଏମ ଏ ଉପାଧି ପାଇବାର ଦୋଷାରୋପ ତାଙ୍କ ପ୍ରତି ହୋଇଅଛି ।

ପରନ୍ତୁ ଅବସ୍ଥା ବିବେଚନାରେ ଆମ୍ଭ ଭାଷିବାରେ 'ଦ୍ୱିତୀୟ ମୀର ଜାଫର' ହେବାର କହିବାରେ ତାଙ୍କର ସମ୍ମାନର କୌଣସି ହାନି ହେବା ଭଳି କିଛି ଦୋଷ ହୋଇ ନାହିଁ ଏବଂ ପରନ୍ତୁ ଯେ ଶବ୍ଦ ଶବ୍ଦ ବ୍ୟବହାର ହୋଇଅଛି ତହିଁରୁ ତାଙ୍କ ଅନ୍ୟାୟ ଉପାୟ ଦ୍ୱାରା, ଏମ ଏ ଉପାଧି ପାଇବାର ଅର୍ଥ ହୋଇ ପାରିବାର ଅନୁମାନ କରାଯାଇ ନାହିଁ । 'ଏ ମେ ଏଲ ଏମ ପରୀକ୍ଷା ପାଶ କରିବା ଓ ତାଙ୍କୁ ମେଣ୍ଟ ପଣ ବର୍ଣ୍ଣିତ ପ୍ରକାଶ କରିଥିବାର ବ୍ୟକ୍ତ କରିଥିବା ଇଚ୍ଛାରେ କେବଳ ପରିଚୟ ତାଙ୍କର ଉପାଧିର ଉଲ୍ଲେଖ କରିଅଛି ।

ଅତଏବ ଅଦାଲତ ବିଚାରରେ ଅପବାଦ ଅପରାଧ ହୋଇ ନ ଥିବାରୁ ମକଦ୍ଦମା ଡିସମିସ କରାଗଲା ଓ ଅଭିଯୁକ୍ତ ଶ୍ରୀମାନଙ୍କର ବିରୁଦ୍ଧ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧ ୨୫୦ ଧା ଅନୁସାରେ ମୁକ୍ତି ଦିଆଗଲା ।

ଜି. ଏମ୍. ଶର୍ମା

୪. ୮. ୫୯　　　　　　　　　　　　　　　　　　　　　ଏଡିସି ଜଣ୍ଟ ମାଜିଷ୍ଟ୍ରେଟ

ଅସ୍ମେମାନେ ଏ ନିଷ୍ପତ୍ତିର ପ୍ରଶଂସା କରିବାକୁ ବାଧ୍ୟର ଅବଶ ଦେଖୁଅଛୁଁ । ଏହା ଯେ ନ୍ୟାୟପୂର୍ବକ ହୋଇଅଛି, ଅଥବା ଅସ୍ମମାନଙ୍କ ପ୍ରଶଂସା ବାକ୍ୟକୁ ସର୍ବସାଧାରଣ ଗ୍ରହଣ ନ କରିବେ ତାହା ଏ ନିଷ୍ପତ୍ତି ଅସ୍ମମାନଙ୍କ ମତରେ ହୋଇଥିବାରୁ ଯୁକ୍ତିଦ୍ୱାରା ଅସ୍ମେମାନେ ଏହାର ସୁଖ୍ୟାତ କରୁଁ । ତଥାଚ ଅସ୍ମେମାନେ କହୁଁ ଯେ ନିଷ୍ପତ୍ତି ଉତ୍ତମ ହୋଇଅଛି । ହାକିମମାନେ ସର୍ବଦା ବସ୍ତୁର ଖାଣ୍ଟି କରୁଥିବାରୁ ଅନେକ ନର୍ମ ହାକିମଙ୍କପେ ଭୁଲିପାରନ୍ତି, ଏଥିରେ ବଡ଼ ପ୍ରଶଂସା ନାହିଁ ବୋଲି କେହୁ ଯଦି କହେ ଅସ୍ମେମାନେ ସେଥିର ପ୍ରତିବାଦ କରୁନାହୁଁ । କିନ୍ତୁ ଶ୍ରୀଯୁକ୍ତ କର୍ଣ୍ଡ ସାହେବ ଇଂରାଜ ଲୋକ ହୋଇ ସେ ଉତ୍କଳ ଭାଷା ଉତ୍ତମ ତାତ୍ପର୍ଯ୍ୟ ସହିତ ପଢ଼ିକ ଯଥାର୍ଥ ଭାବ ଏବଂ ତାତ୍ପର୍ଯ୍ୟରୂପେ ବୁଝିପାରି ମକଦମାର ଯଥାର୍ଥ ବିଚାର କଲେ ଏହା ଅବଶ୍ୟ ଅତି ପ୍ରଶଂସାର ବିଷୟ ଅଟଇ ଓ ଏଥିରୁ ବୋଧହୁଅଇ ଯେ ସେ ଦେଶୀୟ ଭାଷା ବୁଝିବା ପାଇଁ ସାମାନ୍ୟ ଯତ୍ନ କରିନାହାନ୍ତି । ଯାହା ହେଉ ଶ୍ରୀଯୁକ୍ତ କର୍ଣ୍ଡ ସାହେବ ଜଣେ ମାଜିଷ୍ଟ୍ରେଟ ଏ ମକଦମାର ଉଚିତ ବିଚାର କରି ଉତ୍କଳର ସର୍ବସାଧାରଣଙ୍କଠାରେ ଅଧିକ ମାନ୍ୟ ହୋଇଅଛନ୍ତି ।

ମକଦମାର ବୃତ୍ତାନ୍ତ ଲେଖକର ଶ୍ରୀଯୁକ୍ତ ବାବୁ ରାଜକୃଷ୍ଣ ମୁଖର୍ଜୀଙ୍କ ବିଷୟରେ କିଛି ନ କହି ଶାନ୍ତ ହୋଇ ନ ପାରୁଁ । ବାବୁଙ୍କ ଉପରେ ଅସ୍ମମାନଙ୍କର ଯେତେବଡ଼ ପ୍ରତ୍ୟାଶା ଥିଲା ତାହା ଅସ୍ମେମାନେ ତାହାଙ୍କ ଅଯୋଗ୍ୟ ପୂର୍ବ ଚରିତ୍ର ବର୍ଣ୍ଣନାରେ ପ୍ରଥମ ଭାଗ ୨୦ ସଂଖ୍ୟା ପତ୍ରିକାରେ ସର୍ବସାଧାରଣଙ୍କୁ ଜଣାଇଅଛୁଁ ଓ ଏ ମକଦମା ହେଲାରୁ ସେ ସେ ଆଶା ପୂର୍ଣ୍ଣ ହେଲା ଏମନ୍ତ ନୁହଇ । ଅତି ବୁଦ୍ଧିମାନ ବାବୁ ସୁଦ୍ଧା କେବେକେବେ ଭ୍ରମରେ ପଡ଼ନ୍ତି ଓ ଲୋକାଏ ମକଦମାରେ କେହୁ ହାରିଲେ ତାହାଙ୍କୁ ନିର୍ବୋଧ ଜ୍ଞାନ କରିବା ଯେମନ୍ତ ଯୁକ୍ତି ବିରୁଦ୍ଧ ସେହି ଗୋଟିଏ ମକଦମା ଜିତିଲେ ତାହାଙ୍କୁ ବୁଦ୍ଧିମାନ ଜ୍ଞାନ କରିବା ସେମନ୍ତ ମୂର୍ଖତ୍ୱର ଅଟଇ । ମନୁଷ୍ୟ ଦେବତା ନୁହନ୍ତି ଯେ ସକଳ ସମୟରେ ଅଭ୍ରାନ୍ତ ରୂପେ କାର୍ଯ୍ୟ କରିବେ । ବାବୁଙ୍କର ବୟସ ଅଳ୍ପ, କେବଳ ୨୨ ବର୍ଷ ଅଟଇ, ଏଥିରେ ସେ ଇଂରାଜୀ ବିଦ୍ୟାରେ ସର୍ବୋଚ୍ଚ ମର୍ଯ୍ୟାଦା ପ୍ରାପ୍ତ ହୋଇ ଅନେକ ସୁଖ୍ୟାତି ଲାଭ କରିଅଛନ୍ତି । ଉକ୍ତର ଉତ୍ତେଜନା ହେତୁରୁ ଅଳ୍ପ ବୟସ ଶୁଣିଲେ କେତେକେତେ ଯଶର ଲୋଭରେ ଜ୍ଞାନର ପ୍ରବୃତ୍ତିରେ ଉଦ୍ଦୀପିତ ହୋଇପାରନ୍ତି । ତହିଁରେ ପୁଣି ଉତ୍କଳ ଭାଷା ଅଭ୍ୟାସ କାଳ ହେଲା ଶିଖିବାକୁ ଆରମ୍ଭ କରିଥିବାରୁ ଏଥିର ସକଳ ଭାବ ଭଙ୍ଗୀ ଅବଗତ ହେବାର ସମ୍ଭାବନା ନାହିଁ । ଏ ଅବସ୍ଥାରେ ଯେ ସେ ଭ୍ରମ ପ୍ରମାଦରେ ପଡ଼ିବେ ଏଥିରେ ଆଶ୍ଚର୍ଯ୍ୟ କି ଅଛି ? କିନ୍ତୁ ତାହାଙ୍କ ବୟସ ଯେ କେହୁ ପ୍ରବୀଣ ଲୋକ ତାହାଙ୍କର ଉପଦେଷ୍ଟା ନ ଥିଲେ, ଅଥବା କେହୁ ମିଳିଥିଲେ ତାହା କଥାକୁ ଗ୍ରାହ୍ୟ କଲେନି; ସେ ରୂପ ହୋଇଥିଲେ ଏବା ସେ ଦୁଃଖ ନ ପାଇବାରେ ଲଜ୍ଜା ପାଇଥାନ୍ତେ । ତଥାଚ ଅସ୍ମେ ଏହି ଦେଶୀୟ ଲୋକଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ତାହାଙ୍କ ଦ୍ୱାରା ଅନୁସନ୍ଧାନ ନ କରି ପୁଣ ହୃଦୟରେ ଉଦ୍‌ବେଗ ହେଉନ୍ତୁ ।

ବାବୁ ଉମାଚରଣ ହାଲଦାର ଓଡ଼ିଆ ଭାଷାକୁ ବଙ୍ଗାକ୍ଷରରେ ଲେଖିବାପାଇଁ ଏକ ଦୀର୍ଘ ଲେଖା ତା ୨୮. ୬ ୧୮୬୯ର 'ଢାକାପ୍ରକାଶ' ସାପ୍ତାହିକ ପତ୍ରିକାରେ ପ୍ରକାଶ କରିଥିଲେ । ଏ ବିଷୟରେ ଆଲୋଚନା ପାଇଁ ତା ୧୪. ୭. ୬୯ ରେ ଡେପୁଟି ଭବନରେ ଯେଉଁ ସଭା ହୋଇଥିଲା ସେଥିରେ କେବଳ ବଙ୍ଗୀୟ ବାବୁ ହାଲଦାର ମହାଶୟଙ୍କ ଅଭିମତକୁ ଅନୁମୋଦନ କରି ବକ୍ତୃତା ଦେଇଥିଲେ । ଏ ସମ୍ପର୍କରେ ତା ୨୪. ୭. ୬୯ ର ଦୀପିକାରେ ଶ୍ରୀରଙ୍ଗ ପଞ୍ଚାନନ ନାମରେ ଜଣେକ ଲେଖକ (ଏହା ଗୌରୀଶଙ୍କର ସ୍ୱୟଂ ବୋଲି ପଣ୍ଡିତ ମୃତ୍ୟୁଞ୍ଜୟ ରଥ କହନ୍ତି) ଏକ ପ୍ରେରିତ ପତ୍ରରେ ଲେଖିଥିଲେ, "ଏହି ବିଷୟରେ କେବଳ ଏ ଦେଶୀୟ ବାବୁମାନେ ଆପତ୍ତି ଉତ୍ଥାପନ କରିଥିଲେ କିନ୍ତୁ ଶ୍ରୀଯୁକ୍ତ ବାବୁ ରାଜକୃଷ୍ଣ ବନ୍ଦ୍ୟୋପାଧ୍ୟାୟ ମହାଶୟ ସ୍ୱୀୟ ଅସାଧାରଣ ବିଦ୍ୟାବତ୍ତା ଓ ବାକପଟୁତା ପ୍ରଭାବରେ ସଭ୍ୟ ବାଗାଡ଼ମ୍ବର କରିବାରେ ନିର୍ଦ୍ଦିଷ୍ଟ ବିଷୟ ଧାର୍ଯ୍ୟ ହେଲା ।

ବାବୁ ମହାଶୟ ଅନେକ ବିଦ୍ୟାରେ ପରିପୂର୍ଣ୍ଣ ହୋଇ ପ୍ରଶଂସାପତ୍ରମାନ ଲାଭକରି 'ଏମେ' ଉପାଧି ପ୍ରାପ୍ତ ହୋଇ ଅଛନ୍ତି, ସ୍ୱଦେଶର ପ୍ରତି ବିରକ୍ତ ହୋଇ ଉତ୍କଳର ଉନ୍ନତି ନିମିତ୍ତ କୃତସଂକଳ୍ପ ହୋଇ ଆମ୍ଭମାନଙ୍କର ସୌଭାଗ୍ୟକ୍ରମେ ଏ ଦେଶରେ ଅବତୀର୍ଣ୍ଣ ହୋଇଅଛନ୍ତି । ଉତ୍କଳର ସୌଭାଗ୍ୟ, ମନୋନୀତ ଉପଯୁକ୍ତ ଲୋକ ପାଇଅଛୁ, ଅନେକ ଶ୍ରୀବୃଦ୍ଧି ଲାଭ କରିବ ।

କିନ୍ତୁ ଦୁଃଖର ବିଷୟ ବାବୁ ସେ ପ୍ରକାର ବକ୍ତୃତା ତାହାଙ୍କ ଜଠରରେ କେତେ- ଯୋଗ୍ୟ ଉତ୍କଳ ଅକ୍ଷର ରହିବାକୁ ଯେତେ ସ୍ଥାନ ଅଛି ତେତେ ପଦାର୍ଥର ଅଭାବ ନଥିଲା । ବାବୁ ଏକ ପ୍ରକାର ଚତୁରତାର କର୍ମ କରି ଉପାଧିରୁ 'ଏ' ଲୋପ କରିଅଛନ୍ତି । ଇତି" (ଉକ୍ତ ଲେଖାର ସମୟ ତା ୧୬. ୭. ୧୮୬୯)

ଏହି ଲେଖାର ଭିତ୍ତିରେ ରାଜକୃଷ୍ଣବାବୁ କୋର୍ଟରେ ଯେଉଁ ମାନହାନି ମକଦ୍ଦମା କରିଥିଲେ ଦୀପିକାର ତା ୭. ୮. ୬୯ ସଂଖ୍ୟାରେ ତା'ର ପରିପୂର୍ଣ୍ଣ ବିବରଣୀ 'ଅଦ୍ଭୁତ ସମ୍ବାଦ' ନାମକ ଲେଖାରେ ଦେଖିବାକୁ ମିଳେ । ବର୍ତ୍ତମାନ ପ୍ରବନ୍ଧର ପ୍ରଥମରେ ଏହାକୁ ଆମେ ସ୍ଥାପନ କରି ତାହାର ବିଶ୍ଳେଷଣ କରିବାକୁ ଯାଉଅଛୁ ।

ଶ୍ରୀରଙ୍ଗ ପଞ୍ଚାନନଙ୍କ ପ୍ରେରିତ ପତ୍ରର ମୁଦ୍ରିତ ବାକ୍ୟାଂଶ ଉଦ୍ଧାର କରି ଯେଉଁ ଚାରୋଟି ଅପରାଧ ପ୍ରଭୃତି କଥା ଥିବାର ରାଜକୃଷ୍ଣ ବାବୁ କୋର୍ଟରେ କହନ୍ତି ସେ ସବୁ ହେଉଛନ୍ତି ତାଙ୍କର (କ) ଦେଶାନୁରାଗ ଶୂନ୍ୟତା (ଖ) ମୂର୍ଖତା ଓ ଅପାରଗତାଜନିତ ଅଲବ୍ଧି (ଗ) ଗୁଣହୀନ ଦୁର୍ଜନତା ଓ (ଘ) ବୁଦ୍ଧି-ବିବେକ ହୀନତା । ଏଥିପାଇଁ ଦଣ୍ଡବିଧିର ୫୦୦ ଧାରା ଅନୁସାରେ ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ସେ ସ୍ମିଥ୍‌' କମିଶନର କର୍ମଚାରୀଙ୍କୁ ପତ୍ରରେ ଜଣାଇଛନ୍ତି । କିନ୍ତୁ ବର୍ତ୍ତମାନ ସାହେବ ଦଣ୍ଡବିଧି

ଆଇନର ୫୦୦ ଧାରା ଅର୍ଥ ଅନୁସାରେ ଏଥିରେ କୌଣସି ଅପବାଦ ନ ଥିବାର କହି ୪୯୯ ଧାରା ତୃତୀୟ ବର୍ଣ୍ଣିତ ବ୍ୟାଖ୍ୟା ମଧ୍ୟରେ ଏ କଥାକୁ ବାହାରକରି ଅଛନ୍ତି । ଏ ସମସ୍ତ ବିଷୟ ଜାଣିବା ପାଇଁ ଆମେ ଯେପରି କୋର୍ଟର ୫୦୦ ଓ ୫୦୧ ଧାରା ଉଲ୍ଲିଖିତ ଉଦ୍ଧାର କରି ଦେଉଛୁ ।

500 – Punishment for defamation-Whoever defames another shall be punished with simple imprisonment for a term which may extend to two years, or with fine, or with both.

501 – Printing or engraving matter known to be defamatory whoever prints or engraves any matter knowing or having good reason to believe that such matter is defamatory of any person, shall be punished with simple imprisonment for a term which may extend to two years, or with fine, or with both.

ଗୋଟିଏ ଲେଖାରେ ଅପବାଦସୂଚକ ଅପରାଧ ଥିବାର ପ୍ରମାଣିତ ହେଲେ ପରେ ସେହି ପତ୍ରର ସମ୍ପାଦକ ଓ ପ୍ରକାଶକ ତାହା ଏକ ବ୍ୟକ୍ତି ଧାରା ୫୦୦ ଓ ୫୦୧ରେ ଥିବାର ଦେଖିବାକୁ ମିଳେ । କେଣ୍ଡୁ ଅପରାଧ ଥିବାର ପ୍ରମାଣ ନ ମିଳି ହେଉଛି ଏହି ଦୁଇ ଧାରାରେ ଘୁଷୋକ୍ତି ସମ୍ପର୍କ ପାଇଁ ଏକ୍ସ ଉକ୍ତା ନାହିଁ ସମ୍ପର୍କ ନୁହେଁ । ଗୋଟିଏ ଲେଖାରେ ଥିବା ଅପବାଦର ସ୍ୱରୂପ କ'ଣ ? ଓ କେଉଁ କ୍ଷେତ୍ରରେ ଅପବାଦ ଥିବା ସତ୍ତ୍ୱ ମଧ୍ୟ କୋର୍ଟରେ କେହି ତାହା ଅପବାଦସୂଚକ ହୁଏ ନାହିଁ— ଏ ସବୁ ୪୯୯ ଧାରାର ପରିଭାଷାରେ । କେଣ୍ଡୁ ମହାମାନ୍ୟ ହାଇକୋର୍ଟ ଏହି ଧାରାର ତୃତୀୟ ବର୍ଣ୍ଣିତ ବ୍ୟାଖ୍ୟା ମଧ୍ୟରେ ଏ କେଶ୍‌କୁ ବିଚାର କରିଅଛନ୍ତି । ଯେପରି କୋର୍ଟର ଏହି ଧାରାଟି ଦେଉଛୁ—

499 — Defamation—Whoever by words either spoken or intended to be read, or by signs or by visible representations, makes or publishes any imputation concerning any person intending to harm or knowing or having reason to believe that such imputation will harm the reputation of such person, is said, except in the cases herein after excepted to defame that person.

X X X

Explanation 3 — An imputation in the form of an alternative or expressed ironically, may amount to defamation.

୪୯୯ ଧାରାରେ ଅଛି ୪ଟି ବର୍ଜିତ ବ୍ୟାଖ୍ୟା ( Explanaton ) ଯାହା କୋଣସି ଲେଖାରେ ଥିଲେ ତାହା ମାନହାନି ୪୯୯ର ଅନ୍ତର୍ଭୁକ୍ତ ହେବ ନାହିଁ ! ଏଠାରେ କେବଳ ତୃତୀୟ ବ୍ୟତିକ୍ରମକୁ ସାକ୍ଷୀ କରିବେ ବୋଲି ଦର୍ଶାଉଛୁ ! ଏହା ପରେ ଏଇ ୪ଟି ବ୍ୟାଖ୍ୟା ବ୍ୟତୀତ ସାକ୍ଷୀମାନଙ୍କ ଉକ୍ତି ଉଦ୍ଧୃତ କରାଯାଉଛି । ପୂର୍ବୋକ୍ତ ଏହି ଉଦାହରଣ Illustration ଦେଉଛୁ —

**Third Exception :— Conduct of any person touching any public question—** It is not defamation to express in good faith any opinion whatever respecting the conduct of any person touching any public question, and respecting his character so far as his character appears in that conduct, and no further.

ପେନାଲ କୋଡ଼ର ୪୯୯ ଧାରା — ଡିଫେମେସନ ବା ମାନହାନିର ଅର୍ଥ ବର୍ଣ୍ଣିତ ହେଉ ଓ ତହିଁ ବର୍ଜିତ ବ୍ୟାଖ୍ୟା ମାଧ୍ୟମରେ ଉକ୍ତ ସାହେବ ଅଲୋଚ୍ୟ ସ୍ତ୍ରୀଲୋକପଣର ବିଷୟବସ୍ତୁକୁ କିପରି ଅନୁଭବ କରନ୍ତି ତାହା ଜାଣିବା ପୂର୍ବରୁ ସର୍ବପ୍ରଥମ ବାଦୀଙ୍କ ପୁସ୍ତକ ଅପବାଦ ମୂଳକ ଅଭିଯୋଗର ଯଥାର୍ଥତା ବର୍ତ୍ତମାନ ଆମେ ଆଲୋଚନା କରୁଅଛୁ ।

ପ୍ରଥମ ଅଭିଯୋଗ— "ସ୍ୱଦେଶର ସ୍ୱତ୍ୱ ବଳିଦେଇ ଉତ୍କଳର ଅହିତ ଇତ୍ୟାଦି"--ଏଥିରେ ବାଦୀଙ୍କର ଦେଶଦ୍ରୋହିତା କହିବାର ଯେ ଅନୁଭବ କରିଅଛନ୍ତି । କିନ୍ତୁ ମୂଳ ପାଠର ଏପରି ବ୍ୟାଖ୍ୟା ସମ୍ପୂର୍ଣ୍ଣ ଭ୍ରମାତ୍ମକ । କାରଣ ଯେ ନିଜ ଦେଶ ଅର୍ଥାତ୍ ବଙ୍ଗ ଦେଶ ସ୍ୱତ୍ୱ ରକ୍ଷା ହୋଇ ଉତ୍କଳର ଅହିତ ପାଇଁ ଏ ଦେଶକୁ ଆସି, ଏ ଦେଶର ଲୋକଙ୍କ ଭଣ୍ଡାରରେ କେଉଁପରି ସ୍ୱତ୍ୱଙ୍କୁ ସମର୍ଥନ କରିବା ତାଙ୍କଙ୍କ ପକ୍ଷେ ଗର୍ହିତ ଅସ୍ୱାଭାବିକ । ଯଥାର୍ଥରେ, ମୂଳପାଠରେ ଅଛି ଏକ ଲମ୍ବା ପଦବାଚ୍ୟ ଯାହା 'ସ୍ୱଦେଶ ସ୍ୱତ୍ୱ ରକ୍ଷା' ଓ 'ଉତ୍କଳର ଅହିତ' ଶବ୍ଦମାନଙ୍କ ଦ୍ୱାରା ଗଠିତ ହୋଇଛି । ଏହି ବ୍ୟାକରଣ ସମ୍ପର୍କ ସମ୍ବନ୍ଧରେ ଅଛି ତିନି ଏକ ଉପଲକ୍ଷ-ଅର୍ଥରେ ଥିବା ଭାବ —ଅର୍ଥାତ୍ ନିଜ ଦେଶ ସ୍ୱତ୍ୱ ରକ୍ଷାର ଅନୁରକ୍ତି ଓ ଉତ୍କଳ ସ୍ୱାର୍ଥର ଅବହେଳା ତଥା ବଙ୍ଗପ୍ରୀତିର ପ୍ରକାଶ । ଉକ୍ତ ସାହେବଙ୍କ ସମ୍ମୁଖରେ ଏପରି ବିଶ୍ଳେଷଣ କଲେ ହିଁ ଏଥିରେ "ତାହାର ଶାସନର କୌଣସି ଅନିଷ୍ଟ ହେବା ଭଳି ଦୋଷ ହୋଇ ନାହିଁ" କହି ସେ ଏ ଅଭିଯୋଗକୁ ଯୁକ୍ତିହୀନ ବୋଲି ପ୍ରମାଣ କରି ପାରନ୍ତି ।

ଦ୍ୱିତୀୟ ଅଭିଯୋଗ—ତାଙ୍କ "ଭିତରେ ଦେବଦେବୀଙ୍କ ଉତ୍କଳ ଅନ୍ତର ରଖିବାକୁ ଯେତେ ସ୍ଥାନ ଥାଉ ଇତ୍ୟାଦି"— ଏଥିରେ ବାଦୀଙ୍କର ମୂର୍ଖତା, ଅସାଧୁତା ତଥା ଅଳ୍ପ ବୁଦ୍ଧିର ଅପବାଦ ପ୍ରକାଶ ହୋଇଅଛି । ଏପରି ଅର୍ଥ

ମଧ୍ୟ ସମ୍ପୂର୍ଣ୍ଣ ଅସଙ୍ଗତ । ଖାଦ୍ୟ ପେଟରେ ରହେ, ସେସ୍ଥଳରେ ତାହା ଜୀର୍ଣ୍ଣ ହୋଇ ରକ୍ତରେ ପରିଣତ ହୁଏ । କିନ୍ତୁ ଯଦି ରହେ ମସ୍ତିଷ୍କରେ, ସେସ୍ଥଳରେ ତାହା ପରିପକ୍ୱ ହେଲେ ଜ୍ଞାନ ଓ ବିବେକ ଶକ୍ତିରେ ରୂପାନ୍ତରିତ ହୋଇଥାଏ । ଗୋଟିଏ ଲଘୁ ପରିହାସ ଦୃଷ୍ଟି ପାଇଁ ପେଟରେ ଯଦି ରହିବାର ପ୍ରୟୋଗ ସାଧାରଣତଃ ବ୍ୟାବହାରିକ ଜଗତରେ ଦେଖା ଯାଇଥାଏ କିନ୍ତୁ ଏହା କୌଣସି ତୁଳନାର ଦୃଷ୍ଟାନ୍ତ ହାସମର ବୋଲି ବିବେଚିତ ହୁଏ ନାହିଁ । ସାମାଜିକ ଜୀବନର ଚଳଣି ଭିତରେ ଏପରି ବ୍ୟଙ୍ଗର ପ୍ରୟୋଗ ରାଜକୃଷ୍ଣ ବାବୁ ଭୁଲିଗଲା ପରି ମନେ ହୁଏ ନାହିଁ । ତେଣିକାର କଥା, ବିମ୍‌ସ୍ ସାହେବ ଏ ଅଭିଯୋଗ ଉପରେ କୌଣସି ଗୁରୁତ୍ୱ ଦେଇ ନାହାନ୍ତି ।

ତୃତୀୟ ଅଭିଯୋଗ— 'ବାବୁ ଏକପ୍ରକାର ଚତୁରତାର କର୍ମ କରି ଉପାଧିରୁ 'ସ' ଲୋପ କରି ଅଛନ୍ତି ।'' ଏହିରୁ, କୌଣସି ମଜା ଉପାଧି ଦ୍ୱାରା ଏମ୍. ଏ. ଉପାଧି ପାଇ ଅଛନ୍ତି' ବୋଲି ଏକ ନୂତନ ଅର୍ଥ ବାଗ ବାହାର କରିଅଛନ୍ତି । କିନ୍ତୁ ଏ ଅର୍ଥ ସମ୍ପୂର୍ଣ୍ଣ କପୋଳ କଳ୍ପିତ—ମୂଳପାଠରେ ଏହାର କୌଣସି ସୂଚନା ନାହିଁ । ବିମ୍‌ସ୍ ସାହେବ ମଧ୍ୟ ଏପରି ଅର୍ଥକୁ ଖଣ୍ଡନ କରି ନାହାନ୍ତି ।

ଚତୁର୍ଥ ଅଭିଯୋଗ— ପତ୍ରପ୍ରେରକ ବାବୁ 'ମେଷ' କହିବାକୁ ବାପଙ୍କୁ ମେଷ ପରି ଗୋଟିଏ ପଶୁ ସହିତ ତୁଳନା କରିଥାନ୍ତି । ରାଜକୃଷ୍ଣ ବାବୁଙ୍କ ଏ ଅଭିଯୋଗ ମଧ୍ୟ ସର୍ବାଂଶେ ଭିତ୍ତିହୀନ । ଏହି 'ମେଷ' ଶବ୍ଦର ଗଠନ କୌଶଳ ଓ ତାର ତାତ୍ପର୍ଯ୍ୟ ବର୍ତ୍ତମାନ ବୁଝାଇ ଦେଉଅଛୁ । ଇଂରାଜୀରେ MLA ଓଡ଼ିଆ ଅକ୍ଷରରେ ଏମ୍ + ଏଲ୍ + ଏ, ଯାହା ଉଚ୍ଚାରଣରେ ହୁଏ, 'ଏମେଲେ' । ଠିକ୍ ସେହିପରି ଇଂରାଜୀରେ M A. ଓଡ଼ିଆରେ ଏମ+ଏ । 'ମେଷ'ର ଅପର ନାମ ଗଡ଼ଡ଼ର ଯାହା ସ୍ତ୍ରୀଲିଙ୍ଗରେ ହୁଏ ଗଡ଼ଡ଼ରିକା ବା ଗଡ୍ଡଳିକା । ଏହାର ଅର୍ଥ ମେଷ ଦଳର ଅଗ୍ରଗାମିନୀ ମେଷୀ । ଏଥିରୁ ହୋଇଛି ଗଡ୍ଡଳିକା ପ୍ରବାହ ପରି ଶବ୍ଦ । ଗୋଟିଏ ମେଷୀ ଯଦି ପାର ହେବାକୁ ପ୍ରଥମେ ଚେଷ୍ଟା କଲା ଅନ୍ୟ ମେଷ ସବୁ ନିର୍ବିଚାରରେ ତାର ଅନୁସରଣ କରିଥାନ୍ତି । ବାସ୍ତବ ସ୍ଥଳେ ଅନ୍ୟ ଲୋକଙ୍କ କଥାରେ ଆଖି ବୁଜି କେହି କାମ କଲେ ସେ ଗଡ୍ଡଳିକା ପ୍ରବାହ ନ୍ୟାୟରେ କାମ କରୁଛି ବୋଲି ବୁଝାଯାଇଥାଏ । ସୁତରାଂ ଶବ୍ଦର ଏପରି ପ୍ରୟୋଗକୁ ଲକ୍ଷଣା ପ୍ରୟୋଗ ବୋଲି କୁହାଯାଏ । ଏହାର ଅର୍ଥ ହେଲା ସବୁ ଶବ୍ଦ ପ୍ରକୃତ ପ୍ରତ୍ୟକ୍ଷ ବା ଅଭିଧାଗତ ଅର୍ଥ ପ୍ରକାଶ ନ କରି ଭିନ୍ନାର୍ଥ ପ୍ରକାଶ କରନ୍ତି ସେହି ଶବ୍ଦ ଗୁଡ଼ିକ ଲକ୍ଷଣା । ଅର୍ଥାତ୍ ମୁଖ୍ୟାର୍ଥ ଭିନ୍ନ ଲକ୍ଷ୍ୟ ଅର୍ଥ ପ୍ରକାଶ କରି ବ୍ୟବହାର କ୍ରମେ ଅନ୍ୟ ଅର୍ଥରେ ପ୍ରଚଳିତ ହେଲେ ଗୋଟିଏ ରୂଢ଼

ଶବ୍ଦରେ ପର୍ଯ୍ୟବସିତ ହୁଏ । କେତେକ ଉତ୍କଳଦୀପିକା ପ୍ରବନ୍ଧରେ 'ମେଷ' ଅପେକ୍ଷା ଏହାର ଗମକ ଅର୍ଥ—'ବ୍ୟକ୍ତିଗତ ଭାବେ ଅନ୍ୟର ଅନୁସରଣ'ହିଁ ପ୍ରଧାନ । ଉପାଧିରେ ଏପରି ଅନ୍ଧାନୁକରଣର ଭାବ ପ୍ରାଧାନ୍ୟ ଲକ୍ଷ କରିବାକୁ ତାହାକୁ ପଶୁ ସଙ୍ଗେ ତୁଳନା କରିବାର ପ୍ରଶ୍ନ ଉଠୁ ନାହିଁ । ଏ ଶବ୍ଦକୁ ଅନ୍ୟ ଏକ ଦୃଷ୍ଟିରୁ ମଧ୍ୟ ଅର୍ଥ ଲଗାଯାଇପାରେ । ବାବୁଙ୍କର ଉପାଧି ହେଉଛି 'ଏ ମେଷ' । ଏଥିରୁ 'ଷ' କାଟିଦେଲେ ଏହା ହେବ 'ଏମେ' ଯାହାର ଇଂରାଜୀ ରୂପ M. A. । ଶୁଦ୍ଧ ଓଡ଼ିଆରେ ଏଇ 'ଏମେ' ହେଉଛି ମେଣ୍ଢାର ରବ, ଯେପରି ଛାଗର 'ମା ମା', ଘୋଡାର 'ହିଁ ହିଁ', କୁକୁରର 'ଭୁ ଭୁ', ଗୋରୁର 'ହମା' । ଦେଖିବାର କଥା, ରାଜକୃଷ୍ଣ ବାବୁ ନିଜ ଉପାଧିକୁ ଏମ. ଏ. ଲେଖିଲେ ହେଲେ ପତ୍ରପ୍ରେରକ ଏହାକୁ 'ଏମେ' କରିଛନ୍ତି, ଯାହା ଏକ ବ୍ୟଙ୍ଗାତ୍ମକ ଭାବର ଦ୍ୟୋତକ ମାତ୍ର । କେତେକ କବ୍‌ଡ଼ ସାହେବଙ୍କ ସ୍ୱପ୍ନରେ ଅଛି, "ଏମେ ଏଇ ଅକ୍ଷରମାନ ଯେଉଁ ଲୋକ କରିବା ଓ ବାବୁ ମେଷ ପଦ ଉଲ୍ଲିଖିତ ପ୍ରକାଶ କରିଥିବାର ବ୍ୟକ୍ତ କରିବା ଇଚ୍ଛାରେ କେବଳ ପତ୍ରପ୍ରେରକ ବାବୁର ଉପାଧିର ଉପେକ୍ଷା କରିଅଛନ୍ତି ।" ଫଳରେ ଉତ୍କଳଦୀପିକା ପ୍ରକାଶର ଅର୍ଥ ଯାହା ଭୂତ ଶବ୍ଦ-'ହେଉ' ପଦୁଷ୍ଟି କରେ ଯେ, ତାହା ଏଠି ସମ୍ପର୍କରେ ସ୍ଥାନ ପାଇ ନାହିଁ । ଶେଷରେ 'ଏଡ଼ିକି ବୁଝାଯାଇ ପାରେ ଯେ, ପତ୍ର-ପ୍ରେରକଙ୍କ ଲେଖାର ଅଂଶ ଗୁରୁତ୍ୱ ମାନଜ୍ଞାନ ହରାଇ ହୋଇ ରାଜକୃଷ୍ଣ ବାବୁ ଉପାଧିର କରିଅଛନ୍ତି ସେଥିରେ ଉଦ୍ଦେଶ୍ୟ ଅଛି ଏକ ଲଘୁ ଉପହାସ, ଏହା ମଧ୍ୟ ସୁସ୍ପଷ୍ଟ ବ୍ୟଙ୍ଗ ବା ବିଦ୍ରୂପାତ୍ମକ । ଏ ବ୍ୟଙ୍ଗ ବା ଶ୍ଳେଷ କିଏ ଏପରି ପ୍ରକୃତିର, ଯାହା ରାଜକୃଷ୍ଣ ବାବୁଙ୍କ ବଂଶଗତ ଗୌରବ, ତାଙ୍କର ସ୍ୱାର୍ଥ ଓ ପାଣ୍ଡିତ୍ୟ ଉପରେ ଆଘାତ ଆଣି ଦେଉଛି ? ବିଶେଷତଃ ପତ୍ରପ୍ରେରକ କେଉଁ ପରିବେଶ ଓ ତାହାକୁ ଲକ୍ଷ୍ୟ କରି, ଏ 'ଶ୍ଳେଷ'ର ପ୍ରୟୋଗ କରିଛନ୍ତି ? ଏ ଉଭୟ ପ୍ରଶ୍ନର ସମାଧାନ କବ୍‌ଡ଼ ସାହେବଙ୍କ ସ୍ୱପ୍ନର ପ୍ରଥମାଂଶରେ ଲିପିବଦ୍ଧ ହୋଇ ରହିଅଛି ।

ଓଡ଼ିଆ ଅକ୍ଷର ଉଠାଇ ଦେଇ ବଙ୍ଗାକ୍ଷର ପ୍ରଚଳନ କରିବା ସମ୍ପର୍କରେ ଉତ୍କଳରେ ଯେଉଁ ଆନ୍ଦୋଳନ ହୋଇଥିଲା ରାଜକୃଷ୍ଣ ବାବୁ ସେଥିରେ ଯୋଗ ଦେଇ ପ୍ରକାଶ୍ୟରେ ସେ ପକ୍ଷର ପୋଷକତା ଓ ସମର୍ଥନ କରିଥିଲେ । ଓଡ଼ିଆ ଭାଷାକୁ ବଙ୍ଗାକ୍ଷରରେ ଲେଖିବା ଅଭିମତ ସମ୍ପୂର୍ଣ୍ଣ ଅବାସ୍ତବ, ହାସ୍ୟୋଦ୍ଦୀପକ ମଧ୍ୟ । କେତେକ ପରିସ୍ଥିତିରେ ଏହି ଅଭିମତକୁ ଲକ୍ଷ୍ୟ କରି ବ୍ୟଙ୍ଗାତ୍ମକ ଭାଷାରେ କଥାର ଅଭିପ୍ରାୟ ପ୍ରେରିତ ପତ୍ରରେ ବ୍ୟକ୍ତ କରିଥିଲେ । ଦେଖିବାର କଥା, ଏପରି ଅନେକ ପତ୍ରପ୍ରେରକ କବଡ଼ ସାହେବଙ୍କ ଦ୍ୱାରା ଉକ୍ତ ସପକ୍ଷ ଭାବେ ପ୍ରବୃତ୍ତ । ସେ ଆନ୍ଦୋଳନର ପ୍ରବର୍ତ୍ତକ ଯିଏ ଥିଲେ ସେମାନେ ପରିଚିତ ହୋଇଥିଲେ ତାହାଦ୍ୱାରା ଜଣେ ଓଡ଼ିଆବାସୀଙ୍କର ଅଶେଷ ଅନିଷ୍ଟ ସାଧିତ ହୋଇଥାନ୍ତା । ପତ୍ରପ୍ରେରକ କେବଳ ଏଇ ବିଶେଷ ଦିଗକୁ ଲକ୍ଷ

ଲେଖା ବେଳେ ଦୃଷ୍ଟିରେ ରଖିଥିଲେ; ରାଜକୃଷ୍ଣ ବାବୁଙ୍କ ବ୍ୟକ୍ତିଗତ ଏବଂ ସାମାଜିକ କ୍ରିୟା କଳାପ ଉପରେ କୌଣସି ମନ୍ତବ୍ୟ ନ ଦେଇ ସେ ନିଜ ଅଭିଜ୍ଞତାରେ ବାବୁଙ୍କର ଭୂମିକାକୁ କେବଳ ଲେଖକ ଭାବରେ ପ୍ରକାଶ କରିଅଛନ୍ତି । ଏହା ଦୃଷ୍ଟିରୁ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୌଣସି ଶାନ୍ତି ବ୍ୟକ୍ତିର ପ୍ରତିକୂଳ ମନ୍ତବ୍ୟ ଉପରେ ମତାମତ ପ୍ରକାଶ କଲେବେଳେ ତାର ସାମାଜିକ ଚରିତ୍ର ଉପରେ ଯେଉଁ ଦୋଷାରୋପ କରି ନ ପାରେ ଓ ଏପରି ମତାମତ ପୁସ୍ତିକା ପ୍ରକାଶ ପରିସର ଭିତରେ ସୀମିତ ରହେ, ତାହେଲେ ସେହି ମତାମତ ଭିତରେ ଥିବା ବ୍ୟଙ୍ଗ, ବା ବିଦ୍ରୂପ, ମାନହାନି ପ୍ରଭୃତିକୁ ଆପତ୍ତିଜନକ ଅଛି ନ ପାରେ । ଉକ୍ତ ସାହେବଙ୍କ ପୁସ୍ତକ ପ୍ରକାଶନରେ ଏହି ବିଷୟଟି ଅଛି ଓ ତାହା ପୁସ୍ତିକା ପେନାଲକୋଡ଼ର ୪୯୯ ଧାରାର ବ୍ୟତିକ୍ରମ ଅଧୀନ ଓ ତାର ବ୍ୟାଖ୍ୟା ଉପରେ ହିଁ ପ୍ରତିଷ୍ଠିତ ହୋଇ ଅଛି । ଦ୍ୱିତୀୟତଃ, ରାଜକୃଷ୍ଣ ବାବୁଙ୍କ ପୁତ୍ର ଅଦୌ ବଡ଼ଲୋକ ନୁହଁନ୍ତି । ଓଡ଼ିଆ ସମାଜ ସମ୍ପାଦକଙ୍କୁ, ତାଙ୍କ ବିରୁଦ୍ଧ ପ୍ରତ୍ୟେକ ବିଷୟ ଉପରେ ତାଙ୍କର ଦୃଢ଼ ଧାରଣା ଥିଲା ବୋଲି ମନେ ହୁଏ ନାହିଁ । ଏହାର ବହୁ ପୂର୍ବରୁ ସେ ଯାହା ଯାଉଥିଲେ ତାହାକୁ ନେଇ ସ୍ୱାମୀ ମାନଙ୍କର ବୋଲି ଲୋକେ କଥା କହୁଥିଲେ । ସ୍ୱାର୍ଥ ପ୍ରେରିତ ସମ୍ବାଦ ଅନୁସାରରେ ଲୁକ୍କାୟିତ ଥିବା ଲେଖକଙ୍କର ଯଥାର୍ଥ ଲକ୍ଷ୍ୟ ଉପଲବ୍ଧ ହେଲେ ମାନହାନିର ଅଭିଯୋଗ କୌଣସି ପ୍ରଶ୍ନ ଉଠେ ନାହିଁ । ଫଳରେ ରାଜକୃଷ୍ଣ ବାବୁଙ୍କ କେଉଁଟି ଡିସମିସ୍ ହୋଇଗଲା ଏହା ସ୍ୱାଭାବିକ । ଅଧିକନ୍ତୁ ଫୌଜଦାରୀ କାର୍ଯ୍ୟବିଧି ଆଇନ (Code of Criminal Procedure)ର ୨୫୦ ଧାରା ଅନୁସାରେ ଗୌରିଶଙ୍କର ଖେସାରତ ଦାବି କରିଥିଲେ । ଏହି ଧାରାଟି ଦେଉଛୁ ।

*Frivolous Accusations in Summons and Warrent Cases*

250. False, frivolous or vexatious accusation--(1) If in any case instituted upon complaint or upon information given to a police officer or to a Magistrate, one or more person is or are accused before a Magistrate of any offence triable by a Magistrate and the Magistrate by whom the case is heard discharges or acquits all or any of the accused, and is of opinion that the accusation against them or any of them was false and either frivolous or vexatious, the Magistrate may, by his order of discharge or acquital, if the person upon whose complaint or information the accusation was made, is present call upon him forthwith to show cause why he should not pay compensation to such accused or to each

or any of such accused when there are more than one, or if such person is not present, direct the issue of a summons to him to appear and show cause as aforesaid.

ଉକ୍ତ ଧାରାଗୁଡ଼ିକର ତତ୍ତ୍ୱ-ଧାରା ଓ ଉଚ୍ଚ ଗ୍ରନ୍ଥ ସିଦ୍ଧାନ୍ତ ନଜିର ଦୃଷ୍ଟିତଃ ସୁବିଧିର ଓ ଅଧ୍ୟୟନ-ଅଧ୍ୟାପନ ଯେ ଉପସ୍ଥରେ ଥିବା ଅଧିକ ବିଶ୍ଳେଷଣ କରିବାର ଆବଶ୍ୟକତା ଅଛି ବୋଲି ମନେ ହୁଏ ନାହିଁ ।

ବାଣୀ ଭବନ,
ସାମନ୍ତରାପୁର,
ଭୁବନେଶ୍ୱର-୨

# ଗୌରୀଶଙ୍କର ରାୟ

**❀ ଲୋକରତ୍ନ ଡଃ କୁଞ୍ଜବିହାରୀ ଦାଶ**

"ସ୍ୱାଗତ ତୁମ
ଗିରିଚୂଡ଼ ଶୀର୍ଷଦେଶ ଶିଖା
ଗୌରବେ ଗର୍ବିତମନ୍ତ ଉତ୍କଳ ଭୂମିର
ତୁମେ ତହେ ଚଳିଥିଲ ଉଜ୍ଜ୍ୱଳ ଭୂମିକା ।"

—କୃଷ୍ଣଦାସ

"ଗୌରୀଶଙ୍କର ପ୍ରତିଭାଶାଳୀ ବ୍ୟକ୍ତି କେବେ ହେଲେ ସନ୍ଦେହର ଦାବି କରିନାହାନ୍ତି । ସେ ସରଳ, ନିର୍ମଳ ମନୁଷ୍ୟ ଥିଲେ, ସରଳ ବିନୟ ସ୍ୱଭାବରେ ଜୀବନର ଅନୁରାଗର ଆବେଗ ଅନୁସରଣ କରି ଜୀବନ ସାଧନପଥରେ ଅଗ୍ରସର ହୋଇ ଅଛନ୍ତି । ଦୃଢ଼ଧାରଣା ହିଁ ତାଙ୍କ ଜୀବନର ପ୍ରଧାନ ବିଶେଷ । ଜୀବନର ସକଳ କାର୍ଯ୍ୟରେ ସେ ଦୃଢ଼ ସ୍ୱଭାବ ପରିଚୟ ଦେଇଅଛନ୍ତି । ଏହି ୬° ବର୍ଷ ଭିତରେ ଦେଶର ଏପରି କୌଣସି କାର୍ଯ୍ୟ, କୌଣସି ଆନ୍ଦୋଳନ କୌଣସି ଅନୁଷ୍ଠାନ ହୋଇ ନାହିଁ, ଯହିଁରେ ଏହି କର୍ମୀପୁରୁଷଙ୍କର ଚିତ୍ତ ହେଲେ ଯୋଗ ବା ସହାନୁଭୂତି ବାହାରି ନାହିଁ ।

ଗୌରୀଶଙ୍କର ଶତ ଶତ ଦରିଦ୍ର, ଅସହାୟ ଛାତ୍ରଙ୍କୁ ବିଦ୍ୟାପଥରେ ସାହାଯ୍ୟ କରି-ଅଛନ୍ତି, ବହୁ ବିପନ୍ନ ଦୁଃସ୍ଥ ପରିବାରଙ୍କୁ ଗୋପନରେ ଅର୍ଥଦାନ କରିଅଛନ୍ତି । ଦେଶର ନାନା ସଦନୁଷ୍ଠାନରେ ଅର୍ଥ ଓ ସାମର୍ଥ୍ୟ ବ୍ୟୟ କରିଅଛନ୍ତି, ବହୁତ ଅର୍ଥବ୍ୟୟରେ କମ୍ପାନି ବୋର୍ଡିଂ, ନାନା ବିଦ୍ୟାଳୟ, ପାଠାଗାର ପ୍ରତିଷ୍ଠିତ କରିଦେଇ ଅଛନ୍ତି । ଏ ନଗରରେ ପ୍ରଧାନ କୀର୍ତ୍ତିସ୍ତମ୍ଭ ସ୍ୱରୂପ ଟାଉନହଲ ନିର୍ମାଣ କରି ଦେଇଅଛନ୍ତି । ଏ ସମସ୍ତ ଗୁଣରେ ଦେଶର ପ୍ରିୟ କଟକ ପ୍ରିଣ୍ଟିଂ କମ୍ପାନୀର ସଫଳତା ଓ ଉନ୍ନତି, ଉତ୍କଳଦୀପିକାର ପ୍ରଚାର ଓ ସ୍ଥାୟୀକରଣ ଲାଗି ସେ ଦେଶବାସୀଙ୍କର ଅଶେଷ ଶ୍ରଦ୍ଧା ଓ ସମ୍ମାନର ପାତ୍ର ।

(ଉତ୍କଳ ସାହିତ୍ୟ, ଅଷ୍ଟାଦଶ ଓ ଊନବିଂଶ ବର୍ଷ)

ନିଷ୍କାମ ଭାବରେ ଉଚ୍ଚ ମନୁଷ୍ୟ ଜୀବନକୁ ନିରନ୍ତର ଜୀବନର ଶାନ୍ତିମୂଳକ । ଏହି ସଂସାରର ସେବା କରି ଯେ କର୍ମୀ, ଏ ସଂସାର ତ୍ୟାଗ କରି ଯେବା ଯୋଗୀ କିନ୍ତୁ ଗୌରୀଶଙ୍କର ଉଭୟ — କର୍ମୀ ଓ ଯୋଗୀ କିମ୍ବା ଗୋଟିଏ ଶବ୍ଦରେ "କର୍ମଯୋଗୀ ।" କର୍ମ ତାଙ୍କର ଯୋଗସାଧନା ପରି ପ୍ରବଣତ୍ୱ, ଯୋଗ ସହ କର୍ମ ଜଡ଼ିତ । ଏହା ତାଙ୍କର ଜୀବନ ମାର୍ଗ ଥିଲା, ଅନ୍ତରର ଉଚ୍ଚତର ସତ୍ୟ ।

ଗୌରୀଶଙ୍କର ଆଧୁନିକ ଓଡ଼ିଶାର ଜଣେ ମହାନ୍ ଯୋଦ୍ଧା । ତାଙ୍କ ଯୁଦ୍ଧ ଅନାଚାର ପ୍ରତି, ଅନାସ୍ଥା ଓ ଅନିଶ୍ଚିତ ପ୍ରତି । ଲେଖନୀ ତାଙ୍କର ଅସ୍ତ୍ର, ନିଷ୍ଠା ତାଙ୍କର ସହଚରୀ, ସାତ୍ତ୍ୱିକତା ତାଙ୍କର ସମ୍ବଳ, ଆତ୍ମବଳ ହିଁ ତାଙ୍କର ବଳ । ଉତ୍କଳର ସ୍ୱାର୍ଥରକ୍ଷା, ସେବା ତାଙ୍କର ଲକ୍ଷ୍ୟ । ସେଥିପାଇଁ ସେ କୌଣସି ବିପଦ ବରଣ କରିବାକୁ ସଦା ପ୍ରସ୍ତୁତ ଥିଲେ, ସର୍ବସ୍ୱ ତ୍ୟାଗ କରିବାକୁ କୁଣ୍ଠିତ ହୋଇ ନ ଥିଲେ ।

ସେପରି ଅଧ୍ୟବସାୟୀ ଧୀର, ହେଶ୍ୱରର ଦୃଢ଼ପ୍ରତିଜ୍ଞ, ନିର୍ଭୀକ, ସ୍ୱାବଲମ୍ବୀ ସତ୍ପୁରୁଷ । କୌଣସି କର୍ମ ଥରେ ଆରମ୍ଭ କଲେ ଶେଷ ନ କରି ଛାଡ଼ନ୍ତି ନାହିଁ । ଅସାଧାରଣ ବ୍ୟକ୍ତିତ୍ୱ ଯୋଗୁଁ ସେ ସମସ୍ତଙ୍କୁ ସହଜରେ ଆକର୍ଷଣ କରି ପାରନ୍ତି । ବିଦେଶୀ ଶାସକ ତାଙ୍କ ମତାମତକୁ ଗୁରୁତ୍ୱ ଦେଉଥିଲେ; କ୍ଷମତାର ଧମକରେ ନଇଁଯିବାର ପାତ୍ର ସେ ନ ଥିଲେ । କି ଦେଶୀ କି ବିଦେଶୀ ସମସ୍ତଙ୍କ ଶ୍ରଦ୍ଧା ଆକର୍ଷଣ କଲାଭଳି ମହତ୍ତ୍ୱ ସେ ଅର୍ଜନ କରି ପାରିଥିଲେ ।

ସେ କାଳେ ଓଡ଼ିଶାର ଦାନା ଖାଇ ଓଡ଼ିଶାର ସ୍ୱାର୍ଥ ବିରୁଦ୍ଧରେ ଯିବା କେତେକ ଶିକ୍ଷିତ ବଙ୍ଗାଳୀଙ୍କର ନିତ୍ୟନୈମିତ୍ତିକ କର୍ମ ହୋଇଥିଲା । କିନ୍ତୁ ଗୌରୀଶଙ୍କରଙ୍କ ଜୀବନ ଭିନ୍ନ ଉପାଦାନରେ ଗଢ଼ା ହୋଇଥିଲା । ସେ ବଙ୍ଗାଳୀ କୁଳରେ ଜନ୍ମ ହୋଇ ବି କୌଣସି ଓଡ଼ିଆଙ୍କ ଅପେକ୍ଷା ଅଧିକ ଓଡ଼ିଆ ହୋଇ ପାରିଥିଲେ । ତେଣୁ ଗୌରୀଶଙ୍କର ପାର୍କକୁ ଉତ୍କଳ ସହିତ ଓ ସମସ୍ତ ଓଡ଼ିଶା ହୃଦୟର ଅର୍ଘ୍ୟ ଆଦରର ପଦକ ପରି ଧାରଣ କରିଛି । ଗୌରୀଶଙ୍କର ଓ ତାଙ୍କ ମାନସପୁତ୍ର କାର୍ଯ୍ୟକାର ରାମ-ଶଙ୍କର ଉତ୍କଳର ହୃଦସ୍ପନ୍ଦ । ସେ କାଳର ଉତ୍କଳର କୃତୀ ସନ୍ତାନମାନେ ଗୌରୀ-ଶଙ୍କରଙ୍କ ମହତ୍ତ୍ୱମହିମାକୁ ବଖାଣି ଦେଇଛନ୍ତି—

"ଉତ୍କଳ ଧର୍ମର ସଙ୍ଗ୍ କରିଛେଛ ରଣ
ଉତ୍କଳ ଦୀପିକା ରୂପ ସଂଶୋଭ ଧନ
ଜନ୍ମିଲ ବାଲେନ୍ଦୁ ଯଥା ଚନ୍ଦ୍ରଚୂଡ଼ ଶିରେ,
ତବ ଗୁଣେ ଯଶଚନ୍ଦ୍ର ସ୍ଥିତ ହେବ ଉତ୍କଳେ ।'

( କବିବର ରାଧାନାଥ ରାୟ, କବିତାବଳୀ ୧୮୭୦ ସାଲ )

"ଶୁଭ କ୍ଷଣେ ଜନ୍ମ ତବ ଉତ୍କଳ ଭୂମିରେ
କର୍ମ ଯୁଦ୍ଧରେ କର୍ମଯୋଗୀ କେତେ ବିଘ୍ନ ସହେ
କୀର୍ତ୍ତି ଯାର ସୁଧାମୟେ ବିଶ୍ୱାସେ ବିଜୟେ
ସାଧିଥିଲ ସୁରଞ୍ଜିତ ପୁଣ୍ୟ ପରିଶ୍ରମେ ।"

ଭକ୍ତକବି ମଧୁସୂଦନ

"ହେ ଗୌରୀଶଙ୍କର, ଧନ୍ୟ ତୁମର ସାହସ
ଦୀପିକା ଚଳାଇଛ ବର୍ଷ ତିରିଶ ବରଷ
ନ ମାନି ବିପଦ ବାଧା ନ ଡରି ଦେହକୁ
ମନପ୍ରାଣ ସମର୍ପି ପାଳିଛ ବ୍ରତକୁ

ଦେଖି ଦେଖି ତେଣୁ ଦଳ କାହିଁ ହସେ
ଏଡ଼ ବୁଦ୍ଧେ ଲୋକେ Man of Business''

ଫକୀରମୋହନ ସେନାପତି, ଉତ୍କଳ ଭ୍ରମଣଂ

"ଦେଶୀଙ୍କର ଯଶ ଚାନ୍ଦରେ ଥାଇ
ତବ କର୍ମ ଯୋଗେ କନ୍ଧ ନ ଯବେ
ଏକନିଷ୍ଠ ଯୋଗୀ ଯେବେଠି ଥାଇ
ଖାଇବ୍ୟ ନମାଜେ ସ୍ୱଦେଶସ୍ୱରେ ।''

ନନ୍ଦକିଶୋର ବଳ

୧୮୩୮ ଖ୍ରୀଷ୍ଟାବ୍ଦରେ ଗୌରୀଶଙ୍କରଙ୍କ ଜନ୍ମ; ଜନ୍ମସ୍ଥାନ କଟକ ଜିଲ୍ଲାର ଅସ୍ତରେଶ୍ୱର, ପାଟିଣପଡ଼ା ଗ୍ରାମ । ପିତାଙ୍କ ନାମ ସଦାଶିବ ପ୍ରସାଦ ରାୟ, ସେ ମୋକ୍ତାରୀ କାର୍ଯ୍ୟ କରୁଥିଲେ । ସେତେବେଳେ ଗ୍ରାମଶାଳୀରେ ଅବଧାନ, ମକ୍ତବରେ ଅଖୁଞ୍ଜ; ଗ୍ରାମଶାଳୀରେ ତାଳପତ୍ର ପୋଥି, ମକ୍ତବରେ ଖଣ୍ଡିଆ କାଗଜର କେତାବ । ଗୌରୀଶଙ୍କର ଅବଧାନଙ୍କଠାରୁ ଓଡ଼ିଆ, ଅଖୁଞ୍ଜଙ୍କଠାରୁ ଉର୍ଦ୍ଦୁ ଓ ଫାରସୀ ଭାଷା ଶିକ୍ଷା କରିଥିଲେ । ସେତେବେଳେ ଅଦାଲତ ଦପ୍ତରର ସବୁ ଫାରସୀରେ ଲେଖା ଯାଉଥିଲା, ମୁସଲମାନ ଫାରସୀ ମାଧ୍ୟମରେ ଶାସନ କାର୍ଯ୍ୟ ଚଳୁଥିଲା । ଅଳ୍ପ ବୟସରେ ସେ ସୁପଣ୍ଡିତ ଭାବେ ପରିଚିତ ହୋଇଥିଲେ ।

୧୧ ବର୍ଷ ବୟସରେ କଟକ ଅସ୍ତି ଗୌରୀଶଙ୍କର ଇଂରାଜୀ ସ୍କୁଲରେ ପଢ଼ିଲେ । ସେ ନିମ୍ନସ୍ତର ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାସିକ ଆଠ ଟଙ୍କା ସରକାରୀ ବୃତ୍ତି ଲାଭ କରିଥିଲେ ।

ଉଚ୍ଚ ଶିକ୍ଷା ଲାଭ ଲାଗି ପ୍ରବଳ ଇଚ୍ଛା; କିନ୍ତୁ ସେଥିଲାଗି କଟକ ବା ଓଡ଼ିଶାରେ ଉପଯୁକ୍ତ ସୁଯୋଗ ସୁବିଧା ସୃଷ୍ଟି ହୋଇ ନଥିଲା । ୧୮୫୭ ଖ୍ରୀଷ୍ଟାବ୍ଦରେ ସେ କଲିକତା ଯାତ୍ରା କଲେ; ରେଳପଥ ତ ଦୂରର କଥା, ସେତେବେଳେ କଟକରୁ କଲିକତା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ପଥ ବି ନଥିଲା । ଜଙ୍ଗଲିଆ ଅରଣ୍ୟସଂକୁଳ, ବନ୍ୟଜନ୍ତୁ ଓ ଚୋରଡକାୟତର ଭୟାବହତା । ମନରେ ଆତଙ୍କ ସୃଷ୍ଟି କରୁଥିବ । ଏହି ଅବସ୍ଥାରେ ସେ ଏକ ଶଗଡ଼ଗାଡ଼ିରେ ଚଢ଼ି ବାଲେଶ୍ୱର ପର୍ଯ୍ୟନ୍ତ ଯାତ୍ରା କଲେ; ତାପରେ ପଦ-ଯାତ୍ରୀ ଆସି, ବାଲେଶ୍ୱରରୁ ଚାଲି ଚାଲି ଯାଇ ହୁଗୁଳିରେ ପହଞ୍ଚିବାକୁ ତାଙ୍କୁ ଦଶଦିନ ଲାଗିଥିଲା ।

କିନ୍ତୁ ଦୁର୍ଭାଗ୍ୟ; ସବୁ ଶ୍ରମ ବ୍ୟର୍ଥ ହୋଇଗଲା । କଲିକତାରେ ପୌଁଛିବା ଦିନାକ ଦଶଙ୍କ ଉପୁଥିବା ସମ୍ବାଦ ପାଇ ୧୮୫୮ରେ ପିତା ତାଙ୍କୁ କଟକ ଫେରାଇ ନେଲେ । ଉଚ୍ଚଶିକ୍ଷାରେ ବାଧା ପଡ଼ିଗଲା ।

ତା'ପରେ ସେ ଚାକିରି ଅନୁସନ୍ଧାନରେ ଲାଗିଲେ । ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଚାକିରିଟିଏ ମିଳିଲା—ଶିକ୍ଷକତା; ମାସିକ ବେତନ ୨୦ ଟଙ୍କା । ଏକାନ୍ତ କର୍ମଠ ଗୌରୀଶଙ୍କରଙ୍କୁ ସୀମିତ ଶିକ୍ଷକତାବୃତ୍ତି ସନ୍ତୋଷପ୍ରଦ ବୋଧ ହେଉନଥିଲା । ପ୍ରାୟ ଏକ ବର୍ଷ ବାଲେଶ୍ୱରରେ କଟାଇଲା ପରେ ସେ କଟକ କମିସନର ଅଫିସରେ ଜଣେ

ଅସ୍ତାସ୍ତୀ ଅମଲଙ୍କୁ ସେ କଠୋର ଦଣ୍ଡ ଦେଲେ । ଅଳ୍ପକାଳ ମଧ୍ୟରେ ସେ କର୍ତ୍ତୃପକ୍ଷଙ୍କ ସୁଦୃଷ୍ଟି ଆକର୍ଷଣ କରିପାରିଥିଲେ, କର୍ମନିଷ୍ଠା ଓ କର୍ତ୍ତବ୍ୟନିଷ୍ଠା ଯୋଗୁଁ । ଯାହା ଠିକ୍ ବୋଲି ବୁଝୁଥିଲେ, ତାହା କରୁଥିଲେ ।

ତା'ପରେ ମନଅର୍ଡ଼ର ଏକ ନୂଆ ପଦକୁ ତାଙ୍କୁ ବଦଳି କରାଗଲା । ପୋଷ୍ଟଅଫିସ୍ ନିୟମ ପାଳନ ପ୍ରତି ତାଙ୍କର କଠୋର ଦୃଷ୍ଟି ଥିଲା । ଉପରସ୍ଥଙ୍କ ଅଫିସକୁ ତାଙ୍କର ଖୋସାମଦ ଯିବା ନଥିଲା । ଅତଏବ ସ୍ୱୟଂ ମାକେଞ୍ଜି ସାହେବ ତାଙ୍କ ଲେଖା ତାଗିଦ୍‌ନାମା ପରେ ମନଅର୍ଡ଼ର ମିଳିବା ଆଗରୁ ଟଙ୍କା ପଠାଇଲେ । ବେଆଇନ କାମ କରି ପାରିବ ନାହିଁ ବୋଲି କହି ସେ ପିଅନକୁ ଫେରାଇ ଦେଲେ ।

ମାକେଞ୍ଜି ରାଗି କହିଲେ—ମୁଁ ହୁକୁମ୍ ଦେଉଛି, କର । ଗୌରୀଶଙ୍କର ନିର୍ଭୀକ ସ୍ୱରରେ ଉତ୍ତର ଦେଲେ—ମୁଁ ବେଆଇନ୍ ହୁକୁମ୍ ମାନିପାରିବି ନାହିଁ । ମନଅର୍ଡ଼ର ହେଲେ ତ ଆପଣ ଟଙ୍କା କାଳି ପାଇବେ ।

ସାହେବ ଏତେକଥାର ଜାଣି କରି କହିଲେ, ସେ ଦିନର ହୁକୁମ କାଟି ନିଜେ ସଂଶୋଧନ କରିଦେଲେ ।

ଗୌରୀଶଙ୍କରଙ୍କ ଏ ନିୟମ ନିଷ୍ଠା କଥା ସମସ୍ତଙ୍କୁ ଜଣାଇଦେଲେ । ଉପରେ କଥା ଗଡ଼ିଚାଲିଲା । ମାକେଞ୍ଜି କ୍ରୋଧରେ ଅଧୀରତି ଧମକ ଦେଲେ ହେଲେ—ଠିକ୍ ଅଛି ମୋ ପ୍ରତି ଦାଳିସ୍ ରହ, କହିଲେ ବେଶ୍ ଆଇନ ପାଳନ ହେବ । ତୁମ ବୁଝିଲ ଶୀଘ୍ର ।

ଗୌରୀଶଙ୍କର ନିର୍ଭୟ ହେଲେ ତଥାପି ନାହିଁ । ଏ ବିଷୟ 'ଉତ୍କଳଦୀପିକା' ପତ୍ରିକାରେ ଆଲୋଚନା ହେଲେ, ସାହେବଙ୍କ ମନସ୍ତାପ ମନରେ ମନ; ସେ ଏଣିକି ସତର୍କ, ସାବଧାନ ହେଲେ ।

କଟକ ଉପକଣ୍ଠ ଅଦାଲତରେ ଗୌରୀଶଙ୍କରଙ୍କ ପ୍ରାୟ ୧୨ ବର୍ଷ କାଳ କାର୍ଯ୍ୟ କରିଥିଲେ; ତାପରେ ତାଙ୍କର ପଦୋନ୍ନତି ହେଲା, ସେ ଏକଶତ ଟଙ୍କା ଦରମାରେ ଅନୁବାଦକ (ଟ୍ରାନ୍ସଲେଟର୍) ପଦରେ ନିଯୁକ୍ତ ଲାଭ କଲେ । ସେ ଦୃଢ଼ତି ନାମି ବୋଲି-ବେଳକେ ଜାଣୁଥିଲେ—ଶରକାର୍ଯ୍ୟ ଦକ୍ଷତା, ଉତ୍କଳଦୀପିକାର ସମ୍ପାଦନା । ସେ ବୃତ୍ତିରେ କରୁଥିଲେ, କିନ୍ତୁ ମୁଣ୍ଡ ନଇଁଦେଇ ନଥିଲେ । ସ୍ୱାଧୀନଚିନ୍ତାକୁ ଛାଡ଼ି ଦେଇଥିବା ଜାତି ସେ କୌଣସି ସରକାରବିରୋଧୀ ବା ଅଧିକାରବିରୋଧୀ କର୍ମ କରୁ ନଥିଲେ; ସେ ସ୍ୱାଧୀନ ମତାମତକୁ ସେ କୌଣସି ପ୍ରଲୋଭନରେ ବି ବଳି ଦେଇ ନଥିଲେ, ସଦା ଆତ୍ମମର୍ଯ୍ୟାଦାର ସୀମା ଭିତରେ ରହିଥିଲେ । ସ୍ୱାଧୀନ ଦୃଢ଼ ନୀତି ତାଙ୍କର ଚରିତ୍ରର ସଙ୍କୋଚ ନଥିଲା । ଫଳରେ ବିଦେଶୀ ସରକାରର ବିଶ୍ୱାସ ଓ ଶ୍ରଦ୍ଧାଭାଜନ ହୋଇ ପାରିଥିଲେ । ଏପରି ଦେଶୀୟ ମାନଙ୍କରେ ବି ତାଙ୍କର ସ୍ଥାନ ଅତି ଉଚ୍ଚ ଥିଲା । ଦୁଇ ବର୍ଗଙ୍କୁ ସନ୍ତୁଷ୍ଟ ରଖିପାରିବା ବିଶ୍ୱାସଭାଜନ ହେବା ସହଜ ସାଧ ନୁହେଁ । ପ୍ରାୟ ୨୦ ବର୍ଷ ଏହି ପଦରେ ରହି ୧୮୮୨ ଖ୍ରୀଷ୍ଟାବ୍ଦରେ ସରକାର୍ ତାଙ୍କୁ ଗୌରୀଶଙ୍କରଙ୍କର ଅବସର ଗ୍ରହଣ କରିଲେ । ଓଡ଼ିଶାର ତତ୍କାଳୀନ କମିଶନର ସାହେବ 'ଗୁଡ୍ ସାହେବ' ନାମରେ ପରିଚିତ-

ସେକାଳେ ପ୍ରବେଶଦ୍ୱାରରେ ଲେଖିଥିଲେ । ସେ ଗୌରୀଶଙ୍କରଙ୍କୁ ଦେଖାଇ କହୁ-ଥିଲେ—ସେଇ ଏକା ଜଣେ ମଣିଷ ଭଳି ମଣିଷ ।

ଗୌରୀଶଙ୍କର ଏକାନ୍ତ ସ୍ୱଦେଶପ୍ରେମୀ; ପ୍ରାଚୀନ ସାହିତ୍ୟ ଉପରେ ତାଙ୍କର ପ୍ରବଳ ଶ୍ରଦ୍ଧା ଥିଲା; ପ୍ରିଣ୍ଟିଂ କମ୍ପାନୀ ତରଫରୁ ଏକାଧିକ ପୋଥି ଓ ଗ୍ରନ୍ଥର ପାଣ୍ଡୁଲିପି ସେ ସଂଗ୍ରହ କରିଥିଲେ ଓ ଏହାଛଡ଼ା ବଙ୍ଗରେ ଉଠିଥିବା ସେ ଓଡ଼ିଆ ସାହିତ୍ୟର ଅସ୍ତିତ୍ୱ ପ୍ରମାଣ କରି-ଥିଲେ; 'ଇନ୍ଦ୍ରଧନୁ' ଓ 'ବିଜୁଳି' ଖଣ୍ଡାମଳରେ ସେ ଇନ୍ଦ୍ରଧନୁକୁ ପକ୍ଷ ସମର୍ଥନ କରିଥିଲେ ଓ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରବନ୍ଧ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରିଥିଲେ । କିନ୍ତୁ ସାହିତ୍ୟ ସାଧନା ଲାଗି ସେ ଅବକାଶ ସୃଷ୍ଟି କରିପାରି ନ ଥିଲେ; ସାମ୍ବାଦିକତା ଓ ସମାଜସେବାରେ ହିଁ ତାଙ୍କର ସମସ୍ତ ଶକ୍ତି ନିୟୋଜିତ ହୋଇଥିଲା ।

ପାଦ୍ରୀମାନଙ୍କ ସ୍ଥାପିତ ମିଶନ ପ୍ରେସ୍ ଖ୍ରୀଷ୍ଟିୟାନ ଧର୍ମପୁସ୍ତକ ଓ ପାଠ୍ୟପୁସ୍ତକ ଛାପି ପ୍ରକାଶ କରୁଥିଲା; ଓଡ଼ିଆ ସାହିତ୍ୟ ପୁସ୍ତକ ଛାପିବାର କୌଣସି ବ୍ୟବସ୍ଥା ନଥିଲା । ମଧୁସୂଦନ ଓ କଟକର ନାଗରିକଙ୍କ ସହଯୋଗରେ ୧୮୬୬ ଖ୍ରୀଷ୍ଟାବ୍ଦରେ ପ୍ରିଣ୍ଟିଂ କମ୍ପାନୀ ସ୍ଥାପିତ ହେଲା । କନିକାର ରାଜେନ୍ଦ୍ରନାରାୟଣ ଭଞ୍ଜ ଓ ଢେଙ୍କାନାଳ ରାଜା ଭଗୀରଥି ମହେନ୍ଦ୍ର ବାହାଦୁର ଏ ଦିଗରେ ବିଶେଷ ସହାୟକ ହୋଇଥିଲେ ।

ଏକ ଛାପାଖାନା ସ୍ଥାପନ ଏ ଯୁଗର ଏକ ଉଲ୍ଲେଖଯୋଗ୍ୟ ଘଟଣା ନୁହେଁ, କିନ୍ତୁ ସେହି କାଳରେ ଏହା ଦେଶୀୟ ଲୋକଙ୍କ ଏକ ମହତ୍ପ୍ରୟାସ ସ୍ୱରୂପରେ ଏକାନ୍ତ ଦୃଷ୍ଟି-ଆକର୍ଷଣକାରୀ ହୋଇଥିଲା, ଆଧୁନିକ ଓଡ଼ିଆ ସାହିତ୍ୟର ମୂଳଦୁଆ ପକାଇଥିଲା, ପ୍ରାଚୀନ ସାହିତ୍ୟକୁ ଅଭିନବ ରୂପରେ ଦେଶ ସମକ୍ଷରେ ଉପସ୍ଥାପନ କରିଥିଲା, ଦେଶର ସ୍ୱରୂପ ବୁଝାଇବା ଲାଗି ଏକ ସମ୍ବାଦପତ୍ର ପ୍ରକାଶ ପାଇଥିଲା । ତେଣୁ ପ୍ରିଣ୍ଟିଂ କମ୍ପାନୀ ସ୍ଥାପନା ଦେଶ, ଭାଷା ଓ ସାହିତ୍ୟପ୍ରେମର ଏକ ମହତ୍ତ୍ୱ ଦୃଷ୍ଟାନ୍ତ । ଏହାର ମାଧ୍ୟମରେ ହିଁ ଅଭ୍ୟୁଦୟ ଯୁଗର ଉପକ୍ରମ ।

ପ୍ରେସ୍ ଚଳାଇବା ଏବେଭଳି ସେତେବେଳେ ସହଜସାଧ୍ୟ ବ୍ୟାପାର ନ ଥିଲା । ସୀସା ଅକ୍ଷର ତିଆରି ହୋଇ ନ ଥିଲା; ପଥରପଟା ଉପରେ ହାତରେ ଲେଖି ଛାପିବାକୁ ହେଉଥିଲା । ସୀସାର ଅକ୍ଷର ଗଢ଼ିବାରେ ଜଗନ୍ନାଥ ପାଠିଆଙ୍କ ନାମ ସ୍ମରଣୀୟ; ତାଙ୍କ ଲିପି ଅଦ୍ୟାବଧି ବ୍ୟବହୃତ ହେଉଅଛି । 'ଅକ୍ଷର ଛାପା' ଶୀର୍ଷକରେ ୪-୮-୧୮୭୭ର 'ଉତ୍କଳଦୀପିକା'ରେ ଗୌରୀଶଙ୍କର ଲେଖିଥିଲେ —"ଆମ୍ଭେମାନେ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ପଥର ଛାପାରେ ଚଳାଇ ଆଜଠାରୁ ଅକ୍ଷର ଛାପାରେ ପତ୍ରିକା ଆରମ୍ଭ କଲୁଁ । ପଥରଛାପା ଅକ୍ଷର ପାଠକମାନେ ପଢ଼ିବାକୁ କ୍ଲେଶ ପାଉଥିଲେ । ତାହା ଆମ୍ଭେମାନେ ଜାଣିକରି ମଧ୍ୟ ଉପାୟାଭାବରୁ ତାହାର ପ୍ରତିକାର କରିବାକୁ ସକ୍ଷମ ହୋଇ ନଥିଲୁଁ । ଏଥର ବୋଧ ହୁଏ ସେମାନେ ତାଦୃଶ କଷ୍ଟ ପାଇବେ ନାହିଁ ଓ ଅକ୍ଷର ଛାପାରେ ଆମ୍ଭେମାନେ ଅତ୍ୟଳ୍ପ ଦିନ ହେଲା କାର୍ଯ୍ୟାରମ୍ଭ କରିଥିବାରୁ ଯଦ୍ୟପି କି ପ୍ରଥମ ଦୁଇ

ଜନ ପ୍ରସ୍ତୁତ କରି ସବୁଙ୍କର କ୍ରମେ ହେବନାହିଁ । ମାତ୍ର ଅଳ୍ପ କାଳରେ ଉକ୍ତ ମୁଦ୍ରାଙ୍କନ ଦ୍ୱାରା ପାଠକ ମହାଶୟଙ୍କୁ ଅବଗତ କରାଇବୁଁ ଭରସା ଅଛି" ।

ପ୍ରିଣ୍ଟିଂ କମ୍ପାନି ପ୍ରାଚୀନ କାବ୍ୟ, ମହାଭାରତ, ରାମାୟଣାଦି ପୁରାଣ, ଧର୍ମଶାସ୍ତ୍ର, ଓଡ଼ିଆ ପାଞ୍ଜି ପ୍ରକାଶ କରିଥିଲେ । ଗୌରୀଶଙ୍କରଙ୍କ ତତ୍ତ୍ୱାବଧାନରେ ଏହି ଅନୁଷ୍ଠାନ ସୁପରି-ଚାଳିତ ହେଉଥିଲା, ଅଂଶୀଦାରମାନଙ୍କୁ ୫୫ ହଜାର ଟଙ୍କା ଲାଭ ଦେଇ ୭୦ ହଜାର ଟଙ୍କାର ସମ୍ପତ୍ତି ଅର୍ଜନ କରିଥିଲା । ୧୯୧୬ ପର୍ଯ୍ୟନ୍ତ ସେ ଏହାର ସଭାପତି ଥିଲେ ।

## ଉତ୍କଳଦୀପିକା

'ଉତ୍କଳ ଦୀପିକା' ପତ୍ରିକା ପ୍ରକାଶ ଗୌରୀଶଙ୍କରଙ୍କ ଜୀବନର ସର୍ବଶ୍ରେଷ୍ଠ କୀର୍ତ୍ତି । ପ୍ରିଣ୍ଟିଂ କମ୍ପାନି ସ୍ଥାପନର ଠିକ୍ ୧ ବର୍ଷ ପରେ ଅର୍ଥାତ ୧୮୬୬ ଖ୍ରୀଷ୍ଟାବ୍ଦରେ ଏହି ସମ୍ବାଦପତ୍ରର ଆତ୍ମପ୍ରକାଶ । ପ୍ରଥମ ଅବସ୍ଥାରେ ପତ୍ରିକା ଫୁଲସ୍କାପ୍ ଓ ଶିଟ ଆକାର ବିଶିଷ୍ଟ ଏହା ସାପ୍ତାହିକ ପ୍ରକାଶିତ ହେଉଥିଲା । ୧୮୬୭ ଜାନୁଆରୀ ପହିଲାରୁ ଏହାର ଦ୍ୱିତୀୟ ବର୍ଷର ଗଣନା ହୋଇଥିଲା; ଗୌରୀଶଙ୍କରଙ୍କ ଏହାର ପ୍ରଥମ ସମ୍ପାଦକ ନିର୍ବାଚିତ କରାଯାଇଥିଲେ । ଗୁଜବରେ ଜନ୍ମଦୋଷରେ, ଦୀପିକା ଜନ୍ମ ଆରେ ଦେଶ ଦେବାର ଘୋର ଦାରିଦ୍ର୍ୟ ଦମନ ଓ ଉତ୍ପୀଡ଼ନ ମଧ୍ୟରେ ଜାତୀୟତା ରକ୍ଷା ଗୌରୀଶଙ୍କରଙ୍କ ନାମରେ ଏକ ବଡ଼ ବିଦ୍ରୋହ ଥିଲା; ବୁଦ୍ଧି ପ୍ରବୃତ୍ତିର ସହଜତା ହୋଇ ନଥିଲା; ସୁଅ ଦାଉରେ ସେ 'ଜାତୀୟଚେତନାର ବାର୍ତ୍ତା' ନେଇ ଦେଶବାସୀଙ୍କ ଫଳରେ ଲୁଚି ହୋଇ ପାରିଥିଲା ଦୀପିକାଲୋକ ଜ୍ୟୋତିର୍ମୟ । ପ୍ରାୟ ଅର୍ଦ୍ଧ ଶତାବ୍ଦୀରୁ ଅଧିକ କାଳ ଏହି ପତ୍ରିକା, ଜାତୀୟତାବାଦ ଜାଗରଣର ଶକ୍ତି ଉତ୍କଳର ଏକ ପ୍ରଧାନ ସାଧନ ।

ନଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଜାତୀୟଜୀବନର ଏକ କରୁଣତମ ଅଧ୍ୟାୟ । ଏଥିରେ ଏକ ତୃତୀୟାଂଶରୁ ଅଧିକ ଲୋକ ମୃତ୍ୟୁ ଘଟିଥିଲା; ଏହା ଜାତୀୟଜୀବନକୁ ବିପର୍ଯ୍ୟସ୍ତ ଓ ବିଧ୍ୱସ୍ତ କରିଦେଇଥିଲା । ଏହି ସର୍ବନାଶୀ ଦୁର୍ଦ୍ଦଶାପ୍ରତି ସରକାର ଓ ସହୃଦୟସମ୍ପନ୍ନ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରି ଗୌରୀଶଙ୍କର ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁ କବଳରୁ ରକ୍ଷାକରିଥିଲେ । ଦୀପିକା ହୋଇଥିଲା ଦେଶବାସୀଙ୍କ ବାର୍ତ୍ତା, ଅନ୍ଧକାରର ଏକ ଜ୍ୱଳନ୍ତ ଦୀପଶିଖା !

ଜନଜୀବନର ଉଦ୍ବେଗର ଭିତରେ ଦେଶୀୟ ଜନକ ବ୍ରିଟିଶ୍ ଅମଳର ପ୍ରଥମବର୍ତ୍ତୀ ଜନହିତମୂଳକ କାର୍ଯ୍ୟ । ମହାନଦୀରେ ନଗର ଅନ୍ତରୀଣ, କୋଣାର୍କ ଓ ନାଗଡ଼ା, ଢାକୁଣ୍ଡା ଚେଣ୍ଡାଲଙ୍କର ସମ୍ବାଦ ଓ ମନ୍ତବ୍ୟ ପ୍ରତିବାଦ କରିଥିଲା ୧୮୬୮-୬୯ରେ କଟକରେ ସୁପ୍ରିମ୍ କୋର୍ଟ ସ୍କୁଲର ଶାସନରେ ସଂସ୍କୃତ ବିଦ୍ୟାଳୟ, କଟକରେ ନର୍ମାଲ ସ୍କୁଲ ସ୍ଥାପନ, ବାଳିକା ବିଦ୍ୟାଳୟ, ଉଚ୍ଚ ଓ ନିମ୍ନ ବିଦ୍ୟାଳୟମାନ ସ୍ଥାପନ ଦ୍ୱାରା ଶିକ୍ଷାର ପ୍ରସାର, ଓଡ଼ିଆ ଭାଷାରେ ସାହିତ୍ୟ ପୁସ୍ତକ ପ୍ରସ୍ତୁତ ଓ ମୁଦ୍ରଣ, ଉତ୍କଳ ଭାଷାର ଉନ୍ନତି ଓ ରୂପ ଦାନ, ଓଡ଼ିଆ ଭାଷାର ଉନ୍ନତି ଓ ସମ୍ବାଦପତ୍ରରେ

ଓଡ଼ିଆ ଶିକ୍ଷାବିସ୍ତାର, ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା, ଇଂରାଜୀଜାନେ ଶିକ୍ଷା ଦେବାର ସନ୍ଧାନ, ଓଡ଼ିଆ ଭାଷାରେ ଶିକ୍ଷାଦାନର ଆବଶ୍ୟକତା, ଉତ୍କଳଭାଷା ଉଠାଇ ଦେବାର ଉଦ୍ୟମ, ଜନ୍ମଭୂମିରେ ଶିକ୍ଷାଦାନ, ଉତ୍କଳ ସ୍ୱାଧୀନତାର ଦଶା, ଉତ୍କଳ ଭାଷାର ପୁନରୁଦ୍ଧାର ପାଇଁ ହେଉଥିବା ସଭା ଆଦିର ବିବରଣୀ ପ୍ରକାଶ କରି ଓ ଦିଗ୍‌ଦର୍ଶନ ଦେଇ ଦୀପିକା ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା ଓ ଜନଯୁବକ ଭାବ ଉଦ୍‌ବୋଧନ କରିଥିଲା ।

ଓଡ଼ିଶା ମନ୍ଦିର ସମ୍ମିଳନୀର ମିଶ୍ରଣ, ବାଲେଶ୍ୱର ହେତୁ ଜାତି ସବ୍‌ଡିଭିଜନର ମିଶ୍ରଣ, ଓଡ଼ିଆ ସନ୍ଦେଶ ସଂଯୁକ୍ତ ହେବାଲାଗି ସଂଗ୍ରାମର ଆନ୍ଦୋଳନ, ଖଣ୍ଡିତାଞ୍ଚଳର ଏକତ୍ରୀକରଣ ଓ ଉତ୍କଳ ପ୍ରଦେଶ ଗଠନାରେ ଦୀପିକାର ନେତୃତ୍ୱ ଉଲ୍ଲେଖଯୋଗ୍ୟ ।

କେନ୍ଦୁଝରର ଭୂୟାଁ ବିଦ୍ରୋହ, କଣିକାରେ ପ୍ରଜା ଓ ମୋଗଲବନ୍ଦୀ ଜମିଦାରଙ୍କ ଅତ୍ୟାଚାର, ନୀଳଗିରି ଅଧିବାସୀ ଜୁଲୁମ, ପାଟ ଅତ୍ୟାଚାର, ରାଜକର୍ମଚାରୀ କର୍ମଗତ ଦୁର୍ନୀତି, ଦୁର୍ଭିକ୍ଷ ଓ ଅଜନ୍ମା ଜନିତ ଦୁର୍ଦଶା, ଭାଗକମହରକୁମାରିକ ଶିକ୍ଷା ଶାସନର ବିରୋଧ ଭୂମିକା ଦୀପିକାରେ ପ୍ରକାଶ ପାଇଥିଲେ ।

ମହାରାଣୀ ଭିକ୍ଟୋରିଆ, ମହାନଦୀର କୂଳଦ୍ୱାର ଉନ୍ନତକରଣରେ ଗୌରୀଶଙ୍କରଙ୍କ ଧାର୍ମିକ ଭୂମିକା ପ୍ରଶଂସାଯୋଗ୍ୟ ।

ସ୍ୱାଧୀନ ସାହିତ୍ୟ-ସମ୍ମେଳନ, ଓଡ଼ିଆ ତାଳପତ୍ର ପୋଥି ଉଦ୍ଧାର, କମିଟି ସ୍ଥାପନ, ରେଭେନ୍ସା କଲେଜିଏଟ୍ ସ୍କୁଲ ସ୍ଥାପନ, କଟକର କଲେଜ, ବାଲିକା ବିଦ୍ୟାଳୟ ସ୍ଥାପନ, ଓଡ଼ିଶାରେ ପ୍ରଥମ ରେଳପଥ, ଓଡ଼ିଶାରେ ପୋଲ୍ ଭ୍ରମଣ ଓ ଗୁପ୍ତଚର ଜନ ଜନକଙ୍କର ଓ ରଥଯାତ୍ରା, ଭକ୍ତକବି ଉପେନ୍ଦ୍ର ଭଞ୍ଜଙ୍କ କବିତାବଳୀ, ସତ୍ୟବାଦୀ ମାର୍ଗରେ ସୈନିକ ଲୋକଙ୍କ କାହାଣୀ, ପ୍ରତାପଚନ୍ଦ୍ର ସେନ, ଢେଙ୍କାନାଳ ବାଙ୍କୁଡ଼ା, ଜଗନ୍ନାଥ ଦାସ, ଫକୀରମୋହନ, ରାଧାନାଥ, ରେଭେନ୍ସା, ବମ୍ବେ ଆଦି ବିଭିନ୍ନ ବାହିନୀ କାହାଣୀ, ଓଡ଼ିଆ ଟାଇପ୍ ଉଦ୍ଭାବନ ଓ ପୋଷ୍ଟକାର୍ଡ ପ୍ରଚଳନ ଆଦି ଧର୍ମ, ଶିକ୍ଷାନୀତି ଓ ଇତିହାସ ଉପଯୋଗୀ ସମ୍ବାଦ ଦୀପିକାରେ ପ୍ରକାଶ ପାଇଥିଲା ।

କଟକରେ କୌଣସି ସାଧାରଣ ପାଠାଗାର ସ୍ଥାପନ ଲାଗି ଶତାଧିକ ବର୍ଷ ତଳେ ଗୌରୀଶଙ୍କର ଆନ୍ଦୋଳନ ଚଳାଇଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ସ୍ୱାଧୀନତା ଲାଭ, ଉତ୍କଳର ସାଂସ୍କୃତିକ ଅଭ୍ୟୁତ୍ଥାନ ପରେ ବି ତାହା ସମ୍ଭବ ହୋଇ ପାରିନାହିଁ ।

ଓଡ଼ିଆ ଭାଷାର ସ୍ୱାର୍ଥରକ୍ଷା ଓ ବିକାଶ ଦିଗରେ ଦୀପିକାର ଭୂମିକା ଅତୁଳନୀୟ । ଆଧୁନିକ ସାହିତ୍ୟର ଅଦ୍ୟ କାଳକୋଳ ନାନା ପଡ଼ୋଶୀ ରାଜ୍ୟରେ ଧୂମାୟିତ; ଓଡ଼ିଆ ଭାଷାକୁ ବିନାଶ କରିଦେବା ଥିଲା ସେମାନଙ୍କ ଅଭିସନ୍ଧି, ନୃଶଂସ ବଙ୍ଗୀୟଙ୍କର ଅପଚେଷ୍ଟା । ଓଡ଼ିଶାର ଗୌରବମୟ ଇତିହାସ ଓ ସଂସ୍କୃତି ବିଷୟରେ ଅଜ୍ଞ ସେମାନେ, ସ୍ୱାର୍ଥାନ୍ଧ; ଓଡ଼ିଶାର ଜଳାଶୟ ନାମରେ ଯୋଗ ଅକଳାଣ କରୁଥିଲେ;

ସେମାନଙ୍କ ଓଡ଼ିଆ ଶିକ୍ଷା ଉଦ୍ୟୋଗ ଚେଷ୍ଟା ଫଳବତୀ ହୋଇନାହିଁ, ଅନେକ ଡେପୁଟି ଇନ୍‌ସପେକ୍ଟରଙ୍କ ମତାମତ; ଯାହାଙ୍କ ମଧ୍ୟ ଓ ତାଙ୍କର ବକ୍ତବ୍ୟ। ପ୍ରାଚୀନ। ସହାୟତରେ ସେ ଭାଷାର ପୁସ୍ତକାଦି ଅଭାବରେ ହିଁ ନଷ୍ଟ କରିଦେଇଥିଲେ। ଶୌଖିନ ଲୋକଙ୍କ ଉଦ୍ଦେଶ୍ୟ ଓଡ଼ିଆ ଯାହା ଓଡ଼ିଆ ଲୋକ କରି ପୂରଣ କରିବ।

ପାଠ୍ୟ ପୁସ୍ତକର ଅଭାବ ଓଡ଼ିଆ ଭାଷାର ଦୁର୍ଗତିର ମୁଖ୍ୟ କାରଣ ଥିଲା ? ଏହି ଅଭାବ ଦୂର କରିବା ଲାଗି ସରକାର ପୁରସ୍କାର ଘୋଷଣା କରିଥିଲେ। ଢେଙ୍କାନାଳର ରାଜା ଓଡ଼ିଆ ସ୍ୱଦେଶପ୍ରେମୀ ଭଗୀରଥ ମହେନ୍ଦ୍ର ବାହାଦୁର ଓଡ଼ିଶାର ଇତିହାସ ସଙ୍କଳନ ଲାଗି ସରକାରଙ୍କ ଶିକ୍ଷା ବିଭାଗ ହାତରେ କିଛି ଟଙ୍କା ଦେଇଥିଲେ। ସରକାରୀ ଘୋଷଣା ପରେ ସାମନ୍ତସିଂହାର ଅଭିମନ୍ୟୁ, ବିଷ୍ଣୁ ଚରଣ ପଟ୍ଟନାୟକ, ଗୋବିନ୍ଦ ଦାସ, ଜଗନ୍ମୋହନ ଲାଲ, ଫକୀରମୋହନ ସେନାପତି, ଶଙ୍କର ବନ୍ଦ୍ୟୋପାଧ୍ୟାୟ, କପିଳେଶ୍ୱର ବିଦ୍ୟାଭୂଷଣ, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ଦ୍ୱାରକାନାଥ ଚକ୍ରବର୍ତ୍ତୀ ଓ ଗୌରୀଶଙ୍କର ରାୟ ଓଡ଼ିଆ ପାଠ୍ୟପୁସ୍ତକ ରଚନା ଦିଗରେ ବ୍ରତୀ ହୋଇଥିଲେ। ପାଠ୍ୟପୁସ୍ତକ ପ୍ରକାଶ ପରେ ଓଡ଼ିଶାରେ ବଙ୍ଗଳା ସ୍ଥାନରେ ଓଡ଼ିଆ ଚଳାଇବା ସମ୍ଭବ ହୋଇଥିଲା, ସରକାରୀ ଆଦେଶ ବି ମିଳିଥିଲା। କିନ୍ତୁ ସେତେବେଳେ ସ୍କୁଲମାନଙ୍କରେ ଅଧିକାଂଶ ଶିକ୍ଷକ ଥିଲେ ବଙ୍ଗାଳି, ଓଡ଼ିଆ ଭାଷାରେ ପାରଙ୍ଗମତାର ଅଭାବ ସେମାନଙ୍କ ବିଶେଷ କରି; ଓଡ଼ିଆଭାଷା ପ୍ରଚଳନରେ ସେମାନେ ହେଲେ ମୁଖ୍ୟ ପ୍ରତିବନ୍ଧକ; ସେ ଆନ୍ଦୋଳନର ମୁଖ୍ୟପାତ୍ର ହୋଇ ବାହାରିଲେ ରାଜେନ୍ଦ୍ରଲାଲ୍ ମିତ୍ରଙ୍କ ପରି ପଣ୍ଡିତ। ଓଡ଼ିଆଙ୍କ ସଂସ୍କୃତ ସମସ୍ୟାକୁ ଏଡ଼ିଦେଇ ଶ୍ରୀ ମିତ୍ର ଏକ ସଭାରେ କହିଥିଲେ—

“ଉତ୍କଳର ସ୍ୱତନ୍ତ୍ର ଭାଷା ଯେଉଁ ହେବ, ସେ ସମ୍ପୂର୍ଣ୍ଣ ଉତ୍କଳବାସୀ ଉଠାଇଦେଇ ବଙ୍ଗଳା ଭାଷା ପ୍ରଚଳନ କରିବା ପାଇଁ ଚେଷ୍ଟା କରିବେ। କାରଣ ସେତେବେଳ ଉତ୍କଳ ଭାଷା ଉଠିଯାଇ ନାହିଁ ସେତେବେଳେ ଯାଏ ଦେଶର ଉନ୍ନତି ହେବ ଅସମ୍ଭବ।

ତାଙ୍କ ଯୁକ୍ତି କଲିକତାରେ ଓଡ଼ିଶାର ଆୟତନ କ୍ଷୁଦ୍ର, ଲୋକସଂଖ୍ୟା ମାତ୍ର ୭ ଲକ୍ଷ। ସେଥିରୁ ଶ୍ରୀ, ମିତ୍ର ବାଦ୍ ଦେଲେ ୧୦/୧୨ ଲକ୍ଷ ଓଡ଼ିଆ ଲେଖା ଜାଣିବା ସମ୍ଭବ। ଏତେ କମ ଲୋକ ଙ୍କ ଏକ ସ୍ୱତନ୍ତ୍ର ଭାଷା ରହିପାରନ୍ତି ? ଉଦାହରଣ ସ୍ୱରୂପ; ଗୋଟିଏ ପୁସ୍ତକ ଛପାଇ ବିକ୍ରିରୁ ତାର ମୂଲ୍ୟ ଉଠାଇବା ଅସମ୍ଭବ। ଯେଉଁ ବଙ୍ଗଳାରେ ଏକ ସହସ୍ର ପୁସ୍ତକ ମୁଦ୍ରିତ ହେଉଥିବା ସ୍ଥଳେ ଓଡ଼ିଶାରେ ତିନି ଶହ କପିରୁ ଅଧିକ ମୁଦ୍ରିତ ହୋଇପାରୁନାହିଁ। ଏ ଅବସ୍ଥାରେ ଓଡ଼ିଆ ଭାଷାର ଉନ୍ନତି କରାଯାଇ ନ ପାରେ।

ଏହି କଥାର ପ୍ରତିବାଦ କରି ୧୮୬୯ ଖ୍ରୀଷ୍ଟାବ୍ଦରେ ଗୌରୀଶଙ୍କର ଦୀପିକାରେ ଲେଖିଥିଲେ—

“ଯାହାର ଯେଉଁ ବିଷୟରେ ଜ୍ଞାନ ନାହିଁ ତାହାର ସେହି ବିଷୟରେ କୌଣସି କଥା କହିବା ଅନୁଚିତ ଅଟେ। ପ୍ରକୃତରେ ଦେଖାଯାଏ ସେ ଉତ୍କଳବାସୀ

ପ୍ରଚଳିତ ହେବା ଭୂମିର ଅନୁରୂପ ବଙ୍ଗଳା ପ୍ରଚଳିତ ଥିବା ଦେଖିବାକୁ ଉତ୍କଳ କୁହାଇ, ଅତଏବ ଉତ୍କଳବାସୀଙ୍କ ଉନ୍ନତି ହେବାର ସମ୍ଭାବନା ଅଛି ।"

ଓଡ଼ିଆ ବର୍ତ୍ତମାନ ବର୍ଜିତ ହୋଇ ବଙ୍ଗଳା ପଦ ଦେଲେ ମିଶିଛି । ଓଡ଼ିଆ ଭାଷା ଉନ୍ନତିର ପଥରୁ କାଲୁଡ଼ି ବାଡ଼ି ପ୍ରାୟ ହୋଇଅଛି । ଉତ୍କଳବାସୀ ଘୁରି ଦେଖ କୁହୁଣି ହୋଇ ଆପଣେ ଶୋଇଅଛନ୍ତି । କେହି ଏହାର ଚର୍ଚ୍ଚା କରିବାକୁ ନାହିଁ । ତାଙ୍କ ଦେଶରେ ଏହି ଅବସ୍ଥା ପଡ଼ୁଥିଲେ ଉନ୍ନତ ନାହିଁ, ଏ ଅଧୋଗତି ସାମୟିକ ମାତ୍ର ।

ଉମାଚରଣ ହାଲ୍‌ଦାର 'Star' ପତ୍ରିକାରେ ଏକ ପତ୍ର ପ୍ରବନ୍ଧ ଲେଖିଥିଲେ, ତାର ମର୍ମ -- "ଏଣିକି ଓଡ଼ିଆ ଭାଷାର ପୁସ୍ତକ ବଙ୍ଗଳାକ୍ଷରରେ ଛପା ହେବା ଅବଶ୍ୟକ । ତାହେଲେ ବଙ୍ଗଳା ଓ ଓଡ଼ିଆ ଲୋକେ ଓ ସାହେବମାନେ ଓଡ଼ିଆ ଭାଷା ସହଜରେ ଶିଖି ପାରିବେ ।

ପତ୍ରିକା ଏ ସମ୍ପର୍କରେ ନିମ୍ନ ତାତ୍ପର୍ଯ୍ୟ ମନ୍ତବ୍ୟ ପ୍ରକାଶ କରିଥିଲେ — "ହାଲ୍‌ଦାର ବାବୁଙ୍କ କଥିତ ଉନ୍ନତିର ହିତୈଷୀ ବୋଲିବାକୁ ହେବ । ପ୍ରଧାନ ଯୁକ୍ତି ଏହି ଯେ ଯେବେ ବଙ୍ଗଳା କାଗଜ ଓ ଖାତାରେ ଉତ୍କଳାକ୍ଷର ଲେଖା ହେଲା ତେବେ ବଙ୍ଗଳା ଅକ୍ଷରରେ କାହିଁକି ଲେଖା ନହେବ ? ଆମ୍ଭ ବୋଧରେ ପାଠକମାନେ ଜାଣନ୍ତି କାଗଜ, କଲମ, ପିଲାଙ୍କର ଶୁଣ୍ଠି ବସ୍ତୁ କ କାଣ୍ଡ ତେବେ ଦୂରଶୀ ଦର୍ଶନ୍ତି ଯେ ଏ ସମସ୍ତ ବଙ୍ଗଳାରୁ ଜାତ ହୋଇଅଛି !

ଓଡ଼ିଆ ଅକ୍ଷର ବିକୃତ, ତେଣୁ ବଙ୍ଗାକ୍ଷର; ହାଲ୍‌ଦାରଙ୍କ ଏହି ଯୁକ୍ତିରେ ଗୌରୀଶଙ୍କର ଏହି ମନ୍ତବ୍ୟ ଦେଇଛନ୍ତି —

ଓଡ଼ିଆ ଓ ବଙ୍ଗଳା ଅକ୍ଷର ସମ୍ବନ୍ଧ ବାବୁ ମନୋରଞ୍ଜନ ହୁଏତ ପରୀକ୍ଷା ଓ ତୁଳନା କରି ଦେଖିଲେ ଯେ ବଙ୍ଗଳା ଅକ୍ଷର କେତେ ବେଢ଼ିଆ ପାଉଅଛି, ଏଥି ତାହାଙ୍କ ଉନ୍ନତିର ଦ୍ୱାରରେ କହନ୍ତି ଏହିତ ପଦଭ୍ରାନ୍ତ କରି କାଲୁଆମାନ ବର୍ଜିଲ । ଅଥବା ବାବୁଙ୍କର ବେଶିକ ଭୂବ ହୃଦୟ ହୋଇଥିବ ଯେ ନିଜ ଭୂମି ଦେଖି ଗୋପ ଲୋକଙ୍କର କଥା ଚକ୍ଷୁରୁ ମନରେ ପଢ଼ିବାକୁ ସ୍ୱପ୍ନରେ ମୁଗ୍ଧ ହୋଇଗଲେ । ଯଦି ଏପରି କିଛି ନ ହୋଇଥିବ, ତେବେ ବାବୁ କାହିଁକି ଏ ଦୁଇ ଅକ୍ଷରକୁ ଦେଖି ବଙ୍ଗଳାକୁ ସୁନ୍ଦର ମନେକରି ହଠାତ୍ କମନ ଦୃଢ଼ କରିଲେ ଯେ ବଙ୍ଗଳା ଅକ୍ଷର ଏଣିକି ସୁନ୍ଦର ଦେଖେ ଓଡ଼ିଆ ଭାଷା ବାହିଁବା ଏଥିର ଲେଖା ନ ହେବ ! 'କବିଚୁମ୍ବିର' ଛଦ୍ମ ନାମରେ ଏକ ବ୍ୟଙ୍ଗାତ୍ମକ ସଙ୍ଗୀତ ପତ୍ରିକାରେ ପ୍ରକାଶ ପାଇଥିଲା —

"ବଙ୍ଗାଳି, କି ବୁଦ୍ଧିର ଅବସ୍ଥିତ
କାହିଁ ଏଥୁ ବଳି ଅଦ୍ଭୁତ ରୀତ
ଓଡ଼ିଆ ପାଉଁଶ ପାହାନ୍ତି ପଣ୍ଡିତ
କରମ ଫାଟିଯା ହେଲା
ବଙ୍ଗାଳିଙ୍କ ଚାକି ଓଡ଼ିଆ ଅକ୍ଷର
ଭିଡ଼ା ହୋଇ କହିଲେ ।

ମିଛି ନାନା ଛଳ ବୋଲନ୍ତି ଗୁଜାଣ
ବୁଝି ହେଉନାହିଁ କଥାଟି
ଏ କି ଝଟଝଟା ଅଛର କେତେଟା
ନଚୁଛନ୍ତି କଣ୍ଢାବାଡ଼ରେ ।

ଛାଉପତେ ଜଣେ ପିଲାଙ୍କ ହାତ୍ରୁ
ମଗଜେ ପିଲାଙ୍କ ସେଣ୍ଡ
ବଙ୍ଗଳା ଥିଲେରେ ଓଡ଼ିଆ ଲେଖିବା
କାହିଁ ବୋଲିଛି ଇଚ୍ଛାରେ ।

ପାଇ ଏ ନିଶାନ ଲୁହିଆ ପ୍ରଧାନ (ଅଧ୍ୟାପକ)
କହୁଅଛନ୍ତି କେତେ ବାତ
ତା ଦେଖି ମୁଁ ଶୁଣିଲି ପଣ୍ଡିତଙ୍କୁ ଦେଖିଲି
କଦାପି ଦସିବା ବାତରେ ।"

ସ୍କୁଲମାନଙ୍କରେ ଉଭୟ ବଙ୍ଗଳା ଓ ଓଡ଼ିଆ ପଢ଼ାଇବାକୁ ସରକାରୀ ଆଦେଶ ଥିଲା; କିନ୍ତୁ ବାଲେଶ୍ୱର ଜିଲ୍ଲା ସ୍କୁଲ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପକ୍ଷେ ଓଡ଼ିଆ ପଢ଼ାଇବା କାଠିକର ପାଠ ଥିଲା । ଅଜ୍ଞତା ବାଲେ ପଦାରେ ପଡ଼ିଯିବ, କାନ୍ତିଚନ୍ଦ୍ର ଶଙ୍କିତ ହେଲେ; 'ମୂର୍ଖ ମାରିବାର ତିନି ଶର' ହେଲା ତାଙ୍କର ଉତ୍ତର; ଏହାର ଅନ୍ୟ ନାମ ହଲ୍ଲାଟ; ପଣ୍ଡିତ ବର୍ଷ ଧରି ପ୍ରଚଳିତ ଗୋଟାଏ ସମୃଦ୍ଧ ଭାଷାକୁ ଏଇ ଭଳିରେ ବିଲୁପ୍ତ କରିଯାଇ ନପାରେ । କିନ୍ତୁ କାନ୍ତିଙ୍କ ମୁଖରେ ଲୁଚି ରହିଥିଲା; ସେଥିରୁ ବାହାରିଲା 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ' ପୁସ୍ତିକା । ପଣ୍ଡିତଙ୍କ ମତରେ ବଙ୍ଗଳା ଗୋଟିଏ ସ୍ୱତନ୍ତ୍ର ଭାଷା, ଓଡ଼ିଆ ତାର ବିକୃତ ରୂପାନ୍ତର । ବିକୃତ ଭାଷା ନ ପଢ଼ି ଶୁଦ୍ଧ ଭାଷା ପଢ଼ିବା ଦେଶ ପକ୍ଷରେ କଲ୍ୟାଣକର । ସ୍ୱଭାବତଃ ବିଶେଷ କାନ୍ତିଙ୍କର ମସ୍ତିଷ୍କ ଶୂନ୍ୟ ଥିଲା; ଓଡ଼ିଆ ଭାଷାର ସ୍ୱତନ୍ତ୍ର ଅସ୍ତିତ୍ୱ ଅସ୍ୱୀକୃତ ହେବା ଫଳରେ ଏକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା; ଆଧୁନିକ ସାହିତ୍ୟ ସୃଷ୍ଟି ଓ ପ୍ରାଚୀନ ସାହିତ୍ୟ ପ୍ରକାଶ ଲାଗି ଏହା ଯୋଗାଇଥିଲା ନୂତନ ଉଦ୍ଦୀପନା ।

ଗୌରୀଶଙ୍କର ଉତ୍କଳ ଦୀପିକାରେ ଲେଖିଥିଲେ- "କେବଳ କେତେକ ଶବ୍ଦ ମିଳିବା ହେତୁରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲିଯାଇ ପାରେ, ତେବେ କେହି ଓଡ଼ିଆକୁ ହିନ୍ଦୀ ବା ବଙ୍ଗଳା ନାମରେ ଧରାଇ କହିଲେ ଦୋଷ ହେବ ନାହିଁ । ମାତ୍ର ଭାଷାଗୁଡ଼ିକମାନେ ଭାଷାକୁ ଏପରି ଅଙ୍ଗୀକାର କରନ୍ତି ନାହିଁ । ଅଥଚ ବଙ୍ଗଳାର କଲେ ଏହାଙ୍କର ସ୍ୱତନ୍ତ୍ରତା ବିଷୟରେ ଅନେକ ପ୍ରମାଣ ଅଛି । ଓଡ଼ିଶାର କର୍ତ୍ତୃକଳାପ ବଙ୍ଗଳାରେ ନାହିଁ । ଓଡ଼ିଶାର ରାଜା ଏକ ସମୟରେ ବଙ୍ଗଳାର ତ୍ରିବେଣୀ ପର୍ଯ୍ୟନ୍ତ ଅଧିକାର କରିଥିଲେ । ବଙ୍ଗଳାର କୌଣସି ରାଜା କେବେ ଓଡ଼ିଶାକୁ ଜୟ କରିବାର ପ୍ରମାଣ ନାହିଁ । ଅତଏବ ବଲଦର୍ପୀ ଓ ନୀଚ କୌଶଳରେ ଓଡ଼ିଶାର ସ୍ୱତନ୍ତ୍ରତାକୁ ଲୋପ କରି ବଙ୍ଗଳାକୁ ମିଶାଇବା ପ୍ରଚେଷ୍ଟା ସମସ୍ତେ ଅନ୍ୟାୟରେ ଭାଷୀ

ହୋଇଥିଲେ ଏହା କଦାପି ସମ୍ଭବ ହୁଅନ୍ତେ। ବରଂ ଓଡ଼ିଶାର ସ୍ଥାନ କେତେକ ବଙ୍ଗଳାରେ ବଳିବାର ଅନୁମାନସିଦ୍ଧ ଅଟେ।

"ଏକ୍ଷେତ୍ରରେ ଓଡ଼ିଆଙ୍କର ଯେତେ ଭ୍ରାନ୍ତି ଉତ୍ପନ୍ନ ଅଛି ବଙ୍ଗଳାରେ ସେତେ ନାହିଁ। ମାତ୍ର ଏଶିଆ ପରିଷଦରେ କି କୁହାଯାଉଅଛି ?"

"ଜେଟେ ମୁର୍ଦ୍ଦଚିଣ୍ଡ, ପୁଣି ଗାୟର୍ସନ ସାହେବ କେଲଗ୍, ସଂସ୍କୃତ, ପାରସୀ, ଓ ଡ୍ରଦୀ ଶବ୍ଦମାନଙ୍କୁ ବଙ୍ଗଳା ବୋଲି ଅଜାଣତରେ ପରିଚୟ ଦେଇ ଥିଲେ।"

ଦୀପିକା, ୨୭।୨।୧୮୭୦

"ଗ୍ରନ୍ଥକାର ଯଦି ପକ୍ଷପାତଶୂନ୍ୟ ହୋଇ ବିଚାର କରିବାକୁ ଚେଷ୍ଟା କରି-ଥାନ୍ତେ ତେବେ ଜାଣିପାରନ୍ତେ ଯେ ବର୍ତ୍ତମାନ ବଙ୍ଗଳା ଓ ଓଡ଼ିଆରେ ଯେଉଁ ପୁସ୍ତକାଦି ରଚିତ ହୋଇଅଛି ତହିଁରେ ଅଧିକ ସଂସ୍କୃତ ଶବ୍ଦ ମିଶ୍ରିତ ହୋଇଥିବାରୁ ଏ ଦୁହିଁଙ୍କର କିଛିର ସମତା ଦେଖାଯାଏ। ସୁତରାଂ ଏ ଦୁଇ ଭାଷାକୁ ପୃଥକ୍ ବୋଲିବାକୁ ହେବ ଓ ଜାଣିବାକୁ ହେବ ଯେତେ ପୁସ୍ତକ ରଚନା କରନ୍ତୁ ଦୁଇ ଭାଷା କଦାପି ଏକ ହୋଇ ନ ପାରିବ।"

'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହଇ,' ଉ. ଦୀ.
୩।୯।୧୮୭୮

ନିଜ ମତକୁ ଦୃଢ଼ତର କରିବା ଲାଗି ଗୌରୀଶଙ୍କର ଏ ପ୍ରାନ୍ତରେ 'କାନ୍ତି-ଚନ୍ଦ୍ର ରାଢ଼ୀ'ର ମତ ଉଦ୍ଧାର କରିଛନ୍ତି। ଏହା ହିଁ ତାଙ୍କ ଏ ସମ୍ବନ୍ଧରେ ସିଦ୍ଧାନ୍ତ, ଆମକୁ ଜଣାଯାଉଛି —

"ସୁପ୍ରସିଦ୍ଧ ଭୂମିକାରେ ପ୍ରକାଶ ଯେ ଓଡ଼ିଶା ଦେଶର ସମ୍ମୁଖରେ ବଙ୍ଗଳା ପାରବର୍ତ୍ତିରେ ଓଡ଼ିଆ ଭାଷା ପ୍ରସ୍ତୁତ କରିବାରେ କମିଶନର ଓ ମିସନାରୀମାନେ ଭ୍ରମରେ ପଡ଼ିଅଛନ୍ତି। କାରଣ ଏ ଦୁଇ ଭାଷାକୁ ସେମାନେ ପୃଥକ୍ ଜ୍ଞାନ କରନ୍ତି। ତଦନୁ-ସାରେ କେତେକ ଓଡ଼ିଆ ସ୍ୱତନ୍ତ୍ର ଭାଷା ନଥିବା ଓ ତାହା ବଙ୍ଗଳାର ଅପଭ୍ରଂଶ ମାତ୍ର ଥିବାର ପ୍ରମାଣ କରିବାକୁ ଚେଷ୍ଟା ପାଇଅଛନ୍ତି। ମାତ୍ର ଆମ୍ଭମାନଙ୍କ ବିବେଚନାରେ ସେ କୃତକାର୍ଯ୍ୟ ହୋଇନାହାନ୍ତି। ତାହାଙ୍କର ମତ ସମର୍ଥନ ପାଇଁ ସେ କୋଡ଼ିଏ ମାତ୍ର ହେତୁ ଦର୍ଶାଇ ଅଛନ୍ତି। ତାହା ଏହି ଯେ ଅନେକ ବଙ୍ଗଳା ଓ ଓଡ଼ିଆ ଶବ୍ଦ ଏକା ପ୍ରକାର ଅଟଇ। କିନ୍ତୁ ଏ କଥା ବଙ୍ଗଳା ଓ ଗୁଜୁରାଟି ସମ୍ବନ୍ଧରେ ମଧ୍ୟ କୁହାଯାଇପାରେ ଓ ଆମ୍ଭେମାନେ ଅନେକ ଅନେକ ଅନୁଭବ କରି କହୁଅଛୁଁ ଯେ କେତେ ସୁଶିକ୍ଷିତ ବଙ୍ଗାଳୀ ଗୁଜୁରାଟର କୋଡ଼ିଏ ଅକ୍ଷର ସୁଦ୍ଧା ନ ଜାଣି ଉକ୍ତ ଭାଷାର ଦଶାଂଶର ନ ଅଂଶ ବୁଝିପାରନ୍ତି ମାତ୍ର ଏଥିପାଇଁ କି କେହି ଗୁଜୁରାଟୀ କି ବଙ୍ଗଳାକୁ ଏକ ବୋଲି ଅନୁ-ମାନ କରନ୍ତି ? ପ୍ରକୃତ କଥା ଏହି ଯେ ଓଡ଼ିଆ, ବଙ୍ଗଳା, ଗୁଜୁରାଟି ଓ ଅନ୍ୟ ଭାଷା-ମାନ ସଂସ୍କୃତରୁ ଉଦ୍‌ଭବ ହୋଇଥିବାରୁ ସେହି ହେତୁରୁ ତାହାଙ୍କର ସାଦୃଶ୍ୟ ଅଛି। ଆମ୍ଭେମାନେ ବୋଧ କରୁଁ ନାହିଁ ଯେମନ୍ତ ତଳ ଛଡ଼ା ଭାଷା ଉପର ଉଚ୍ଚ ଭାଷାର

ଅପଭ୍ରଂଶ ନୁହଇ, ସେହିଭଳି ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହଇ । ଯେତେବେ କି ଓଡ଼ିଆ ଏକ ବାଙ୍ଗଳା ଭାଷା (ଆମ୍ଭେମାନେ ଏ କଥା ସ୍ୱୀକାର କରୁନାହୁଁ) ତେବେ ହେଁ ଗଭର୍ଣ୍ଣମେଣ୍ଟ ଏହାକୁ ଓଡ଼ିଆ ଅଦାଲତମାନଙ୍କର ଭାଷା କରିବାରେ ସମର୍ଥ କରିପାରୁଅଛନ୍ତି ! କାରଣ ଏହା ମଧ୍ୟ ବଙ୍ଗଳା ହେଲେ ମଧ୍ୟ ଓଡ଼ିଶା ପ୍ରତି ଭିନ୍ନ ଭାଷା ଅଟଇ ଏବଂ ଓଡ଼ିଶାର ତିନି କୋଟି ଲୋକ କେବଳ ଏ ଭାଷାରେ କଥାବାର୍ତ୍ତା କରନ୍ତି ଏମନ୍ତ ନୁହେ । ଏ ଭାଷାରେ ପ୍ରାଚୀନ ଅନେକ ସାହିତ୍ୟ ଗ୍ରନ୍ଥ ରଚନା ହୋଇଅଛି ଓ ଦିନ ଦିନ ରଚନା ବୃଦ୍ଧି ହେଉଅଛି ।

ଅତଏବ ଓଡ଼ିଆର ଲୋକଙ୍କୁ ବଳାତ୍କାରେ ବଙ୍ଗଳା ଶିଖା ଦେଲେ ଗଭର୍ଣ୍ଣମେଣ୍ଟ ନେହି ପ୍ରାପ୍ତ ଅସମ୍ଭାବ୍ୟ କରନ୍ତେ ନା ତେମନ୍ତ ସମ୍ପୂର୍ଣ୍ଣ ଗଭର୍ଣ୍ଣମେଣ୍ଟ ଉପରେ ବିଚାର ଭିତ୍ତିଶୂନ୍ୟ ହୋଇସ୍ଥାନର ପ୍ରଭୁର ବାସ୍ତବରେ ଅନ୍ୟାୟାଚରଣ କରିଥିଲେ ।”

ଓଡ଼ିଆ ପକ୍ଷ ସମର୍ଥନ କରୁଥିବାରୁ ଯେ ଏହିକେଳେ ଲୋକଙ୍କର ମତ ମଧ୍ୟ ବିଚାର କରୁଅଛନ୍ତି; ଏହାର ସମ୍ପାଦକ ନୀଳଦେବଶର୍ମା, ଶିକ୍ଷାବିଭାଗର ଜଣେ କନିଷ୍ଠ କର୍ମଚାରୀ ଓ ବିଶିଷ୍ଟ ପଣ୍ଡିତ । ତ୍ରିକୁ ଉନ୍ନତିକର ଥିବାରୁ ନିଜର ଅଧିକାର ଭାଷା ବିଷୟରେ ଅଜ୍ଞ । ଓଡ଼ିଆର ପକ୍ଷପାତ ହେବାର ମଧ୍ୟ ବିଶେଷ କିଛି କାରଣ ନାହିଁ ।

‘‘ବଙ୍ଗଳା ଅମ୍ଭମାନଙ୍କ ବିବେଚନାରେ ଯେ ଯେଉଁ ପ୍ରଣାଳୀରେ ‘ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ’ ପ୍ରମାଣ କରୁଅଛନ୍ତି ସେ ପ୍ରଣାଳୀ ଅବଲମ୍ବନ କଲେ ଓଡ଼ିଆ କାହିଁକି ହିନ୍ଦୀ ମଧ୍ୟ ସ୍ୱତନ୍ତ୍ର ଭାଷା ନୁହେଁ ଏ କଥାର ପ୍ରମାଣ ହୋଇପାରେ । ବଙ୍ଗଳା ଓ ଓଡ଼ିଆ ଭାଷାରେ ଯେପରି ଅନେକ ମେଳ ଅଛି ହିନ୍ଦୀ ଓ ବଙ୍ଗଳାରେ ମଧ୍ୟ ସେହିପରି ମେଳ ଦେଖାଯାଏ ।’’

‘‘କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଅବଲମ୍ବିତ ବିଚାର ପଦ୍ଧତିକୁ ଯଦି ଶୁଦ୍ଧ ପଦ୍ଧତି ବୋଲି ଗ୍ରହଣ କରାଯାଏ ତେବେ ଯେପରି ଓଡ଼ିଶା ଦେଶରେ ବଙ୍ଗଳା ପ୍ରଚଳିତ ହେବା ଉଚିତ ବୋଲି ପ୍ରତିପନ୍ନ ହୋଇଅଛି, ସେହିପରି ବଙ୍ଗଳା ଓ ଓଡ଼ିଶା ଉଭୟ ଦେଶରେ ହିନ୍ଦୀ ପ୍ରଚଳିତ ହେବା ଉଚିତ ବୋଲି ପ୍ରତିପନ୍ନ ହୋଇପାରେ ଅଥବା ସମୁଦାୟ ଆର୍ଯ୍ୟାବର୍ତ୍ତରେ ଏକ ବଙ୍ଗ ଭାଷା ବା ଏକ ଓଡ଼ିଆ ଭାଷା ବା ଏକ ଆସାମୀ ଭାଷା ଅଥବା ହିନ୍ଦୀ ଭାଷା ପ୍ରଚଳିତ ହେବା ଉଚିତ ବୋଲି ମଧ୍ୟ ପ୍ରତିପନ୍ନ ହୋଇପାରେ ।’’

‘‘ସେ ଯେଉଁ ସ୍ଥଳରେ ଓଡ଼ିଆ ଓ ବଙ୍ଗଳାର ମେଳ ଦେଖିଛନ୍ତି ସେହି ସ୍ଥଳ କୁହନ୍ତି ବଙ୍ଗଳା ବୋଲିଅଛନ୍ତି ! ଯେଉଁ ସ୍ଥଳେ ଭିନ୍ନ ରୂପ ଦେଖିଅଛନ୍ତି ସେ ସ୍ଥଳରେ ଓଡ଼ିଆକୁ ବିକୃତ ବଙ୍ଗଳାର ଅପଭ୍ରଂଶ ବୋଲିଅଛନ୍ତି, ଏହା କି ବିଚାରର କଥା ? ଯେଉଁ ସ୍ଥଳରେ ହିନ୍ଦୀର ମେଳ ସେ ସ୍ଥଳରେ ବଙ୍ଗଳା କାହିଁକି ବିକୃତ ଓଡ଼ିଆର ଅପଭ୍ରଂଶ ନ ହେବ ? ଏହି ଅପଭ୍ରଂଶ ଏକ ମାତ୍ର ମହାଅନର୍ଥକର । କିଏ କାହାର ଅପଭ୍ରଂଶ ତାହା ଏହା ବିଚାର କରିବା ଆବଶ୍ୟକ ନାହିଁ ।

( ୧୫।୭।୧୮୭୦, ଉ: ଦୀ: ସଂଖ୍ୟା ୨୮ )

ପଞ୍ଚରେଷଠରେ ଗୌରୀଶଙ୍କର ଜନ୍ମ ସିଂହାସନରେ ଉପନୀତ ହୋଇ ଏହି ଅଶ୍ଳାଘ୍ୟ ସଂଗ୍ରାମର ଝଞ୍ଜାକଲୋଳିତ ଅବସାନ ଦେଖାଇଛନ୍ତି —

"ବସ୍ତୁତଃ ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେଁ ଏବଂ ବଙ୍ଗଳା ମଧ୍ୟ ଓଡ଼ିଆର ଅପଭ୍ରଂଶ ନୁହେଁ । ବଙ୍ଗଳା, ଓଡ଼ିଆ ଓ ଆସାମୀ ଏକ ମୂଳରୁ ଉତ୍ପନ୍ନ ଏକ ବୃକ୍ଷର ଭିନ୍ନ ଭିନ୍ନ ଶାଖା ସ୍ୱରୂପ, ଏକ ବୃନ୍ତରେ ଭିନ୍ନ ଭିନ୍ନ ପଲ୍ଲବ ମାତ୍ର । ମୂଳ ବୃକ୍ଷ କାଳ ଗହ୍ୱରରେ ଲୋପ ପାଇଅଛି । ଶାଖାଗଣ ଆପଣା ଆପଣା ଅନ୍ତର୍ନିହିତ ଶକ୍ତି ପ୍ରଭାବରେ ପରସ୍ପର ନିରପେକ୍ଷ ହୋଇ ପ୍ରାଣ ଧାରଣ କରୁଅଛନ୍ତି । ଏମାନଙ୍କୁ ବଳପୂର୍ବକ ଏକ ସ୍ଥାନରେ ସଂଶ୍ଳିଷ୍ଟ କରିବାକୁ ଚେଷ୍ଟା କଲେ ବୃଥା ଶ୍ରମ ହେବ । ଜୀବନ ସ୍ରୋତ ଯେ ଦିଗ ହୋଇ ପ୍ରବାହିତ ହେଉଅଛି ତାହା ଆଉ ମିଳିବାର ନୁହେଁ । ସେ ମିଳିବାର ସମୟ ଯାଇଅଛି । ଯେବେ ବଙ୍ଗଳା ଓ ଓଡ଼ିଆ ମିଳିବାର ହୋଇଥାନ୍ତା ଏମାନଙ୍କର ଶୈଶବାବସ୍ଥାରେ ହିଁ ମେଳ ହୋଇଥାନ୍ତା । ବର୍ତ୍ତମାନ ଏ ଦୁହେଁ ସମୃଦ୍ଧ ଶୋଭାପୂର୍ଣ୍ଣ ଓ ସ୍ୱାଧୀନ ଭାବରେ ପ୍ରାଣ ଧାରଣ କରି ଉପଯୋଗୀ ଅଂଶ ପତ୍ରାଦିରେ ଭୂଷିତ ହୋଇଅଛନ୍ତି । ଏତେବେଳେ ଏମାନଙ୍କର କାନ୍ଧକୁ ବଳପୂର୍ବକ ଅଦାଲତ ଓ ବିଦ୍ୟାଳୟମାନଙ୍କର ଦୁର୍ବ୍ୟବହାର କଲେ ଲୋପ ପାଇ ପାରିବ ନାହିଁ । ଶୀଘ୍ର ଅଦାଲତ ଓ ବିଦ୍ୟାଳୟରେ ବଙ୍ଗ ପ୍ରଚଳିତ ଭାଷାର କ୍ରମେ ଅବନତି ହେବ । ଆମ୍ଭେମାନେ ଆମ୍ଭର ଅଦାଲତରେ ପ୍ରଚଳିତ ବଙ୍ଗଭାଷା ଦେଖିଅଛୁଁ ।"

ଗୌରୀଶଙ୍କର ଆଧୁନିକ ଓଡ଼ିଆ ଗଦ୍ୟ ରଚନାଶୈଳୀର ଜଣେ ପ୍ରବର୍ତ୍ତକ । ଉତ୍କଳ ଦୀପିକାର ଭାଷା ସାଧାରଣ ଭାବ ପ୍ରକାଶକ ଭାଷା, ସରଳ ଓ ସହଜବୋଧ୍ୟ । ଏହା ଛଡ଼ା ଅଂଶରେ ସାହିତ୍ୟିକ ଗଦ୍ୟ, ବ୍ୟଙ୍ଗାତ୍ମକ, ସମାଲୋଚନାମୂଳକ, ଦ୍ୱନ୍ଦ୍ୱ, ବକ୍ରୋକ୍ତି ପରିହାସ, ଲକ୍ଷଣାମୂଳକ, କିନ୍ତୁ ଅଧିକାଂଶରେ ଦୈନନ୍ଦିନ ଜୀବନ ଆଲୋଚନାରେ ବ୍ୟବହୃତ ଗଦ୍ୟ, ଅତ୍ୟଧିକ ସଂସ୍କୃତ ଶବ୍ଦ ପ୍ରୟୋଗରେ ଭାରାକ୍ରାନ୍ତ ନୁହେଁ । ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଉକ୍ତି ଏ କ୍ଷେତ୍ରରେ ପ୍ରଣିଧାନଯୋଗ୍ୟ —

'ଗୌରୀଶଙ୍କର ସମ୍ପାଦକ ହୋଇ ଅବତୀର୍ଣ୍ଣ ହେବା ପୂର୍ବରୁ ଉତ୍କଳର ଗୋଟିଏ ସାଧାରଣ ଭାଷା ନଥିଲା । ପୂର୍ବେ ଲିଖିତ ଭାଷାରେ ଉତ୍କଳୀୟମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହେଉ ନଥିବାରୁ ଉତ୍କଳ ଭାଷା ପ୍ରାଦେଶିକତାରେ ପୂର୍ଣ୍ଣ ଥିଲା । ଏପରି କି ଉତ୍କଳ ଭାଷା ଗୋଟିଏ ଅଞ୍ଚଳରେ ବ୍ୟବହୃତ ହେଉଥିବା ଭାଷାକୁ ଅନ୍ୟ ଅଞ୍ଚଳର ଲୋକେ ବୁଝି ପାରୁ ନଥିଲେ । ଭାଷାରୁ ପ୍ରାଦେଶିକତା ଦୂର କରି ସମଗ୍ର ଉତ୍କଳରେ ଗୋଟିଏ ସାଧାରଣ ଭାଷା ପ୍ରଚଳିତ କରିବା ବିଷୟରେ ଉତ୍କଳଦୀପିକା ଯେଉଁ କାର୍ଯ୍ୟ କରିଅଛି ତାହାର ମୂଲ୍ୟ ନିରୂପଣ କରିବା ସହଜ ନୁହେଁ ।"

( ଗୋପାଳଚନ୍ଦ୍ର ପ୍ରହରାଜ, ଉତ୍କଳ ସାହିତ୍ୟ, ଦ୍ୱାଦଶ ବର୍ଷ)

ଗୌରୀଶଙ୍କରଙ୍କ ପତ୍ରିକା ସମ୍ପାଦନାସ୍ଥ ବିଷୟରେ ସୁସାହିତ୍ୟିକ ଶ୍ରୀ ନିଧିଭୂଷଣ ଦାସଙ୍କ ଉକ୍ତି ମଧ୍ୟ ଯଥାର୍ଥ :—

"ସେ ଲୋକଶିକ୍ଷକ ସମ୍ପାଦକଙ୍କ ଭାବରେ ଉତ୍କଳୀୟ ଦେଶପ୍ରେମିକର, କଟ୍ଟର, ନିର୍ଭୀକର, ତ୍ୟାଗୀର, ବ୍ୟଥକର, ସଂସ୍କାରକର, ସାଧକର, ଭକ୍ତର, ଧର୍ମୋନ୍ମାଦର, ସୁବ-

ସ୍ୱୋତ୍କଳୀୟ ଏ ଦୁର୍ଦ୍ଦଶା ଦେଖି ଅନୁଭୂତ ହେଉଥିଲା । ତାହାଙ୍କ ବାଣୀ ମଧ୍ୟ ଗ୍ରନ୍ଥକ ଦ୍ୱାରା ନୂତନ ବୋଧ ହେଉଥିଲା । (ଉ. ସା., କଟକ, ଏକବିଂଶ ବର୍ଷ) ପ୍ରାର୍ଥନା ସାହିତ୍ୟ ପଥ ଦେଶର ଅକଳଙ୍କ ରୂପ; ତାର ସଂରକ୍ଷଣ ଲାଗି ସେ ଯାବତୀୟ ପରିଶ୍ରମ କରିଥିଲେ । "ତାହାଙ୍କର ଅଧ୍ୟବସାୟ ଓ ମହାକବି ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ, ଦୀନକୃଷ୍ଣ ଓ ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତିଙ୍କୁ ସାଧାରଣ ଜନରେ ଅପ୍ରକଟ କାବ୍ୟ ଉତ୍କଳକୁ ଗୌରବାନ୍ୱିତ କରିଅଛି ।" - (ଶିକ୍ଷିତ ଦୃଷ୍ଟି)

କୌଣସି ଜାତିର ଉନ୍ନତି ମାତୃଭାଷା ରୂପେ ପ୍ରତିଷ୍ଠା ଲାଭ କରନ୍ତି, ତାର କୌଶଳକୁ ସେ ଶୈଳୀରେ ଅନୁକୂଳ ପରିସ୍ଥିତିରେ ଯୁକ୍ତି ଦେବାକୁ ଦେଇ-ନାହାନ୍ତି । ଆମ୍ଭମାନଙ୍କ ମାତୃଭାଷା (ଗୋପାଳଗ୍ରନ୍ଥ, ଉ. ସା., ଦ୍ୱାବିଂଶ ଖଣ୍ଡ) ଶୀର୍ଷକରେ ଏହା ସ୍ପଷ୍ଟ ହୋଇଅଛି —

ଆମ୍ଭମାନଙ୍କ ମାତୃଭାଷା ଓଡ଼ିଆ, ଏହା କୁହାଯିବା ଶିକ୍ଷାମାନେ ବୁଝି ନାହାନ୍ତି । ଏଥିରେ ଏ ଭାଷାର ଉନ୍ନତି ହେବ କେମନ୍ତେ ଦେଖିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ପୃଥିବୀ ମଧ୍ୟରେ ଯେତେ ଜାତି ଶିକ୍ଷା ଲୋକଙ୍କର ଅତିଶୟ କରୁଅଛନ୍ତି ସେମାନେ ସମସ୍ତେ ନିଜ ମାତୃଭାଷାକୁ ବୃଦ୍ଧି କରିବା କମନ୍ତେ ସାଧ୍ୟାନୁସାରେ ଯତ୍ନ କରୁ-ଅଛନ୍ତି; ମାତ୍ର ଦୁଃଖର ବିଷୟ ଏହି ଯେ ଆମ୍ଭେମାନେ ତାହା ନକରି ଦେଶର ଅପକାର କରୁଅଛୁ । ଆମ୍ଭମାନଙ୍କ ମାତୃଭାଷା ଏକ ନୂତନ ଭାଷା ନୁହେଁ, ଏହା ବହୁ ଦିନର ଭାଷା । ଯେଉଁମାନେ ଏହା ଅବିଶ୍ୱାସ କରନ୍ତି ସେମାନେ ପ୍ରାଚୀନ ପୋଥିମାନ ଦେଖିଲେ, ତାହାହେଲେ ଅନୁମାନଙ୍କର କଥାର ପ୍ରମାଣ ପାଇବେ । ଆମ୍ଭମାନଙ୍କ ମାତୃଭାଷା ଦୁଇଶହ ବର୍ଷ ପୂର୍ବେ ଯେପରି ଅବସ୍ଥାରେ ଥିଲା, ଆଜି ବଙ୍ଗଳା ଭାଷା ଏତେ ଉନ୍ନତି ଲାଭ କରି ପୂର୍ବ ଗ୍ରନ୍ଥ ଦେଖି ରୂପ ଅବସ୍ଥାପନ୍ନ ହୋଇଅଛି । ଦୀନକୃଷ୍ଣ, ଉପେନ୍ଦ୍ରଭଞ୍ଜ ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତିଙ୍କ କାବ୍ୟ ଯେଉଁମାନେ ମନଦେଇ ପଢ଼ିଅଛନ୍ତି ସେହିମାନେ ଏଥିର ପ୍ରମାଣ ପାଇଅଛନ୍ତି ।

କୌଣସି ଜାତିର 'ଉତ୍କଳ ଭାଷୋଦ୍ଦୀପନ ସଭା'ର ସମ୍ପାଦକ ଥିଲେ, ଓଡ଼ିଆ ସାହିତ୍ୟର ଉନ୍ନତି ଏହି ଅନୁଷ୍ଠାନର ଲକ୍ଷ୍ୟ ଥିଲା; ସେ ନିଜ ବର୍ଦ୍ଧମାନ ଏହି ଅନୁ-ଷ୍ଠାନ ପ୍ରତିଷ୍ଠାରେ ଦେଇଥିଲେ । ଏହି ଅନୁଷ୍ଠାନ ଜରିଆରେ କଟକର ଲୋକମାନ-ମାନଙ୍କ ଆଗେ ସମ୍ବାଦ ଦେଇ ବସିଥିଲେ — "ଉତ୍କଳ ଭିନ୍ନ ଭାଷା ଉନ୍ନତ ହେବ, ସମସ୍ତ ଧାରଣା ଉତ୍କର୍ଷ ସାଧନାରେ ସମ୍ପାଦିତ ହେବ ଏବଂ ଦେଶବାସୀ ମହାତ୍ମା ମାନଙ୍କରେ ବର୍ତ୍ତମାନ ଜଳର ଥିବା ସେହି ଭାଷା ପରବର୍ତ୍ତୀରେ ବର୍ଣ୍ଣିତ ଶିକ୍ଷା ଜନକ ହେବ ଓ କେବଳ ଉପଯୁକ୍ତ ବ୍ୟକ୍ତିମାନେ ଅମଳିନ କର୍ମ କରିପାରିବେ" ସେ ସମ୍ମାନିତ ହୋଇଥିଲେ ।

କଟକ ନୁଆଁପୋଖରିଠାରେ ଜଳାଦାନ ବ୍ୟବସ୍ଥା ପ୍ରବର୍ତ୍ତନ, ପଲ୍ଲୀ ଗ୍ରାମମାନଙ୍କରେ ଜଳାଦାନ ପାଇଁ ଲୋକାଳୟଙ୍କ ଗଠନ, କଟକରୁ ବୁଦ୍ଧବାଲି ଓ ଦଶପଲ୍ଲା ପର୍ଯ୍ୟନ୍ତ ଷ୍ଟିମାର ଚଳାଚଳ, ସମ୍ବଲପୁରରୁ ଓଡ଼ିଆ ଭାଷା ଉଠିଯିବାରେ ତୀବ୍ର ପ୍ରତିବାଦ ଓ

ସରକାର ସେଠି ବଙ୍ଗାଳୀଙ୍କୁ କହୁଥିଲେ, ସମ୍ବଲପୁର ମଧ୍ୟପ୍ରଦେଶ ଅନ୍ତର୍ଗତ ଓଡ଼ିଆ ଅଞ୍ଚଳର ଓଡ଼ିଆ ପଣ୍ଡିତ ମିଶ୍ରଙ୍କ ପ୍ରଭୃତି ନାନା ସଙ୍କୀର୍ଣ୍ଣରେ ଏହି ଅନୁରାଗ ବୃଦ୍ଧି ହୋଇଥିଲା ।

ସେ ସମସ୍ତ ଗ୍ରନ୍ଥରେ ଗୋଟିଏ କଥା ପ୍ରକାଶରେ ପ୍ରକାଶ ଥିଲେ । ଯାହା ହେଲେ ବଙ୍ଗୀୟ ପ୍ରାଦେଶିକ ସ୍ୱାଧୀନତା ହେଲେ ପରସ୍ପର ଅବନତିରେ ଜାତୀୟତା ଅବନ-ନତି ହୋଇପାରନ୍ତି, ପ୍ରାଦେଶିକ ସଂସ୍କୃତି ପ୍ରକୃତିର ମୂଳ ଭାବ ଦୂର ହୋଇ-ଥିଲା । ଗୌରୀଶଙ୍କରଙ୍କର ଦ୍ୱିତୀୟ ସାହିତ୍ୟ ସମାଜର ପ୍ରାଣ ଧର୍ମର ଅନୁଶୀଳନ ଦ୍ରଷ୍ଟବ୍ୟ ( ୧୭।୧୨।୧୯୦୬, ଜାତି ଓ ଏକତାର ଶର୍ତ୍ତ, ଉତ୍କଳ ଦୀପିକା ) ।

ଆଜି ଭାରତରେ କେଉଁଠି ହେଉ ନାହିଁ ମୁଁ କହେ ସନ୍ଦେହ । ସେମାନ ପ୍ରଭୃ ଅନ୍ୟାନ୍ୟ ସେ ଦେଶକୁ ପୋଡ଼ିବାପାଇଁ ଅଧିକ ଯୋଗ୍ୟ ଯତ୍ନ ବହୁ ସ୍ୱଦେଶର ଦୂରତା ହୋଇଅଛି, ସେମାନ୍ତ ଦେଶ ପରସ୍ପରର ଭିନ୍ନ ଭିନ୍ନ ପ୍ରାଦେଶିକ ଭାଷା ଭିନ୍ନ-ମାନ ହୋଇଯାଇ ହେଉନେ କିନ୍ତୁ ସେମାନଙ୍କର ପରସ୍ପର ସେ ସମସ୍ତ ପରିବାର ଭାଷା ସୁରକ୍ଷିତ ଏବଂ ବୃଦ୍ଧିତ ଅଧିକ ହେବ । ଅନ୍ୟଥା ଏକାକୀର ମୋଟର ଉନ୍ନତି ସମ୍ଭବ ନୁହେଁ ପରିବାରେ ସାଧାରଣ କିଛି ଦୂର ହୋଇପାରିବ ନାହିଁ । ଅନ୍ୟ ଦେଶରେ ଅନେକ ସରକାରୀ ସମ୍ବନ୍ଧରେ ମିଳନକୁ ସମର୍ଥ ହେଉ । ଅଥଚ ତାହା ମଧ୍ୟରେ ଜାତୀୟ ଐକ୍ୟ । କିନ୍ତୁ ଭାରତର ସେମାନ ଅନୁଭବ ବଡ଼ର ହୋଇଅଛି । ଯଥା ମାତୃଭାଷାକୁ ଆଦର କରିବା ଅଭାବର ରକ୍ଷିବା ଅପେକ୍ଷା ସଜାତୀୟ ସ୍ୱଦେଶର ସମ୍ମାନ କରାଯାଇଛି । ଏହା ହୋଇପାରିବ, କେହି ଅସ୍ୱୀକାର କରିବେ ନାହିଁ, ଏ ଦେଶକୁ ଯାହାକୁ ଜାତି-ସମାଜର ଏକ ସଙ୍କୁଚିତ ହେବା ବାଞ୍ଛନୀୟ ।

ଏହାଦ୍ୱାରା ପ୍ରାଦେଶିକ ଅଧିକ ଉତ୍ତେଜନାକୁ ମୁଁ କହୁନାହିଁ । ପ୍ରାଦେଶିକ ସେପରି ହେଉଅଛି ସେପ୍ରକାର ହେଉଥାଉ, ତେବେବି ସୁବିଧାରେ ସ୍ୱଜାତି ଉନ୍ନତିରେ ହେବା ମୋର ଅଭିପ୍ରାୟ ।

ବାର୍ଦ୍ଧକ୍ୟ ଯୋଗୁଁ ୧୯୧୬ରେ ସେ ଉତ୍କଳଦୀପିକା ସମ୍ପାଦନରୁ ଅବସର ଗ୍ରହଣ କଲେ । କିନ୍ତୁ ଓ ସମ୍ପାଦନ ପାଠ ଓ ପରିଚାଳନା କରି ଲେଖାର ସେଥି ଅବକାଶରେ ଥିଲା । ସେଥି ସଙ୍ଗରେ ଲେଖିଲେ ସମାଲୋଚନା ତାଙ୍କୁ ଯୁକ୍ତି ଦେଇ ତାହାଦ୍ୱାରା ସଙ୍ଗରେ ପ୍ରତିଷ୍ଠା କରିଥିଲେ । ୧୯୧୭ ମାର୍ଚ୍ଚ ମାସରେ ତାଙ୍କର ପରଲୋକ ହେଲା ।

ପାରିବାରିକ ସୁଖ ସନ୍ତୋଷ ତାଙ୍କ ଜୀବନରେ ନ ଥିଲା । ବାଲ୍ୟକାଳରୁ କାର୍ଯ୍ୟ ନାମିତ ନିଜ ଜନ୍ମଭୂମି ସେ ବିବାହ କରିଥିଲେ । ମାତ୍ର ସେ ବର୍ଷ ବୟସରେ ଅକାଳରେ କନ୍ୟା ଓ ଦ୍ୱିତୀୟ ପୁତ୍ର କୋଳରେ ଦେଇ ପତ୍ନୀ ପରଲୋକ ଗଲେ । ଏହାର ବର୍ଷ ବୟସରେ ଏକମାତ୍ର ପୁତ୍ର ଦୈବାତ୍ ଅକାଳ ମୃତ୍ୟୁ ହେଲା । ଗୌରୀଶଙ୍କର ପୁନର୍ବାର ବିବାହ କରି ନ ଥିଲେ । ତାଙ୍କ ଭାଇ ସମାଜର ଡାକ୍ତର ସାଧନା ସ୍ୱସ୍ଥ ଥିଲେ, ତାଙ୍କର ସନ୍ତାନ କାର୍ଯ୍ୟରେ ସହାନୁଭୂତି ଦେଉଥିଲେ; ତେଣୁ ପତ୍ନୀବିୟୋଗ ପରେ ସେ ତାଙ୍କ ସାଂସାରିକ ଦୁଃଖ କିଛି ବାଧି ନ ଥିଲେ । ଗୌରୀଶଙ୍କର ତାଙ୍କ ଭାଇଙ୍କୁ ମଣିଷ କରିବାରେ ଯଥାସମ୍ଭବ ଚେଷ୍ଟା କରୁଥିଲେ । ଭାଇମାନେ ଜ୍ୟେଷ୍ଠଭ୍ରାତାଙ୍କୁ ପିତାପରି ମାନୁଥିଲେ ।

ଗୌରୀଶଙ୍କର ଭୋଗୀ ନ ଥିଲେ, ତାଙ୍କ ପାରିବାରିକ ଜୀବନ ଏକାନ୍ତ ସରଳ ଥିଲା । ସେ ମୋଟା ଚାଉଳର ଭାତ ଖାଉଥିଲେ, ମୋଟା ଦେଶୀ ଲୁଗା ପିନ୍ଧୁଥିଲେ । ନିଜର ବହୁ ଧନ ସଂଗ୍ରହ କରିଥିଲେ ଓ ମରଣଶଯ୍ୟାରେ ତାହା ଦାନ କରି ଦେଇଥିଲେ । ଶଶିଭୂଷଣ ରାୟଙ୍କ ଭାଷାରେ କହିଲେ "ସେ ନିଜ ପରିବାରର ଭରଣପୋଷଣ ବ୍ୟବସ୍ଥା କରି ସମସ୍ତ ଅର୍ଥ ପରହିତ କାର୍ଯ୍ୟରେ ସମର୍ପଣ କରିଯାଇଛନ୍ତି ।"

କଟକ ଟାଉନ୍ ହଲ ତାଙ୍କର ପ୍ରଧାନ କୀର୍ତ୍ତି; ୧୯୦୪ ଖ୍ରୀଷ୍ଟାବ୍ଦରେ ଏହା ନିର୍ମିତ; ଏଥିଲାଗି ଗୌରୀଶଙ୍କର ଏଗାର ହଜାର ଟଙ୍କା ବ୍ୟୟ କରିଥିଲେ । କଟକ କାଠଯୋଡ଼ିବାନ୍ଧର କାଷ୍ଠ ଛତ୍ରାବାସ ସେ ତିନି ହଜାର ଟଙ୍କା ବ୍ୟୟ କରି ନିର୍ମାଣ କରିଥିଲେ । ସେ ପ୍ୟାରୀମୋହନ ଏକାଡେମୀ ଗଢ଼ିବା ପାଇଁ ରହି ବହୁ ଉନ୍ନତି କରାଇଥିଲେ; କଟକ ସହରର ଶ୍ମଶାନ ଘାଟ ନିର୍ମାଣ ଲାଗି ବହୁ ଅର୍ଥ ବ୍ୟୟ କରିଥିଲେ । ସ୍ୱ-ଜନ୍ମସ୍ଥାନ ଦକ୍ଷିଣପଡ଼ା ଗ୍ରାମର ଉନ୍ନତି ଲାଗି ସେ ସର୍ବଦା ଚେଷ୍ଟିତ ଥିଲେ । ଏହି ଗ୍ରାମରେ ସେ ଗୋଟିଏ ବାଳିକା ବିଦ୍ୟାଳୟ, ଡାକଘର ଓ ଡାକ୍ତରୀ ଔଷଧାଳୟ ସ୍ଥାପନ କରିଥିଲେ । ଏହି ଅନୁଷ୍ଠାନମାନଙ୍କର ସ୍ଥାୟୀ ଭରଣ ଲାଗି ସେ ହଜାରହଜାର ଟଙ୍କା ଦାନ କରିଥିଲେ ଓ ରକ୍ଷଣାବେକ୍ଷଣ ଲାଗି ବ୍ୟାଙ୍କରେ ସେମାନଙ୍କ ନାମରେ ଦଶହଜାର ଟଙ୍କା ରଖି ଯାଇଥିଲେ । ନୂଆ ନଗର, ପୁଷ୍କରିଣୀର ପଙ୍କୋଦ୍ଧାର, ପୁରାତନ ମନ୍ଦିରମାନଙ୍କ ଜୀର୍ଣ୍ଣୋଦ୍ଧାର ଆଦି କାର୍ଯ୍ୟରେ ସେ ଏକାନ୍ତଭାବରେ ବହୁ ଅର୍ଥ ବ୍ୟୟ କରିଥିଲେ ।

ଗାଇବା ବଜାଇବାରେ ତାଙ୍କର ରୁଚି ଥିଲା । ବେଶ୍ୟାମାନଙ୍କୁ ସଙ୍ଗୀତ ଶିକ୍ଷା ଦେବାରେ ସେ ବହୁ ଅର୍ଥ ବିନିଯୋଗ କରିଥିଲେ । ବେଶ୍ୟାମାନଙ୍କ ଯୋଗେ ଓଡ଼ିଶୀ ସଙ୍ଗୀତ ଶିକ୍ଷା ବିସ୍ତାର ଲାଭ କରିବ, ଏହି ବିଶ୍ୱାସ ତାଙ୍କର ଥିଲା, ଏହା ବ୍ୟର୍ଥ ପ୍ରମାଣିତ ହୋଇଥିଲା ।

ଗୌରୀଶଙ୍କର ଜଣେ ଦକ୍ଷ ସମ୍ପାଦକ, ଜଣେ ସମାଜସେବୀ, ଜଣେ ଧର୍ମଭୀରୁ କର୍ମୀ ଓ ଦାନବୀର । ଓଡ଼ିଶାର ସ୍ୱାର୍ଥରକ୍ଷା ଲାଗି ସେ ଧନ, ମନ, ପ୍ରାଣ ଉତ୍ସର୍ଗ କରି ଯାଇଛନ୍ତି । ଉତ୍କଳର ଉନ୍ନତି ଚିନ୍ତା ତାଙ୍କୁ ଅନେକ ଅନିଦ୍ରାକର ରଖିଥିଲା । ସେ ବୁଝିଥିଲେ — ସକଳ ଅର୍ଥ ଧର୍ମ — ସତ୍ୟ କର୍ମ — କର୍ମଠାରୁ ବଳି ଧର୍ମ ନାହିଁ ! ଦୀର୍ଘକାଳ ଜାତି ଉତ୍କଳର ଘରେ ଘରେ ଭାରି ଅଜ୍ଞାନ ଆବରଣ ଘୁଞ୍ଚାଇଦେବା ଲାଗି ନିଜ ଜୀବନକୁ ସେ ଦୀପଶିଖା ପରି ବ୍ୟବହାର କରିଥିଲେ । କବି ମଦନମୋହନ ପଟ୍ଟନାୟକ ଯଥାର୍ଥ ଲେଖିଛନ୍ତି—

"ନିଃସ୍ପୃହ ଦାତା ଶ୍ରୀମୁଖ/ ଅଲୋକପ୍ରବଣ ସ୍ଥିତପ୍ରଜ୍ଞ/ ସର୍ବତ୍ୟାଗୀ ନିଷ୍ଠ ଯତି/ ଧର୍ମଦେବ ସାକ୍ଷୀ କରି/ ସାଧିତ କେବଳ କର୍ମସାଧନା/ ଗୌରୀଶଙ୍କର ତପୋଧନ ।"

## ସାହାଯ୍ୟକାରୀ ଗ୍ରନ୍ଥ —

(୧) କର୍ମଯୋଗୀ ଗୌରୀଶଙ୍କର—ପଣ୍ଡିତ ମୃତ୍ୟୁଞ୍ଜୟ ରଥ (୨) ସ୍ୱାଧୀନତାର ଜନକ — ଦୁର୍ଗାଚରଣ ରାୟ (୩) ସମ୍ବାଦପତ୍ରରେ ସେକାଳର ଓଡ଼ିଶା — ସୁଧାକର ପଟ୍ଟନାୟକ (୪) ଉତ୍କଳସାହିତ୍ୟ ପତ୍ରିକା

# ଊନବିଂଶ ଶତକର ଓଡ଼ିଶା : ଐତିହାସିକ ପ୍ରେକ୍ଷାପଟ

● ଡକ୍ଟର କୈଳାସ ଚନ୍ଦ୍ର ଦାଶ

## ॥ ଏକ ॥

ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ସଙ୍କଟାପନ୍ନ ରାଜନୈତିକ ଧାରାରେ ଅବଗାହନ କଲେହେଁ ଊନବିଂଶ ଶତାବ୍ଦୀ ଏକ ସ୍ୱତନ୍ତ୍ର ଧାରାରେ ବହିଯାଏ । ଏହି ସ୍ୱାତନ୍ତ୍ର୍ୟ ତାହାର ବୈଶିଷ୍ଟ୍ୟ ହୋଇପାରେ ! ପରବର୍ତ୍ତୀ ଶତାବ୍ଦୀର ଅଗ୍ରଗତି ପାଇଁ ପ୍ରେରଣାର ଏକ ଉତ୍ସ ମାଳିକା ସୃଷ୍ଟି ହୋଇପାରେ । ଜାତୀୟ ଦୃଷ୍ଟିକୋଣ ନେଇ ବିବେଚନା କଲେ ଅଷ୍ଟାଦଶ ଶତକର ଓଡ଼ିଆ ଊନବିଂଶ ଶତାବ୍ଦୀରେ ଯଥେଷ୍ଟ ପ୍ରଗତିଶୀଳ; ଊନବିଂଶ ଶତକରେ ସେହି ପ୍ରଗତିର ଧାରା ଅବ୍ୟାହତ ହୋଇ ରହିଛି । ଅଷ୍ଟାଦଶ ଶତାବ୍ଦୀର ସାମାଜିକ ସାଂସ୍କୃତିକ ପରିବେଶ, ଅର୍ଥନୈତିକ ବ୍ୟବସ୍ଥା, ରାଜନୈତିକ ସ୍ଥିତି ଓଡ଼ିଶାରେ ଊନବିଂଶ ଶତକର ଆରମ୍ଭରୁ କେଉଁ ରୂପ ନେଇ ଥିଲା, ତାହା ଏ ଯାବତ ଗବେଷକ ବର୍ଗର ବିଶ୍ଳେଷଣ ହୋଇନାହିଁ ବୋଲି ମନେ ହୁଏ । ଊନବିଂଶ ଶତାବ୍ଦୀ ର ଓଡ଼ିଶା ଇତିହାସର ଏକ ଅବିସ୍ମରଣୀୟ ପର୍ଯ୍ୟାୟ ତାହାକୁ କେଉଁସି ଦୃଷ୍ଟିକୋଣରୁ ବିଚାର କଲେ, ଐତିହାସିକ ସତ୍ୟରେ ସିଦ୍ଧାନ୍ତ ଗ୍ରହଣ କରେ । ତେବେ ଏହି ବର୍ଣ୍ଣିତ ପର୍ଯ୍ୟାୟର ଜୀବନଧାରା ନାନା ଦୃଷ୍ଟିକୋଣରୁ ବିଚାର କରାଯିବା ଉଚିତ; ଯଦି ତାହାର ଗୁରୁତ୍ୱ ଏବଂ କଟକ ସମବର୍ତ୍ତୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଏକ ଜିଲ୍ଲା ପର୍ଯ୍ୟାୟରୁ ଆରମ୍ଭ ପାଇଁ ସଂଗ୍ରାମର ରୂପ ଦାନ କରିଥିଲା, ତାହା ମଧ୍ୟ ବିଚାର୍ଯ୍ୟ । ଆଲୋଚ୍ୟ ପ୍ରବନ୍ଧ ଊନବିଂଶ ଶତକ ଓଡ଼ିଶାର ସାମାଜିକ-ଅର୍ଥନୈତିକ, ରାଜନୈତିକ ଧାରା ଉପରେ ଆଲୋକପାତ କରେ । ସମସ୍ୟା – ପୀଡ଼ିତ ଅଠର ବର୍ଷମୁଖର ଶତାବ୍ଦୀଟି କାଳକ୍ରମରେ ଓଡ଼ିଶାକୁ ନାନା ମୋଡ଼ ଦେଇ ଗୁରୁତ୍ୱ ପଥରେ ଆଗେଇ ନେଇ ତାହା ବିଚାର ପରିସରରେ ରହିଯାଉଛି ।

## ॥ ଦୁଇ ॥

ଊନବିଂଶ ଶତକର ଆଦ୍ୟଭାଗରେ ମୋଗଲ-ଅଫଗାନ ଶାସନର ପରିସମାପ୍ତି ପରେ ମରହଟ୍ଟା-ବର୍ଗୀ ଶାସନର ଅବସାନ ହେବାକୁ ବସିଥିଲା । ବଙ୍ଗଳାର ଓଡ଼ିଶା ସାମ୍ରାଜ୍ୟର ଏକ ଉପେକ୍ଷିତ ଅଙ୍ଗ, ଖୋର୍ଦ୍ଧାରେ ଭୋଇବଂଶୀ ଶାସନ, ଅନ୍ୟତ୍ର ବୃହତ୍ତ ଗଡ଼-ଗଡ଼ଜାତ ସାମନ୍ତ ରାଜ୍ୟର ଏକ କରାଳ ଦୁର୍ଦ୍ଦଶା ଘନ ଛାୟା ଦେଇ ଭୂଖଣ୍ଡରେ ସବୁ ସେପାଣ ଜର୍ଜରିତ ଥିଲା । ଅତ୍ୟାଚାର/ଉତ୍ପୀଡ଼ନ ଅକ୍ଲାନ୍ତ ମୋଗଲ ବର୍ଗୀ ଶାସନ, ବହୁ ବିଶୃଙ୍ଖଳ / ବିଶୃଙ୍ଖଳିତ ଗଡ଼ଜାତ ରାଜ୍ୟମାନ ସେତେବେଳେ ବର୍ଗୀ

ଆଗମନରେ ଅଶାନ୍ତ ହୋଇ କେବଳ ଅଭାସ୍ତ ମୂଳକ ପଥ ରହିଥିଲେ ମଧ୍ୟ ବୃହତ୍ତର ଓଡ଼ିଶାର ଗଡ଼ଜାତମାନଙ୍କର ବାସ୍ତବରେ ଆପଣା ଆପଣା ପକ୍ଷରେ ଅଧୀଶ୍ୱର ହୋଇ ରହୁଥାଉଥିଲେ । ଊନବିଂଶ ଶତକର ପ୍ରଥମ ଦଶନ୍ଧିରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀର ଜେନେରାଲ ହ୍ୱାର୍‌ଫୋର୍ଡ଼, ମୋର୍‌ଗାନ୍, ଫର୍ଗୁସନ୍ ଏବଂ ହେନ୍‌ଟ୍ରିକ୍ ପ୍ରଭୃତି ସୁବର୍ଣ୍ଣରେଖା ଠାରୁ ପୁରୀ-ଗଞ୍ଜାମ ପର୍ଯ୍ୟନ୍ତ ସାମରିକ ଅଭିଯାନରେ ଅଧିକୃତ ଓଡ଼ିଶାକୁ ଅଧିକାର କରିନେଲେ । ଊନବିଂଶ ଶତକର ଆରମ୍ଭ କାଳରେ ଏହା ଥିଲା ସମ୍ଭବତଃ ଏକ ଅବିସ୍ମରଣୀୟ ଘଟଣା ଯାହା ପରବର୍ତ୍ତୀ ଓଡ଼ିଶା ଗଠନରେ ଏକ ବିଶେଷ ଭୂମିକା ଗ୍ରହଣ କଲା ।

ଆଫଗାନ-ମୋଗଲ ମରହଟ୍ଟା ଶାସନ କାଳରେ ପୂର୍ବ ପରିଚିତ ବୃହତ୍ତ ଜନପଦ ସାମ୍ରାଜ୍ୟର ଶ୍ରେଷ୍ଠତମ ଅଂଶ, ଓଡ଼ିଶା ରାଜ୍ୟ, ନାନା ଭାବରେ ବର୍ଣ୍ଣିତ ହୋଇଥିଲା । ଏକ ପକ୍ଷରେ ବହୁ ସ୍ୱତନ୍ତ୍ର କ୍ଷୁଦ୍ର ଗଡ଼ଜାତ ରାଜ୍ୟ (ଅଟଗଡ଼ ରାଜ୍ୟର ଅଂଶ ବିଶେଷ), ଅନ୍ୟ ପକ୍ଷରେ ଗଡ଼-ଜାଗିର-ମୁଣ୍ଡିଆ କଟକକୁ ମୋଗଲ-ମରହଟ୍ଟାମାନେ ଏକ ଖଣ୍ଡିତ ଅଂଶର ପ୍ରଧାନ କେନ୍ଦ୍ର କରି ଶାସନ କରୁଥିଲେ । ଅନ୍ୟ ଏକ ଅଂଶକୁ ଭୋଇବଂଶୀ ରାଜାମାନେ ପୂର୍ବ ଗଜପତି ବଂଶଧର ହୋଇ ତାଙ୍କର ଖୋର୍ଦ୍ଧା-ଦୁର୍ଗକୁ ଶାସନର କେନ୍ଦ୍ର କରି ଶାସନ କରୁଥିଲେ । ବ୍ରିଟିଶ କମ୍ପାନୀ ତାର ଶାସନ କାଳରେ (ସମ୍ଭବତଃ ୧୮୦୪ ବର୍ଷ ପରେ) ପୁଣି ନାନା ଭାବରେ ବିଚ୍ଛିନ୍ନ ହୋଇଥିବା ଓଡ଼ିଶା ସାମ୍ରାଜ୍ୟକୁ ଗଢ଼ି ତୋଳିବାର ଉଦ୍ୟମ ଆରମ୍ଭ କରିଥିଲେ । ତାହା କିନ୍ତୁ ଥିଲା ସେମାନଙ୍କ ପ୍ରଶାସନ କ୍ଷମତା ବିସ୍ତାର ଲାଗି । ସମ୍ଭବତଃ ୧୮୦୩ ଖ୍ରୀଷ୍ଟାବ୍ଦର ରାଜନୈତିକ ଦୃଷ୍ଟିକୋଣରୁ ଖଣ୍ଡିତ ଓଡ଼ିଶା ସାମ୍ରାଜ୍ୟକୁ ଏକତ୍ରିତ କରିଥିଲେ ମଧ୍ୟ ବ୍ରିଟିଶ କମ୍ପାନୀ ଅନ୍ୟ ଏକ ମାର୍ଗରେ ଏହାକୁ ନାନା ପ୍ରକାରେ ବିଭକ୍ତ କରି ଶାସନ କଲେ । ଏହି ଶତାବ୍ଦୀର ମଧ୍ୟ ଭାଗକୁ ଓଡ଼ିଆ ଜାତିକୁ ଆଘାତ ବହିଲା । ବଙ୍ଗଳା, ମାନ୍ଦ୍ରାଜ ଏବଂ ମଧ୍ୟପ୍ରଦେଶ ଶାସନ ଅଧୀନରେ ରହିସାରି ଓଡ଼ିଶା ରାଜ୍ୟର ସ୍ଥିତି ଅଳ୍ପ ପ୍ରାୟତଃ ଥିଲା; ଏକ ସ୍ୱପ୍ନ ଥିଲା, ଏକ ଧାରଣା ଥିଲା ।

ଊନବିଂଶ ଶତାବ୍ଦୀର ଆରମ୍ଭ କାଳରୁ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ବ୍ରିଟିଶ୍ ଶାସନକୁ ଓଡ଼ିଶାବାସୀ ଭାବରେ ଗ୍ରହଣ କରିନେଇ ନଥିଲେ । ଅରାଜକତା/ ପ୍ରତିରୋଧର ସ୍ୱର ଉଗ୍ରରୂପ ଧାରଣ କରିଥିଲା ଖୋର୍ଦ୍ଧା । ବ୍ରିଟେନର ପ୍ରଧାନମନ୍ତ୍ରୀ କଥି ସ୍ୱକୃତୁଳ୍ଙ୍କ ଉଦ୍ଧୃତରେ । ଏହା ଥିଲା ପରବର୍ତ୍ତୀ ଭାରତୀୟର ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ସୂଚକ, ଏକ ସୀମିତ ଦୃଷ୍ଟିକୋଣରୁ । ପରେ ପରେ ଏହି ପ୍ରତିରୋଧ ଧାରା ମୋଡ଼ ନେଇ ଓଡ଼ିଶାର ବିଭିନ୍ନ ଅଂଶରେ ଏକ ଅଶାନ୍ତ ପରିବେଶ ଆରମ୍ଭ କରିଥିଲା । ସମଗ୍ର ଊନବିଂଶ ଶତକରେ ଓଡ଼ିଶାର ବିଭିନ୍ନ ଅଂଶରେ ବିଭିନ୍ନ ସାମାଜିକ ଶ୍ରେଣୀମାନଙ୍କର ବିଦ୍ରୋହ ବ୍ରିଟିଶ ଶାସନର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ଖୋର୍ଦ୍ଧା, ବାଣପୁର, ଘୁମୁସର, ସମ୍ବଲପୁର, କେଉଁଝର, କଳାହାଣ୍ଡି, ଗାଙ୍ଗପୁର ପ୍ରଭୃତି ଅଞ୍ଚଳରେ ବିଦ୍ରୋହ/ ପ୍ରତିବାଦର ସ୍ୱର ଶତାବ୍ଦୀର ଆଦ୍ୟକାଳରୁ ଶେଷକାଳ ପର୍ଯ୍ୟନ୍ତ ରହିଥାଇ-

ଥିଲା । ଏ ଦୃଷ୍ଟିରୁ ବ୍ରିଟିଶ ଶାସନ ପୂର୍ବର ମୋଗଲ/ବର୍ଗୀ ଶାସନ ପର ଓଡ଼ିଶାବାସୀଙ୍କୁ ବିଶେଷ ପ୍ରଭାବିତ କରିପାରିନଥିଲା । ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ପରେ ବ୍ରିଟିଶ ଶାସନର ଅସାରତା ପ୍ରାୟତଃ ସମସ୍ତେ ଉପଲବ୍ଧି କରିପାରିଥିଲେ ।

ପର୍ଣ୍ଣ ଅର୍ଦ୍ଧ-ଶତାବ୍ଦୀ (୧୮୧୭-୬୫) ମଧ୍ୟରେ କନିକା, ଅନୁଗୁଳ ଓ ସମ୍ବଲପୁରର ଶାସକ ବ୍ରିଟିଶରେ ସାମୟିକ ଭାବେ ମୁଣ୍ଡ ଟେକିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ । ମାତ୍ର ସେହି ଆନ୍ଦୋଳନରେ, ସ୍ୱାଧୀନତା ଓ ଜାତୀୟ ସାମର୍ଥ୍ୟ ପାଇକ ବିଦ୍ରୋହରେ ଶେଷ ଥର ପାଇଁ ଦେଖା ଦେଇଥିଲା ତାହା ପ୍ରାୟତଃ ଏ କାଳଖଣ୍ଡରେ ଅନ୍ତର୍ହିତ ହୋଇଗଲା । କଟକ, ବାଲେଶ୍ୱର, ମେଦିନୀପୁର ତଥା ବିଦେଶୀ ଶାସନ ପ୍ରତି ଅବିଶ୍ୱାସ ଓ ଘୃଣାଭାବ ଏ କାଳ ଖଣ୍ଡରେ ଦେଖା ଯାଇନାହିଁ । ଶାସକଙ୍କ ଚରମ ଅବହେଳା ଏ କାଳର ଜନଗଣ ଅଧିବାସୀଙ୍କୁ ଅଧିକ ବିସ୍ମୃତ କରିଦେଇଥିଲା । ସେଥିପାଇଁ ପ୍ରଥମ ଅର୍ଦ୍ଧ-ଶତାବ୍ଦୀର ଇତିହାସ ହେଉଛି ଅବହେଳିତ ଜନଗଣର ଏକ ମର୍ମନ୍ତୁଦ, ଅନ୍ତର୍ନିହିତ ଇତିହାସ । ଓଡ଼ିଆ ଜାତିର ନବଜାଗରଣ ଅଧ୍ୟାୟର ପ୍ରଥମ ଅଭିବ୍ୟକ୍ତି ପାଇକ ବିଦ୍ରୋହଠାରୁ ମୁକ୍ତ ପରେ ଶେଷ ସୀମା-ନିର୍ଦ୍ଦେଶକ ନଅଙ୍କ ଦୁର୍ଭିକ୍ଷ ମଧ୍ୟରେ ଥିବା ଅର୍ଦ୍ଧ ଶତାବ୍ଦୀ—ପ୍ରସ୍ତୁତି/ପ୍ରବର୍ତ୍ତନାର ଏକ ମୌଳିକ ପର୍ଯ୍ୟାୟ ।

## ॥ ତିନି ॥

ଏହି ଶତାବ୍ଦୀର ଅଶାନ୍ତ ରାଜନୈତିକ ପରିବେଶରେ ଅର୍ଥନୈତିକ ସ୍ଥିତି ସମ୍ପୂର୍ଣ୍ଣ ଚିନ୍ତାର ବାହାରେ । ମୋଗଲ-ଅଫଗାନ୍‌ମାନଙ୍କ ଦ୍ୱାରା ବହୁବାର ଶୋଷିତ, ମରହଟ୍ଟା-ବର୍ଗୀ ଦ୍ୱାରା ବାରମ୍ବାର ଲୁଣ୍ଠିତ, ଓଡ଼ିଶା ସାମ୍ରାଜ୍ୟର ପ୍ରଜାମାନେ/ସାମନ୍ତ ମାନେ ପୁନର୍ବାର ଏକ ନୂଆ ସାମ୍ରାଜ୍ୟବାଦୀ ଶକ୍ତିର ଶୋଷଣ-କଳରେ ନିଷ୍ପେଷିତ ହେବାକୁ ବସିଥିଲେ । ୧୮୦୩ ଖ୍ରୀଷ୍ଟାବ୍ଦ ଠାରୁ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ବ୍ରିଟିଶ ଶାସନର ସାମ୍ରାଜ୍ୟବାଦୀ ନୀତି ପ୍ରତିଷ୍ଠାରେ ନିୟୋଜିତ ହୋଇଥିଲେ ଏଥିରେ ସାମନ୍ତବାଦୀ ମୁଖା । ଦୁଇଟି ପ୍ରକାର ବୈଶିଷ୍ଟ୍ୟ ନୂଆ ରୂପ ନେଲା । ନୂଆ ରୂପରେ ନିପୀଡ଼ିତ, ଶୋଷିତ, ଦଳିତ ଓଡ଼ିଶାର ପ୍ରଜାମାନେ ତଥାପି ଅପେକ୍ଷା କରି ବସିଥିଲେ ଏକ କଲ୍ୟାଣମୟ, ସ୍ୱଚ୍ଛଳ ରାଜ୍ୟ ।

ବ୍ରିଟିଶ ଅର୍ଥନୀତି ଓଡ଼ିଶାର କୃଷକର ମାନଦଣ୍ଡକୁ କିପରି ପୋହଳାଇ ଦେଇଥିଲେ ତାହାର ଏକ ସଂକ୍ଷିପ୍ତ ବିବରଣୀ ମିଳିପାରିବ ଏବଂ ଦେୱାନ୍ କୃଷ୍ଣଚନ୍ଦ୍ରଙ୍କ ଲିଖିତ ଆବେଦନକୁ ଅନୁଧ୍ୟାନ କଲେ । ତାହାର ଇଂରାଜୀ ଅନୁବାଦରେ ବୁଝାଯାଇଛି :

From Darootheng to Chattergarh - :two extremeties of Khurdha the whole country was let out to farmers, where there were resources of Rs. 5/-, these farmers demanded payment of Rs. 15/-; salt rose from one pun to

five. Such was the deplorable state of the ryots that they were obliged to subsist on herbs and water and scarcely one amongst them had a vessel left to drink his water out of it. yet notwithstanding the extremety of wretchedness no one took any notice of their conditions.

(Orissa Records, vol. II, Translation of an oriya petition to the Government, pp. 81-83)

ବ୍ରିଟିଶ୍ କମ୍ପାନୀର ତ୍ରୁଟିପୂର୍ଣ୍ଣ ଭୂରାଜସ୍ୱ ନୀତି, ବଙ୍ଗୀୟ ଜମିଦାରମାନଙ୍କର ଓଡ଼ିଶାରେ ଜମି ଉପରେ ପ୍ରଭୁତ୍ୱ କୌଶଳ ଏବଂ ଅପହରଣ ବଳରେ ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଅର୍ଥନୈତିକ ମାନଦଣ୍ଡଟି କେବଳ ତୋହୁଲ୍ ଯାଇ ନଥିଲା, ସମ୍ପୂର୍ଣ୍ଣ ରୂପେ ଭାଙ୍ଗିବାକୁ ବସିଥିଲା । ସମଗ୍ର ଓଡ଼ିଶାର କ୍ଷୁଦ୍ର କୃଷକ ଜମିଦାର/ସାମନ୍ତପତି ପ୍ରଭୃତି ନାନା ପ୍ରକାର ଜବରଦଖଲ ଫଳରେ ନବ୍ୟ ସାମନ୍ତମାନଙ୍କର ପ୍ରଜାମାନଙ୍କ ଉପରେ ଉତ୍ପୀଡ଼ନ ପ୍ରବଳ ରୂପ ନେଇଥିଲା । ଏହାଦ୍ୱାରା ଆଦିବାସୀ ସମ୍ପ୍ରଦାୟ (କନ୍ଧ, ମୁଣ୍ଡା, ଭୂମିଜ, ଭୁଁୟା, କୁଷାଣମାନେ) ଏବଂ ଓଡ଼ିଆଙ୍କର ସାଧାରଣ ଅଧିବାସୀମାନେ ଏହି ଅର୍ଥନୈତିକ ଶୋଷଣ ବିରୁଦ୍ଧରେ ପ୍ରତିବାଦ ଏବଂ ପ୍ରତିରୋଧ କରିବାକୁ ଲାଗିଲେ । ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଯେଉଁ ଓଡ଼ିଶାରେ ବିଦ୍ରୋହ ମୁଣ୍ଡ ଟେକି ଉଠିଥିଲା, ତା'ହା ମୂଳତଃ ଅର୍ଥନୈତିକ କାରଣରୁ ହିଁ ଘଟିଥିଲା । ଓଡ଼ିଶା ଶତାବ୍ଦୀ ଧରି ଶୋଷିତ ଆଦିବାସୀ ପ୍ରଜାମାନେ ବ୍ରିଟିଶ୍ ଅର୍ଥନୀତି ଉପରେ ତୀବ୍ର ଆଘାତ ଦେଇ ଶାସନର ଅବସାନ ପାଇଁ ଉଦ୍ୟମ କଲେ । ବ୍ରିଟିଶ୍ ଶକ୍ତି ନିପାତରେ ଥିବା ଦେଶୀୟ ଲୋକଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଦୃଢ଼ ପ୍ରତିଜ୍ଞ ହେଲେ ।

ବ୍ରିଟିଶ୍ ଭୂରାଜସ୍ୱ ଅଦାୟ ନୀତି, ବଙ୍ଗୀୟ ନବ୍ୟ ଜମିଦାର ମାନଙ୍କର ଅତ୍ୟାଚାର, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଲବଣ ଉପରେ କଠୋର କଟକଣା ଯେପରି ଓଡ଼ିଶାର ଅର୍ଥନୈତିକ ପରିବେଶକୁ ଧ୍ୱଂସାତ୍ମକ କରିଥିଲା, ଦୈବୀ ଦୁର୍ବିପାକ (ବନ୍ୟା, ବାତ୍ୟା, ଦୁର୍ଭିକ୍ଷ) ମଧ୍ୟ ଏହାକୁ ଧ୍ୱଂସ କରି ଏକ ଭୟଙ୍କର ବେଶରେ ପରିଣତ କରିଦେଲା । ୧୮୦୬ ରେ ନଅଙ୍କ ଦୁର୍ଭିକ୍ଷ, ୧୮୩୬, ୧୮୩୭, ୧୮୩୮ ଏବଂ ୧୮୬୬ର ଭୟଙ୍କର ବାତ୍ୟା ଦ୍ୱାରା ଓଡ଼ିଶାର ସାଧାରଣ-ଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଲା । ୧୮୬୬ ଖ୍ରୀଷ୍ଟାବ୍ଦରେ ଯଥୋଚିତ ବର୍ଷା ନ ହେବା ଫଳରେ ସମଗ୍ର ବଙ୍ଗଳା ପ୍ରେସିଡ଼େନ୍ସିରେ ଦୁର୍ଭିକ୍ଷର ଆଶଙ୍କା ଥିଲା । ସେହି ସମୟରେ ଅଧିକ ବର୍ଷାର ଆବଶ୍ୟକତା ସମସ୍ତେ ଅନୁଭବ କରୁଥିଲେ (ଅର୍ଥାତ ସେପ୍ଟେମ୍ବର ଅକ୍ଟୋବର ସମୟରେ) ସେତେବେଳେ ବର୍ଷା ନ ହେବାରୁ ଖାଦ୍ୟ ଶସ୍ୟର ପ୍ରଚଣ୍ଡ ଅଭାବ ଘଟିଲା । ପୂର୍ବ ବର୍ଷମାନଙ୍କରେ ଖାଦ୍ୟଶସ୍ୟ ବିଦେଶକୁ ରପ୍ତାନି ହୋଇଥିବାରୁ ମଧ୍ୟ ତାହା ଭଲ ପ୍ରକାର ହେବା ଯୋଗୁଁ ସ୍ୱଳ୍ପତା ବିଦେଶ ଉପଲବ୍ଧ କରାଯାଉଥିଲା । ଏହାର ପରିଣାମରେ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେଲା । ଦ୍ରବ୍ୟର ମୂଲ୍ୟ

ବୃଦ୍ଧି ହେଲେ ମଧ୍ୟ ମଜୁରି ବୃଦ୍ଧି ନହେବା ଦ୍ୱାରା ଶ୍ରମିକ, କର୍ମଚାରୀ ମାନଙ୍କର ଅଶାନ୍ତି ବଢ଼ି ଚାଲି ଥିଲା । ଖାଦ୍ୟ ଦ୍ରବ୍ୟ ଯଥେଷ୍ଟ ନଥିବା ଯୋଗେ ଯୋଗେ ପ୍ରଚଣ୍ଡ ଦେବାର ସମସ୍ୟା (ବିଶେଷତଃ ଲବଣ ଉତ୍ପାଦକ ମାନଙ୍କ ମଧ୍ୟରେ ) ଦେଖାଦେଲା । ଯେଉଁ ମାନେ ଲବଣ ଉତ୍ପାଦନ କରୁଥିଲେ ସେମାନେ ସେଥିରୁ ବଞ୍ଚିତ ହେବାଦ୍ୱାରା କୃଷି ଆଡ଼କୁ ଚାଲିଗଲେ । ଫଳରେ ଅଧିକ ସଂଖ୍ୟକ ଶ୍ରମିକ (Surplus labour) ସୃଷ୍ଟି ହୋଇ ଉଠିଲେ । ଖାଦ୍ୟଦ୍ରବ୍ୟର ମୂଲ୍ୟ ଆହୁରି ବଢ଼ି ବଢ଼ି ଚାଲିଲା । ଲୋକ ମାନେ କଷ୍ଟରେ ଜୀବନ କାଟିଲେ । ଠିକ ସେହି ସମୟକୁ ପୂର୍ବରୁ ଥିବା ବନ୍ଦୋବସ୍ତ ଶେଷ ହୋଇ ଆସୁଥିଲା ଏବଂ ନୂଆ ବନ୍ଦୋବସ୍ତ କରିବା ଦ୍ୱାରା ଓଡ଼ିଶାର ବିଭିନ୍ନ ସାମାଜିକ ଶ୍ରେଣୀ ମହଲରେ ନାନା ଆଶଙ୍କା ଦେଖାଦେଲା । ଦୁର୍ଭିକ୍ଷ ପୂର୍ବରୁ ଲୋକ ମାନଙ୍କର ଦାରିଦ୍ର୍ୟ ସମସ୍ତ ଚରମ ସୀମାରେଖା ଟପି ଯାଇଥିଲା । ଜମିଦାର ମାନେ ଋଣଗ୍ରସ୍ତ ହୋଇ ଯାଇଥିଲେ ଏବଂ ପ୍ରଜା/ରୟତ ମାନଙ୍କ ଉପରେ ଅଧିକରୁ ଅଧିକ ଖଜଣା ଲଦି ଦେଇ ଯାଉଥିବାରୁ ସେମାନେ ବ୍ୟସ୍ତ ହୋଇଯାଉଥିଲେ । କୃଷିକାର୍ଯ୍ୟ ବ୍ୟତୀତ ବ୍ୟବସାୟ/କ୍ଷୁଦ୍ର ଶିଳ୍ପ ଇତ୍ୟାଦିର ପ୍ରାଧାନ୍ୟ ଜାତୀୟ ତେତେବେଳକୁ ଆସି ନଥିଲେ । ପୁଣି ଯାନବାହନ ଚଳାଚଳର ସାମାନ୍ୟ ସୁଯୋଗ ନଥିବାରୁ ଅନ୍ୟ ଜିଲ୍ଲା ଆସିବା ବନ୍ଦ ହୋଇଥିଲା । ସମସ୍ତ ସଞ୍ଚିତ ଧନ ଶେଷ ହୋଇ ଯାଇଥିଲା । ବାହାରୁ ଖାଦ୍ୟ ଆସିବା ମଧ୍ୟ ସମ୍ଭବ ନଥିଲା । ଏଣୁ ପ୍ରଦେଶଟି ସବୁ ଦିଗରୁ ବାହାରୁ ବିଚ୍ଛିନ୍ନ ହୋଇ ପଡ଼ିଥିଲା । ବ୍ରିଟିଶ୍ କମ୍ପାନୀ ଏ ସମସ୍ତ ଅସୁବିଧା ଉପଲବ୍ଧି ନ କରିବାରୁ ଦୁର୍ଭିକ୍ଷ ପାଇଁ ପ୍ରାୟ ସମସ୍ତ ଦାୟୀ ସରକାର ହୋଇ ଯାଇଥିଲେ ।

ଦୁର୍ଭିକ୍ଷର ପ୍ରବଳ ପ୍ରକୋପ କାଳରେ ବ୍ରିଟିଶ୍ ପ୍ରେସ୍ ଏବଂ ଭାରତୀୟ ଜନସାଧାରଣ ତାହାର କରୁଣ ଚିତ୍ରକୁ ବର୍ଣ୍ଣନା କରୁଥିଲେ । ଇଂଲିସମ୍ୟାନ (The English Man) ସମ୍ବାଦପତ୍ର (ଏପ୍ରିଲ ୨୮, ୧୮୬୬)ରେ ଏହା ନିମ୍ନମତେ ପ୍ରକାଶିତ ହୋଇଥିଲା :

There can be no doubt that the suffering, both in Orissa and in some other parts, is very great. Indeed for some months past, the aged and the feeble have been dropped off for want of proper food It is time, I think that measures were taken to collect a general fund for the relief of this general distress.

ଏହି ସମ୍ବାଦ ପତ୍ରର ସମ୍ପାଦକଙ୍କୁ ମେ ଦୁଇ ତାରିଖର ଏକ ପତ୍ରରେ ପୁଣି ପ୍ରଚାର କରାଗଲା :

The real necessity is paddy and rice and seed to sow for the next session. Send us some thousands of mounds of

good rice and sell it at proper or rather generous valuation, and all the people through out the land shall lift up their hearts in blessings upon you and your young ones ········ one single shipload, landed at False point, and conveyed through the kindness of our irrigation friends, here to the heart of the province, will comfort for some time the dried up stomachs and patched lips of thousands.

ଦୁର୍ଭିକ୍ଷ ପୂର୍ବରୁ ବ୍ରିଟିଶ୍ କମ୍ପାନୀ ଯେଉଁ ଲବଣ ଆଦାୟ ନୀତି ଗ୍ରହଣ କରିଥିଲେ ତାହା ଜନସାଧାରଣଙ୍କୁ ଆଦୌ ସୁବିଧା ଦେଇନଥିଲା । ସେଥିପାଇଁ ଦୁର୍ଭିକ୍ଷ ପରେ ସରକାରଙ୍କୁ ଏ ବାବଦରେ ଅବଶ୍ୟ ସଚେତନ ହେବାକୁ ପଡ଼ିଥିଲା । ୧୮୬୭ ଖ୍ରୀଷ୍ଟାବ୍ଦ ବେଳକୁ ପୂର୍ବର ବନ୍ଦୋବସ୍ତର ମିଆଦ ଶେଷ ହେବାକୁ ବସିଥିଲା । ଦୁର୍ଭିକ୍ଷର ଭୟଙ୍କରତା ଦେଖିବା ପରେ ପୁଣି ୩୦ ବର୍ଷ ପାଇଁ ବନ୍ଦୋବସ୍ତ ହୋଇଥିଲା । ଫଳରେ ଦୁର୍ଭିକ୍ଷ ପରେ ପରେ ପୁନର୍ବାର ବନ୍ଦୋବସ୍ତ ସମ୍ପର୍କିତ ଅସୁବିଧାରୁ କୃଷିଜୀବୀମାନେ ରକ୍ଷା ପାଇଥିଲେ । ତଥାପି ଏ କାଳରେ କର ସଂଖ୍ୟା ବୃଦ୍ଧି ହୋଇ କୃଷି ଉପରେ ଚାପ ପଡ଼ିଥିଲା । ସେହି ୩୦ ବର୍ଷ ଧାନ ସରକାର ଲୁଣ୍ଠନ ଦ୍ୱାରା ଉପରେ ସ୍ଥିର କରିଥିବା ଦେୟରୁ ଅଧିକ ବଢ଼ାଇବା ଦ୍ୱାରା ଦୁର୍ଭିକ୍ଷାକ୍ରାନ୍ତ କୃଷିଜୀବୀମାନେ ସାମାନ୍ୟ ଶାନ୍ତିରେ ବାସ କରି ପାରିଥିଲେ । କେବେ ଏହି ବନ୍ଦୋବସ୍ତ ସମ୍ପୃକ୍ତ ନିୟମ ଥିଲା ଅର୍ଥନୈତିକ ଦୃଷ୍ଟିରୁ କେବଳ ଓଡ଼ିଶା ଜମିଦାର ପ୍ରସଙ୍ଗରେ ଅଶାନ୍ତ ପରିବେଶ ଏପରିକି ଉତ୍ପାଦିତ ଅସନ୍ତୋଷ ମୂଳକ ମାନଙ୍କର ବନ୍ଦୋବସ୍ତ ଅଧି ପ୍ରଚଳିତ ହୋଇଥିଲା ।

ଊନବିଂଶ ଶତକରେ ବ୍ରିଟିଶ୍ ଅର୍ଥନୀତି ଓଡ଼ିଶାର ଜନଜୀବନରେ ସୁଖ ଆଣିପାରି ନଥିଲା । ୧୮୬୬ର ଦୁର୍ଭିକ୍ଷ, ୧୮୭୫ର ଭୟଙ୍କର ବାତ୍ୟାର ପ୍ରବଳ ପ୍ରକୋପରେ ଏହି ମାନଦଣ୍ଡ ଦୋହଲିଯିବା ଦ୍ୱାରା ଶାସନକୁ ଭୟାବହତା ଏପରିକି ଅପାରଗତା ଅନୁଭବ ସ୍ପଷ୍ଟ ହୋଇଉଠିଲା । ସମାଜ ମେରୁଦଣ୍ଡ ଦୋହଲିଯିବା ଦ୍ୱାରା କୃଷିର ଅଗ୍ରଗତି ଅସମ୍ଭବ ଥିଲା । ଦୁର୍ଭିକ୍ଷ ପରେ ରାଜା/ଜମିଦାର ମାନଙ୍କର ଦୁରବସ୍ଥା ବଢ଼ି ଚାଲିଥିଲା । କେବେ ମଧ୍ୟ ଜମିଦାରୀ ଶୋଷଣ ବନ୍ଦ ହୋଇ ନଥିଲା । ଯଦିଓ ସରକାର ଏ ବିଷୟରେ ସଚେତନ ଥିଲେ, ତଥାପି ପ୍ରଜାଙ୍କ ରକ୍ଷା କରିବା ନିମନ୍ତେ ଉପରେ ଅଧିକାର ପ୍ରତିଷ୍ଠା ହୋଇ ନଥିବାରୁ ଏ ଶୋଷଣ/ଅତ୍ୟାଚାରର ସମାପ୍ତି ଘଟିନଥିଲା ।

ବ୍ରିଟିଶ୍ ଅର୍ଥନୈତିକ ବ୍ୟବସ୍ଥା ଦ୍ୱାରା ଓଡ଼ିଶା ନାନା ସ୍ତରରେ ଅଶାନ୍ତ ହୋଇଥିବା ସତ୍ତ୍ୱେ ଦୁର୍ଭିକ୍ଷ ପରେ ଓଡ଼ିଶାରେ ଏକ ମଧ୍ୟବିତ୍ତ ବୁଦ୍ଧିଜୀବୀ ଗୋଷ୍ଠୀ ସୃଷ୍ଟି ହୋଇ ଉଠିଥିଲେ । ଶିକ୍ଷା ଓ ଗମନାଗମନର ପ୍ରସାରଣ ହେବା ସହିତ ଏହି ସମ୍ପ୍ରଦାୟର ଉନ୍ମେଷ ଏବଂ ପରବର୍ତ୍ତୀ ସାମାଜିକ ରାଜନୈତିକ ଆନ୍ଦୋଳନର ଆରମ୍ଭ କରିଥିଲା ।

# ଭୂମି

ଊନବିଂଶ ଶତାବ୍ଦୀର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ସାମାଜିକ ଜୀବନରେ ନାନା ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଇଂରେଜ ଶାସନର ପୃଷ୍ଠପଟର ହଠାତ୍ ପରିବର୍ତ୍ତନ ଏବଂ ବିବର୍ତ୍ତନରେ କେତେକ ବ୍ୟକ୍ତିଙ୍କର ଅବଦାନ ହୋଇ ଏକ ସ୍ୱତନ୍ତ୍ର ମତ ସୃଷ୍ଟି ହୋଇଯାଇଛି । ଏ ପରିବର୍ତ୍ତନ ଏଥିପାଇଁ ତାତ୍ତ୍ୱିକ ଭାବେ ଏହା ଏକ ସ୍ୱତନ୍ତ୍ର ଧାରା; ସେ ବିଷୟ ଭିନ୍ନ ପ୍ରସଙ୍ଗ ଦାବୀ କରେ । ଯେତେବେଳେ ଏ ପରିବର୍ତ୍ତନ ଥିଲେ ଅନିବାର୍ଯ୍ୟ । ପ୍ରଚଳିତ ପରମ୍ପରା, ଅନ୍ଧବିଶ୍ୱାସ, ମଧ୍ୟଯୁଗୀୟ ଧର୍ମଧାରା, ସଙ୍କୀର୍ଣ୍ଣ ଦୃଷ୍ଟିକୋଣ ଦ୍ୱାରା ଭାରତର ବିଭିନ୍ନ ଅଞ୍ଚଳର ସାମାଜିକ ଜୀବନ ସଙ୍କୁଚିତ ହୋଇ ଯାଇଥିଲା । ଓଡ଼ିଶା ସେଥିରୁ ବାଦ ପଡ଼ନ୍ତା କିପରି ? ଏହି ପରମ୍ପରାବାଦୀ ସମାଜ ହଠାତ୍ ଜାଗି ଉଠିଲା ନାହିଁ; ପରିବର୍ତ୍ତନକୁ ଧୀରେ ଧୀରେ ଗ୍ରହଣ କରିବାକୁ ଲାଗିଲା । ବ୍ରିଟିଶ୍ ଶିକ୍ଷା ବିସ୍ତାର, ବ୍ରିଟିଶ୍ କର୍ମଚାରୀମାନଙ୍କର ଶାସନ ହସ୍ତକ୍ଷେପ, ଏବଂ କଲିକତା ସାମାଜିକ ଗୋଷ୍ଠୀର ଆଦର୍ଶ, ମିଶନାରୀମାନଙ୍କର କାର୍ଯ୍ୟକଳାପ, ଓଡ଼ିଆ ପ୍ରେସ୍ ପ୍ରତିଷ୍ଠା ସମ୍ବାଦପତ୍ର ଗୁଡ଼ିକରେ ନାନା ଆଲୋଚନା, ତର୍କ, ବିତର୍କ ବ୍ୟାପକ ଥିଲା । - ସାମାଜିକ ପରିବର୍ତ୍ତନରେ ମୁଖ୍ୟ ଭୂମିକା ନେଇ ଥିଲା ।

ବ୍ରିଟିଶ୍ ଓଡ଼ିଶା ଅଧିକାର କରିବା ପରେ ପରେ ୧୮୨୨ ଖ୍ରୀଷ୍ଟାବ୍ଦରେ ବେମ୍ପଟନ୍ ଏବଂ ଜେମସ୍ ପେଗସ୍ଙ୍କ ପରିଚାଳିତ ଇଂଲିଶ୍ ମିଶନ ଲୋକମାନେ ଓଡ଼ିଶାରେ ପାଦ ଦେଲେ । ବେମ୍ପଟନ୍ କଟକରେ ପ୍ରଥମେ ଓ ପରେ ପୁରୀରେ ପ୍ରଚାରକାର୍ଯ୍ୟ ଆରମ୍ଭ କରିଥିଲେ । ଲେସି ଏବଂ ସଟନ ପରେ ପରେ ଏହି କାର୍ଯ୍ୟରେ ଯୋଗଦାନ କଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସେମାନେ ଖ୍ରୀଷ୍ଟଧର୍ମ ପ୍ରଚାରରେ ଲାଗିପଡ଼ିଥିଲେ । ମିଶନାରୀମାନଙ୍କର ପ୍ରାରମ୍ଭିକ ଉଦ୍ୟମ ନାନା କାରଣରୁ ବିଫଳ ହୋଇଥିଲେ ମଧ୍ୟ ପରେ ପରେ ଓଡ଼ିଶାର ସାମାଜିକ-ସାଂସ୍କୃତିକ ଜୀବନରେ ଏହା ଏକ ନୂତନ କ୍ଷେତ୍ର ସୃଷ୍ଟି କରିବାରେ ମୁଖ୍ୟ ହୋଇ ଉଠିଥିଲା । ୧୮୨୮ ମାର୍ଚ୍ଚ ୨୩ ତାରିଖରେ ଗଙ୍ଗାଧର ଷଡ଼ଙ୍ଗୀ ନାମରେ ଜଣେ ଓଡ଼ିଆ ବ୍ରାହ୍ମଣଙ୍କ ଖ୍ରୀଷ୍ଟିଆନ୍ ହେବା ଫଳରେ ଆମ ସାମାଜିକ ଜୀବନର ଏକ ଚମତ୍କାର ପରିସ୍ଥିତି ଆରମ୍ଭ ହୋଇଥିଲା । କ୍ରମେ ଏହି ଧର୍ମାନ୍ତର ବା ଖ୍ରୀଷ୍ଟିଆନ୍ ହେବା ଓଡ଼ିଆ ସାମାଜିକ ଜୀବନରେ ନାନା ସମସ୍ୟାର ସୃଷ୍ଟି କରିଥିଲା । ସାମାଜିକ ସମ୍ପର୍କ ଛିନ୍ନ କରିଥିଲା ଏବଂ ସମାଜରେ ଯେଉଁମାନେ ଏହାକୁ ଗ୍ରହଣ କଲେ ସେମାନେ ଅପମାନିତ ହୋଇଥିଲେ । ତଥାପି ଖ୍ରୀଷ୍ଟଧର୍ମ ପ୍ରସାରିତ ହେବାକୁ ଲାଗିଲା । ଏହି ସମୟରେ ଯେଉଁମାନେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେଲେ ସେମାନଙ୍କ ମଧ୍ୟରେ ଥିଲେ ଗଙ୍ଗାଧର, ରିଦିଦାସ, ଦମନ ଚନ୍ଦ୍ର, ରାମଚନ୍ଦ୍ର, ଶେଖ୍ ସାହୁ, ଶେଖ୍ ନାସୁନ, ବ ମହେଶ, ଦାମୋଦର ଏବଂ ଭକ୍ତାସ୍ । କିନ୍ତୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ନ ହୋଇଥିବାର ସ୍ୱତନ୍ତ୍ରରେ ଯେଉଁମାନେ ସହାନୁଭୂତି ଦେଉଥିଲେ ସେମାନେ ହେଲେ ଗୋପୀନାଥ, ବଳରାମ, ଜଗନ୍ନାଥ, ବନମାଳୀ ଏବଂ ଘନଶ୍ୟାମ । ହିନ୍ଦୁ ସମାଜର ନାନା କୁସଂସ୍କାର ପ୍ରତି ଯେଉଁମାନେ ଘୃଣା ପ୍ରକାଶ କଲେ ଓଡ଼ିଶାରେ ସେମାନଙ୍କ ମଧ୍ୟରେ ଥିଲେ ସନାତନ, ଭବାନୀ ସହାୟ ଏବଂ

ଜେଲଖାନାଲ୍ । ଗଙ୍ଗାଧର ସ୍ୱର୍ଣ୍ଣକାରଙ୍କ ନାଗରିକଙ୍କୁ ଏକ ପେଟିସନ ଦେଇ କଟକସ୍ଥ ବାଲୁକ ଧ୍ୱଂସ ପାଇଁ ପ୍ରସ୍ତୁତ ଥିଲେ । (The Calcutta Missionary Herald, vol. I, No. 6, June 1846, p-87).

ଓଡ଼ିଶାର ସାମାଜିକ ଜୀବନରେ ନାନା ପ୍ରକାରର କୁସଂସ୍କାର ସହିତ ଓଡ଼ିଶାର ଘନ ଅରଣ୍ୟରେ ବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ବିଭିନ୍ନ କୁସଂସ୍କାର ରହିଥିଲା । ନାନା କୁତ୍ସିତ ପରମ୍ପରା, କୁଳୀନ ପ୍ରଥା, ନରବଳି ପ୍ରଭୃତି ଦ୍ୱାରା ସାମାଜିକ ଜୀବନ ଅଶାନ୍ତ ହୋଇଯାଇଥିଲା । ମିଶନାରୀମାନେ ହେବାରୁ ତାଙ୍କ ଦୃଷ୍ଟି- କୋଣ ନେଇ ଏସବୁର ମୂଳୋତ୍ପାଟନ କରିବାକୁ ସରକାରଙ୍କୁ ଅନୁପ୍ରାଣିତ କରିଥିଲେ । ଊନବିଂଶ ଶତକର ଓଡ଼ିଶାରେ ଶିକ୍ଷାର ପ୍ରସାର ଦିଗରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ୧୮୩୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଓଡ଼ିଶାରେ କୋଡ଼ିଏ ମାତ୍ର ସରକାରୀ ସ୍କୁଲ ଥିଲା । କିନ୍ତୁ ମିଶନାରୀମାନେ ଓଡ଼ିଶାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସ୍ଥାପନ କରି ଶିକ୍ଷାର ପ୍ରସାର କରାଇଲେ । ୧୮୨୨ରେ ସେମାନଙ୍କ ଦ୍ୱାରା ୧୫ଟି ବିଦ୍ୟାଳୟ ସ୍ଥାପନ କରାଯାଇଥିଲା; ଯଦିଓ ଖ୍ରୀଷ୍ଟିଆନ ଧର୍ମ ପ୍ରଚାର ପାଇଁ ଏହା ମୂଳଲକ୍ଷ୍ୟ ଥିଲା । ପାଠଶାଳାମାନଙ୍କୁ ଏହା ଶିକ୍ଷା ଦେବାରେ ସହାୟକ ହୋଇଥିଲା । ମିଶନାରୀମାନେ ନାରୀ ଶିକ୍ଷା ପାଇଁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ପରେ ପରେ ବିଶେଷ ଆଦର ଲାଭ କରିଥିଲା । ୧୮୬୦ ଖ୍ରୀଷ୍ଟାବ୍ଦରୁ ଏହି ଉଦ୍ୟମର ସଫଳ- ରୂପ ଦେଖିବାକୁ ମିଳିଲା । ସେତେବେଳେ ଓଡ଼ିଆ ଇତିହାସ, ଭୂଗୋଳ ଏବଂ ବ୍ୟାକରଣକୁ ଗୁରୁତ୍ୱ ଦେଇ ପୁସ୍ତକ ରଚନାରେ ମିଶନାରୀମାନେ ସଫଳ ହୋଇଥିଲେ । ସଟନ୍ କେତୋଟି ପୁରାଣୀୟ ଗ୍ରନ୍ଥ ଏହି କାଳରେ ରଚନା କରିଥିଲେ :

୧) History of Orissa (1639)
୨) Oriya Geography (1839)
୩) Oriya Primer and Padartha Vidyasar (1845)
୪) ଓଡ଼ିଆ ଇଂରାଜୀ ଅଭିଧାନ (୧୮୩୧)
୫) ଓଡ଼ିଆ ଅଭିଧାନ (୧୮୪୧-୪୩)

E. C. B Hallan ମଧ୍ୟ ଓଡ଼ିଆ ବ୍ୟାକରଣ ଏବଂ ଅଭିଧାନ ପ୍ରସ୍ତୁତ କରିଥିଲେ । ତାଙ୍କ ଦୃଷ୍ଟିରୁ ବିଚାର କଲେ ଊନବିଂଶ ଶତକର ଓଡ଼ିଶାର ସାମାଜିକ ଜୀବନରେ ପରିବର୍ତ୍ତନ ପାଇଁ ମିଶନାରୀମାନଙ୍କର ଉଦ୍ୟମ ଉଲ୍ଲେଖନୀୟ । ଏହାକୁ ବାଦ ଦେଇ ଏ ଶତାବ୍ଦୀର ଓଡ଼ିଶାକୁ ଅନୁଧ୍ୟାନ କରିହେବ ନାହିଁ ।

ଓଡ଼ିଶାକୁ ମିଶନାରୀମାନେ ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଆସିଥିଲେ ମଧ୍ୟ ସେମାନଙ୍କର ଧାରାବାହିକ ଉଦ୍ୟମ ବଳରେ ସାମାଜିକ ଜୀବନର ନାନା କୁତ୍ସିତ ପରମ୍ପରା । ବ୍ୟାଧିକୁ ସରକାରଙ୍କ ଦୃଷ୍ଟିକୁ ଆଣିଥିଲେ । ଏହାପରେ ଓଡ଼ିଶାରେ ନାନା ସମସ୍ୟାର ସମାଧାନ ପାଇଁ ପ୍ରାଥମିକ ଉଦ୍ୟମ କରାଯାଇଥିଲା । ଧର୍ମ, ପରମ୍ପରା, ଅନାବଶ୍ୟକ ହିଂସା, ବାହ୍ୟ ଆଡ଼ମ୍ବର, ଅସ୍ପୃଶ୍ୟତା, ନରବଳି ପ୍ରଭୃତି ବିଭିନ୍ନ ବ୍ୟାଧିରେ ଏକଲାଗ

ସାମାଜିକ ଜୀବନରେ ପରିବର୍ତ୍ତନ/ପରିବର୍ତ୍ତନର ସୂତ୍ର ଆରମ୍ଭ ହେଲା । ମିଶନାରୀ ମାନଙ୍କର ଉଦ୍ୟମ ସହିତ ବ୍ରିଟିଶ ସରକାରଙ୍କର ଶିକ୍ଷାନୀତି, ଓଡ଼ିଆ ଭାଷାରେ ଛାପାଖାନା ପ୍ରତିଷ୍ଠା ଏବଂ ସମ୍ବାଦପତ୍ରର ପ୍ରଚଳନ ଦୃଷ୍ଟିକୋଣ ଏକ ବୁଦ୍ଧିଜୀବୀ ଶିକ୍ଷିତ ସମ୍ପ୍ରଦାୟର ଆବିର୍ଭାବ ପରିବର୍ତ୍ତନର ସୂତ୍ରକୁ ଦ୍ରୁତ କରିପାରିଥିଲା । ବହୁତ ଧାର୍ମିକ-ସାମାଜିକ ସଂସ୍କାର ଗୋଷ୍ଠୀ ସେତେବେଳେ ଭାରତରେ ଜନଜୀବନକୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କରୁଥିଲେ । ସେ ସବୁ ମଧ୍ୟରେ ବ୍ରାହ୍ମ ସମାଜ, ଆର୍ଯ୍ୟ ସମାଜ, ପ୍ରାର୍ଥନା ସମାଜ, ରାମକୃଷ୍ଣ ମିଶନ୍ ଏବଂ ଥିଓସଫିକାଲ ସୋସାଇଟି ଅନ୍ୟତମ । ଏମାନେ ପାରମ୍ପରିକ ସାମାଜିକ-ସାଂସ୍କୃତିକ ଜୀବନରେ ସଂସ୍କାର ଆଣିଥିଲେ । ଓଡ଼ିଶା ସେଥିରୁ ବାଦ ପଡ଼ିନଥିଲା । ୧୮୫୯ରେ ପ୍ରଥମେ କଟକରେ ମ୍ୟୁଚୁଆଲ୍ ଇମ୍ପ୍ରୁଭମେଣ୍ଟ ସୋସାଇଟି ପ୍ରତିଷ୍ଠା କରାଯାଇଥିଲା । ଏଥିରେ ଓଡ଼ିଶାର ସାମାଜିକ-ସାଂସ୍କୃତିକ ଜୀବନର ବହୁବିଧ ସମସ୍ୟାର ଆଲୋଚନା କରାଯାଉଥିଲା । କିନ୍ତୁ ୧୮୬୬-୬୭ର ଦୁର୍ଭିକ୍ଷ ପରେ ଏହାର ଅନେକ ସଭ୍ୟ ମୁଣ୍ଡେକ ଛାଡ଼ିଲେ । ବ୍ରାହ୍ମ ସମାଜ ମଧ୍ୟ ଓଡ଼ିଶାରେ ୧୮୫୦ ସୁଦ୍ଧା ପହଞ୍ଚିପାରିଥିଲା । କାରଣ ମହର୍ଷି ଦେବେନ୍ଦ୍ରନାଥ ଠାକୁର ଓଡ଼ିଶାକୁ ଆସି ଏହାର କାର୍ଯ୍ୟାବଳୀ ସ୍ଥିର କରିଥିଲେ । ଏହାକୁ କେତେକ ଲୋକ ବୁଝିପାରୁଥିଲେ । ପରେ ପରେ ଏହା ଆଦି ବ୍ରାହ୍ମ ସମାଜ ପନ୍ଥାକୁ ଅନୁସରଣ କଲାନାହିଁ । ୧୮୬୯ ଜୁଲାଇ ୧ରେ କେତେକ ନୂତନ ଉତ୍କଳ ବ୍ରାହ୍ମ ସମାଜ ପ୍ରତିଷ୍ଠା କଲେ । ୧୮୭୧ ଠାରୁ ହରନାଥ ଭଟ୍ଟାଚାର୍ଯ୍ୟ ଏହି ସମାଜର ଅଗ୍ରଗତି ପାଇଁ ଉଦ୍ୟମ କରିଥିଲେ । ମଧୁସୂଦନ ରାଓ ମଧ୍ୟ ଏଥିରେ ସକ୍ରିୟ ଭୂମିକା ନେଇଥିଲେ । କୃଷ୍ଣଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ରାମନାରାୟଣ ଦତ୍ତ, ଶିବଚନ୍ଦ୍ର ମିତ୍ର, ଜଗନ୍ନାଥ ବାନାର୍ଜୀ ମଧ୍ୟ ଏଥିରେ ପ୍ରମୁଖ ଭୂମିକା ନେଇଥିଲେ । ୧୮୬୯ରେ ସମାଜ ତରଫରୁ ଉତ୍କଳ ଶୁଭକାରୀ ଏବଂ ୧୮୭୪ରେ ଧର୍ମବୋଧିନୀ ନାମକ ଦୁଇଟି ପତ୍ରିକା ଓଡ଼ିଶାରେ ପ୍ରକାଶ ପାଉଥିଲା । ଊନବିଂଶ ଶତକର ଶେଷ ଭାଗରେ ଶ୍ୟାମମୋହନ ଆଚାର୍ଯ୍ୟ, ଯାଦବଚନ୍ଦ୍ର ଦେଓ, ବିଶ୍ୱନାଥ କର ପ୍ରମୁଖ ବ୍ରାହ୍ମ ସମାଜରେ ଯୋଗ ଦେଇ କଟକ ଓ ବାଲେଶ୍ୱରରେ ବ୍ରାହ୍ମ ଧର୍ମର ପ୍ରଚାର ଚଳାଇଥିଲେ । ପରେ ଏହାର ଅଗ୍ରଗତି ପାଇଁ ଭଗବାନ ଚନ୍ଦ୍ର ଦାସ ଏବଂ ଜଗବନ୍ଧୁ ବାନାର୍ଜୀ ବିଶେଷ ଉଦ୍ୟମ କରିଥିଲେ । ଆର୍ଯ୍ୟ ସମାଜ ମଧ୍ୟ ଓଡ଼ିଶାରେ ଆବୃତ ହୋଇଥିଲା । ଏହି କାଳରେ ତତ୍ତ୍ୱସମରେ ଶ୍ରୀ କୃଷ୍ଣ ପଣ୍ଡା ସାମାଜିକ ସଂସ୍କାର ପାଇଁ ଉଦ୍ୟମ କରିଥିଲେ ଓ ତାନ୍ତ୍ରିକ ଏବଂ ମୂର୍ତ୍ତିବାଦୀ ଦୃଷ୍ଟିକୋଣକୁ ଖଣ୍ଡନ କରିଥିଲେ । ଊନବିଂଶ ଶତକରେ ସୃଷ୍ଟି ହୋଇଥିବା ସନାତନ ସାମାଜିକ ସାଂସ୍କୃତିକ ଆନ୍ଦୋଳନର ପୁରୋଧା ଥିଲେ ମହିମା ସମ୍ପ୍ରଦାୟ । ଏହା ଉତ୍କଳୀୟ ପାରମ୍ପରିକ ଧର୍ମଧାରାର ସଂସ୍କାର ପାଇଁ ଉଦ୍ୟମ ଅବ୍ୟାହତ ରଖିଥିଲା । ଏକ ପକ୍ଷରେ ଖ୍ରୀଷ୍ଟିଆନ୍ ମିଶନାରୀ ମାନଙ୍କର ଅଯଥା ପ୍ରଭାବକୁ ରୋକିବାକୁ ଚେଷ୍ଟା ଓ ବେଦାନ୍ତରେ ନୂତନ ଧାରା ପ୍ରବାହିତ କରାଇଥିଲେ ମହିମା ସମ୍ପ୍ରଦାୟ । ୧୮୭୬ ମସିହାରେ ମହିମା ଗୋସ୍ୱାମୀଙ୍କର ଅନ୍ତର୍ଦ୍ଧାନ । ପରବର୍ତ୍ତୀ କେତେକ ଦଶକରେ ଓଡ଼ିଶାର କୋଣେ କୋଣେ ଏହି ଧର୍ମ ଧାରା ଏକ ଆନ୍ଦୋଳନାତ୍ମକ ଭାବରେ ଲାଗି ପଡ଼ିଥିଲା । ଊନବିଂଶ ଶତକର ମଧ୍ୟ ଭାଗରେ ମହିମାଜିଙ୍କ ଖ୍ରୀଷ୍ଟିଆନ ମିଶନାରୀ

ମାନଙ୍କର ; ତାଙ୍କ ଜନାପଙ୍କ ଅବସ୍ଥା ଦେଖିବା ଦରକାର ସଙ୍ଗେ ସାଙ୍ଗେ ମାନଙ୍କର ଶକ୍ତି ଓ ସମାଜ ଦେଶ ପ୍ରତି ଏକ ଉଦ୍ଦାମ ଦେଇଥିଲେ । ଏପରିକି ପାଶ୍ଚାତ୍ୟ ଶିକ୍ଷାର, ଅନାବଶ୍ୟକ ଉପୁଜୁ ନଥିଲା । ତାହା, ଧର୍ମ, ସର୍ବୋପରି ସମ୍ପର୍କରେ ଦୃଷ୍ଟିକୋଣ ତାଙ୍କୁ ଦୂରରେ ରଖି ମଧ୍ୟମ ଧର୍ମ ସମ୍ଭବ ହୋଇଥିବା ପାଇଁ ସମ୍ପର୍କୀ ହେଲା । ଏହି ଜାତି- କର୍ତ୍ତବ୍ୟ ଭାରତୀୟ ସମାଜରେ ଏହା ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଓଡ଼ିଶାରେ ମଧ୍ୟ ଦେଖା ଯାଇଥିଲା ।

ଏହା ଦ୍ୱାରା ଓଡ଼ିଶାରେ ସାମାଜିକ ସଂସ୍କୃତି ପରିବର୍ତ୍ତନ ଆସିବାରେ ଯେଉଁ ଅନୁଷ୍ଠାନ ଗୁଡ଼ିକ ଗଢ଼ି ଉଠିଥିଲେ, ସେଥିରେ ଥିଲା :

୧- କଟକ କ୍ରିକେଟ କ୍ଲବ (୧୮୬୪)
୨- କଟକ ଡିବେଟିଙ୍ଗ ସଭା (୧୮୬୯)
୩- କଟକ ୟଙ୍ଗମେନ୍ସ ଆସୋସିଏସନ୍ (୧୮୬୯)
୪- ଧର୍ମ ସୋସାଇଟି (୧୮୭୦)
୫- ବାଲେଶ୍ୱର ଉତ୍କଳ ଶୁଭକାରିଣୀ ସଭା (୧୮୭୨)
୬- ଉତ୍କଳ ଭାଷା ଉଦ୍ଦୀପନୀ ସଭା (୧୮୬୭)
୭- କଟକ ପେଟ୍ରିଅଟିକ ସଭା (୧୮୭୮)
୮- ବାଲେଶ୍ୱର ଜାତୀୟ ସଭା (୧୮୭୯)
୯- ଓଡ଼ିଶା ପିପୁଲସ ଆସୋସିଏସନ୍ (୧୮୭୯)
୧୦- ବାଲେଶ୍ୱର ନେସନାଲ ସୋସାଇଟି (୧୮୭୮)
୧୧- ମାଦପ ସେବକ ହିତକାରିଣୀ ସଭା (୧୮୭୯)
୧୨- ଉତ୍କଳ ସଭା (୧୮୮୨)
୧୩- ଓଡ଼ିଶା ପିପୁଲସ ଆସୋସିଏସନ୍ (୧୮୮୨)
୧୪- ଅର୍ଣ୍ଣି ଜଳ ପ୍ରୋଟେକ୍ସନ ଏବଂ ପ୍ରୋଟେକ୍ସନ୍ ସଭା (୧୮୮୪)
୧୫- ଓଡ଼ିଶା ପ୍ରାଇଭେଟ ଆସୋସିଏସନ୍ (୧୮୮୮)
୧୬- ଓଡ଼ିଶା ଖ୍ରୀଷ୍ଟିଆନ ଆସୋସିଏସନ୍ (୧୮୯୭)
୧୭- ଉତ୍କଳ ହିତୈଷିଣୀ ସଭା ।

ଭାରତବର୍ଷ ଶାସନରେ ସାମାଜିକ-ରାଜନୈତିକ, ଅର୍ଥନୈତିକ, ଧର୍ମ ସମ୍ବନ୍ଧୀୟ ପରିବର୍ତ୍ତନ ଦେଖା ମାନଙ୍କ ଶିକ୍ଷିତ ଲୋକମାନଙ୍କ ପାଇଁ ଅବସ୍ଥାକୁ ଦେଖି ପର୍ଯ୍ୟାଲୋଚନା କରି ଉଦ୍ଦାମ ଦେଖାଉଥିଲେ । ଏଠାରେ ଏହି ସଭା ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଏହିସମୟରେ ଭାରତବର୍ଷ ଜାତୀୟ ସର୍ବପ୍ରଥମ ସମ୍ମୁଖ ପକ୍ଷ ଥିଲା ବୃଟିଶ ; ପରେ ଏହାର ପ୍ରଭାବ ଥିଲେ ସାଧୁ ସ୍ୱଭାବ ଦାସ ମାନଙ୍କର ମଧ୍ୟ ଥିଲା କୌଣସିର ଭୂଷଣ ମଠ । ୧୮୭୨ ଖ୍ରୀଷ୍ଟାବ୍ଦ ସ୍ଥାନରୁ ଏହି ସଭା ମାନଙ୍କରେ ଲୋକମାନଙ୍କ ପ୍ରକାଶ କରାଯାଉଥିଲା । ୧୮୩୮ ମସିହା ଲୋକଙ୍କୁ ଏହି ଦଳ ସୋସା-

ଶାସିଥିଲା । ସେବେଳେ ସେଠାରେ ବଙ୍ଗଦେଶୀ ପଦପ୍ରଭାବରେ ଶିକ୍ଷିତ ପ୍ରଭାବ ବାଙ୍ଗଲାରେ ବାଙ୍ଗାଳୀ ଲୋକ ପ୍ରଭୃତି ଶିକ୍ଷା ବ୍ୟାପକ ଭିତ୍ତି, ଧର୍ମ, ମେଳା ଓ ସ୍ରଷ୍ଟା ସମ୍ବନ୍ଧ ଉପରେ ପ୍ରକାଶିତ ହେଉଥିଲା । ଏହିସବୁ ଦେଖି ଓଡ଼ିଶାରେ ଜାତୀୟ ଭାବ ଜାଗ୍ରତ ହେବାରେ ପ୍ରଥମ ଉତ୍କଳ ପତ୍ରିକା ଉତ୍କଳ ଦୀପିକା ଉତ୍ତେଜନାର ପ୍ରସାର ଏବଂ ପ୍ରକାଶ ହେଲା । ଓଡ଼ିଶାର ପ୍ରଥମ ପତ୍ରିକା ୧୮୬୬ ମସିହା ଠାରୁ ଆରମ୍ଭ ହୋଇ ପତ୍ରିକା ପ୍ରକାଶନ ବହୁଳ ଭାବରେ ବୃଦ୍ଧି ପାଇଲା । ଏହାପରେ ପ୍ରକାଶିତ ପତ୍ରିକାମାନଙ୍କ ମଧ୍ୟରୁ ଉଲ୍ଲେଖଯୋଗ୍ୟ ପତ୍ରିକା ଗୁଡ଼ିକ ହେଲେ –

1) ଏଡୁକେସନ ଗେଜେଟ (ବାଲେଶ୍ୱର) ୧୮୭୮
2) ଉତ୍କଳ ସମାଲୋଚନା ପତ୍ରିକା (୧୮୭୯)
3) ବାଲେଶ୍ୱର ସମ୍ବାଦ ବାହିକା (୧୮୬୮)
4) ଉତ୍କଳ ହିତୈଷିଣୀ (୧୮୬୯),
5) ଉତ୍କଳ ଦର୍ପଣ (୧୮୭୩)
6) ଉତ୍କଳ ପୁତ୍ର (୧୮୭୩)
7) ଭକ୍ତି ପ୍ରଦାୟିନୀ (୧୮୭୩)
8) ସ୍ୱଦେଶୀ (୧୮୭୩)
9) ଶିକ୍ଷକ ଓ ଧର୍ମବୋଧିନୀ (୧୮୭୩)
10) ପୁରୁଷୋତ୍ତମ ଚନ୍ଦ୍ରିକା (୧୮୭୮)
11) ପୁରୁଷୋତ୍ତମ ଦୀପିକା (୧୮୮୦)
12) ପୁରୁଷୋତ୍ତମ ପତ୍ରିକା (୧୮୮୨)
13) ଶିକ୍ଷାବନ୍ଧୁ (ବାଲେଶ୍ୱର) (୧୮୮୨)
14) ସେବକ (କଟକ) ୧୮୮୩
15) ସଂସ୍କାରକ (କଟକ) ୧୮୮୩
16) ଭାରତୀ (ବାଲେଶ୍ୱର) ୧୮୮୫
17) ସ୍ୱଦେଶୀ (ବ୍ରହ୍ମପୁର) ୧୮୭୬
18) ବାର୍ତ୍ତାବହ (ବ୍ରହ୍ମପୁର) ୧୮୭୭
19) ଉତ୍କଳ ମଧୁପ (କଟକ) ୧୮୭୮
20) ଓଡ଼ିଆ ପେଟ୍ରିଅଟ (କଟକ) ୧୮୭୯
21) ମୟୂରଭଞ୍ଜ (ବାରିପଦା) ୧୮୭୯
22) ଦେଶବନ୍ଧୁ (କଟକ) ୧୮୮୦
23) ଧର୍ମଦୂତ (ବାଲେଶ୍ୱର) ୧୮୮୩
24) ଶିକ୍ଷାବନ୍ଧୁ (କଟକ) ୧୮୮୫
25) ସଂସାରଦର୍ପଣ (ବାରିପଦା) ୧୮୮୬
26) ନବସମ୍ବାଦ (କଟକ) ୧୮୮୭

୨୭) ଓଡ଼ିଶା ଷ୍ଟାଣ୍ଡାର୍ଡ (କେନ୍ଦ୍ରାପଡ଼ା) ୧୮୮୭
୨୮) ଜଗନ୍ନାଥ ପତ୍ରିକା ୧୮୮୭
୨୯) ସାମ୍ୟବାଦୀ (କଟକ) ୧୮୮୮
୩୦) ଓଡ଼ିଆ ହେରାଲ୍ଡ (କଟକ) ୧୮୮୮
୩୧) ଆଶା (କଟକ) ୧୮୮୮
୩୨) ସ୍ୱାସ୍ଥ୍ୟ ସନ୍ଦୀପନୀ (କଟକ) ୧୮୮୯
୩୩) ଦୀପକ (କଟକ) ୧୮୮୯
୩୪) ସମ୍ବଲପୁର ହିତୈଷିଣୀ (ବାମଣ୍ଡା) ୧୮୮୯
୩୫) ଉତ୍କଳ ପ୍ରଭା (ମୟୂରଭଞ୍ଜ) ୧୮୯୧
୩୬) ଇନ୍ଦ୍ରଧନୁ (କଟକ) ୧୮୯୩
୩୭) ବିଜୁଳି (ବାମଣ୍ଡା) ୧୮୯୩
୩୮) ବ୍ରାହ୍ମ (କଟକ) ୧୮୯୨
୩୯) ଉତ୍କଳ ଦର୍ପଣ (କଟକ) ୧୮୯୪
୪୦) ଉତ୍କଳ ବନ୍ଧୁ (କାଳବେଳା) ୧୮୯୬
୪୧) ପ୍ରଜ୍ଞା ଭାସ୍କ (କଟକ) ୧୮୯୬
୪୨) ଗଞ୍ଜାମ ନ୍ୟୁଜ୍ (ବ୍ରହ୍ମପୁର) ୧୮୯୬
୪୩) ଗଞ୍ଜାମ ଓଡ଼ିଆ ହିତବାଦିନୀ (ବ୍ରହ୍ମପୁର) ୧୮୯୯
୪୪) ଉତ୍କଳ ସାହିତ୍ୟ (କଟକ) ୧୮୯୭

ଏହିପରି ସଂଖ୍ୟାଧିକ ପତ୍ରପତ୍ରିକା ଊନବିଂଶ ଶତକର ଓଡ଼ିଶାକୁ ନାନା ଦିଗରୁ ଉଦ୍‌ଜୀବିତ କରିବାକୁ ଉଦ୍ୟମ କରିଥିଲେ । ଦୁର୍ଭିକ୍ଷ-ପୀଡ଼ିତ ଓଡ଼ିଶାକୁ ବିଦେଶୀ ଶାସନ ଶତ ଶତାବ୍ଦୀ ଧରି ଅବହେଳିତ ଜନସାଧାରଣଙ୍କୁ ଆଶା, ଭରସା ଏବଂ ଜିବାର ପ୍ରେରଣା ଯୋଗାଇଥିଲେ ପତ୍ରପତ୍ରିକା ।

## ॥ ବାସ୍ତୁ ॥

ଓଡ଼ିଶାରେ ଊନବିଂଶ ଶତକର ବୈଶିଷ୍ଟ୍ୟ କାଠଖୋଦିତ ଦେଉଳର ଉନ୍ମେଷ । ଅଷ୍ଟ-ଦଶମ ଶତକ ମଧ୍ୟରେ ଦୃଢ଼ ରୂପ ନେଇ ଠିଆ ହୋଇଥିବା ଓଡ଼ିଶା ସ୍ଥାପତ୍ୟ ୧୫୬୮ ଖ୍ରୀଷ୍ଟାବ୍ଦ ପରେ ତାହା ପତନ ହୋଇଯାଇଥିଲା । ଏହାପରେ ବିଭିନ୍ନ କାରଣରୁ ୨୫୦ ବର୍ଷ କାଳ ଏ ଧାରଣାକୁ ପୃଷ୍ଠପୋଷଣ କରିବାକୁ କାହା ମନରେ ଆଗ୍ରହ ନଥିଲା । ଫଳରେ ଅନୁଷ୍ଠିତ ହୋଇଥିବା ସୁନ୍ଦର ଓଡ଼ିଆ ସ୍ଥାପତ୍ୟ—ଚିତ୍ରାରେ, ଲୋକଚାଳିକ ପରମ୍ପରାରେ ଏବଂ ଖୋଦିତ ଦେଉଳରେ । କିନ୍ତୁ ଊନବିଂଶ ଶତକ କାଳରେ ଏହି ଚିତ୍ରଧାରାର ପୁନରୁଦ୍ଧାର ଏ ଶତାବ୍ଦୀର ଏକ ଉଲ୍ଲେଖଯୋଗ୍ୟ ଘଟଣା ବୋଲି ଏ ଲେଖକ ଚିନ୍ତା କରେ । ଊନବିଂଶ ଶତାବ୍ଦୀର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତିନୋଟି ପରସ୍ପର ବିରୋଧୀ ଚିନ୍ତାଧାରା ଓଡ଼ିଶାରେ ଦେଖିବାକୁ ମିଳିଥିଲା ।

୧) ଏକ ପକ୍ଷରେ ଓଡ଼ିଶାକୁ ଭାଷା ଦୃଷ୍ଟିରୁ, ଶାସନ ଦୃଷ୍ଟିରୁ, ଭୂଗୋଳ ଦୃଷ୍ଟିରୁ

ଇତ୍ୟାଦି ଓ/ ବାଲୁଜ ଏପରିକି ସଂଖ୍ୟା ଭଳିବାର ଅବ୍ୟାହତ ଉଦ୍ୟମ ହୋଇଥିଲା ।

୨) ଅନ୍ୟ ପକ୍ଷରେ ଜାତୀୟତାବାଦର ଉନ୍ମେଷ କାଳରେ ଭାଷା ଦୃଷ୍ଟିରୁ, ଜାତିଗତ ଦୃଷ୍ଟିରୁ, ଭୌଗୋଳିକ ଦୃଷ୍ଟିରୁ, ପରମ୍ପରା ଦୃଷ୍ଟିରୁ ଏହାକୁ ଏକତ୍ରିତ କରି ଅଖଣ୍ଡ ଓଡ଼ିଶା ରାଜ୍ୟ ଗଠନ ପାଇଁ ଅବ୍ୟାହତ ଉଦ୍ୟମ ଆରମ୍ଭ ହୋଇଥିଲା ।

ଭୌଗୋଳିକ ଓ ପ୍ରଶାସନ ଦୃଷ୍ଟିରୁ ଊନବିଂଶ ଶତକରେ ଓଡ଼ିଶା ରାଜ୍ୟର ସ୍ଥିତିକୁ ସ୍ୱୀକାର କରିବାକୁ କୁଣ୍ଠିତ ହେବାକୁ ପଡ଼େ । ବ୍ରିଟିଶମାନେ ୧୮୦୩ରେ ଓଡ଼ିଶା ଅଧିକାର ପରେ ଓଡ଼ିଶାର ବିଭିନ୍ନ ଅଂଶକୁ ଓଡ଼ିଶା ପ୍ରଦେଶ ଭଳି ଶାସନ କରୁଥିଲେ । ପ୍ରଶାସନ ଦୃଷ୍ଟିରୁ ବର୍ତ୍ତମାନ ଓଡ଼ିଶା ରାଜ୍ୟ ମଧ୍ୟରେ କୌଣସି ଐକ୍ୟ ଭାଷା ଦୃଷ୍ଟିରୁ ରହିଥିଲା । କିନ୍ତୁ ଊନବିଂଶ ଶତକରେ ଓଡ଼ିଶାର ଶିକ୍ଷାନୁଷ୍ଠାନ ଗୁଡ଼ିକରୁ ଓଡ଼ିଆ ଭାଷାକୁ ଉଚ୍ଛେଦ କରି ତା ପରିବର୍ତ୍ତେ ବଙ୍ଗଳା ଭାଷା କେତେକ ଅଞ୍ଚଳର ଶିକ୍ଷାନୁଷ୍ଠାନ ମାନଙ୍କରେ ପ୍ରଚଳନ ପାଇଁ ପ୍ରଶାସନ ଓ ଶିକ୍ଷା କର୍ତ୍ତୃପକ୍ଷ ବିଭିନ୍ନ ସମୟରେ ପ୍ରସ୍ତାବମାନ ଦେଇଥିଲେ । ୧୮୬୮ ଠାରୁ ୧୮୭୦ ମଧ୍ୟରେ ଏ ଦିଗରେ ଅଧିକତର ଉଦ୍ୟମ ହୋଇଥିଲା । ବାସ୍ତବରେ ଏହି ପର୍ଯ୍ୟାୟ ଓଡ଼ିଆ ଭାଷା ଇତିହାସର ଏକ ସଙ୍କଟମୟ କାଳ ବୋଲି ଚିହ୍ନା ଯାଇପାରେ । କେବଳ ବଙ୍ଗଳା ଭାଷା ନୁହେଁ, ହିନ୍ଦୀ ଓ ତେଲୁଗୁ ଭାଷା ମଧ୍ୟ ଓଡ଼ିଶାର କେତେକ ଅଞ୍ଚଳର ଶିକ୍ଷାନୁଷ୍ଠାନରେ ପ୍ରଚଳନ ପାଇଁ ଉଦ୍ୟମ କରାଯାଇ ପାରିଥିଲା । ଓଡ଼ିଆ ଭାଷା ପ୍ରଚଳନକୁ କେନ୍ଦ୍ର କରି ଊନବିଂଶ ଶତକରେ ସେହି ଭାଷା ବିବାଦ ମୂଳରେ ରହିଥିଲା । ଓଡ଼ିଆ ଜାତୀୟତାବାଦ ଇତିହାସର ଏକ ଅବିସ୍ମରଣୀୟ ଅଧ୍ୟାୟ । ଗୋଟିଏ ପକ୍ଷରେ ଓଡ଼ିଆ ଭାଷା ଉଚ୍ଛେଦ, ଅନ୍ୟପକ୍ଷରେ ଓଡ଼ିଆ ଭାଷା ସୁରକ୍ଷା ପାଇଁ ସେହି ଆନ୍ଦୋଳନ ହୋଇଥିଲା, ତାହାହିଁ ପରବର୍ତ୍ତୀ କାଳରେ ଓଡ଼ିଶା ରାଜ୍ୟ ଗଠନର ଏକ ପୃଷ୍ଠଭୂମି ସ୍ୱରୂପ କାର୍ଯ୍ୟ କରିଥିଲା । ୧୮୬୮ ଆରମ୍ଭରୁ ୧୮୭୦ର ମଧ୍ୟଭାଗ ପର୍ଯ୍ୟନ୍ତ ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାର ସ୍ଥିତିକୁ ସୁରକ୍ଷିତ, ପ୍ରସାରିତ ଓ ଦୃଢ଼ୀଭୂତ କରିବା ପାଇଁ ହୋଇଥିବା ସମସ୍ତ ଉଦ୍ୟମକୁ ଏକ ସମୟର ସ୍ମରଣୀୟ ପ୍ରାବନ୍ଧିକ [illegible] ଅନେକତଃ ମାନଙ୍କରେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ନାମରେ ନାମିତ କରାଯାଏ । ୧୮୬୮ରୁ ଆରମ୍ଭ କରି ୧୮୭୦ର ମଧ୍ୟ କାଳରେ ଓଡ଼ିଶାର ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାର ବହାଲ ବା ପ୍ରଚଳନ ସମ୍ପର୍କିତ ଉଦ୍ୟମ ଓଡ଼ିଆ ଜାତୀୟତାବାଦ ଆନ୍ଦୋଳନ ଇତିହାସର ମୂଳ ଅଙ୍ଗ ବୋଲି ଗ୍ରହଣ କରାଯାଇପାରେ ।

କେବଳ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ ଊନବିଂଶ ଶତକ ଓଡ଼ିଶାରେ ଏକ ବିଚ୍ଛିନ୍ନ ଘଟଣା ହୋଇ ରହିନଥିଲା । ଏହି ସମୟରେ ଓଡ଼ିଶା ରାଜ୍ୟକୁ ସ୍ୱତନ୍ତ୍ର କରି ଗଢ଼ିବାର ସ୍ୱପ୍ନ ଏବଂ ଜାତୀୟ ଅନ୍ୟତମ ଘଟଣା ଥିଲା । ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ମୂଳରୁ ଏହାର ସୂତ୍ରପାତ ହୋଇଥିଲେ ମଧ୍ୟ ଓଡ଼ିଆ ଭାଷା ସୁରକ୍ଷା ପରେହିଁ ଏହା ଏକ ଅଖଣ୍ଡ ଯୋଜନାର ରୂପ ନେଇଥିଲା ।

ସ୍ୱତନ୍ତ୍ର ଓଡ଼ିଆ ରାଜ୍ୟ ଗଠନର ପ୍ରାରମ୍ଭିକ ପର୍ଯ୍ୟାୟ ଥିଲା ଛିନ୍ନାଂଶ ଯୋଡ଼ିବାର ଚେଷ୍ଟା । ଭାରତ ପାଇଁ ଥିବା ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଷ୍ଟାଫୋର୍ଡ ନର୍ଥକୋଟ୍ ପ୍ରଥମେ ୧୮୬୭ ଜୁଲାଇ ୨୫ରେ ଗଭର୍ଣ୍ଣର ଜେନେରାଲ ଜନ ଲାରେନ୍ସଙ୍କୁ ଦେଇଥିବା ଏକ ପତ୍ରରେ ବଙ୍ଗଳା ପ୍ରଦେଶକୁ ପ୍ରଶାସନ ଦୃଷ୍ଟିରୁ ବିଭକ୍ତ କରିବା ଉଚିତ ବୋଲି ଜଣାଇଥିଲେ । ଏହି ସମୟ ମଧ୍ୟ ସେପ୍ଟେମ୍ବରର ଅନ୍ୟ ଏକ ପତ୍ରରେ ଲେଖିଥିଲେ । ଜନ ଲରେନ୍ସ କିନ୍ତୁ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ । ଅବଶ୍ୟ ନର୍ଥକୋଟଙ୍କ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାରେ ଶର୍ତ୍ତକୁ ଶତ୍ରୁ ଲାଗିଥିଲା । ଜନାଲ ପ୍ରିଭି (୧୩ ମାର୍ଚ୍ଚ ୧୮୭୪) ରେ ଓଡ଼ିଆ ସ୍ୱାର୍ଥ ସମର୍ଥୀ ଜଣେ ଦ୍ୱାରା ସେହି ଖଣ୍ଡ ଏ ଜାତି ପ୍ରତି ଅଭିଯୋଗ ଦୃଷ୍ଟି ଦେଇ ମତ ପ୍ରକାଶ କରିଥିଲେ । ଏହି ପରି ଭାବେ ମଧ୍ୟ ୧୮୭୦ (ଅକ୍ଟୋବର ୨୨) ରେ ଓଡ଼ିଶା ସ୍ୱାର୍ଥର ଖଣ୍ଡ ଖଣ୍ଡ ଅଂଶକୁ ଏକତ୍ରୀକରଣ କରିବା ପାଇଁ କଟକ ବାସୀ ମାନଙ୍କର ସ୍ୱାକ୍ଷରଯୁକ୍ତ ହୋଇଥିବା ଏକ ଦରଖାସ୍ତ ନିବେଦନକୁ ପ୍ରକାଶ କରିଥିଲେ । ଏଣୁ ଓଡ଼ିଶା ପ୍ରଦେଶ ଗଠନର ଆଦ୍ୟ ପର୍ଯ୍ୟାୟ ଏହି ଯୋଡ଼ିବାର ମଧ୍ୟ ସୂତ୍ର ଆରମ୍ଭ ହୋଇଥିଲା ।

ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନର ଏହି ଆଦ୍ୟ ପର୍ଯ୍ୟାୟରେ ଯେତେବେଳେ ଓଡ଼ିଆ ଭାଷାକୁ ଓଡ଼ିଶାର ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳନ ଏବଂ ଏହାର ସୁରକ୍ଷା ପାଇଁ ଅବ୍ୟାହତ ସଂଗ୍ରାମ ଚାଲିଥିଲା ସେତେବେଳେ ଓଡ଼ିଶା ରାଜ୍ୟ ଗଠନର ସ୍ୱପ୍ନ ଅଙ୍କୁରିତ ହୋଇସାରିଥିଲା । ଛିନ୍ନାଂଶ ଗଣିତ ଓଡ଼ିଶାର ସ୍ୱପ୍ନ, ଭାଷା, ମାନ, ଅଭିମାନ, ଗର୍ବ ଧର୍ମକୁ ଯେଉଁ ବୁଦ୍ଧିଜୀବୀ ଦାବି ଉପସ୍ଥାପନ କରିଥିଲେ ସେଥିରୁ ପ୍ରଥମେ ସେମାନେ ହେଲେ ଗୌରୀଶଙ୍କର ରାୟ ଏବଂ ମଧୁସୂଦନ ଦାସ । କର୍ମବୀର ଗୌରୀଶଙ୍କରଙ୍କର କାର୍ଯ୍ୟ ନେତୃତ୍ୱ ଭୂମିକା ପରେ ସ୍ୱତନ୍ତ୍ର ଭାବରେ ପରିଲକ୍ଷିତ ହୋଇଥିବା ବେଳେ ମଧୁସୂଦନ ଶତାବ୍ଦୀର ଶେଷ ଦଶକ ଦ୍ୱିତୀୟରେ ଉତ୍କଳ ସମ୍ମିଳନୀରୂପେ ମୁଣ୍ଡଟେକି ଉଠିଥିଲେ । ଛିନ୍ନାଂଶ ଯୋଡ଼ିବାର ଓଡ଼ିଶା ଇତିହାସ ସହିତ ପ୍ରସଙ୍ଗ ଅବତାରଣାରେ ଏହି ଭୂମିକାର ବରପୁତ୍ରଙ୍କର ଜୀବନ ଓ କାର୍ଯ୍ୟାବଳୀ ଜଡ଼ିତ ।

## ❋ ତଥ୍ୟ ସୂତ୍ର ❋

୧) ସାମନ୍ତରାୟ, ନଟବର, ଓଡ଼ିଆ ସାହିତ୍ୟର ଇତିହାସ, ଭୁବନେଶ୍ୱର ୧୯୮୩ ।
୨) ପଟ୍ଟନାୟକ, ସୁଧାକର, ସମ୍ବାଦ ପତ୍ରରୁ ଓଡ଼ିଶାର କଥା, ଗ୍ରନ୍ଥମନ୍ଦିର, କଟକ, ୧୯୭୨ ।
୩) ଜେନା, କୃଷ୍ଣଚନ୍ଦ୍ର, Land Revenue Administration in Orissa, S. Chand & Co, Delhi. 1968
୪) ପାତ୍ର କିଶୋରୀ ମୋହନ, Orissa under the East India Company, Munshiram Manoharlal, Delhi, 1971.

୫) ପାତ୍ର କିଶୋରୀ ମୋହନ ଏବଂ ଦେବୀ ବିଚିତ୍ରା, An Advanced History of Orissa, Modern period, Kalyani Publishers, New Delhi, 1983.

୬) ପଟ୍ଟନାୟକ, ନିହାରରଞ୍ଜନ; The Famine and Some Aspects of the British Economic Policy in Orissa, 1866—1905, Vidyapuri, Cuttack, 1980.

୭) ମହାନ୍ତି, ସୁରେନ୍ଦ୍ର; ଲୋଗାଣୀର ଭୂମି, ଗ୍ରନ୍ଥ ମନ୍ଦିର, କଟକ, ୧୯୭୭ ।

୮) ମିଶ୍ର, ଉମାକାନ୍ତ କୁମାର, "Political Unrest in Orissa in the 19th Century", Punthi Pustak, Calcutta, 1983.

୯) ମହାନ୍ତି, ନିବେଦିତା, Oriya Nationalism : Quest for a United Orissa, Manohar, New Delhi, 1982.

୧୦) ଏସ୍‌ମାନ, ଏ. କୁଲ୍‌କେ ହରମାନ୍ ଏବଂ ତ୍ରିପାଠୀ, ଗୟାଚରଣ (ସମ୍ପାଦିତ) The Cult of Jagannath and the Regional Tradition of Orissa, 1978, Manohar Publishers, New Delhi.

୧୧) ଦାସ, ଶିବେନ୍ଦ୍ର ନାଥ

କ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ : ଏକ ସିଂହାବଲୋକନ, ଝଙ୍କାର, ନଭେମ୍ବର, ଡିସେମ୍ବର, ୧୯୮୮ ।

ଖ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ : ଏକ ପୃଷ୍ଠଭୂମି, ସମାଜ-୨୨, ନଭେମ୍ବର ୧୯୮୭—ଜୁନ ୮୮ ।

ଗ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ : ପୁନର୍ସିଂହାବଲୋକନ, ଝଙ୍କାର, ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର, ଡିସେମ୍ବର, ଜାନୁଆରୀ, ଫେବୃଆରୀ, ମାର୍ଚ୍ଚ, ମେ, ୧୯୮୯-୯୦ ।

୧୨) ବେହେରା, କୃଷ୍ଣ ଶାସନ ଏବଂ ମିଶ୍ର, ବି.ବି. "Devastating Cyclone in Balasore district in 1874". Orissa Historical Research Journal, vol. XXX IV, No. 3 and 4.

୧୩) ପଟ୍ଟନାୟକ, ନିହାର ରଞ୍ଜନ; Studies in superstitious beliefs, Myths, Magic witchcrafts, sorcery and sacrifice of the 19th century Orissa, OHRJ, vol. XXX III, No. 3 and 4.

୧୪) ନୂଆଜ, ପାଣ୍ଡବ, "The Christian Missionary activities in Orissa and their impact on 19th century", OHRJ, vol. XXXIV. No. 1 and 2.

୧୫) ଗ୍ୟାଲ୍ପ, ଶମ୍ଭୁ ଦାସ, "Educational uplift of women in the 19th century Orissa". The Journal of Orissan History, Orissa History Congress, June 1988.

୧୬) ପଟ୍ଟନାୟକ, ଜଗନ୍ନାଥ ପ୍ରସାଦ, i) Missionaries and its social impact on 19th century Orissa". OHRJ. vol XXXV, No. 1 and 2.

(ii) "Growth of education and its social impact on 19th century Orissa". The Journal of Orissan History, June 1989.

ଅଧ୍ୟାପକ, ଇତିହାସ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର - ୪

# ॥ ଗଳ୍ପ ନୁହେଁ ସମାଲୋଚନା ॥

● ଡକ୍ଟର ନଟବର ସାମନ୍ତରାୟ

୧୮୬୯ ସାଲ ଅଗଷ୍ଟ ମାସ ୪ ତାରିଖ ବୁଧବାର— ଓଡ଼ିଆ ଜାତି ପକ୍ଷରେ ଏକ ପବିତ୍ର ସ୍ମରଣୀୟ ଦିବସ । କଟକର ଏକ୍‌ଟିଂ ଜଏଣ୍ଟ ମାଜିଷ୍ଟ୍ରେଟ୍ ଟି.ଏମ୍. କର୍ଣ୍ଣୱ ସାହେବଙ୍କ ଘରକବାଟ ଆଗ ଲୋକାରଣ୍ୟ । ଏକ ସଙ୍ଗୀନ ମକଦମା । ସ୍ଥିର ହେବରେ ଉଦ୍‌ବେଳିତ ଜନତା ଗୁହାଁ ରହିଛି ମାଜିଷ୍ଟ୍ରେଟ୍ ସାହେବଙ୍କ ଶେଷ ଆଦେଶକୁ । ମକଦମା ହେଲେ ଜଟିଳ ହେବା କିମ୍ବା ଉତ୍ତାପ ନାଇବା ତ ସାଧାରଣ କଥା । କିନ୍ତୁ ଏଥର ବ୍ୟାପାରଟା ଏକ ଅସାଧାରଣ । କାରଣ ଏଇ ମକଦମାରେ ଗୋଟିଏ ଜାତିର ମାନମହତ୍ତ୍ୱ ହେଉଛି ସମ୍ପୃକ୍ତ ତଥା ମୀମାଂସିତ ।

କଟକ କଲେଜ ଶ୍ରେଣୀର ଅସ୍ଥାୟୀ ଅଧ୍ୟାପକ ରାଜକୃଷ୍ଣ ମୁଖୋପାଧ୍ୟାୟ ଏମ୍.ଏ., ବି.ଏଲ୍., ମହାଶୟ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଉପାଧି ଲାଭ କରି ଏକ ବର୍ଷ ଜାନୁଆରୀ ମାସରେ ଅସ୍ଥାୟୀ ଭାବେ ଅଧ୍ୟାପନା କରିବା ପାଇଁ ଆସିଥିଲେ କଟକ । ସେହି ସମୟରେ ତାଙ୍କ ନାମରେ ହୋଇଥିବା ଏକ ଅପମାନ ସୂଚକ ଲେଖା ଉତ୍କଳଦୀପିକାରେ ପ୍ରକାଶ ପାଇଥାଏ । ଫେବୃଆରୀ ଅଙ୍କର ୫୦୧ ପୃଷ୍ଠାରେ ଅଧ୍ୟାପକ ମହାଶୟ ଦୀପିକା ସମ୍ପାଦକ ଗୌରୀଶଙ୍କର ରାୟଙ୍କ ବିରୁଦ୍ଧରେ ମକଦମା ଦାୟର କରିଥାନ୍ତି । ଏକ ପକ୍ଷରେ ଗୌରୀଶଙ୍କର,— ଓଡ଼ିଆ ଜାତିର ସାର୍ବଭୌମ ପ୍ରତିନିଧି; ଅପରପକ୍ଷରେ ଅଧ୍ୟାପକ ମୁଖୋପାଧ୍ୟାୟ,— ଓଡ଼ିଆ-ବିଦ୍ୱେଷୀ ବଙ୍ଗାଳୀମାନଙ୍କର ଶିରୋଭୂଷଣ । କର୍ଣ୍ଣୱ ସାହେବ ଦୀପିକା ଲେଖାର ଦୋଷ ଦୁର୍ବଳତା ଅନ୍ତରରୁ ଅନୁଭବ କରୁଥାନ୍ତି । ନ୍ୟାୟ ଓ ବିଚାରର ସୁନିଶ୍ଚିତତା ପାଇଁ ସେ ଏତେଦିନ ବିଚାର ଅଧିକାର ନେଇ ବସିଛନ୍ତି । ଏ ଆସନର ମହତ୍ତ୍ୱ ପ୍ରତିଷ୍ଠା ସେ କରିବେ କିପରି ? ତାଙ୍କ କଲମ ଏଣୁ ରହିଛି । ଆଜି ସିଏ ତାଙ୍କ ମୀମାଂସା କରିବାକୁ ପଡ଼ିବ । ଲୋକେ ଗୁହାଁରି ରହିଛନ୍ତି ତାଙ୍କର ଶେଷ ଆଦେଶକୁ । କଟକର ଉତ୍କଳସମାଜ ଦୃଷ୍ଟିକୁ ସେ କପଟି ସମର୍ପଣ କରି ପାରିବେ ନାହିଁ ।

କର୍ଣ୍ଣୱ ସାହେବଙ୍କ ମନରେ ଏ ଦ୍ୱନ୍ଦ୍ୱ କାହିଁକି ? ଜନମତରେ ହେଉଛି ଶିକ୍ଷିତ ସେ ବା କ ଜାଣିଛନ୍ତି ? ତାଙ୍କ ଶିଷ୍ୟ'ର ଅସଲ ବିଷୟ ହେଉଛି ଏ ମକଦମାର ଅଭିଯୋଗ ପ୍ରକୃତ । ଏହା ବାସ୍ତବିକ୍ କି ନୁହେଁ । ତାଙ୍କ ବିଚାର ଉପରେ ନିର୍ଭର କରେ ଗୋଟିଏ ଜାତିର ସ୍ୱତ୍ୱ । ତାଙ୍କ ଜୀବନରେ ସେ ହେଉଛି ଏତେବଡ଼ ବିକଟ ଓ ଜଟିଳ ସମସ୍ୟାର ସମ୍ମୁଖୀନ ହୋଇ ନଥିଲେ ।

ଏ ଘଟଣାର ଠିକ୍ ୧୨ ଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ମାସ ୨୬ ତାରିଖରେ ଦୀପିକା ସ୍ତମ୍ଭରେ ନିମ୍ନଲିଖିତ କବିତାଟି ଅଗ୍ର ପ୍ରକାଶ କରିଥିଲା ।

''ଭାରତବର୍ଷ
ଉତ୍କଳ ଅକ୍ଷର ।
ଉତ୍କଳ ହୋଇବ ବୋଲିଣ ଏତେକ ଯତ୍ନ ବୃଥା ଯୁଦ୍ଧ କାର । ପର
କଙ୍କାଳ ଭଙ୍ଗାଳ ବାଣ୍ଡିବା ପ୍ରଣାଳି ବାନ୍ଧି ଅଛି ଏ ଦେଶର,
ଦେଖିଲେ କି ଦୋଷ ହୋଇଲେକି ଦେଖ ଜାଣ ମନାଶକ୍ତି ମୋର ।
ଦର୍ଶନେ ଭୂଗୋଳ ତତ୍ତ୍ୱ ସୂର୍ଯ୍ୟ ଗୋଲ ଶଶଦେନ ଅକ୍ଷରଭର,
ଅନୁମାନ ମୋର ହୃଦ୍ଧ ନଶିବାର ଗୋଲ ସକଳ ସୁନ୍ଦର ।
ଗୋଲକଣ୍ଠ ନାସ୍ତି ହୋଏ ମନୋହାରୀ ଶୋଭା ସବୁ ଗୋଲାକାର,
ଅନୁସାର ଏହୁ ହେଲା ଗୋଲ ମୁଣ୍ଡି ଗୋଲ କରନ୍ତି ଭୁତ୍କାର ।
ଜେତେ ମଣି ଜଳ ସୁନ୍ଦର ଫୁଲ ଗଣ୍ଡ ଦୁଇ ରୂପ ମୋହର,
ଏ ବସ୍ତୁ ମାନଙ୍କ ସହିତ ଦେଖିବାକୁ ସତ କହିବ କି ତା'ର ।
ଯେଣୁ ଏ ପ୍ରସ୍ତାବ ଉଠେଇଛି ଭୂତ ମିଳିକଲ ଦେଖ ବୁଝାଅ,
ଇଥିର ମୋହନ ବନ୍ଧୁ କି ଜାଣିବ ଏ ବଲ୍ଲନା ବାହୁଳର ।''

ଏହି କବିତା ମାସର ପ୍ରଥମ ସପ୍ତାହରେ 'କଟକ ଷ୍ଟାର୍' ନାମକ ଗୋଟିଏ ଇଂରାଜୀ କାଗଜରେ ବାବୁ ଉମାଚରଣ ହାଲଦାର ଓଡ଼ିଆ ଭାଷାକୁ ବଙ୍ଗଳା ଅକ୍ଷରରେ ଲେଖିବା ପାଇଁ ଗୋଟିଏ ପ୍ରସ୍ତାବ ଦେଇଥିଲେ, ସେହି ଅବାନ୍ତରିକ ପ୍ରସ୍ତାବକୁ ନେଇ ଏହି ଓଡ଼ିଆ ଅକ୍ଷର ମୁଖରେ ଉପରୋକ୍ତ ସାରକଥାର କବିତାଟି ପ୍ରକାଶ ପାଇଥିଲା । ସେହି ମାସ ୧୯ ତାରିଖରେ କଟକ ଷ୍ଟାର୍‌ରେ ହାଲଦାର ମହାଶୟଙ୍କ ଉକ୍ତ ପ୍ରସ୍ତାବକୁ ଯେଉଁ ଯୁକ୍ତିର ସମର୍ଥନ ଦର୍ଶାଇଥିଲା ତା'ର ନେତୃତ୍ୱ ନେଇଥିଲେ ଆଉଜଣେ ଅଧ୍ୟାପକ ମୁଖୋପାଧ୍ୟାୟ । ମୁଖୋପାଧ୍ୟାୟ ମହାଶୟଙ୍କ ଉକ୍ତ ବ୍ୟବହାରକୁ ଲକ୍ଷ୍ୟ କରି 'ସମିତି' ସେଇ ଲେଖାଟି ପ୍ରକାଶ କରିଥିଲେ, ବର୍ତ୍ତ ସାହେବଙ୍କ କଥାରେ ତାହାହିଁ ଥିଲା ପ୍ରଧାନ ଉପାଦାନ ।

ଏଣ୍ଡ୍ରାକିମନ୍ତ ବର୍ତ୍ତ ସାହେବ ପାଖରେ ବସିଥିବା ଓଡ଼ିଆ ପଣ୍ଡିତଙ୍କୁ ପ୍ରଶ୍ନ କଲେ, ''ମୁଖୋପାଧ୍ୟାୟ ମହାଶୟଙ୍କ ଓଡ଼ିଆ ଭାଷା କହିଲେ ମୁଁ ତା' ବୁଝିଲି । କିନ୍ତୁ ଲେଖାଟି ଉପରୁ 'ମେଷ' ଶବ୍ଦଟି ଅଛି କେମିତି ?'' ପଣ୍ଡିତେ ଉତ୍ତର ଦେଲେ, ''ଅସମ ଶୁଣ୍ଡି ବାବୁ ମହାଶୟ ବିଶ୍ୱବିଦ୍ୟାଳୟର ଉଚ୍ଚତମ ଶିକ୍ଷା ଲାଭ କରିଅଛନ୍ତି; ତାଙ୍କୁ ଇଂରାଜୀ ଭାଷାରେ କେହିଁଠି କହନ୍ତି 'ଏମେ' । ଏ ଉପାଧିରେ 'ଷ' ଥିଲେ ତାଙ୍କୁ ହୋଇଥାନ୍ତା 'ଏ ମେଷ' ।''

''ଅଚ୍ଛା, କହନ୍ତୁ ଇଚ୍ଛା କଥାଟା ମିଛ କି କହୁ ଏମିତି କଟାକଟି ଯୋଡ଼ାଯୋଡ଼ି କରି କହିବା କ'ଣ ଏ ଦେଶ ଲୋକଙ୍କର ପ୍ରକୃତି ?'' ପଣ୍ଡିତେ ହସିକରି କହିଲେ, ''ଏହା ଏ ଦେଶର ଲୋକଙ୍କର କେବଳ ବୈଶିଷ୍ଟ୍ୟ ନୁହେଁ, ଏହା ବିଶେଷ ଭାଷାର ବୈଶିଷ୍ଟ୍ୟ । କେତେକ ଏପରି କଟାକଟି ଯୋଡ଼ାଯୋଡ଼ି ବ୍ୟାପାରଟା ଏ ଦେଶ ଭାଷା ସାହିତ୍ୟର ଏକ ଅମର କାର୍ଯ୍ୟପନ୍ଥା ।'' ବର୍ତ୍ତ ସାହେବ ବହୁପ୍ରଶଂସିତ ହୋଇ କହି ଉଠିଲେ,

“ଓ୍ୱାଲଟରଙ୍କ କ'ଣ ଯୋଗ୍ୟତା ଅଛି ? ଯାହାର ସମ୍ପାଦିତ ପୁସ୍ତକ ନୁହେଁ କୋଣ ରଡ଼ ? ୩୦ ବର୍ଷ ଧରି ସରକାରୀ କାଗଜପତ୍ରରେ ଲେଖା ହୋଇ ଆସୁଛି, ତାଙ୍କ ବୃତ୍ତି ଗୋଟିଏ ଯୋଗ୍ୟତା ଅଛି କେମିତି ?” ଏତେ ବଡ଼ ଅପମାନଟାକୁ ହଜମ କରିବା ସ୍ୱଦେଶପ୍ରେମୀ ପଣ୍ଡିତଙ୍କ ପକ୍ଷରେ ଏକାନ୍ତ ଅସମ୍ଭବ । ଏ ଅପମାନ କାହା ତଥା ଦେଶର ଅପମାନ । କିନ୍ତୁ ପଣ୍ଡିତଙ୍କ ବର୍ତ୍ତମାନ ଅବସ୍ଥାର ଦାସ । ମାକଫର୍ସନ୍ ସାହେବଙ୍କ ସମ୍ମୁଖରେ ଅପ୍ରକୃତିସ୍ଥ ହେବା ଅବାଞ୍ଛନୀୟ । ଅନ୍ତରର କ୍ରୋଧ ଦମନ କରି ଧୀର କଣ୍ଠରେ ପଣ୍ଡିତଙ୍କ କହିବାକୁ ଲାଗିଲେ, “ମାଫ୍ କରିବେ ମାକଫର୍ସନ୍ ସାହେବ ! ସରକାରୀ କାଗଜଟା ଠିକ୍ ଥିଲେ ସରକାରୀ କର୍ମଚାରୀମାନଙ୍କ ଠାକିଟା ଅନ୍ଧରେ ମୂର୍ଖ ଅଛି । ଲୋକଙ୍କ ଅନ୍ତରର ସୂକ୍ଷ୍ମ ଚିନ୍ତା ଦେଖିବା ଏମାନଙ୍କର କର୍ମମନ୍ତ୍ର କଥନର ଲକ୍ଷ୍ୟ ନୁହେଁ !” “ପଣ୍ଡିତ ମହାଶୟ, ମୋତେ ଉତ୍ତର ଦେବା ଭଲ ଅଟେ ନାହିଁ ବୋଲି ଆପଣଙ୍କର ସାହାଯ୍ୟ ନେଉଥିଲି । ସେଇ ସୁବିଧା ନେଇ ସରକାରଙ୍କୁ ସମାଲୋଚନା କରିବା ଆପଣଙ୍କ ପକ୍ଷରେ ସମୀଚୀନ ନୁହେଁ ।” “ମୋର ଦୋଷ ମାଫ କରିବେ ବୋଲି ମୁଁ ଆପଣଙ୍କୁ ଅନୁରୋଧ କରୁଥାଇଛି । ମୋର ଅବସ୍ଥା ଓ କରଣୀୟ ବୁଦ୍ଧି ମୁଁ ଭଲ ଭାବରେ ଜାଣେ । ଏ ମୋର ଔଦ୍ଧତ୍ୟ ନୁହେଁ, ଅନ୍ତରର ବାଣୀ ମାତ୍ର । ମୁଁ ସରକାରଙ୍କୁ ସମାଲୋଚନା କରୁନାହିଁ, କରୁଛି ସରକାରୀ କଳରେ ଥିବା କର୍ମଚାରୀ ବୃନ୍ଦଙ୍କୁ, ଯେଉଁମାନେ ଏତେ ବଡ଼ ଜାତିର ଅନ୍ତର କଥା ଏ ପର୍ଯ୍ୟନ୍ତ ବି ଜାଣି ପାରି ନାହାନ୍ତି ।”

ଅପ୍ରବୁଦ୍ଧ ଜନତା ଭିତରେ ଦେଖାଦିଏ ଏକ ମୃଦୁ ମନ୍ଦ ଗୁଞ୍ଜରଣ । ଜଜ୍ ସାହେବ ପଣ୍ଡିତଙ୍କ ଠାରୁ ଜନତା ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ । ଗୋଟିଏ ପାଖରେ ଦେଖିଲେ ହର୍ଷୋତ୍ଫୁଲ୍ଲ ଜନତାର ଆନନ୍ଦ କଳରବ, ଏମାନେ କିନ୍ତୁ ପକ୍ଷପାତୀ ଅମ ଅପର ପାର୍ଶ୍ୱରେ ଏକ ବର୍ଗ ଜନତାର କାଳିମାମୟ ମୁଖଛବି । ସମସ୍ତଙ୍କର ଆଖି ଲାଗି ରହିଛି ସାହେବଙ୍କଠି ।

“କର୍ମଚାରୀମାନେ ଭୁଲ କଲେ କେଉଁଠି ଓ କେମିତି ?” ଦୃଢ଼ ସ୍ୱରରେ ସାହେବ କହିଥାଇ ଉତ୍ତର ଅପେକ୍ଷାରେ ବସି ରହିଲେ । ଅତି ବିନମ୍ର ସ୍ୱରରେ ପଣ୍ଡିତଙ୍କ କହିବାକୁ ଲାଗିଲେ, “ଭୁଲ ଦେଖାଇବା ମୋର ଉଦ୍ଦେଶ୍ୟ ନୁହେଁ, କର୍ତ୍ତବ୍ୟ ମଧ୍ୟ ନୁହେଁ । ଏ ଭୁଲ୍ ଏମାନେ ଦିନେ ନା ଦିନେ ବୁଝି ପାରିବେ । ମାତ୍ର ବ୍ରିଟିଶ ସାମ୍ରାଜ୍ୟ ଏ ଦେଶର ଜନତା ଭୁଲକାରେ ଅତି କଷ୍ଟେ । ଜନତାର ଜନକ ସ୍ରୋତ ଭିତର ଏମାନେ କୌଣସି ଯୋଗସୂତ୍ର ସ୍ଥାପନ କରି ନାହାନ୍ତି । କର୍ମାକ ଓଡ଼ିଆର ଏ ଦେଶକୁ ଜମିଦାରିଆଧୀନ କଲ୍ୟାଣଠାରୁ କୌଣସି ଉତ୍ତମ ଚିହ୍ନ ନାହିଁ ଏ ଦେଶ ଲୋକଙ୍କ ଭାଷା ଅଧ୍ୟୟନ କରିବାକୁ ଇଚ୍ଛା କରିଛନ୍ତି କି ?” ହଠାତ୍ ସାହେବ କହି ଉଠିଲେ, “ଜାମସ ଗାନ୍ଧି ଅଙ୍କ ପାରୁନାହିଁ ?” “ନାମ ଦିଏ ଅଛନ୍ତି, କିନ୍ତୁ ସେ ଭାଷାକୁ ଉପେକ୍ଷା କରିବାର କ୍ଷମତା ଦେଶରେ ଆପଣ ଅଣି ଦେଇଛନ୍ତି !” କହୁକହୁ ହେଲେ ସାହେବ କହିଲେ, “ତା' କେମିତି ?” ହସି ଉଠିଲ, “ଏ ଜଣେ ନା କୌଣସି

ବାକ୍ୟକୁ ନେଇ ଭଲ ଠିଆ ହୋଇନାହିଁ । ଗୋଟିଏ ଜାତିର ମାନ ମହତ୍ତ୍ୱ ଏହାରି ଉପରେ ନିର୍ଭର କରୁଛି । ଗୌରୀଶଙ୍କର-ରାମକୃଷ୍ଣ କଥା ତା'ର ଉପଲକ୍ଷ ମାତ୍ର ।" ମୁଖ ପଣ୍ଡ'ର ଭଳ ସାହେବ କହି ଉଠିଲେ, "ମନଦମାନ ଶାସ୍ତ୍ରର ଭାର ମୋ ଉପରେ; ଏ ବିଷୟରେ ଅଧିକ ଅଲୋଚନା କରିବା ଆପଣଙ୍କ ପକ୍ଷରେ ସମୀଚୀନ ନୁହେଁ, ଶୋଭନୀୟ ନୁହେଁ ମଧ୍ୟ । ତେବେ ଏ ବିଷୟରେ ମୋର ଗୋଟିଏ ସନ୍ଦେହ ଅଛି । ଯଦିଓ ଲେଖାରେ ଏ ଦେଶର କଥାଟି ଯୋଡ଼ାଯୋଡ଼ି ବିଷୟଟା ଅଛି ତା' ଓଡ଼ିଆ ସାହିତ୍ୟରେ ଅଛି ବୋଲି ଆପଣ କହୁଛନ୍ତି । ଗୋଟିଏ ଉଦାହରଣ ଦେଇ ବୁଝାଇ ଦେବେ କି ?"

ପଣ୍ଡିତଙ୍କ ମନରେ ଅପୂର୍ବ ଆନନ୍ଦ ଖେଳିଗଲା । ହର୍ଷ ଗଦଗଦରେ ଗାଇ ଉଠିଲେ ଚନ୍ଦ୍ରଶେଖର ସ୍ତବରେ, "ଅହୋ ସରସ ଭାଲ ଦୋଳି ଭଜନ୍ତୁ । ଅଶୀତ ପବନଲକ୍ଷୁ ତରଣମସ୍ତୁ ।" ଏହାର ଭାବକୁ ସେ କର୍ଣ୍ଣ ଭାଲର ଅର୍ଥ ବାହାର କଲେ । ଏ ଶ୍ଳୋକର ପାଦର ପ୍ରଥମ ଅକ୍ଷରମାନ ଅର୍ଥାତ 'ଅ' ଓ 'ଅ' ବାଦ ଦେଇ ଯାହା ରହିଲା ତାକୁ ବୋଲିଲେ ଭାଙ୍ଗି ଭାବେ ଯୋଗ ସ୍ୱରରେ । ସେଥିରୁ ସେ ବାହାର କଲେ ଶୀତ କାଳର ଅର୍ଥ । ତା' ପରେ ସେହି ପାଦମାନଙ୍କରୁ ଆଉ ଗୋଟିଏ ଗୋଟିଏ ଅକ୍ଷର ଅର୍ଥାତ 'ସ' ଓ 'ଶୀ' ବାଦ ଦେଇ ଯାହା ରହିଲା ତାକୁ ସେ ବୋଲିଲେ ମାଳବଗଉଡ଼ ସ୍ୱରରେ ଓ ସେଥିରୁ ବାହାର କଲେ ଗ୍ରୀଷ୍ମ କାଳର ଅର୍ଥ ।

ଶ୍ରୋତୃ ସମୁଦାୟ ଚକିତରେ ବୁଦ୍ଧି ରହିଗଲା କର୍ଣ୍ଣେଲ ସାହେବ । ସେ ଲଣ୍ଡବାକୁ ଲାଗିଲେ, "ଏ ଅକ୍ଷର ଭିତରେ ପୁଣି ଏତେ ଚମତ୍କାର !!! ଗୋଟିଏ ପଦର ଗୋଟିଏ ରାଗିଣୀ ଓ ଗୋଟିଏ ଅର୍ଥ । ସେଥିରୁ ଅକ୍ଷରଟିଏ କାଟିଦେଲେ ଅନ୍ୟ ଏକ ରାଗିଣୀ ଓ ଅନ୍ୟ ଏକ ଅର୍ଥ । ପୁଣି ଗୋଟିଏ ଅକ୍ଷର କାଟିଦେଲେ ଆଉ ଏକ ଭିନ୍ନ ରାଗିଣୀ ଓ ଭିନ୍ନ ଅର୍ଥ । ସେ ଋତୁଟିଏ ଅର୍ଥ ପୁଣି ଋତୁଟିଏ ରାଗକୁ ହିଁ ବୁଝାଉଛି । ସାହିତ୍ୟର ଶବ୍ଦବିନ୍ୟାସ କୌଶଳ ଓ ଛନ୍ଦକୁ ନ ଦେଲେ ଲେଖାରେ ଏମିତ ବୈଚିତ୍ର୍ୟ ଶବ୍ଦ ଚାତୁରୀ ଏକାନ୍ତ ଅସମ୍ଭବ ।" କୌତୂହଳପୂର୍ଣ୍ଣ କଣ୍ଠସ୍ୱରରେ ପ୍ରଶ୍ନ କଲେ, "ଓଡ଼ିଆରେ ଏମିତ ଶବ୍ଦବିନ୍ୟାସ କୌଶଳ କେତେ ଅଛି ?" ଭକ୍ତି-ବିନମ୍ର-ସ୍ୱରରେ ପଣ୍ଡିତଜୀ କହିଉଠିଲେ, 'ଏ କୌଶଳ ଗୋଟିଏ ପ୍ରକାରର ନୁହେଁ, ତାହା ବହୁ ପ୍ରକାର ଓ ତା'ର ପରିମାଣ ମଧ୍ୟ ପ୍ରଚୁର !" କୌତୂହଳ ସହକାରେ ସାହେବ ପଚାରିଲେ, "ତେବେ ଇଂରେଜ କର୍ମଚାରୀ ମାନଙ୍କର କପଣ ଧାରଣା ହେଲା ଯେ ଓଡ଼ିଆରେ ସାହିତ୍ୟ ନାହିଁ ଓ ତାହା ବଙ୍ଗଳାର ଅପଭ୍ରଂଶ ମାତ୍ର ।" ମନରେ ଦମ୍ଭ ଧରି ପଣ୍ଡିତଜୀ କହିଲେ, "ସେଇଟା ଓଡ଼ିଆ ଜାତିର ଦୁର୍ଭାଗ୍ୟ । ଏ ଜାତିର ସ୍ୱାତନ୍ତ୍ର୍ୟ ନଷ୍ଟ କରିବା ପାଇଁ ଆସିଛନ୍ତି ଅଣଓଡ଼ିଆଏ, ସେମାନଙ୍କ ଭିତରୁ ଅଧିକାଂଶ ଓଡ଼ିଆ ଜାଣନ୍ତି ନାହିଁ । ଏମାନେ, କଣ, ଏ ଜାତି ଉପରେ ସେଇ ଧାରଣା ଦେଇଗଲେ, ତାହାହିଁ ହେଲା ଆନ୍ତ୍ର ଓ ବେଦନାଦାୟକ ସତ୍ୟ । ଗୋଟିଏ ଅର୍ଥରେ ଓଡ଼ିଆ ସାହିତ୍ୟ ନାହିଁ ବୋଲି ମୁଁ ସ୍ୱୀକାର କରୁଛି । ସେ ସାହିତ୍ୟ ହେଉଛି ଆଧୁନିକ ସାହିତ୍ୟ । ଆଧୁନିକ ଜଗତରେ ବଙ୍ଗଳାରେ ଏପରି ସାହିତ୍ୟ ବିକାଶ ଲାଭ କରି

ସାହସିନୀ । ଓଡ଼ିଆଙ୍କର ତା'ର ଜନ୍ମସ୍ଥାନ ଏ ପରିସ୍ଥିତି ହୋଇନାହିଁ । କିନ୍ତୁ ଓଡ଼ିଆରେ ଯେଉଁ ସାହିତ୍ୟ ଅଛି, ଦୁଃଖର ସାହିତ୍ୟ ବଙ୍ଗଳା ନାହିଁକି ଅନ୍ୟାନ୍ୟ ଭାରତୀୟ ସାହିତ୍ୟରେ ଅଛି କି ନା ସନ୍ଦେହ । ଏ ସାହିତ୍ୟର ଅନେକ ଅଂଶ କେବଳ ଗ୍ରାମ ମାନଙ୍କରେ ଅଛି । ତାଳପତ୍ର ପୋଥିରେ ସେ ସବୁ ଲିପିବଦ୍ଧ । ଅଯତ୍ନରେ ପରିବର୍ତ୍ତିତ ଏବେ ଜନକ ଅଶ୍ରୁଗୁଳି ମଧ୍ୟ ପରିବର୍ତ୍ତିତ ହୋଇଯାଉଛି । ଛାପାଖାନା-ଯୁଗରେ ଅଳ୍ପ କେତେ କାଗଜ-ପୁସ୍ତକରେ ଲିପିବଦ୍ଧ ହୋଇ ପଡ଼ୁଛି । ଏହାର ଫଳାଫଳ କେତେକ ସହର । ଯୋଗ୍ୟମାନଙ୍କ ଓଡ଼ିଆ ସାହିତ୍ୟ ସହର ଠାରୁ ବହୁ ଦୂରରେ ରହିଯାଉଛି । ସହରବାସୀ ତାଙ୍କୁ ଦେଖିଥିଲେ ହିଁ ନା ଜାଣନ୍ତେ । ଯାହା ତା' ଆଖିରେ ନ ପଡ଼ିଲା ତା' କଥା ସେ ଜାଣିବ କିପରି ? ସହରବାସୀ ଅର୍ଦ୍ଧ-ଓଡ଼ିଆ ଶିକ୍ଷିତ କର୍ମଚାରୀମାନେ ଜନସାଧାରଣ ଠାରୁ ଦୂରରେ ରହିଯାଉଥିବାରୁ ଓଡ଼ିଆ ଭାଷା ଓ ତା'ର ସାହିତ୍ୟ ନ ଥିବା ସିଦ୍ଧାନ୍ତ କରନ୍ତି । ଓଡ଼ିଆ ଜାତିର ପରମ ଦୁର୍ଭାଗ୍ୟ ବ୍ୟତୀତ ଆଉ କ'ଣ ହୋଇପାରେ ?"

ଭଟ୍ଟ ସାହେବଙ୍କ ମୁଣ୍ଡ ଘୂରିଗଲା । ଦୋଛିଏ ହାତରେ ମାଥା ଧରି, ଅଧିକ ଭାବରେ ପରିଷ୍କାର ବକ୍ତୃତା ଶୁଣି । ମୁଖରୁ ଝାଳ ବୋହୁଥିଲା ସେ । କହିବାକୁ ଆରମ୍ଭ କଲେ, "ଏ ଜାତି କ'ଣ ଥିଲା, କ'ଣ ବା ଆଜି ହୋଇଛି ? ପଣ୍ଡିତମାନଙ୍କର ଉପେକ୍ଷା ହିଁ ଏ ଦୁର୍ଗତି ପାଇଁ ଦାୟୀ । ବ୍ରିଟିଶ ଶାସନର ୭୦ ବର୍ଷ ଭିତରେ ସେ ଅଧୋଗତି ଅନେକ ଅଧିକ ବଢ଼ିଯାଇଛି । କହିବାକୁ ଶୁଣିଲେ ଅଛି ଓଡ଼ିଆ ଭାଷା; କିନ୍ତୁ ସେ ଭାଷା ବୁଝନ୍ତି କେତେଜଣ ? ଏମାନଙ୍କର ପ୍ରତିନିଧିତ୍ୱ କରିବାକୁ କେହି ଜଣେ ସମର୍ଥ ହେଉ ନାହାନ୍ତି । ସ୍କୁଲରେ ଏମାନଙ୍କର ତ ସ୍ଥାନ ନାହିଁ; କାରଣ ଆଧୁନିକ ଶିକ୍ଷାରେ ଏମାନେ ଶିକ୍ଷିତ ନୁହନ୍ତି । ତେବେ ଏଇଟା କ'ଣ ଓଡ଼ିଆଙ୍କର କେବଳ ଭୁଲ ? ନାମକୁ ମାତ୍ର ଏଟି ହାଇସ୍କୁଲ, ବର୍ଷେ କେବଳ ଜଣେ ଦୁଇ ଏମ୍. ଏ. ଶ୍ରେଣୀ । ଏତ ଶିକ୍ଷିତ ଲୋକେ ଆସିବେ କେଉଁଠୁ ? ତେଣୁ ଏଇ ଦୁର୍ଯୋଗ ସୁଯୋଗରେ ଫାଇଦା ଉଠାଉଛନ୍ତି ଏ ଦେଶର ଅଣଓଡ଼ିଆ କର୍ମଚାରୀବୃନ୍ଦ ।" ଭଟ୍ଟ ସାହେବଙ୍କ ଧ୍ୟାନମଗ୍ନ ଚାହାଣିର ଧାରା କେଉଁଆଡ଼େ ଯାଇଁ ଶବ୍ଦରେ ହଠାତ୍ ହୋଇ ପଡ଼ିଲା । ତନ୍ଦ୍ରା ଭାଙ୍ଗିଟି ବନ୍ଦ ହୋଇଗଲା । ଘଣ୍ଟି ଶବ୍ଦ ବାଜିଲେ ନ ଶୁଣି ସେତେ । ତନ୍ଦ୍ରା ଭାଙ୍ଗି ଅନ୍ୟ ଭାବରେ ରହି ଗଲେ । କହି ବସିଲେ "ଏକ୍ସକ୍ୟୁଜ ମି, ମୁଁ ଅଧ୍ୟକ୍ଷ । ମୋ ହାତରେ ଥିବା କାଗଜ ପତ୍ର ହିଁ ମୋ ବକ୍ତବ୍ୟର ଉପାଦାନ । ସେଥିରୁ ବାହାରକୁ ଯିବା ମୋ ପକ୍ଷରେ ଅସମ୍ଭବ ।" ଅଧ୍ୟକ୍ଷଙ୍କ କଥାରେ ଗୌରୀଶଙ୍କର [illegible] ଚିନ୍ତାନିମଗ୍ନ ହୋଇ [illegible] ଅଧିକ ଅନୁଭବ କରିବାକୁ ଲାଗିଲେ ।

ତାଙ୍କ ଉପରେ [illegible] ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପ କଲେ [illegible] ଭଟ୍ଟ ସାହେବ । ସମ୍ମୁଖରେ ଗୌରୀଶଙ୍କର ଓ ଅଧ୍ୟାପକ ମୁଖୋପାଧ୍ୟାୟ । ସାହେବ ଆରମ୍ଭ କଲେ, "ଗୌରୀଶଙ୍କର ବାବୁ, [illegible] ପ୍ରକାଶିତ ଆପଣଙ୍କ ଲେଖାଟି ଅତ୍ୟନ୍ତ ଆପତ୍ତିଜନକ । ଉତ୍କଳର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ [illegible] ଶ୍ରେଣୀର ଅଧ୍ୟାପକଙ୍କ ପ୍ରତି ଏପରି ଅପମାନ-ସୂଚକ ବାକ୍ୟ ପ୍ରୟୋଗ ଶିଷ୍ଟତାର ପରିଚାୟକ ନୁହେଁ ।

ଆପଣଙ୍କର ଏ ସମ୍ପର୍କରେ କିଛି କହିବାର ଥିଲେ କହି ପାରନ୍ତି ।" ଧୀରଗମ୍ଭୀର ସ୍ୱରରେ ଗୌରୀଶଙ୍କର କହିବାକୁ ଲାଗିଲେ, "କହିବାର ତ ବହୁତ ଅଛି, କିନ୍ତୁ ଶୁଣିବା ପାଇଁ ଏଠି କେହି ଅଛନ୍ତି ? ସେମାନେ ଶୁଣି ପାରିବେ ବୋଲି ଆପଣମାନଙ୍କର ବିଶ୍ୱାସ ସେମାନଙ୍କର କାନ ଅଛି କି ? ଭଦ୍ରକ ଓ ଏଣ୍ ବା ବାହାରୁ ?" "ମୋର ସେଥି ସ୍ୱପ୍ନ ଦେବା ପୂର୍ବରୁ ଆପଣଙ୍କ ମନର କଥା ଶୁଣିବା ପାଇଁ ମୋର ଅଭିଳାଷ ଅଛି । ଆପତ୍ତି ନଥିଲେ ତାହା ନିଃସଙ୍କୋଚରେ କହିବାକୁ ମୁଁ ସୁଯୋଗ ଦେଉଛି ।" ସାହେବଙ୍କ ଏ ଆଶ୍ୱାସନା ବାଣୀରେ ଗୌରୀଶଙ୍କର କହିବାକୁ ଲାଗିଲେ "ମୁଁ ଜାତିରେ ବଙ୍ଗାଳୀ; କିନ୍ତୁ ଏ ଦେଶରେ ମୋର ଜନ୍ମ । ସେହି ଦେଶର ମାଟି, ପାଣି, ପବନରେ ମୋର ଶରୀର ପରିପୁଷ୍ଟ, ସେ ଦେଶକୁ, ସେ ଦେଶର ଭାଷା ଓ ସାହିତ୍ୟକୁ ଅସ୍ୱୀକାର କରିବା ମୋ ମତରେ ଅକୃତଜ୍ଞତାର ଚରମ ନିଦର୍ଶନ ମାତ୍ର । ମୁଁ ବଙ୍ଗାଳୀ ହେଲେହେଁ ଓଡ଼ିଶା ମୋର ଦେଶ, ଓଡ଼ିଆ ଭାଷା ମୋର ମାତୃଭାଷା, ଓଡ଼ିଆ ସାହିତ୍ୟ ମୋର ଜାତୀୟ ଗୌରବ । ଯେଉଁ ବଙ୍ଗାଳୀମାନେ ଓଡ଼ିଆ ଭାଷାକୁ ଅସ୍ୱୀକାର କରି ତାଙ୍କ ସ୍ଥାନରେ ବଙ୍ଗଳା ପ୍ରଚଳନର ପକ୍ଷପାତୀ ହୋଇ ଉଠିଛନ୍ତି, ସେମାନଙ୍କର ଏ ଦେଶ ମାଟି ସହିତ କୌଣସି ସମ୍ପର୍କ ନାହିଁ । ଏ ଦେଶର ଜାତୀୟ ସ୍ୱାର୍ଥ ସହିତ ସେମାନେ ଜଡ଼ିତ ନୁହଁନ୍ତି । ସେହି କାରଣରୁ ମୁଁ ଆଜି ପ୍ରତିବାଦୀ, ସେ କଥା ମୋର ଅଭିମତ । ସେହି ଜନମତର ନୈତିକ ଶକ୍ତି ବଳରେ ମୁଁ ଜଣେ ବଙ୍ଗୀୟକୁ ଅପମାନ ଦେଇଛି ଗୋଟିଏ ସ୍ୱାଧୀନ ଜାତୀୟ-ସ୍ୱାଭିମାନର ସଂରକ୍ଷଣ ପାଇଁ । ଏ ଦେଶର ପାଣି-ପବନ, ଭାଷା- ସାହିତ୍ୟ ସହିତ ମୋର ଯେ ସମ୍ପର୍କ ଅଛି, ତା'ର ଅସ୍ତିତ୍ୱକୁ କି ପ୍ରକାର ଲୁଚାଇ ଦିଆଯାଇ ପାରିବ ? ସାହେବ ମହାଶୟ ? କାଳିଦାସ ମହାଶୟ କେଉଁଠାରୁ ପ୍ରକୃତ ଓଡ଼ିଆ ଜାଣିଥିଲେ ! ସେ ଲେଖିଦେଲେ ଓଡ଼ିଆ ଭାଷାକୁ ବଙ୍ଗଳାରେ ଲେଖିବାକୁ । ଆମ ଅଧ୍ୟାପକ ମହାଶୟ ଏ.କେ. ପାଠ ପଢ଼ି କିଛି ନ ବୁଝି ଶେଷ କଥାରେ ଛାପିଦେଲେ । ଲୋକଙ୍କର ଏମିତି ଛାପିଦେବା ପ୍ରବୃତ୍ତିକୁ ସଂସ୍କୃତରେ କହନ୍ତି 'ଗଡ୍ଡାଳିକା ପ୍ରବାହ' । ମୁଁ ତ ସେଇ ସଂସ୍କୃତ ଭାଷାରେ କହିଥିଲି 'ମେଣ୍ଢା' ମାତ୍ର ।"

ସଭା ସ୍ତବ୍ଧ ନୀରବ ରହିଲା । ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ବସିଥିବା ଜନତାର ଉତ୍ସୁକ ମୁଖମଣ୍ଡଳରେ ଖେଳି ଯାଉଛି । ସାହେବ କାଗଜ ଉପରେ ଦୃଷ୍ଟି ରଖି ଲେଖିଦେଇ ମୁଣ୍ଡ ଉପରକୁ ଉଠାଇ କହିବାକୁ ଲାଗିଲେ, "ଗୌରୀଶଙ୍କର ବାବୁ ! ଆପଣ ଯଥାର୍ଥରେ ଧର୍ମପରାୟଣ । ଏ ଜାତିର ଦୁର୍ଭାଗ୍ୟ ଆପଣଙ୍କ ପାଇଁ ହିଁ ଶେଷହେବ । ନବଜାଗ୍ରତ ସଂଗଠନରେ ଆପଣ ହିଁ ହେବେ ସାର୍ଥକ ଅଗ୍ରଦୂତ । ଏହା ହିଁ ମୋର ଶେଷ ଆଶୀର୍ବାଦ । ଆପଣ ନିର୍ଦ୍ଦୋଷ । ଦଳୀୟ ନେତୃବର୍ଗଙ୍କର ଏହ ଜାତୀୟମୂଳକ ସଂଗଠନ ଏ ସହରର ସ୍ତୁତ୍ୟ ପ୍ରୟାସ ।"

ଧର୍ମମୂର୍ତ୍ତିଙ୍କ ଓଡ଼ିଆ ଜନତାର ସ୍ତୁତି ଏହ ସଙ୍ଗରେ ପ୍ରଣାମ କଲା ଜଣେ ଧନ୍ୟ ସାହେବଙ୍କ ପ୍ରଶଂସା କରୁଥିଲି । ସ୍ୱର୍ଗବାସୀ, ପୁଣ୍ୟଚରିତ-ଚରିତ୍ର ଗୌରୀଶଙ୍କର ସ୍ମୃତିରେ ପରେ ଆସିଲ କରଯୋଡ଼ି ଶ୍ରଦ୍ଧା ଜଣାଇଥିଲୁ ।

× × × × × ×

ପାଖ ୭୫ ବର୍ଷ ତଳର କର୍ମୀବୀର ଗୌରୀଶଙ୍କରଙ୍କର ଜନ୍ମ ଶତାବ୍ଦୀର ଅବସରେ ଲେଖିଥିଲେ ପଣ୍ଡିତ ମୃତ୍ୟୁଞ୍ଜୟ ରଥ । ସେଥିପାଇଁ ନାଁ ଶୁଣିବାକୁ ଏଇ ସମ୍ବାଦ ପ୍ରକାଶିତ ଲେଖାଟି ସେ ଆରମ୍ଭ କରିଥିଲେ ଏହିପରି — "ବାବୁ ମହାଶୟ ଅନେକ ଗ୍ରନ୍ଥରେ ପରିପୂର୍ଣ୍ଣ ହୋଇ ପ୍ରଶଂସାପତ୍ରମାନ ଲାଭ କରି ସ୍ୱୟଂ ଉପାଧିପ୍ରାପ୍ତ ହୋଇ ଅଛନ୍ତି । ସ୍ୱଦେଶ ପ୍ରତି ସେବକ ହୋଇ ଅକପଟ ଚିତ୍ତରେ ଅବିଶ୍ରାନ୍ତ ପରିଶ୍ରମଫଳରୁ ହୋଇ ଅସ୍ମମାନଙ୍କର ସୌଭାଗ୍ୟବଶେ ଏ ଦେଶରେ ଅବତୀର୍ଣ୍ଣ ହୋଇ ଅଛନ୍ତି । ଉତ୍କଳ ସୌଭାଗ୍ୟ ଲାଭ କରିବ ।

ବଡ଼ ଦୁଃଖର ବିଷୟ, ବାବୁ ସେ ସ୍ୱଭାବ ସନ୍ତାନ, ଭାଷାଙ୍କ ଜୀବନରେ କେତେ-କୋଟି ଉତ୍କଳ ଅକ୍ଷର ଲେଖିବାକୁ ଯେବେ ସ୍ଥାନ ଅଛି, ତେବେ ଅବି ଏଥାନ୍ତର ନାହିଁ । ବାବୁ ଏ ସ୍ୱଭାବ ଚରିତ୍ରଦ୍ୱାରା ବର୍ଣ୍ଣ କରି ଉପାଧିରୁ 'ଶ' ଲୋପ କରି ଅଛନ୍ତି ।" ଆଜି, ଏ ଲେଖାଟି ଭିତରେ ଅଧ୍ୟାପକ ମୁଖୋପାଧ୍ୟାୟଙ୍କ ଅପମାନ ଦେଖୁଥିବା କୌଣସି ବିଷୟ ତ ଲେଖା ଯାଇନାହିଁ ? ଏଇ ଲେଖା ଭିତରେ ତାଙ୍କୁ 'ମେଷ' ଅର୍ଥାତ୍ ଗାଡ଼ର ବା କହିଛି ? ବସି ତ ହେବାକୁ ପଡ଼େ, ସେଇ ଲେଖାଟିରେ ବହୁ ଓଡ଼ିଶାରେ ଏତେ ବଡ଼ ଗହଳ ପଡ଼ିଯାଇଥିଲା, ପଣ୍ଡିତ ମୃତ୍ୟୁଞ୍ଜୟ ରଥ ତାଙ୍କୁ ଗଠିତ ସ୍ୱରେ ଜବାବ ଦେଇପାରି ନାହାନ୍ତି । ମୁଦ୍ରଣରେ ଯଦି ଭୁଲ ହୋଇଛି ଯେ ଏ ଲେଖା ପ୍ରମାଦ ଘଟିଛି, ତା ହେଲେ ଏଥିର ସାହିତ୍ୟିକ ଅବତାରଣା ଥିଲା କେଉଁଠି ? ଏ ପ୍ରଶ୍ନର ସମାଧାନ "କର୍ମବୀର ଗୌରୀଶଙ୍କର" (୧୯୨୫) ପୁସ୍ତକ ପ୍ରକାଶ ପରଠାରୁ ଆଜି ପର୍ଯ୍ୟନ୍ତ କେଉଁଠି କରିଛନ୍ତି ବୋଲି ମନେହୁଏ ନାହିଁ । ତଥାପି, ଟେବୁଲର ପଢ଼ିଲେ ସ୍ୱୀକୃତ ପ୍ରକାଶ ନ କରି ମୃତ୍ୟୁଞ୍ଜୟଙ୍କ ସେଇ ଲେଖାକୁ ଏ ଦେଶର ସମାଲୋଚକମାନେ ଲେଖକଙ୍କ ଆଗରେ ଥୋଇଦେଇ ତାଙ୍କୁ ନିଜ ମତର ପ୍ରମାଣ ଉଦ୍‌ଭାବନର ଫଳଭୋଗ୍ୟ ବାହାଦୁରି ମାରୁଛନ୍ତି ।

ପ୍ରିଣ୍ଟିଂ ମେସିନର ଓଡ଼ିଆ ଅକ୍ଷର ଗୋଟା ଛାପୁଥିଲେ କମ୍ପୋଜିଟରମାନେ । ସେମାନେ ଓଡ଼ିଆ ଅକ୍ଷର ଯୋଡ଼ିବା ଲାଗି କେତେ 'ଏ' ଓ 'କୁ' ରୂପରେ ବଡ଼ ସାହାଯ୍ୟ କରୁଥିଲେ । 'କୁ' ପାଇଁ କେବଳ 'ଏ' ଅକ୍ଷର ଉପରେ ଗୋଟିଏ ଟ୍ରେଡ଼ିଆ ଅର୍ଦ୍ଧଚନ୍ଦ୍ରାକାର ଚିହ୍ନ ଦେଉଥିଲେ । ଫଳରେ ଉଚ୍ଚାରଣରେ ପଢ଼ିଲେ ଏ ଦୁଇ ଅକ୍ଷରକୁ ଭୁଲ୍ କରିବା ଅଧିକ ସମ୍ଭବପର । ସେଇ ହେତୁରୁ ପାଣିପାରେ ଥିବା 'ଏମେ'କୁ ପଣ୍ଡିତ ମୃତ୍ୟୁଞ୍ଜୟ ପଢ଼ିଥିଲେ 'କୁମେ' ।

ମାତ୍ର ଗୋଟିଏ ଅକ୍ଷର 'ଏ' । ସେଇଟି ଭୁଲ ହୋଇ ଯେଉଁ ସୃଷ୍ଟି କରିଛି ଏ ଦେଶର ସମାଲୋଚନା ସାହିତ୍ୟରେ ସୃଷ୍ଟି କରି ଅଛି ତା'ର ପରିମାପ ଅଙ୍କ କେଉଁଠି ଅଛି ?

ବାଣୀବିହାର
ସାମନ୍ତରାପୁର
ଭୁବନେଶ୍ୱର-୭୫୧୦୦୨ ।

# ॥ ଗୌରୀଶଙ୍କର ଓ 'ଉତ୍କଳ ଦୀପିକା' ॥

● ଡକ୍ଟର ବୈଷ୍ଣବ ଚରଣ ସାମଲ

'ଉତ୍କଳ ଦୀପିକା' — ଊନବିଂଶ ଶତାବ୍ଦୀ ବ୍ୟାପୀ (୧୮୬୬-୧୯୩୪) ଓଡ଼ିଶାର ସାଂସ୍କୃତିକ, ସାମାଜିକ, ସାହିତ୍ୟିକ, ଧାର୍ମିକ ତଥା ଜାତୀୟ ଜୀବନଧାରାର ମାର୍ମିକ ଆଲେଖ୍ୟ । ସତେ ଯେପରି ଉତ୍କଳଦୀପିକା ହିଁ ଓଡ଼ିଶାର ଅର୍ଦ୍ଧ-ଶତାବ୍ଦୀର ଇତିହାସ । ଏହି ଇତିହାସ ସେ କାଳର ପ୍ରତ୍ୟେକଟି ସମ୍ବାଦକୁ ପ୍ରକାଶ କରି ଜାତୀୟ ଜୀବନରେ ନୂତନ ଜାଗରଣର ଆଶା ଓ ଆକାଂକ୍ଷା ସୃଷ୍ଟି କରିଥିଲା । ବିଶେଷ ଏ ପତ୍ରିକା ଜାତୀୟ ଜୀବନରେ ଜାଗରଣର ଚାରୁଣୀ— ଓଡ଼ିଆ ଭାଷା, ଶିକ୍ଷା ଓ ସାହିତ୍ୟର ପ୍ରତିଷ୍ଠାରେ ସାହାଯ୍ୟକରେ । ଏହା ଏକ ସାପ୍ତାହିକ ସମ୍ବାଦପତ୍ର ରୂପେ ଆତ୍ମପ୍ରକାଶ କରିଥିଲେ ହେଁ ସେତେବେଳେ ଓଡ଼ିଶାର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ସଂଗ୍ରାମୀ ଭୂମିକା ନେଇଥିଲା, ବାସ୍ତବିକ ତାହା ବହୁମୂଲ୍ୟ । କର୍ମଯୋଗୀ ଗୌରୀଶଙ୍କର ସ୍ୱୟଂ ଏହି ପତ୍ରିକା ସମ୍ପାଦନ କରି ସେଥିରେ ଯେଉଁ ନିଷ୍ଠା ଓ ଜାତୀୟ ମମତାର ପରିଚୟ ଦେଇ ଯାଇଛନ୍ତି ତାହା ବାସ୍ତବିକ ବିସ୍ମୟୋଦ୍ଦୀପକ ।

## 'ଉତ୍କଳ ଦୀପିକା'ର ଜନ୍ମକାହାଣୀ :

ନ'ଅଙ୍କ ଦୁର୍ଭିକ୍ଷର ଠିକ୍ ପର ମୁହୂର୍ତ୍ତରୁ 'ଉତ୍କଳ ଦୀପିକା'ର ଜନ୍ମ । ଏହା ପୂର୍ବରୁ ସାଧୁ ସୁନ୍ଦର ଦାସଙ୍କର ହାତ ଲେଖା ପତ୍ରିକା 'କୁଜବର' (୧୮୩୮), ରେଭେରେଣ୍ଡ ସି ଲେସିଙ୍କ 'ଜ୍ଞାନାରୁଣ' (୧୮୪୯), ଉକ୍ତ ଲେସିଙ୍କ 'ପ୍ରବୋଧ ଚନ୍ଦ୍ରିକା', (୧୮୫୬) ଖ୍ରୀଷ୍ଟାନ୍ ଭର୍ଣ୍ଣାକୁଲାର ଲିଟିରେଚର ସୋସାଇଟିର 'ଅରୁଣୋଦୟ' ୧୮୬୧) ଆଦି କେତୋଟି ପତ୍ରପତ୍ରିକା ପ୍ରକାଶ ପାଇଥିଲେ ହେଁ ଏଗୁଡ଼ିକ ଓଡ଼ିଶାର ଜାତୀୟ ଜୀବନର ଆଶା ଆକାଂକ୍ଷାକୁ ପ୍ରକାଶ କରିବାକୁ ସମର୍ଥ ନଥିଲା । ଯଦିଓ 'ପ୍ରବୋଧ ଚନ୍ଦ୍ରିକା' ଥିଲା ଏକ ମାସିକ ସାହିତ୍ୟ ପତ୍ରିକା ଓ ଖ୍ରୀଷ୍ଟ ଧର୍ମ ପ୍ରଚାର ଏହାର ଲକ୍ଷ୍ୟ ନଥିଲା ତଥାପି ଏହି ପତ୍ରିକା ବେଶୀ ଦିନ ତିଷ୍ଠି ପାରିନାହିଁ । ମାତ୍ର ତିନ ବର୍ଷ ମଧ୍ୟରେ ଏହାର ତିରୋଧାନ ଘଟିଲା । ଇଂରେଜମାନଙ୍କର ଶୋଷଣ ଓ ପୀଡ଼ନ, ମିଶନାରୀମାନଙ୍କର ଧର୍ମ ପ୍ରଚାର ଓ କଟାକ୍ଷ ତଥା ସନାତନ ହିନ୍ଦୁ ଧର୍ମ ଉପରେ ଆକ୍ରମଣ, ଓଡ଼ିଶାର ଅର୍ଥନୈତିକ ତଥା ଇଂରେଜ ଶାସନର ଆଘାତ, ଓଡ଼ିଆ ଭାଷା ପ୍ରତି ଅବହେଳା । ବଙ୍ଗୀୟ ଶିକ୍ଷିତ ବାବୁଙ୍କର ଓଡ଼ିଶାରେ ପ୍ରଭାବ ବିସ୍ତାର ଓ ବଙ୍ଗ ଭାଷାର ପ୍ରଚଳନ ପାଇଁ ସମସ୍ୟା, ନ'ଅଙ୍କ ଦୁର୍ଭିକ୍ଷର ଯନ୍ତ୍ରଣା ଆଦି କାରଣରୁ ୧୮୬୬ ମସିହାରେ 'ଉତ୍କଳ ଦୀପିକା'ର ଜନ୍ମ ହେଲା ।

ସ୍ଥାନୀୟ ସାହେବଙ୍କର ପ୍ରସ୍ତାବ ସମୟରେ ଗୌରୀଶଙ୍କର କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା କଲେ ଏବଂ ଏହି କମ୍ପାନୀ ପ୍ରତିଷ୍ଠା ପାଇଁ ସେ ବହୁ ବ୍ୟକ୍ତିଙ୍କର ସହଯୋଗ ଲାଭ କଲେ ।

"ହଜାର ଅଂଶ ବା ଶେୟାର ପ୍ରତି ପାଞ୍ଚ ଟଙ୍କା ମୂଲଧନରେ ଏହି ପ୍ରିଣ୍ଟିଂ କମ୍ପାନୀ ଗଠିତ ହୋଇଥିଲା ଏବଂ ଏହି କାର୍ଯ୍ୟ ସମ୍ପୂର୍ଣ୍ଣଭାବେ କର୍ମୀ ଗୌରୀଶଙ୍କରଙ୍କ କର୍ତ୍ତୃତ୍ୱରେ ଚଳି ଯାଉଥିଲା ।" (୧) ପ୍ରଥମେ ଏହି କମ୍ପାନୀର କାର୍ଯ୍ୟ ୧୮୬୫ ମସିହା ଜୁଲାଇ ମାସ ପହିଲାରୁ ଜଗମୋହନ ଲାଲଙ୍କ ବୈଠକ ଖାନାରେ ଆରମ୍ଭ ହୋଇଥିଲା । ଷ୍ଟୋନ୍‌ହେଷ୍ଟ ସାଠିଏଙ୍କ ଅକ୍ଷର ଖୋଦେଇ ଦ୍ୱାରା ପଥରପଟା ଉପରେ ଛପାକାର୍ଯ୍ୟ ପ୍ରଥମେ କରାଯାଇ ପରେ ଛପାକଳ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦନା ହୋଇଥିଲା । କଟକ ପ୍ରିଣ୍ଟିଂ କମ୍ପାନୀର ଉଦ୍ୟୋଗୀମାନେ ଦେଶର ସମସ୍ତ ଲୋକ ଖବର ଶୁଣାଇବା ପାଇଁ ଗୋଟିଏ ସାପ୍ତାହିକ ପତ୍ରିକା ପ୍ରକାଶ କରିବା ଲାଗି ମନସ୍ଥ କଲେ । ହଠାତ 'ନଅଙ୍କ'ର ଘୋର ଦୁର୍ଭିକ୍ଷ ଜନିତ ମୃତ୍ୟୁ ବ୍ୟାପକ କରିବାରୁ ଦେଶର ସେହି ଦୁର୍ଦ୍ଦିନମୟ ଅନ୍ଧକାର ମଧ୍ୟରେ ସେମାନଙ୍କ ଉଦ୍‌ଯୋଗରେ 'ଜଗଜ୍ଜନକ ଜ୍ଞାନପ୍ରଦ' ପ୍ରାୟ 'ଦୀପିକା' ଦେଖା ଦେଲା । ଛାପାଖାନା ବସିବାର ପ୍ରାୟ ମାସେକ ପରେ ଅର୍ଥାତ୍ ୧୮୬୬ ଖ୍ରୀଷ୍ଟାବ୍ଦର ଅଗଷ୍ଟ ମାସରେ ଉତ୍କଳ ଦୀପିକାର ପ୍ରଥମ ସଂଖ୍ୟା ପ୍ରକାଶିତ ହୋଇଥିଲା ଏବଂ ବର୍ଷ ଶେଷରେ ପୁଣି ୧୮୬୭ ଅବଧି ଜାନୁଆରୀ ମାସ ହେଉଛି ତାରୁ ତାହାର ଦ୍ୱିତୀୟ ବର୍ଷର ଶେଷ ହୋଇଥିଲା । ଅଂଶୀଦାରଗଣଙ୍କ କର୍ତ୍ତୃକ କର୍ମୀ ଗୌରୀଶଙ୍କରଙ୍କୁ ଏହି ପତ୍ରିକାର ଯୋଗ୍ୟ ସମ୍ପାଦକ ନିର୍ବାଚିତ ହୋଇଥିଲେ । ସାଧାରଣ ଅବସ୍ଥା ମଧ୍ୟରେ ଥାଇ ଏପରି ଏକ ସ୍ୱତନ୍ତ୍ର ସମ୍ବାଦ ପତ୍ରର ଗୁରୁଭାର ବହନ କରିବାକୁ ସକ୍ଷମ ହେବା ଦ୍ୱାରା ଗୌରୀଶଙ୍କର ଯଥାର୍ଥ ଦେଶ ହିତୈଷିତାର ପରିଚୟ ଦେଇଅଛନ୍ତି ।

ଗୌରୀଶଙ୍କରଙ୍କର ସମ୍ପାଦକତ୍ୱର ବିଶେଷତ୍ୱ ହେଉଛି ଯେ ଓଡ଼ିଶାର ମଙ୍ଗଳ ନିମନ୍ତେ ନିଜ ବୁଦ୍ଧି ଦ୍ୱାରା ପ୍ରକାଶ କରି ସରକାରଙ୍କ ନିକଟରେ ଦାବି କରୁଥିଲେ । ସରକାର ଓ ଜନସାଧାରଣ, ରାଜା ଓ ପ୍ରଜାଙ୍କ ମଧ୍ୟରେ ତାଙ୍କର ପତ୍ରିକା ଥିଲା ଯଥାର୍ଥରେ ଏକ ସେତୁ । ଏହି କାରଣରୁ "ଉତ୍କଳରେ ପରେ ଅନେକ ପତ୍ରିକା ଦେଖା ଦେଇ ସ୍ୱୀକୃତି ପ୍ରକାଶ କରିଥିଲେ ହେଁ, ଦୀପିକା ଉତ୍କଳର ମୁଖପତ୍ର ରୂପେ ସର୍ବ-ସାଧାରଣରେ ସ୍ୱୀକୃତ ହୋଇଥିଲା ।" (୨) ପଣ୍ଡିତ ବଂଶୀଧର ମହାନ୍ତି ମତ ଦିଅନ୍ତି—'୧୮୬୬ ଦୁର୍ଭିକ୍ଷ ବେଳେ କଟକର ମୁଖପତ୍ର ଉତ୍କଳ ଦୀପିକା ଯଦି ପ୍ରକାଶ ପାଇ ନ ଥାନ୍ତା ତେବେ ଆହୁରି ଯେ କେତେ ଲୋକ ମୃତ୍ୟୁମୁଖରେ ପଡ଼ିଥାନ୍ତେ ତାହା କହି ହୋଇ ନପାରେ । '(୩) ବାସ୍ତବରେ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଥିଲା ଓଡ଼ିଶାର ଯଥାର୍ଥ ମୁଖପତ୍ର । ନଅଙ୍କ ଦୁର୍ଭିକ୍ଷର କରୁଣ ଅବସ୍ଥାର ଠିକ ଅବ୍ୟବହିତ ପରେ ପରେ ଏହାର ଜନ୍ମ ଏବଂ ଓଡ଼ିଶାର ଦୁର୍ଦ୍ଦଶା ନିବାରଣ ପାଇଁ ଏହାର ସଂଗ୍ରାମ ଓ ସାଧନା । ତେଣୁ ଏହି ପତ୍ରିକା ଥିଲା ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ ଓଡ଼ିଶାର ସ୍ୱତନ୍ତ୍ରତା ସଂଗ୍ରାମର ମର୍ମବାଣୀ

---

୧) ମୁଦ୍ରାଯନ୍ତ୍ର ଇତିହାସ - ପୃ ୩୭ ।
୨) ମୁଦ୍ରାଯନ୍ତ୍ର ଇତିହାସ—କର୍ମଯୋଗୀ ଗୌରୀଶଙ୍କର—ପୃ-୩୬୧ ।
୩) ପଣ୍ଡିତ ବଂଶୀଧର ମହାନ୍ତି—୧୮୬୬ ଉତ୍କଳ ଦୀପିକା—ମୁଖବନ୍ଧ-ପୃ-୧୧ ।

## ନଅଙ୍କ ଦୁର୍ଭିକ୍ଷ ଓ 'ଉତ୍କଳ ଦୀପିକା' :

୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷର ଠିକ୍ ପୂର୍ବବର୍ତ୍ତୀ କାଳରେ 'ଉତ୍କଳ ଦୀପିକା'-ର ଜନ୍ମ । ଏହି ପତ୍ରିକା ପ୍ରକାଶ ପାଇବା ଫଳେ ହିଁ ନଅଙ୍କ ଦୁର୍ଭିକ୍ଷର କରାଳ ରୂପ ଦେଶବାସୀଙ୍କ ସମ୍ମୁଖରେ ପ୍ରକାଶ କଲା ଓ ସରକାରଙ୍କ ଦୃଷ୍ଟି ଦୁର୍ଭିକ୍ଷ ନିବାରଣ ପାଇଁ ଆକର୍ଷଣ କରିବାକୁ ସମର୍ଥ ହେଲା । ଏକ ପ୍ରାଚୀନ ଐତିହ୍ୟ ସମ୍ପନ୍ନ ଜାତି କପରି ଦୁର୍ଭିକ୍ଷ କବଳରେ ପଡ଼ି ମୃତ୍ୟୁମୁଖ ହୋଇ ପଡ଼ିଲା ସେ ବିଷୟରେ ଦୀପିକା ପ୍ରତ୍ୟକ୍ଷଦର୍ଶୀ ଭାବରେ ବିବରଣୀମାନ ପ୍ରକାଶ କଲା । ଗୋଟିଏ ସଂଖ୍ୟାରେ ଏପରି ଲେଖିଛନ୍ତି :— ଏଥି ମଧ୍ୟରେ ଫସଲ ନଷ୍ଟ ହେବାରୁ ପ୍ରାୟ ଦୁଇମାସ ପର୍ଯ୍ୟନ୍ତ ଚାଉଳ ପୂର୍ବାର ନ୍ୟୂନେ ମିଳିଲା ଟଙ୍କାକୁ ସେ ୭ ର ଓ ବେଳେ ବେଳେ ସେ ୮ ର ପ୍ରାପ୍ତ ହେଲା । ମାତ୍ର ରବି ଫସଲ ଅଳ୍ପ ଥିବାରୁ ଶୀଘ୍ର ତାହା ଶେଷ ହେଲା । କେତେକ ସତର୍କ ଭୂମ୍ୟାଧିକାରୀ ଓ କୃଷିଜୀବୀ ବ୍ୟତିରେକେ ଅନ୍ୟ କାହାରି ଘରରେ ଶସ୍ୟ ରହିଲା ନାହିଁ । ବେପାରି-ମାନେ ନାନା ସ୍ଥାନରୁ ଚାଉଳ ଯୋଗାଡ଼ ଆଣିଲେ ଓ କେତେକ ସ୍ଥାନରେ କୃଷି ଉଦ୍ୟମ ଲୋପ ହୋଇ ନ ଥିବାରୁ ଅଳ୍ପ କାଳର ନିମନ୍ତେ ସମାଧାନ ହୋଇଥିଲା । ଓ କ୍ରମେ କ୍ରମେ ଦେଶର ଶସ୍ୟ ଯେ ଲୋପ ହେଉଥିବାରୁ ଆରମ୍ଭ ହେଲା ଦୁଃଖ ବୃଦ୍ଧି ହେଲା ଓ କେତେକ ପରିମାଣରେ ଲୋକମାନେ ଅର୍ଦ୍ଧାଶନ ହୋଇ ପରର ସାହାଯ୍ୟ ଅନ୍ୱେଷଣ କରିବା କାରଣ କେତେକ ଘର ପରିବାରର ଭାର ବହି ସ୍ଥାନାନ୍ତର ହେଲେ, କେହିବା ସର୍ବ-ଶେଷରେ ନିରୁପାୟ ହୋଇ ସପରିବାର ମୃତ୍ୟୁ ଦ୍ୱାରା ଦୁଃଖରୁ ସମ୍ପୂର୍ଣ୍ଣ ମୁକ୍ତିଲାଭ କଲେ ଏବଂ କେହି ବାଳକମାନଙ୍କୁ ଦୁଃଖର ଶାନ୍ତି ନିମନ୍ତେ ଜୀବନର ସ୍ୱଭାବ ସମର୍ପଣ ଥିଲେ ସେମାନେ କେବଳ ସେଠାରେ ବାସ କରିବାର ଉପଯୁକ୍ତ ହେବା ଲାଗି ବଳାତ୍କାରେ ଦସ୍ୟୁମାନ ଅପହରଣ କଲେ ।

ଏହି ରୂପ ଦିନ ଦିନ ଦେଶରେ ଯନ୍ତ୍ରଣା ବୃଦ୍ଧି ହେଲା ଅନ୍ନାଭାବରେ ଲୋକମାନେ କ୍ଷୁଧା ନିବାରଣ ନିମନ୍ତେ ନାନା ଅଖାଦ୍ୟ ପଦାର୍ଥ ଖାଇବାରୁ ଓ ରୌଦ୍ରର ପ୍ରଚଣ୍ଡ ଉତ୍ତାପ ହେବାରୁ ଓଲଉଠା ରୋଗର ପ୍ରାଦୁର୍ଭାବ ହେଲା । ଅସଂଖ୍ୟ ପ୍ରାଣୀ ନାଶ ହେଲେ ଓ ଦୁର୍ଭିକ୍ଷର ସମସ୍ତ ଲକ୍ଷଣ ସ୍ପଷ୍ଟ ଦର୍ଶନ ହେଲା । କ୍ଷୁଧା ଉନ୍ମତ୍ତ ରକ୍ତହୀନ କଙ୍କାଳ ମାନେ ଦେଖିଲେ ଭୂ ଶେଷ ମାତ୍ର ଚଳେ ନାହିଁ ତଥାପି ତାହାଙ୍କର ଜୀବନ ଯେ ଦେଶରେ ଶସ୍ୟ ଅଛି । କେବଳ ମହାଜନମାନେ ଲକ୍ଷଣାକୁ ଜାଣି ଦେଇ ନାହାନ୍ତି । କାରଣ, ଯଦ୍ୟପି ଧନୀଜନମାନେ ଅନ୍ନମାନଙ୍କର ଦୁଃଖ ଅବସ୍ଥା ଜାଣିବାକୁ ଚେଷ୍ଟା କରିଥାନ୍ତେ ତେବେ ସେମାନେ କଦାପି ଏରୂପ କ୍ରମରେ ଚାଲୁ ନାହିଁ । ଏ ଦେଶର ଲୋକଙ୍କ ମଧ୍ୟରୁ ଅନେକର ପ୍ରକୃତି ଅନ୍ୟ ବ୍ୟବସାୟ କେବଳ ଏକପ୍ରକାର ହୋଇ ପାରନ୍ତି । ଅତଏବ ଅନୁମାନ ହେଉଛି ସେଠାରେ ଅନ୍ନାଭାବରେ ଦୁଃଖପାନ୍ତି ସେଠାରେ ଶସ୍ୟ ଅଛି ବୋଲି କେଉଁ ଲୋକ ମନୁଷ୍ୟ ବୋଧ କରିବ ? ବିଶେଷରେ ଯେ ଦେଶରେ କୃଷି ଅଧିକାଂଶ ଲୋକଙ୍କର ଜୀବିକା ଏବଂ ଖେତଖାତରୁ ପଦାର୍ଥ ବିକ୍ରୟ ଦ୍ୱାରା ଅନ୍ୟ ଆବଶ୍ୟକ ବ୍ୟୟମାନ ଚଳେ ସେଠାରେ ଯେ ଶସ୍ୟର ବଡ ମହାଜନ ରହିପାରେ ଓ ଏପରି

ଦେଶରେ ଦୁର୍ଭିକ୍ଷ ପଡ଼ିଥିଲା ତାହାର ସମ୍ବନ୍ଧରେ ଟାଇମ୍ସ ପତ୍ରିକା ଦ୍ୱାରା ନିବାରଣ ହୋଇପାରେ କେଉଁ କେଉଁ ମଫସଲରେ ଧାନ ଚାହାଳରୁ କିଣି କରିବା ହଦାରେ ଲୋକମାନେ ସେଠାରୁ ବସିବାକୁ ଦେଖି ଅଛୁ-? ଏଥିରୁ କେବଳ ଜଣାଯାଏ ଯେ ମଫସଲରେ ଧାନର ଦରଦାମ ଅତି ଅଳ୍ପ ଅର୍ଥାତ ଅଧିକାଂଶ ଲୋକଙ୍କ ଘରେ ଧାନ ଥାଏ । ତଥାପି କେତେକ ଜମିଦାର ଧାନ ରଖିଥାନ୍ତି ତାହା କେବଳ ଅଧିକ ମୂଲ୍ୟର ଉଦ୍ୟମ କରିବା ନିମନ୍ତେ ପ୍ରଜାମାନଙ୍କୁ ଦେଇ ସେମାନଙ୍କର ସୁଯୋଗ କରିବା ନିମନ୍ତେ ସଞ୍ଚୟ କରନ୍ତି । ସେମାନେ ବାଂଗଳାରୁ ଲୁଣ ଏବଂ ଉତ୍ପାଦ ଫସଲର ଆଗମନ ଦେଖିଲେ ସହଜ ଶସ୍ୟ ରଖିଦେବାକୁ ସମର୍ଥ ହୁଅନ୍ତି ନାହିଁ ତଥାପି ଏ ସମସ୍ତ କଥା ଅପେକ୍ଷା ବ୍ୟବସାୟୀମାନେ ପୂର୍ବରୁ ବିବେଚନା କରିଥାନ୍ତେ ତାହାହେଲେ ଅନେକ ଜାତି ପାରନ୍ତେ ଯେ ବିଦେଶକୁ ଶସ୍ୟ ରପ୍ତାନି ବିନା ଲୋକଙ୍କର ରକ୍ଷାର ଉପାୟ ନ ଥିଲା । ସେଥିପାଇଁ ତାହାର ମୂଲ୍ୟ କମେ ନାହିଁ । ପରନ୍ତୁ ଏଥିରେ ଦେଖୁ କଥା ତାହା କେବଳ ମନୋରଞ୍ଜନ ହେଲା ଓ ସେହି ଉପାୟ ଅବଲମ୍ବନ ଦ୍ୱାରା ପ୍ରାଣୀଙ୍କ ଦୁଃଖ ବିମୋଚନାର୍ଥ ଯାହା ସମ୍ପୂର୍ଣ୍ଣ ହେଲେ ମାତ୍ର କେତେ କେତେ ମନୁଷ୍ୟ ଜୀବନ ରକ୍ଷା ହେବା ହେତୁରୁ ଏ ଜୀବନ ଉଦ୍ଧାର ହେଲା ?'' (୪) ଏହି ବିବରଣୀରୁ ଓଡ଼ିଶାରେ ଦୁର୍ଭିକ୍ଷର କରାଳରୂପ ଦେଖିବାକୁ ମିଳେ । କେବଳ ଏହି ସଂଖ୍ୟା ନୁହେଁ, ଅନ୍ୟାନ୍ୟ ସଂଖ୍ୟା ମାନଙ୍କରୁ ଦୁର୍ଭିକ୍ଷ ସମ୍ପର୍କରେ ନାନା ଲୋମହର୍ଷଣକାରୀ ବିବରଣୀ ସହିତ ଦୁର୍ଭିକ୍ଷ ନିବାରଣ ପାଇଁ ସରକାରଙ୍କ ଉଦ୍ୟମ, ଭିନ୍ନ ବଦାନ୍ୟ ଅନୁଷ୍ଠାନ ମାନଙ୍କର ସାହାଯ୍ୟ, ଦୁର୍ଭିକ୍ଷ ସାହାଯ୍ୟ କମିଟି ଆଦି ନାନା ବିଷୟରେ ବିବରଣୀ ମିଳିଥାଏ । ସେତେବେଳେ ଦୁର୍ଭିକ୍ଷ ସାହାଯ୍ୟ ପାଇଁ ଇଂରେଜ ବ୍ୟବସାୟୀମାନେ ଉଦାରତା ପ୍ରକାଶ କରିଥିଲେ ସେତେବେଳେ ମଧ୍ୟ ସେଥିରେ ସଂକୀର୍ଣ୍ଣ ପକ୍ଷପାତିତ ହୋଇଥିଲା ପାଇଁ ତାକୁ ସମାଲୋଚନା କରିଥିଲା । '' × × × ମାତ୍ର ଦୁଃଖର ବିଷୟ ଯେ ସାହାଯ୍ୟ କମିଟି ନୂତନ ରୂପ ଧାରଣ ହୋଇନାହିଁ । ଅଧିକାଂଶ ବାଳକ ବାଳିକାଙ୍କ ରକ୍ଷା ନିମନ୍ତେ ପ୍ରାୟ ନିକମା ହେଲା ସାହାଯ୍ୟ କମେଟିଙ୍କ ମନେ ପଡ଼ିଥିଲା ତଥାପି ସେମାନଙ୍କ ଦୁରବସ୍ଥା ଯେ ଏ ପର୍ଯ୍ୟନ୍ତ ମୋଚନ ନ ହେଲା ଏଥିର ଦୋଷ କାହା ଉପରେ ଦିଆଯାଇ ପାରେ । ସାହାଯ୍ୟ କମେଟି ପୂର୍ବରୁ ପ୍ରବଳ ଭ୍ରମଣରୁ ଉଦ୍ୟୋଗୀ ହୋଇଥିଲେ ବର୍ତ୍ତମାନ ଶିଶୁମାନଙ୍କ ଶରୀରେ କୌଣସି ଔଷଧ କରିବାର ଆବଶ୍ୟକ ହୁଅନ୍ତା ନାହିଁ । ସାହାଯ୍ୟ କମେଟିର ମେମ୍ବରମାନେ ଏକାକଣ ଦୃଢ଼ ଚିତ୍ତ ସମସ୍ତ ଇଂରେଜ ଲୋକ ଅଟନ୍ତି । ସେମାନେ ଦେଶର ଅବସ୍ଥା ଜାଣିବା ନ ଥିବ ଆପଣା ଆପଣା ଇଚ୍ଛାନୁସାରେ ପଦ୍ଧତିମାନରେ କରି ପାଦ୍ରି ସାହେବଙ୍କୁ ପିଲାଙ୍କର ଭରଣ ପୋଷଣ କର୍ମରେ ନିଯୁକ୍ତ କରିବାକୁ ଦେଇଅଛନ୍ତି ଏହି ଭିନ୍ନ ହେଲେ ସେ ଖ୍ରୀଷ୍ଟଧର୍ମ ଦଳ ବୃଦ୍ଧି ନିମନ୍ତେ ଏ ରୂପ ଉପାୟ ହୋଇଅଛି । ଏହି ହେତୁରୁ ହିନ୍ଦୁମାନେ ବଡ଼ ବସ୍ତ୍ର ପାଇଲେ ମୂର୍ଖ ଆପଣା ଆପଣା ଅନ୍ନ ଖାଇବାକୁ ସନ୍ତାନମାନଙ୍କୁ ପାଦ୍ରି ସାହେବଙ୍କ ନିକଟକୁ ପଠାଇଲେ ନାହିଁ । ତଥାପି କୌଣସି କୌଣସି ହିନ୍ଦୁ ହସ୍ତରେ ସନ୍ତାନ ଅର୍ପଣ କରିଥିବା କେତେ କେତେ ବର୍ତ୍ତମାନ ଖ୍ରୀଷ୍ଟିୟ ଏବଂ ଜଣ ମୂର୍ଖ ଅଧିକାଂଶ

୪) ଉତ୍କଳ ଦୀପିକା – ପ୍ରଥମଭାଗ/ତୃତୀୟ ସଂଖ୍ୟା, ତାଃ–୧୮–୮ ୧୮୬୬ ।

ବାଲେଶ୍ୱର ନଗରରେ ଭ୍ରମଣ କରିବାର ଦେଖାଯାନ୍ତି। ନାହିଁ ଏବଂ ଅନେକ ବୃଦ୍ଧ ଲୋକ ଆପଣା ସନ୍ତାନମାନଙ୍କୁ କେବଳ ଖାଲ ଖଣ୍ଡରୁ ମୁକ୍ତ କରିବା କାରଣେ ନାମମାତ୍ର ଧନ ନେଇକରି କମ୍ପାନୀ ଅଥବା ମୁସଲମାନ କେଣ୍ଟାଙ୍କ ହସ୍ତରେ ବିକ୍ରି କରନ୍ତେ ନାହିଁ। ହା, ସାହାଯ୍ୟ କମିଟିର ଅମନୋଯୋଗ ହେତୁରୁ କେତେ କର୍ଣ୍ଣଧାରୀ ପ୍ରାଣୀ ଯନ୍ତ୍ରଣାରେ ଅନ୍ତ୍ୟରୁ ଦୂଷିତ କର୍ମଦ୍ୱାରା ଜୀବନ ରକ୍ଷା କରିବାକୁ ବାଧ ହେଲେ।" (୧) ୧୮୬୬ ମସିହାର ବିଭିନ୍ନ ସଂଖ୍ୟା ମାନଙ୍କରେ ଦୁର୍ଭିକ୍ଷର କାରଣ ଓ ଦୁର୍ଭିକ୍ଷ ସାହାଯ୍ୟ କମିଟିର କାର୍ଯ୍ୟ କଳାପ ସମ୍ପର୍କରେ ଦୀପିକା ନିର୍ଭୀକ ଭାବରେ ନାନା ବିବରଣୀ ସଂଗ୍ରହ କରିଥିଲା।

ଉତ୍କଳ ଦୀପିକାର ବିଭିନ୍ନ ସଂଖ୍ୟାରେ ନଅଙ୍କ ଦୁର୍ଭିକ୍ଷର କରୁଣ ଚିତ୍ର ମର୍ମସ୍ପର୍ଶୀ ଭାବରେ ପ୍ରକାଶ କରାଯାଇ ତାର ପ୍ରତିକାର ପାଇଁ ମଧ୍ୟ ସୁଚିନ୍ତିତ ପରାମର୍ଶ ପ୍ରଦାନ କରାଯାଇ ଅଛି। କେଉଁ କାରଣରୁ ଦୁର୍ଭିକ୍ଷ ହେଲା ଓ ଏହାଦ୍ୱାରା କିପରି ଅଗଣିତ ଜନସାଧାରଣ ଖାଦ୍ୟ ଅଭାବରୁ ମୃତ୍ୟୁବରଣ କଲେ ତାର ବାସ୍ତବ ଚିତ୍ର ଉତ୍କଳ ଦୀପିକା-ରୁହିଁ ଦେଖିବାକୁ ମିଳେ। ସରକାରଙ୍କ ଦୋଷ ତ୍ରୁଟିକୁ ମଧ୍ୟ ଦୀପିକା ଯଥାର୍ଥ ଭାବରେ ଦେଖାଇ ଦେଇଅଛି। ଦୁର୍ଭିକ୍ଷ ଫଳରେ ଓଡ଼ିଶାର ଅର୍ଥନୀତି କିପରି ଦୋହଲିଗଲା ଓ ଓଡ଼ିଶାର ସାମାଜିକ ଜୀବନରେ ମିଶନାରୀମାନେ କିପରି ଧର୍ମ ପ୍ରଚାର କରିବାର ସୁଯୋଗ ନେଇ ଥିଲେ ତାର ଚିତ୍ର ମଧ୍ୟ ଦୀପିକା ପୃଷ୍ଠାରୁ ଦେଖିବାକୁ ମିଳେ। ଖ୍ରୀଷ୍ଟିଆନ୍ ପାଦ୍ରି ମାନଙ୍କର ଦୁର୍ଭିକ୍ଷ ସାହାଯ୍ୟକୁ ଯେତେବେଳେ ଲୋକମାନେ କିପରି ଦେଖୁଥିଲେ ତା'ର ଚିତ୍ର ମଧ୍ୟ ଉତ୍କଳ ଦୀପିକାରେ ଅଛି। "ପାଦ୍ରି ସର୍ବୀ ଦାସ ଏମାନଙ୍କର ଲକ୍ଷଣ ଦେଖିଲେ ଅଧ୍ୟକ୍ଷ ପାଇ ତୁଷ୍ଟନ୍ତି କାରଣ ସେ ଯେତେ ଦୟା ଓ ଶ୍ରଦ୍ଧା ଦେଖାଇ ଏ ଦୁର୍ଭିକ୍ଷର ଲୋକ ରକ୍ଷା କରନ୍ତୁ ଅଥଚ ଲୋକମାନେ ମନେ କରନ୍ତି ଯେ କେବଳ ଖ୍ରୀଷ୍ଟିଆନ ଦଳବୃଦ୍ଧି କରିବା ନିମିତ୍ତ ସେମାନେ ଏ ଭଳି ଉଦ୍ୟମ କରୁଅଛନ୍ତି ଓ ସରକାର ମଧ୍ୟ ହିନ୍ଦୁ ଧର୍ମ ଲୁପ୍ତ ପରଉପକାର ଦର୍ଶାଇ ତାହାଙ୍କ ପାଖରେ ପିଲାମାନଙ୍କୁ ଅର୍ପଣ କରିଅଛନ୍ତି। ଯେଉଁ ପିଲାମାନେ ବଞ୍ଚନ୍ତି ସେମାନଙ୍କ କଥା ଅନ୍ୟକଥା ଅନାବଶ୍ୟକ ମାତ୍ର ଯେଉଁମାନଙ୍କ ପାଖରେ କଷ୍ଟ ଭୋଗ ହୋଇ ଅଛି ସେମାନେ ସ୍ୱୟଂ ପାଦ୍ରି ସାହେବଙ୍କ ଦ୍ୱାରା ପ୍ରତିପାଳିତ ହେବାକୁ ଅନିଚ୍ଛା ପ୍ରକାଶ କରି ଅଛନ୍ତି।" (୨) ଏତଦ୍ୱ୍ୟତୀତ ଦୁର୍ଭିକ୍ଷର ଚିତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହା କିପରି ଓଡ଼ିଶାର ସାମାଜିକ ଜୀବନକୁ ଦୋହଲାଇ ଦେଇଥିଲା ତାର ବାସ୍ତବ ଚିତ୍ର ଉତ୍କଳ ଦୀପିକାରୁ ମିଳିଥାଏ। ବାରମ୍ବାର ଦୁର୍ଭିକ୍ଷ ସମ୍ପର୍କରେ ସମ୍ବାଦ ପ୍ରକାଶ, ସରକାରଙ୍କ ଦୋଷ ଦୁର୍ବଳତା ସମ୍ବନ୍ଧରେ ଲେଖିବା, ଖ୍ରୀଷ୍ଟିଆନ ପାଦ୍ରିମାନଙ୍କର ସାହାଯ୍ୟ ଅନ୍ତରାଳରେ ଥିବା ପ୍ରଚ୍ଛନ୍ନ ଉଦ୍ଦେଶ୍ୟ, ଦୁର୍ଭିକ୍ଷ ଫଳରେ ସାମାଜିକ ବିଶୃଙ୍ଖଳା, ନୂତନ ପତିତ ସମାଜର ସୃଷ୍ଟି ଆଦି ନାନା କଥାକୁ ଉତ୍କଳ ଦୀପିକା ନିର୍ଭୀକ ଭାବରେ ପ୍ରକାଶ କରି ସ୍ଥାୟୀ ପ୍ରତିକାର ପାଇଁ ସରକାରଙ୍କ ଉପରେ ନୈତିକ ଚାପ ପକାଇବାକୁ ସମର୍ଥ ହୋଇ ପାରିଥିଲା। ଏହି କାରଣରୁ ବୁଝାଯାଇଥାଏ ଯେ ଦୁର୍ଭିକ୍ଷ ପୂର୍ବରୁ ବା

---

୧) ଉତ୍କଳ ଦୀପିକା—ତୃତୀୟ ଭାଗ/ତ୍ରିଂଶ ସଂଖ୍ୟା ତା ୨୮-୮-୧୮୬୬ ।

୨) ଉ. ଦୀ. ୨୪/୨ ସ ୧୨-୧-୧୮୬୭

ଦୁର୍ଭିକ୍ଷ ସମୟରେ ଶହ ଶହ ଲୋକ ମରିବା ସ୍ୱଭାବିକ ଥାଇଥା'ନ୍ତା। ତେବେ ଓଡ଼ିଶାରେ ଦୁର୍ଭି-କ୍ଷର ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା।

## ଧର୍ମ, ସମାଜ ଓ ଉତ୍କଳ ଦୀପିକା :

ଊନବିଂଶ ଶତାବ୍ଦୀରେ ଇଂରେଜମାନଙ୍କର ଶାସନ ବିସ୍ତାର, ଖ୍ରୀଷ୍ଟିଆନ ପାଦ୍ରୀ ମାନଙ୍କର ଧର୍ମ ପ୍ରଚାର, ବ୍ରାହ୍ମ ଧର୍ମର ସୃଷ୍ଟି ଓ ବିକାଶ, ମହିମା ଧର୍ମର ଅଭ୍ୟୁତ୍ଥାନ, ହିନ୍ଦୁ ଧର୍ମର ପୁନର୍ଜାଗରଣ, ଜଗନ୍ନାଥ ଧର୍ମକୁ ମିଶନାରୀ ମାନଙ୍କର ଆକ୍ରମଣ ଓ ଇଂରେଜ ସରକାରଙ୍କ ଅବହେଳା, ପୁରୀର ରାଜା ଦିବ୍ୟସିଂହ ଦେବଙ୍କ ପ୍ରତି ଦଣ୍ଡାଦେଶ ଆଦି ଘଟଣା ଉତ୍କଳୀୟ ଜୀବନକୁ ବହୁଭାବରେ ପ୍ରଭାବିତ କରିଥିଲା। ଏହି ସମସ୍ତ ଘଟଣାରେ ଉତ୍କଳ ଦୀପିକା ସଚେତନ ଥାଇ ନିଜର ସମ୍ପାଦକୀୟ ପ୍ରକାଶ କରୁଥିଲା। ଦୀପିକା ଥିଲା ରକ୍ଷଣଶୀଳ ହିନ୍ଦୁ ଧର୍ମର ପକ୍ଷପାତୀ। ତେଣୁ ଅନ୍ୟାନ୍ୟ ଧର୍ମଧାରା ଏ ସମୟରେ ପ୍ରଚାର ବିସ୍ତାର କରୁଥିଲେ ହେଁ ଦୀପିକା ସେ ସବୁକୁ ସ୍ୱାଗତ କରୁନାହିଁ। ବରଂ ସେ ଶଙ୍କାକ୍ତିପୂର୍ଣ୍ଣ ସମ୍ପାଦକୀୟ ପ୍ରକାଶ କରି ସେଥିପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଦୁର୍ଭିକ୍ଷ ସମୟରେ ଅନ୍ନ ବସ୍ତ୍ର ଲୋଭରେ ଅନେକ ଓଡ଼ିଆ ପାଇଁ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ। ବହୁ ଅନାଥ ବାଳକ ବାଳିକା ମଧ୍ୟ ପାଦ୍ରୀମାନଙ୍କ ଦ୍ୱାରା ଏହି ଧର୍ମ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ଦୀପିକା ଏହି ଘଟଣାକୁ ଅନୁମୋଦନ କରି ନାହାନ୍ତି। ସେ ଖ୍ରୀଷ୍ଟ ଧର୍ମକୁ ନିନ୍ଦା କରି ନାହାନ୍ତି ମାତ୍ର ହୈନ୍ଦବ ହିନ୍ଦୁ ଏହି ଧର୍ମ ପ୍ରତି ଆକୃଷ୍ଟ ହୋଇ ଗ୍ରହଣ କଲେ ନିନ୍ଦା ମଧ୍ୟ କରନ୍ତି। ଅପର ପକ୍ଷରେ ସେ ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କ ସେବାଦେବା ମୂଳକ କାର୍ଯ୍ୟକୁ ମଧ୍ୟ ଉଚିତ ପ୍ରଶଂସା କରିଅଛନ୍ତି।

ଊନବିଂଶ ଶତାବ୍ଦୀର ଓଡ଼ିଶାରେ ମଧ୍ୟ ବ୍ରାହ୍ମଧର୍ମ ଓ ମହିମା ଧର୍ମର ବିକାଶ ଓ ପ୍ରସାର ହୋଇଥିଲା। ମହିମାଧର୍ମକୁ ଦୀପିକା 'ନୂତନ ଧର୍ମ ପ୍ରଚାର' ରୂପେ ଉଲ୍ଲେଖ କରିଅଛନ୍ତି। ଏ ସମ୍ପର୍କରେ ଦୀପିକା ଲେଖିଥିଲେ—"କଟକର ନିକଟସ୍ଥ ଗଡ଼ଜାତ ମାନଙ୍କରେ ଏକ ନୂତନ ଧର୍ମ ପ୍ରଚାର ହେବାର ଉପକ୍ରମ ହୋଇଅଛି। ଏ ଧର୍ମର ନାମ ମହିମା। ଢେଙ୍କାନାଳର ଅନ୍ତଃପାତୀ କପିଳାସ ପର୍ବତରେ ଏକ ସନ୍ନ୍ୟାସୀ ଥିଲେ। ସେ ପ୍ରଥମେ ଗଛ ତଳ ଫଳାହାର କରେ ତହିଁ ଉତ୍ତାରେ ଦୁଗ୍ଧ ପାନ କରେ ଓ ଶେଷରେ କେବଳ ଜଳପାନ ଦ୍ୱାରା ଜୀବନ ଧାରଣ କରି ଶିବପୂଜା କରୁଥିଲେ। ଏକ ଧନ ସେ ଆକାଶବାଣୀ ଶ୍ରବଣ କରି ତଦନୁସାରେ କଣ୍ଠୀ ମୁଣ୍ଡନ କରି ହିନ୍ଦୁ ଧର୍ମ ତ୍ୟାଗ କଲେ। ଶ୍ରୀମାନ ସେ ବହୁଳ ଅନୁଧ୍ୟାନ କରି ନୂତନ ଏକ ଧର୍ମ ପ୍ରଚାର କରିବାରେ ପ୍ରବୃତ୍ତ ହୋଇ ଅଛନ୍ତି। ଏ ଧର୍ମରେ ଜାତି ବିଚାର ନାହିଁ, ଶ୍ରାଦ୍ଧ କିମ୍ବା ଓ ପିତୃଙ୍କ ପୂଜା ନିଷେଧ, କେବଳ ଏକମାତ୍ର ଈଶ୍ୱର ଏ ଧର୍ମାବଲମ୍ବୀ ମାନଙ୍କର ଉପାସ୍ୟ ଅଟନ୍ତି। ଉକ୍ତ ଧର୍ମ ପ୍ରଚାରକ ଅତି ସଦାଚାରୀ ଏବଂ ଲୋକମାନଙ୍କୁ ଉପଦେଶ ଦେବାରେ ସର୍ବଦା ତତ୍ପର ଅଟନ୍ତି। ସେ ଏବଂ ତାହାଙ୍କ ଶିଷ୍ୟମାନେ ସୂର୍ଯ୍ୟ ଅସ୍ତରେ ସନ୍ଧ୍ୟା ବନ୍ଦନା ପିଣ୍ଡାରେ କୌଣସି ପାତ୍ରରେ ଭୋଜନ କରନ୍ତି ନାହିଁ।

ଦାଣ୍ଡ ମଧ୍ୟରେ ଭଙ୍ଗା ଖପରରେ ସେ କୌଣସି ଜାତି ଲୋକଙ୍କଠାରୁ ଖାଇବାକୁ ନେଇକି ଆହାର କରନ୍ତି । ଏକ ଏକ ସ୍ଥାନରେ ସୁଦ୍ଧା ବଡ଼ ବଡ଼ ଗୃହ ନିର୍ମାଣ କରି ଚାଳିଶ ପଚାଶ ସହସ୍ର ଲୋକଙ୍କୁ ଭୋଜନ ଦିଅନ୍ତି ଓ ଯେତେବେଳେ ଇଚ୍ଛା ହେଲେ ଗୃହକୁ ଭସ୍ମୀଭୂତ କରି ସ୍ଥାନ ତ୍ୟାଗ କରନ୍ତି । ପ୍ରାୟ ୨୦ ରୁ ୩୦ ସହସ୍ର ଲୋକ ଏ ଧର୍ମ ଅବଲମ୍ବନ କରିଥିବା ଶୁଣାଯାଏ । ଭକ୍ତ ସନ୍ନ୍ୟାସୀ ଯେଉଁ ସ୍ଥଳକୁ ଯାଇ ଥାଆନ୍ତି ସେଠାରେ ଲୋକମାନେ ତାଙ୍କର ଏପରି ଅଧୀନ ହୋଇ ଥାଆନ୍ତି ଯେ ସେ ଯାହା କହନ୍ତି ସେଥିରେ ଅନ୍ୟଥା କରିବାକୁ କେହି ସାହସୀ ହୁଅନ୍ତି ନାହିଁ ଏବଂ ସେ ଯାହାଙ୍କୁ ମାଗୁଅଛନ୍ତି ସେ ତାହା ଦେଉଅଛନ୍ତି ।" (୭) ଏହି ନୂତନ ଧର୍ମ ସମ୍ପର୍କରେ ପତ୍ରିକା ଏବଂ ପ୍ରଥମେ ସମ୍ବାଦ ପରିବେଷଣ କରି ଓଡ଼ିଶାର ଜନ ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଅଛି । ଏହି ଧର୍ମ ଲୋକ ଧର୍ମ । ଏହା ନିମ୍ନଜାତିମାନଙ୍କ ଧର୍ମ ସ୍ୱରୂପ ବା ବ୍ରାହ୍ମଣମାନଙ୍କ ଧର୍ମ ସ୍ୱରୂପ ପରି ନୁହେଁ । ଏହି ଧର୍ମ ସେତେବେଳେ ଓଡ଼ିଶାର ସୁଦୂରପଲ୍ଲୀରେ ଦ୍ରୁତ ଗତିରେ ପ୍ରସାର ଲାଭ କରିବାକୁ ଲାଗିଲା । ବ୍ରାହ୍ମଣମାନେ ଏ ଧର୍ମ ପ୍ରତି ବିଦ୍ୱେଷ ପ୍ରକାଶ କଲେ । ସମାଜର ଉଚ୍ଚ ବର୍ଗଲୋକମାନେ ମଧ୍ୟ ଏହି ଧର୍ମ ପ୍ରତି ଶ୍ରଦ୍ଧା ପ୍ରକାଶ କଲେ ନାହିଁ । ତତ୍କାଳୀନ ସ୍ଥାନୀୟ ସରକାର ପକ୍ଷରୁ ମଧ୍ୟ ଏହି ଧର୍ମ ପ୍ରତି ଶ୍ରଦ୍ଧା ନଥିଲା । ତଥାପି ଏହି ଧର୍ମ ପ୍ରସାର ଲାଭ କରିବାକୁ ଲାଗିଲା । ସନ ୧୮୬୭ ମସିହା ବେଳକୁ ଦୀପିକା ସୂଚୀ ଦେଇଥିଲେ—"ଆମ୍ଭମାନଙ୍କ ଏ ଜିଲ୍ଲାରେ ନୂଆ ଦଳେ ଲୋକ ଅଛନ୍ତି ସେ ଭେକଧାରୀ ସନ୍ନ୍ୟାସୀ ବେଦବିରୁଦ୍ଧ ପ୍ରତିମା ପୂଜକମାନଙ୍କ ଦ୍ୱେଷୀ ନାମଧେୟରେ ପାପ ଅଣୁଭାଇଶାର ଲୋକ ଏକ ସମ୍ପ୍ରଦାୟ ହୋଇ ଅଛନ୍ତି । ଏମାନଙ୍କ ଅପର ନାମ ମହିମା ବାବାଜୀ । ଏହି ସମ୍ପ୍ରଦାୟ ମଧ୍ୟରୁ ଦୁଇ ବ୍ୟକ୍ତି ମଧୁପୁରରେ ପ୍ରବେଶ ହୋଇ ଲୋକଙ୍କ ଜାତି ଯାଉଅଛି ବୋଲି କହିବାରେ ରାଜା ତାହାଙ୍କୁ ହିନ୍ଦୁ ଧର୍ମର ବିରୋଧୀ ଜାଣି କରି ସଜା ଦ୍ୱାରା ତାଡ଼ନା କରାଇଦେଲେ । ସେହି ବୈରାଗୀଙ୍କ ମଧ୍ୟରୁ ଦୁଇଜଣ ଅଟକରେ ମାସ ୨ ହେବ ରାଜଦ୍ୱାରରେ ଅର୍ଦ୍ଧ ଭୋଜନ କରୁଅଛନ୍ତି । ଇତର ନାନା ଜାତି ମଧ୍ୟରୁ କେତେକ ବ୍ୟକ୍ତି ଶିଷ୍ୟ ହୋଇ ତାହାଙ୍କୁ ସଙ୍ଗେ ନେଇ ବୁଲୁ ଅଛନ୍ତି । ରାଜା ଓ ବ୍ରାହ୍ମଣ, ଭଣ୍ଡାରୀ, ଧୋବା, ମାଳୀ ଓ ଡୋମ୍ବ ଏହି ପାଞ୍ଚଜାତିଙ୍କୁ ଛାଡ଼ି ଆଉ ସମସ୍ତଙ୍କ ଘରେ ଭୋଜନ କରନ୍ତି । ଶ୍ରୀଜଗନ୍ନାଥଙ୍କ ପୂଜା ମାନନ୍ତି ନାହିଁ । ଏ ସମସ୍ତଙ୍କ ଘରୁ ଭାତ ମାଗି ନେଇ କାଣ୍ଡିରେ ରଖି ଗୁରୁ ଶିଷ୍ୟ ସମସ୍ତେ ଏକତ୍ର ଭୋଜନ କରି କାଣ୍ଡିକୁ ଭାଙ୍ଗି ପକାଇ ଦିଅନ୍ତି । କେତେକ ଏମାନଙ୍କ ମତ ମାନନ୍ତି ଓ କେତେକ ଲୋକ ଏମାନଙ୍କ ଠାରେ ଦୀକ୍ଷା ନେଇ ଅତି ଭକ୍ତି ସହିତ ସ୍ତବ ପାଳନ କରି ଅଛନ୍ତି । ପୂର୍ବ ବାସନା ସଫଳ କରିବାର ଶୁଣାଯାଏ । ଯାହା ହେଉ ଏମାନଙ୍କ ଦ୍ୱାରା ଜାତି ଧର୍ମର ପ୍ରବଳ କ୍ଷତି ହେବାରୁ ଦେଖି ଯାଜପୁରର ବ୍ରାହ୍ମଣମାନେ ସଭାକରି ସ୍ଥିର କରି ଅଛନ୍ତି ମହିମା ବାବାଙ୍କ ଦ୍ୱାରା ସଂସାରର ଜାତି ନାଶ ହେଉଅଛି । ସେମାନେ ପଞ୍ଚ ନେତ୍ର ଓ ଅଧର୍ମରେ ପ୍ରାୟଶ୍ଚିତ୍ତ ନ କଲେ କେହି ତାହାଙ୍କର ସମ୍ପର୍କୀ ହେବେ

---

୭) ଉତ୍କଳ ଦୀପିକା — ଦ୍ୱିତୀୟ ଭାଗ/୨୨ ସଂଖ୍ୟା- ତା ୧-୬-୧୮୬୭ ।

ନାହିଁ । ଏପରି ବନ୍ଧ ହେବାରୁ ଶିଷ୍ୟଙ୍କ ସଂଖ୍ୟା ହ୍ରାସ ହେଉଅଛି ଓ ସେମାନେ ଶିଷ୍ୟ ହୋଇ ଅଛନ୍ତି ତାହାଙ୍କ ମଧ୍ୟରୁ ଅନେକ ଲୋକ ଘରକୁ ଫେରି ଆସି ସାଂସାରିକ ବ୍ୟାପାରରେ ଅଛନ୍ତି ।" (୮)

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ବେଳକୁ ମହିମା ଧର୍ମ କ୍ରମେ ପ୍ରତିଷ୍ଠା ଅର୍ଜନ କଲା ଓ ୧୮୬୬ ମସିହା ବେଳକୁ ଏହି ଧର୍ମାବଲମ୍ବୀଙ୍କ ସଂଖ୍ୟା ୬୦ ହଜାର ପର୍ଯ୍ୟନ୍ତ ହୋଇଥିଲା ବୋଲି ଉତ୍କଳ ଦୀପିକାରୁ ଜଣା ଯାଇଥାଏ । ପୁଣି ୧୮୭୩ ମସିହା ବେଳକୁ ଏହି ଧର୍ମ ବିରୁଦ୍ଧରେ ବାହ୍ମଣମାନେ ସଂଗଠିତ ହେବାକୁ ଲାଗିଲେ । ତଥାପି ଏହି ଧର୍ମ ହ୍ରାସ ପାଇଲା ନାହିଁ । ବରଂ ଏହି ଧର୍ମ ଜନପ୍ରିୟ ହେଲା । ଏହି ନୂତନ ଧର୍ମ ସମ୍ପ୍ରଦାୟ ସେତେବେଳେ ସାମାଜିକ ଜୀବନରେ ଗଭୀର ପ୍ରଭାବ ପକାଇଥିଲା । ଏମାନଙ୍କୁ ଯେତେ ନିନ୍ଦା ଓ ଅଶ୍ଳୀଳ ଭାଷାରେ ମଧ୍ୟ ଏମାନେ ଆପଣାର ଧର୍ମମତ ଏକାନ୍ତ ଅନୁରକ୍ତ ଥିଲେ । ଫଳରେ ଏହି ଧର୍ମ ସେତେବେଳେ ଲୋକଧର୍ମରେ ପରିଣତ ହୋଇଯାଇଥିଲା । ଶ୍ରୀ ଜଗନ୍ନାଥଙ୍କ ପ୍ରତି ଅସମ୍ମାନ ଏବଂ ତାଙ୍କୁ ଦଗ୍ଧ ଧ୍ୱଂସ କରିବାର ସଙ୍କଳ୍ପ ଯୋଗୁ ଏହି ଧର୍ମ ସେତେବେଳେ ସମସ୍ତ ଦେଶର ଦୃଷ୍ଟି ଆକର୍ଷଣ କରିଥିଲା । 'ଉତ୍କଳଦୀପିକା' ଏହି ନୂତନ ଧର୍ମର ଗତି ବିଧିକୁ ସ୍ପଷ୍ଟ ଲକ୍ଷ୍ୟ କରି ବିଭିନ୍ନ ସଂଖ୍ୟାରେ ପ୍ରକାଶ କରିଥିଲା ଓ ଏ ଧର୍ମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲା ।

ଊନବିଂଶ ଶତାବ୍ଦୀର ପରିବର୍ତ୍ତିତ ସାମାଜିକ ମୂଲ୍ୟବୋଧ ଓ ଧର୍ମଧାରାକୁ ଗୌରୀଶଙ୍କର ସ୍ପଷ୍ଟ ଭାବରେ ଉପଲବ୍ଧି କରିଥିଲେ । ସେଥିପାଇଁ ଉତ୍କଳ ଦୀପିକାର କେତୋଟି ସଂଖ୍ୟାରେ ସେ କାଳର ବିଭିନ୍ନ ଧର୍ମଧାରାକୁ ପ୍ରକାଶ କରି ଓଡ଼ିଶାର ଜନସାଧାରଣଙ୍କୁ ଅବଗତ କରାଇଥିଲେ । ସେ ନିଜେ ବ୍ରାହ୍ମଧର୍ମାବଲମ୍ବୀ ଥିଲେ ମଧ୍ୟ ହିନ୍ଦୁଧର୍ମ ପ୍ରତି ତାଙ୍କର ଥିଲା ଗଭୀର ଶ୍ରଦ୍ଧା ଓ ଅନୁରକ୍ତି । ପଣ୍ଡିତ ମୃତ୍ୟୁଞ୍ଜୟ ତାଙ୍କ ସମ୍ପର୍କରେ ଲେଖିଛନ୍ତି —" ଗୌରୀଶଙ୍କର ବ୍ରାହ୍ମସମାଜର ଉପାସନା ସଭାର ଅନ୍ତର୍ଭୁକ୍ତ ଥିଲେ । ସୁତରାଂ ହିନ୍ଦୁ ସମାଜ ସହିତ ତାଙ୍କର ବିଚ୍ଛେଦ ହେବେ ଘଟି ନଥିଲା । ତତ୍ତ୍ୱଭାବେ ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ହିନ୍ଦୁଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେ କରୁଥିଲେ । ସମ୍ଭାବ ଦ୍ୱାରା ନାନା ଅସାର ଅଂଶ ଓ ଆବର୍ଜନା ଦୂର କରି ସରଳ ଓ ବ୍ରାହ୍ମଧର୍ମ ଗ୍ରହଣ କରିବା ଓ ଜୀବନରେ ବ୍ରହ୍ମୋପାସନାକୁ ସାର ବୋଲି ଅବଲମ୍ବନ କରିବା ହିନ୍ଦୁର କର୍ତ୍ତବ୍ୟ ବୋଲି ସେ ମନେ କରୁଥିଲେ, କିନ୍ତୁ ଏଥି ସହିତ କୌଣସି ଜାତିକୁ ସେ ପତିତ କରୁ ନଥିଲେ ବେଶି ଏବଂ ସୁଧାର ପନ୍ଥାର ଭାଗୀ ତାଙ୍କର ସହାନୁଭୂତି ଚିରଦିନ ଅତୁଟ ଥିଲା ।"(୯) ଅତଏବ ଗୌରୀଶଙ୍କର ବ୍ରାହ୍ମଧର୍ମାବଲମ୍ବୀ ହୋଇଥିଲେହେଁ ହିନ୍ଦୁ ଧର୍ମକୁ ଘୃଣା କରି ନାହାନ୍ତି । ବରଂ ହିନ୍ଦୁ ଧର୍ମ ଶାସ୍ତ୍ରକୁ ସେ ସମ୍ମାନ ଦେଇ ଅଛନ୍ତି । ତାହା ସହିତ ଶ୍ରୀଜଗନ୍ନାଥ ଧର୍ମ ପ୍ରତି

---

(୮) ଉତ୍କଳ ଦୀପିକା ଅଷ୍ଟମ ଭାଗ/୩୬ ସଂଖ୍ୟା ତା ୬-୯-୧୮୭୩ ।

(୯) ପଣ୍ଡିତ ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ- ପୃ ୬୯୫ ୬୯୬ ।

ତାଙ୍କର ଗଭୀର ଶ୍ରଦ୍ଧା ସୃଷ୍ଟି ହୋଇଅଛି । ମହମ୍ମଦୀ ଧର୍ମ ପ୍ରତି ମଧ୍ୟ ତାଙ୍କର ଉଦାର ଧର୍ମୀୟ ଦୃଷ୍ଟିକୋଣ ପ୍ରକଟିତ ହୋଇଅଛି । ଖ୍ରୀଷ୍ଟଧର୍ମ ପ୍ରତି ତାଙ୍କର ବିଦ୍ବେଷ ନଥିଲେ ହେଁ ଯେଉଁଠି ଧବଳ ଦ୍ବୀପମାନଙ୍କ ଧର୍ମାନ୍ତରଣ କରିବାର ଉଦ୍ୟମ ହୋଇଛି ସେଠି ସେ ଦୀପିକା ମାଧ୍ୟମରେ ସ୍ବର ଉତ୍ତୋଳନ କରିଛନ୍ତି ।

## ଉତ୍କଳ ସାହିତ୍ୟ ଓ 'ଉତ୍କଳ ଦୀପିକା'

'ଉତ୍କଳ ଦୀପିକା' ଓଡ଼ିଆ ଭାଷା ଓ ସାହିତ୍ୟର ସଙ୍କଟ ମୁହୂର୍ତ୍ତରେ ଆତ୍ମ ପ୍ରକାଶ କରିଥିଲା । ଯେଉଁ ସମୟରେ ବଂଗୀୟ ଭଦ୍ରବଂଶମାନେ ଓଡ଼ିଆ ସାହିତ୍ୟର ଅସାରତା ପ୍ରତିପାଦନ କରୁଥିଲେ ସେହି ସମୟରେ ଉତ୍କଳ ଦୀପିକା ସେମାନଙ୍କ ଯୁକ୍ତିକୁ ଅମୂଳକ କରି ପ୍ରାଚୀନ ଓଡ଼ିଆ ସାହିତ୍ୟର ଗୌରବକୁ ପ୍ରମାଣ କଲା । ୧୯୧୬ ମସିହାରେ ଉତ୍କଳ ସାହିତ୍ୟ ସମାଜର ଦ୍ବାଦଶ ବାର୍ଷିକ ଅଧିବେଶନରେ ଅଭିଭାଷଣ ଦେଇ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଆପଣାର ଶ୍ରଦ୍ଧା ଓ ଅନୁଭୂତି ପ୍ରକାଶ କରିଥିଲେ । ସେ ଅଭିଭାଷଣରୁ ଗୌରୀଶଙ୍କରଙ୍କର ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରତି କିପରି ଗଭୀର ମମତା ଥିଲା ତାର ଯଥାର୍ଥ ସୂଚନା ମିଳିଥାଏ । 'ଉତ୍କଳ ପୁତ୍ର' ଠାରୁ ଉଚ୍ଚ ସାହିତ୍ୟ ତଥା ସତ୍ ସାହିତ୍ୟ ବିଦ୍ବେଷୀ ଯେଉଁ ଆଲୋଚନା ଆରମ୍ଭ ହୋଇ 'ଉତ୍କଳ ଦର୍ପଣ'ରେ ଶାନ୍ତ ଆକାର ଧାରଣ କଲା ଏବଂ 'ବଙ୍ଗଦୂତ'ରେ ତାର ପୂର୍ଣ୍ଣାଭିବ୍ୟକ୍ତି ଘଟିଥିଲା ସେହି ସବୁ ଆଲୋଚନାକୁ ଗୌରୀଶଙ୍କର ଲକ୍ଷ୍ୟ କରିଥିଲେ । ତେଣୁ ଦୀପିକାରେ ସେ ଉତ୍ତରୀୟ ଭାଷ୍ୟ ରୂପରେ ନାନା ଯୁକ୍ତି ଉପସ୍ଥାପନ କରି ପ୍ରତିପକ୍ଷମାନଙ୍କର ବକ୍ତବ୍ୟକୁ ଖଣ୍ଡନ କରିଥିଲେ ।

ଦୀପିକା ପ୍ରାଚୀନ ସାହିତ୍ୟର ଗୁଣାତ୍ମକ ବିଶ୍ଳେଷଣ କରି ସେଥିରୁ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ବାହାର କରିଛି । 'ଓଡ଼ିଆମାନେ ସୁରୁଚିର ନିର୍ବୋଧ' ପ୍ରତିପକ୍ଷ-ମାନଙ୍କର ଏହି ଯୁକ୍ତିକୁ ବିରୋଧ କରିବାକୁ ଯାଇ ଦୀପିକା ଲେଖିଥିଲେ— "ବିଦ୍ୟାସୁନ୍ଦର ରଚନାର ଅନେକ ବର୍ଷ ପୂର୍ବରୁ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ଗ୍ରନ୍ଥ ରଚନା କରିଅଛନ୍ତି ତାହାର ସହିତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଚାତୁରୀ କି ସ୍ବଭାବ ବର୍ଣ୍ଣନା କି ଶ୍ଳେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭାରତଚନ୍ଦ୍ରଙ୍କ ଠାରୁ ଅଧିକ ପାରଦର୍ଶିତା ଲାଭ କରିଅଛନ୍ତି । ତଥାପି ଦେଖ ବିଦ୍ୟାସୁନ୍ଦର ଆଜି ନା ଜାଣିଲୁ ବଙ୍ଗୀୟ ମଣ୍ଡଳୀରେ ସମାଦୃତ ହେଉଅଛନ୍ତି । ମାତ୍ର ରସକଲ୍ଲୋଳ ପ୍ରତି କେହି ଦୃଷ୍ଟିପାତ କରିବାକୁ ନାହିଁ । ରସକଲ୍ଲୋଳ ଅତିଶୟ ଘଟିତ ବୁଦ୍ଧି ଭକ୍ତିସିକ୍ତ ବୋଲି ଯେ ଏହା ଆଦୃତ ହେଉ ନାହିଁ ଅଶ୍ଳୀଳ ବଳ୍ଲରୀ ନାହିଁ । ମାତ୍ର ରସକଲ୍ଲୋଳରେ ସର୍ବସ୍ଥଳରେ ବିଦ୍ୟାସୁନ୍ଦର ଠାରୁ ଅଧିକ ଭକ୍ତି ଓ ନୀତି ତାହାର ସଙ୍ଗେ ନାହିଁ । ଏହି ଭାଷାର ଦୃଢ଼ତା ଦେଖାଇବା ପ୍ରମାଣ ବାହୁଲ୍ୟମାତ୍ର । ଯେ ସହୃଦୟ ବ୍ୟକ୍ତି ଏହି ଗ୍ରନ୍ଥ ଦ୍ବୟ ପାଠ କରିଅଛନ୍ତି ସେ ଏହି ଗ୍ରନ୍ଥ ଦ୍ବୟର ଉତ୍କର୍ଷାପକର୍ଷ ବିଷୟ ହୃଦୟଙ୍ଗମ କରିଅଛନ୍ତି । ଦୀନକୃଷ୍ଣଙ୍କ ଗ୍ରନ୍ଥ ଆଦ୍ୟୋପାନ୍ତ ଅନେକ ଯମକ ଅନେକ ବିଷୟରେ ଅନେକ ଗ୍ରନ୍ଥ ରଚନା କରିଅଛନ୍ତି ।

ମୁଦାରନ୍ତୁ ଅଭାବରେ ଅନେକ ଗ୍ରନ୍ଥ ଲୋପ ହୋଇଅଛି । ଉଡ଼ିଷ୍ୟାର କବିକୁଳକେଶରୀ ଉପେନ୍ଦ୍ର ଭଞ୍ଜ ୫୦ ଖଣ୍ଡ ଗ୍ରନ୍ଥ ରଚନା କରି ଅଛନ୍ତି ମାତ୍ର ଇଦାନୀଂ ପ୍ରଶଂସିତ କବି ରଚିତ ୨୦/୨୫ ଖଣ୍ଡ ଗ୍ରନ୍ଥରୁ ଅଧିକ ମିଳୁନାହିଁ ।" (୧୦) ଏହିପରି ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଦୀପିକା ବିଭିନ୍ନ ସମୟରେ ସୁଚିନ୍ତିତ ମତ ପ୍ରଦାନ କରିଅଛି । ପ୍ରାଚୀନ ସାହିତ୍ୟକୁ ଦୀପିକା କଦାପି ଅଣଦେଖି କରିନାହିଁ ବରଂ ଓଡ଼ିଆ ଜାତୀୟତାର ମୂଳ ଭିତ୍ତି ରୂପେ ପ୍ରାଚୀନ ସାହିତ୍ୟକୁ ଗ୍ରହଣ କରିଅଛି । ପ୍ରାଚୀନ ସାହିତ୍ୟର ପ୍ରଶଂସା କଲାବେଳେ ନୂତନ ସାହିତ୍ୟକୁ ନିନ୍ଦା କରିନାହିଁ । ବରଂ ନୂତନ ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଦୀପିକା ଦେଇଛି ପ୍ରେରଣା । ଯେଉଁଠି ଅନ୍ୟମାନେ ପ୍ରାଚୀନ ସାହିତ୍ୟର ଅବହେଳା କରୁଥାଇଛନ୍ତି ସେଇଠି ଦୀପିକା ତାର ବିରୋଧ କରିଛି ।

## ବାର୍ତ୍ତାମୁଖୀ ସମାଲୋଚନା ଓ 'ଉତ୍କଳ ଦୀପିକା'

ଓଡ଼ିଆ ସାହିତ୍ୟରେ ସମାଲୋଚନାର ବିଧିବଦ୍ଧ ବିକାଶ ପୂର୍ବରୁ ସର୍ବପ୍ରଥମେ ଉତ୍କଳ ଦୀପିକାରେ ବାର୍ତ୍ତାମୁଖୀ ସମାଲୋଚନାର ଧାରା ଆରମ୍ଭ ହୋଇଥିଲା । ଏହି ଧାରା ପରବର୍ତ୍ତୀ କାଳରେ ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ପୁତ୍ର, ଓଡ଼ିଆ ଓ ନବ ସମ୍ବାଦ ପତ୍ର ପତ୍ରିକାରେ ପ୍ରଚଳିତ ହୋଇଥିଲା । ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଯେପରି ଏ ସବୁ ପତ୍ରିକାମାନ ସଂକ୍ଷିପ୍ତ ସମାଲୋଚନା ବାର୍ତ୍ତାଧର୍ମ ଶୈଳୀରେ ପ୍ରକାଶ କରୁଥିଲେ ସେହିପରି ମଧ୍ୟ ସମସାମୟିକ ସାହିତ୍ୟ ସୃଷ୍ଟି ସମ୍ପର୍କରେ ନାନା ମନ୍ତବ୍ୟ ପ୍ରଦାନ କରୁଥିଲେ । ଏ ଦିଗରେ 'ଉତ୍କଳ ଦୀପିକା' ଥିଲା ଅଗ୍ରଗାମୀ । ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରାଥମିକ ସୃଷ୍ଟି ସମ୍ପର୍କରେ ସର୍ବପ୍ରଥମେ 'ଦେଶୀୟ କସ୍ୟଚିତ୍'ଙ୍କ ପତ୍ର ମାଧ୍ୟମରେ ଦୀପିକାରେ ସମାଲୋଚନା ପ୍ରକାଶ ପାଇଥିଲା । ୧୮୬୭ ମସିହା ଫେବୃଆରୀ ୨୪ ତାରିଖ ସଂଖ୍ୟାରେ ଫକୀରମୋହନଙ୍କ 'ଜବନ ଚରିତ' ଗ୍ରନ୍ଥର ଭାଷା ପ୍ରୟୋଗ ବିଧି, ବାକ୍ୟ ଗଠନ ଶୈଳୀ ଇତ୍ୟାଦି ବିଷୟରେ ସମାଲୋଚନା କରାଯାଇଅଛି । ତାଙ୍କର ଭାଷା ଓ ବାକ୍ୟ ଗଠନରେ ଚଳନ୍ତା କଥାର ବହୁଳ ପ୍ରୟୋଗ ସମାଲୋଚକ ଦେଖାଇ ଥିଲେ । ଏହି ସମୟରୁହିଁ ଓଡ଼ିଆ ସମାଲୋଚନାର ଆରମ୍ଭ ହୋଇଅଛି । ପରେ ଫକୀରମୋହନ ନିଜର ଭାଷା ପ୍ରୟୋଗ ସମ୍ପର୍କରେ ସତର୍କ ହେଲେ ଏବଂ ତାଙ୍କର ସାହିତ୍ୟ ହେଲା ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଧାନ ପ୍ରେରଣା ।

'ଉତ୍କଳ ଦୀପିକା' ଏହି ବାର୍ତ୍ତାମୁଖୀ ସମାଲୋଚନା ମାଧ୍ୟମରେ ପରବର୍ତ୍ତୀ କାଳର ବିଭିନ୍ନ ସାହିତ୍ୟିକ କୃତି ସମ୍ପର୍କରେ ପ୍ରକାଶ କରିଥିବା ଦେଖାଯାଏ । ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଯେପରି ଏହା ମନ୍ତବ୍ୟ ପ୍ରକାଶ କରିଅଛି ସେହିପରି ମଧ୍ୟ ଆଧୁନିକ ଯୁଗରେ ରଚିତ ବିଭିନ୍ନ ଗ୍ରନ୍ଥମାନଙ୍କ ବିଷୟରେ ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିଅଛି । 'ଉତ୍କଳ ଦୀପିକା'ର ମନ୍ତବ୍ୟ ଥିଲା ସେ କାଳର ନୂତନ ସୃଷ୍ଟ ସାହିତ୍ୟ ପ୍ରତି ଏକ ଯଥାର୍ଥ ଦିଗ୍‌ଦର୍ଶନ ।

---

(୧୦) ଉତ୍କଳ ଦୀପିକା ପ୍ରଥମ ଭାଗ/୧୨ଶ ସଂଖ୍ୟା ତା ୨୦-୧୦-୧୮୬୭ ।

ଓଡ଼ିଆ ଯାତ୍ରା, ଓ ନାଟକ ସମ୍ପର୍କରେ ଉତ୍କଳ ଦୀପିକା ମଧ୍ୟ କେତେକ ସମୟରେ ନାନା ମନ୍ତବ୍ୟ ପ୍ରକାଶ କରିଅଛି । ଓଡ଼ିଆ ଯାତ୍ରା ସମ୍ପର୍କରେ ଦୀପିକା ଲେଖିଥିଲେ— “ସମ୍ପ୍ରତି ଓଡ଼ିଶାରେ ଯାତ୍ରା ଯାତ୍ରା ନାମରେ ଯାହା ହେଉଅଛି ଓ ଯାହାକୁ ଅନୁପସ୍ଥ ହୋଇ ଭଦ୍ରଲୋକମାନେ ପଟ୍ଟ ବେଶରେ ଦେଖିବାକୁ ବାଧ୍ୟ ହେଉଛନ୍ତି ତାହା ଅତ୍ୟନ୍ତ ଘୃଣିତ ଓ ଏଥିରେ ଓଡ଼ିଶାର ଲୋକର ଜାତୀୟ ବୃତ୍ତି ପତନକୁ ପ୍ରାପ୍ତ ହୁଅଇ । ଦଣ୍ଡସ୍ଥଳରେ ହେଉ ପଛକେ ବାଲେଶ୍ୱରର ଓଡ଼ିଆମାନେ ଯେ ଏ ବ୍ୟବସାୟରେ ପ୍ରବୃତ୍ତ ହୋଇ ନାହାନ୍ତି ଏହାକୁ ଆମ୍ଭେମାନେ ସୌଭାଗ୍ୟ ଶୁଭ ଲକ୍ଷଣ ବୋଲି ଅତ୍ୟନ୍ତ ଆଦର କରୁଅଛୁ । ଆମ୍ଭେମାନେ ଭରସା କରୁଁ ଯେ ଓଡ଼ିଆବାସୀମାନେ ଏହାକୁ ପ୍ରବୃତ୍ତ ସ୍ଥାନମାନଙ୍କରେ ଉତ୍ସାହିତ ଓ ସ୍ୱଦେଶାନୁରାଗୀ ମହାଶୟମାନେ ଏହାକୁ ଭଲ ପରାମର୍ଶ ଦେଇ ଓଡ଼ିଆ ଯାତ୍ରା କରିବାକୁ ପ୍ରବୃତ୍ତ କରାଇବେ । ଶିକ୍ଷିତ ଓ ସ୍ୱଦେଶପ୍ରିୟ ଲୋକଙ୍କ ସାହାଯ୍ୟ ବିନା ଏହିଭଳି ବ୍ୟାପାର ସାଧନ ହୋଇ ନ ପାରେ ।”(୧) ଏହି ସମାଲୋଚନା ସାମୟିକ । ତଥାପି ଏଥିରୁ ଓଡ଼ିଆ ଯାତ୍ରାର ସଂସ୍କାର ସମ୍ପର୍କରେ ପ୍ରେରଣା ମିଳିଥାଏ । ପୁନଶ୍ଚ ଦୀପିକା ଯାତ୍ରା ସମ୍ପର୍କରେ ଲେଖିଥିଲେ—“ବର୍ତ୍ତମାନ ଓଡ଼ିଶାରେ ଯାହାକୁ ଯାତ୍ରା ବୋଲାଯାଏ ତାହା ରାମଲୀଳା, କୃଷ୍ଣଲୀଳା, ସୁଭଦ୍ରାହରଣ ପ୍ରଭୃତି ଅଟଇ । ପ୍ରଥମ ଦୃଷ୍ଟାନ୍ତଟି କଟକ ନଗରରେ ଦେଖାଯାଏ, ଏମାନଙ୍କ ନାଟକ ବାହାର ପୂର୍ବ ବଡ ବଡ ସ୍ଥାନରେ ଏଥିର ଏକ ଏକ ଆଖଡ଼ା ଅଛି । ସୁଭଦ୍ରା ହରଣ କେବଳ ଭଦ୍ରଶିଶୁମାନେ କରନ୍ତି ନାହିଁ ଆମ୍ଭେମାନେ ଯେତେଦୂର ଦେଖିଅଛୁଁ କୌଣସି ଯାତ୍ରାରେ ସଙ୍ଗୀତର ବାସନା ଦୃଷ୍ଟ ହେଉନାହିଁ ଏବଂ ଆମ୍ଭମାନଙ୍କ ଦେଶରେ ଏହି ଯେ ସଙ୍ଗୀତ ଯାହାକୁ ବୋଲାଯାଏ ଯାତ୍ରାୱାଲାମାନେ ଜାଣନ୍ତି ନାହିଁ କେବଳ ଉଚ୍ଚସ୍ୱରରେ ହୋଇ ଗୁଡ଼ାଏ ଗୀତ ବୋଲନ୍ତି ବା ଭଣ୍ଡାମି କରନ୍ତି ଓ ନାନା ପ୍ରକାର କଦର୍ଯ୍ୟ ଓ ଅଶ୍ଳୀଳ ଚେଷ୍ଟାରେ ଓ ଅଶ୍ଳୀଳ ବାକ୍ୟ ଦ୍ୱାରା ଜନ ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି । ସଙ୍ଗୀତ ସମ୍ବନ୍ଧରେ ଯାତ୍ରା କରିବା ଆଗେ ଏଠାରେ କେହି ଜାଣନ୍ତି ନାହିଁ ।” (୨) ଓଡ଼ିଆ ଯାତ୍ରା, ଲୀଳା ଓ ଗୀତନାଟକ ସମ୍ପର୍କରେ ଦୀପିକା ଅନେକ ସମୟରେ ବିଭିନ୍ନ ମନ୍ତବ୍ୟମାନ ପ୍ରକାଶ କରିଅଛି । ଜଗନ୍ନାଥ ମଲ୍ଲିକଙ୍କ ଗୀତ ନାଟକ ‘ଗୋପୀନାଥ ବଲ୍ଲଭ’ ସମ୍ପର୍କରେ ମଧ୍ୟ ଅନୁରୂପ ସମାଲୋଚନା ଦୀପିକାରୁ ଦେଖିବାକୁ ମିଳିଥାଏ ।

‘ବାବାଜୀ’ ନାଟକ ତଥା ‘[illegible]’ ନାଟକ ସମ୍ପର୍କରେ ‘ଦୀପିକା’ ସୁଚିନ୍ତିତ ମନ୍ତବ୍ୟ ପ୍ରକାଶ କରିଅଛି । ବାବୁ ଜଗନ୍ମୋହନ ଲାଲଙ୍କ ରଚିତ ଓ କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ମୁଦ୍ରିତ ବାବାଜୀ ନାଟକ ସମ୍ପର୍କରେ ଦୀପିକା କହନ୍ତି —‘ଆମ୍ଭେମାନେ ଏ ପୁସ୍ତକ ଖଣ୍ଡି ଅତ୍ୟନ୍ତ ସମାଦର ପୂର୍ବକ ଗ୍ରହଣ କରିଅଛୁଁ । ଓଡ଼ିଆ ଭାଷାରେ ଏ ପଦ୍ଧତିରେ ନାଟକ ରଚନା ହୋଇ ନ ଥିଲା । ଏହି ପୁସ୍ତକ ଉକ୍ତିର ପ୍ରଥମ ଉଦ୍ୟମ ଅଟଇ

(୧) ଉତ୍କଳ ଦୀପିକା—ତା' ୨୦ ୧୧-୧୮୭୫ ।

(୨) ଉତ୍କଳ ଦୀପିକା—ତା ୨୮-୧୦-୧୮୭୬ ।

ତାକୁ ଜଗମୋହନ ଲାଲ ଓଡ଼ିଆ ସାହିତ୍ୟ ସଂସାରରେ ନଟାନ୍ତି ଅପରିଚିତ କୁହନ୍ତି । ସମାଲୋଚିତ ଗ୍ରନ୍ଥ ରଚନାରେ ସେ ଅଧିକ କୃତକାର୍ଯ୍ୟ ହୋଇ ଅଛନ୍ତି । ତାଙ୍କ ଓ ସଂସ୍କୃତ ନାଟକର ଲକ୍ଷଣାନୁସାରେ ଏହାକୁ ପ୍ରକୃତ ନାଟକ ବୋଲିବାକୁ ମନ ବଳୁନାହିଁ ସତ୍ୟ ମାତ୍ର କହିଲା ସ୍ଥଳରେ ନାଟକ ନାମରେ ସେତେବେଳକୁ ଯେତେ ପ୍ରଚଳିତ ତାହାଙ୍କଠାରୁ ଏହି ଏକା ତୁଳନା କଲେ ଏହାର ନାମ ନାଟକ ଦେବା ବଡ଼ ଦୁଃସାହସ କୁହାଯିବ । କିନ୍ତୁ ଏଥିରେ ନାଟକର ସ୍ଥଳ ଓ ରଚନାର ରୀତି ଯେ ପ୍ରକାଶ ହେବ ଏ ବିଷୟ ଅତି ଚମତ୍କାର ରୂପେ ସ୍ପଷ୍ଟରୂପେ ବର୍ଣ୍ଣନା ଅଛନ୍ତି ଓ ଅନେକ ଲୋକ ଏହାକୁ ଆଗ୍ରହ ପୂର୍ବକ ପଢ଼ିବାର ଦେଖା ଯିବାରୁ ଅନାୟାସରେ ବୋଲଯାଇ ପାରେ ଯେ ବର୍ତ୍ତମାନର ରୁଚିକୁ ଏହା ବଡ଼ ସୁନ୍ଦର ହୋଇଅଛି । ଭଣ୍ଡ ମଠଧାରୀଙ୍କ ଦୋଷ ପ୍ରକାଶ କରିବା ଏବଂ ଭୂତ ଡାଆଣୀ ଝଡ଼ା ମନ୍ତ୍ର ଇତ୍ୟାଦି ବିଷୟରେ ଲୋକଙ୍କର ଭ୍ରମ ଓ କୁସଂସ୍କାର ଛେଦନ କରିବା ଏ ଗ୍ରନ୍ଥର ମୋଖ ଉଦ୍ଦେଶ୍ୟ ଜଣାଯାଏ ଓ ଗ୍ରନ୍ଥକର୍ତ୍ତା ଅନେକାଂଶରେ କୃତକାର୍ଯ୍ୟ ହୋଇ ଅଛନ୍ତି । ଫଳେଷପରେ ଅସ୍ମାନଙ୍କର ମନ୍ତବ୍ୟ ଏହି ଯେ ପୁସ୍ତକ ଖଣ୍ଡିକ ଉତ୍ତମ ହୋଇଅଛି । ଏହା ଦ୍ୱାରା ନାଟକର ବାଟ ଫିଟିଲା ଏଥର ଅନ୍ୟାନ୍ୟ କୃତବିଦ୍ୟମାନେ ଏ ପଥରେ ମନ ଦେଲେ ଅଚିରେ ଉତ୍କୃଷ୍ଟ ନାଟକ ଓଡ଼ିଆ ଭାଷାରେ ବାହାରିପାରେ ।"(୧୩)

'ଦୀପିକା' ପତ୍ରିକା କାଳରେ ପ୍ରକାଶିତ ସମ୍ବାଦ ବାହିକା, ବୋଧଦାୟିନୀ, ଉତ୍କଳ ହିତୈଷିଣୀ, ଉତ୍କଳ ଦର୍ପଣ, ଉତ୍କଳ ପୁତ୍ର, ଉତ୍କଳ ମଧୁପ, ଓଡ଼ିଆ ଓ ନବ ସମ୍ବାଦ, ସମ୍ବଲପୁର ହିତୈଷିଣୀ, ଉତ୍କଳ ପ୍ରଭା, ନବ ଧନ୍ନ ଓ ବଜ୍ରକା ଆଦି ଶାଖୀନ ପତ୍ର ପତ୍ରିକା ସମ୍ପର୍କରେ ନାନା ଦୃଷ୍ଟିକୋଣରୁ ମନ୍ତବ୍ୟ ପ୍ରକାଶ କରିଅଛି । ଏହି ମନ୍ତବ୍ୟ ପଠନ ମନଲ । ସ୍ୱକୀୟ ସାହିତ୍ୟ ସମ୍ପର୍କରେ ସ୍ୱତନ୍ତ୍ର ମନ୍ତବ୍ୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସମକାଳୀନ ପ୍ରକାଶିତ ବହୁତ ଗ୍ରନ୍ଥମାନଙ୍କ ସମ୍ପର୍କରେ ମଧ୍ୟ ସୁଚିନ୍ତିତ ଟୀକା ଟିପ୍ପଣୀ ପ୍ରକାଶ କରିଅଛି । ପ୍ୟାରୀମୋହନଙ୍କ 'ଓଡ଼ିଶାର ଇତିହାସ' ସମ୍ପର୍କରେ ଭୂୟସୀ ପ୍ରଶଂସା କରି ଲେଖିଛନ୍ତି—'ଓଡ଼ିଆ ଭାଷାରେ ଓଡ଼ିଶାର ଇତିହାସ ଆଦୌ ନଥିଲା ବୋଲିଲେ ଅତ୍ୟୁକ୍ତି ହେବ ନାହିଁ ତାଉଣ ସ୍ଟର୍ଲିଙ୍ଗ ସାହେବଙ୍କ ସଙ୍କଳିତ ପୁସ୍ତକ କେବଳ ନାମମାତ୍ର ଇତିହାସ ଅଟଇ । ଓଡ଼ିଶା ଶିକ୍ଷା ବିଭାଗର କର୍ମକର୍ତ୍ତାମାନେ ଏ ତ୍ରୁଟିର ଅଭାବ ମୋଚନ କରିବା ଉଦ୍ଦେଶ୍ୟରେ ସନ ୧୮୭୫ ସାଲରେ ଖଣ୍ଡିଏ ଉତ୍ତମ ଓଡ଼ିଶାର ଇତିହାସ ନିମନ୍ତେ ୫୦୦/- (ପାଞ୍ଚଶହ ଟଙ୍କା) ପୁରସ୍କାର ବିଜ୍ଞାପନ ଦେବାରୁ ତହିଁର ଫଳ ସ୍ୱରୂପ ଏ ପୁସ୍ତକ ଖଣ୍ଡି ବାହାରିଅଛି । ଆମ୍ଭେମାନେ ଏହାର ଅନେକାଂଶ ପାଠ କରି ଅତ୍ୟନ୍ତ ଆନନ୍ଦ ଲାଭ କରିଅଛୁ ଏବଂ ବିବେଚନା କରୁଁ ଯେ ପରୀକ୍ଷକମାନଙ୍କର ପ୍ରଦତ୍ତ ଟଙ୍କା ସମ୍ବାଦରେ ପଠିତ ହୋଇ ପୁରସ୍କାର ଫଳ ଲାଭ କରିଅଛି । ଓଡ଼ିଶାର ଭୂଗୋଳ ଓ ପ୍ରାଚୀନ ଗୌରବ ଓ ଆଧୁନିକ ଅବସ୍ଥା ବିଷୟରେ ଷ୍ଟର୍ଲିଂ ହଣ୍ଟର କଟକ ଓ ରେଭେନସା ଏବଂ ଅନ୍ୟମାନେ ଲେଖିଥିବା ସମସ୍ତ ଗ୍ରନ୍ଥମାନ

(୧୩) ଉତ୍କଳ ଦୀପିକା—୧୬ଶ ଭାଗ/୪୩ ସଂଖ୍ୟା ତା ୩-୧୧-୧୮୬୭ ।

ଲେଖିଥିଲେ ଏବଂ ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କ ପରାମର୍ଶରେ ଉତ୍ସାହିତ ହୋଇ ଏବଂ ଅନ୍ୟାନ୍ୟ ପୁସ୍ତକରୁ ଯେ ସମସ୍ତ ଶିକ୍ଷାପ୍ରଦ ଓ ଅନ୍ୟ ଉପଦେଶମାନ ସଂଗ୍ରହ କରିଅଛି ଗ୍ରନ୍ଥକାର ସେ ସମସ୍ତର ସାରମର୍ମ ସଙ୍କଳନ କରିବାରେ ଯଥାସାଧ୍ୟ ଅଂଶବିଶେଷ ଦେଖାଇ ଅଛନ୍ତି ଏବଂ ଅନ୍ୟାନ୍ୟ ପୁସ୍ତକରୁ ମଧ୍ୟ ସ୍ୱପକ୍ଷରେ ସମର୍ଥନ କରିବାରେ ଯୁକ୍ତି କରିଥାନ୍ତି । ଆମ୍ଭେମାନେ ସେଥିପାଇଁ ତାଙ୍କୁ ଧନ୍ୟବାଦ ଦେଉଅଛୁ । ଏ ପୁସ୍ତକ ରଚନା ପ୍ରଣାଳୀ ଅତ୍ୟନ୍ତ ସୁନ୍ଦର ଏବଂ ଏହା ସର୍ବାଂଶରେ ସୁପାଠ୍ୟ ଅଟଇ ।" (୧୪) କାଳୀପଦ ବନ୍ଦ୍ୟୋପାଧ୍ୟାୟ, ଯେପରି ଭାବରେ ପ୍ୟାରୀମୋହନଙ୍କ 'ଉତ୍କଳର ଇତିହାସ'କୁ ନିନ୍ଦା କରିଅଛନ୍ତି 'ଦୀପିକା' ତାର ଘୋର ବିରୋଧ କରଇ । ଦୀପିକାର ବାର୍ତ୍ତାମୂଳୀ ସମା- ଲୋଚନାର ଶୈଳୀ ସ୍ୱତନ୍ତ୍ର ଏବଂ ଏହା କୌଣସି ପୁସ୍ତକର ଗୁଣାତ୍ମକ ମୂଲ୍ୟ ନିର୍ଣ୍ଣୟରେ ସହାୟକ । ତେଣୁ ଦୀପିକାର ମତାମତ ସେତେବେଳେ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା ।

କବିଚନ୍ଦ୍ରମୋହନ ମହାନ୍ତିଙ୍କର 'ଭ୍ରମ ଭଞ୍ଜନ' କାବ୍ୟ ସମ୍ପର୍କରେ ଦୀପିକା ମନ୍ତବ୍ୟ ପ୍ରକାଶ କରିବାକୁ ଯାଇ ଲେଖିଥିଲେ —'ଆମ୍ଭେମାନେ ଏ ଗ୍ରନ୍ଥକୁ ଅତି ଆଦରର ସହିତ ଗ୍ରହଣ କରୁଅଛୁ । ଅଦ୍ୟାପି ଉତ୍କଳ ଦେଶର ଗୁଟିଏ ବାସିନ୍ଦାମାନେ ସାଧାରଣ ବିଦ୍ୟାଳୟ ଓ ବାଳକମାନଙ୍କର ଶିକ୍ଷା ନିମିତ୍ତ ଅନେକ ପୁସ୍ତକ ରଚନା କରି ଅଛନ୍ତି ମାତ୍ର ଦୁଃଖର ବିଷୟ ଯେ ତହିଁ ଏକ ଖଣ୍ଡ ପୁସ୍ତକ ଭିନ୍ନ ଅନ୍ୟ ସମସ୍ତ ବଙ୍ଗ ପୁସ୍ତକର ଅବିକଳ ଅନୁବାଦ ଅଟଇ । ବଙ୍ଗଳା ପୁସ୍ତକର ପ୍ରାଚୁର୍ଯ୍ୟ ନିବନ୍ଧନ ଏବଂ ଶିକ୍ଷାଦାନ ଅନୁବାଦ କର୍ତ୍ତାମାନେ ଏରୂପ ପୁସ୍ତକ ରଚନାର ଉପାୟ ସହଜ ଜ୍ଞାନ କରି ସେଥିରେ ପ୍ରବୃତ୍ତ ହେଉଅଛନ୍ତି ଏବଂ ବସ୍ତୁତଃ ଅବିକଳ ଅନୁବାଦ ଯେ କେତେ କଠିନ ତାହା ସେମାନେ ଜାଣନ୍ତି ନାହିଁ । ଏଥିର ଏହି ଫଳ ହୋଇଅଛି ଯେ ପ୍ରଚଳିତ ଉତ୍କଳ ଭାଷା ବଙ୍ଗଳାର ଭାବ ଭଙ୍ଗୀକୁ ପ୍ରାପ୍ତ ହୋଇ ଏକ ପ୍ରକାର ନୂତନ ଭାଷା ସୃଜନ ହେଉଅଛି । ଗ୍ରନ୍ଥକର୍ତ୍ତାମାନେ ବଙ୍ଗଳା ଭାଷାରେ ଶିକ୍ଷାପ୍ରାପ୍ତ ହୋଇ ବଙ୍ଗଳା ଗ୍ରନ୍ଥରୁ ଅନୁବାଦ କରିବା ସମୟରେ ଅନେକ ବଙ୍ଗଳା ପଦ ଓ ଭାବ ପ୍ରକାଶର ପ୍ରଣାଳୀକୁ ଉତ୍କଳ ମନେକରି ସେ ସମସ୍ତର ପରିତ୍ୟାଗ କରନ୍ତି ନାହିଁ ସୁତରାଂ ତଦ୍ୱାରା ଉତ୍କଳ ଭାଷାର ଅନେକ କ୍ଷତି ହେଉଅଛି ।" (୧୫) ଭ୍ରମ ଭଞ୍ଜନର ଗୁଣାତ୍ମକ ଆଲୋଚନା କରିବା ସଙ୍ଗେ ସଙ୍ଗେ ଏହାର ଅନୁବାଦରେ ଲେଖକ କିପରି ସ୍ୱାଭାବିକତା ପ୍ରଦର୍ଶନ କରିଅଛନ୍ତି ସେ ବିଷୟରେ ଦୀପିକା ମନ୍ତବ୍ୟ ପ୍ରକାଶ କରିଅଛି । ଏତଦ୍‌ବ୍ୟତୀତ କୃଷ୍ଣ ସିଂହ ମହାଭାରତ ଓ ଭାଗବତ ସମ୍ପର୍କରେ ମଧ୍ୟ ଦୀପିକା ବାର୍ତ୍ତାମୂଳୀ ସମାଲୋଚନା ଶୈଳୀରେ ସୁଚିନ୍ତିତ ମନ୍ତବ୍ୟ ଦେଇଅଛି । ସର୍ବଶେଷରେ କୃଷ୍ଣ ସିଂହ ମହାଭାରତ ଅନୁବାଦରେ ଜମିଦାରମାନଙ୍କର ଓ ସାରଳା ଦାସଙ୍କ ମହାଭାରତ ସହିତ ଏହାର ବିଷୟଗତ ବୈଷମ୍ୟକୁ ଦୀପିକା ପ୍ରବନ୍ଧରେ ସ୍ୱୀକାର କରିଛି । (୧୬)

---

(୧୪) ଉତ୍କଳ ଦୀପିକା — ୧୪ଶ ଭାଗ/୩୮ ସଂଖ୍ୟା ତା ୨୦-୯-୧୮୭୯ ।
(୧୫) ଉତ୍କଳ ଦୀପିକା ୩୫ଶ ଭାଗ/୭ମ ସଂ-ତା ୧୩ ୨ ୧୮୭୯ ।
(୧୬) ଉତ୍କଳ ଦୀପିକା ୩୬ ଭା/୭ମ ସଂ ତା ୧୫-୨-୧୮୭୮ ।

'ଉତ୍କଳ ଦୀପିକା' ଆରମ୍ଭରୁ ଦୀର୍ଘ ୬୭ ବର୍ଷ ବ୍ୟାପୀ ସମସ୍ତ ସୀମା ମଧ୍ୟରେ ବହୁ ବାର୍ତ୍ତାମୂଳୀ ସମାଲୋଚନା ପ୍ରକାଶ କରିଅଛି । ସେହି ସମାଲୋଚନା ଗୁଡ଼ିକ ଅଧୁନିକ ସମାଲୋଚନାର ପଥ-ନିର୍ଦ୍ଦେଶକ । ଉତ୍କଳ ଦୀପିକାର ସମାଲୋଚନା ଭଙ୍ଗୀକୁ ପରେ ବାଲେଶ୍ୱର ସମ୍ବାଦ ବାହିକା, ଉତ୍କଳ ପୁତ୍ର, ଓଡ଼ିଆ ଓ ନବ ସମ୍ବାଦ ଆଦି ପତ୍ରିକା ଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟର ବିକାଶ ପାଇଁ ଏବଂ ଓଡ଼ିଆ ଜାତୀୟତାର ସଂସ୍ଥା ପାଇଁ ଏହି ସବୁ ପତ୍ରିକା ବାର୍ତ୍ତାମୂଳୀ ସମାଲୋଚନା ମାଧ୍ୟମରେ ଯୁଗୋପଯୋଗୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଦୀପିକା ଯେଉଁ ପୁସ୍ତକ ବା ଯେଉଁ ସାହିତ୍ୟିକ ବିଷୟ ଉପରେ ସୁଚିନ୍ତିତ ମନ୍ତବ୍ୟମାନ ପ୍ରକାଶ କରିଥିଲା ତାହା ପରବର୍ତ୍ତୀ କାଳରେ ଅନେକାଂଶ ସତ୍ୟ ରୂପେ ବିବେଚିତ ହୋଇଅଛି ।

## ଓଡ଼ିଆ ଭାଷାର ନବୋତ୍ଥାନ ଓ 'ଉତ୍କଳ ଦୀପିକା' :

ଊନବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଯେପରି ଓଡ଼ିଶାର ସଂସ୍କୃତି ଓ ଧର୍ମ ଧାରଣା ଉପରେ ବିଦେଶୀ ଖ୍ରୀଷ୍ଟିୟାନ ଆକ୍ରମଣ ହୋଇ ଆସିଥିଲା ସେହିପରି ମଧ୍ୟ ତାର ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ପ୍ରତିବେଶୀମାନଙ୍କ ତରଫରୁ ଆକ୍ରମଣ ଆରମ୍ଭ ହେବାକୁ ଲାଗିଲା । ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଫଳରେ ଯେତେବେଳେ ଓଡ଼ିଆ ଜାତି ଦୁର୍ବଳ ହୋଇଗଲା ସେତେବେଳେ ତାର ସୁଯୋଗ ନେଇ ଏ ଦେଶରେ ପ୍ରଶାସନିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତଥା ଓଡ଼ିଶାର ଅର୍ଥନୀତିକୁ କବଳିତ କରିଥିବା ବଙ୍ଗୀୟମାନେ ଓଡ଼ିଆ ଭାଷା ହଟାଇ ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଉଦ୍ୟମ କଲେ । ଅବଶ୍ୟ ଏହି ଉଦ୍ୟମ ଏହା ପୂର୍ବରୁ ଧୀରେ ଧୀରେ ଆରମ୍ଭ ହୋଇ ଆସିଥିଲା । ନଅଙ୍କ ଦୁର୍ଭିକ୍ଷ ପରେ ଏହାର ଉତ୍କଟ ରୂପ ପ୍ରକାଶ ପାଇଲା । ଏହିପରି ଏକ ସଙ୍କଟ ମୁହୂର୍ତ୍ତରେ 'ଉତ୍କଳ ଦୀପିକା' ସଂଗ୍ରାମୀ ଭୂମିକା ନେଇ ପ୍ରତିପକ୍ଷ ମାନଙ୍କର ସମସ୍ତ ଅପକୌଶଳକୁ ପଦାରେ ପକାଇ ଦେଇଥିଲା ଓ ଓଡ଼ିଆ ଭାଷାର ପ୍ରାଚୀନତା ଏବଂ ମୌଳିକତା ପ୍ରତିପାଦନ କରିବାକୁ ସମର୍ଥ ହୋଇ ପାରିଥିଲା । ଓଡ଼ିଆ ଭାଷାର ସଂରକ୍ଷଣ ସମ୍ପର୍କରେ ଦୀପିକା ଯେପରି ଜନମତ ସୃଷ୍ଟି କରିପାରିଥିଲା ବାସ୍ତବରେ ତାହା ଅବିସ୍ମରଣୀୟ ।

ଓଡ଼ିଶାରେ ବିଦ୍ୟାଳୟମାନଙ୍କରୁ ଓଡ଼ିଆ ଭାଷା ହଟାଇ ଦେଇ ବଙ୍ଗଳା ଭାଷା ଚଳାଇବାକୁ ଯେତେବେଳେ ଉଦ୍ୟମ ହେଲା ସେତେବେଳେ 'ଦୀପିକା' ତାର ପ୍ରତିବାଦ କରିଥିଲା—"ବ୍ରିଟିଶ ଅଧିକାର ଏଠାରେ ସ୍ଥାପନ ହେଲାଦିନୁ ସେମାନଙ୍କର ସୁଶାସନ ପ୍ରଣାଳୀରୁ ଲୋକମାନେ ନାନା ପ୍ରକାର ବିଦ୍ୟା ଓ ଜ୍ଞାନ ଶିକ୍ଷା କଲେ ଓ ଯେ ଯେ ସ୍ଥାନରେ ଏକମାତ୍ର ଲୋକ ଲେଖା ପଢ଼ା ଜାଣୁ ନଥିଲେ ସେ ସମସ୍ତ ସ୍ଥାନରେ ପୁଣା ବିଦ୍ୟାଳୟ ସ୍ଥାପନ ଓ ସ୍ଥାନୀୟ ଭାଷାର ପୁସ୍ତକାଦି ରଚନା ଓ ଲେଖନ ପଠନ ହେଉଅଛି । ସେହି ଗଭର୍ଣ୍ଣମେଣ୍ଟ ଓଡ଼ିଶା ଦେଶର ଉପକାରାର୍ଥେ ବିଦ୍ୟାଳୟ ସ୍ଥାପନ କରି ଅପଣା ହିତାକାଂକ୍ଷା ସିଦ୍ଧି କରିବା କାରଣ ବହୁତ ଅର୍ଥ ବ୍ୟୟ କରୁଅଛନ୍ତି, କିନ୍ତୁ ଯେ ବାବୁଙ୍କର ଉପରେ ଶିକ୍ଷାର ଭାର ଅଛି ସେମାନେ ଦେଶର ଭାଷା ହଟାଇ ଦେବାକୁ ଚେଷ୍ଟା କରୁଅଛନ୍ତି, ଏହା କି ସାମାନ୍ୟ ଦୁଃଖର ବିଷୟ । ଶିକ୍ଷା, ଦେଖା, କମିଟି ନିଯୁକ୍ତ ହେବା ବଙ୍ଗମାନେ ବିବେକ ଅବଗତ

ଜଣା କି ରୂପେ କେବଳ ଘୃଣ୍ୟ କରୁଅଛନ୍ତି ଆମ୍ଭମାନଙ୍କୁ ଏହିମାତ୍ର ଜଣାଯାଉ ବୋଧ ହେଉଅଛି । ବଙ୍ଗ ଦେଶରେ ଯେତେବେଳେ ପ୍ରଥମ ବିଦ୍ୟା ଶିକ୍ଷାର ଆରମ୍ଭ ହେଲା ଓ ଗବର୍ଣ୍ଣମେଣ୍ଟ ବିଦ୍ୟାଳୟମାନ ସ୍ଥାପନ କଲେ, ସେତେବେଳେ କି ପାଠୋପଯୋଗୀ ପୁସ୍ତକମାନ ସେ ଦେଶରେ ଥିଲା ? ସେଠାରେ ତ ଅନ୍ୟ ଭାଷା ଶିକ୍ଷା ଦେବାର ହେତୁ ପ୍ରସ୍ତାବ କଲେ ନାହିଁ । କେବଳ ଏଠାରେ ଏ ରୂପ ହେବାର କାରଣ କି ?" (୧୭) ଓଡ଼ିଆ ଭାଷା ଲୋପ କରିବାକୁ ଯେତେବେଳେ ଉଦ୍ୟମ ହେଲା ସେତେବେଳେ ଦୀପିକାରେ ପ୍ରକାଶ ପାଇଲା—"ଆମ୍ଭମାନଙ୍କର ଶୁଣିଲା କାଳେଶ୍ୱର ଓ ରାଜନୀତିଜ୍ଞ ମହାତ୍ମାମାନେ କହନ୍ତି ଯେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । ଯେ ଦେଶ ବଙ୍ଗଦେଶ ଠାରୁ ବେଶୀ ଓ ଶହରାଠ ସୀମା ପର୍ଯ୍ୟନ୍ତ ବଙ୍ଗ ସାଗର କୂଳରେ ବିସ୍ତୃତ ହୋଇ ରହିଅଛି ଯହିଁରେ କୋଟି କୋଟି ଲୋକ ବାସ କରନ୍ତି ଓ ଯେ ଦେଶର ଭିନ୍ନ ପ୍ରାଚୀନ କାଳ ଇତିହାସ ସ୍ତମ୍ଭମାନଙ୍କରେ ଲିଖିତ ହୋଇ ଅଛି ସେହି ଦେଶର ଯେ ଭାଷା ପ୍ରଚଳିତ ଅର୍ଥାତ୍ ଓଡ଼ିଆ ଭାଷା ସେ କି ଭାଷା ନୁହେଁ ? କେବଳ ଏହି ଭାଷାରେ ସାହିତ୍ୟ ଅଛି, ଜ୍ୟୋତିଷାଦି ବିଦ୍ୟାର ଭୂରି ଭୂରି ପୁସ୍ତକ ହୋଇଅଛି ଅଛନ୍ତି ? ଯେ ଭାଷା କାଳକର ଜଗଦେବୀ ସ୍ୱରୂପ ସଂସ୍କୃତ ଭାଷାର କନ୍ୟା, ସେ କି ଭାଷା ନୁହେଁ ଯେ ଭାଷାର କୁସୁମ ସୁକୁମାର ବସ୍ତୁ ପାନକୃତ୍ୟ, ଝୁଲପଡ଼ ଅଙ୍କ ପ୍ରଭୃତି କବିମାନେ ବିବିଧ ଅଳଙ୍କାରରେ ଭୂଷିତ କରି ଅଛନ୍ତି, ଯାହାର କମନୀୟ ରୂପ ମାଧୁ ଦେଖି ଭାବୀ ରସାମୋଦୀ ବ୍ୟକ୍ତିମାନଙ୍କର ଚିତ୍ତଲୋଚ ଆନନ୍ଦ ସାଗରେ ପ୍ଲାବିତ ହୋଇଥାଏ, ସେ କି ଏକ ସ୍ୱତନ୍ତ୍ର ଭାଷା ନୁହେଁ ? କେବେ ସାଧୁଜ୍ଞାନୀ ଭାଷା ତାହାର ଉନ୍ନତି କରିଣିବ ଚିହ୍ନରେ ନେଇଥାପନ୍ତି ଅକ୍ଷର ପଣ ନୂଆ ଅକ୍ଷର ଆବଶ୍ୟକ କରିବାକୁ ହେବ, ମଣ ଉଚ୍ଚଳ ଭୂମିର ଅବନତି ଦେଖା କରିଥିବ କାରଣ ଚିହ୍ନରେ ନାନା ପ୍ରକାର ପୋଷ୍ୟ ଅଛି, ଶାସ୍ତ୍ର ଅଛି ଏବଂ ତାହା ପ୍ରତ୍ୟକ୍ଷ ରୂପ ପ୍ରଚଳିତ ହେଉଅଛି ଅନ୍ୟ ଅପରେ ଅଲ୍ପଅ ଅଭାବ ସମାନ ।" (୧୮) ଯେଉଁମାନେ ଓଡ଼ିଆ ଭାଷା ସ୍ୱାତନ୍ତ୍ର୍ୟକୁ ବିଲୁପ୍ତ କରିବା ପାଇଁ ବଙ୍ଗଳା ଭାଷାର ଏକ ଉପଭାଷା ରୂପେ ବର୍ଣ୍ଣ କରୁଥିଲେ ସେମାନଙ୍କ ମୁଖ ଏହା ଦ୍ୱାରା ଏକ ଯଥାର୍ଥ ଉତ୍ତର । ଓଡ଼ିଆ ଭାଷାରେ ପାଠ ପୁସ୍ତକ ନ ଥିବାରୁ ବଙ୍ଗଳା ପାଠ୍ୟ ପୁସ୍ତକ ଚଳାଇବା ସପକ୍ଷରେ ଯେଉଁମାନେ ଯୁ କରୁଥିଲେ ସେମାନଙ୍କୁ ମଧ୍ୟ 'ଦୀପିକା' ସମାଲୋଚନା କରିଅଛି । ଓଡ଼ିଆ ଭାଷାର ଉନ୍ନ କଲେ ଦୀପିକା କେତେକ ପ୍ରସ୍ତାବ ଦେଇଥିଲା । ଏଥିରେ ଉଲ୍ଲେଖ ଅଛି—"ପ୍ରଥ ପ୍ରସ୍ତାବରେ ଆମ୍ଭମାନଙ୍କର ବୁଝିବାର ଅଛି ଯେ ବଙ୍ଗଭାଷା ଛାଡ଼ିଗଲେ ଶିକ୍ଷା ବିଭାଗ କର୍ତ୍ତୃପକ୍ଷମାନେ ଉତ୍କଳ ଭାଷାର ଉନ୍ନତି କରିବାକୁ ବାଧ୍ୟ ହେବେ । ବର୍ତ୍ତମାନ କର୍ତ୍ତୃପକ୍ଷମାନେ ବଙ୍ଗ ଦେଶୀୟ ହୋଇଥିବାରୁ ଏ ଦେଶୀୟ ଭାଷା ଜାଣନ୍ତି ନାହିଁ ଏବଂ ବିଦ୍ୟାଳୟରେ ବଙ୍ଗଳା ଭାଷା ପଠନ ହେଉଥିବାରୁ ଉତ୍କଳ ପକ୍ଷରେ ଭଲ ନୁହେଁ ...

---

୧୭) ଉତ୍କଳ ଦୀପିକା—୩ୟ ଖଣ୍ଡ/୧ମ ସଂଖ୍ୟା ତା ୩ ୧-୧୮୬୮ ।

୧୮) ଉତ୍କଳ ଦୀପିକା—୩ୟ ଖଣ୍ଡ/୪ର୍ଥ ସଂଖ୍ୟା ତା ୨୫-୧-୧୮୬୮ ।

ନାହିଁ । କେବଳ ଉତ୍କଳ ଭାଷା ପଠନ ହେଲେ ସେମାନେ ଅବଶ୍ୟ ଉତ୍କଳ ବିଦ୍ୟା ଶିକ୍ଷା କରିବେ ନଚେତ୍ ଧର୍ମ ତ୍ୟାଗ କରିବେ । ସୁତରାଂ ଓଡ଼ିଆ ଭାଷାର ଆଦର ବଢ଼ିବ । କେହି କେହି କହନ୍ତି ଯେ ଉତ୍କଳ ଭାଷାରେ ଯଥେଷ୍ଟ ପୁସ୍ତକ ନାହିଁ ଅତଏବ ଏ ସମୟରେ ବଙ୍ଗଳା ଭାଷା ଉଠାଇ ଦେଲେ ବିଦ୍ୟାଳୟ ସବୁ ବନ୍ଦ କରିବାକୁ ପଡ଼ିବ ମାତ୍ର ବିବେଚନା କରି ଦେଖିଲେ ଏ ପ୍ରଦେଶର ଭାଷା ବିଦ୍ୟାଳୟ ନିମିତ୍ତ ଯଥେଷ୍ଟ ପୁସ୍ତକ ଅଛି ଅର୍ଥାତ୍ ବଙ୍ଗଳାରେ ଯେ ପ୍ରକାର ପୁସ୍ତକମାନ ପଠିତ ହୁଅଇ ଓଡ଼ିଶା ଭାଷାରେ ସେ ପ୍ରକାର ପୁସ୍ତକ ପ୍ରାପ୍ତ ହୁଅଇ ଏବଂ କ୍ରମଶଃ ଉତ୍କଳ ପୁସ୍ତକର ଏ ପ୍ରକାର ବୃଦ୍ଧି ହେଉଅଛି ଯେ ଅଳ୍ପ କାଳରେ ସ୍ଥାୟୀ ଶିକ୍ଷାର ଉପଯୋଗୀ ସମସ୍ତ ପୁସ୍ତକ ପ୍ରାପ୍ତ ହେବ ।''(୧୯)

ରେଭେନ୍ସା ସାହେବ ଓଡ଼ିଆ ଭାଷାର ବିଶେଷତ୍ୱ ଓ ପ୍ରାଚୀନତ୍ୱକୁ ସ୍ୱୀକାର କରି ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଶିକ୍ଷା ଦେବା ଓ ଓଡ଼ିଶାରେ ଓଡ଼ିଆ ଭାଷାର ସଂରକ୍ଷଣ ପାଇଁ ଉଦ୍ୟମ ହେବା ଉପରେ ଗୁରୁତ୍ୱ ଦେଉଥିଲେ ହେଁ ୧୮୭୦ ମସିହା ବେଳକୁ ପୁନର୍ବାର ବଙ୍ଗୀୟ ଉଦ୍‌ବାସ୍ତୁମାନେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଲୋପକରି ବଙ୍ଗଳା ଭାଷା ଚଳାଇବାକୁ ଉଦ୍ୟମ କଲେ । ବାଲେଶ୍ୱର ବିଦ୍ୟାଳୟର ଶିକ୍ଷକ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ' ନାମକ ଏକ ପୁସ୍ତକ ରଚନା କରି ସେଥିରେ ଉତ୍କଳ ଓ ବଙ୍ଗଳା ଭାଷାର ଏକତ୍ୱ ପ୍ରମାଣ କରିବାକୁ ଉଦ୍ୟମ କଲେ । ସେହି ପୁସ୍ତକ ସମ୍ପର୍କରେ 'ଦୀପିକା' ଲେଖିଥିଲେ—''ଗ୍ରନ୍ଥକର୍ତ୍ତା ପୁସ୍ତକର ଆରମ୍ଭରେ ଲେଖନ୍ତି ଯେ ଭାଷାତତ୍ତ୍ୱବିତ ପଣ୍ଡିତଙ୍କର ମତାନୁସାରେ ଓଡ଼ିଆ, ବଙ୍ଗଳା, ହିନ୍ଦୀ ପ୍ରଭୃତି ଦଶଭାଷା ଏକ ମୂଳରୁ ଉତ୍ପନ୍ନ ଅର୍ଥାତ୍ ଓଡ଼ିଆ, ବଙ୍ଗଳା ଇତ୍ୟାଦି କେହି ସ୍ୱତନ୍ତ୍ର ଭାଷା ନୁହଁନ୍ତି କିନ୍ତୁ ଉପସଂହାରରେ ଅର୍ଥାତ୍ ଓଡ଼ିଆକୁ ବଙ୍ଗଳା ବୋଲି ସିଦ୍ଧାନ୍ତ କରିଅଛନ୍ତି । ଏଥିରୁ ତାଙ୍କର କେଉଁ କଥା ସତ୍ୟ ବୁଝିବାର କଠିନ ବୋଧ ହୁଅଇ ଭାଷାତତ୍ତ୍ୱ ପଣ୍ଡିତଙ୍କ କଥା ମିଥ୍ୟା ହୋଇ ନଥିବ କାରଣ କେଉଁ ଉତ୍କଳ ଭାଷାର କଥା ଗ୍ରନ୍ଥକର୍ତ୍ତା ଲେଖନ୍ତି ତାହାଛଡ଼ା ଆଉ କିଛି ସ୍ୱତନ୍ତ୍ର ଓଡ଼ିଆ ଭାଷା ଥିବ । ଯେ ଯାହା ହେଉ ଆମ୍ଭେମାନେ ଓଡ଼ିଆ ଭାଷାକୁ କେବେହେଁ ସ୍ୱତନ୍ତ୍ର ଭାଷା ବୋଲୁ ନାହୁଁ ! ଏହାକୁ ସଂସ୍କୃତର ଅଧୀନ ବୋଲି ଜାଣୁ । ଗ୍ରନ୍ଥକର୍ତ୍ତାଙ୍କ ମତରେ କି ବଙ୍ଗଳା ସ୍ୱତନ୍ତ୍ର ଭାଷା ଯେ ଓଡ଼ିଆ ଭାଷା ସଙ୍ଗେ ସଂସ୍ପର୍ଶରେ ମିଶିବାରୁ ସେ ସ୍ୱତନ୍ତ୍ର ଭାଷା ହେଲା ନାହିଁ ? କେବଳ କେତେକ ସାଦୃଶ୍ୟ ହେବାରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲିଯାଇପାରେ ତେବେ କେହି ଓଡ଼ିଆରୁ ହିନ୍ଦୀ ଓ ବଙ୍ଗଳା ବାହାରିଥିବାର କହିଲେ ଦୋଷ ହେବ ନାହିଁ । ମାତ୍ର ଓଡ଼ିଆମାନେ ଭୁଲରୁ ଏତେ ଅହଙ୍କାର କରନ୍ତି ନାହିଁ ଅଥଚ ବିଚାର କଲେ ଏମାନଙ୍କର ଅହଙ୍କାର କରିବାର ଅନେକ କାରଣ ଅଛି । ଓଡ଼ିଶାର କୀର୍ତ୍ତି କଳାପ ବଙ୍ଗଳାର ନାହିଁ । ଓଡ଼ିଶାର ରାଜା ଏକ ସମୟରେ ବଙ୍ଗଳାର ତ୍ରିବେଣୀ ପର୍ଯ୍ୟନ୍ତ ଅଧିକାର କରିଥିଲେ । ବଙ୍ଗଳାର କୌଣସି ରାଜା କେବେ ଓଡ଼ିଶାକୁ ଜୟ କରିବାର ଶୁଣା ନାହିଁ ଅତଏବ ବଳବୀର୍ଯ୍ୟ ଓ ଶିଳ୍ପ କୌଶଳରେ ଓଡ଼ିଶାର ପୂର୍ବ

୧୯) ଉତ୍କଳ ଦୀପିକା—୬ଷ୍ଠ ଭାଗ/୧୪ଶ ସଂଖ୍ୟା ତା ୪-୪-୧୮୬୮ ।

ଜାତୀୟ ଭେଦ ବଙ୍ଗଳାକୁ ଚେଷ୍ଟାଥିବା ପ୍ରତ୍ୟେକ ଭାଷା ଜମିତ ଅନ୍ୟଠାରେ ଭିନ୍ନ ହୋଇଥିଲେ ତଦ୍ୱାରା ସମ୍ଭବ ନୁହେଁ ସତ୍ୟ ଓଡ଼ିଶାର ଭାଷା କେବେବି ବଙ୍ଗଳାରେ ଚଳିବାର ଅନୁମାନ ସିଦ୍ଧ ହେବ × × × × ସୁତରାଂ ଏ ଦୁଇ ଭାଷାକୁ ପୃଥକ କହିବାକୁ ହେବ ଓ ତାହାଙ୍କୁ କେବେ ସ୍ୱତନ୍ତ୍ର ରଚନା କରନ୍ତୁ ଦୁଇ ଭାଷା ଉଦ୍ଧାର ଏକ ହୋଇ ନ ପାରିବ ।"(୨୦)

କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷା ରୂପେ ସ୍ୱୀକାର ନକରି ବଙ୍ଗଳା ଭାଷାର ଅଂଶ ବୋଲି ମତ ଦେଇଥିଲେ ମଧ୍ୟ ତାହା ଓଡ଼ିଶାରେ ଯୋର ପ୍ରତିକ୍ରିୟା ସୃଷ୍ଟି କରିଥିଲା । 'ଉତ୍କଳ ଦୀପିକା' ତାଙ୍କର ଅଭିମତକୁ ତୀବ୍ର ଭାବରେ ଖଣ୍ଡନ କରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିଥିଲା । କାନ୍ତିଚନ୍ଦ୍ରଙ୍କ ପୁସ୍ତକର ସୁଯୋଗ ନେଇ 'ଉତ୍କଳ ହିତୈଷିଣୀ' ମଧ୍ୟ ଓଡ଼ିଆ ଭାଷା ବିରୁଦ୍ଧରେ ପ୍ରଚାର ଉଦ୍ୟୋଗ କଲା । ଓଡ଼ିଶାରେ ବହୁତ ସରକାରୀ କାର୍ଯ୍ୟରେ ନିଯୁକ୍ତ ଥିବା ବଙ୍ଗାଳୀମାନେ ତଥା ଓଡ଼ିଶାର ବଙ୍ଗାଳି ଜମିଦାର ଓ ସେମାନଙ୍କ ଅନୁଗତ ବ୍ୟକ୍ତିମାନେ ଓଡ଼ିଆ ଭାଷା ଉଠାଇ ବଙ୍ଗଳା ଭାଷା ଚଳାଇବାକୁ ପୁନର୍ବାର ଉଦ୍ୟମ କଲେ । ଯୋଗଦାନରେ ଦରଖାସ୍ତ ଲେଖାଇ ସ୍ଥାନର ପଣ୍ଡିତ କମିଟିର ଓ ସେହି ଦରଖାସ୍ତ ଗଭର୍ଣ୍ଣମେଣ୍ଟଙ୍କୁ ପଠାଇଲେ । କାନ୍ତିଚନ୍ଦ୍ରଙ୍କ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ' ଅଭିମତକୁ 'ଏଡ୍ୟୁକେସନ ଗେଜେଟ' ମଧ୍ୟ ସମର୍ଥନ କରିଥିଲା । ସେଥିରେ ତତ୍କାଳୀନ ବାଲେଶ୍ୱର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଓ ସ୍କୁଲ ଡିପ୍ଟି ଇନସ୍ପେକ୍ଟର ଯେଉଁ ଅଭିମତ ପ୍ରଦାନ କରିଥିଲେ 'ଦୀପିକା' ତାକୁ ଉଦ୍ଧୃତ କରିଛି—"ସେ ଯେଉଁ ସ୍ଥଳେ ଓଡ଼ିଆ ବଙ୍ଗଳାର ମେଳ ଦେଖି ଅଛନ୍ତି ସେ ସ୍ଥଳେ ବୁଝିକି ବଙ୍ଗଳା ବୋଲି ଅଛନ୍ତି । ଯେଉଁ ସ୍ଥଳେ ଭିନ୍ନ ରୂପ ଦେଖି ଅଛନ୍ତି ସେ ସ୍ଥଳେ ଓଡ଼ିଆକୁ ବିଶୁଦ୍ଧ ବଙ୍ଗଳାର ଅପଭ୍ରଂଶ ବୋଲି ଅଛନ୍ତି । ଏହାର ବିଚାର କିଏ ? ଯେଉଁ ସ୍ଥଳରେ ବୁଝିଙ୍କର ମେଳ ସେ ସ୍ଥଳରେ ବଙ୍ଗଳା ଭାଙ୍ଗିକି ଓଡ଼ିଆ ହେଲା ନାହିଁ ଯେଉଁ ସ୍ଥଳରେ ମେଳ ନ ହେଲା ସେ ସ୍ଥଳେ ବଙ୍ଗଳା ଭାଙ୍ଗି କି ବିଶୁଦ୍ଧ ଓଡ଼ିଆର ଅପଭ୍ରଂଶ ନ ହେଲା ? × × × × ବସ୍ତୁତଃ ଓଡ଼ିଆ ବଙ୍ଗଳାର ଅପଭ୍ରଂଶ ନୁହେଁ ଏବଂ ବଙ୍ଗଳା ମଧ୍ୟ ଓଡ଼ିଆର ଅପଭ୍ରଂଶ ନୁହେଁ । ବଙ୍ଗଳା, ଓଡ଼ିଆ ଓ ଆସାମୀ ଏକ ମୂଳରୁ ଉତ୍ପନ୍ନ ଏକ ବୃକ୍ଷର ଭିନ୍ନ ଭିନ୍ନ ଶାଖା ସ୍ୱରୂପ । ଏକ ବୃକ୍ଷର ଭିନ୍ନ ଭିନ୍ନ ସମ୍ପ୍ରତି ମାତ୍ର । ମୂଳ ବୃକ୍ଷ କାଳ ସହକାରରେ ଲୋପ ପାଇଅଛି । ଶାଖାଗଣ ଏବେଣ ଆପଣା ଅନୁନିର୍ଦ୍ଦିଷ୍ଟ ଜଳ ପ୍ରକୃତିରେ ପରସ୍ପରର ନିରପେକ୍ଷ ହୋଇ ପ୍ରାଣ ଧାରଣ କରୁଅଛନ୍ତି । ଏମନ୍ତ ସ୍ଥଳେ ବଳପୂର୍ବକ ଏକ ଦେହରେ ପରିଣତ କରିବାକୁ ଚେଷ୍ଟା କଲେ ବୃଥା ଶ୍ରମକୁ ହେବ ।"(୨୧) କଲିକତା ଇଂଲିଶ ମ୍ୟାନ ୧୮୭୦ ସମୟରେ ମଧ୍ୟ କାନ୍ତିଚନ୍ଦ୍ରଙ୍କ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନହେ' ପୁସ୍ତକର

---

୨୦) ଉତ୍କଳ ଦୀପିକା – ୫ମ ଖଣ୍ଡ/୨ୟ ସଂଖ୍ୟା ତା ୨୬-୨-୧୮୭୦ ।

୨୧) ଉତ୍କଳ ଦୀପିକା—୫ମ ଖଣ୍ଡ/୮ମ ସଂଖ୍ୟା ତା ୩୦-୪-୧୮୭୦ ।

ଅସାଂପ୍ରଦାୟିକତା ହୋଇଥିଲା । ଉତ୍କଳ ଦୀପିକା ସେପରି ବଙ୍ଗଳା ସମ୍ବାଦରେ ଉଦ୍ଧୃତ ମୁଦ୍ରଣର ଅସାରତା ଦର୍ଶାଇଥିଲା ତାହା ଅନ୍ୟାନ୍ୟ ଓଡ଼ିଆ ପତ୍ରିକାରେ ମଧ୍ୟ ପ୍ରକାଶିତ ହୋଇଥିଲା ।

୧୮୭୦ ମସିହା ପରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ସ୍ୱୀକୃତ ହେଲା ଏବଂ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପ୍ରଚଳିତ ହେଲା । ତଥାପି ମଧ୍ୟେ ମଧ୍ୟେ ବଙ୍ଗୀୟ-ମାନେ ଓଡ଼ିଆ ଭାଷା ବିରୋଧରେ ନାନା ଆନ୍ଦୋଳନ କରୁଥାନ୍ତି । ଓଡ଼ିଶାରେ କିନ୍ତୁ ଓଡ଼ିଆ ଭାଷା ପ୍ରତି ଆଦର ବୃଦ୍ଧି ହେଉ ନଥାଏ । ଦୀପିକା ଏଥି ପାଇଁ ଦୁଃଖ ପ୍ରକାଶ କରିଛି, — "ଓଡ଼ିଆ ବାସୀମାନେ ଯେ ସଦା ମାତୃଭାଷା ପ୍ରତି ଅନୁରାଗ ମନଯୋଗୀ ହୋଇ ତାହାର ବହୁ ଶୋଚନୀୟ ଅବସ୍ଥା ଅଟଇ । ଏଥିରେ ଏମାନେ ସର୍ବ୍ବ ଦେଶର ଲୋକଙ୍କ ଠାରେ କେବଳ ନିନ୍ଦାର ଭାଜନ ହେଉଅଛନ୍ତି ।" (୨୨) ଉତ୍କଳଦୀପିକା ସେସବୁ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ରକ୍ଷା କରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲା ତାହା ବାସ୍ତବିକ ଅଭିନନ୍ଦନୀୟ । ବଙ୍ଗୀୟମାନଙ୍କର ଓଡ଼ିଆ ବିଦ୍ୱେଷ କଥାକୁ ସେ ତୀବ୍ର ଭାବରେ ପଦାରେ ପକାଇ ଦେଉଥିଲା । ଦୀପିକାର ପ୍ରୟାସ ଫଳରେ ଓଡ଼ିଶାରେ ଓଡ଼ିଆ ଭାଷା ରକ୍ଷା ପାଇଲା । ତଥାପି ୧୮୭୪ ମସିହା ବେଳକୁ ପୁନର୍ବାର ଓଡ଼ିଆ ଭାଷା ଉଚ୍ଛେଦ ପାଇଁ ଉଦ୍ୟମ ହୋଇଥିଲା । ସେତେବେଳେ ମଧ୍ୟ ଉତ୍କଳ ଦୀପିକା ତୀବ୍ର ପ୍ରତିବାଦ କରି ଦଳପତିମାନଙ୍କର ସକଳ ଚକ୍ରାନ୍ତ ଓ ଷଡ଼ଯନ୍ତ୍ରର ଦାନ୍ତ ଭଙ୍ଗ କରିଦେଉଥିଲା । ଓଡ଼ିଶାରେ ଓଡ଼ିଆ ଭାଷା ବଞ୍ଚାଇ ଓ ଓଡ଼ିଶାର ବିଦ୍ୟାଳୟ ତଥା ସରକାରୀ କାର୍ଯ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ଚଳାଇ ୧୮୭୦ ମସିହା ପରଠାରୁ ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟି ପାଇଁ 'ଉତ୍କଳଦୀପିକା' ହିଁ ସର୍ବାଦୌ ଐତିହାସିକ ଭୂମିକା ନେଇଥିଲା ।

## ଉପସଂହାର :

ଊନବିଂଶ ଶତାବ୍ଦୀର ଅସ୍ପୃଶ୍ୟ କୁସଂସ୍କାର ଓ ଅନ୍ଧକାର ମଧ୍ୟରୁ ଏକ କାଳବୈଶାଖୀ ନବୀନ ବାର୍ତ୍ତା ନେଇ 'ଉତ୍କଳ ଦୀପିକା'ର ହେଲା ନବଜନ୍ମ । ତାହାର ସମ୍ପାଦକ ଏହାର ଅଟନ୍ତି, ତାହାର ଜୀବନରେ ଏହାର କଥା, ତାହାର ପ୍ରଭାତ ଓ ହିମାଳ ପ୍ରଚଣ୍ଡ ରୂପରେ ଏହାର ଦିଗ । କେତେ 'ଉତ୍କଳ ଦୀପିକା' ହିଁ ଓଡ଼ିଆଙ୍କର କେତେ ଆଶା— ତାହାର ଭାବନା — ସମ୍ପାଦକର ବେଦନା — ଜନସାଧାରଣର ବାଣୀ — ଅସ୍ପୃଶ୍ୟ ବହୁ ନିବନ୍ଧ ଅଧ୍ୟାୟ ଅନ୍ତର୍ଗତ ସକଳ ଓଡ଼ିଆ ଜାତିର ମୁଖପତ୍ର । ନଅଙ୍କ ଦୁର୍ଭିକ୍ଷର ସମୟରେ ସମ୍ବାଦ, ଦୁର୍ଭିକ୍ଷର କାରଣ ଅନୁସନ୍ଧାନ, ଦୁର୍ଭିକ୍ଷ ନିବାରଣ ପାଇଁ ଆହ୍ୱାନ, ଓଡ଼ିଆ ଭାଷାର ପ୍ରତିଷ୍ଠା, ବଙ୍ଗୀୟମାନଙ୍କର ସକଳ ଚକ୍ରାନ୍ତର ମୁଖା ଉନ୍ମୋଚନ, ଓଡ଼ିଆ ଶିକ୍ଷା ପ୍ରଚଳନ ପାଇଁ ତାହାର ସଚେତନତା ସୃଷ୍ଟି, ବିଦ୍ୟାଳୟ ପ୍ରତିଷ୍ଠା, ସରକାରୀ ପରୀକ୍ଷାରେ ଓଡ଼ିଆ ପ୍ରାର୍ଥୀଙ୍କ କୃତିତ୍ୱ, ଉଚ୍ଚପଦରେ ଓଡ଼ିଆମାନଙ୍କର ଅଧିଷ୍ଠାନ, କଲେଜ ପ୍ରତିଷ୍ଠା ଓ ଉଚ୍ଚ ଶିକ୍ଷା ପ୍ରସାର ପାଇଁ ସରକାରଙ୍କ ଉପରେ ନୈତିକ ଚାପ,

---

୨୨) ଉତ୍କଳ ଦୀପିକା – ୭ମ ଭାଗ/୨୫ଶ ସଂଖ୍ୟା ତା ୨୧-୬-୧୮୭୨ ।

ସାମାଜିକ ଅବସ୍ଥାର ସମ୍ବାଦ ପରିବେଷଣ, ହିନ୍ଦୁ ଧର୍ମଧାରାର ଗତି ଓ ପ୍ରକୃତି, ଖ୍ରୀଷ୍ଟ-ଧର୍ମର ମହତ୍ତ୍ୱ, ଇଂରେଜ ଶାସନାଧୀନ ନାନା ଖବରଣୀ, ରଜା ଓ ଜମିଦାରଙ୍କ କାର୍ଯ୍ୟକଳାପ, ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର ଓ ନୂତନ ସାହିତ୍ୟ ସୃଷ୍ଟି ପାଇଁ ଆହ୍ୱାନ, ପ୍ରକାଶିତ ସାହିତ୍ୟ ଗ୍ରନ୍ଥମାନଙ୍କର ସମାଲୋଚନା ଭିନ୍ନ ପତ୍ର ପତ୍ରିକା ଗୁଡ଼ିକର ଖବରଣୀ, ଉତ୍କଳ ସାହିତ୍ୟ ତଥା ଜାତି ସାହିତ୍ୟ ପ୍ରତି ସମର୍ଥକ ଓ ପ୍ରତିପକ୍ଷମାନଙ୍କର ପରସ୍ପରୀ ସମାଲୋଚନାର ପୁଙ୍ଖାନୁପୁଙ୍ଖ ଖଣ୍ଡନ, ଯାତ୍ରା-ଲୀଳା-ନାଟକ-ରଙ୍ଗମଞ୍ଚ ସମ୍ପର୍କୀୟ ତଥ୍ୟ ଓ ମନ୍ତବ୍ୟ, ଦେଶର ଅର୍ଥନୈତିକ ଦୁର୍ଦ୍ଦଶା ପାଇଁ ସଙ୍କେତ, ଶୁଷ୍କ କେନାଲ୍-ଡାକବଙ୍ଗଳା—ଡାକ୍ତରଖାନା ଆଦିର ସମ୍ବାଦ ପ୍ରଭୃତି 'ଉତ୍କଳ ଦୀପିକା'ର ପୃଷ୍ଠା ଖଣ୍ଡିକ ପାଠକଙ୍କ ମନରେ ନୂତନ ଭାବ ଚେତନା ସୃଷ୍ଟି କରିଥିଲା । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ 'ସମାଜ' ପର୍ଯ୍ୟନ୍ତ 'ଦୀପିକା' ଥିଲା ଓଡ଼ିଆ ଜାତୀୟ ଜୀବନର ଯଥାର୍ଥ କାହାଣୀ । ଏହାର ଦୀର୍ଘ ଦୃଷ୍ଟି ଥିଲା ଅତୀତକୁ ସମ୍ପ୍ରସାରିତ । ସତ୍ୟବ୍ରତ ଦୃଷ୍ଟି ନେଇ ଏହା ଯେପରି ବର୍ତ୍ତମାନର ସୁଦୂରକୁ ଦେଖୁଥିଲା, ଅନ୍ୟ ଏକ ଦୃଷ୍ଟି ନେଇ ଅତୀତ ବର୍ତ୍ତମାନ ଓ ଭବିଷ୍ୟତକୁ ଦେଖି ସମସ୍ୟାର ସମାଧାନ ପାଇଁ ସ୍ଥିତପ୍ରଜ୍ଞ ବିଚାରବୋଧ ପ୍ରକାଶ କରିବାକୁ ସମର୍ଥ ହୋଇପାରିଥିଲା । ଆଧୁନିକ ଓଡ଼ିଆ ଜାତିର ଜନ୍ମ ଲଗ୍ନରେ ଏହାର ଅବଦାନ କେତେ ତାତ୍ପର୍ଯ୍ୟପୂର୍ଣ୍ଣ କେବଳ ସୂକ୍ଷ୍ମ ସାମ୍ବାଦିକତାର ଅଗ୍ର ସାରଥି ରୂପେ ଏହାର ଅଭିଜ୍ଞ ନାନାଦି ତଥାପି ଦେଦୀପ୍ୟମାନ । 'ଉତ୍କଳ ଦୀପିକା' ସ୍ୱୟଂ ବନ୍ଦ ହୋଇଗଲା ଉତ୍କଳ ପାଇଁ, ଗୌରୀଶଙ୍କରଙ୍କର ମର ଦେହ ବିଲୀନ ହୋଇଗଲା; କିନ୍ତୁ ଦୀପିକା ହୋଇଗଲା ଏକ ଶତାବ୍ଦୀ ଓଡ଼ିଶାର ଏକ ଇତିହାସ । ଗୌରୀଶଙ୍କରଙ୍କର ସେହି କୀର୍ତ୍ତି ହିଁ ଇତିହାସର ଶ୍ରେଷ୍ଠ ସମ୍ପଦ । ନବୋତ୍କଳ ନିର୍ମାଣରେ ଏହି ଇତିହାସର ଭୂମିକା ବାସ୍ତବିକ ଅତୀବ ଗୁରୁତ୍ୱପୂର୍ଣ୍ଣ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର-୭୫୧୦୦୪ ।

# ଗୌରୀଶଙ୍କର ଓ ଓଡ଼ିଆ ସାହିତ୍ୟ-ଚର୍ଚ୍ଚା

● ଦେବବ୍ରତ

॥ ଏକ ॥

"ବାସ୍ତବରେ ରାଜନୀତି ଓ ସାମାଜିକ ନିୟମମାନଙ୍କର ମୂଳ ଉଦ୍ଦେଶ୍ୟ ଧର୍ମରକ୍ଷା ଏବଂ ସେ ସମସ୍ତର ଉନ୍ନତି ସଙ୍ଗେ ଧର୍ମର ଉନ୍ନତି ଜଡ଼ିତ ଅଛି । ଏଣୁ ସାହିତ୍ୟ-ଚର୍ଚ୍ଚାରେ ଧର୍ମ ଉନ୍ନତି ଅନୁକୂଳ ପନ୍ଥା ଧରିବେ ନାହିଁ ଏ କଥା ଆମ୍ଭମାନଙ୍କ ମନକୁ ଆସୁ ନାହିଁ । ଅତଏବ ଯେମନ୍ତ ସାହିତ୍ୟ-ଚର୍ଚ୍ଚାରେ ସେମନ୍ତ ରାଜନୀତି ଓ ସାମାଜିକ ଚର୍ଚ୍ଚାରେ ଲେଖକମାନଙ୍କର ମନୋଯୋଗୀ ହେବା ଉଚିତ ।" (୧)

୧୮୯୭ ମସିହା ଜୁନ ମାସରେ କୃଷ୍ଣ ପ୍ରସାଦ ଚୌଧୁରୀ ଓଡ଼ିଆ ସାହିତ୍ୟର ଇତିହାସ ସଙ୍କଳନର ପ୍ରସ୍ତାବ ଦେଇ ସେହି ପତ୍ର ଲେଖିଥିଲେ, ଉପରୋକ୍ତ ଉକ୍ତି ଥିଲା ସେହି ପତ୍ରର ପ୍ରତିକ୍ରିୟା । କୃଷ୍ଣ ପ୍ରସାଦ ଲେଖିଥିଲେ, "ସାହିତ୍ୟାଲୋଚନା ହିଁ ସଭ୍ୟ ଜାତିର ସଭ୍ୟତା ବୃଦ୍ଧିର ସର୍ବୋତ୍କୃଷ୍ଟ ଉପାୟ । ଏହି ସାହିତ୍ୟାଲୋଚନା ନାନା ପ୍ରକାରରେ ସାଧିତ ହୋଇଥାଏ । × × ସାହିତ୍ୟର ଇତିହାସ (History of Literature) ଆମ୍ଭମାନଙ୍କ ଦେଶରେ ନାହିଁ । ପୃଥିବୀର ଅନ୍ୟାନ୍ୟ ସଭ୍ୟ ଦେଶରେ ତାହା ଅଛି ଏବଂ ତଦ୍ଦ୍ୱାରା ସେହି ୨ ଦେଶ କ୍ରମଶଃ ସଭ୍ୟତାର ଉଚ୍ଚତର ସୋପାନରେ ଅଗ୍ରସର ହେଉଅଛି । × ଏଥିଦ୍ୱାରା ଦେଶ ଓ ସମାଜର ଯେ କେତେ ଉପକାର ସାଧିତ ହୁଏ ତାହା କାହାରିକୁ ବୁଝାଇ ଦେବାକୁ ହେବ ନାହିଁ ।" (୨) କୃଷ୍ଣ ପ୍ରସାଦ ସାହିତ୍ୟ-ଚର୍ଚ୍ଚା ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇ ପରୋକ୍ଷରେ ଅନ୍ୟାନ୍ୟ ବିଦ୍ୟା ଓ ବିଷୟର ଭୂମିକାକୁ ଗୌଣ କରି ଦେଇଥିଲେ । ଗୌରୀଶଙ୍କର ରାଜନୀତି ଓ ସାମାଜିକ ରୀତି-ନିୟମକୁ ଧର୍ମ ବା ସଭ୍ୟତା-ବିକାଶର ମୂଳ ପଦ୍ଧତି ନ କରି ଧର୍ମ-ବିକାଶ ସହିତ ସଂଯୁକ୍ତ କରିଥିଲେ । ସାମାଜିକ ରୀତି-ନିୟମ, ରାଜନୀତିରୁ ସାହିତ୍ୟ-ଚର୍ଚ୍ଚାର ଭୂମିକାକୁ ସେ ଉଚ୍ଚତର ଆସନ ଦେଇପାରି ନାହାନ୍ତି । କାରଣ ସମାଜ ବିକାଶରେ ଧର୍ମ, ରାଜନୀତି ଓ ସାମାଜିକ ରୀତି ନିୟମ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ସାହିତ୍ୟ ତାହା କରେ ନାହିଁ । ସାହିତ୍ୟ ହେଉଛି ବର୍ଦ୍ଧିତ ସମାଜର ଉଦ୍‌ବୃତ୍ତ ଫଳ । ରାଧାନାଥ ଓ ମଧୁସୂଦନ ପ୍ରମୁଖ କବି ଓ ଚିନ୍ତା ପ୍ରଣେତାଙ୍କ ଦୃଷ୍ଟିକୋଣ ଦ୍ୱାରା ଆକ୍ରାନ୍ତ ହୋଇ ଓ ସମାଜ-ଜୀବନରେ ସେମାନଙ୍କର ଭୂମିକାକୁ ସର୍ବଶ୍ରେଷ୍ଠର ଗୌରବ ଦେବାକୁ ଯାଇ ତାଙ୍କର ଅନୁଗତମାନଙ୍କ ଦ୍ୱାରା ଯେଉଁ ଅପଚେଷ୍ଟା ଚାଲୁ ରହିଥିଲା, ଗୌରୀଶଙ୍କର କୃଷ୍ଣପ୍ରସାଦଙ୍କ ପତ୍ରକୁ ଉପଲକ୍ଷ୍ୟ କରି ସେହି ଅପଚେଷ୍ଟା ବିରୁଦ୍ଧରେ ଆପଣାର ସ୍ୱାଧୀନ ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ । ଉପରୋକ୍ତ ମନ୍ତବ୍ୟରେ ଗୌରୀଶଙ୍କର ପ୍ରାଚୀନ ମହାଦର୍ଶକୁ ଅନୁସରଣ କରି ଧର୍ମକୁ ବ୍ୟକ୍ତି ଓ ସମାଜର କେନ୍ଦ୍ରବ

ସମ୍ବାଦପତ୍ର-ଶିଳ୍ପ ରୂପେ ଶ୍ରେଣୀଭୁକ୍ତ କରନ୍ତି । ଆଧୁନିକ ଜୀବନର ମୁଖ୍ୟ ଭୂମି ରାଜନୀତି, ସମାଜନୀତି; ସାହିତ୍ୟ-ଚର୍ଚ୍ଚା ତା'ର ସହଯୋଗୀ । ଏଗୁଡ଼ିକ ମଧ୍ୟରେ ସାହିତ୍ୟ ଚର୍ଚ୍ଚାର ସ୍ଥାନ ଗୌଣ । ଗୌରୀଶଙ୍କରଙ୍କ ଜୀବନ-କାଳରେ ସାହିତ୍ୟ-ଚର୍ଚ୍ଚା କାହାରି ଅସଲ ସାଧନାର ରୂପରେଖ ନଥିଲା ତା'ର ଦୃଷ୍ଟାନ୍ତ । ପ୍ରଥମ ସଂଖ୍ୟା ବର୍ଷର 'ଉତ୍କଳ-ଦୀପିକା' ଗୌରୀଶଙ୍କରଙ୍କ ମନୋଭାବକୁ ସ୍ପଷ୍ଟ କରେ । ସେ ନିଜ ପତ୍ରିକାରେ ସାହିତ୍ୟ-ଚର୍ଚ୍ଚାକୁ କେବଳ କେନ୍ଦ୍ରସ୍ଥାନ ଦେଇନାହାନ୍ତି, କିନ୍ତୁ ସେହି ସମୟର ତାଙ୍କ ସମ୍ପାଦିତ ପତ୍ରିକାରେ ସାହିତ୍ୟ ଚର୍ଚ୍ଚା ମଧ୍ୟ କେନ୍ଦ୍ରସ୍ଥାନ ପାଇନାହିଁ ।

ଗୌରୀଶଙ୍କର ନିଜେ ସାହିତ୍ୟିକ ନ ଥିଲେ ବା ସାହିତ୍ୟ ଚର୍ଚ୍ଚା ସଚେତନ ଭାବରେ ତାଙ୍କ ଆଲୋଚନାର କେନ୍ଦ୍ରିକ ବସ୍ତୁ ନଥିଲା । କିନ୍ତୁ ସମ୍ପାଦକ ରୂପରେ, ସାମାଜିକ ଦାୟିତ୍ୱବୋଧର ଅନୁଷ୍ଠାନରେ ଓ ଓଡ଼ିଶାର ଜନଜୀବନରେ ସମ୍ପୃକ୍ତ ପ୍ରଭାବରେ କେବଳ ତାଙ୍କ ସେଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛା ନ ଥିଲା— ସମ-ସାମୟିକ କାଳ ସାହିତ୍ୟ-ଚର୍ଚ୍ଚାରେ ତାଙ୍କ ମଙ୍ଗଳର ଭୂମିକା ଦେବାକୁ ବାଧ୍ୟ କରିଥିଲା । ପ୍ରଥମ ପ୍ରକାଶିତ-ସମ୍ବାଦ ପତ୍ରର ସମ୍ପାଦକ ଭାବରେ, ପ୍ରଥମ ସମାଜ-ସଂସ୍କାରକ ଲେଖକ ଭାବରେ ତଥା ଓଡ଼ିଆ ଜାତୀୟ ଚେତନାର ଅଗ୍ରଦୂତ ଭାବରେ ଓଡ଼ିଆ ସାହିତ୍ୟର ଆଲୋଚନା ତାଙ୍କୁ କରିବାକୁ ହୋଇଥିଲା । ଫଳରେ ଗୌରୀ-ଶଙ୍କରଙ୍କ ହାତରେ ଓଡ଼ିଆ ସାହିତ୍ୟରେ 'ସମାଲୋଚନା'ର ଉଦ୍ଭବ ହୋଇଥିଲା ତଥା ଓଡ଼ିଆ ସାହିତ୍ୟର ପରିଚର୍ଚ୍ଚାରେ ମତାମତର ପ୍ରସ୍ତାବ କରିବା ଦ୍ୱାରା ସେ ସାହିତ୍ୟ-ଆଲୋଚନାର ଜଗତକୁ ସାଂପ୍ରଦାୟିକତା ଭିତରେ ସୀମାବଦ୍ଧ ନ କରି ଐତିହାସିକ ପୃଷ୍ଠଭୂମିକୁ ସମ୍ପ୍ରସାରିତ କରି ପାରିଥିଲେ ।

॥ ଦୁଇ ॥

ଓଡ଼ିଆ ସାହିତ୍ୟ ଓ ସମାଜର ପୁନରୁତ୍ଥାନ କାଳ ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶ ଅଧିବେଶନର ସଭାପତି ଅଭିଭାଷଣରେ ଗୌରୀଶଙ୍କର କହିଥିଲେ : "ମୋର ସାହିତ୍ୟ ଆଲୋଚନା ଏତେ ଅଳ୍ପ ଯେ, ସେଥିରେ ସୃଷ୍ଟି ଓ ଅନୁଗତ ସମ୍ବନ୍ଧରେ ସୁପରାମର୍ଶ ଦେବାକୁ ସାହସ ହେଉନାହିଁ । × ମୁଁ ଜଣେ ସମ୍ପାଦକ ବା ଲେଖକ ନ ହେଲେ ହେଁ ଉତ୍କଳ ସାହିତ୍ୟ ପ୍ରତି ମୋର ଆନ୍ତରିକ ଅନୁରାଗ ଅଛି ଏବଂ ଏହାର ଉନ୍ନତି ଓ ସମୃଦ୍ଧି ସାଧନରେ ଯେଉଁଠାରେ ମାର୍ଗରେ ସ୍ୱଳ୍ପ ଯେ ମୁଁ ତାହାରେ ଯୋଗ ଦେବାକୁ ତ୍ରୁଟି କରି ନାହିଁ । ×

ମୁଁ କହୁଅଛି ଯେ, ଉତ୍କଳ-ସାହିତ୍ୟ ମୋତେ ଟାଣିଲା ଭଳି । ଶିଶୁ ଅବସ୍ଥାରେ ଚାଟଶାଳୀରେ ପଢ଼ି, ଗୋପାଳ ଭାଗବତ ଯାହା ପଢ଼ିଥିଲି ତାହା କେବଳ ଅକ୍ଷର ଚିହ୍ନିବା ନିମନ୍ତେ । ଅର୍ଥ ବୁଝିବା କ୍ଷମତା ଅଥବା ବୁଝାଇବା ଲୋକ କେହି ନ ଥିଲେ, ପରେ ଇଂରାଜୀ ସ୍କୁଲରେ ମୋର ଓଡ଼ିଆ ଶିକ୍ଷା ମିଶନ ସ୍କୁଲ ପାଠଶାଳାର ମୁଦ୍ରିତ ଗଦ୍ୟ, ହିତୋପଦେଶ ଅତିକ୍ରମ କରି ଦେଇନ ଥିଲା । ସୁତରାଂ ଉତ୍କଳ ସାହିତ୍ୟର ପରିଚୟ

ଅନ୍ୟେ କୀ ପାଇ ନ ଥିଲୁ ବୋଲି କ'ଣ ଅଯୁକ୍ତ କହିବି । ସୁନ୍ଦର ଗୁଚ୍ଛ ପ୍ରକାଶ କାର୍ଯ୍ୟ ପାଇ ନେତୃତ୍ୱ ନେଇ କରିଥିବା ବନ୍ଧୁଙ୍କ ପାଖରୁ ବୈଦେଶିକ ପ୍ରକାଶ ପ୍ରକୃତ ଦୁଇ ଏକ ପଦ ଅର୍ଥ ସହିତ ଶୁଣି ସେ ଏଗକୁ ମନ ଧାରିଲି ଏବଂ କେତେକଣ ଅନ୍ୟ ପ୍ରିୟ କବି, ଯଥା–– ସ୍ୱର୍ଗୀୟ ବନମାଳୀ ଶ୍ରୀ ମଧୁସୂଦନ ପଟ୍ଟନାୟକ, ଜଗମୋହନ ଲାଲ, ରାଧା-ମୋହନ ସେନ ଆଦି ମିଶି କାବ୍ୟ ସଂଗ୍ରହରେ ଅନ୍ତତଃ ଏକଘଣ୍ଟା ପ୍ରେମ ସୁଧାନିଧି, ଲାବଣ୍ୟବତୀ ପ୍ରଭୃତି ପାଠ କରି ଉତ୍କଳ-ସାହିତ୍ୟର ସ୍ୱାଦ ପାଇଲି ...... ।"(୩)

ଏହି ଉଦ୍ଧୃତିରେ ଗୌରୀଶଙ୍କର ପ୍ରାଚୀନ ସାହିତ୍ୟ ଓ ତାଙ୍କର ସମ୍ପର୍କ ସ୍ପଷ୍ଟ ଭାବେ ଉପସ୍ଥାପନ କରିଛନ୍ତି । ଗୌରୀଶଙ୍କରଙ୍କ ଜୀବନର ମଧ୍ୟ ପର୍ଯ୍ୟାୟରେ ଆଧୁନିକ ଓଡ଼ିଆ ସାହିତ୍ୟର ସୃଷ୍ଟି । ସାହିତ୍ୟକୁ ଉପଭୋଗ କରିବାର ପ୍ରବୃତ୍ତି ନେଇ ସେ ଅବଲୋକନ କରିଥିଲେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟକୁ । ଆଧୁନିକ ବଙ୍ଗଳା ସାହିତ୍ୟ ତାଙ୍କର ସମକାଳରେ ପ୍ରକାଶିତ ହୋଇଥିଲା ଓ ସଂସ୍କୃତ ସାହିତ୍ୟ ସହ ତାଙ୍କର ଘନିଷ୍ଠ ପରିଚୟ ନ ଥିଲା । ଫଳରେ ସାହିତ୍ୟ ସମ୍ପର୍କରେ ତାଙ୍କର ଧାରଣା ଥିଲା ପ୍ରମୁଖଙ୍କ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟକୃତି-ଆଧାରିତ । ସମୟ କ୍ରମେ ଏହି ଧାରଣାର ସଂସ୍କାର ଘଟିଛି, ବହୁତ ମଧ୍ୟ ହୋଇଛି କିନ୍ତୁ ତାଙ୍କର ମୌଳି-କତାରେ ପରିବର୍ତ୍ତନ ଘଟିନାହିଁ । ଏହି ଅନୁମେୟ ଦୃଷ୍ଟିରେ 'ଉତ୍କଳ ଦୀପିକା'ରେ ସେ ପ୍ରାଚୀନ ଓ ସମକାଳୀନ ଓଡ଼ିଆ ସାହିତ୍ୟର ଆଲୋଚନା କରିଥାନ୍ତି । ସାହିତ୍ୟ-ଚର୍ଚ୍ଚା ସମ୍ପର୍କରେ ଗୌରୀଶଙ୍କରଙ୍କ ସମାଲୋଚନା ସାହିତ୍ୟ-ପାଠକ ଭାବରେ ତାଙ୍କର ସୀମାବଦ୍ଧତାକୁ କେଉଁ ପରିମାଣରେ ସୂଚିତ ନ କରେ ତା' ଅପେକ୍ଷା ତାଙ୍କ ମନୋଭୂମିର ପ୍ରାଞ୍ଜଳ ପରିଚୟ ହିଁ ଅଧିକ ଭାବରେ ପ୍ରଦାନ କରେ । ତାଙ୍କର ସମ-କାଳରେ ସୃଷ୍ଟି ହୋଇଥିବା ଓଡ଼ିଆ ସାହିତ୍ୟକୁ ତା' ବୋଲି ସେ ପ୍ରତ୍ୟାଖ୍ୟାନ କରି ନାହାନ୍ତି କିନ୍ତୁ ତାହାକୁ ସର୍ବଶ୍ରେଷ୍ଠ ବୋଲି ମଧ୍ୟ ଗ୍ରହଣ କରିନାହାନ୍ତି । ଏକାଳର ଉପନ୍ୟାସ ଓ ନାଟକ ଭଳି ଆଧୁନିକ ସାହିତ୍ୟ-ରୂପ ଗୌରୀଶଙ୍କରଙ୍କ ଦ୍ୱାରା ପ୍ରଶଂସିତ ଓ ଆଲୋଚିତ ହୋଇଛି ।

ଗୌରୀଶଙ୍କରଙ୍କ ସାହିତ୍ୟ ପ୍ରୀତି ଥିଲା ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ-କେନ୍ଦ୍ରିକ । ସମକାଳରେ ସାହିତ୍ୟ-ସମାଲୋଚନାର ଭୂମିକାକୁ ସେ ଅସ୍ୱୀକାର କରିପାରି ନ ଥିଲେ । ବିଷୟ ମଧ୍ୟରେ ଥିବା ଭାବ-ଦ୍ୱନ୍ଦ୍ୱକୁ ବା ସେ ସ୍ପଷ୍ଟତଃ ଅନୁଭବ କରି ପାରି ନ ଥିଲେ । ସାହିତ୍ୟକୁ କେବଳ ଆହ୍ଲାଦ-ପ୍ରଧାନ ବୋଲି ଗ୍ରହଣ କରିବା ଏ କ୍ଷେତ୍ରରେ ସାହିତ୍ୟ କୃତିର ଭଲ ଓ ମନ୍ଦ ଦିଗର ବିଶ୍ଳେଷଣରେ ଅନାବଶ୍ୟକ । ଆଉ ଭଲ ଓ ମନ୍ଦର ବିଚାର କରିବାରେ କେବଳ ଅନୁଭାବକତା ହିଁ ମୁଖ୍ୟ, କୌଣସି ସାହିତ୍ୟ-କୃତିର ସାମାଜିକ ଆବଶ୍ୟକତା ଅବଲୋକନ ଭାବରେ ବିଚାର-ଦୃଷ୍ଟିକୁ ଆକୃଷ୍ଟ କରେ । 'ବାକ୍ୟଂ ରସାତ୍ମକଂ କାବ୍ୟମ୍' - ବିଶ୍ୱନାଥ କବିରାଜଙ୍କ ଏହି ଅତି ପରିଚିତ କାବ୍ୟ ସଂଜ୍ଞାକୁ ସେ ଗ୍ରହଣ କରି ନେଇଛନ୍ତି । ତେଣୁ ରସ ବା ଆନନ୍ଦ ଅଳଙ୍କାର ଶାସ୍ତ୍ରରେ ଚମତ୍କାର ଭାବରେ ଅନେକ ସମୟରେ ଗୃହୀତ ହୋଇଥିବାରୁ ଅଧିକ ପ୍ରଧାନ କାବ୍ୟକୁ ସେ

ଶ୍ରେଷ୍ଠ ସାହିତ୍ୟର ଗୌରବ ଦେଉଛନ୍ତି । ଶ୍ରେଣୀ ଭକ୍ତ ସାହିତ୍ୟକୁ ସେମାନେ ବିରୋଧ କରନ୍ତି ସେମାନଙ୍କର ସାହିତ୍ୟ ଖାଲି ପ୍ରଚାର କଥା, ନ ହେଲେ ବୈପ୍ଳବିକ ଆକାଂକ୍ଷା-ଭାବାକୁ ହେତୁ ବିରୋଧ-ହୀନ ଅନୁସାରକ – ଏହିଭଳି ଏକ ସିଦ୍ଧାନ୍ତରେ ସେ ପହଞ୍ଚିଛନ୍ତି । ଏ ପ୍ରସଙ୍ଗରେ ସେ ଲେଖିଛନ୍ତି : "ରସାତ୍ମକ ବାକ୍ୟର ନାମ କାବ୍ୟ ଓ ଅତଏବ ଗୋଟିଏ ରସ ଅଛନ୍ତି । ସୁତରାଂ ଅନ୍ତରସ ଯତିକ ଭାବ୍ୟକୁ କାବ୍ୟ କହିବା ଅଯୌକ୍ତିକ କୁହାଯାଇ ନୋହିବ ସତ୍ୟ ଜ୍ଞାନରେ ପ୍ରଚଳିତ ହୋଇଅଛି ।" (୪) ସେଥିପାଇଁ ଗୌଣ-ଶ୍ରେଣୀଙ୍କ ସାହିତ୍ୟ ଧାରଣାକୁ ପ୍ରତ୍ୟାଖ୍ୟାନ କରୁଥିଲେ, ସେମାନଙ୍କ ଦୃଷ୍ଟିରେ ମଧ୍ୟ କଣ୍ଠନାଥଙ୍କ ଉକ୍ତି ଅଳ୍ପ ନୂତନ-ହୀନ; ଏତ ମାତ୍ର କାବ୍ୟ ହଁଛି । ସମସ୍ତ ଭାବବଂଶ ଶତକର ସାହିତ୍ୟ-ଚର୍ଚ୍ଚା କଣ୍ଠନାଥଙ୍କ କାବ୍ୟ ହଁଛିର କୃତ୍ରିମତାର କଷ୍ଟ ପଥରେ ଯାଇବା ପାଇଁ ବାଧ ହୋଇଥିଲା ।

'ରସ' ଶବ୍ଦର ସାହିତ୍ୟର ଅବ୍ୟାହ୍ୟ ବ୍ୟବହ ସତରେ ସେ ନୀତି-ଉପଦେଶ ଓ ଅଳଂକାର-ସଂଯୋଜନାକୁ ଗ୍ରହଣ କରିଅଛନ୍ତି । ଉକ୍ତିଙ୍କ ମହତ୍ତ୍ୱ ପ୍ରତିପାଦନ ପ୍ରସଙ୍ଗରେ ସେ ଲେଖିଅଛନ୍ତି : "କାବ୍ୟର ରଚନା ପ୍ରଣାଳୀ ବଂଶ କାଳି ଅବସରରେ କାହିଁକି ଏମନ୍ତ ହୋଇଥିଲା । ତହିଁରେ ସ୍ଥାନେ ସ୍ଥାନେ ଭଲ କଥା ଅଛି, ଭଲ ଭାବ ଅଛି । ଦେଶକାଳ ଅନୁସାରେ ସେହି ସମୟର ଅଳଂକାର ଗୁଣ ଦୋଷ ହେଉଥିଲେ ସେହି ସୌନ୍ଦର୍ଯ୍ୟରେ ଲୁଣା ହୋଇ ଯାଉଁ ବରଂ ଅଧିକ ହୋଇଛି ।" (୫) ଏଠାରେ ଭାବ, ନୀତି ଉପଦେଶ ଓ ସୌନ୍ଦର୍ଯ୍ୟ ପ୍ରଧାନ ସାହିତ୍ୟର ଲକ୍ଷ୍ୟ ରୂପରେ ଗୃହୀତ । କିନ୍ତୁ ନୀତି-ଉପଦେଶ କଥନ ଏଥିପାଇଁ, ଭାବ ଓ ସୌନ୍ଦର୍ଯ୍ୟ କହିଲେ ସେ କ'ଣ ବୁଝାନ୍ତି ଏ କଥା ସେ ଆଦୌ ସ୍ପଷ୍ଟ କରି ନାହାନ୍ତି । ଫଳରେ ରସ, ଭାବ, ସୌନ୍ଦର୍ଯ୍ୟ ଆଦି ପ୍ରତ୍ୟୟ-ଗୁଡ଼ିକ ଏଠାରେ ଗୌଣଶ୍ରେଣୀଙ୍କ ଅସ୍ପଷ୍ଟତା ସହିତ ସାଙ୍ଗ ଆଲୋଚନା ଗୁଡ଼ିକରେ ବ୍ୟବହାର କରନ୍ତି ।

'ସମାଲୋଚନା' ଶବ୍ଦଟି ସାହିତ୍ୟ ଆଲୋଚନା ଅର୍ଥରେ ପ୍ରଥମେ ଗୌରୀଶଙ୍କରଙ୍କ ଦ୍ୱାରା ବ୍ୟବହୃତ । 'ବୋଧୋଦୟିନୀ' ପତ୍ରିକାରେ 'ଲୁପଟଶୁନ'ର ସେତିକବେଳେ ଓ ଦୟାମୂଳକ ଆଲୋଚନା ପ୍ରକାଶିତ ହୋଇଥିଲା, ତାହାର ଉତ୍ତର ଦେବାକୁ ଯାଇ ସେ ଲେଖିଥିଲେ : "... ପୁସ୍ତକର ସମାଲୋଚନା କରିବା ଅତି ଗୁରୁତର କାର୍ଯ୍ୟ ଅଟେ । ତହିଁର ଦୋଷ ଗୁଣ ଉଭୟ ରୂପେ ବିବେଚନା କରି ଉଚିତର ସମ୍ମତର ବର୍ତ୍ତିନା ପ୍ରକୃତ ପୁସ୍ତକ ସହ ସତ୍ୟ ପ୍ରମାଣ କରିବାକୁ ହୁଏ କେବଳ ଦୋଷ ଦେଖାଇବାର ସମାଲୋଚନାର ମର୍ମ ନୁହେଁ ।" (୬) ସମ୍ୟକ ବା ସାମଗ୍ରିକ ଆଲୋଚନାକୁ ସେ 'ସମାଲୋଚନା' ଅର୍ଥରେ ଗ୍ରହଣ କରିଛନ୍ତି ଓ ସେଥିପାଇଁ ସମାଲୋଚକଙ୍କର କାର୍ଯ୍ୟକୁ ଗୁରୁତର ଓ କଠିନ ବୋଲି ସେ ଗ୍ରହଣ କରିଛନ୍ତି । ଏଥିର ଅବ୍ୟବହିତ ସମାଲୋଚକ ସ୍ୱଧର୍ମକୁ ସ୍ପଷ୍ଟ କରନ୍ତି : "ସମାଲୋଚକର କାର୍ଯ୍ୟ ବଡ଼ କଠିନ ଅଟଇ । ସମସ୍ତ ତତ୍ତ୍ୱ ବିବେଚନା ନ କରି ଏକାବେଳେକେ ଅପ୍ରକୃତ ବୋଲି ପରିତ୍ୟାଗ କରିବା ଉଚିତ ନୁହଇ ।" (୭) ସମାଲୋଚନା ଆଲୋଚକଙ୍କ ପାଣ୍ଡିତ୍ୟର ପ୍ରଦର୍ଶନ ନୁହେଁ ବା

ଆତ୍ମପ୍ରକାଶର ମାଧ୍ୟମ ମାତ୍ର ନୁହେଁ । ସାହିତ୍ୟ ଭଳି ଏହାର ସମାଜ-ଗଠନାତ୍ମକ ଭୂମିକା ରହିଛି । ସମାଲୋଚକ ଲେଖକ ଓ ପାଠକଙ୍କର ଉପକାର କରେ—କଣ୍ଟକ ସଂଚୟନ କରେ ଓ ଅନ୍ୟ କଣ୍ଟକ ରଚନ ମୂଳକ ଆଲୋଚନା ମାଧ୍ୟମରେ ସହଯୋଗ ପାଇଁ ପଥ-ନିର୍ଦ୍ଦେଶ କରେ । ସେଥିପାଇଁ ସମାଲୋଚକଙ୍କର ପ୍ରଥମ ଆବଶ୍ୟକତା ସମାଲୋଚ୍ୟ ବିଷୟର ସ୍ପଷ୍ଟ ଧାରଣା ଓ ଅଧ୍ୟୟନ : "ସମାଲୋଚନା ପ୍ରଶସ୍ତି ନୁହେଁ କିମ୍ବା ଗାଳିଗୋଳକଙ୍କ ଦ୍ୱାରା ନ ହେଲେ ଭ.ଦ୍ର ବାସ୍ତବତା ବୋଲି ପରିଚିତ ହୁଏ । ଯେଉଁ ସମାଲୋଚନା ଦ୍ୱାରା ଲେଖକ, ପାଠକ ବା ସମାଲୋଚକ କାହାରି ଉପକାର ସମ୍ଭବ ନୁହେଁ, ସେ ରୂପ ସମାଲୋଚନା ଦ୍ୱାରା ସାଧାରଣ ରୁଚିବୋଧ ସମ୍ବାଦ ପତ୍ରର କଲେବରର ଏକ ଅଂଶ ପୂରଣ କରିବା ଅନୁମୋଦନୀୟ ନୁହେଁ ।" (୮)

ସାହିତ୍ୟର ସ୍ୱରୂପ ସମ୍ପର୍କରେ ଗୌରୀଶଙ୍କରଙ୍କର ସାଧାରଣ ଧାରଣା ମାତ୍ର ଥିଲା—ତତ୍ତ୍ୱଗତ ସ୍ପଷ୍ଟତା ନ ଥିଲା । କିନ୍ତୁ ସାହିତ୍ୟ ସମାଲୋଚନାର ଭୂମିକା ସମ୍ପର୍କରେ ତାଙ୍କର ଧାରଣା ଥିଲା ଅନେକାଂଶରେ ସ୍ପଷ୍ଟ ଓ ସନ୍ତୁଳିତ । ଜଣେ ସମାଲୋଚକଙ୍କର କର୍ତ୍ତବ୍ୟ କ'ଣ ହେବା ଉଚିତ—ଆପଣା ସମୟର ଆବଶ୍ୟକତାକୁ ତାହା ସେ ଚିହ୍ନାଇ ଦେଇଥିଲେ । ଓଡ଼ିଆ ସାହିତ୍ୟ-ଜନିତ ତାଙ୍କର ଆଲୋଚନାରେ ତାଙ୍କର ଏହି କର୍ତ୍ତବ୍ୟ ବୋଧ ହିଁ ପ୍ରକାଶିତ ।

## ॥ ତିନି ॥

'ଉତ୍କଳ ସାହିତ୍ୟ'ର ପ୍ରକାଶ ବେଳକୁ ଓଡ଼ିଆ ସାହିତ୍ୟ ଆଲୋଚନାର ପରମ୍ପରା ସୃଷ୍ଟି ହୋଇ ନ ଥିଲା । ରେଭରେଣ୍ଡ ଜେମ୍ସ ଲଙ୍ଗ ପ୍ରଣୟନ ପାଇଁ ଓଡ଼ିଆ ପୁସ୍ତକର, ନିଜର ପରିଦର୍ଶନର ଯେଉଁ ତାଲିକା ଦେଇଥିଲେ ତଥା ଜନ୍ ବିମ୍ସ ପ୍ରମୁଖ ଓ ବିଦେଶୀ ଲେଖକ ଯେଉଁ ପରିଚୟାତ୍ମକ ପ୍ରବନ୍ଧ ପ୍ରଭୃତି ବିଭିନ୍ନ ପତ୍ରିକାରେ ଲେଖିଥିଲେ—ତାହା ଥିଲା ଓଡ଼ିଆ ସାହିତ୍ୟ ସମ୍ପର୍କରେ ପ୍ରାଥମିକ ବିବରଣୀ ଓ ଆଲୋଚନା । (୯) ବଙ୍ଗଳା ସାହିତ୍ୟରେ ବି ସାହିତ୍ୟ ଚର୍ଚ୍ଚାର ତାହା ଥିଲା ପ୍ରାରମ୍ଭିକ ପର୍ବ । ଈଶ୍ୱର ଗୁପ୍ତ, ରାଜେନ୍ଦ୍ର ଲାଲ ମିତ୍ର, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ଓ ରାମଲାଲ ସାହିତ୍ୟ ଆଲୋଚନାରେ ମନୋନିବେଶ କରିଥିଲେ । ତେଣୁ ଏମାନଙ୍କ ମଧ୍ୟରୁ ବଙ୍କିମଚନ୍ଦ୍ର ବିଦ୍ୟାସାଗରଙ୍କୁ ଗୁରୁତ୍ୱ ଦେଉଥିଲେ ଏବଂ ତାହାଙ୍କ ପ୍ରଭାବର ଦୃଷ୍ଟି ହୋଇ ନ ଥିଲା । ବସ୍ତୁତଃ ମାଇକେଲ ମଧୁସୂଦନଙ୍କ ଅବସ୍ଥାନ ପର୍ଯ୍ୟନ୍ତ ଆଧୁନିକ ଦୃଷ୍ଟି ବଙ୍ଗଳା ସାହିତ୍ୟ ଚର୍ଚ୍ଚାରେ ପରିସ୍ଫୁଟ ହୋଇ ନ ଥିଲା । (୧୦) ସାହିତ୍ୟ ତତ୍ତ୍ୱ ସମ୍ପର୍କରେ ପରିଚ୍ଛନ୍ନ ଅବବୋଧର ଅଭାବ ଓ ସାହିତ୍ୟର ମୂଲ୍ୟଗତ ଅବଧାରଣାରେ ଅସମର୍ଥ ଥିଲେ ବି ସେ ସମୟର ବଙ୍ଗଳା ସମ୍ବାଦ ପତ୍ର ଗୁଡ଼ିକ ସାହିତ୍ୟ ଓ ଅସାହିତ୍ୟ ନିର୍ବିଶେଷରେ ସମସ୍ତ ପ୍ରକାଶିତ ପୁସ୍ତକର ସୂଚୀ ବିବରଣୀ ଦେବାରେ ଅବହେଳା କରୁ ନ ଥିଲେ । ତେଣୁ ପୁସ୍ତକର ଭାଷା ତଥା ବଙ୍ଗଳା ବିଭାଗ ଇଂରାଜୀ ଓ ସଂସ୍କୃତ ଭାଷା ସମ୍ପର୍କିତ ବିବାଦ ୧୮୬୫ ମସିହା ପରବର୍ତ୍ତୀ ଅଧିକାଂଶ ଓଡ଼ିଆ ସମ୍ବାଦ ପତ୍ରକୁ ଆକ୍ରାନ୍ତ କରିଥିଲେ ।

ବଙ୍ଗଳାର ପ୍ରସିଦ୍ଧ ସମ୍ବାଦ ପତ୍ର ସମ୍ବାଦ ପ୍ରଭାକର, ସମାଚାର ଦର୍ପଣ, ସମାଚାର ଚନ୍ଦ୍ରିକା ପ୍ରମୁଖଙ୍କୁ ଅନୁସରଣ କରି ନୂତନ ପୁସ୍ତକର ବିଜ୍ଞାପନ ଓ ପ୍ରାପ୍ତ ପୁସ୍ତକର ଆଲୋଚନା 'ଉତ୍କଳ ଦୀପିକା'ର ପୃଷ୍ଠାରେ ପ୍ରମୁଖରେ ସ୍ଥାନ ପାଉଥିଲା । ସମ୍ବାଦ ପତ୍ର ପୃଷ୍ଠାରେ ପ୍ରକାଶିତ ଅନୁରୂପ ସାହିତ୍ୟ-ସମାଲୋଚନାକୁ ଡକ୍ଟର ନଟବର ସାମନ୍ତରାୟ କହିଛନ୍ତି 'ବାର୍ତ୍ତାମୁଖୀ ସମାଲୋଚନା ସାହିତ୍ୟ' (୧୧) "କଥା ଓ ସାହିତ୍ୟ ସମ୍ପର୍କୀୟ ଲେଖାଙ୍କର ଅତ୍ୟାବଶ୍ୟ ସ୍ଥଳରେ କେବଳ ବାର୍ତ୍ତା ପରିବେଷଣ କରିବା ଏମାନଙ୍କର ମୁଖ୍ୟଲକ୍ଷ୍ୟ ଥିଲା" (୧୨) । ତାଙ୍କ ମତରେ ଏହି ବାର୍ତ୍ତାମୁଖୀ ସମାଲୋଚନାର ମୂଳ ଭିତ୍ତି ଉପରେ ଆଧୁନିକ ସାହିତ୍ୟର ଯଥାର୍ଥ ସମାଲୋଚନା ଠିଆ ହୋଇଛି । ଗୌରୀଶଙ୍କରଙ୍କ ପୁସ୍ତକ-ସମାଲୋଚନା ପ୍ରାଥମିକ ସନ୍ଦେହଧରା ଓ ଆବିଷ୍କାର-ଅକ୍ଷମତାକୁ ଅତିକ୍ରମ କରି ଶେଷରେ ସାହିତ୍ୟ ସମାଲୋଚନାର କୋଠରୀକୁ ଉନ୍ନୀତ ହୋଇପାରିଥିଲା । ଏହି ପୁସ୍ତକ-ସମାଲୋଚନା ମାଧ୍ୟମରେ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ-ଚର୍ଚ୍ଚାକୁ ଭାଷା ଓ ବହିରଙ୍ଗ ଆଲୋଚନାରୁ ମୂଳ ବସ୍ତୁର ଅନ୍ତରକୁ ଟାଣି ନେଇଥିଲେ । ସାହିତ୍ୟ ଚର୍ଚ୍ଚା ସେତେବେଳେ ମୂଳ ବସ୍ତୁକୁ ଆପଣାର କରିପାରେ ଓ ଅନୁଭବ ନିର୍ଦ୍ଦିଷ୍ଟ ଦୋଷ-ତ୍ରୁଟିକୁ ଅଙ୍ଗୁଳି ଦେଖାଇବା ସାମର୍ଥ୍ୟ ହାସଲ କରେ, ସେତେବେଳେ ସେହି ସାହିତ୍ୟ-ଚର୍ଚ୍ଚା ଯଥାର୍ଥ ସାହିତ୍ୟ ସମାଲୋଚନା ସ୍ତରକୁ ଉନ୍ନୀତ ହୁଏ । ଗୌରୀଶଙ୍କରଙ୍କ ପୁସ୍ତକ ସମାଲୋଚନା ୧୮୯୦ର ପରବର୍ତ୍ତୀ କାଳରେ ଭୁଲ୍‌ରା ସମାଲୋଚ୍ୟ ପୁସ୍ତକ ବର୍ଣ୍ଣିତ ଘଟଣା ନ ଥିଲା ବା କୌଣସି ଚରିତ୍ର ବା ବସ୍ତୁବସ୍ତୁର କେବଳ ବର୍ଣ୍ଣନା ମାତ୍ର ନ ଥିଲା । ତାହା ଥିଲା ଗୌରୀଶଙ୍କରଙ୍କର ମୌଳିକ ଦୃଷ୍ଟିକୋଣର ଅଭିବ୍ୟକ୍ତି ।

ଗୌରୀଶଙ୍କରଙ୍କର ପ୍ରଥମ ପୁସ୍ତକ-ସମାଲୋଚନା ପ୍ରକାଶିତ ହୋଇଥିଲା ପତ୍ରିକାର ଦ୍ୱିତୀୟ ବର୍ଷରେ, 'ଦସ୍ୟୁଦଳ ଚନ୍ଦ୍ରକାନ୍ତ' ଶିରୋନାମରେ । ଉକ୍ତ ମୋହନଙ୍କ ଦ୍ୱାରା ଅନୂଦିତ ଶବ୍ଦାଳଙ୍କାର ନାମକ ବହିର ପୁସ୍ତକର ଆଲୋଚନା କରିବାକୁ ଯାଇ ଏଥିରେ ମୁଖ୍ୟତଃ ତା'ର ଭାଷା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଉକ୍ତର ମୋହନ ଭାଷା ଉପରେ ବଙ୍ଗଳାର ଅପପ୍ରଭାବ ଏଥିରେ ବଡ଼ଭାବେ ସମାଲୋଚିତ "ଭାଷାର ନିର୍ଦ୍ଦିଷ୍ଟ ନିୟମରୁ ଶବ୍ଦ ନିଜ ଗ୍ରନ୍ଥର ଅନୁଚିତ ବଙ୍ଗଳାଭାଷାର ବାକ୍ୟ ଦୋଷ ଥିବାରୁ ସୁତରାଂ ଶ୍ରୁତିକଟୁବୋଧ ହେଉଅଛି । ଏଥିରୁ ଜଣାଯାଉଅଛି ଯେ ଅଳ୍ପ ବୟସ୍କ ବିଦ୍ୟାର୍ଥୀମାନଙ୍କୁ ଏ ପ୍ରକାର ଗ୍ରନ୍ଥ ପଢ଼ାଇ ଭଲରୂପେ ବଙ୍ଗଳାଭାଷା ଜ୍ଞାନ ଲାଭ ଦେବାର ତାଙ୍କୁ ନ ପଢ଼ାଇବା ଶ୍ରେୟସ୍କର ।" (୧୩) ବଙ୍ଗଳା ଭାଷାରୁ ଅନୁବାଦ କରିବାକୁ ଯାଇ ଓଡ଼ିଆ ଲେଖକମାନେ ବଙ୍ଗଳାର ବ୍ୟାକରଣଗତ ପ୍ରୟୋଗକୁ ଲକ୍ଷ୍ୟ ଦେଉଛନ୍ତି, ସେଥିପ୍ରତି ଆଲୋଚନାରେ ଏହା ପ୍ରଦର୍ଶିତ । ଉକ୍ତ ବର୍ଷର ଏକ ପାଠ୍ୟ ପୁସ୍ତକ ଓ ଏହି ଆଲୋଚନାରୁ ଜଣାଯାଏ ଯେ, ସେତେବେଳେ ସାହିତ୍ୟ ପୁସ୍ତକର ଭାଷା-ଚର୍ଚ୍ଚା ବା ସାହିତ୍ୟ ଚର୍ଚ୍ଚା କୁହାଯାଇ ପାରେ ବସ୍ତୁ ସାହିତ୍ୟ-ସମାଲୋଚନା ନୁହେଁ । ଡକ୍ଟର ବଂଶୀଧର ମହାନ୍ତି ଓଡ଼ିଆ ସମାଲୋଚନାର ଅଙ୍କୁର ରୂପରେ ଏହି ଆଲୋଚନାକୁ ଗ୍ରହଣ କରିଛନ୍ତି । (୧୪)

'କୁସୁମ ଭଞ୍ଜନ' ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରକାଶିତ କାବ୍ୟ । ଜଗନ୍-ମୋହନ ଲାଲ ପ୍ରାଚୀନ କାବ୍ୟଧାରା ସହ ସମନ୍ୱୟ ରଖି କରି ପାଶ୍ଚାତ୍ୟଙ୍କ ସ୍ୱରୂପିତ

ଚଣ୍ଡ୍ରାବୀର ଓଡ଼ିଆ ଭାଷାରେ ମୁକ୍ତ ଅନୁବାଦ କରି ତାହାର ନାଁ ଦେଇଥିଲେ 'ଭ୍ରମ ଭଞ୍ଜନ' । 'ଭ୍ରମ ଭଞ୍ଜନ'ର ଆଲୋଚନା, ଗୌରୀଶଙ୍କରଙ୍କର ଯଥାର୍ଥ ସାହିତ୍ୟ ପୁସ୍ତକର ପ୍ରଥମ ସମାଲୋଚନା ଭାବରେ ଗ୍ରହଣ କରାଯାଇପାରେ । 'ନୂତନ ପୁସ୍ତକର ସମାଲୋଚନା' ଶୀର୍ଷକରେ ସେ ଲେଖିଥିଲେ : "ଏହି ନାମର ଏକଖଣ୍ଡି ଉତ୍କଳ ପୁସ୍ତକ ଆମ୍ଭେମାନେ ପ୍ରାପ୍ତ ହୋଇଅଛୁଁ ଗ୍ରନ୍ଥ ରଚକର ନାମ ବାବୁ ଜଗନ୍ମୋହନ ଲାଲ କଟକ ପ୍ରିଣ୍ଟିଂ କମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଏବଂ ସୁବିଖ୍ୟାତ ପଂଶ୍ରମ ବନ୍ଧୁ ପାର୍ଶ୍ୱଲ ବାବୁଙ୍କ ଭ୍ରାନ୍ତି ନାମକ ବଙ୍ଗଭାଷା ଏଥିର ବିଷୟ ଗ୍ରହଣ ହୋଇ ଉତ୍କଳ ଦେଶ ପ୍ରଚଳିତ ନାନା ପ୍ରକାର ଛନ୍ଦଗୁଡ଼ିକରେ ରଚନା ହୋଇଅଛି ।

ଆମ୍ଭେମାନେ ଏ ଗ୍ରନ୍ଥକୁ ଅତି ସମାଦରର ସହିତ ଗ୍ରହଣ କରିଅଛୁଁ । ସମ୍ପ୍ରତି ଉତ୍କଳ ଦେଶର ବିଦ୍ୟାର୍ଥୀମାନେ ସାଧାରଣ ଲୋକଙ୍କ ଓ ବାଳକଙ୍କ ଶିକ୍ଷାନିମିତ୍ତ ଅନେକ ପୁସ୍ତକ ରଚନା କରୁଅଛନ୍ତି । ମାତ୍ର ଦୁଃଖର ବିଷୟ ଯେ ଦୁଇ ଏକ ଖଣ୍ଡ ପୁସ୍ତକ ଭିନ୍ନ ଅନ୍ୟ ସମସ୍ତ ବଙ୍ଗ ପୁସ୍ତକର ଅବିକଳ ଅନୁବାଦ ଅଟଇ । ବଙ୍ଗଳା ସଙ୍ଗେ ଉତ୍କଳର ସାଦୃଶ୍ୟ ଥିବାରୁ ଅଳ୍ପ ଜାଣିଥିବାରୁ ଅନୁବାଦ ପୁସ୍ତକର କର୍ତ୍ତାମାନେ ଏହିରୂପ ପୁସ୍ତକ ରଚନାର ଉପାୟ ସହଜ ଜ୍ଞାନ କରି ସେଥିରେ ପ୍ରବୃତ୍ତ ହେଉଅଛନ୍ତି ଏବଂ ବସ୍ତୁତଃ ଅବିକଳ ଅନୁବାଦ ଯେ କେତେ କଠିନ ତାହା ସେମାନେ ଜ୍ଞାନ କରନ୍ତି ନାହିଁ । ଏଥିରୁ ପ୍ରତିପନ୍ନ ହୋଇଅଛି ଯେ ପ୍ରକୃତ ଉତ୍କଳ ଭାଷା ବଙ୍ଗଳାର ସଂକୀର୍ଣ୍ଣତାକୁ ପ୍ରାପ୍ତ ହୋଇ ଏକ ପ୍ରକାର ନୂତନ ଭାଷା ସୃଜନ ହେଉଅଛି । ଗ୍ରନ୍ଥକର୍ତ୍ତାମାନେ ବଙ୍ଗଳା ଭାଷାରେ ଶିକ୍ଷାପ୍ରାପ୍ତ ହୋଇ ବଙ୍ଗଳା ଭାଷାରୁ ଅନୁବାଦ କରିବା ସମୟରେ ଅନେକ ବଙ୍ଗଳା ଶବ୍ଦ ଓ ବାକ୍ୟରଚନାର ପଦ୍ଧତିକୁ ଉତ୍କଳ ମଧ୍ୟରେ ସେ ସମସ୍ତର ପ୍ରବେଶ ରୋକିପାରନ୍ତି ନାହିଁ — ଫଳତଃ ଉତ୍କଳ ଭାଷାର ଅନେକ କ୍ଷତି ହେଉଅଛି । ସେହିପରି ଅନୁବାଦ ନ କରି କେବଳ ବିଷୟଗ୍ରହଣ ପୂର୍ବକ ଅନୁବାଦ କର୍ତ୍ତାମାନେ ପୁସ୍ତକ ରଚନାର ପ୍ରବୃତ୍ତିକୁ ପ୍ରବୃତ୍ତ କରନ୍ତେ ତେବେ ବହୁତ ବଙ୍ଗଳା ମିଶ୍ରିତ ଓଡ଼ିଆ ପୁସ୍ତକ ଦେଖାଯାନ୍ତା ନାହିଁ । ଯାହା ହେଉ 'ଭ୍ରମଭଞ୍ଜନ' ଏ ଦୋଷରୁ ମୁକ୍ତ ପାଇଅଛି । କେବଳ ବଙ୍ଗ ପୁସ୍ତକର ଅନୁବାଦ ନୁହଇ ବୋଲି ଯେ ଏହା ଭଲ ହେଲା ଏମନ୍ତ ନୁହେଁ ମାତ୍ର ଗ୍ରନ୍ଥକର୍ତ୍ତା ଅବିକଳ ଅନୁବାଦକୁ ଉତ୍ତମ ଜ୍ଞାନ ନ କରି ବାଛିବାଛି ଭାବ ଗ୍ରହଣ କରିବାରୁ ଏ ରୂପ ଗ୍ରନ୍ଥ ହୋଇଅଛି । ଏ ପୁସ୍ତକର ରଚନାରେ ଯେ କିଛି ଦୋଷଆଦି ଓ ଦୋଷ ଦୃଶ୍ୟ ଅଟଇ ବୋଲି ଆମ୍ଭେମାନେ କହୁନାହୁଁ ଏହାର ଗୋଟିଏ ଗୁଣ ଏହି ଯେ ଉତ୍କଳର ପୁରାତନ କବିତା ସ୍ରୋତକୁ ଅନୁସରଣ କରିଅଛି । ଯଦ୍ୟପି ନା ଆମ୍ଭମାନଙ୍କ ମତରେ ଉତ୍କଳର ପୂର୍ବ ରଚିତ କବିତା ସମସ୍ତ ଭଲ କହିବା ନୂତନ କବିତା ତାଠାରୁ ମନ୍ଦ ଅଟଇ ଏବଂ ନୂତନ କବିତା ଅପେକ୍ଷା ପୁରାତନ କବିତା-ମାନ ଉତ୍ତମ ମନ କରି ବାଳକଙ୍କୁ ଶିକ୍ଷା ଦେବା ଉତ୍ତମ ଅଟଇ ତଥାପି ଆମ୍ଭେମାନେ ଏ ପୁସ୍ତକକୁ ବିଦ୍ୟାଳୟ ପାଠ୍ୟ ପୁସ୍ତକ କରିବାକୁ ଅନୁରୋଧ କରୁଅଛୁଁ କାରଣ ଏପରି କବିତାମାନ ପାଠକଲେ ବାଳକମାନେ କ୍ରମେ ଉପେନ୍ଦ୍ର ଭଞ୍ଜଙ୍କର କବିତାର ମର୍ମଗ୍ରହଣ କରିବାକୁ ସକ୍ଷମ ହେବେ ।"(୧୫)

ଏହି ଆଲୋଚନାରେ ଭ୍ରମଭଞ୍ଜନ ମୌଳିକ ନା ଅନୁବାଦ, ଅନୁବାଦର ଚରିତ୍ର ଓ ପ୍ରାଚୀନ ସାହିତ୍ୟ ସହ ଏହାର ସମ୍ପୃକ୍ତତା ଆଲୋଚିତ । ଭ୍ରମଭଞ୍ଜନ କାବ୍ୟ ହିସାବରେ କେତେ ସଫଳ ଓ ଭାଷିକ ସଫଳ, ଏ ପ୍ରଶ୍ନ ଆଲୋଚନାଟିରେ ଆଦୌ ଉପସ୍ଥାପିତ ହୋଇନାହିଁ । ବସ୍ତୁତଃ 'ଭ୍ରମଭଞ୍ଜନ'ର ସାହିତ୍ୟ-ମୂଲ୍ୟର ଉଦ୍‌ଘାଟନ-ପ୍ରଚେଷ୍ଟା ଏହି ଆଲୋଚନାରେ ନାହିଁ । ବିଦ୍ୟାଳୟର ପାଠ୍ୟପୁସ୍ତକ ହେବାପାଇଁ ଏହାର ଉପଯୋଗିତା ଏଠାରେ ମୁଖ୍ୟତଃ ଅବଧାରିତ । ଆଲୋଚନାର ଉପସଂହାର ଅଂଶରେ ପ୍ରାଚୀନ କାବ୍ୟ ପ୍ରତି ତାଙ୍କର ପକ୍ଷପାତ ସ୍ପଷ୍ଟ । ଭ୍ରମଭଞ୍ଜନ ଆଧୁନିକ ଓଡ଼ିଆ କାବ୍ୟଧାରାର ଯେ ଉପୋଦ୍‌ଘାତ କରିଥିଲା, ଗୌରୀଶଙ୍କର ସେଥିପ୍ରତି ସଚେତନ ମଧ୍ୟ ନ ଥିଲେ । ବଙ୍ଗଳା ଅନୁକରଣ ପ୍ରତି ବିଦ୍ୱେଷଭାବ ତାଙ୍କ ଆଲୋଚନାର ବହୁ ଅଂଶ ଅଧିକାର କରିଛି । ପ୍ରାଚୀନ କବିତା ଓ ଆଧୁନିକ କବିତା ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟ ସମ୍ପର୍କରେ ସଚେତନତାର ଅଭାବ— ଏହି ଆଲୋଚନାର ଅନ୍ୟ ଏକ ମୌଳିକ ଦୁର୍ବଳତା । ତାଙ୍କର ସାମଞ୍ଜସ୍ୟ ଗୌରୀଶଙ୍କରଙ୍କ ଅନୁମିତ ଅର୍ଦ୍ଧ-ସତ୍ୟ ଓ ଅସତ୍ୟ ଉପରେ ପ୍ରତିଷ୍ଠିତ ବୋଲି କହନ୍ତି । (୧୬) କିନ୍ତୁ ଏହି ଆଲୋଚନାର ସବୁଠାରୁ ବଡ଼ କୃତିତ୍ୱ ହେଲା ପ୍ରାଚୀନ କାବ୍ୟଧାରା ଠାରୁ ବିଚ୍ଛିନ୍ନ ନ କରି ଏକ ଅଖଣ୍ଡ କାବ୍ୟଧାରା ଭିତ୍ତିରେ ଆଧୁନିକ କାବ୍ୟର ବିଚାର କରିବା ଓ ସମକାଳୀନ କବିଙ୍କ ପାଇଁ କେଉଁ ଆଦର୍ଶ ସମ୍ବୋଧନ, ସେ ବିଷୟରେ ଆପଣାର ମନୋଭାବ ସ୍ପଷ୍ଟ କରିବା । 'ଉତ୍କଳ ଦୀପିକା' ପୁସ୍ତକ ସମାଲୋଚନାର ଯେଉଁ ପରମ୍ପରା ଆରମ୍ଭ କରିଥିଲା ତାହା ଅନ୍ୟାନ୍ୟ ସମ୍ବାଦପତ୍ର ସବୁ ଅନୁସରଣ କରିଥିଲେ । ବାଲେଶ୍ୱରରୁ ପ୍ରକାଶିତ 'ବୋଧଦାୟିନୀ'ରେ 'ଭ୍ରମଭଞ୍ଜନ'ର ଆଲୋଚନା ଏହାର ଦୃଷ୍ଟାନ୍ତ ।

ବହୁଦିନ ପର୍ଯ୍ୟନ୍ତ 'ଉତ୍କଳ ଦୀପିକା' ପୃଷ୍ଠାରେ ପାଠ୍ୟପୁସ୍ତକକୁ ଆଦର୍ଶ କରି ପୁସ୍ତକ ସବୁର ଆଲୋଚନା କରାଯାଇଛି । କେତେ କୌଣସି ପୁସ୍ତକର ସାମଗ୍ରିକ ଆଲୋଚନା ଅପେକ୍ଷା ତା'ର ଭାଷାଗତ ଆଲୋଚନା 'ଉତ୍କଳ ଦୀପିକା'ରେ ମୁଖ୍ୟ ହୋଇଉଠିଛି । ୧୮୭୭ ମସିହା ବେଳକୁ ଗୌରୀଶଙ୍କରଙ୍କ ଆଲୋଚନାରେ ଅଲ୍ପସ୍ୱଳ୍ପ ପରିବର୍ତ୍ତନ ଆସିଛି । 'ବାବାଜୀ ନାଟକ'ର ସମାଲୋଚନା ଏହାର ଦୃଷ୍ଟାନ୍ତ । (୧୮) ୧୮୯୦ ବେଳକୁ ସାହିତ୍ୟ-ସମାଲୋଚନା କେବଳ ପୁସ୍ତକ ସମ୍ବନ୍ଧରେ ମନ୍ତବ୍ୟ-ପ୍ରଦାନ ନୁହେଁ — ତା'ର ଭଲ ଓ ମନ୍ଦଗୁଣର ଆଲୋଚନାରେ ପରିଣତ ହୋଇଛି । ଗୌରୀଶଙ୍କରଙ୍କ ପୁସ୍ତକ ସମାଲୋଚନା ୧୮୯୦ ବେଳକୁ କିଭଳି ଉନ୍ନତ ହୋଇ ପାରିଥିଲା, ତାହାର ଉଦାହରଣ ସ୍ୱରୂପ ରାଧାନାଥଙ୍କ 'ପାର୍ବତୀ' କାବ୍ୟର ଦୀର୍ଘ ସମାଲୋଚନାକୁ ଅବତାରଣା କରାଯାଉଛି :

“ଶୀର୍ଷାଙ୍କିତ ପୁସ୍ତକ ଖଣ୍ଡି ଏ ଅଧମମାନେ ବାମଣ୍ଡାର ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ନିକଟରୁ ସମାଲୋଚନାର୍ଥ ପ୍ରାପ୍ତ ହୋଇଅଛୁଁ । ଏହା ଆଧୁନିକ ଉତ୍କଳୀୟ କବି ରାଧାନାଥଙ୍କ ରସମୟୀ ଲେଖନୀରୁ ବିନିଃସୃତ । ଏହି ଖଣ୍ଡି ବାରପେଜ ପୃଷ୍ଠା ଅଧିକାର କରିଥିଲେ ହେଁ ଅସମ୍ପୂର୍ଣ୍ଣ ଭାବରେ ରହିଅଛି ଏମନ୍ତ କି ସର୍ବଶେଷରେ

ଷୋଡ଼ଶୋପଚାରିକ ଭାବ ମୂର୍ତ୍ତିଚ୍ଛେଦର ଅବସାନ ହୋଇନାହିଁ ଏବଂ ରତ୍ନପୁର ରାଜକନ୍ୟା ଅନ୍ନପୂର୍ଣ୍ଣାଙ୍କ ଭକ୍ତ ହେଉଁ, ମନ ରହିଅଛି । ଏପରି ଅବସ୍ଥାରେ ଦୃଷ୍ଟାନ୍ତ-ସମା-ଲୋଚନା କରିବା ଅନାବଶ୍ୟକ ମାତ୍ର । ଭୂମିକାରୁ ଜଣାଯାଏ ସୁଧାକାନ୍ତ ବାବୁ ଯେତେକ ରଚନା କରିଥିଲେ ସେତିକ ପ୍ରକାଶିତ ହୋଇଅଛି । ପୁଣି ଅସୁସ୍ଥତା ହେତୁ ସେ ଯଥାର୍ଥ ଦୂଷିତ ଅଂଶକୁ ଅବଶିଷ୍ଟାଂଶ ଶୀଘ୍ର ରଚିତ ହେବାର ଆଶା ନାହିଁ । ଯେତେକ ରଚିତ ହୋଇଅଛି ତହିଁରେ "ଗଙ୍ଗାର ବାଣିଜ୍ୟର ପ୍ରଚେଷ୍ଟା ସଙ୍କେତ ମିଳୁଥିବାରୁ ଅପାତତଃ ଅସମ୍ପୂର୍ଣ୍ଣ ଆକାରେ" ପୁସ୍ତକ ଖଣ୍ଡି ପ୍ରକାଶିତ କରିଥିବାର ପଣ୍ଡିତ ମହାଶୟ ବ୍ୟକ୍ତ କରି ଏଥିରୁ ବୋଧହୁଏ ନାଟକଟି କପରି ହୋଇଅଛି କେବଳ ସେହି ଅଂଶରେ ଅସ୍ମମାନଙ୍କର ମତାମତ ଜାଣିବା ପଣ୍ଡିତ ମହାଶୟଙ୍କ ଅଭିପ୍ରାୟ କରି ତାହାରି ମଧ୍ୟରେ ବିଷୟ ଓ ରଚନା ଭଙ୍ଗୀକୁ ଲକ୍ଷ୍ୟ କରିଥିବାରୁ ସମୁଦାୟ ଆଲୋଚନା କରିବା ଆବଶ୍ୟକ ହେଲା ।

ବିଷୟ ।—ଉତ୍କଳର ସୁବିଖ୍ୟାତ ଗଜପତି ସୂର୍ଯ୍ୟବଂଶମାଳୀ ନୃପତି ଚୋଡ଼ଗଙ୍ଗ ଦେବ ସ୍ୱୀୟ କନ୍ୟା ଗଙ୍ଗାବାଳୀ ଭଳିକ ଘୋର ମହାପାପରେ ଲିପ୍ତ ହୋଇଥିଲେ ସେହି କଥା ନେଇ ଏ ବିଷୟ ରଚିତ ହୋଇଅଛି । ଗଙ୍ଗାବଂଶୀୟ ରାଜାଙ୍କ ପକ୍ଷେ ଏହା ଗୌରବର ବିଷୟ ନୁହଇ କିମ୍ବା ସେହିଭଳି ବିଷୟ ତାହାପୂର୍ବେ କେହି ରଚିବାର ଉଦ୍ଦେଶ୍ୟ ନୁହଇ । ସୁଧାକାନ୍ତ ବାବୁ କେଉଁ ଉଦ୍ଦେଶ୍ୟ ସାଧନାର୍ଥ ଭାରତୀୟ ଓଡ଼ିଶାର କେତେକ ଘଟଣାବଳୀରୁ ଏହି ଜଘନ୍ୟ ପାପମୟ ବିଷୟ ଉଦ୍ଧାର କରି କଳଙ୍କମୟୀ ମୂର୍ତ୍ତି ଆଗେ ଛାପି ଦ୍ୱ କରିବାକୁ ପ୍ରୟାସ ପାଇଅଛନ୍ତି ତାହା ଆମ୍ଭେମାନେ ଅନୁମାନ କରି ପାରୁନାହୁଁ, ଆମ୍ଭେମାନେ କେବଳ ଏତିକି କହୁଁ ଯେ ଏଭଳି ବିଷୟ ନିର୍ବାଚନ କରିବାରୁ ତାଙ୍କର ସୁନାମ ଲେଖନୀ କଳଙ୍କିତ ହୋଇଅଛି ।

ରଚନା ।—ସୁଧାକାନ୍ତ ବାବୁଙ୍କର ରଚନା ଶକ୍ତିର ପରିଚୟ ଆମ୍ଭେମାନେ ତାଙ୍କ ପ୍ରଣୀତ ପୂର୍ବ ନିରଜୀବ ପ୍ରତିମାରୁ ପାଇଅଛୁଁ ଏବଂ ଯାହାଙ୍କରୁ ତାହା କେବଳ ଦୃଢ଼ୀଭୂତ ହୋଇଅଛି । ଯାତ୍ରାର ରଚନା ବଡ଼ ସୁନ୍ଦର ହୋଇଅଛି । ପ୍ରତି ସ୍ଥାନେ କବିତା ଏତେ ସୁକୋମଳ ଏବଂ ରମଣୀୟ ହୋଇଅଛି ଯେ ବାସ୍ତବରେ ପାଠକେ କହିଁରେ ବିମୋହିତ ହୋଇଯିବେ । ଏଭଳି ରଚନାରୁ ବିଷୟଟି ବଡ଼ ନିକୃଷ୍ଟ ଥିବାର ଦେଖି ବାସ୍ତବରେ ଆମ୍ଭମାନଙ୍କର ଦୁଃଖ ହୋଇଅଛି । ଉପମା ଗୁଡ଼ିକ ଅତି ଯୋଗ୍ୟ ଏବଂ ସ୍ଥାନେ ସ୍ଥାନେ ଉପଯୁକ୍ତ ହୋଇ ମନୋହରତା ବଢ଼ୁଅଛି । ଗୁନ୍ଥିତ ଏଥିରେ ଏତେ ଅଦ୍ଭୁତ ଯେ ଦୋଷାରୋପ ଅନାବଶ୍ୟକ ନୁହଇ । କେବଳ ସୁନ୍ଦର ଶବ୍ଦ ବସୁରେ ପାରେ, ଜଣେ ମଣି ତାର ସୁକ୍ଷ୍ମ କାଞ୍ଚ ହୋଇ ପଡ଼ିଲା ପରି ଲଜ୍ଜା ପାଉଥିବାରୁ ଭଉଁ ମଧ୍ୟରୁ କେତେ ଗୁଡ଼ିକର ଆମ୍ଭେମାନେ ଉଲ୍ଲେଖ କଲୁଁ, ଯଥା; "କେବେ ପୁଣି କେବେ ପର୍ଣ୍ଣ" ଏ ସ୍ଥାନରେ "କେବେ" ସ୍ଥାନରେ 'କେବେ' ହେବା ଉଚିତ । "ଏକ କଥା ଆଉ ଯାଉ ମନମନ ହୋଇଅଛି ଏତ ଅଟେ, ହେତ୍ଥିଲେ ହେଉ ନିନ୍ଦୁମାନ ବିନ୍ଦୁ ବେଶନ୍ତ ବେ ନାସ୍ତିକ"—କବିମାନେ ସୁନ୍ଦରଙ୍କ ଦେଖି ଯଉମନ ଚଳାଇବାର ବର୍ଣ୍ଣନା

ଭକ୍ତଅଛନ୍ତି ମାତ୍ର ଏତେ ସ୍ପଷ୍ଟ ଚିତ୍କାର ଅନାବଶ୍ୟକ । "ମଦନ ମୋହନ୍ତି ବିଜୟୀମନ୍ତ୍ର" ପଢ଼ି ଭକ୍ତିଭାବ ମନେ ପଡ଼ୁଥିଲା । ଏହା ସ୍ଥୂଳ ସଙ୍କଟ କମ୍ପି ସକଳ ପାଠ୍ୟ ହୋଇନାହିଁ । "ପ୍ରଭୁଙ୍କ ସ୍ମୃତିମା ଆଉ ଅବଲମ୍ବ ଦାଣୋମା ନାହିଁ ବୃଦ୍ଧଙ୍କ ।" 'ସୁଦାମ' ଓ 'ଦାଶମା' ଶବ୍ଦ ବ୍ୟାକରଣ ସମ୍ମତ ବୋଲି ଆମ୍ଭମାନଙ୍କୁ ସନ୍ଦେହ ହେଉଅଛି । 'ମାଧବ ଚନ୍ଦ୍ର' ନିତାନ୍ତ ଗ୍ରାମ୍ୟଭାଷା । ଏହିପରି ଗ୍ରାମ୍ୟ ପ୍ରୟୋଗ ଏ ପୁସ୍ତକର ଅନେକ ସ୍ଥଳରେ ଦେଖାଯାଏ । ସ୍ଥାନେ ୨ ଛନ୍ଦମାନ ଚିହ୍ନ୍ଏ ନଷ୍ଟ ହୋଇଯାଇଅଛି ଏବଂ ଏକ ୨ ସ୍ଥାନରେ ଛନ୍ଦ ଭ୍ରଂଶ ଲକ୍ଷଣ ଦେଖା ହୋଇଅଛି । ଏସବୁ ଦୋଷ ଛାଡ଼ି ଦେଲେ କାବ୍ୟ ରଚନାର ଚତୁରତାରେ ସୁଧାକାନ୍ତ ବାବୁ ଏ ଗ୍ରନ୍ଥରେ କାବ୍ୟିକ ଉତ୍ତମ ପରିଚୟ ପ୍ରଦାନ କରି ଅଛନ୍ତି । ଗ୍ରନ୍ଥ ଖଣ୍ଡିତ ହୋଇ ନ ଥିଲେ ବୋଧ ହୁଏ ସବାଙ୍ଗରେ ଲାଳିତ୍ୟ କେତେଦୂର ହୋଇଅଛି ବୋଲିଯାଇ ନ ପାରେ । କୌଶଲ୍ୟା ପ୍ରେତଆତ୍ମା ଶ୍ରୀରାମଙ୍କୁ ରୂପ ଧାରଣ କରି ପାଟଣାଙ୍କ ସମ୍ମୁଖେ ଉପସ୍ଥିତ ହୋଇ ନିଜ କାହାଣୀ ବାନ୍ତ କରିବା ନିତାନ୍ତ ଅସ୍ୱାଭାବିକ ଓ ଅସମ୍ଭବ ହୋଇଅଛି । ଯେହେତୁ ପାଟଣା ଆଗରୁ ରାମଙ୍କର ଏତାଦୃଶ ପାପକଥା ଜାଣିଥାନ୍ତେ ତାହାହେଲେ ଏହା ନିତାନ୍ତ ସ୍ୱାଭାବିକ ଓ ସମ୍ଭବପର ହୋଇଥାନ୍ତା । ଏହିପରି ବର୍ଣ୍ଣନା ପଢ଼ି ସେକ୍ସପିୟରଙ୍କ 'ହାମଲେଟ' ମନେ ପଡ଼ୁଥିଲା । 'ହାମଲେଟ'ର ମୃତ ପିତା ଭୂତ ରୂପେ ହାମଲେଟ ସମକ୍ଷରେ ଆବିର୍ଭୂତ ହୋଇ ହାମଲେଟ୍‌କୁ ସେ ବିଷୟରେ ଜଣାଇଥିବା ଓ ବେଷ୍ଟିତ ସେହି କଥା କହିବା ଅତୀବ ସ୍ୱାଭାବିକ ଓ ସମ୍ଭବପର ହୋଇଅଛି ମାତ୍ର ପାଟଣରେ ତଦ୍ବିପରୀତ । କେବେ ଜଗନ୍ନାଥଙ୍କ ମାୟାରେ ସବୁ ହୋଇପାରେ । ତଥାପି ଏପରି ଅସମ୍ଭବ ଓ ଅସ୍ୱାଭାବିକ ଘଟଣା ଘଟାଇବାରେ ଜଗନ୍ନାଥଙ୍କର ଶକ୍ତି କୌଣସି ଉଦ୍ଦେଶ୍ୟ ସଫଳ ହେଉ ନ ଥିବାରୁ ତାହା ସଙ୍ଗତ ବୋଲି ବୋଲି ଯାଇ ନ ପାରେ । ପାଟଣା ଏ କଥା ଆଗରୁ ଜାଣିଥିଲେ ଜଗନ୍ନାଥଙ୍କ ଆଜ୍ଞା ଓ ଏ ରୂପ ବର୍ଣ୍ଣନା ଅତିବ ସ୍ୱାଭାବିକ ଓ ରମଣୀୟ ହୋଇଥାନ୍ତା । ପାଟଣାର ପ୍ରଧାନ ବିଷୟ ସୁନାଙ୍କ ନିଜ ଦୃଢ଼ତା ସହିତ ସତ୍ୟବାଦ । ମାତ୍ର ଜଣେ ପାଟଣାର ଏହି ଅଂଶ କୌଶଲ୍ୟାଙ୍କ କଥାରେ ଭଲ ରୂପେ ଚିତ୍ରିତ କରିପାରି ନାହାନ୍ତି । ଏମନ୍ତ କି ସୁନା ପ୍ରଥମେ ଅପି କୌଶଲ୍ୟାଙ୍କୁ ସ୍ମରଣ କରିବା ଠାରୁ "ପାପ ପଞ୍ଚପାଦ" ଯାଏ ଘଟଣାବଳୀ ପରିସ୍ଥିତି ଅତ୍ୟନ୍ତ ସଂକ୍ଷିପ୍ତ ହୋଇ ଯାଇଅଛି । ପାଟଣାର ପ୍ରଧାନ ବିଷୟ ଏପରି ଦୋଷରେ ଦୂଷିତ ହେବା ଅନୁଚିତ୍ ହୋଇଛି । ଏହି ପୁରି ବିଷୟରେ କବିଙ୍କର "ପାଣିନୀୟ" ଅନୁମାନକୁ ଭଲ ଲାଗିନାହିଁ । ଏ ସବୁ ସ୍ୱାଭାବିକ ବର୍ଣ୍ଣନା ଭାବ୍ୟରେ କବିଙ୍କର କଳ୍ପନାର ଉତ୍କର୍ଷ ହୋଇଅଛି ।

ଆମ୍ଭେମାନେ ଉପରେ ଯେଉଁ ଦୋଷସବୁ ଦେଖାଇଲୁଁ ତାହା କେବଳ ଉତ୍କଳ ଶିକ୍ଷା ବିଷୟର ଶିର୍ଷ ସ୍ଥାନକୁ କବିଙ୍କ ଉଚିତ ନୁହେଁ ବୋଲି ବିଚାର କଲୁଁ । ଏହି ସଙ୍କେତ ଲେଖା ଯେପରି ଶବ୍ଦ ଓ ରସମୟ ଉକ୍ତିର ଉପଯୋଗୀ ଦୋଷମାନେ ନଥିଲେ 'ପାଟଣା' ଉତ୍କଳ ସାହିତ୍ୟର ଶୋଭିଏ ଅତି ଉତ୍କୃଷ୍ଟ ଗ୍ରନ୍ଥ ହୋଇଥାନ୍ତା । ସନ୍ଦେହ ନାହିଁ ।" (୧୯)

'କ୍ଷମଭକ୍ଷଣ'ର ସମାଲୋଚନା ଠାରୁ 'ପାଟଣ'ର ସମାଲୋଚନା ପର୍ଯ୍ୟନ୍ତ ସାହିତ୍ୟ ସମୀକ୍ଷକ ଗୌରୀଶଙ୍କରଙ୍କ ପାଇଁ ଏକ ଦୀର୍ଘ ଯାତ୍ରାପଥ । ଏହି ଯାତ୍ରାରେ ସେ କେତେ ଚଉଷ କରିଛନ୍ତି ଓ ଅନେକ ପାଇଁ ସମ୍ବାଦ ମଧ୍ୟ ଦେଇ ଯାଇଛନ୍ତି । ସ୍ତୁତ, ତାହାପରେ ଭିତର ଦେଇ ଆପଣା ସାହିତ୍ୟ-ପ୍ରତ୍ୟୟର ଭୂମି ପ୍ରସ୍ତୁତ କରିଥିବା ଗୌରୀଙ୍କର ଅଧିକାଂଶ ସାହିତ୍ୟର କାଳଦୋଷ ହେମିର୍ଦ୍ଦେଲେ କେତେ ସଚେତନ ହୋଇ ପାରନ୍ତେ, ତାହା ର ନିଦର୍ଶନ ସ୍ୱରୂପ ଏହି ଦୀର୍ଘ ଅନ୍ୱେଷଣ ସମ୍ପୂର୍ଣ୍ଣ ଓ ଅତୁଳନ ସ୍ୱରେ ଉଲ୍ଲେଖ । ସମ୍ପୂର୍ଣ୍ଣ କାବ୍ୟ-ଆଲୋଚନାରେ ତାଙ୍କ ମୂଲ୍ୟାୟନ ହିଁ ମୁଖ୍ୟ ଅବଲମ୍ବ । ସୃଷ୍ଟି କୌଣସି କାବ୍ୟର ପ୍ରକାଶଭଙ୍ଗୀ (ଟେକ୍ନିକ୍) ଆଲୋଚନା କଲେ, ତାହାର ବୈଷୟ ଓ ରଚନା ଶୈଳୀ, ସ୍ୱରୂପ ଅନ୍ତର୍ଭୁକ୍ତ । ଗୌରୀଶଙ୍କରଙ୍କର ଏହିଭଳି ସଚେତନତା ତାଙ୍କ ଦୃଷ୍ଟିରୁ ଦେଖିଲେ ନୂତନ । ଅବଶ୍ୟ କାବ୍ୟ-ପ୍ରୀତିରୁ ସେ ସାହିତ୍ୟ-ସମାଲୋଚକ ଠାରୁ ବିଚ୍ଛିନ୍ନ କରି ପାରନ୍ତାହାନ୍ତି ତଥାପି ଆଲୋଚନାର ଶେଷରୁ ବିଶେଷ ସଂଯୋଜନାରେ ସମ୍ଭାବନାଙ୍କ ଦୁର୍ବଳତା ସେ ଦେଖାଇବାକୁ ଚେଷ୍ଟା କରିଛନ୍ତି । 'ହାମଲେଟ' ନାଟକର ପ୍ରେମ ଓ ପାଗଳାମି ସେଇ ଉଭୟ ମଧ୍ୟରେ ଏକା ପାର୍ଥକ୍ୟ ତାଙ୍କ ଆଲୋଚନାରେ ସ୍ପଷ୍ଟତଃ ପ୍ରଦର୍ଶିତ । 'ହାମଲେଟ'ର ସେଇ ଚରିତ୍ର ସ୍ୱାଭାବିକତା କେବଳ ପାଗଳାମି ଏକା ପ୍ରେମ ଉଭୟରେ ନାହିଁ, ତୁଳନାତ୍ମକ ଭାବରେ ତାହା ଗୌରୀଶଙ୍କର ଦେଖାଇବାକୁ ଚେଷ୍ଟା କରିଛନ୍ତି । 'କ୍ଷମଭକ୍ଷଣ'ର ଆଲୋଚନା, ଅନୁବାଦର ଅବତାର ଓ ସ୍ୱଭାବ ଯଥାଯଥ ପ୍ରୟୋଗ ମଧ୍ୟରେ ସୀମାବଦ୍ଧ ଥିଲା ବେଳେ ପାଟଣର ଆଲୋଚନା 'ପାଟଣ' କାବ୍ୟର ବିଷୟ ବସ୍ତୁକୁ କେବଳ ସ୍ପର୍ଶ କରିବାକୁ ଯାଇ ନାହିଁ କାବ୍ୟ ସର୍ଜନାର କେତେକ ମୌଳିକ ପ୍ରଶ୍ନର ସମ୍ମୁଖୀନ ହୋଇଛି ।

ଏପ୍ରକାର ପୁସ୍ତକ ସମାଲୋଚନା ବା ବୁକ୍-ରିଭ୍ୟୁ । ସାହିତ୍ୟ ସମୀକ୍ଷା ହେଲେ ବୁକ୍ ରିଭ୍ୟୁ ଲେଖିବା କଥା ଅର୍ଥରେ ସାଧାରଣ ବ୍ୟବହୃତ । ପୁସ୍ତକ ସମାଲୋଚନାର ଏକ ଶିଳ୍ପ ରୂପ ରହିଛି ଓ ସାହିତ୍ୟ-ସମାଲୋଚନାର ଏକ ପ୍ରଭେଦ ଆକାରରେ ତାହା ମଧ୍ୟ କେତେକ ତତ୍ତ୍ୱଜ୍ଞମାନଙ୍କ ଦ୍ୱାରା ସ୍ୱୀକୃତ । (୧୦) ସୁସ୍ଥାର୍ଥରେ ବୁକ୍-ରିଭ୍ୟୁ, ସମାଲୋଚ୍ୟ ପୁସ୍ତକର ବିଷୟ ବସ୍ତୁର ସଂକ୍ଷିପ୍ତ ବା ଭବନାକୃତ ବର୍ଣ୍ଣନା- କେନ୍ଦ୍ରିକ ଆଲୋଚନା । ବିଷୟବସ୍ତୁର ସରଳୀକରଣ ଓ ତାହାରି ପ୍ରକାଶଭଙ୍ଗୀ ଏହାର ଏକମାତ୍ର ଲକ୍ଷ୍ୟ । ବର୍ଣ୍ଣନା-ପ୍ରଧାନ ପୁସ୍ତକ-ସମାଲୋଚନାକୁ ଯଥାର୍ଥ ସାହିତ୍ୟ-ସମାଲୋଚନା ରୂପରେ ଗ୍ରହଣ କରାଯାଇ ପାରିବ ନାହିଁ – ସାହିତ୍ୟ ଚର୍ଚ୍ଚାର ଅଂଶ ବିଶେଷ ରୂପରେ ତାହା ଅନ୍ତର୍ଭୁକ୍ତ । ଗୌରୀଶଙ୍କରଙ୍କ ପ୍ରାଥମିକ ଅବସ୍ଥାର ବୁକ-ରିଭ୍ୟୁ ଏହି ସାହିତ୍ୟ-ଚର୍ଚ୍ଚାର ଅନ୍ତର୍ଭୁକ୍ତ । 'ପାଟଣ' ଭଳି ଆଲୋଚନାରେ ଶାସ୍ତ୍ରୀୟ ଗୌରୀଶଙ୍କର ସାହିତ୍ୟ-ସମୀକ୍ଷକ ହେବାର ଉଦ୍ୟମ କରିଛନ୍ତି । ଏହି ଉଦ୍ୟମ ଓଡ଼ିଆ ସାହିତ୍ୟ-ଚର୍ଚ୍ଚାର ଦିଗ୍‌ବଳୟକୁ ସମ୍ପ୍ରସାରିତ କରିଛି ।

## || ତିନି ||

ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ ଶାସକ ଇଂରେଜମାନଙ୍କର ଶିକ୍ଷାଧାରା

ସମ୍ପର୍କରେ ଅତି ଅସ୍ପଷ୍ଟତାର ଭାବ ଓ ଅସ୍ଥ-ଅନୁଭବ ସୃଷ୍ଟି ହୋଇଥିଲା । ଅପର ଭଲ ଲାଗିବା ନ ଲାଗିବା ଠାରୁ ଆତ୍ମ-ତୃପ୍ତି ପର୍ଯ୍ୟନ୍ତ — ସବୁ କଥାକୁ ପୁଣି ଅତର ପରୀକ୍ଷା କରୁଥିଲୁ, ଶାସ୍ତ୍ରକାରମାନଙ୍କ ମାନଦଣ୍ଡରେ ତଉଲୁଥିଲୁ । 'ରୁଚି' ସମ୍ପର୍କିତ ଆଲୋଚନା ସେହି ଅସ୍ପ-ସ୍ୱଚ୍ଛତାର ଫଳ । ଔପନିବେଶିକ ଶାସନରେ ବନ୍ଧ ଆମେ ନିଜର କଳା, ସଂସ୍କୃତି ଓ ଶାନ୍ତବୋଧକୁ ନୀଚର ଘୃଣା କରିବାକୁ ଆରମ୍ଭ କରିଥିଲୁ —'ରୁଚି' ସମ୍ପର୍କିତ ନାନା ଆଲୋଚନା ତାହାର ସଙ୍କେତ ବହନ କରୁଥାଏ । 'ଉତ୍କଳ ଦୀପିକା' ପୃଷ୍ଠାରେ ପ୍ରକାଶିତ କେତେକ ଆଲୋଚନା ଓ ପ୍ରାସଙ୍ଗିକ ମନ୍ତବ୍ୟରୁ ଗୌରୀ-ଶଙ୍କରଙ୍କ ଦୃଷ୍ଟିକୋଣର ପରିଚୟ ମିଳିଥାଏ ।

୧୮୭୯ ମସିହା ଏପ୍ରିଲ ତଇଶ ତାରିଖରେ 'ଜନୈକାର ଉତ୍କଳ ଦର୍ଶନ' ଶୀର୍ଷକରେ ଗୌରୀଶଙ୍କର ଅନ୍ୟତ୍ର ପ୍ରକାଶିତ ଏକ ପ୍ରବନ୍ଧ ବର୍ଣ୍ଣନାତ୍ମକ କବିତାକୁ ସ୍ୱଦେଶୀ ପାଦ ଟୀକାର ଭଳି, ସେହି ପତ୍ରିକାର ସମ୍ପାଦକ ଉକ୍ତ କବିତାକୁ ଯେଉଁଭଳି ମତ କରିଥିଲେ, ତା'ର ପ୍ରତ୍ୟୁତ୍ତର ଦେଇଛନ୍ତି । ସେ ମାତ୍ର ପନ୍ଦର ଦିନର ବ୍ୟବଧାନରେ ସମ୍ପାଦକରେ ପୁନର୍ବାର ଏହି ପ୍ରସଙ୍ଗ ଅବତାରଣା କରି ସେ ମନ୍ତବ୍ୟ ଦେଇଛନ୍ତି : 'ସମସ୍ତ ଲୋକଙ୍କର ରୁଚି ଏକପ୍ରକାର ନୁହଇ ।'' (୨୧) ଉକ୍ତ କବିତାକୁ ଅନ୍ୟମାନେ ଆଦର ନ କରିବାର କାରଣ ସେମାନଙ୍କର ରୁଚି-ଭିନ୍ନତା । ଗୌରୀଶଙ୍କର ରୁଚିକୁ ଦେଶ-କାଳ ସାପେକ୍ଷ ବୋଲି ସ୍ୱୀକାର କରିଛନ୍ତି । ଯେଉଁମାନେ ଓଡ଼ିଶାର ପାଣି-ପବନରେ ବଢ଼ି ନାହାନ୍ତି ବା ଉକ୍ତ ସାହିତ୍ୟ ସହ ଏକାତ୍ମ ହୋଇ ପାରନାହାନ୍ତି, ସେମାନେ ଯେ ଉକ୍ତ-ସାହିତ୍ୟର କାବ୍ୟ ସୌନ୍ଦର୍ଯ୍ୟ ଗ୍ରହଣରେ ଅସମର୍ଥ ହେବେ, ତାଙ୍କ ଦୃଷ୍ଟିରେ ଏଥିରେ କୌଣସି ବୈଚିତ୍ର୍ୟ ନାହିଁ ।

ରୁଚିକୁ ଦେଶ, ସମାଜ ଓ କାଳ ସାପେକ୍ଷ ବୋଲି ସ୍ୱୀକାର କଲେ ମଧ୍ୟ ଏଥିରେ ସେ ମାର୍ଜିତ ଅମାର୍ଜିତ, ଉଚ୍ଚ-ନୀଚ ଭେଦ ସ୍ୱୀକାର କରନ୍ତି । ସାମାଜିକ ବର୍ଗ ଅନୁସାରେ ଏହାର ଭେଦସୂଚକ । ସାମାଜିକ ସ୍ତରଭେଦରେ ଉଚ୍ଚତମ ପାହାଚରେ ଥିବା ଲୋକମାନଙ୍କ ରୁଚି ସବୁଠାରୁ ମାର୍ଜିତ ଏପରିକି ଏକ ଅନ୍ତର୍ନିହିତ ଧାରଣାରୁ ଗୌରୀଶଙ୍କର ମୁକ୍ତ ନ ଥିଲେ । ୧୮୭୮ ମସିହା ମାର୍ଚ୍ଚ ମାସ ୨୭ ତାରିଖରେ ଏକ ଦେଶୀୟ ମହଲରୁ ବର୍ଣ୍ଣିତ ପ୍ରସଙ୍ଗକୁ ତାଙ୍କର ଏଭଳି ଧାରଣା ସ୍ପଷ୍ଟ । ଇଂରେଜ-ମାନେ ଥିଲେ ଶାସକ । କେଣୁ ସେମାନଙ୍କ ରୁଚି ସବୁଠାରୁ ମାର୍ଜିତ — ଏଭଳି ଏକ ଧାରଣା ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୁଏ : ''ଅଧିକନ୍ତୁ ଇଂରେଜ ସାହେବ ମହୋଦୟ ଓ ଅନ୍ୟାନ୍ୟ ସାହେବ ମେମମାନେ ଜଳପାନାଦି କରି ଅଧିକନ୍ତୁ ଉତ୍ସାହରେ ଅତି ସନ୍ତୁଷ୍ଟ ହୋଇଥିବାର ଜଣା ପ୍ରକାଶ କଲେ । ତୃତ୍ତ ଏକ ବଙ୍ଗଦେଶୀୟ ଦର୍ଶକ ଅଭ୍ୟାସକୁ ତୁଚ୍ଛ କରି ନିନ୍ଦା କଲେ ମାତ୍ର ସେମାନେ ବୃଥା ଅହଙ୍କାର ଓ ଅନ୍ୟର କାର୍ଯ୍ୟକୁ ନିନ୍ଦା କରିବାର ସେମାନଙ୍କର ସ୍ୱଭାବ ବୋଲିବାକୁ ହେବ କାରଣ ଅନ୍ୟ ବଙ୍ଗାଳିଙ୍କ ମୁଖରୁ ପ୍ରଶଂସା ଶୁଣିଅଛୁଁ ।'' ଯେଉଁ ମହାପୁରୁଷଙ୍କ ପାଇଁ ଏହି ଭୋଜି ହୋଇଥିଲା ସେ ଯେତେବ ଅନ୍ତରର ସନ୍ତୋଷ ପ୍ରକାଶ କଲେ କେତେକ ସେପରି ଅଭଦ୍ର ଲୋକଙ୍କୁ କାଏ

ପଶ୍ଚିମେ ।” (୨୨) ଜାତି ବଳୟରେ ଜାତ ଜାତ ଓ ମାର୍ଜିତ-ଅମାର୍ଜିତ କ୍ଷେତ୍ରକୁ ସ୍ୱୀକାର କରିନେବା ଦ୍ୱାରା ଜାତି ଜନିତ ମାର୍ଜିତ ହୋଇପାରେ ସେ ପ୍ରସଙ୍ଗ ମଧ୍ୟ 'ଉତ୍କଳ ଦୀପିକା' ପୃଷ୍ଠାରେ ବାରମ୍ବାର ଅବତାରଣା କରାଯାଇଛି । ଜାତି ବାଂଶର ସମ୍ଭାବ ମଧ୍ୟ ଲୁଚିନାହିଁ । ଅନ୍ୟାଂଶ ଓ ଅନୁଶୀଳନ ଫଳରେ ତାହାର ସ୍ୱରୂପ— ବେଦ-କର୍ମକୁ ଏହାର ସୃଷ୍ଟି । ସାହିତ୍ୟ ଏବଂ ଜାତିର ସମ୍ପର୍କ 'ସଂସ୍କୃତି' । ସାହିତ୍ୟ ସୃଷ୍ଟି ତାକୁ ଉପରେ ସର୍ଜିତ ସ୍ୱତନ୍ତ୍ର ସାହିତ୍ୟ ଏବଂ ଜାତିର ସମ୍ପର୍କ ଅଚ୍ଛେଦ୍ୟ । ସାହିତ୍ୟ ସୃଷ୍ଟିକ ତଥା ସାହିତ୍ୟପ୍ରୀତି ଜାତିର ସୃଷ୍ଟି ଓ ଜାତିକୁ ସୁମାର୍ଜିତ କରିପାରେ । 'ଉତ୍କଳ ଦର୍ପଣ'ର ଆଲୋଚନା ପ୍ରସଙ୍ଗରେ ଏଭଳି ମତାମତ ପ୍ରକଟ : “ସେତେ ଏହି ବସ୍ତୁ ପର୍ଯ୍ୟନ୍ତ ସମସ୍ତେ ଏକାବାରେରେ ନ ଥିଲେ ସାହିତ୍ୟର ଉତ୍କର୍ଷତା ହେବ , ସୃଷ୍ଟି ହେବେ କେବଳ ଅନୁମାନ ପ୍ରମାଣ ମାସିକ ପତ୍ରିକାଠାରୁ ଏଣୁ ପତ୍ରିକା ଦ୍ୱାରା ଅଧିକ ଉପକାର ହେବ । କାରଣ ଏଥିରେ ଉଭୟ ପ୍ରକାର ଗଦ୍ୟ ଭାଷା ଓ ଜନତା ସୁମାର୍ଜିତ ହେବାର ସମ୍ଭାବନା ।” (୨୩) ୧୮୭୫ ମସିହା ଜାନୁଆରୀ ମାସ ଦଶମ ତାରିଖରେ 'ଓଡ଼ିଆଙ୍କ ଜାତି' ଶିରୋନାମାରେ ଓଡ଼ିଆମାନଙ୍କ ଜାତିର ଦୁର୍ଦ୍ଦଶା ସମ୍ପର୍କରେ ବେଶ ଆଲୋକପାତ କରିଛନ୍ତି । ତାଙ୍କ ମତରେ ଓଡ଼ିଶାର ଉନ୍ନତି ପ୍ରଧାନ ଏବଂ ଜାତି ସମ୍ମାନର ଘନିଷ୍ଠ ସମ୍ପର୍କ ରହିଛି : “ଆମ୍ଭେମାନେ , ଜାତିକୁ ହେତୁହେତୁ ଏଠାକାରେ ଉନ୍ନତ କରିବାକୁ ଚେଷ୍ଟା କଲ ତାହାକୁ ତେବେ ହିଁ ଯାଏ ଏଠାକେଙ୍କ ଦୁରବସ୍ଥା ମୋଚନ ହେବାର ଆଶା ସଫଳ ହେବ । ଅତଏବ ଆମ୍ଭେମାନେ ଏଠାରେ ଉଦ୍ୟମଶୀଳଙ୍କୁ ଅନୁରୋଧ କରୁଅଛୁଁ ସେ ଜାତି ପରିବର୍ତ୍ତନ ଦଶରେ ପ୍ରବୃତ୍ତ ହେଉନ୍ତୁ ।”(୨୪) ଓଡ଼ିଆମାନେ ସଭ୍ୟ ଓ ଶିକ୍ଷିତ ହୋଇ ନ ପାରିବାରୁ ସେମାନଙ୍କର ଜାତି ଅମାର୍ଜିତ । ପରେ ମଧୁସୂଦନଙ୍କ ଠାରୁ ଆରମ୍ଭ କରି ଦଶ ବର୍ଷ ଓ ପ୍ରାବନ୍ଧିକ ଓଡ଼ିଆମାନଙ୍କର 'ଜାତି' ଆଲୋଚନା ପ୍ରସଙ୍ଗରେ ତା'ର ମାର୍ଜନା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ବସ୍ତୁତଃ ଗୌରୀଶଙ୍କରଙ୍କ ଜାତି-ଚିନ୍ତାର ଉତ୍ସ ବାର୍ତ୍ତା ଜାତି ସମ୍ପର୍କିତ ଧାରଣା ଠାରୁ ଦୂରବର୍ତ୍ତୀ ନ ଥିଲା । କାରଣ ବାସ୍ତ, ଜାତି ଓ ଧର୍ମ ଅନୁସାରେ ଜାତି ଭିନ୍ନ ହେଲେ ବି ଏକତ୍ରିତ ଭାବରେ ସ୍ୱୀକୃତ ଜାତୀୟତା ଓ ମାର୍ଜିତ ଅମାର୍ଜିତ କ୍ଷେତ୍ର ବିଭାଜନକୁ ସେ ସ୍ପଷ୍ଟ କରିଥିଲେ ଓ ଏହା ସମ୍ଭାବ ଲୁଚିନାହିଁ ବୋଲି ମଧ୍ୟ ସ୍ୱୀକାର କରନ୍ତି । ସାମାଜିକ ସ୍ତର ଅନୁସାରେ 'ଜାତି'ର ସ୍ତର ରହିଛି । ତେଣୁ ସେ ଉପବର୍ଗର ଅନୁସରଣରେ ଉଚ୍ଚ ବର୍ଗର ଜାତି ପରିବର୍ତ୍ତନକୁ ସେ ସ୍ୱାଗତ କରିଛନ୍ତି । ଜାତି ସାମାଜିକ ଓ ସାଂସ୍କୃତିକ କର୍ତ୍ତୃତ୍ୱ (hegemony) ଅଧିକାର । ଗୌରୀଶଙ୍କର ଉଚ୍ଚବର୍ଗର ସାମାଜିକ ଓ ସାଂସ୍କୃତିକ କର୍ତ୍ତୃତ୍ୱ ଶାସକ ଓ ଅଧ୍ୟାପକ ରୂପେ ହେବ କରୁଥିବାରୁ ସେମାନଙ୍କର 'ଜାତି'କୁ ସଂସ୍କୃତିର ପ୍ରତୀକ ରୂପରେ ଗ୍ରହଣ କରିଛନ୍ତି ।

'ଜାତି'ର ଅବଶ୍ୟମ୍ଭାବୀତାକୁ ସ୍ୱୀକାର କରିନେଲେ ମଧ୍ୟ ସେ ସାହିତ୍ୟ ଭଳି ବୈଦିକ ସାଂସ୍କୃତିକ-ପ୍ରକାଶ କ୍ଷେତ୍ରକୁ 'ଜାତି' ଦୃଷ୍ଟିରୁ ଆଲୋଚନା କଲାବେଳେ ସେ ଅପେକ୍ଷାକୃତ ସହାନୁଭୂତିଶୀଳ ହୋଇଛନ୍ତି । 'ଭାଷା' ଭଳି ଜନସାଧାରଣ ଉପଯୋଗୀ ସାଂସ୍କୃତିକ-ପ୍ରକାଶ ଉପରେ ଆଲୋଚନା କଲାବେଳେ ସେ ଲେଖିଛନ୍ତି: “ସମସ୍ତ ଓଡ଼ିଶାରେ ଯାହା 'ଭାଷା'

ନାମରେ ଖ୍ୟାତ ହୋଇଅଛି ଓ ତାହାକୁ ଜନ୍ମପାନ୍ଥ ହୋଇ ଭଦ୍ରଲୋକମାନେ ସର୍ବ-ସମକ୍ଷରେ ଦେଖିବାକୁ ବାଧ୍ୟ ହୁଅନ୍ତି ତାହା ଅତ୍ୟନ୍ତ ଦୂଷିତ ଓ ଉଚ୍ଚରେ ଓଡ଼ିଶାର ରୁଚିର କଦାପି କୁତ୍ସିତ ପରିଚୟ ପ୍ରାପ୍ତ ହୁଅଇ । ଏହା ଏଥିରେ ଦେଖ ପରେ ବାଲେଶ୍ୱରର ଓଡ଼ିଆମାନେ ଯେ ଏ ବ୍ୟବସ୍ଥାରେ ସନ୍ତୁଷ୍ଟ ହୋଇ ଅତନ୍ତ୍ର ଏହାକୁ ଅନ୍ୟମାନେ ଦୋଷୀ ଏ ଶୁଭ ଲକ୍ଷଣ ବୋଲି ଅତ୍ୟନ୍ତ ଆଦର କରୁଅଛନ୍ତି । ଆମ୍ଭେମାନେ ଭରସା କରୁଁ ଯେ ଓଡ଼ିଶା ବାସୀମାନେ ଏହାକୁ ଦୂରକୁ ପରମାଦରେ ଉତ୍ସାହିତ କରିବେ ଓ ସ୍ୱଦେଶାନୁରାଗୀ ମହାଶୟମାନେ ଏହାକୁ ସବୁ ପରାମର୍ଶ ଦେଇ ଓଡ଼ିଆ ଯାତ୍ରା କରିବାକୁ ପ୍ରବୃତ୍ତ କରାଇବେ । ଶିକ୍ଷିତ ଓ ସୁବେଦିଷି ଲୋକଙ୍କ ସାହାଯ୍ୟ ବିନା ଏ ସବୁ ବ୍ୟାପାର ସାଧନ ହୋଇ ନ ପାରେ ।"(୨୫) ଏହି ସମ୍ପାଦକୀୟ ମେଦେସୁଚ୍ଚିଏ ଶବ୍ଦ, ସୁରୁଚି ଓ ବାଦ୍ୟାଂଶ ସମ୍ପର୍କରେ ସଚେତନ ହେଲେ ଗୌରୀଶଙ୍କରଙ୍କ ଶ୍ରେଣୀ-ଦର୍ଶ ରୁ-ରୁଚିର ସାଂସ୍କୃତିକ-ପ୍ରକାଶ୍ୟ ସୂଚିତ କରିବାରେ ସ୍ପଷ୍ଟ ପ୍ରମାଣ ଅଛି । 'ଯାହା ଯାତ୍ରା ନାମରେ ଖ୍ୟାତ ହୋଇଅଛି', 'ଜନ୍ମପାନ୍ଥ ହୋଇ ଭଦ୍ରଲୋକମାନେ ସର୍ବ-ସମକ୍ଷରେ ଦେଖିବାକୁ ବାଧ୍ୟ ହୁଅନ୍ତି', 'ତାହା ଅତ୍ୟନ୍ତ ଦୂଷିତ', 'ଓଡ଼ିଶାର ରୁଚି', 'କୁତ୍ସିତ ପରିଚୟ ଇତ୍ୟାଦି ପ୍ରୟୋଗ ଭିତର ଦେଇ ନିମ୍ନ ବର୍ଗର ଲୋକମାନଙ୍କର ଶବ୍ଦ-ବ୍ୟବହାର, ଉଚ୍ଚବର୍ଗର ସାଂସ୍କୃତିକ ଶ୍ରେଷ୍ଠତ୍ୱ ତଥା ନିମ୍ନବର୍ଗର ସାଂସ୍କୃତିକ-ପ୍ରମାଣ ସମ୍ପର୍କରେ ତାଙ୍କର ହେୟ ଓ ତାଚ୍ଛଲ୍ୟ ମନୋଭାବ ଅଭିବ୍ୟକ୍ତ । ସାଧାରଣ ଲୋକଙ୍କ ରୁଚି ଓ ସଂସ୍କୃତ ଓଡ଼ିଶାର ରୁଚି ଓ ସଂସ୍କୃତି ରୂପରେ ପରିଚିତ ହେଲେ ତାଙ୍କର 'ଓଡ଼ିଆ ରୁଚି'ର ଏବଂ 'କୁତ୍ସିତ ପରିଚୟ' ମିଳିବ, ସେଥିନେଇ ସେ ଆମକୁ ସତର୍କ କରାଇଦେଇଛନ୍ତି । ତାଙ୍କ ମତରେ ଓଡ଼ିଆମାନଙ୍କ ରୁଚିର ଏକ ସୁନ୍ଦର ପରିଚୟ ଦେବାକୁ ହେଲେ ଶିକ୍ଷିତ ଓ ଉଚ୍ଚବର୍ଗର ରୁଚିକୁ ଓଡ଼ିଆମାନଙ୍କର ଏକମାତ୍ର ରୁଚି ରୂପେ ସ୍ୱୀକୃତି ଓ ପରିଚିତ କରାଇବାକୁ ହେବ । ସାଧାରଣ ଲୋକମାନଙ୍କ ଠାରେ ସଙ୍ଗୀତ ଓ ଅଭିନୟ ସୁରୁଚିର ଅଭାବ । ସ୍ଥୂଳତା ଓ ଗ୍ରାମ୍ୟ ସେମାନଙ୍କ ସଂସ୍କୃତିର ସବୁଠାରୁ ବଡ଼ ପରିଚୟ । ସେମାନଙ୍କ ଯାତ୍ରା ମଧ୍ୟ ସଙ୍ଗୀତକୁ ବର୍ଜନ ଓ ଗ୍ରାମ୍ୟ ଦୋଷରେ ଦୁଷ୍ଟ : "ଆମ୍ଭେମାନେ ସେତେତ୍ର ଦେଖିଅଛୁଁ କୌଣସି ଯାତ୍ରାରେ ସଙ୍ଗୀତର ବାଦନ ମଧ୍ୟ ପାଇନାହୁଁ ଏବଂ ଆମ୍ଭମାନଙ୍କ ବିଶ୍ୱାସ ଏହି ଯେ ସଙ୍ଗୀତ ତାହାକୁ ବୋଲିଥାଏ ଯାତ୍ରାବାଲାମାନେ ଜାଣନ୍ତି ନାହିଁ । କେବଳ ସ୍ୱରଭେଦ ହୋଇ ଶୁଣାଏ ଯୋଗ୍ୟ ବୋଲନ୍ତି ଓ ଅଶ୍ଳୀଳ ବାକ୍ୟ ଉଚ୍ଚାରଣ କରି ଦର୍ଶକମାନଙ୍କୁ ସନ୍ତୁଷ୍ଟ କରନ୍ତି ।" (୨୬) ଯାତ୍ରା ଜନସାଧାରଣଙ୍କ ଓ ନିମ୍ନ ବର୍ଗର ସଂସ୍କୃତି । କେଣୁ ତାହାର ଆଲୋଚନା କଲାବେଳେ 'ଅଶ୍ଳୀଳ' ଭଳି ଉପେକ୍ଷା ମନୋଭାବ ପ୍ରଦର୍ଶନ କରାଯାଇଛି ।

ରୁଚି ଓ ଅଶ୍ଳୀଳତା, ଏକ ଶତାବ୍ଦୀର ସାହିତ୍ୟ-ଆଲୋଚନାରେ ଏହି ଦୁଇଟି ବୈଶିଷ୍ଟ୍ୟ-ପ୍ରଶ୍ନ ଥିଲା । ଏହି ବିଷୟ ଉପରେ ଅଭ୍ୟାସ ବିସ୍ତୃତ ଅନ୍ୱେଷଣ କରି ଦୁଇଶୋଷୀର ଶିକ୍ଷିତ ଓଡ଼ିଆ ମଧ୍ୟବିତ୍ତ ସମାଜ ଗୋଷ୍ଠୀଗତ ପ୍ରବୃତ୍ତିକୁ ଜାଣିଲ

ସାହିତ୍ୟ-ଜଗତରେ ପଦାର୍ପଣ କରିଥିଲେ, ତାହା ଅତି ଗଣାଗୁଣା ଦୁଇଜଣ । କିନ୍ତୁ ସେଠାରୁ ମଜାର କଥା ହେଉଛି ସତ୍ୟବାଦୀ ଗୋଷ୍ଠୀ ବନ୍ଧୁ । ସେମାନଙ୍କର ପରସ୍ପର ଠାରୁ ବିଶେଷ ଦୂରବର୍ତ୍ତୀ ନ ଥିଲେ । ସତ୍ୟବାଦୀ ଗୋଷ୍ଠୀ ସାଧାରଣ ଜନତାର କଥା, ସଂସ୍କୃତି ଓ ସାଂସ୍କୃତିକ-ପରମ୍ପରାକୁ ହେୟ ଦୃଷ୍ଟିରେ ଦେଖୁଥିଲେ । ଅତଏବ ସାଂସ୍କୃତିକ-ପ୍ରକାଶର ମନୋବୃତ୍ତିକୁ ହିଁ ଏହି ଦ୍ୱନ୍ଦ୍ୱର ସୃଷ୍ଟି । ଫଳେ ଇଂରେଜମାନଙ୍କ ଅନୁକରଣ କରି ଶିଳ୍ପ, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ସଂସ୍କୃତ ସାହିତ୍ୟକୁ, ଦେଶର ଗୌରବ ବୋଲି ସାମଗ୍ରିକ 'ରୁଚି' ଠାରୁ ସେଗୁଡ଼ିକୁ ଅପବିତ୍ର କରିଦେଲେ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ବର୍ତ୍ତମାନ 'ରୁଚି'ର ମାନଦଣ୍ଡରେ ମାପିଲେ । ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ସଂସ୍କୃତ ସାହିତ୍ୟ ଭଳି ଅତୀତର ଓଡ଼ିଆ କାବ୍ୟ ସାହିତ୍ୟ ମଧ୍ୟ ଏକ ସାମନ୍ତ-ସମାଜ ଓ ଉତ୍କର୍ଷର ସୃଷ୍ଟି । ସମକାଳୀନ ରାଜନୈତିକ-ଚେତନା ଓ ଆଦର୍ଶବାଦୀ ଦ୍ୱାରା ପ୍ରଲୁବ୍ଧ ହୋଇ ପ୍ୟାରୀମୋହନ ଆଚାର୍ଯ୍ୟ, ମଧୁସୂଦନ ରାଓ ପ୍ରମୁଖ ମଠପୃଷ୍ଠ ଓଡ଼ିଆ କାବ୍ୟ ସାହିତ୍ୟକୁ ଏକ ସଭ୍ୟ ଓ ସଂସ୍କୃତ ସମାଜର ସୃଷ୍ଟି ବୋଲି ସ୍ୱୀକାର କରୁ ନ ଥିଲେ । ଗୌରୀଶଙ୍କରଙ୍କର ମାନସିକ ପ୍ରବଣତା ଅତୀତର ସାମନ୍ତ ସମାଜ ଓ ସାହିତ୍ୟ ପ୍ରତି ସହାନୁଭୂତି ଥିଲା । ସେଣୁ ପ୍ରାଚୀନ ସାହିତ୍ୟ, ବିଶେଷତଃ ଭଞ୍ଜ ସାହିତ୍ୟକୁ, ବର୍ତ୍ତମାନର ରୁଚିର ଦୋହାଇ ଦେଇ ଉପେକ୍ଷା କରିବାକୁ ସେ ସ୍ପୃହା ନଥିଲେ । ୧୮୭୮ ମସିହା ଜାନୁଆରୀ ଛଅରେ ଭାରତରେ 'ଉତ୍କଳ ଦର୍ପଣ'ର ବିବରଣୀ ଯେଉଁଭଳି ଭାବରେ ସେ ଉପସ୍ଥାପନ କରିଛନ୍ତି, ସେଥିରୁ ତାଙ୍କ ଦୃଷ୍ଟିଭଙ୍ଗୀ ସ୍ପଷ୍ଟ । ଭଞ୍ଜ ସାହିତ୍ୟର ନିନ୍ଦୁକମାନଙ୍କ ପ୍ରତି ତାଙ୍କ ପାର୍ଥକ୍ୟ କାହିଁକି ଓ କେତେ— ଏହି ବିବରଣୀରେ ତାହା ସେ ଲେଖିଛନ୍ତି : "ବକ୍ତା (ପ୍ୟାରୀମୋହନ ଆଚାର୍ଯ୍ୟ) ପ୍ରଥମେ କହିଲେ ଯେ ପ୍ରାଚୀନ ଶିଳ୍ପ କାର୍ଯ୍ୟ ଓ ବିଦ୍ୟା ପ୍ରଭାବରେ ଓଡ଼ିଶାର ଗୌରବ ରହିଅଛି କୋଣାର୍କର ପ୍ରସିଦ୍ଧ ଭୁବନେଶ୍ୱର ପ୍ରଭୃତି ମନ୍ଦିରମାନ ଓ ସ୍ୱପାର ପଣ୍ଡିତଙ୍କ ପ୍ରାଚୀନ ଗ୍ରନ୍ଥମାନ । ମନ୍ଦିରମାନଙ୍କ ଅଶ୍ଳୀଳ ମୂର୍ତ୍ତିର କଥା ଉକ୍ତ ହେବାରେ ସେ ସମସ୍ତର ଗୌରବ ରହିବ କେମିତି ମନ୍ଦିରମାନଙ୍କର କି ଗୌରବ ହୋଇଥାନ୍ତା ଅମ୍ଭେମାନେ କହି ନ ପାରୁ । କିନ୍ତୁ ସେହି ଅଶ୍ଳୀଳତାର ଅପରାଧରେ ପ୍ରାଚୀନ ସାହିତ୍ୟର ଏତେ ନିନ୍ଦା ହେଲା ଯେ ଲୁଚିକା ଲୋକ ନିଜସ୍ୱ ମନରେ କରିଥିବେ ଯେ ସେଥିରୁ ଯଥାର୍ଥରେ ଅମ୍ଭମାନଙ୍କର କଳଙ୍କ ଅଛି । ସବୁ ଗ୍ରନ୍ଥର ଅପେକ୍ଷା ଉପେନ୍ଦ୍ର-ଭଞ୍ଜ ଓ ଦୀନକୃଷ୍ଣ ଅପେକ୍ଷା ଲାବଣ୍ୟବତୀ ଅଧିକ ନିନ୍ଦା ପାଇଲେ । × × × ଅମ୍ଭେମାନେ ସଭ୍ୟ ଓ ଶିକ୍ଷିତ ସମ୍ପ୍ରଦାୟଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଶ୍ରମ ସ୍ୱୀକାର ପୂର୍ବକ ପ୍ରାଚୀନ କାବ୍ୟମାନ ପାଠ କରି ଉତ୍ତମ ଦୋଷଗୁଣ ପର୍ଯ୍ୟାଲୋଚନା ପୂର୍ବକ ଗୁଣଗ୍ରହଣକୁ ଗ୍ରହଣ କରନ୍ତୁ ।"(୨୭) ଗୌରୀଶଙ୍କର ପ୍ୟାରୀମୋହନଙ୍କ ବକ୍ତବ୍ୟରେ ଥିବା ପ୍ରତିରୋଧକୁ ଉତ୍ଥାପିତ କଲେ ଓ ତାଙ୍କର ଅଶ୍ଳୀଳତା-ଧାରଣାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିନାହାନ୍ତି । ରୁଚିବୋଧ ଓ ନୈତିକତା କେଉଁଠାରେ ହିଁ ଉଭୟଙ୍କ ମଧ୍ୟରେ ବିରୋଧ । ଭଞ୍ଜ ସାହିତ୍ୟ ଯେ ଅଶ୍ଳୀଳ ଓ କେତେକାଂଶରେ ବର୍ତ୍ତମାନ ରୁଚିକୁ ଅଯୋଗ୍ୟ ଏ କଥା ଅନ୍ୟତ୍ର ଗୌରୀଶଙ୍କର ମଧ୍ୟ ସ୍ୱୀକାର କରିଛନ୍ତି : "ଅମ୍ଭେମାନେ ସ୍ୱୀକାର କରୁଁ କି ଯେ ସମୟରେ ଏହି ଗ୍ରନ୍ଥମାନ ରଚିତ ହୋଇଥିଲା

ସେ କାଳର ରୁଚିଠାରୁ ବର୍ତ୍ତମାନ ରୁଚି ଅନେକ ଉନ୍ନତ ହୋଇଅଛି ଅତଏବ ସେହି ପୁସ୍ତକର ଅନେକାଂଶ ପକ୍ଷରେ ଅଶ୍ଳୀଳତାର ଅପବାଦ ଯଥାର୍ଥ ଅଟଇ ।” (୨୮) ତେଣୁ ଗୌରୀଶଙ୍କରଙ୍କର ନବଜନ୍ମତା ରୁଚି ଓ ଅଶ୍ଳୀଳତାର ପ୍ରତ୍ୟୟ ସମ୍ପର୍କରେ ନୁହେଁ, କୌଣସି କଳାକୁ ତାହାର ମାନଦଣ୍ଡରେ ଗ୍ରହଣ ଓ ପ୍ରତ୍ୟାଖ୍ୟାନକୁ ନେଇ । ଫକୀର-ମୋହନ ପ୍ରମୁଖ 'ରୁଚି'କୁ ମାନଦଣ୍ଡ କରି ପ୍ରାଚୀନ ସାହିତ୍ୟ, ଭାଷା ଓ ରୀତିକୁ ପରିତ୍ୟାଗ କରୁଥିଲେ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସମ୍ପର୍କରେ ନୀରବ ରହିଛନ୍ତି । ଏହି ଗୌରୀଶଙ୍କର ଭାଷା ଓ ଆଧୁନିକ ସାହିତ୍ୟକୁ ଯଥା କହୁଥିଲେ ସ୍ଥାପତ୍ୟ, ଭାସ୍କର୍ଯ୍ୟ, ପ୍ରାଚୀନ ଭାଷା ଓ ରୀତିକୁ ଗ୍ରହଣ କରିଛନ୍ତି । ଫକୀରମୋହନ ଓ ମଧୁସୂଦନ ପ୍ରମୁଖ ସୁରୁଚି ଶବ୍ଦ ପ୍ରୟୋଗକୁ ଏକଥା ସ୍ୱୀକାର କରୁଥିଲେ ଗୌରୀଶଙ୍କର ମୂଳ ବକ୍ତବ୍ୟରେ ଜାତୀୟତ୍ୱ ଗରିଷ୍ଠ ଠାରୁ ସ୍ୱତନ୍ତ୍ର କରିଛନ୍ତି । 'ସୁରୁଚି ଓ କୁରୁଚି' ଶୀର୍ଷକରେ ବାଲେଶ୍ୱର ସମ୍ବାଦ ବାହିକାରେ ପ୍ରକାଶିତ ଏକ ଲେଖାଟି ଏହାର ସମାଲୋଚନା କରି ଓ ବାହାନାରେ ଲକ୍ଷ୍ମଣ ଯୋଗ୍ୟତା ସମ୍ପର୍କରେ ପ୍ରଶ୍ନ ଉଠାଇ ଲେଖିଥିଲେ ବାସ୍ତବରେ ଆମ୍ଭମାନଙ୍କର ଚରିତ୍ର ପତନର ପ୍ରଥା ଏବଂ ସେ ପ୍ରଥା ବର୍ତ୍ତମାନ ବର୍ତ୍ତମାନ ଥାଇ ପୂର୍ବ ଅନୁଶାସନ ଦେଖିବା ପ୍ରାଚୀନ ପଣ୍ଡିତ ଲେଖକଙ୍କର ଅଦୌ ଅଭାବ ନାହିଁ ଏବଂ ଧର୍ମଶାସ୍ତ୍ର, ଆଲୋଚନା ବା ଧର୍ମଚର୍ଚ୍ଚା । ସେଥି ପ୍ରକାଶ କରି ହୋଇନାହିଁ । ଅଳ୍ପ କାଳର ଅଳ୍ପ ଶିକ୍ଷିତ ଅପରି-ଣାମଦର୍ଶୀ ଯୁବକ ଓ ଯୁବତୀର ଅନ୍ତଃକରଣ ଧର୍ମାଧର୍ମ ଜ୍ଞାନ ଓ ରସିକ ଅର୍ଥ ଭୁକ୍ତି ଏ ଧାର୍ମିକ ନାନା କଥା କହୁ ପାରନ୍ତି ... × ×. ସେଥିରେ ଲେଖକର ମନ ଉଠାଇ ତୁଳନା ସେ କେବଳ ମନ ଦେଖା ଶୁଣା କରନ୍ତି ।” (୨୯) ସାହିତ୍ୟ ଆଲୋଚନାରେ ସମ-ସାମୟିକ କାଳରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିବା ରୁଚିକୁ ଗୌରୀଶଙ୍କର ସ୍ୱୀକାର କରିଥିଲେ ବି ସମସ୍ତ ଓ ସାମାଜିକ-ଧର୍ମ କ୍ଷେତ୍ରରେ ତାହାର ସଙ୍କୋଚ ତନ୍ତ୍ର କରିଛନ୍ତି ।

## ॥ ପାଞ୍ଚ ॥

'ଅଶ୍ଳୀଳ ପୁସ୍ତକ' ଶୀର୍ଷକ ପ୍ରବନ୍ଧରେ ଗୌରୀଶଙ୍କର, ବଙ୍ଗଳା 'ବଙ୍ଗବାସୀ'ର ପତ୍ରିକାରେ ପ୍ରକାଶିତ ଈଶ୍ୱରଚନ୍ଦ୍ରଙ୍କ ବିଦ୍ୟାସୁନ୍ଦର ଆଲୋଚନାର ସାରମର୍ମ ଉଦ୍ଧୃତ କରି ସାରମର୍ମ ପରେ, ଲେଖିଛନ୍ତି : "ଦେଶର ସାହିତ୍ୟ ସମସ୍ତ ସମାଜର ସମ୍ପତ୍ତି, ବର୍ତ୍ତମାନ ସମାଜର ଓ ଭବିଷ୍ୟତ ସମାଜର । କେହି ଏକୋଇଆ ସମ୍ପତ୍ତି ନୁହଇ । ସୁତରାଂ ଯେ ପ୍ରକାର ପୁସ୍ତକ ରଚି ଏ କରିବା ଭୂମ୍ଭ ଅମ୍ଭର ଅଧିକାର ନୁହଇ । ସେହି ପରି ସେ ରୂପେ ପ୍ରକାଶ ହୋଇ ଅଛନ୍ତି ତାହାଙ୍କୁ ସେହିରୂପେ ରଖିବା ହିଁ ଉଚିତ ଭବିଷ୍ୟତରେ ତାହାଙ୍କୁ ଚିହ୍ନ କରି ଦୂର କରାଇବା ଉଚିତ ନୁହେଁ ।” (୩୦) ଗୌରୀଶଙ୍କର କୌଣସି ପ୍ରାଚୀନ ସାହିତ୍ୟ-କୃତିକୁ ଦେଶ ଓ କାଳ ଭିତରେ ସୀମିତ କରି ରଖିବା ସ୍ୱୀକାର୍ଯ୍ୟ ନାହିଁ । କୌଣସି ରଚନା 'ସାହିତ୍ୟ' ବୋଲି ସ୍ୱୀକୃତ ହେଲା ପରେ ତାହା ଆଉ କୌଣସି ବ୍ୟକ୍ତି ବିଶେଷର ସମ୍ପତ୍ତି ହୋଇରହେ ନାହିଁ ବା ବ୍ୟକ୍ତିଗତ ରୁଚି ଓ ଜଗତର ମାନଦଣ୍ଡରେ ତାହା ସମାଲୋଚିତ ହୋଇ ନାହିଁ । ତାହା ଏକ କାଳରୁ

ଏମିତି ରୂପେ ପରିବର୍ତ୍ତିତ ହୁଏ । ଅନୁଷ୍ଠାନ ବିଶେଷର ମହତ୍ତ୍ୱ, ଗୁରୁତ୍ୱ ଓ ସାମାଜିକତା ତାହା ଦ୍ୱାରା ଜନିତ ଓ ସହଜ ବସ୍ତୁ ରୂପେ ବିବେଚିତ ହୁଏ । ପ୍ରାଚୀନ ସାହିତ୍ୟ, ବିଶେଷତଃ ଏହି ସାହିତ୍ୟକୁ ସାଂସ୍କୃତିକ ମୂଲ୍ୟମାନର ଆକରରେ ଜଡ଼ିବାର ପ୍ରଚେଷ୍ଟାକୁ ସେ ଅଦୌ ଅନୁମୋଦନ କରିପାରି ନାହାନ୍ତି । ଶ୍ୟାମସୁନ୍ଦରଙ୍କର 'ଦେଶୋଦ୍ଧାର' ଉଚ୍ଚ-ମୁଦ୍ରଣ ଓ ଭକ୍ତି ଗୀତାଙ୍କର ଯେଉଁଳି ସ୍ଥାନ, ସେତିକି କୌଣସି ଦେଶର ଅଧିକାରୀଙ୍କ ଠାରୁ ଆଦର୍ଶ ସମ୍ମାନ ନେଇ ଦେଶ ସାହିତ୍ୟର ସ୍ଥାନ । ସାହିତ୍ୟ ତାଙ୍କୁ ଏମିତି ହୋଇ ଶିଖାଇ ତାହାର ଉପଯୁକ୍ତ ସମ୍ମାନ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ "ସେହିପରି ଏମିତିର ସମ୍ମାନ ଏବଂ ପରିବର୍ତ୍ତନ ଦେଖିଲେ ସାଧାରଣ ଜନ ସାଧନ ଜଳ ଦୃଷ୍ଟର ଲକ୍ଷଣ । ଗୁପ୍ତ ପୁରାଣଙ୍କ ଠାରୁ ଉଚ୍ଚିଷ୍ଟ ହୋଇ ନେହେଲ ସ୍ୱାଧୀନ ଅମଳ ସାହିତ୍ୟ ଧନର ବ୍ୟବହାର ନ କଲେ ଆମ୍ଭେମାନେ ସୁଦୃଢ଼ ଅଙ୍ଗର ଯୋଗ୍ୟ ହେବୁ ନାହିଁ ।" (୩୧) ଗୌରୀଶଙ୍କରଙ୍କ ସମସ୍ତ ଜୀବନର ସାହିତ୍ୟ ଚର୍ଚ୍ଚା କହେ ସୁଦୃଢ଼ ଯାତ୍ରା ପାଇବା ଜାତୀୟତାର ସନ୍ଧାନ । ଫଳରେ ସାହିତ୍ୟର ମୂଲ୍ୟ ବିଚାର କଲା-ବେଳେ ଗୌରୀଶଙ୍କର ଜାତୀୟତାବାଦ ଦ୍ୱାରା ପ୍ରଭାବିତ । ବସ୍ତୁତଃ ତାଙ୍କର ଓଡ଼ିଆ ସାହିତ୍ୟ ଅନ୍ବେଷଣା ଓଡ଼ିଆ ଜାତୀୟତାର ପରିଚର୍ଚ୍ଚା ।

ବେନେଡିକ୍ଟ ଆଣ୍ଡରସନ ତାଙ୍କର Imagined Communities : On the Origin and Spread of Nationalism ପୁସ୍ତକରେ ଦେଖାଇଛନ୍ତି, ଜାତି ବା ଦେଶ ନାମରେ କୌଣସି ଅପୌରୁଷେୟ ଓ ସ୍ୱାଭାବିକ ସତ୍ତା ନାହିଁ । ପ୍ରତ୍ୟେକ ଦେଶ ବା ଜାତି ମାନବୀୟ କଳ୍ପନା ଦ୍ୱାରା ଗଠିତ ଓ ନିର୍ମିତ ସତ୍ତା । ଜାତୀୟତାବାଦ ତାହାର ଅନ୍ୟ-ନିରପେକ୍ଷତାର ଧାରଣା ସୃଷ୍ଟି; ଏହା ସ୍ୱତନ୍ତ୍ର ଜାତି ସତ୍ତାକୁ ନିର୍ମାଣ ଓ କଳ୍ପନା କରେ । (୩୨) ଊନବିଂଶ ଶତାବ୍ଦୀରେ ଓଡ଼ିଆର ସାଂସ୍କୃତିକ ଭୂମି ତାହାର ଭିତ୍ତି ରୂପେ ଗୃହୀତ ହୋଇଥାଏ । ଏହି ସମୟରେ, ଭାଷା ଓ କଳ୍ପନାରେ ସମ୍ପୃକ୍ତ ଭୂମିଖଣ୍ଡର ବା ସାମାଜିକ-ଗୋଷ୍ଠୀର ବ୍ୟକ୍ତିବିଶେଷମାନେ ହିଁ ପ୍ରମୁଖ ଭୂମିକା ନେଇଥାନ୍ତି । ଊନବିଂଶ ଶତକର ଶେଷ ଭାଗରେ ଏହିଭଳି ଏକ ବୁଦ୍ଧିଜୀବୀ ସମ୍ପ୍ରଦାୟର ଅଭ୍ୟୁଦୟ ହୋଇଥିଲା—ଯେଉଁମାନେ ଓଡ଼ିଆ ଜାତୀୟତାବାଦର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ମଧୁସୂଦନ ଦାସ, ଗୌରୀଶଙ୍କର, ଦାମୋଦର ପ୍ରସାଦ ଦାସ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଓ ଫକୀର ମୋହନ ସେନାପତି ଥିଲେ ଏହି ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ଏମାନଙ୍କ ଭିତରେ ଗୌରୀଶଙ୍କର ହିଁ 'ଉତ୍କଳ ଦୀପିକା' ମାଧ୍ୟମରେ ଓଡ଼ିଆ-ଜାତି ଗଠନରେ ସର୍ବାଧିକ ଭୂମିକା ନେଇଥିଲେ । ଜାତୀୟତାବାଦର ବିକାଶରେ ଉପନିବେଶ-ସମ୍ବାଦପତ୍ର ସାଂସ୍କୃତିକ ପୁନର୍ଜାଗରଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବାରୁ ଓଡ଼ିଆ ମାନଙ୍କୁ ଏକ ଜାତିରୂପେ ସଙ୍ଗଠିତ କରିବା ପାଇଁ ଗୌରୀଶଙ୍କର ସଚେତନ ଭାବରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଭିତ୍ତି ରୂପେ ଗ୍ରହଣ କରିଥିଲେ । ୧୮୬୬ ମସିହାରୁ ସେ ଓଡ଼ିଆ ଜାତୀୟ ଚେତନାର ଅଭ୍ୟୁଦୟ-ପ୍ରକ୍ରିୟାର ସହିତ ଯୁକ୍ତ ରହିଥିଲେ । ଏତିକି ଉପନିବେଶ-ଅବସ୍ଥାରେ ସ୍ଥାପିତ ଏକ ଦଶକରେ ତାଙ୍କର Prison

Notebooksରେ ଲେଖିଛନ୍ତି : ସମାଜର ସାଧାରଣ ମଣିଷ ଜନ ଜୀବନ ଓ ସଂସ୍କୃତିକୁ ଅନୁଭବ କରିପାରନ୍ତି କିନ୍ତୁ ବୁଝି ବା ଜାଣି ପାରନ୍ତି ନାହିଁ, ଅଥଚ ବୁଦ୍ଧିଜୀବୀ ମାନେ ତାହାକୁ ଜାଣନ୍ତି କିନ୍ତୁ ସବୁବେଳେ ବୁଝନ୍ତି ନାହିଁ ଓ କେବେ ବି ଅନୁଭବ କରି ପାରନ୍ତି ନାହିଁ ।"(୧୩) ଫଳରେ ଜାତୀୟ ସଂସ୍କୃତି ନାଁରେ ଜନସାଧାରଣଙ୍କ ଉପରେ କୌଣସି ଅର୍ଦ୍ଧ-କଳ୍ପିତ ସଂସ୍କୃତି ଲଦିଦେଲେ ସେମାନେ ବୁଝି ବା ଜାଣି ପାରନ୍ତି ନାହିଁ ଆଉ ତାକୁ ଅନୁଭବ କରୁ ନଥିବାରୁ ଲଦିଥିବା ବୁଦ୍ଧିଜୀବୀ ମାନେ ପ୍ରକୃତ ସଂସ୍କୃତିର ଅବସାନରେ ଦୁଃଖ ପ୍ରକାଶ କରନ୍ତି ନାହିଁ । ବଙ୍ଗଳା ଓ ଓଡ଼ିଶାରେ ଜାତିର ଧାର ଉନ୍ମେଷ ଉଭୟ ଅଂଶରେ ଜନସାଧାରଣଙ୍କ ମନରେ ବିଦ୍ୱେଷ ଭାବ ସୃଷ୍ଟି କରିଥିଲେ ବୋଲି ବୁଦ୍ଧି-ଜୀବୀମାନଙ୍କ ଉପରେ ପାରସ୍ପରିକ ବିଦ୍ୱେଷ କଲେ, ସ୍ୱଏତ ସ୍ୱାର୍ଥ-ବୁଦ୍ଧି ଥିଲା । ଜାତୀୟତାବାଦର ଉନ୍ମେଷ ପାଇଁ ସେମାନେ ଯେତେବେଳେ ସଂସ୍କୃତିକୁ ଏକ ମାଧ୍ୟମ ରୂପରେ ଗ୍ରହଣ କରନ୍ତି, ସେତେବେଳେ ସେହି ସଂସ୍କୃତିର ପ୍ରାସଙ୍ଗିକତାକୁ ଅନୁଭବ ନ କରି ତା'ର ପ୍ରଚାର ଓ ପ୍ରସାର ପାଇଁ ଲାଗି ପଡ଼ିଥାନ୍ତି । ସଂସ୍କୃତିର କାର୍ଯ୍ୟ କ୍ଷେତ୍ରଟି ହିଁ ସେମାନଙ୍କ ଜୀବନ-ଦୃଷ୍ଟିରେ ଅସ୍ପଷ୍ଟ ରହିଛି । ଗୌରୀଶଙ୍କର ସେଥିପାଇଁ ଓଡ଼ିଆ ସଂସ୍କୃତିକୁ ଅନୁଭବ କରି ନ ଥିବାରୁ ଓ ବୁଝିବାକୁ ଚେଷ୍ଟା କରି ନ ଥିବାରୁ ଘଟବର୍ତ୍ତି ସାଂସ୍କୃତିକ-ପ୍ରକାଶକୁ—ଓଡ଼ିଆ ଭାଷା ସାହିତ୍ୟକୁ—ଓଡ଼ିଆ ସଂସ୍କୃତିର ପକ୍ଷମାପକ ଓ ପ୍ରାଣଶକ୍ତି ରୂପେ ସ୍ୱୀକାର କରିଛନ୍ତି । ଉତ୍କଳ ଦୀପିକାର ପ୍ରଥମ ସଂଖ୍ୟାରୁ ହିଁ ଓଡ଼ିଆ ସ୍ୱାଭିମାନ ଓ ବୁଦ୍ଧିମତ୍ତାର ପ୍ରତି ବିଶ୍ୱାସର ଉପେନ୍ଦ୍ର ଭଞ୍ଜଙ୍କ ପ୍ରଶ୍ନ ଆସିଛି । 'ଓଡ଼ିଆମାନେ ସ୍ୱଭାବତଃ ନିର୍ବୋଧ' ଏଭଳି ଅଭିଯୋଗ ଉତ୍ତର ଦେବାକୁ ଯାଇ ଓଡ଼ିଆ ଜାତୀୟତାବାଦକୁ କେବଳ ଏକ ଆଇଡିଓଲଜିକାଲ ideological) ଗଢ଼ଣ ଦିଆଯାଇ ନାହିଁ, ସେହି ଗଢ଼ଣ ଭିତରେ ଓଡ଼ିଆ ସାହିତ୍ୟକୁ, ବିଶେଷତଃ ଭଞ୍ଜ ପ୍ରମୁଖଙ୍କ କାବ୍ୟଧାରାକୁ, ମୁଖ୍ୟ ସ୍ଥାନ ଦିଆ ଯାଇଛି । ଓଡ଼ିଆ ଜାତି ଅତୀତରେ ଉନ୍ନତ ଥିଲା, ତାହାର ପ୍ରମାଣ ଓଡ଼ିଆର କାବ୍ୟଶୈଳୀ ! ସାଂପ୍ରତିକ କାଳରେ ରାଜ ଦୃଷ୍ଟିସାପେକ୍ଷତାର ଅଭାବ ଓ ଅନ୍ୟାନ୍ୟ ଉପଯୋଗୀ କାରଣ ପାଇଁ ଓଡ଼ିଆ ଜାତିର ଅସ୍ତିତ୍ୱ ବିପନ୍ନ ହୋଇଛି । ଏଠାରେ ଓଡ଼ିଆ ଜାତୀୟତାର ବିକାଶ ପାଇଁ ତାହାର କଳ୍ପିତ ଦୋଷ ସବୁକୁ ଅନ୍ୟ ମୁଣ୍ଡରେ ଲଦି ଦିଆଯାଇଛି ଓ ଅତୀତ, ମଧ୍ୟର ସ୍ୱପ୍ନକୁ ଆଧାର କରି ପୁନଃ-ନିର୍ମିତ ହୋଇଛି ! ବଙ୍ଗଳା ଜାତୀୟତାର ପ୍ରଥମସ୍ତରରେ ଓ ତା' ପରେ ପ୍ରତିଦ୍ୱନ୍ଦ୍ୱିତା କରି ଓଡ଼ିଆ ଜାତୀୟତାର ବିକାଶ । ଏହି ପ୍ରତିଦ୍ୱନ୍ଦ୍ୱିତା ଏକ ଐତିହାସିକ ଆବଶ୍ୟକତା ହୋଇଥିବାରୁ ଓଡ଼ିଆ ସାହିତ୍ୟ ସହ ବଙ୍ଗଳା ସାହିତ୍ୟର ଏକ ତୁଳନାତ୍ମକ ବିଶ୍ଳେଷଣ ଓ ବିଚାର ସଂପୃକ୍ତ ପ୍ରବନ୍ଧରେ ଉପସ୍ଥାପିତ : "... ଏହି ବଙ୍ଗାଳି ଜାତିର ଉନ୍ନତ ଦାବିଦ ନ ପର୍ଯ୍ୟନ୍ତ ନା ଚଳୁ କରୁଥାଇଥିଲେ । ତଥାପି ଉତ୍କଳୀୟ ଲେଖକମାନେ ଯେ ସକଳ କାବ୍ୟଗ୍ରନ୍ଥ ରଚନା କରି ଯାଇଅଛନ୍ତି ତାହାର ସଦୃଶ ରଚନା ଦେଖାଇବାକୁ ଆଜି ପର୍ଯ୍ୟନ୍ତ ଗୋଟିଏ ମାତ୍ର କାବ୍ୟ ବଙ୍ଗଳା ଭାଷାରେ ପ୍ରକାଶ ହୋଇନାହିଁ । ଏକଥା ଯଥାର୍ଥ ଅଟେ ଯେ କି ସାହିତ୍ୟ କି ଗଣିତ କି ଭୂଗୋଳ କି ପ୍ରାକୃତିକ ବିଦ୍ୟା ବିଷୟ ସମ୍ବନ୍ଧରେ ବଙ୍ଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକାଶ ହୋଇଅଛି ମାତ୍ର ଏହି ସକଳ ପୁସ୍ତକ

ଅନୁବାଦକ ଅପଟୁକ, ସ୍ୱାଧୀନ ପୁସ୍ତକ କେଉଁ ଖଣ୍ଡ ଅଛି ? ସ୍ୱାଧୀନ ଗ୍ରନ୍ଥ ମଧ୍ୟରୁ ବଙ୍ଗାଳୀମାନେ ବିଦ୍ୟାସୁନ୍ଦରକୁ ସୁପ୍ରସିଦ୍ଧ ପୁସ୍ତକ ବୋଲି କହନ୍ତି ଓ ଏହି ଗ୍ରନ୍ଥ ରଚନା କରି ୯ ଭାରତ ଚନ୍ଦ୍ର ସମସ୍ତ ବଙ୍ଗଳା ଦେଶରେ ବିଖ୍ୟାତ ହୋଇଅଛନ୍ତି ।

ବିଦ୍ୟାସୁନ୍ଦର ରଚନାର ଅନେକ ବର୍ଷ ପୂର୍ବରେ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରିଅଛନ୍ତି ତାହାର ସହିତ ତୁଳନା କଲେ ଦେଖିଲେ ବିଦ୍ୟା-ସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଗୁରୁତ୍ୱ କି ସ୍ୱଭାବ ବର୍ଣ୍ଣନା କି ଶ୍ଳେଷ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭାରତ ଚନ୍ଦ୍ରଙ୍କ ଠାରୁ ଅଧିକ ପାରଦର୍ଶିତା ଲାଭ କରିଅଛନ୍ତି । ତଥାପି ଦେଖ ବିଦ୍ୟାସୁନ୍ଦର ଅଜ କି ପର୍ଯ୍ୟନ୍ତ ବଙ୍ଗୀୟମଣ୍ଡଳୀରେ ଖୁବ ଚଳି ହେଉଅଛି । ମାତ୍ର ରସକଲ୍ଲୋଳ ପ୍ରତି କେହି ଦୃଷ୍ଟିପାତ କରିବାକୁ ନାହିଁ । ରସକଲ୍ଲୋଳ ଅତଏବ ଘୃଣିତ କୁତ୍ସିତ ଅକାଶ୍ମିକ ବୋଲି ଯେ ଯାହା କହନ୍ତୁ ସେଥିରେ ଆମ୍ଭର ବକ୍ତବ୍ୟ ନାହିଁ । ମାତ୍ର ରସକଲ୍ଲୋଳ ଯେ ସବୁ ବିଷୟରେ ବିଦ୍ୟାସୁନ୍ଦର ଠାରୁ ଉତ୍କୃଷ୍ଟ ଗ୍ରନ୍ଥ ତାହାର ସନ୍ଦେହାଭାବ ।

ଏହି ବାକ୍ୟର ଦୃଢ଼ତା କାରଣ ପ୍ରମାଣ ଦର୍ଶାଇବା ବାହୁଲ୍ୟ ମାତ୍ର । ଯେ ସ୍ୱୟଂ ଯାହାରା ଏହି ଗ୍ରନ୍ଥଦ୍ୱୟ ପାଠ କରିଅଛନ୍ତି ସେହି ଏହି ଗ୍ରନ୍ଥଦ୍ୱୟର ଉତ୍କର୍ଷାପ-କର୍ଷ ବିଷୟ ହୃଦୟଙ୍ଗମ କରିଅଛନ୍ତି । ଦୀନକୃଷ୍ଣଙ୍କ ଗ୍ରନ୍ଥ ଆଦ୍ୟନ୍ତ ମଧ୍ୟ ଅନେକ କବି ଅନେକ ଛନ୍ଦରେ ଅନେକ ଗ୍ରନ୍ଥ ରଚନା କରିଅଛନ୍ତି । ମୁଦ୍ରାଯନ୍ତ୍ର ଅଭାବରେ ଅନେକ ଗ୍ରନ୍ଥ ଲୋପ ହୋଇଅଛି । ଓଡ଼ିଆର କବି କୁଳ କେଶରୀ ଉପେନ୍ଦ୍ର ଭଞ୍ଜ ୫୨ ଖଣ୍ଡ ଗ୍ରନ୍ଥ ରଚନା କରନ୍ତି ମାତ୍ର ଇଦାନୀଂ ପ୍ରଣୀତ କଲ ରଚିତ ୧୦/୧୨ ଖଣ୍ଡ ଗ୍ରନ୍ଥରୁ ଅଧିକ ମିଳୁନାହିଁ ।

କି ଅଳଙ୍କାର କି ରସ କି ଭାବରସ କି ଚତୁରତା ସକଳ ବିଷୟ ରଚନାରେ ଉପେନ୍ଦ୍ର ଭଞ୍ଜ ଅଦ୍ୱିତୀୟ କବିତ୍ୱ ଶକ୍ତି ପ୍ରକାଶ କରିଯାଇ ଅଛନ୍ତି ବିଶେଷରେ ଯମକ ଓ ଶ୍ଳେଷ ପଦ ରଚନାରେ ଯେପରି ନିପୁଣତା ଦେଖାଇ ଅଛନ୍ତି । ଆମ୍ଭେ ସାହସ କରି କହିପାରୁଁ ଯେ ସଂସ୍କୃତ ଭିନ୍ନ ଭାରତ ବର୍ଷୀୟ ଏମନ୍ତ କୌଣସି ଭାଷାକାର ନାହାନ୍ତି ଯେ ତାହାଙ୍କ ସହିତ ତୁଳନା ହୋଇପାରିବେ, ଉପେନ୍ଦ୍ର ଭଞ୍ଜ କୃତ ବୈଦେହୀଶ ବିଳାସରେ ରାମ ସ୍ୱବନେ ସୁଖ ଅରଣ୍ୟରେ ରାମ ଦ୍ୱାରା ସୀତାର ପ୍ରବୋଧ ଚିତ୍ରକୂଟର ଆଶ୍ରମ ବର୍ଣ୍ଣନ ଅନ୍ୟାନ୍ୟ ପୁସ୍ତକରେ ଲାବଣ୍ୟବତୀର ସଖିମାନଙ୍କ ସହିତ କଥା । ଏହି ସକଳ ସ୍ଥାନ ପାଠ ସମୟରେ ଭଞ୍ଜଙ୍କୁ ପ୍ରକୃତ ମନୁଷ୍ୟ ବୋଲି ସ୍ୱୀକାର କରିବାକୁ ସନ୍ଦେହ ବୋଧହୁଏ ।

ହାୟ ! ଏହି ସକଳ ଗ୍ରନ୍ଥର ଏପରି ଦଶାକୁ ଦେଖି ହୃଦୟ ଏକାବେଳକେ ବିଦୀର୍ଣ୍ଣ ହୋଇଯାଏ । ହାୟ ଏମନ୍ତ କି ସମୟ ଆମ୍ଭେମାନେ ଦେଖିବାକୁ ପାଇବୁ ଯେ ଏହି ସକଳ ଗ୍ରନ୍ଥର ଯଥାର୍ଥ ମର୍ଯ୍ୟାଦା ରକ୍ଷା ହୋଇଅଛି ।

ସଭ୍ୟତା ଗ୍ରୀସ୍ ଓ ରୋମ ସ୍ୱକୀୟ ପତନ ଇଂଲଣ୍ଡର ଉନ୍ନତି ଓ ଭାରତର

ଅଧୋପତନ ଦେଖିଲେ ସ୍ୱତଃସ୍ଫୂର୍ତ୍ତ ହୁଏ ଯେ ଅବଶ୍ୟ ମଣ୍ଡଳରେ କହୁଛି ଯାହା ନୂତନ । କାଳରେ ସକଳ ପରିବର୍ତ୍ତନ ହୋଇଅଛି । ଅନ୍ତତଃ ଦେଖ ଯେ କଲିକତା ନଗର କିଞ୍ଚିତ ପୂର୍ବରେ ଜଙ୍ଗଳମୟୀ ଅରଣ୍ୟ ଭୂମିରେ ଅବସ୍ଥିତ ଓ ଶଗଡ଼ ଶୃଗାଳାଦିର କେଳି ଭୂମି ରୂପେ ପରିଗଣିତ ଥିଲା ସେହି କଲିକତା ନଗର ସମସ୍ତ ଭାରତର ରାଜଧାନୀ ହୋଇ ସୁଉଚ୍ଚ ଅଟ୍ଟାଳିକା ଶ୍ରେଣୀ ସୁସଜ୍ଜିତ ଅସଂଖ୍ୟ ଉଦ୍ୟାନ ମଣ୍ଡଳୀ ଦେବକୀର୍ତ୍ତି ଦୀପମାଳା-ରେ ପରିପୂର୍ଣ୍ଣ ହୋଇଅଛି ଏବଂ ପଶ୍ଚାତ୍ ସେବକ ଜନପୂର୍ଣ୍ଣ କୃଷିଶୀଳ ନଗର ଭୂମିଖଣ୍ଡ ଓ ସେବକ ଜନଶୂନ୍ୟ ଅରଣ୍ୟ ସମ୍ପୃକ୍ତଶାଳୀ ନଗର ହୋଇଅଛି । ଏହିପରି ମନୁଷ୍ୟ ଜାତିର ଅବସ୍ଥା ମଧ୍ୟ ପରିବର୍ତ୍ତନଶୀଳ । ଦେଖ ଯେ ଇଂରେଜ ଜାତି ପୂର୍ବରେ ଅସଭ୍ୟ ଅରଣ୍ୟ ବାସୀ ଥିଲେ ସେହି ଇଂରେଜ ଜାତି ବର୍ତ୍ତମାନ ପୃଥିବୀ ବ୍ୟାପୀ ହୋଇ ଅସଂଖ୍ୟ ଦେଶରେ ଆପଣାମାନଙ୍କର ବାହୁବଳ ଓ ଜ୍ଞାନ ବଳରେ ସମାଜ ସ୍ଥାପନ କରି ପତାକା ଉଡ଼ାଇ ଅଛନ୍ତି । ଫଳେ ପୃଥିବୀ ମଧ୍ୟରେ ଏମନ୍ତ କଥା ସ୍ଥାପନ ହୃଷପ୍ରାପ୍ତ ଅଧିକ ସମୟରେ ଇଂଲଣ୍ଡୀୟ ବଣିକ ଜାତି ସ୍ୱୟଂ ନ ହେଉଅଛି କେବଳ ଯେ ଉତ୍କଳୀୟମାନେ ଏକଦା ସ୍ୱୀୟ ବାହୁବଳରେ ଲଙ୍କାରେ ଦୂରକୁ ନଦୀ ଦକ୍ଷିଣେ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ସ୍ୱରାଜ୍ୟ ବିସ୍ତାର କରିଥିଲେ । ସେମାନେ ସମ୍ପ୍ରତି ଦୁର୍ବଳ, ଅଳସ ଓ ଯେ ଉତ୍କଳୀୟମାନଙ୍କ ମଧ୍ୟରେ ଉପେନ୍ଦ୍ର ଭଞ୍ଜ ଓ ଜଗନ୍ନାଥ ଦାସ ପ୍ରଭୃତି ମହା ମହା କବି ଜନ୍ମଗ୍ରହଣ କରିଥିଲେ ସେହି ଓଡ଼ିଆମାନେ ସମ୍ପ୍ରତି ଅଜ୍ଞ ଓ ବର୍ବର ହୋଇ ଅପରିଣାମଦର୍ଶୀ ବିଦେଶୀୟଙ୍କ ଦ୍ୱାରା ଅବଜ୍ଞାତ ହେଉଅଛନ୍ତି ନା । ମାତ୍ର "ଓଡ଼ିଆ-ମାନେ ସ୍ୱଭାବତଃ ନିର୍ବୋଧ" ଏକଥା ଯେଉଁମାନେ କହନ୍ତି ସେମାନଙ୍କୁ ଅଜ୍ଞ ଓ ଅଦୂରଦର୍ଶୀ ଭିନ୍ନ ଆଉ କି କୁହାଯାଇପାରେ । କେବଳ ଓଡ଼ିଆମାନେ ପୃଥିବୀରେ ଏମନ୍ତ ଜାତି ଯାହାକୁ ଯେ ଯେ ସେମାନଙ୍କୁ ସ୍ୱଭାବତଃ ଅଜ୍ଞାନ ବୋଲି କୁହାଯାଇ ପାରେ ।" (୩୪) ପରବର୍ତ୍ତୀ ସ୍ମରଣ ବର୍ଷରେ ଏକଇ ସମୟରେ ପ୍ରଦତ୍ତ ପ୍ରସ୍ତାବରେ ଏହି ମତାମତକୁ ପ୍ରତିଧ୍ୱନିତ କରାଯାଇଛି କେବଳ । ଓଡ଼ିଆମାନେ ଯେ ଏକ ଜାତି, ଜଗନ୍ନାଥ ଦାସ ଓ ଉପେନ୍ଦ୍ର ଭଞ୍ଜ ପ୍ରମୁଖ ତାଙ୍କର ଶାସ୍ତ୍ର ରଚନା ବ୍ୟାକରଣ ପ୍ରଭୃତି, ପରବର୍ତ୍ତୀ କାଳର ଐତିହ୍ୟ ଆମର ଜାତୀୟଭାବ ସମ୍ପଦରେ ଏକଲା ବଡ଼ କଥା ଏତିକି ମଧ୍ୟ ଦୋହରାଇ ଆସିଛି । କିନ୍ତୁ ଉପଯୁକ୍ତ ଶିକ୍ଷା ସେମାନେ ଯେ ଅଶିକ୍ଷିତ ଓଡ଼ିଆ ନଥିଲେ ଓ ଏକ ଜାତିର ମୁଖପାତ୍ର ରୂପରେ ଜଗନ୍ନାଥ ଦାସ ବା ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସୃଷ୍ଟି କରିଥିଲେ, ଏମନ୍ତ ସେ ସମୟରେ ଏପରି ଅନୁଭବ କରିନାହିଁ, ବୁଝିବାକୁ ଚେଷ୍ଟା ମଧ୍ୟ କରିନାହିଁ । ଯୋଗ୍ୟଙ୍କର ଶିକ୍ଷା ମାଧ୍ୟମରେ ଓଡ଼ିଆ ଜାତୀୟଭାବ ନିଜ ବଳରୁ ସୃଷ୍ଟି କରିବାରେ ସମର୍ଥ ହୋଇଥିଲେ । ପ୍ରଥମ ବର୍ଷର ଶିକ୍ଷା ଓ ଜନତା ପ୍ରିଣ୍ଟିଂ ଜର୍ଣ୍ଣାଲ ପ୍ରଥମ ସମସ୍ତ ପ୍ରବନ୍ଧ କରି ଉତ୍କଳ ଦୀପିକାର ଦ୍ୱିତୀୟ ବର୍ଷ ଦ୍ୱିତୀୟ ସଂଖ୍ୟାରେ କୁହାଯାଇଛି : "ଉତ୍କଳ ଦେଶସ୍ଥ ସୁଶିକ୍ଷିତ ଲୋକମାନଙ୍କର ଜାତୀୟତାରେ ନାମ ଆମ୍ଭମାନଙ୍କ ଅନୁରୋଧକ୍ରମେ ଏକତ୍ରିତ ଦେଶାନ୍ତରରେ ପ୍ରସ୍ତୁତ ହେବା ଦୁଷ୍କର ଥିଲା । ଏ ବର୍ଷ ତାହା ଉଦ୍ୟମମାନେ ଯେତେକ ଲୋକ ଉତ୍ସାହିତ ହୋଇ ଅଛନ୍ତି ଓ ଯେ ରୂପ ସୃଷ୍ଟି ପୂର୍ବରେ କେବଳ ଜଳମୟ ଥିଲା ଓ ତନ୍ଦ୍ରିତ ସମସ୍ତ

ବସ୍ତୁର ଅଭାବ ହେଲା ସେହିପରି ଉନ୍ନତ ସାହିତ୍ୟର ପୁନଃ ସୃଷ୍ଟି କରିବା ପ୍ରଥମେ ସେମ-
ସୁଧାକରଙ୍କ ଅଭାବ ହୋଇଅଛି ।” (୩୫)

ଓଡ଼ିଆ ଭାଷାଭାଷୀ ଜନସାଧାରଣଙ୍କୁ ଏକ ସ୍ୱତନ୍ତ୍ର-ଜାତିଗୋଷ୍ଠୀ ଭାବରେ ପରିଚିତ କରିବାର ଆକାଂକ୍ଷା ଗୌରୀଶଙ୍କରଙ୍କ ଦୃଷ୍ଟିକୋଣ ତଥା ଔପନିବେଶିକ ଶାସନ ଫଳରେ ସମ୍ଭବ ଥିଲା । କିନ୍ତୁ ଉପଗୋଷ୍ଠୀର ଜଣକ ଅନେକ ମଧ୍ୟବିତ୍ତବର୍ଗ ଆପଣାର ସ୍ୱତନ୍ତ୍ରତା ମନୋଭାବକୁ ମୁକ୍ତ ଭାବରେ ପ୍ରକାଶ କରିବାକୁ ଅସମର୍ଥ ଥିଲେ । ତା'ସହିତ ଆପଣା ବାଣିଜ୍ୟ ଓ ଦୃଷ୍ଟିକୋଣ ହେତୁ ସେମାନେ ବହୁ ବିଷୟରେ ଉପଗୋଷ୍ଠୀରେ ବିଭକ୍ତ ଥିଲେ । ନବ କଲିଜ ଓ ଜାଗ୍ରତ ଓଡ଼ିଆ ଜାତୀୟତାବାଦ ସେମାନଙ୍କ ଉଦ୍ୟମ ଦୃଷ୍ଟିର ଫଳଶ୍ରୁତି ହୋଇଥିବାରୁ ବିଭିନ୍ନ ରୂପ ନେଇଥିଲା । ଗୌରୀଶଙ୍କରଙ୍କ ପରି ଅନେକ ଲେଖକ ଓ ସାହିତ୍ୟିକଙ୍କୁ ଜାତି-ଗଠନ ଓ ଜାତିର ଚରିତ୍ର-ଗଠନର ସର୍ବଶ୍ରେଷ୍ଠ ସାଧନ ବୋଲି ପ୍ରତିଷ୍ଠା କରିବାକୁ ଯତ୍ନଶୀଳ ହେଲେ ଫକୀରମୋହନ, ମଧୁସୂଦନ ରାଓ, ବୈକୁଣ୍ଠନାଥ ଦେ ଓ ନନ୍ଦକିଶୋର ବଳ ପ୍ରମୁଖ ଓଡ଼ିଆ କାବ୍ୟ-ସାହିତ୍ୟକୁ ଓଡ଼ିଆ-ଜାତିର ସାଂସ୍କୃତିକ-ପ୍ରତୀକ ଭାବରେ ଗ୍ରହଣ କରିବାକୁ ଉନ୍ମୁଖ ଥିଲେ । ଏବେତ ଏଥି ସମ୍ପର୍କ ସନ୍ଦେହ ମାନସିକ ସ୍ତରରେ ସେମାନଙ୍କର ସାମ୍ନାକୁ ନ ଥିଲା । ତା'ସହିତ, ଅନୁଭବ, ଅବବୋଧ ଓ ଜ୍ଞାନ, ପ୍ରାଚୀନ ସାହିତ୍ୟ ସମ୍ପର୍କରେ ସେମାନଙ୍କର କୌଣସିଟି ନ ଥିଲା । ସାମନ୍ତ-ପରିବେଶ ଓ ମଧ୍ୟଯୁଗର ବହୁତ ସମାଜର ସୃଷ୍ଟି ହେଲେ ବି ରାଧାନାଥ ଓ ଭକ୍ତ ପ୍ରମୁଖଙ୍କ କାବ୍ୟର ଆବେଦନ ସମସ୍ତ ଓ ବହୁତ-ସମାଜ ମଧ୍ୟରେ ଅଧିକ ନ ଥିଲା । ଗ୍ରାମ, ସଙ୍ଗୀତ ଓ ଗୋଷ୍ଠୀଗତ ଜାତ ମଧ୍ୟ ଦେଇ ଜନସାଧାରଣଙ୍କୁ ତାହା ସ୍ପର୍ଶ କରିଥିଲା । ଜନସାଧାରଣଙ୍କ ସାହିତ୍ୟ ଓ ସାଂସ୍କୃତିକ-ପ୍ରକାଶ ଥିବା ଅନେକ ତଳେ ନୂତନ ବୁଦ୍ଧିଜୀବୀ, ଔପନିବେଶିକ ଦୃଷ୍ଟିକୁ ଗ୍ରହଣରେ, ଯତ୍ନଶୀଳ ଥିଲେ । ଲେଖକମାନଙ୍କର ଏଇ ବିରୋଧକର ମାଧ୍ୟମ ଗୁଡ଼ିକୁ ଅଶ୍ଳୀଳ, କୁତ୍ସିତ ଓ ଦୂଷିତ କହି ସେମାନଙ୍କ ଉଦ୍ୟମ ଜାତୀୟ ସ୍ୱାର୍ଥ ବିପକ୍ଷ ଦେବାର ଚେଷ୍ଟା ଓଡ଼ିଆ ବଂଶକର ସାଂସ୍କୃତିକ ଜୀବନକୁ ଦ୍ୱିଧା ବିଭକ୍ତ କରିଥିଲା । (୩୬) ଉପେନ୍ଦ୍ର ଭଞ୍ଜଙ୍କର 'ବାରମାସୀ' ଓ ବଳରାମଙ୍କର 'ବତ୍ରିଶ ସିଂହାସନ'କୁ ଅଶ୍ଳୀଳ ପୁସ୍ତକ କହି ସ୍କୁଲମାନଙ୍କରୁ ବାହାର କରିବା ପାଇଁ ଶିକ୍ଷାଧ୍ୟକ୍ଷଙ୍କ ପ୍ରଶସ୍ତ ତଳ, ରାଜା ବୈକୁଣ୍ଠନାଥ ଦେ ଗ୍ରେଟବିଟଙ୍କ ଆଦେଶ କରାଇ ପାରିଥିଲେ । (୩୭) ଅନେକ ନୂତନ ମଧ୍ୟବିତ୍ତଶ ଭଞ୍ଜ ଓ ରାଧାକୃଷ୍ଣଙ୍କର ରାଗ-ଆବେଦନ ହେତୁ ତାଙ୍କୁ ପରିତ୍ୟାଗ କରିବାକୁ ଚାହିଁଥିଲେ । ଦ୍ୱିତୀୟତଃ ସୋମନାଥ ସିଂହ ଜଗଦେବ (ଅନୁଗୁଳର ରାଜା) ଓ ଗୋପାଳ କୃଷ୍ଣଙ୍କ ଭଳି ଓଡ଼ିଆ କବିମାନେ ଥିଲେ ଇଂରେଜ ବିରୋଧୀ । ପୁଣି ରସୁଲକୁଣ୍ଡାର ଭଞ୍ଜ ଜନବଂଶ ରାଜା ବଣୋଇ ବିଦ୍ରୋହ ସମ୍ପୃକ୍ତ ଘଟିଥିଲା । ସେହି ବଂଶର ଉପେନ୍ଦ୍ର ଭଞ୍ଜଙ୍କୁ ଓଡ଼ିଆ ଜାତୀୟତାର ପ୍ରତୀକ ସ୍ୱରୂପ ଭାବରେ ଗ୍ରହଣ କରିବାକୁ ସେମାନେ ଚାହିଁ ନ ଥିଲେ । ଫଳସ୍ୱରୂପ, ମଧ୍ୟଯୁଗ ସାହିତ୍ୟକୁ ଏମାନେ ଅଶ୍ଳୀଳତାର ଜାତୀୟ ଚେତନାର ପ୍ରତୀକ ଭାବରେ ପ୍ରତିଷ୍ଠା

ଦେବାକୁ ସୃଷ୍ଟି ଥିଲେ । ଏହି ଭୁଇଁଫୋଡ଼ ମଧ୍ୟବିତ୍ତ ଗୋଷ୍ଠୀର ମତକୁ ଖଣ୍ଡନ ଓ ଉଦ୍ୟମକୁ ପ୍ରତିହତ କରିବା ପାଇଁ ଗୌରୀଶଙ୍କରଙ୍କୁ ଦୀର୍ଘଦିନ ଧରି ସଂଗ୍ରାମ କରିବାକୁ ହୋଇଛି । ଭଦ୍ର୍ ଯନ୍ତ୍ର-ବନ୍ଧଳରେ ଏହି ବିବାଦ ଚରମ ରୂପ ଧାରଣ କରି ଶେଷରେ ଭାଷା ଓ ପ୍ରାଚୀନ ସାହିତ୍ୟ ସପକ୍ଷରେ ପରିସମାପ୍ତି ଲାଭ କରିବା ପର୍ଯ୍ୟନ୍ତ ଗୌରୀଶଙ୍କରଙ୍କୁ ବାରମ୍ବାର ସାମ୍ବାଦିକର ନୈର୍ବ୍ୟକ୍ତିକ ଭୂମିକା ପରିତ୍ୟାଗ କରି ସାହିତ୍ୟ-ଚର୍ଚ୍ଚା କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ପକ୍ଷଭୁକ୍ତ ହେବାକୁ ପଡ଼ିଛି । ଏହା ପଛରେ ବ୍ୟକ୍ତିଗତ ଦ୍ୱେଷାତ୍ମକ ଭାବନା ଯେ ନାହିଁ, ତାହା ନୁହେଁ । ମାସିକ ସାହିତ୍ୟ ପତ୍ର 'ପ୍ରଦୀପ'ର ପ୍ରଥମ ବର୍ଷ ଦ୍ୱିତୀୟ ସଂଖ୍ୟାରେ ପ୍ରକାଶିତ 'ଜାତୀୟ ସାହିତ୍ୟ' ପ୍ରବନ୍ଧର ଆଲୋଚନା କରି ବିରୋଧୀମାନଙ୍କ ଯୁକ୍ତିର ସ୍ୱବିରୋଧିତା ଓ ଅସାରତା ଦେଖାଇବାକୁ ସେ ଚେଷ୍ଟା କରିଛନ୍ତି : "ଅନ୍ୟ ସ୍ଥାନରେ ଲେଖା ଅଛି 'ଆମ୍ଭମାନଙ୍କ ଜାତୀୟ ସାହିତ୍ୟ କୋଉଠି ଅନୁନ୍ନତ' ଏବଂ ତହିଁ ପରେ ? ଲେଖାଯାଇଅଛି 'ଆମ୍ଭମାନଙ୍କ ମଧ୍ୟରେ ଜାତୀୟତା ନାହିଁ ଅତଏବ ଜାତୀୟ ସାହିତ୍ୟ ନାହିଁ ।' ଲେଖକ ସେଠାରେ 'ନୂତନ ଭାବ ପ୍ରବର୍ତ୍ତିତ ଓ ସମ୍ବର୍ଦ୍ଧିତ କରିବା ଜାତୀୟ ସାହିତ୍ୟର ଗୌରବ ଲକ୍ଷଣ ରୂପରେ ନିର୍ଦ୍ଦେଶ କରିଅଛନ୍ତି । ସେ ସ୍ଥଳେ ପ୍ରାଚୀନ ସାହିତ୍ୟରେ ଶୋଚନୀୟବନ୍ଧନତା ଓ ଜନ୍ମ-ପରମ୍ପରତା ପ୍ରଦର୍ଶିତ ହୋଇଅଛି ସେ ସ୍ଥଳେ ତାହାକୁ ଜାତୀୟ ସାହିତ୍ୟ ବୋଲି ନ ଗଣିବା ଆଉ କେବେ ଜାତୀୟ ସାହିତ୍ୟ ଅତୀତ ନାହିଁ ତେବେ ତହିଁର ଅନୁକୂଳ ଅବସ୍ଥା କି ରୂପେ ସମ୍ଭବ ହୋଇପାରେ । ପ୍ରଥମେ ଜାତୀୟତା ଓ ଜାତୀୟ ସାହିତ୍ୟର ଲକ୍ଷଣ ବସ୍ତୁ'ର ଦେଇଥିଲେ ବୋଧହୁଏ ତାହାଙ୍କ ମତ ବୁଝିବାରେ କଷ୍ଟ ହୁଅନ୍ତା ନାହିଁ । ଆମ୍ଭେମାନେ ଦେଖୁଅଛୁଁ ଯେ ଏକ ସମୟରେ ଓଡ଼ିଶାରେ ସାହିତ୍ୟର ଚର୍ଚ୍ଚା । ବିଲକ୍ଷଣ ଥିଲା ଓ ନାନା ବିଷୟରେ ଲୋକେ ଗ୍ରନ୍ଥ ରଚନା କରଅଛନ୍ତି । ସେ ସମସ୍ତ ଅତୀତ ଜାତୀୟ ସାହିତ୍ୟ ମଧ୍ୟରେ ପରିଗଣିତ ହୋଇ ନ ପାରେ ଏହାର ଯୁକ୍ତି ଆମ୍ଭେମାନେ ପାଇ ପାରୁନାହୁଁ ।"(୩୮) କେବଳ ପ୍ରାଚୀନ ସାହିତ୍ୟକୁ ନୁହେଁ, ଆଧୁନିକ ସାହିତ୍ୟକୁ ମଧ୍ୟ ସେ ଜାତୀୟ ସାହିତ୍ୟର ସଂଜ୍ଞା ସାର୍ଥକ ରୂପରେ ଗ୍ରହଣ କରିଛନ୍ତି । ଶ୍ରେଷ୍ଠ ସ୍ରୋତ ସ୍ଫୁରିତ ଭାବ ଓ ନୂତନ ସାହିତ୍ୟ-ରୂପର ଯୁକ୍ତିକୁ ସେ ପାଠକରେ ଅଭିନନ୍ଦନ ଜଣାଇଛନ୍ତି । ଗୌରୀଶଙ୍କର ଓଡ଼ିଆ ସାହିତ୍ୟର ଆଲୋଚନା, ପ୍ରତ୍ୟାଲୋଚନା ମଧ୍ୟଦେଇ ଓଡ଼ିଆ ଜାତୀୟତା ବାଦର ପ୍ରତିଷ୍ଠା ଓ ପ୍ରସାରଣ କରିଛନ୍ତି ।

## ॥ ଛଅ ॥

ଗୌରୀଶଙ୍କର ଥିଲେ, ଆଧୁନିକ ଭାବରେ, ଓଡ଼ିଆ ଭାଷାରେ, ଓଡ଼ିଆ ସାହିତ୍ୟର ଆଦ୍ୟ ସମୀକ୍ଷକ । ଜାତୀୟ ଚେତନା ଥିଲା ତାଙ୍କ ସାହିତ୍ୟ-ବିଚାରର ପ୍ରେରଣା ଭୂମି । ଓଡ଼ିଆ ଭାଷା, ପ୍ରାଚୀନ ସାହିତ୍ୟ ଓ ଓଡ଼ିଶାର ଇତିହାସ ପ୍ରତି ଐକାନ୍ତିକ ଅନୁରାଗରେ ତାଙ୍କର ସମୀକ୍ଷକ ଦୃଷ୍ଟି ଥିଲା ଆଚ୍ଛନ୍ନ । ସମକାଳୀନ ସାହିତ୍ୟର ସେ ଚର୍ଚ୍ଚା କରୁଥିଲେ ସାମ୍ବାଦିକର କର୍ତ୍ତବ୍ୟ ବୋଧରୁ, ଗୁଣ ଓ ଦୋଷର ଆଦର୍ଶକୁ ଭିତ୍ତି କରି । ସାହିତ୍ୟ ଓ

ସାହିତ୍ୟିକଙ୍କୁ ପ୍ରୋତ୍ସାହିତ କରୁଥିବା ତାଙ୍କ ଉତ୍କଳ-ଦୀପିକାର ଏବଂ ଏକ ବିଶେଷ ଅଙ୍ଗ । ରାଧା-ନାଥ ମଧୁସୂଦନ ଆଦି ସମସାମୟିକ ସାହିତ୍ୟିକଙ୍କ ପ୍ରତିଭାକୁ ଉଦାର (୩୧), ଏହି କର୍ତ୍ତବ୍ୟ-ବୋଧରୁ ହିଁ ସେ କରିଥିଲେ । ତାଙ୍କ ସାହିତ୍ୟ-ଜୀବନରେ ସାହିତ୍ୟର ସମୀକ୍ଷା ସାମ୍ବାଦିକ-ସତ୍ତା କେବେ ବି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରି ନ ଥିଲା । ସେହି ପ୍ରାଚୀନ ରଚନା ଗୁଡ଼ିକ ସାହିତ୍ୟ ଓ ଅନ୍ୟ କେତେ ଗୁଡ଼ିକ ସାହିତ୍ୟିକଙ୍କ, ତାଙ୍କର ଆଲୋଚନାରୁ ଏ ସବୁ କେବେ ବି ସ୍ପଷ୍ଟ ହୁଏ ନାହିଁ । ପୁଣି ସାହିତ୍ୟ-ପୁସ୍ତକ ଗୁଡ଼ିକର ଆଲୋଚନା କଲାବେଳେ ସେ ନିର୍ଦ୍ଦିଷ୍ଟ ପଦ୍ଧତି ମଧ୍ୟ ଅନୁସରଣ କରିନାହାନ୍ତି । ତାଙ୍କ ଜୀବନ-କାଳରେ ସାହିତ୍ୟର କୌଣସି ଅଙ୍ଗ ଏଥିର କାରଣ ହୋଇନାହିଁ । ଊନବିଂଶ ବଙ୍ଗଳା ସାହିତ୍ୟରେ ଈଶ୍ୱର ଚନ୍ଦ୍ର ଗୁପ୍ତ, ଦ୍ୱିଜେନ୍ଦ୍ରଲାଲ ସିଂହ ଓ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ପ୍ରମୁଖ ସାହିତ୍ୟ-ଆଲୋଚନାର ସେହି ପରମ୍ପରା ସୃଷ୍ଟି କରିଥିଲେ ଓ ସମକାଳୀନ ବଙ୍ଗଳା ସାମୟିକ ପତ୍ର ଗୁଡ଼ିକରେ ସାହିତ୍ୟ-ଚର୍ଚ୍ଚାର ବୈପ୍ଳବିକ ପରିବର୍ତ୍ତନ ହୋଇଥିଲା, ତାହାର ସମକାଳୀନ ଅନ୍ୟ ଓଡ଼ିଆ ବୁଦ୍ଧିଜୀବୀ ଓ ପତ୍ରିକା-ସମ୍ପାଦକଙ୍କ ଭଳି ସେ ସବୁ ସମ୍ପର୍କରେ ଗୌରୀଶଙ୍କର ମଧ୍ୟ ଅବଗତ ଥିଲେ । କିନ୍ତୁ ସମସାମୟିକ ଓଡ଼ିଆ ପତ୍ରିକାର ସମ୍ପାଦକଙ୍କ ତୁଳନାରେ ତାଙ୍କ ପୁସ୍ତକ ସମୀକ୍ଷା ଗୁଡ଼ିକ ଯେ ଅଧିକ ସନ୍ତୁଳିତ ଓ ତାଙ୍କର ସାହିତ୍ୟ-ଦୃଷ୍ଟି ଅଧିକ ସ୍ୱଚ୍ଛ ଥିଲା — ଏହା ତୁଳନାମୂଳକ ଦୃଷ୍ଟିରେ ଆଲୋଚନା କଲେ ସ୍ପଷ୍ଟ ହୁଏ । (୪୦) ସାହିତ୍ୟ ତତ୍ତ୍ୱ ସମ୍ପର୍କରେ ଅବଗତ ଥିଲେ, ଆପଣା ଜୀବନ-କାଳରେ ସାହିତ୍ୟ ଚର୍ଚ୍ଚା ପାଇଁ ବିଶେଷ ସ୍ଥାନ ଥିବା ସତ୍ତ୍ୱେ ଗୌରୀଶଙ୍କର ଓଡ଼ିଆ ସାହିତ୍ୟ-ଚର୍ଚ୍ଚାର ରୀତି କେବଳ ସ୍ଥାପନ କରିପାରି ନାହାନ୍ତି, ତଥା କବିତାର ଶେଷ ଦୁଇଟି ବର୍ଷରେ ଓଡ଼ିଆ ସାହିତ୍ୟ ସମାଲୋଚନା କେନ୍ଦ୍ରରୁ ମଧ୍ୟ ଦେଇଛନ୍ତି । ସମଧୁର ପ୍ରବନ୍ଧରେ ସେଇ କେତେକ ଦୃଷ୍ଟି ମିଳନ ପଡ଼ନ୍ତି ।

ପ୍ରାନ୍ତଟୀକା :—

୧) ଉତ୍କଳ ଦୀପିକା, ୩୨।୪୩ (୨୮-୧୦-୧୮୯୭) ପୃ ୩୪୩
୨) ଐ ୩୧।୨୬ (୨୭-୬-୧୮୯୬) ପୃ ୨୦୭ ।
୩) ଅଭିଭାଷଣ (ପ ସଦାଶିବ ବାଣୀଧର ମହାନ୍ତି) ପୁସ୍ତିକା-୧୦, କଟକ ଷ୍ଟୁଡେଣ୍ଟସ ଷ୍ଟୋର୍ କଟକ, ୧୯୬୮ ଦ୍ୱିତୀୟ ସଂସ୍କରଣ, ଶ୍ରୀଯୁକ୍ତ ମହାନ୍ତି ଗୌରୀଶଙ୍କରଙ୍କ ଜନ୍ମର ସମୟ ଦେଇଛନ୍ତି '୧୮୩୮-୧୯୧୭' (ପୃ ୧୫) । ମୃତ୍ୟୁଞ୍ଜୟ ରଥ ତାଙ୍କୁ ଲେଖାରେ ସମୟ ଦେଇଛନ୍ତି ୬-୧-୧୯୧୭ (ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ, ପୃ ୩୫୪) । ଏହି କାରଣ ତଳକୁ ମୃତ୍ୟୁଞ୍ଜୟଙ୍କ ପ୍ରଦତ୍ତ ସମୟ ହିଁ ଠିକ । (ଜୀବନୀ, ... — ଓଡ଼ିଆ ସାହିତ୍ୟରେ ସମୀକ୍ଷା ଓ ସନ୍ଧାନ, ପୃ ୨୮୦, ଭୁବନେଶ୍ୱର, ୧୯୭୭) ।
୪) ଉତ୍କଳ ଦୀପିକା ୧୪।୨୭ (୨୮-୬-୧୮୭୯) ପୃ ୧୦୧ ।
୫) ଐ ୧୩।୪ (୨୭-୧-୧୮୭୮) ପୃ ୧୬ ।
୬) ଐ ୪।୧୫ (୧୦-୪-୧୮୬୯) ଅତିରିକ୍ତ । ସେଦିନ ପତ୍ର କାଗଜରେ ପ୍ରକାଶିତ ହୋଇଥିବାରୁ ଏହା ଗୌରୀଶଙ୍କରଙ୍କର ରଚନା

ମତାମତ କୁହେଁ ବୋଲି ଯୁକ୍ତି ବଢ଼ାଇପାରେ । ଶୌରୀଶଙ୍କର ଜଣେ ଛଦ୍ମନାମରେ 'ସ୍ପଷ୍ଟ' ଶିରୋନାମାରେ ଲେଖୁଥିବା ଦୃଷ୍ଟାନ୍ତ ରହିଛି ଓ ସେଥିପାଇଁ ସେହି ବସ୍ତୁ-ସ୍ଥଳଗୁଡ଼ିକ ସମ୍ପୃକ୍ତ ହୋଇଥିବା ଜଣାଶୁଣା କଥା । ଭାଷା ଓ ବକ୍ତବ୍ୟର ସମଧର୍ମିତା ହେତୁ ଏଗୁଡ଼ିକୁ ଶୌରୀଶଙ୍କରଙ୍କର ମତାମତ ବୋଲି ଗ୍ରହଣ କରାଯାଇ-ପାରେ ।


୭) ଏଜ୍ଞ ୧୪।୩୭ (୧୩-୯-୧୮୭୯) ପୃ ୧୪୭ ।

୮) ଏଜ୍ଞ ୨୭।୨ (୯-୧-୧୮୯୨) ପୃ ୧୪ । ଏହା ଅଜଣା 'ସ୍ୱେଚ୍ଛ ପତ୍ର' ଶିରୋନାମାରେ ଜଣେ ପାଠକର ମତାମତ ରୂପେ ପ୍ରକାଶିତ ।

୯) (i) Long, Rev. J.—Notes and Querries Suggested by a visit to Orissa in January, 1859—Journal of Asiatic Society of Bengal, vol. xxviii, No -3

(ii) ବେଙ୍ଗଲ ଗ୍ରନ୍ଥାବଳୀ- ପୃ-୧୦୪-୧୧, ଭକ୍ତ ବୋର୍ଡ଼ସ୍ ଆଣ୍ଡ ସନ୍ସ; କଲକତା, ୧୯୭୪ ।

୧୦) ସେନଗୁପ୍ତ, ସୁବୋଧଚନ୍ଦ୍ର- ବାଂଲା ସମାଲୋଚନା ଅବଧ୍ୟ ପୃ ୫୦-୬୫, ଏ. ମୁଖାର୍ଜି ଆଣ୍ଡ କୋମ୍ପାନି ପ୍ରାଇଭେଟ ଲିମିଟେଡ, କଲକତା, ୧୯୬୦

୧୧) ସାମନ୍ତରାୟ, ନଟବର—ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦), ପୃ ୪୮୮, ଭୁବନେଶ୍ୱର, ୧୯୮୩ ।

୧୨) ଏଜ୍ଞ, ପୃ ୪୮୯ ।

୧୩) ଉତ୍କଳ ଦୀପିକା, ୨।୯ (୨-୩-୧୮୬୭) ପୃ ୩୫ ।

୧୪) ମହାନ୍ତି, ବଂଶୀଧର—ଅବ ସମାଲୋଚନା ଓ ସମୀକ୍ଷକ; ସାହିତ୍ୟପଥ (୧୯୮୦) ପୃ ୭, ଓଡ଼ିଆ ସାହିତ୍ୟ ସଂସଦ, ରେଭେନ୍ସା କଲେଜ, କଟକ,

୧୫) ଉତ୍କଳ ଦୀପିକା ୪।୭ (୧୩-୨-୧୮୬୯) ପୃ-୨୮ ।

୧୬) ସାମନ୍ତରାୟ, ନଟବର—ପୂର୍ବୋକ୍ତ, ପୃ ୫୬୫-୬୬ ।

୧୭) ଉତ୍କଳ ଦୀପିକା ୪।୧୫ (୧୦-୪-୧୮୬୯) ଉଦ୍ଧୃତ । ସ୍ୱେଚ୍ଛ ପତ୍ର ଆକାରରେ ଲିଖିତ ।

୧୮) ଏଜ୍ଞ ୧୨।୪୩ (୩-୧୧-୧୮୭୭) ପୃ—୧୭୧ ।

୧୯) ଏଜ୍ଞ ୨୭।୪୦ (୩-୧୦-୧୮୯୧) ପୃ—୩୧୭-୧୭ ।

୨୦) Said, E.W.—The World, The Text and the Critic p. 1-2, faber & faber, London, 1984.

୨୧) ଉତ୍କଳ ଦୀପିକା ୪।୨୦ (୧୫-୫-୧୮୬୯) ପୃ ୭୯ ।

୨୨) ଏଜ୍ଞ ୧୩।୧୦ (୯-୩-୧୮୭୮) ପୃ ୩୮ ।

୨୩) ଏଜ୍ଞ ୧୦।୪ (୨୩-୧-୧୮୭୫) ପୃ ୧୩ ।

୨୪) ଏଜ୍ଞ ୧୦।୫ (୩୦-୧-୧୮୭୫) ପୃ ୧୯ ।

୨୫) ଏଜ୍ଞ ୧୦।୪୭ (୨୮-୧୧-୧୮୭୫) ପୃ ୧୮୩ ।

୨୬) ଐ ୧୧।୪୩ (୨୮-୧୦-୧୮୭୭) ପୃ ୧୬୯ ।

୨୭) ଐ ୧।୩୪ (୨୬-୧-୧୮୭୮) ପୃ ୧୪-୧୫ ।

୨୮) ଐ ୧୨।୩୯ (୨୯-୯-୧୮୭୭) ପୃ ୧୫୫ ।

୨୯) ଐ ୩୦।୪ (୨୬-୧-୧୮୯୫) ପୃ ୨୭-୨୮ ।

୩୦) ଐ ୨୧।୧୦ (୬-୩-୧୮୮୬) ପୃ ୭୭ ।

୩୧) ଅଲ୍ପିଅ—ପୃ ୧୨ ।

୩୨) Anderson, Benedict - Imagined Communities : Reflections on the Origin and Spread of Nationalism, P. 15, Verso, London, 1983.

୩୩) Gramsci, Antonio—Selections - from Prison, Note-books (edited & translated by Q. Hoare and G. N. Smith) P. 418, Lawrence and Wishart, London, 1971

୩୪) ଉତ୍କଳ ଦୀପିକା ୧।୫ (୧-୯ ୧୮୬୬) ପୃ ୧୯ ଓ ୧।୧୨ (୨୦-୧୦-୧୮୬୬) ପୃ ୪୬-୪୭ ।

୩୫) ଐ ୨।୨ (୧୨-୧-୧୮୬୭) ଅନେଷ୍ଟ ।

୩୬) Banerjee, S.—Bogey of the Bawdy—Economic and Political Weekly, vol. XXII no. 29 p. 1204 5, July 18, 1987.

୩୭) ଉତ୍କଳ ଦୀପିକା ୨୦।୩୦ (୨୫-୭-୧୮୮୫) ପୃ ୨୩୪ ।

୩୮) ଐ ୨୦।୯ (୧-୩-୧୮୮୫) ପୃ ୬୭ ।

୩୯) ଐ ୭।୩ (୨୧-୧-୧୮୭୧) ପୃ ୧୦-୧୧ ।

୪୦) ଦେବବ୍ରତ –ପଟ୍ଟନାୟକ : ସମକାଳୀନ ଚଳନ୍ତିକ: ପ୍ରଥମ ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ (ସ ଶ୍ରୀଚରଣ ମହାନ୍ତି) ପୃ ୨-୧୦; ସ୍ତବକ ଉତ୍କଳ ସଂଘ, ଭୁବନେଶ୍ୱର, ୧୯୮୯ ।

# ଊନବିଂଶ ଶତକର ପୁସ୍ତକ ପ୍ରକାଶନ ଓ ଗୌରୀଶଙ୍କର

ଡ. ଜାନକୀ ବଲ୍ଲଭ ମହାନ୍ତି (ଭଦ୍ରାକ)

ମୁଦ୍ରଣ ଯନ୍ତ୍ରର ପ୍ରତିଷ୍ଠା ସହ ଓଡ଼ିଶାରେ ପୁନର୍ଜାଗରଣର ଧାରା ପ୍ରବାହିତ ହେବାକୁ ଲାଗିଲା । ଏହା ପୁନର୍ଜାଗରଣ ପ୍ରବାହକୁ ତ୍ୱରାନ୍ୱିତ କରିଥିଲା । ମୁଦ୍ରଣ ଯନ୍ତ୍ର ସ୍ଥାପନା ଫଳରେ ଜନସାଧାରଣଙ୍କ ପକ୍ଷେ ବିଦେଶର ଜ୍ଞାନ ଓ ବ୍ୟକ୍ତିମାନଙ୍କୁ ତଥା ଚିନ୍ତାଧାରାକୁ ଜାଣିବା ସମ୍ଭବ ହୋଇଥିଲା । ଓଡ଼ିଶାରେ ଶିକ୍ଷା ପ୍ରସାର ତଥା ଖ୍ରୀଷ୍ଟ ଧର୍ମର ପ୍ରଚାର ଲାଗି ଖ୍ରୀଷ୍ଟୀୟ ମିଶନାରୀମାନେ ସର୍ବାଦୌ ଉଦ୍ୟମ କରିଥିଲେ । କଲିକତା ନିକଟବର୍ତ୍ତୀ ଶ୍ରୀରାମପୁର ଥିଲା ପୂର୍ବାଞ୍ଚଳୀୟ ଖ୍ରୀଷ୍ଟଧର୍ମ ପ୍ରଚାରର ପ୍ରଧାନ କେନ୍ଦ୍ର । ଏହି ମିଶନାରୀମାନଙ୍କ ଉଦ୍ୟମରେ ହିଁ ଓଡ଼ିଆରେ ସର୍ବାଦୌ (୧୮୦୭) ପୁସ୍ତକ ପ୍ରକାଶ ପାଇଥିଲା ଶ୍ରୀରାମପୁରରୁ ।

୧୮୩୬-୩୭ ମସିହାରେ ମିଶନାରୀମାନଙ୍କ ଉଦ୍ୟମ ଫଳରେ ଓଡ଼ିଶାର ପ୍ରଥମ ମୁଦ୍ରଣ ଯନ୍ତ୍ର 'ମିଶନ ପ୍ରେସ୍' କଟକରେ ସ୍ଥାପିତ ହୋଇଥିଲା । ଏଠାରୁ ମଧ୍ୟ ସେମାନେ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ପୁସ୍ତକ ଓ ପତ୍ରିକା ପ୍ରକାଶନରେ ବ୍ରତୀ ହୋଇଥିଲେ । ତଥାପି କେବଳ ପାଠ୍ୟ ପୁସ୍ତକ ଓ ଓଡ଼ିଆରେ ଅଭିଧାନ ଓ ଓଡ଼ିଆ ବ୍ୟାକରଣ ପ୍ରଣୟନ କ୍ଷେତ୍ରରେ ମଧ୍ୟ ସେମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ବସ୍ତୁତଃ ଉକ୍ତ ଶତାବ୍ଦୀର ପ୍ରଥମାର୍ଦ୍ଧ ଓଡ଼ିଶାବାସୀଙ୍କ ପକ୍ଷେ ଥିଲା ଏକ ଉଦ୍ୟମହୀନ, ଅବସାଦ ଗ୍ରସ୍ତ ଜଡ଼ତ୍ୱର ସମୟ ।

ମିଶନ୍ ପ୍ରେସ୍ ପ୍ରତିଷ୍ଠାର ପ୍ରାୟ ତିରିଶ ବର୍ଷ ପରେ (୧୮୬୬) ଓଡ଼ିଆମାନଙ୍କ ଉଦ୍ୟମରେ ପ୍ରେସ ସ୍ଥାପନା, ପୁସ୍ତକ ଓ ପତ୍ରିକା ପ୍ରକାଶନର ଶୁଭାରମ୍ଭ ହୋଇଥିଲା । ଗଠିତ ହୋଇଥିଲା କଟକ ପ୍ରିଣ୍ଟିଂ କମ୍ପାନୀ । ଏହି କ୍ଷେତ୍ରରେ ଗୌରୀଶଙ୍କରଙ୍କ ସାଧନା ଓ ସିଦ୍ଧି ଅବିସ୍ମରଣୀୟ । ଗୌରୀଶଙ୍କର ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ଜାତୀୟ ଜୀବନର ଅଗ୍ରଦୂତ । ଏହି ଓଡ଼ିଆ ସାହିତ୍ୟର ମହତ୍ତ୍ୱ ପ୍ରଦର୍ଶନ ଉଦ୍ଦେଶ୍ୟରେ ସେ ଓଡ଼ିଆ ସାହିତ୍ୟର ମହାନ କାବ୍ୟ କବିତା ପୁସ୍ତକ ଖୋଜିବା ଉଦ୍ଧାର କରି ତାହାକୁ ମୁଦ୍ରଣ କରିବାରେ ମନୋନିବେଶ କରିଥିଲେ । ଏହି କାର୍ଯ୍ୟରେ ତାଙ୍କର ସହାୟକ ଥିଲେ ବନମାଳୀ ସିଂହ ଓ କପିଳେଶ୍ୱର ବିଦ୍ୟାଭୂଷଣ । ହେଲେ ବି ଗୌରୀଶଙ୍କରଙ୍କ ମୁଦ୍ରଣ ପ୍ରତିଷ୍ଠାନ କଟକ ପ୍ରିଣ୍ଟିଂ କମ୍ପାନୀ ଥିଲା ଏକ ଅଗ୍ରଗାମୀ ଅନୁଷ୍ଠାନ । 'ଉତ୍କଳ ଦୀପିକା' ସାପ୍ତାହିକ ପତ୍ରିକା ପ୍ରକାଶନ ବ୍ୟତୀତ ଏହି ମୁଦ୍ରଣାଳୟରେ ଅନ୍ୟ ଲେଖକଙ୍କ ରଚିତ ଅଥବା ସଙ୍କଳିତ ପୁସ୍ତକ ମଧ୍ୟ ମୁଦ୍ରିତ ହେଉଥିଲା ।

କଟକ ପ୍ରିଣ୍ଟିଂ କମ୍ପାନୀର ପ୍ରଥମ ମୁଦ୍ରଣ କାର୍ଯ୍ୟ ୧୮୬୭ ମସିହାରୁ ଆରମ୍ଭ ହୋଇଥିବା ଜଣାଯାଏ । ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ, ଜଗନ୍ନାଥ ଦାସଙ୍କ ଭାଗବତ, ସାମନ୍ତ ଚନ୍ଦ୍ରଶେଖରଙ୍କ ପାଞ୍ଜି ପ୍ରଭୃତି ମୁଦ୍ରିତ ହେବାରୁ ଜନସାଧାରଣଙ୍କ ପକ୍ଷେ ପୋଥି ଅପେକ୍ଷା ଏହି ଗ୍ରନ୍ଥ ସମୂହ ସହଜଲଭ୍ୟ ହୋଇ ପାରିଲା । କଟକ ପ୍ରିଣ୍ଟିଂ କମ୍ପାନୀ ମଧ୍ୟ ବେଶ୍ ଲାଭବାନ ହୋଇ ପାରିଥିଲା । ଏହି ଯୌଥ କମ୍ପାନୀର ସଫଳତାରେ ଅନୁପ୍ରାଣିତ ହୋଇ କଟକ, ବାଲେଶ୍ୱର, ପୁରୀ, ମୟୂରଭଞ୍ଜ, ବାମଣ୍ଡା ପ୍ରଭୃତି ସ୍ଥାନରେ ମଧ୍ୟ ମୁଦ୍ରଣ ଯନ୍ତ୍ର ସ୍ଥାପିତ ହୋଇଥିଲା । ଗତ ଶତାବ୍ଦୀର ଶେଷ ତିରିଶ ବର୍ଷ ମଧ୍ୟରେ ଏହିପରି କେତେଗୁଡ଼ିଏ ମୁଦ୍ରଣ ଅନୁଷ୍ଠାନ ଓଡ଼ିଶାର ବିଭିନ୍ନାଞ୍ଚଳରେ ସ୍ଥାପିତ ହୋଇଥିଲା ସେମାନଙ୍କ ମଧ୍ୟରୁ ଫକୀର ମୋହନଙ୍କ ଦ୍ୱାରା ବାଲେଶ୍ୱରରେ ପ୍ରତିଷ୍ଠିତ ଉତ୍କଳ ପ୍ରିଣ୍ଟିଂ କମ୍ପାନୀ (୧୮୬୮), ବୈକୁଣ୍ଠ ନାଥ ଦେଙ୍କ ପ୍ରତିଷ୍ଠିତ ଉତ୍କଳ ପ୍ରିଣ୍ଟିଂ ପ୍ରେସ୍, (୧୮୭୩) କଟକର ପେଟ୍ରିଅଟ ପ୍ରେସ (୧୮୭୩), ମୟୂରଭଞ୍ଜ ପ୍ରେସ (୧୮୭୯), ବାଲେଶ୍ୱରର ଦାସ ପ୍ରେସ, (୧୮୮୨), ବାମଣ୍ଡାର ଜଗନ୍ନାଥ ବଲ୍ଲଭ ପ୍ରେସ (୧୮୮୪), କଟକର ଭିକ୍ଟୋରିଆ ପ୍ରେସ (୧୮୮୪), ବାମଣ୍ଡାର ସୁଚିଲ ପ୍ରେସ (୧୮୮୬), କଟକର ଅରୁଣୋଦୟ ପ୍ରେସ (୧୮୯୩), ସତ୍ୟ ପ୍ରେସ (୧୮୯୪), ଦର୍ପଣରକ ପ୍ରେସ (୧୮୯୬) ଓ ଉତ୍କଳ ସାହିତ୍ୟ ପ୍ରେସ (୧୮୯୬)ର ନାମ ଉଲ୍ଲେଖଯୋଗ୍ୟ । ଏହି ସବୁ ମୁଦ୍ରଣାଳୟରୁ କେତେକ ପୁସ୍ତକ ପ୍ରକାଶିତ ହୋଇଥିଲେ ମଧ୍ୟ ଏହି ଅନୁଷ୍ଠାନ ମଧ୍ୟରୁ କୌଣସିଟି ସର୍ବସ୍ଥାୟୀ ହୋଇ ପାରି ନ ଥିଲେ ଅଥବା କଟକ ପ୍ରିଣ୍ଟିଂ କମ୍ପାନୀ ସହ ପ୍ରତିଦ୍ୱନ୍ଦୀ ହୋଇପାରି ନ ଥିଲେ ।

ଗୌରୀଶଙ୍କର କମ୍ପାନୀର ପ୍ରଥମ ମୁଦ୍ରଣ କାର୍ଯ୍ୟ ୧୯୧୮ ପର୍ଯ୍ୟନ୍ତ ଅବ୍ୟାହତ ରହିଥିବା ଜଣାଯାଏ । କ୍ରମେ ଏହି କ୍ଷେତ୍ରରେ ଶିଥିଳତା ଦେଖା ଦେଇଥିଲା ଓ କାଳକ୍ରମେ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ମାତ୍ର ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରସାରର ସୁବିଧା ନିମନ୍ତେ ହିଁ ପ୍ରିଣ୍ଟିଂ କମ୍ପାନୀ ମୁଖ୍ୟତଃ ସ୍ଥାପିତ କରାଯାଇଥିଲା । ଏ ସମ୍ପର୍କରେ ଗୌରୀଶଙ୍କରଙ୍କ ସ୍ୱୀକାରୋକ୍ତି ପ୍ରଣିଧାନ ଯୋଗ୍ୟ (୧) । "ସେତେବେଳେ ଜଗନ୍ନାଥ ଦାସଙ୍କ ଠାରୁ ବୈଦେହୀଶ ବିଳାସ ପ୍ରଣେତାର ପୁଣି ଏକ ପଦ ଅର୍ଥ ସହିତ ଶୁଣି ସେ ବହିକୁ ମନ ଧାଇଁଲା ଏବଂ ସେତେବେଳେ ଜଣ ଅତି ପ୍ରିୟବନ୍ଧୁ ଯଥା ସ୍ୱର୍ଗୀୟ ବନମାଳୀ ସିଂହ, ରାଧାମୋହନ ପଟ୍ଟନାୟକ, ଜଗମୋହନ ଲାଲ, ଶ୍ୟାମମୋହନ ସେନ ଆଦି ମିଶି ଜଣ୍ୟ ପାଠଚକ୍ରେ ଅନ୍ତତଃ ଏକ ଘଣ୍ଟା ପ୍ରେମ ସୁଧାନିଧି, ଲାବଣ୍ୟବତୀ ପ୍ରଭୃତି ପାଠ କରି ଉତ୍କଳ ସାହିତ୍ୟର ସ୍ୱାଦ ପାଇଲୁ ଏବଂ ସେହି ପୁସ୍ତକର ସୁବିଧା ନିମନ୍ତେ ଛାପାଖାନାର ଅଭାବ ବିଶେଷ ରୂପେ ଅନୁଭୂତ ହେଲା । ଅଳ୍ପ ଦିନ ପରେ ଈଶ୍ୱରଙ୍କ ଅପାର ମଙ୍ଗଳ ବିଧାନରେ କଟକ ପ୍ରିଣ୍ଟିଂ କୋମ୍ପାନୀ ମୁଦ୍ରାଯନ୍ତ୍ରାଳୟ ଏ ନଗରରେ ପ୍ରତିଷ୍ଠିତ ହେଲା । ସେହିଦିନୁ ଉତ୍କଳ ସାହିତ୍ୟ ବାନ୍ଧବଗଣଙ୍କ ପରିଶ୍ରମ ଓ ଯତ୍ନ ଦ୍ୱାରା ପ୍ରାଚୀନ ଉତ୍କଳ ପୁସ୍ତକମାନ କ୍ରମେ ଯେପରି

୧) ଉତ୍କଳ ସାହିତ୍ୟ ସମାଜର ୮ଶ ବାର୍ଷିକ ଉତ୍ସବ ଉପଲକ୍ଷେ (୧୯୧୬) ପ୍ରବନ୍ଧ ।

ପ୍ରକାଶିତ ହୋଇଥିଲା, ତାହା ଅନେକଙ୍କୁ ଜଣାଅଛି । × × × ଆଜିକାଲି ଧରଣର ମୁଦ୍ରାଙ୍କିତ ପୁସ୍ତକ ଅପେକ୍ଷା ସେ ସମସ୍ତର (ପ୍ରାଚୀନ ସାହିତ୍ୟର) ଅଧିକ ଆଦର ତାହା ପ୍ରତ୍ୟକ୍ଷ ଦେଖାଇ ଦେଉଅଛି ।"

ଗୌରୀଶଙ୍କରଙ୍କ ଉତ୍କଳ ପ୍ରିଣ୍ଟିଂ କମ୍ପାନୀ ସଂଲଗ୍ନ ପୁସ୍ତକ ଦୋକାନ ସମ୍ପର୍କରେ ଏହି ଅଭିମତ ଦେଇ ଲେଖିଥିଲେ—"ଏହି ସମୟରେ ଛାପାଖାନାର ମୁଦ୍ରିତ ପୁସ୍ତକ ସଂଖ୍ୟା ବୃଦ୍ଧି ଲାଭ କରିବାରୁ ପାଠକମାନଙ୍କର ସୁବିଧା ନିମନ୍ତେ ଏଥି ସଂଲଗ୍ନ ଗୋଟିଏ ପୁସ୍ତକ ଦୋକାନ ଖୋଲିଲା । ଦୋକାନ ଖୋଲିବା କୋମ୍ପାନୀଙ୍କ ଉଦ୍ଦେଶ୍ୟ ନ ଥିଲେ ହେଁ ଗୌରୀଶଙ୍କରଙ୍କ ଏକାନ୍ତ ଯତ୍ନ ଫଳରେ ସେହି ଦୋକାନ ଦ୍ୱାରା କମ୍ପାନୀ ଯଥେଷ୍ଟ ଲାଭବାନ ହୋଇଥିଲେ । × × × ଖ୍ରୀ୧୯୧୫ରେ ତାଙ୍କର ଏହି ଛାପାଖାନା ସମ୍ପର୍କ ପରିତ୍ୟାଗ କରିବା ପର୍ଯ୍ୟନ୍ତ କଟକର ସମସ୍ତ ପୁସ୍ତକ ଦୋକାନ ମଧ୍ୟରେ ଏହି ଦୋକାନ ଶ୍ରେଷ୍ଠତାରେ ଅଗ୍ରସ୍ଥାନ ଲାଭ କରିଥିଲା (୧) ।

ଗୌରୀଶଙ୍କରଙ୍କ ପ୍ରାଚୀନ ସାହିତ୍ୟର ମୁଦ୍ରଣ ସମ୍ପର୍କରେ ମତ ବ୍ୟକ୍ତ କରି ଲକ୍ଷ୍ମୀ-ନରେନ୍ଦ୍ର କୁମାର ଲେଖିଛନ୍ତି : "ସଙ୍ଗୀତ ଓ ପ୍ରାଚୀନ ଛନ୍ଦ ଆଦି ଗ୍ରନ୍ଥ ଉତ୍କଳୀୟ ଆଗ୍ରହ ଯୋଗୁଁ ସେ ସବୁ ପୁରୁଣା ଓଡ଼ିଆ ପୋଥିମାନ ସଂଗ୍ରହ କରି ପଣ୍ଡିତମାନଙ୍କୁ ଲଗାଇ ଶୁଦ୍ଧିର ଶୁଦ୍ଧ ସଂସ୍କରଣମାନ ପ୍ରସ୍ତୁତ କରିବାକୁ ପ୍ରଥମେ ପ୍ରକାଶିତ । କମ୍ପାନୀ ଗୋଟିଏ ମଧ୍ୟ ଚଳିଥିଲେ" (୨) । ତହିଁରୁ ଜଣାପଡ଼େ, ଗୌରୀଶଙ୍କରଙ୍କ ପ୍ରତିଷ୍ଠିତ 'ଉତ୍କଳ ସାହିତ୍ୟ ଦର୍ପଣ' ଶୀର୍ଷ ପ୍ରଚେଷ୍ଟାରେ ପୁସ୍ତକ ପ୍ରକାଶିକା କମ୍ପାନୀ ଓଡ଼ିଆ ଭାଗବତ, ରାମାୟଣ, ଓ ମହାଭାରତ ପ୍ରଭୃତି ମୁଦ୍ରଣ କରି ଯଥେଷ୍ଟ ଲାଭବାନ ହୋଇ ପାରିଥିଲେ ।

ଓଡ଼ିଆ ସାମ୍ବାଦିକତାର ଅଗ୍ରଦୂତ, ଯୋଗଜନ୍ମା ଗୌରୀଶଙ୍କରଙ୍କ ଉଦ୍ୟମର ଉଦ୍ୟମ ଫଳରେ ପ୍ରାଚୀନ ଓଡ଼ିଆ ସାହିତ୍ୟର ବହୁ ଅମୂଲ୍ୟ ପାଣ୍ଡୁଲିପି ଲୋକ ଲୋଚନକୁ ଆସିପାରି ଥିବାରୁ ତାହାଙ୍କ ନିକଟରେ ଓଡ଼ିଶା ଚିରକୃତଜ୍ଞ । ଶତାଧିକ ବର୍ଷ ପରେ ଏଣୁ ଆମେ ତାଙ୍କୁ ପରମ ଶ୍ରଦ୍ଧା ଓ କୃତଜ୍ଞତାର ସହିତ ସ୍ମରଣ କରୁଛୁ । ଉତ୍କଳ ଶତାବ୍ଦୀରେ କଟକ ପ୍ରିଣ୍ଟିଂ କମ୍ପାନୀ ପକ୍ଷରୁ ପ୍ରକାଶିତ ପୁସ୍ତକ ମାନଙ୍କର ଏକ କାଳାନୁକ୍ରମିକ ବିବରଣୀ ଏଠା ଦିଆ ଯାଉଛି । ଏହି ବିବରଣୀ ସର୍ବ-ତୋଭାବେ ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ । ଭବିଷ୍ୟତରେ ଏହାକୁ ସଂଯୋଗ କରିବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ଅନୁସନ୍ଧାନଙ୍କ ଦ୍ୱାରା ଏହା ପୂର୍ଣ୍ଣାଙ୍ଗ ହେବାର ଆଶା କରୁଛୁ ।

୧୮୭୭ — ପ୍ରେମ ସୁଧାନିଧି — ଉପେନ୍ଦ୍ର ଭଞ୍ଜ

୧୮୭୭ — ରସପଞ୍ଚକ; ସମ୍ପାଦନା — ବନମାଳୀ ସିଂହଙ୍କ ଦ୍ୱାରା

---

୧) କର୍ମଯୋଗୀ ଗୌରୀଶଙ୍କର - ମୃତ୍ୟୁଞ୍ଜୟ ରଥ ପୃ-୨୭ ।

୨) କର୍ମୀ ଗୌରୀଶଙ୍କର-ପୃ ୧୭ ।

ସାମନ୍ତ ଶାନ୍ତି — ଚନ୍ଦ୍ରଶେଖର ସିଂହ

୧୮୬୮ — ଗୋପୀନାଥ ବଲ୍ଲଭ ନାଟକ — ରଘୁନାଥ ପରିଚ୍ଛା

ଅନନ୍ତ ବ୍ରତ — କପିଳେଶ୍ୱର ବିଦ୍ୟାଭୂଷଣ

ଭ୍ରମ ଭଞ୍ଜନ (ନାଟକ) ଜଗନ୍ମୋହନ ଲାଲ

କୃଷ୍ଣସିଂହ ମହାଭାରତ

୧୮୭୦ – ଲାବଣ୍ୟବତୀ — ଭଞ୍ଜ; ସମ୍ପାଦନା ବନମାଳୀ ସିଂହଦେବ । (ଟୀକା ପୂର୍ଣ୍ଣ ସହିତ)

ପ୍ରେମ ସୁଧାନିଧି ,, ,, ,,

ଭୂଗୋଳତତ୍ତ୍ୱ ବା ପ୍ରାକୃତ ଭୂଗୋଳ — ୧ମ — ଗୌରୀଶଙ୍କର ରାୟ

୧୮୭୧ — ଅର୍ଣ୍ଣି ଧ୍ୱଂସନ — ସ୍ୱର୍ଗୀୟ ପାଠିଆ

ସତ୍ୟେଶ୍ୱର — ଗୋବିନ୍ଦ ରଥ

୧୮୭୩ — ଭଜଙ୍ଗ ଗାଥା — ଗୁଣଦେବ ଦାସ

ବର୍ଣ୍ଣଶିକ୍ଷା — କପିଳେଶ୍ୱର ବିଦ୍ୟାଭୂଷଣ

ଶ୍ଳୋକ ରତ୍ନାବଳୀ

ଶ୍ରୀମଦ୍ଭାଗବତ — ଜଗନ୍ନାଥ ଦାସ

ଭାରତ ବର୍ଣ୍ଣନା — ପ୍ରଭାକର ବିଦ୍ୟାମଣି

୧୮୭୪ — ବୋଧେ ଚନ୍ଦ୍ରମଣି — ସମ୍ପାଦକ — ଗୌରୀଶଙ୍କର ଓ ଭଗବାନଙ୍କ ରାୟ

୧୮୭୬ — ଅର୍ଣ୍ଣି ଧ୍ୱଂସନ — ନିତ୍ୟାନନ୍ଦ ଦାସ

ନୈବେଦ୍ୟଣ ବିଳାସ — ଯଦୁ ଭଞ୍ଜ

କନ୍ଦୋଳ ରମ୍ଭା — ଅର୍ଜ୍ଜୁନ ନାୟକ

ସୁକ୍ଷମତ ଗୌତିଣା — ମଧୁସୂଦନ ରାଓ

ଭାରତ ଭଗବତା — ଅର୍ଜ୍ଜୁନ ନାୟକ

ପଦ୍ୟ ମଞ୍ଜରୀ — ଗୋବିନ୍ଦ ରଥ

ବାବାଜୀ — ଜଗନ୍ମୋହନ ଲାଲ

ଓଡ଼ିଶା ଚନ୍ଦ୍ରୁ — (ଅନୁବାଦ) ଜଗନ୍ମୋହନ ଲାଲ

ପ୍ରେମ ଚନ୍ଦ୍ରମଣି ଓ ବାଲକ ବୋଧିକା — ରଘୁନାଥ ସାହୁ

ଅଳଙ୍କାର ବୋଧ — ଯୋଗେନ୍ଦ୍ର ବକସି

୧୮୭୭ — ଚକ୍ରପଦାବନ୍ଧ – ଭଞ୍ଜ

ବସ୍ତ୍ର ହରଣ ସୁନାମ —

କୋଳାହଳ ଚନ୍ଦ୍ରଣା — ବଳରାମ ଦାସ

କୌଶଲ୍ୟା ସ୍ୱପନ ବର୍ଣ୍ଣନା

କମଳାକାନ୍ତ ବୋଧ — ରତ୍ନାକର

ନାଟ୍ୟକଳା ପାନକୃଷ୍ଣ

୧୮୭୯—ସୁପଦଭଞ୍ଜନ ଚଉତିଶା—ଭଗୀରଥ ମିଶ୍ର

୧୮୮୦—ରତ୍ନାକର ଗର୍ଭ—ଜଗଦ୍ଧନୀ ବଳଦେବ
ଗୀତ ସୁଧାବିନ୍ଦୁ—ଗୋବିନ୍ଦ ରଥ
ମହିମ୍ନ ସ୍ତୋତ୍ର—ଯୋଗେନ୍ଦ୍ର ବକ୍ସି
ବୈଦେହୀଶ ଚଉତିଶା— ,,

୧୮୮୧—ଭଞ୍ଜପୋଥି—
ସା ଚଉତିଶା ଓ ନାମପୋଇ ଟୀକା
ଗଡ଼ ମହିମା—ସ୍ୱପ୍ନ—ଗୋବିନ୍ଦ ରଥ

୧୮୮୨—ଗୌରହରି ଜଣାଣ—ପ୍ରହ୍ଲାଦ ଚୌଧୁରୀ
ମଧୁପ ଚଉତିଶା
ରାଜନୀତି ବନ୍ଧେଦ ଚଉତିଶା
ସଙ୍କୀର୍ତ୍ତନ ଗୀତ—ପଦ୍ମ—ଦାମୋଦର ବାନାର୍ଜୀ

୧୮୮୩—ଚୂଡ଼ାମଣି ଜଣାଣ (ଭାବ)—ବ୍ରଜନାଥ ସିଂହ
ବନମାଳି—ସୁମେରଙ୍ଗ ସିଂହ
ରାମକୃଷ୍ଣ ଚଉତିଶା
ଗୌରାଙ୍ଗ ଭୂଷଣ—ପଦ୍ମ—ଶ୍ରୀଧର ଦାସ
ପଦ୍ମା ଜଳାଦ—ଗୋବିନ୍ଦ ରଥ

୧୮୮୪—ଶ୍ୟାମ ସୁନ୍ଦର ଚଉତିଶା
ଶ୍ରୀଶ୍ୟାମ ବନମାଳା—ଗୋବିନ୍ଦ ରଥ
ବଳ୍ଲଭ ଚଉତିଶା—ବ୍ରଜନାଥ ସିଂହ
ମାନଭଞ୍ଜନ ଚଉତିଶା
ଶ୍ରୀରାଧିକା ଚଉତିଶା—ବ୍ରଜନାଥ ସିଂହ
ବନମାଳୀ ଚଉତିଶା— ,,
ସରଳ ବ୍ୟାକରଣ—ଜଗନ୍ନାଥ ସ୍ୱାଇଁ
ବାଲୁକେଶ୍ୱର ଜଣାଣ—ପଦ୍ମ-ମୋହନ ନାୟକ

୧୮୮୫—ଶ୍ରୀକୃଷ୍ଣ ଅବତାର
ରାଧାକୃଷ୍ଣ ଚଉତିଶା—ଗୋବିନ୍ଦ ପାଟିଆ
ରୂପମଞ୍ଜରୀ—ବ୍ରଜନାଥ ସିଂହ
ଗୋପୀ ବସ୍ତ୍ର— ,,

୧୮୮୬—କଂସ ମାରଣ ବୋଲି
ଚତୁର୍ଭୁଜ କଥା
ଶ୍ରୀଲୋଚନ ସୁଲୋଚନ ଓଷା

ନାଟସାର — ଭୁବନେଶ୍ୱର ବଡ଼ପଣ୍ଡା
ମଥୁରା ମଙ୍ଗଳ — ଶ୍ରୀଧର ସ୍ୱାଇଁ
ଧ୍ରୁବ ଭଜନ — ଜଗନ୍ମୋହନ ଲାଲ
୧୮୮୭ — ଲକ୍ଷ୍ମୀ ସହସ୍ରନାମ — ଦୟାନିଧି ମିଶ୍ର
ସୁକୁମାରୀ ଝିଅ ବା ଉପଦେଶ ବାକ୍ୟ — ଗୋବିନ୍ଦ ରଥ
ପ୍ରବନ୍ଧ ଚନ୍ଦ୍ରିକା — ଭୁଜବଳ ସିଂହ
ଅଲଙ୍କାର ବୋଧ - ୨ୟ ଖଣ୍ଡ — ଶ୍ରୀଧର ସ୍ୱାଇଁ
୧୮୮୮ — ବଦନଚନ୍ଦ୍ର ଓ ଗୋଲାପର ଉପଦେଶ — ଭଗବତ ଦାସ
ମହାଦେବଙ୍କ ଉପଦେଶ — ମଧୁସୂଦନ ରାଓ
ଜଗତ ଚିତ୍ର — ଦାମୋଦର ପଟ୍ଟନାୟକ
ନୈତିକ ଉପଦେଶ - ମଦନମୋହନ ପଟ୍ଟନାୟକ
୧୮୮୯ — ଅଭୟ ଉପଦେଶ — ଭଗବାନଚନ୍ଦ୍ର ଦାସ
ସଙ୍ଗୀତ ମାଳା — ୧ମ — ଦାମୋଦର ପଟ୍ଟନାୟକ
୧୮୯୦ — ବାଣୀ ସ୍ତୁତି ଚୌତିଶା —
ହଂସ ଦୂତ ଚୌତିଶା — ବିଶ୍ୱନାଥ ଦାସ
ସ୍ୱଦେଶ ସଙ୍ଗୀତ — ୨ୟ — ଅଭୟ କୁମାର ଘୋଷ
ମହିମା ସ୍ତବ — ସଦାଶିବ ଦାସ
ଅଭୟ ଧ୍ୱଂସନ — ଧନକୃଷ୍ଣ ଦାସ
ଶ୍ରାବଣ ଉପଦେଶ
୧୮୯୧ — ଗୁପ୍ତ ଲହରୀ — ୨ୟ
ଓଡ଼ିଆ ସଙ୍ଗୀତ ବା ନାଟକ ଗୀତ — ସମ୍ପାଦନା — ଗୌରୀଶଙ୍କର ରାୟ
ବ୍ରଜବିହାର — କୃପାସିନ୍ଧୁ ଦାସ
୧୮୯୨ — ଶ୍ରୀକୃଷ୍ଣ ବ୍ରତ କଥା — ୨ୟ — ଚନ୍ଦ୍ରଶେଖର ମିଶ୍ର
ଲକ୍ଷ୍ମୀ ବ୍ରତ ଓ ନାରାୟଣ ବ୍ରତ
ଶ୍ରୁତି ବେଦ ବା ଅନ୍ୟ କପିଳେଶ୍ୱର ବନ୍ଦ୍ୟୋପାଧ୍ୟାୟ
ସୁବର୍ଣ୍ଣ ଗୋବିନ୍ଦ ରଥ
ଦଧିବାମନ ସ୍ତବ — ଗୁଣବନ୍ତ ଦାସ
ସଙ୍ଗୀତକୁସୁମ — ସଦାଶିବ ମିଶ୍ର
ସଙ୍ଗୀତାର୍ଣ୍ଣବ - ୨ୟ — ପଦ୍ମନାଭ ସୁନ୍ଦର ଓ ଅନ୍ୟାନ୍ୟ
୧୮୯୩ — ଚିତ୍ରମାଳିକା — ବାମନ ଦ୍ୱିବେଦୀ
କପିଳେଶ୍ୱର ଭଗବାନ ଉପଦେଶ — କୃତ୍ତିବାସ
ଶ୍ରୀ ଗଣେଶ ସହସ୍ରନାମ
ସଙ୍ଗୀତ ସାଗର ୧ମ, ୨ୟ — ଦାମୋଦର ପଟ୍ଟନାୟକ
ଦଣ୍ଡ ବୋଧ — ନୃସିଂହ ଭ୍ରମରବର

ସୋମନାଥ ବ୍ରତକଥା — ଐ — ଶ୍ରୀଧର ସ୍ୱାଇଁ
ସୀତା ମାଙ୍କ ଅଗ୍ନି ସ୍ନାନ (ଗଦ୍ୟ) କୃଷ୍ଣମୋହନ ଦାସ
ରାମ ନାରାୟଣ ବ୍ରତକଥା — କପିଳେଶ୍ୱର ବିଦ୍ୟାଭୂଷଣ
ଅବଲା ଦୃଢ଼ତା — ଐ — ,,
ଅନନ୍ତ ବ୍ରତ କଥା — ,,
୧୮୯୪ — ପୁଷ୍ପମାଳା — ଫକୀରମୋହନ ସେନାପତି
ସୋମେଶ୍ୱର ଜଣାଣ ଚଉତିଶା
୧୮୯୫ — ସାଧ୍ୱୀ ରୋହିଣୀ — ବଳଦେବ ଦାସ
ଭକ୍ତି ମଞ୍ଜରୀ — ଗୋପାଳ ଚନ୍ଦ୍ର ଦାସ
କନ୍ଦର୍ପ ପରାଜୟ — ଐ — ଗୋବିନ୍ଦ ରଥ
କେଦାରନାଥ ଜଣାଣ ଚଉତିଶା — ଚନ୍ଦ୍ରମଣି ସୁନ୍ଦରରାୟ
୧୮୯୬ — ସ୍ୱପ୍ନଯୋଗ — ସୁଦର୍ଶନ ଗୁରୁ
ପ୍ରେମ ସାଗର ଲହରୀ — ଯଦୁନାଥ ସିଂହ
ସୁରଥ ଚରିତ — ଗୋବିନ୍ଦ ରଥ
ପାରିଜାତ ମାଳା — ସୁଲକ୍ଷଣା ଦେବୀ
କୁସୁମାଞ୍ଜଳି — ପ୍ରେମରାଜ ସିଂହ
ସଙ୍ଗୀତମାଳା — ମଧୁସୂଦନ ରାଓ
ପାଣ୍ଡବଗୀତା — ଅନୁ — ଦାମୋଦର ଶାସମଲ
ଗ୍ରନ୍ଥାବଳୀ — ୨ୟ ଖ — ରାଧାକୃଷ୍ଣ
୧୮୯୭ — ଉତ୍କଳ ପାଞ୍ଜି — ୨ୟ ଖ
ପୁରୀ ଜଣାଣ — ବଳଦେବ ଦାସ
ସଙ୍ଗୀତ ସୁଧାସାଗର ନାଟକ — ବିକ୍ରମ ଦେବ ବର୍ମା
୧୮୯୮ — ପ୍ରଥମ ପାଠ — ଜଗନ୍ନାଥ ରାଜ ପଣ୍ଡିତ
ଲକ୍ଷ୍ମୀ ଚରିତ୍ର — ନୀଳକଣ୍ଠ ରାଜଗୁରୁ
ଜଗମୋହନ ନାଟକ — ରାମଶଙ୍କର ରାୟ
୧୯୦୦ — ରାମଚଣ୍ଡୀ ଜଣାଣ — ରାମଚନ୍ଦ୍ର ଦାସ
ସଙ୍ଗୀତ ସାଗର ଖଣ୍ଡ — ଦାମୋଦର
ଭକ୍ତି ସୁଧା ବା ଭକ୍ତ କୁସୁମ — ଭଗବାନ ଚରଣ ଦାସ

ପୀଠିକା,
ଭଞ୍ଜଦେବ ନଗର, ଭୁବନେଶ୍ୱର-୯

# ଗୌରୀଶଙ୍କର : ଓଡ଼ିଆ ଜାତୀୟତାବାଦର ଭଗୀରଥ

✽ ଡଃ ଶରତ ଚନ୍ଦ୍ର ନାୟକ

-୧-

ଊନବିଂଶ ଶତକର ଚତୁର୍ଥ ଦଶକରେ ଗୌରୀଶଙ୍କରଙ୍କର ଆବିର୍ଭାବ (୧୮୩୮-୧୯୧୭) ଓଡ଼ିଶା ପାଇଁ ଏକ ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା । ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅଭ୍ୟୁଦୟ ଦୃଷ୍ଟିରୁ ସେ ଥିଲେ ଓଡ଼ିଶା ପାଇଁ ଦୀର୍ଘକାଳ, ନିର୍ଭୀକ ଓ ଅକ୍ଲାନ୍ତ ପରିଶ୍ରମର ଜୀବନ୍ତମୂର୍ତ୍ତି । ଗୌରୀଶଙ୍କର ଥିଲେ ଓଡ଼ିଶାର ନବଯୁଗ ନିର୍ମାଣ ଯଜ୍ଞଶାଳାର ଅନନ୍ୟ ଋତ୍ୱିକ ।

ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧ ଓ ବିଂଶ ଶତକର ପ୍ରଥମ ପାଦରେ ଗୌରୀଶଙ୍କରଙ୍କ ପରି ବହୁମୁଖୀ ଓ ବର୍ଣ୍ଣାଢ୍ୟ ସୃଜନଶୀଳ ବ୍ୟକ୍ତିତ୍ୱ ପ୍ରଥମେ ଏ ସମୟରେ ଦୃଷ୍ଟି ଆକର୍ଷଣର କେନ୍ଦ୍ର ହୋଇ ଉଠନ୍ତି । [illegible], ଫକୀରମୋହନ, ରାଧାନାଥ, ମଧୁସୂଦନ ରାଓ, ମଦନମୋହନ ମିଶ୍ର, ଜଗନ୍ମୋହନ ଲାଲା, ପ୍ୟାରୀମୋହନ, ବୈଷ୍ଣବ-ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ନନ୍ଦ କିଶୋର ଦାସ ପ୍ରମୁଖ ସେ ସମୟର କେତେ କେତେ ଆପଣା ପରିସରରେ ପ୍ରତିଷ୍ଠିତ ପ୍ରତିଭା ସ୍ୱରୂପ । ପୁଣି ଓଡ଼ିଶାର ଅନ୍ତର୍ଗତରେ ବାହାର [illegible] ଏମାନଙ୍କ ଅବଦାନ ମଧ୍ୟ ଅନୁପେକ୍ଷଣୀୟ । ତେବେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଓଡ଼ିଆ ଓ ଓଡ଼ିଶାର ସାର୍ବିକ ବିକାଶ ପ୍ରସଙ୍ଗରେ ନିରବଚ୍ଛିନ୍ନ ଅର୍ଦ୍ଧଶତାବ୍ଦୀ ଧରି [illegible] ଗୌରୀଶଙ୍କର ଯେଉଁ ଅତୁଳ ନିଷ୍ଠା ଓ ତ୍ୟାଗପୂତ ଏକାଗ୍ରତା ବଳରେ ନେତୃତ୍ୱ ଦେଇ ଆସିଥିଲେ, ସେଥିପାଇଁ ସେ [illegible] ଓଡ଼ିଆ ଜାତିର [illegible] । ତାଙ୍କର [illegible] କର୍ମଜୀବନର [illegible] ସେମାନଙ୍କ [illegible] ରହିଥିଲା, ତା' ଅନ୍ୟମାନଙ୍କ କ୍ଷେତ୍ରରେ ଦୁର୍ଲଭ ପରିଦୃଷ୍ଟ । ପୁଣି ଗୌରୀଶଙ୍କରଙ୍କ ପରି [illegible] ଓଡ଼ିଆପ୍ରାଣ ଓ ଓଡ଼ିଆ ଶୁଭକାଂକ୍ଷୀ [illegible] ସେକାଳ ଓଡ଼ିଶାରେ ଦ୍ୱିତୀୟ ମିଳିବା ଅସମ୍ଭବ ।

-୨-

ମଧ୍ୟଯୁଗର ଅନ୍ତ ପର୍ଯ୍ୟାୟରେ, ଅର୍ଥାତ୍ ଗଙ୍ଗ ଓ ସୂର୍ଯ୍ୟବଂଶର ସମ୍ରାଟମାନଙ୍କ କାଳରେ, ଉତ୍କଳୀୟ ଜାତୀୟତାବୋଧର ଏକ ସଠିକ ବିବରଣୀ ଦେବା ବହୁତ କଷ୍ଟସାଧ୍ୟ ହେବ । ତେବେ ଏକଥା ସ୍ପଷ୍ଟ ଯେ, ସେ କାଳରେ [illegible] ଉତ୍କଳୀୟ ଜାତୀୟତା

ଓଡ଼ିଶା ସାମ୍ରାଜ୍ୟର ମୂଳଭିତ୍ତି ହୋଇନଥିଲା । ସେ କାଳର ସୁବିସ୍ତୃତ ଓଡ଼ିଶା ସାମ୍ରାଜ୍ୟରେ ମୁଖ୍ୟତଃ ଓଡ଼ିଆ ଓ ତେଲୁଗୁ ଭାଷାରେ ରାଜ୍ୟ-ଶାସନ କାର୍ଯ୍ୟ ସମ୍ପନ୍ନ ହେଉଥିଲା । ସମ୍ପୃକ୍ତ ଭାଷା ରାଜ ପୃଷ୍ଠପୋଷକତା ଲାଭ କରିଥିଲା । ସେତେବେଳେ ଓଡ଼ିଶା ମୂଳଭୂମିରେ ଓଡ଼ିଆ ଜାତୀୟତାବୋଧର ସେପରି ଅତ୍ୟାବଶ୍ୟକୀୟ ଭୂମିକା ପ୍ରସ୍ତୁତ ହୁଏନା ।

ସମ୍ରାଟମାନଙ୍କ ଗୌରବ, ପ୍ରତିପତ୍ତି, ପ୍ରଭୁତ୍ୱ ଓ ସେମାନଙ୍କ ଜଗନ୍ନାଥ ଅନୁରକ୍ତି ବିଭିନ୍ନ ଭାଷାଭାଷୀ ପ୍ରଜା ଓ ବିଭିନ୍ନ ସୁଦୂର ଅଞ୍ଚଳଗୁଡ଼ିକୁ ଯୋଡ଼ିଦେଇ ବନ୍ଧନରେ ଆବଦ୍ଧ କରି ଓଡ଼ିଶା ସାମ୍ରାଜ୍ୟ ଗଠନରେ ବିଶେଷ ସହାୟକ ହୋଇ ଉଠିଥିଲା । ଡଃ ଗଗନେନ୍ଦ୍ର ନାଥ ଦାଶଙ୍କ ମତରେ ଭାଷାଭିତ୍ତିକ ଜାତୀୟତାର ସୃଷ୍ଟି ବିକାଶ ପାଇଁ ସେତେବେଳେ ପରିବେଶ ଅନୁକୂଳ ନ ଥିଲା । ତେବେ ସମସ୍ତ ଓଡ଼ିଆମାନେ ଗୋଟିଏ ପ୍ରଶାସନରେ ରହିବା ଫଳରେ ଏବଂ ଘନିଷ୍ଠ ଯୋଗାଯୋଗ ଥିବା ସମ୍ପୃକ୍ତ ଭାଷାର ବରିଷ୍ଠ ଓଡ଼ିଶାବାସୀ ବ୍ରାହ୍ମଣଗଣଙ୍କ ଓଡ଼ିଆଭାଷା ପ୍ରତି ଅନାଦର/ଅବଜ୍ଞା ଏ କାଳରେ ଭାଷାଭିତ୍ତିକ ଓଡ଼ିଆ ଜାତୀୟତାର ବୀଜବପନ କରିଥିବାର ସମ୍ଭାବନାକୁ ଶ୍ରୀ ଦାଶ ଏକାବେଳେକେ ଅସ୍ୱୀକାର କରନାହାନ୍ତି । ସେତେବେଳକୁ ଜଗନ୍ନାଥ ବୈଷ୍ଣବ ଧର୍ମାବଲମ୍ବୀ ହିନ୍ଦୁଙ୍କ ଏକାନ୍ତ ଉପାସ୍ୟ ଦେବତାରେ ପରିଣତ ହୋଇଥିଲେ । ଗଙ୍ଗ ସମ୍ରାଟଗଣ ଓଡ଼ିଶା ମୂଳଭୂମିକୁ ଜଗନ୍ନାଥଙ୍କ ନାମରେ ସମର୍ପଣ କରି ତାଙ୍କ ପ୍ରତିନିଧି ରୂପେ ରାଜ୍ୟଶାସନ ପୂର୍ବକ ଜଗନ୍ନାଥଙ୍କୁ ରାଷ୍ଟ୍ର-ଦେବତାର ରୂପ ଦେଇ ଦେଇଥିଲେ । ଭବିଷ୍ୟତରେ ରାଜାଧିପତି ବା ରାଜବଂଶ ପ୍ରତି ଆନୁଗତ୍ୟ ହ୍ରାସ ପାଇଲେ ମଧ୍ୟ ଜଗନ୍ନାଥ ଭକ୍ତିଗତ ଏକ ବନ୍ଧନ ସୃଷ୍ଟି ଅଞ୍ଚଳ ଗୁଡ଼ିକୁ ଅବିଚ୍ଛିନ୍ନ ରଖିବାର ସମ୍ଭାବନା ହୁଏତ ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ହୋଇ ପାରିଥାଏ ।

ମଧ୍ୟଯୁଗର ମଝିଭାଗରେ ମୁକୁନ୍ଦ ଦେବଙ୍କ ପତନ (୧୫୬୮ ଖ୍ରୀ) ସାଙ୍ଗକୁ ସମଗ୍ର ଓଡ଼ିଶା ସାମ୍ରାଜ୍ୟର ପତନ ଘଟିଲା । ଦୀର୍ଘକାଳ ଧରି ଏକ ଶାସନାଧୀନ ରହିବା ପରେ ବିସ୍ତୀର୍ଣ୍ଣ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୁଡ଼ିକ କାଳକ୍ରମେ ବିଭିନ୍ନ ରାଜନୈତିକ ଓ ପ୍ରଶାସନିକ ଖଣ୍ଡ/ଅଂଶରେ ବିଭକ୍ତ ହେଲା । ସେତେବେଳେ ରାଜନୈତିକ, ପ୍ରଶାସନିକ ଓ ଧର୍ମନିରପେକ୍ଷ ଅନୁବନ୍ଧନ ସତ୍ତ୍ୱେ ଏକ ଅଞ୍ଚଳ/ଖଣ୍ଡ/ଅଂଶର ଓଡ଼ିଆ ଭାଷାଭାଷୀ ନିକଟବର୍ତ୍ତୀ ଅନ୍ୟଭାଷାଭାଷୀଙ୍କ ତୁଳନାରେ ଦୂର ଅଞ୍ଚଳର ଓଡ଼ିଆ ଭାଷାଭାଷୀଙ୍କୁ ଅଧିକ ନିକଟ ଓ ଅନ୍ତରଙ୍ଗର ମନେ କରିବା ଆରମ୍ଭ କଲେ । ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ଏ ପ୍ରକାର ଏକତ୍ୱବୋଧ (feeling oneness)କୁ ଡକ୍ଟର ଦାଶ "ସୂର୍ଯ୍ୟ-ବଂଶ ଶାସନର ତିରୋଧାନ ପରେ ସୃଷ୍ଟି ହୋଇଥିବା ଓଡ଼ିଆ ଜାତୀୟତାର ପ୍ରଥମ ଅସ୍ପଷ୍ଟ ପଦଧ୍ୱନି" ରୂପେ ଗ୍ରହଣ କରିଛନ୍ତି ।(୧) ଏହି ଏକତ୍ୱବୋଧ ଫଳରେ ଯୁକ୍ତିବାଢ଼ି ସେ ଦର୍ଶାନ୍ତି, ଯେଉଁ ଓଡ଼ିଆ ଭାଷାଭାଷୀ ବିସ୍ତୀର୍ଣ୍ଣ ଅଞ୍ଚଳ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ମୋଗଲ, ଗୋଲକୁଣ୍ଡାର ସୁଲତାନ ଓ ଅର୍ଦ୍ଧ ସ୍ୱାଧୀନ ଜମିଦାରଙ୍କ ଦ୍ୱାରା ଶାସିତ

ହୋଇଥିଲା, ଏ କାଳରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ସର୍ବଦା ହିଁ ମାଦଳାପାଞ୍ଜିକାର ଠାରୁ ଆରମ୍ଭ କରି ଶିଳାଲେଖ କାବ୍ୟଗୁଡ଼ିକରେ ଓଡ଼ିଆ କାବ୍ୟକାରଗଣ 'ଓଡ଼ିଶା' ବା 'ଓଡ୍ରଦେଶ' ଶବ୍ଦର ପ୍ରୟୋଗ କରିଆସିଛନ୍ତି । ଏପରିକି ବହୁକାଳ ମୁସଲମାନ ଅଧୀନରେ ରହିଲେ ମଧ୍ୟ ସମସ୍ତ ଓଡ଼ିଆ ଭାଷାଭାଷୀ ଜନସାଧାରଣ ସ୍ଥାନର ଭାଗରେ ତଥା ଅଞ୍ଚଳମାନଙ୍କରେ ଖୋର୍ଦ୍ଧା ରାଜାଙ୍କୁ ପ୍ରକୃତ ଅଧିକାରୀ ହିଁ ମାନ୍ୟତା ଦେଇ ଗ୍ରହଣ କରି ନେଇଥିଲେ ।

ସପ୍ତଦଶ ଶତକରେ ଓଡ଼ିଆରେ ରଚିତ ଦିବାକର ଦାସଙ୍କ "ଜଗନ୍ନାଥ ଚରିତାମୃତ"ରେ ଜାତୀୟ ବୈଷ୍ଣବ ଓ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟଙ୍କ ଅବହେଳନା ଦ୍ୱନ୍ଦ୍ୱରେ ଜାତୀୟ ଚେତନାବୋଧର ପରିଚୟ ମିଳିଥାଏ । ଜାତୀୟ ବୈଷ୍ଣବମାନେ ଜଗନ୍ନାଥଙ୍କୁ ଆପଣା ଇଷ୍ଟଦେବତା ଓ ଲୀଳାମୟ ଅବତାରୀ ରୂପେ ପ୍ରତିଷ୍ଠିତ କରିବାରେ ସେହି ଜାତୀୟ ଚେତନାର ମାନସିକତା ହିଁ ପ୍ରକଟିତ ।

ସମଗ୍ର ମଧ୍ୟଯୁଗରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର କବିଗଣ ମଧ୍ୟ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଆରେ ଭଜନ, ଜଣାଣ ରଚନା ଦ୍ୱାରା କାବ୍ୟଗ୍ରନ୍ଥର ମଙ୍ଗଳାଚରଣରେ ଜଗନ୍ନାଥ ବନ୍ଦନା ଓ ରଥଯାତ୍ରା ପ୍ରସଙ୍ଗ ବର୍ଣ୍ଣନା କରିବା ଆରମ୍ଭ କରିଦେଇଥିଲେ । ଖୋର୍ଦ୍ଧା ରାଜା ମଧ୍ୟ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର କବିମାନଙ୍କୁ ଉପାଧି ପ୍ରଦାନ କରିବାର ଏକ ପ୍ରଥା ପ୍ରଚଳନ କରିଥିଲେ । ଜଗନ୍ନାଥଙ୍କ ରଥଯାତ୍ରାରେ ଛେରା ପହଁରା କରିବାର ପ୍ରଚଳନ ଓ କବିମାନଙ୍କ ଦ୍ୱାରା ଗୁରୁତ୍ୱର ଅଭିବୃଦ୍ଧି ଫଳରେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଖୋର୍ଦ୍ଧା ରାଜାଙ୍କ ନାମରେ ଅଙ୍କ ପ୍ରଚଳନ ଆରମ୍ଭ ହେଲା । ଓଡ଼ିଆ ଭାଷା ସାହିତ୍ୟ ଧୀରେ ଧୀରେ ଜଗନ୍ନାଥ ମଧ୍ୟ ଓଡ଼ିଆ ଜାତୀୟତାର ପ୍ରତୀକରେ ରୂପାନ୍ତରିତ ହୋଇ ପଡ଼ିଥିଲେ । ମଧ୍ୟଯୁଗର ପ୍ରଥମ ପର୍ଯ୍ୟାୟ ଶେଷରେ ଓ ଖ୍ରୀଷ୍ଟାବ୍ଦରେ ଯଥାକ୍ରମେ କଳାପାହାଡ଼ ଓ ମୁସଲମାନମାନଙ୍କ ଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ, ବିଗ୍ରହଭଙ୍ଗ ଏହି ଜଗନ୍ନାଥ କେନ୍ଦ୍ରିକ ଜାତୀୟ ଜାତୀୟତାବୋଧକୁ ଅଧିକ ବଳ ଯୋଗାଇ ଥିଲା । (୨)

୧୮୦୩ ଖ୍ରୀ ରେ ଇଷ୍ଟ ଇଣ୍ଡିଆ କମ୍ପାନୀର ଦ୍ୱାରା ଓଡ଼ିଶା ଦଖଲ, ଉପନିବେଶ ଫଳରେ ଓଡ଼ିଆ ଜନଜୀବନର ଦୁର୍ଦ୍ଦଶାଗ୍ରସ୍ତତା, ଓଡ଼ିଶାରେ ବଙ୍ଗଳା ଶିକ୍ଷା ଆଇନ ପ୍ରଚଳନ ତଥା ବଙ୍ଗାଳୀ ଅମଲା ଓ ଜମିଦାରଙ୍କ ଅତ୍ୟାଚାର ଓ ଦୌରାତ୍ମ୍ୟ ଫଳରେ ସ୍ୱତ୍ୱାଧିକାର ହରାଇଥିବା ଓଡ଼ିଆଙ୍କ ଅସହାୟତା, ଜମି ନିଲାମ ପଦ୍ଧତି ଅନ୍ୟ ଓଡ଼ିଆ ଜମିଦାରଙ୍କ ଓଡ଼ିଆ ପ୍ରଜାଙ୍କ ଦ୍ୱାରା ଦମିତ ପୁଣି ଅବଜ୍ଞା, ଭକ୍ତିଭାବରେ ଓଡ଼ିଆ ପ୍ରଜାକୁଳର ଷଡ଼ଯନ୍ତ୍ର ଓ ଅସନ୍ତୋଷ ହୋଇ ଉଠିବା -- ଏଥିରୁ ସମଗ୍ର ସଙ୍ଗଠିତ ହୋଇ ଓଡ଼ିଆଙ୍କ ମଧ୍ୟରେ ଏକତାବୋଧ ଓ ସ୍ୱାଧୀନ ହୋଇ ଖୋର୍ଦ୍ଧା ରାଜାଙ୍କ ଅଧୀନସ୍ଥ ହେବାର ସ୍ୱପ୍ନଦେଖିବାକୁ ଜାଗ୍ରତ କରିଥିଲା । ଏହି ପ୍ରବଣତା ଓ ଅସନ୍ତୋଷର ପରିଣତି ହେଉଛି ୧୮୧୭ ଖ୍ରୀ.ର ପାଇକ ବିଦ୍ରୋହ । (ଯାହାକି ଏବେ ବି ଅସମ୍ପୂର୍ଣ୍ଣ, ଅବହେଳିତ ଓ ଅଜ୍ଞାତ ।) ବିଦ୍ରୋହୀ ନେତା ବକ୍ସି ଜଗବନ୍ଧୁଙ୍କ ସୁଖ ଥିବା ବିଦ୍ରୋହରେ

ନେତୃତ୍ୱ ପାଇଁ ଖୋର୍ଦ୍ଧା ରାଜା ମୁକୁନ୍ଦଦେବଙ୍କ ପ୍ରସ୍ତାବ ଜଣାଇ ଏବଂ ସ୍ୱୟଂ ପଣ୍ଡାଙ୍କ ନିକଟରେ ଜଗନ୍ନାଥଙ୍କ ଆଜ୍ଞାପତ୍ର — ଏଥିରୁ ଓଡ଼ିଆ ଜାତୀୟତା ବୋଧର ପ୍ରକାଶ ଲକ୍ଷ୍ୟକର ଜଗନ୍ନାଥଙ୍କ ଯୋଗଦାନରେ ଅଧିକ ସ୍ପଷ୍ଟ ଜଣାଯାଏ । (୩)

ଏହି ସ୍ୱାଧୀନତା ସଂଗ୍ରାମର ଅବସାନ ପାଇଁ ଓଡ଼ିଆ ଜାତିକୁ ଅନେକ ଶକ୍ତ ମୂଲ୍ୟ ଦେବାକୁ ପଡ଼ିଥିଲା । ଇଂରେଜ ଶାସକଙ୍କ ଅତ୍ୟାଚାର ଓ ଅବହେଳା ଯୋଗୁଁ ଇଂରେଜ ପ୍ରଶାସନରେ ଏ ଜାତିର ସ୍ୱାର୍ଥ ଅତ୍ୟନ୍ତ ଉପେକ୍ଷିତ ହୋଇଥିଲା । ଆଧୁନିକ ଶିକ୍ଷା ଓ ସଂସ୍କୃତିର ଉଦ୍ଦେଶ୍ୟ ମୂଳକ ଭାବେ ପ୍ରବେଶ କରି ଓଡ଼ିଶାବାସୀଙ୍କୁ ଇଂରେଜ ସରକାର ସମାଜର ସର୍ବନିମ୍ନ ସୋପାନର ଲୋକ ଭାବି ଭାଙ୍ଗିବାର ଦ୍ୱାର ଖୋଲି କରି ଦେଇଥିଲେ ।

ସିପାହୀ ବିଦ୍ରୋହ (୧୮୫୭ ଖ୍ରୀ) ପର ବର୍ଷଠାରୁ ଇଂରେଜ ସରକାରରେ ମହାରାଣୀଙ୍କ ହାତକୁ ଭାରତ ଶାସନ ଆସିଲା । ୧୮୬୬ ଖ୍ରୀ.ର ଭୟଙ୍କର ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିର ଅସ୍ତିତ୍ୱକୁ ଦୋହଲାଇ ଦେଇଥିଲା । ଧୀରେ ଧୀରେ ମୁକ୍ତିକାମୀ ହୋଇ ଅସ୍ତିତ୍ୱ ରକ୍ଷା ଓଡ଼ିଆ ଜାତୀୟ ଚେତନା ଯାହାକି ବିଦ୍ରୋହର ସଫଳ ଭାବରେ ସାମୂହିକ ମୁକ୍ତି ମୁଣ୍ଡ ଟେକି ପାରିଥିଲା । ନଅଙ୍କ ଦୁର୍ଭିକ୍ଷ କେବଳ ଓଡ଼ିଆ ଜାତିର ଅସ୍ତିତ୍ୱକୁ ଦୋହଲାଇ ଦେଇ ନ ଥିଲା, ଓଡ଼ିଆ ଜାତିର ଅନ୍ତର୍ଚକ୍ଷୁ ଖୋଲି ଦେଇଥିଲା । ଏହାପରେ ଓଡ଼ିଆ ପ୍ରାଣରେ ଓଡ଼ିଆ ଜାତୀୟତାବୋଧ ଉଦ୍ରେକ ହେବାରେ ଲାଗିଲା ଏବଂ ଏହାର ଅନୁସନ୍ଧାନ ଭାବିକଥ ଥିଲେ ଯୌବନଙ୍କର ଭଳି ।

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଓଡ଼ିଆ ଜାତୀୟତାବାଦର ବିକାଶ ପରିପ୍ରେକ୍ଷୀରେ କେତେକ ଘଟଣା / ପରିବେଶ / ଆନ୍ଦୋଳନ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା —

୧) ନଅଙ୍କ ଦୁର୍ଭିକ୍ଷ
୨) କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା ଓ ଉତ୍କଳ ଦୀପିକାର ପ୍ରକାଶନ
୩) ଇଂରାଜୀ ଶିକ୍ଷାର ପ୍ରସାର ପ୍ରଚେଷ୍ଟା
୪) କ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ
   ଖ) ଓଡ଼ିଆ ପାଠ୍ୟ ପୁସ୍ତକ ରଚନା ଓ ପ୍ରକାଶନ
   ଗ) ଓଡ଼ିଆ କାବ୍ୟ, ପୁରାଣ, ପୋଥି ଗ୍ରନ୍ଥ ସମ୍ପାଦନା ଓ ପ୍ରକାଶନ
   ଘ) ଓଡ଼ିଶା ସ୍ୱାଭିମାନ ବର୍ଦ୍ଧନ ତଥା ଓଡ଼ିଆ ଜାତି ଓ ଭାଷାର ବିକାଶ ପ୍ରଚେଷ୍ଟା
୫) ମଧୁବାବୁଙ୍କ ଉତ୍କଳର ଅବିଚ୍ଛିନ୍ନ ସୀମା ସହିତ ମିଳନବାର ଆନ୍ଦୋଳନ ପ୍ରଚେଷ୍ଟା ।
୬) ଶ୍ରୀ ଜଗନ୍ନାଥଙ୍କ ପ୍ରଶାସନ ସେବାଧିକାର ପାଇଁ ଶ୍ରୀ ମନ୍ଦିରର ସୁରକ୍ଷା ପରିଚାଳନା ପ୍ରତି ତତ୍ପରତା ।
୭) ଉତ୍କଳ ସମ୍ମିଳନୀର ସୃଷ୍ଟି ଓ ପ୍ରସାର ।

୮) ସ୍ୱତନ୍ତ୍ର ପଦ୍ଧତି ଅନୁସାରେ ଏଠାରେ ସଫଳ ଓଡ଼ିଆ ଜାତିର ସ୍ୱାଭିମାନ ବଜାୟ ରଖିବା ପାଇଁ ଅପ୍ରତିହତ ଆନ୍ଦୋଳନ ।

ଏ ସମସ୍ତ ଘଟଣା ପ୍ରବାହରେ ଜାତିକୁ ସଂଶ୍ଳିଷ୍ଟ କରି ନିମଗ୍ନ କରି ଦେଇ ଗୌରୀଶଙ୍କର ଉତ୍କଳ ଜାତୀୟତାବୋଧକୁ ସୃଷ୍ଟି ଓ ବଳିଷ୍ଠ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟର ଉନ୍ନତିର ମାର୍ଗ ଓ ଓଡ଼ିଶା ପ୍ରଦେଶ ଗଠନର ପଥକୁ ପ୍ରଶସ୍ତ ତଥା ସୁଗମ କରି ଦେଇ ଥିଲେ । ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱ ବହୁମୁଖୀ । ଆଲେଖ୍ୟ ପ୍ରବନ୍ଧରେ ତାଙ୍କ ବ୍ୟକ୍ତିତ୍ୱର ଏହି ସ୍ୱକୀୟ ପ୍ରବଣତା ସବୁର ଅବବୋଧ ପାଇଁ ପ୍ରୟାସ କରାଯିବ । ଏହା ହିଁ ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱର ସମୁଦାୟକୁ ବଳିଷ୍ଠ, ସୁସ୍ଥ ଉଚିତ ମୂଲ୍ୟାୟନର ପଥ । ସୁତରାଂ ଦେଖି ପ୍ରସଙ୍ଗାନୁକ୍ରମେ ଗୌରୀଶଙ୍କରଙ୍କ ବହୁମୁଖୀ ବର୍ଣ୍ଣାଢ୍ୟ ବ୍ୟକ୍ତିତ୍ୱର ବ୍ୟାପ୍ତି ଓ ଗଭୀରତାର ଆକଳନ ଓ ମୂଲ୍ୟାୟନ ପାଇଁ ମଧ୍ୟ ଯତ୍ନଶୀଳ ଚେଷ୍ଟା କରାଯିବ ।

— ୩ —

୧୮୯୦ ଖ୍ରୀଷ୍ଟାବ୍ଦରେ ମହାମନା ଅଗ୍ରଣୀ ଓଡ଼ିଆ ଚନ୍ଦ୍ରଶେଖର ଦାସ ସ୍ୱଧର୍ମ ନିଷ୍ଠା ଓ ନିସ୍ୱାର୍ଥତା ବଳରେ ଭବାନୀପୁର ଜମିଦାରୀ ତଥା ନଡ଼ିଆଳି ସ୍ୱାଧୀନଚେତା ନେତୃତ୍ୱର ସାହେବଙ୍କ ଦୀୱାନ ପଦକୁ ଉନ୍ନୀତ ହୋଇପାରିଥିଲେ । ସେତେବେଳେ ଜଣେ ଓଡ଼ିଆ ପକ୍ଷରେ ଏହା ବାସ୍ତବରେ ଅଳ୍ପ ଗର୍ବ ନୁହେଁ ପଦ ଏକ ଅଭୂତ ପୂର୍ବ ସୌଭାଗ୍ୟ । ସେ ଥରେ କେଉଁଠି ବି ପାଶ କରିନଥିଲେ କିନ୍ତୁ ସମସ୍ତ ଲୋକ ତାଙ୍କୁ ସାହେବମାନଙ୍କ ଜନସଂଯୋଗ ଶାସନରେ ଅସୀମ କ୍ଷମତା ଓ ଆଧିପତ୍ୟ ଭାବରେ ଦେଖୁଥିଲେ ମରମେ ମରମେ ଅନୁଭବ କରୁଥିଲେ । ଏହି ଉଚ୍ଚାଭିଳାଷୀ ମନସ୍ୱୀ ଜଣଙ୍କ ସ୍ୱପ୍ନ ଦେଖୁଥିଲେ, କେବେ ଶୀଘ୍ର ଓଡ଼ିଆ ଯୁବ ସମୁଦାୟ ଇଂରାଜୀ ଶିକ୍ଷାଲବ୍ଧ କରି ଗୋରା ସାହେବଙ୍କ ଅନୁପମ ସମ୍ମାନଜନକ ପଦପଦବୀ ଅଳଙ୍କୃତ କରିବେ ! ଦୁର୍ଭାଗ୍ୟ କଲେଜକୁ ଅଧ୍ୟୟନ ଅସମାପ୍ତ ରଖି ଯୁବକ ଗୌରୀଶଙ୍କର କଟକ କୋଷାଗାରି (୧୮୭୧) ଜଣଣୀ ପଦରେ ନିଯୁକ୍ତ ହୋଇଥିଲେ । ଜୀବିକାର୍ଜନ ପାଇଁ କଷ୍ଟଣୀ ସ୍ତରରେ କର୍ମଜୀବନର ଆରମ୍ଭ ଅବଶ୍ୟ ଆରମ୍ଭ କରିଥିଲେ ମଧ୍ୟ ଗୌରୀଶଙ୍କରଙ୍କ ଜୀବନର ଚରମ ଲକ୍ଷ୍ୟ ମାତୃଭୂମି ଓଡ଼ିଶାର ନିଷ୍ଠାପର ସେବା । ସେଥିପାଇଁ ସେ ସକଳ କାହାଣୀ ଗୌରୀଶଙ୍କର ପରେ ଲୋକ ସ୍ୱତଃ-ସ୍ଫୂର୍ତ୍ତ ଓଡ଼ିଆ ଜାତିର ଯଥାର୍ଥ ମୁଖ୍ୟ କର୍ଣ୍ଣଧାର ହୋଇ ଉଠିଥିଲେ ।

କଟକ ସ୍କୁଲରୁ ୧୮୫୫-୫୬ରେ ଗୌରୀଶଙ୍କର, ୧୮୫୯ରେ ବନମାଳୀ-ସିଂହ, ୧୮୬୦ରେ ଜଗନ୍ମୋହନ ଲାଲ, ଜଗବନ୍ଧୁ ଦାସ, ବଳଭଦ୍ର ପଟ୍ଟନାୟକ ପ୍ରମୁଖ ଏଣ୍ଟ୍ରାନ୍ସ ପାଶ୍ କରିଥିଲେ । ୧୬ ବର୍ଷ ବୟସରେ ଏହି କଟକ ସ୍କୁଲରୁ ୧୮୬୬ରେ ମଧୁସୂଦନ ଦାସ ଏଣ୍ଟ୍ରାନ୍ସ ପାଶ୍ କରିଥିଲେ । ତରୁଣ ମଧୁସୂଦନଙ୍କୁ ହୁଗୁଳିଆ ଜିଲ୍ଲାରେ ସ୍ୱଦେଶ ଦେଶରେ ମାଡ଼ିଯିବା ପାଇଁ ଏଇ ଚନ୍ଦ୍ରଶେଖର ହିଁ ଅନୁପ୍ରେ-ରିତ କରି ଦେଇଥିଲେ ।

କମିଶନର ଅଫିସରୁ ସିରସ୍ତାଦାର ବାବୁ ବିଚିତ୍ରାନନ୍ଦ ଦାସ ହିଁ ଥିଲେ ଓଡ଼ିଶାର ନବ ଜାଗରଣର ଆଦି ଅଗ୍ରଦୂତ ପୁରୁଷ । ସେ କେବଳ ସିଦ୍ଧହସ୍ତ କର୍ତ୍ତବ୍ୟପାଳକ ବ୍ୟକ୍ତି ନଥିଲେ ! ବରଂ ନବଯୁଗର ଆହ୍ୱାନକୁ ଓଡ଼ିଶାରେ ସେ ଆବାହନ କରିବାକୁ ଆଗେଇ ଆସିଥିଲେ । ଏଣୁ ଉଦାର, ପ୍ରାଣୋଚ୍ଛଳ ଓ ଏକାନ୍ତ ଓଡ଼ିଆ ପ୍ରବଣ ବିଚିତ୍ରାନନ୍ଦ ହିଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା ଓ ଉତ୍କଳ ଦୀପିକା ପତ୍ରିକା ପ୍ରକାଶନର ଥିଲେ ପ୍ରଧାନ ଉଦ୍ୟୋକ୍ତା ।

ଲକ୍ଷ ଲକ୍ଷ ଓଡ଼ିଆ ଜନସାଧାରଣଙ୍କ ଅଭାବ-ଅନଟନ, ଅଭିଯୋଗ, ଅଶ୍ରୁଧାରା, ଆଶା-ଆକାଂକ୍ଷା, ବେଦନା ଓ ସଂକଟ ସମୂହକୁ କେବଳ ଶିକ୍ଷିତ ଓଡ଼ିଆଙ୍କ ମାନସିକ ଉଦ୍‌ବୋଧନ ପାଇଁ ଓଡ଼ିଶାରେ ମୁଦ୍ରାଯନ୍ତ୍ର ସ୍ଥାପନା ଓ ଓଡ଼ିଆ ଭାଷାରେ ସମ୍ବାଦ ପତ୍ରର ପ୍ରକାଶ ଅତ୍ୟାବଶ୍ୟକୀୟ ହୋଇ ପଡ଼ିଥିଲା । ବିଚିତ୍ରାନନ୍ଦ ଏବଂ ତାଙ୍କ ସହ କାମ କରୁଥିବା ଯୁବକ ଗୌରୀଶଙ୍କର ଓ ଜଗମୋହନ ରାୟ ଅଗ୍ରଣୀ ହୋଇ ଲାଗି ପଡ଼ିଥିଲେ ଓଡ଼ିଶାରେ ମୁଦ୍ରାଯନ୍ତ୍ର ସ୍ଥାପନ ପାଇଁ । ଏ ମହାନ୍ ଜାତୀୟ କାର୍ଯ୍ୟରେ ବିଚିତ୍ରାନନ୍ଦଙ୍କ ପ୍ରରୋଚନାରେ ଓଡ଼ିଶା ବିଭାଗର ରାଜା ମହାରାଜା ଏବଂ ମୋଗଲବନ୍ଦୀର ଜମିଦାରମାନେ ସାହାଯ୍ୟର ହାତ ବଢ଼ାଇ ଦେଇଥିଲେ । ଶେଷରେ ଅଂଶୀଦାରଙ୍କ ଦଶ ଟଙ୍କାର ପାଞ୍ଚଶହ ଟଙ୍କା ମୂଳଧନରେ କଟକ ସହରର ଦରଘା ବଜାରରେ ୧୮୬୬ ଖ୍ରୀ.ରେ 'କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ଼' ସ୍ଥାପିତ ହୋଇଥିଲା । ବିଚିତ୍ରାନନ୍ଦ ଦାସ, ଗୌରୀଶଙ୍କର ରାୟ, ଜଗମୋହନ ରାୟ, ବନମାଳୀ ସିଂହ ପ୍ରମୁଖ ଡାଇରେକ୍ଟରଙ୍କୁ ନେଇ ଏହି କମ୍ପାନୀ ରେଜେଷ୍ଟ୍ରୀ ହୋଇଥିଲା । ଗୌରୀଶଙ୍କର ପୁଣି ଥିଲେ ଏହି କମ୍ପାନୀର ଅବୈତନିକ ସେକ୍ରେଟାରୀ । ଅତଏବ କଟକ ପ୍ରିଣ୍ଟିଂ କମ୍ପାନୀର ପରିଚାଳନାର ଗୁରୁ ଦାୟିତ୍ୱ ନ୍ୟସ୍ତ ହୋଇଥିଲା ଗୌରୀଶଙ୍କରଙ୍କ ଉପରେ । ଯୁବକ ଗୌରୀଶଂକରଙ୍କର ପୂର୍ବରୁ ପ୍ରିଣ୍ଟିଂ ପ୍ରେସ ସମ୍ପର୍କରେ ସାମାନ୍ୟତମ ଧାରଣା ନ ଥିଲା । ତାଙ୍କର ଅକୁଣ୍ଠ ଆବେଗରେ ପ୍ରିଣ୍ଟିଂ ପ୍ରେସ ସହ ନିଜକୁ ସେ ସମ୍ପୃକ୍ତ କରି ନେଇ-ଥିଲେ । ପ୍ରିଣ୍ଟିଂ କମ୍ପାନୀର ସୁଷ୍ଠୁ ପରିଚାଳନା ଗୌରୀଶଂକରଙ୍କ ପ୍ରତି ଥିଲା ଏକ ଦୃଢ଼ ଆହ୍ୱାନ । କାରଣ ବାଣିଜ୍ୟିକ / ଆର୍ଥିକ ଲାଭର ଆଶାରେ ଏହି ମୁଦ୍ରାଲୟ ସ୍ଥାପିତ ହୋଇ ନ ଥିଲା । ଏହି ମୁଦ୍ରାଯନ୍ତ୍ର ସ୍ଥାପନର ମୂଳ ଅଭିପ୍ରାୟ ଥିଲା, "ଓଡ଼ିଶାର ଦୁର୍ଗତି ନାଶନ ଓ ଉନ୍ନତି ସାଧନ ।" (୪) ଏହି ଛାପାଖାନାରେ ଛାପା କାମର ଶୁଭାରମ୍ଭ ହୋଇଥିଲା ୧୮୬୬ ମସିହା ଜୁଲାଇ ମାସ ୧ ତାରିଖରେ । ଓଡ଼ିଆ ଜାତୀୟ ଜୀବନରେ ଏହି ଦିନଟି ବାସ୍ତବରେ ଏକ ଐତିହାସିକ ଦିନ ।

ପ୍ରଥମେ ଛୋଟ ଗୋଟିଏ ଛାପା କଳରେ ମୁଦ୍ରଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । କଲିକତାରୁ ଆଣି ମାସିକ ପାଞ୍ଚ ଟଙ୍କା ଦରମାରେ ଲକ୍ଷ୍ମଣଦାସ (ପରେ ମୁନ୍ସୀ ଲକ୍ଷ୍ମଣଦାସ) ରୂପେ ନିଯୁକ୍ତ ହୋଇ ପ୍ରେସର ଏକ ଅଭିନ୍ନ ଅଙ୍ଗରେ ପରିଣତ ହୋଇ-ଥିଲେ । ପ୍ରେସ୍ ପ୍ରତିଷ୍ଠାର ଦେଢ଼ ବର୍ଷ ନ ପୂରୁଣୁ ଗୌରୀଶଂକର ତତ୍ପରତାରେ

ଉପେନ୍ଦ୍ର ଭଞ୍ଜଙ୍କ 'ପ୍ରେମ ସୁଧାନିଧି' କାବ୍ୟକୁ ତାଳପତ୍ର ପୋଥିରୁ ସଂଗ୍ରହ, ସମ୍ପାଦନ ପୂର୍ବକ କଠିନ ଶବ୍ଦାର୍ଥସହ ଖାଣ୍ଟିଅଙ୍କ ଦୁଇଖଣ୍ଡରେ ମୁଦ୍ରିତ କରି ଦେବା ସମ୍ଭବପର ହୋଇଥିଲା । (୬) ସର୍ବସାଧାରଣଙ୍କ ସୁବିଧା ପାଇଁ ସେ କାଳର କେତେକ ସରକାରୀ ଜଟିଳ ଆଇନର ମଧ୍ୟ ସରଳ ଓଡ଼ିଆ ଅନୁବାଦ ଏ ପ୍ରେସ ଲୋକଙ୍କୁ ପ୍ରକାଶ କରୁଥାଇଥିଲା । ତା ୪-୮-୧୮୬୭ ଠାରୁ କଟକ ପ୍ରିଣ୍ଟିଂ କମ୍ପାନୀରେ ନିୟମିତ ଭାବେ ଗୀତା ଓଡ଼ିଆ ଟାଇପରେ ଛପା କାର୍ଯ୍ୟ ଆରମ୍ଭ କରାଗଲା । କମ୍ପାନୀ କାଳୀପଦ ବନ୍ଦ୍ୟୋପାଧ୍ୟାୟଙ୍କ ପଦ୍ଧତି ଓ ପଣ୍ଡିତ ଧର୍ମର ନାନ୍ଦୁ ବନ୍ଦ୍ୟୋପାଧ୍ୟାୟଙ୍କ ଅନୁବାଦିତ 'ଭୂଗୋଳାଦର୍ଶ' ଛାପା ହୋଇଥିଲା । (୭) ୧୮୬୭ ମସିହାରେ ବୋର୍ଡ ଅଫ୍ ଡାଇରେକ୍ଟରସ୍ କମିଟି ନେଲେ ସେ ଅବଧି ବଜାରରେ କମ୍ପାନୀ ଛାପାଖାନା ପାଇଁ ଜାଗା ନିଆଯାଇ କୋଠା ତିଆରି ହେବ । କାରଣ କମ୍ପାନୀ ପ୍ରଥମେ ଜଗନ୍ମୋହନ ଲାଲଙ୍କ ଦେଉଳ ଘାଟ ନିକଟ ଛପା-କାର୍ଯ୍ୟ ଆରମ୍ଭ କରିଥିଲେ । ୧୮୬୯ ମସିହାରେ ଜାନୁଆରୀ ତା ୧୮ଖଣ୍ଡରେ ଚୌଧୁରୀ ବଜାରରେ କମ୍ପାନୀ ଦ୍ୱାରା ନିର୍ମିତ ନୂତନ ଓ ସୁବୃହତ୍ ଦ୍ୱିତଳ ଗୃହକୁ ମୁଦ୍ରାଯନ୍ତ୍ର ଉଠି ଆସିଲା । ଉକ୍ତ ବଜାରର ଏହି କୋଠାଘରକୁ ଦେଖିଦେଖି ଲୋକେ କଟକ ବାସୀ 'ଅତ୍ର ବୋଝିକାସ୍ଥ ଅଟ୍ଟାଳିକା' ବୋଲି ପ୍ରଶଂସା କରୁଥିଲେ । ନିଜସ୍ୱ ଟାଇପ ଓଡ଼ିଆ ଅକ୍ଷର ଓ ପ୍ରଶସ୍ତ ଗୃହ ପାଇ କଟକ ପ୍ରିଣ୍ଟିଂ କମ୍ପାନୀ ସେହି ବର୍ଷଠାରୁ (୧୮୬୯) ଅତ୍ୟନ୍ତ ସକ୍ରିୟ ହୋଇଉଠିଥିବା ଲକ୍ଷ୍ୟ କରାଯାଏ । 'ଉତ୍କଳ ଦୀପିକା' ସାପ୍ତାହିକ ପ୍ରକାଶ ବ୍ୟତୀତ ସେହିବର୍ଷ ଭୂମି ସଞ୍ଜୟ, ସରଳ ଅଙ୍କ ଗଣିତାସ, ଶିଶୁପାଠ ନାମକ କେତୋଟି ପାଠ୍ୟପୁସ୍ତକ ଓ ପଞ୍ଜିକା (୧୮୬୯-୭୦) ମହାଭାରତର ଅନୁବାଦ (କୃଷ୍ଣସିଂହ କୃତ), ବାଇବଲ ନାମକ ଶାସ୍ତ୍ର ଗ୍ରନ୍ଥର ଅନୁବାଦ, ଦୁର୍ଭିକ୍ଷ ଚରିତ୍ର ଓ ସତୀଶ ସ୍ୱପ୍ନଧ୍ୱଂସ ନାମକ କେତୋଟି ସାଧାରଣ ପୁସ୍ତକ ପ୍ରକାଶ କରିବାକୁ ସକ୍ଷମ ହୋଇଥିଲା । ଏହି ପୁସ୍ତକଗୁଡ଼ିକ ଓ ଅନ୍ୟ ସାମୟିକ କାଗଜ ଲେଖା, ପାଣ୍ଡୁଲିପି ଓ ଫର୍ମଙ୍କୁ ପୁନଃ କାଗଜର କଣ୍ଟ ଛାପି ନଥିବା ବହୁସଂଖ୍ୟା ଜଣକ ଧାରାକୁ ଉଡ଼ିଆ ପ୍ରକାଶ ବେଳରେ ସନ୍ତୁଷ୍ଟର କଣ ବୋଲିବାର ବଳ କଠୋର ଶପଥ ନେଇ କଟକ ପ୍ରିଣ୍ଟିଂ କମ୍ପାନୀ ସହକାରେ ସକ୍ରିୟ ହୋଇ ଉଠିଥିଲା । ସେ ଦୃଷ୍ଟିରୁ କଟକ ପ୍ରିଣ୍ଟିଂ କମ୍ପାନୀ ଓଡ଼ିଆ ଭାଷାର ହୋଇ ଉଠିଥିଲା ଏକ ଐତିହାସିକ ମୁଦ୍ରାଳୟ । ଯୁଗୀ ଗୌରୀଶଙ୍କରଙ୍କ ଧର୍ମ ଖଂଗ୍ରୀସର ଐତିହାସିକ ବ୍ୟକ୍ତିଙ୍କ କଲମ୍ବର ଅଭ୍ୟାସର ପ୍ରଚେଷ୍ଟା ଏହି ପ୍ରିଣ୍ଟିଂ କମ୍ପାନୀକୁ ଭାରତର ଏକ ଲବ୍ଧ-ପ୍ରତିଷ୍ଠ ଯୌଥ କାରବାର ଭିତ୍ତିକ ମଡେଲ ପ୍ରିଣ୍ଟିଂ କମ୍ପାନୀରେ ପରିଣତ କରି ତୋଳିଥିଲା ।

କଟକ ପ୍ରିଣ୍ଟିଂ କମ୍ପାନୀର ପ୍ରତିଷ୍ଠାକାଳରୁ ନିୟମିତ ସାହିତ୍ୟ ହେବାପରେ ଅନେକଗୁଡ଼ିଏ ଓଡ଼ିଶାର ବାସ୍ତବ ଚିତ୍ର ସରକାରଙ୍କ ସମ୍ମୁଖରେ ତୋଳିଧରିବା ପାଇଁ ବିଚ୍ଛାନନ୍ଦ, ଗୌରୀଶଙ୍କର, ଜଗମୋହନ ପ୍ରମୁଖ ସାମ୍ବାଦିକ ଓଡ଼ିଆ ପତ୍ରିକାଟିଏ ପ୍ରକାଶ କରିବା ପାଇଁ ମାନସିକ ଭାବେ ପ୍ରସ୍ତୁତ ହେଉଥିଲେ । ତା'ପରେ ନଅଙ୍କର ଘୋର ଦୁର୍ଭିକ୍ଷ ଦୃଷ୍ଟିଗୋଚର ହେବା ମାତ୍ରେ ଆସିବାରୁ ସେହି ଦୁର୍ଦ୍ଦିନର ଘନ ଘଟିଣା ମଧ୍ୟରେ ସେହିମାନଙ୍କ ଉଦ୍ୟୋଗରେ 'କଟକର ଛାପା ଯନ୍ତ୍ର' ପ୍ରାପ୍ତ 'ଉତ୍କଳ ଦୀପିକା'ର ତା ୪ ୮-୧୮୬୬ରେ

ଅନ୍ତର୍ଦ୍ଧାନ ଘଟିଲା । ଛାପାଖାନା ପରିଚାଳନା ସାଙ୍ଗକୁ ପତ୍ରିକା ସମ୍ପାଦନାର ଗୁରୁ-ଦାୟିତ୍ୱ ମଧ୍ୟ ତାଇରେକ୍ଟରଙ୍କ ଅବସାନରେ କ୍ରମେ ଗୌରୀଶଙ୍କରଙ୍କ ଉପରେ ହିଁ ସମର୍ପିତ ହୋଇଥିଲା । ତା ପରେ ଆରମ୍ଭ ହୋଇଥିଲା ନିରବଚ୍ଛିନ୍ନ ଓ ନିର୍ଭୀକ ଭାବେ ଓଡ଼ିଆ ଜାତିର ଜାଗରଣର ପାଳି ...... ଓଡ଼ିଆ ଜାତିର ନବ ଜାଗରଣର ମହା-ମନ୍ତ୍ରରେ ଅନୁପ୍ରାଣିତ ହୋଇ ଉଠିଥିଲେ ସେଦିନ ଗୌରୀଶଙ୍କର । ଓଡ଼ିଆ ଜାତିର ନବ ଜାଗରଣର ଏହି ମହାଯଜ୍ଞରେ ଗୌରୀଶଙ୍କର, କଟକ ପ୍ରିଣ୍ଟିଂ କମ୍ପାନୀ ଓ ଉତ୍କଳ ଦୀପିକା ସେପରି ଏକ ଓ ଅଭିନ୍ନ ହୋଇ ଉଠିଥିଲେ । ବସ୍ତୁତଃ ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ କଟକ ପ୍ରିଣ୍ଟିଂ କମ୍ପାନୀର ବୃହତ୍ତର କୋଠାଟି ଓଡ଼ିଆ ଜାତୀୟତାବାଦ, ଓଡ଼ିଶାର ସାଂସ୍କୃତିକ ଓ ରାଜନୈତିକ ଚେତନାର କେନ୍ଦ୍ରଶାଳ ହୋଇ ଉଠିଥିଲା ଏବଂ 'ଉତ୍କଳ ଦୀପିକା' ଥିଲା ଯେଉଁ ଜମିଦାରୀରୁ ଓଡ଼ିଶାରେ ନବଜାଗରଣର ଏକମାତ୍ର ନର୍ଭରଯୋଗ୍ୟ ଆପଣାଶା । ଓଡ଼ିଶାର ଏହି ନବଜାଗରଣରେ ଅତି ପରୋକ୍ଷର ଅଗ୍ର-ଗନ୍ତା ଉଦ୍‌ଗାତା ଥିଲେ ଗୌରୀଶଙ୍କର । ୧୮୬୬ ସାଲରୁ ଆରମ୍ଭ ହୋଇ ପ୍ରଥମେ ସାପ୍ତାହିକ ଓ ପରେ ଦୈନିକ ସମ୍ବାଦପତ୍ର ଭାବେ ପ୍ରାୟ ୬୬ ବର୍ଷକାଳ ଏକାଦିକ୍ରମେ ପ୍ରକାଶ ପାଇ 'ଉତ୍କଳ ଦୀପିକା' ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା ଓ ଜନ ଜୀବନ ଉପରେ ଗଭୀର ରେଖାପାତ କରିଥିଲା ।

୧୮୬୬ ସାଲର ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିର ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା । ହା'ଅନ୍ନର ବ୍ୟାକୁଳ ଚିତ୍କାରରେ ଓଡ଼ିଶାର ଆକାଶ ବତାସ କାରୁଣ୍ୟମୁଖରିତ ହୋଇ ଉଠିଥିଲା । ଏହି ନଅଙ୍କରେ ସରକାରୀ ହିସାବ ଅନୁସାରେ ପ୍ରାୟ ତେର ଲକ୍ଷ ଓଡ଼ିଆ ଜୀବନ ହରାଇଥିଲେ । ପ୍ରକୃତ ମୃତ୍ୟୁସଂଖ୍ୟା ଏହାଠାରୁ ଅଧିକ ଅନେକ । ଅନାହାରର ତାଡ଼ନାରେ ଗାଁ ଗଣ୍ଡା ଘରଦ୍ୱାର ପରିତ୍ୟାଗ କରି ଲକ୍ଷ ଲକ୍ଷ କାଙ୍ଗାଳୀ ସହରର ପଥ ପ୍ରାନ୍ତରରେ ଭିଡ଼ ଜମାଇଥିଲେ । ଦୁର୍ଭିକ୍ଷର ଲୋମହର୍ଷଣ ଚିତ୍ର ସେ କାଳର ପତ୍ରିକାରେ ପ୍ରକାଶିତ କେତୋଟି କବିତାରୁ ଲକ୍ଷ୍ୟ କରାଯାଇପାରେ—

"ଶାଗ ଖାଇବା ହେଲା ଉଚିତ,
ଭାତ ଖାଇଁ ନେ ଲୋକେ ଦେଖନ୍ତି ।
ଦେଖେ ନିହାରୀ ପୁନଃ ପୁନଃ । ॥ ୧ ॥

ଘରକୁ ଘର ଯେ ହୋଇଲା ଭଟିକ ଅଭାବ ହେଲେକ ଲୋକ
ଝୁଲି ଘରଦ୍ୱାର ପୋଷଣ ଆପଣ ଆସିଲେ ଜାତ ଲୋକ, ହେ ଦେଶ ।
ଦୁଃଖ କହିବ କେମନ୍ତ ଟେକ,
କହୁଥିଲ ତାହାର ଶେଷକ । ପ୍ରାଣେ ମାରିଲ ଅନେକ ॥ ୩ ॥

ଛୁଆଏ କପାଳି ସ୍ୱାମୀ ଭାର୍ଯ୍ୟା ଛିଡ଼ି ଅନ୍ନକୁ ଅପତ୍ୟ ସ୍ନେହ
ପେଟର ବେଦନା ସହି ନ ପାରି ଧାଇଁକୁ ଦେଲେ ସେ ଦେହ । ହେ ଦେଶ
ଭଲେ ଉଦାଉଠ ଘରଯୋଡ଼
ଏକ ଜଣକୁ ଶିବାକୁ ନେଇ, ଭାଜି ଖାଇଲେ ପେଟରେ ଘଞ୍ଚି ॥ ୪ ॥ (୨)

ଓଡ଼ିଆ ଜାତିର ଏହି ଚରମ ସଙ୍କଟ ସମୟରେ ଅଗ୍ରଦର୍ଶୀ ଗୌରୀଶଙ୍କରଙ୍କ ଦ୍ୱାରା ସମ୍ପୃକ୍ତ ସବୁ ପରିସ୍ଥିତି ଇଂରେଜ ପ୍ରଶାସନଙ୍କ ଅନ୍ତଦେଖନତା, ଅପାରଗତା, ଉଦାସୀନତା ଓ ଅବହେଳା ଭାରତବର୍ଷ ସଚେତ କରିଥିଲା । ଏହା ବାସ୍ତବରେ ଅତି ମର୍ମନ୍ତୁଦ ଦୃଶ୍ୟ ନରମେଧ ଯଜ୍ଞ । ଓଡ଼ିଶାରେ ପ୍ରକୃତ ସ୍ଥିତିକ ସହିତ ହୋଇଥିବା ଭୁକ୍ତଭୋଗୀ ଅବାଗତ ବର୍ଣ୍ଣିତ ଅସଲ ଭଣ ଇଂରେଜ ସ୍ୱଦେଶୀଙ୍କୁ ଦେଇ ଏ ସଙ୍କଟ ବେଦନାର ଚେତନା ଜାଗ୍ରତ କରାଇ ଥିଲେ । 'ଉତ୍କଳ ବିଳାପ' କବିତାରେ ଫକୀର ମୋହନଙ୍କ ଚରମ ଦରଦ ସ୍ୱଦେଶ ପ୍ରେମର ଅଭାବରେ ପାଇଁ ସରକାରଙ୍କ ଉପରେ ଦୃଷ୍ଟି ଆକର୍ଷଣ କରନ୍ତି —

"ଜନନୀ ଉତ୍କଳ ଓଡ଼ିଶା ବର୍ଷିଣ ବର୍ଷ ଧାନ୍ୟ ଧନା
ଦୁର୍ଭିକ୍ଷ ସମୟ ଘୋର ପରମାଦ ଘୋଟିଲା ମତେ କର୍ମାଧ ।

× × ×

ପୁଣ ପାଶ ମାସ ପନ୍ଦ୍ର ହେଲା ଦେଖି ନାହିଁ ଖାଇବାକୁ ।
କେମ ଅନ୍ନ ଅଭାବେ, ଦୋହି ଯୋଡ଼ି ଗଲେ ଯମପୁରେ ।
ଏକ ପାଶ ଦେଖ ଚଳେ ସ୍ୱର୍ଗପଥେ ଦେଖେ ତୁ ନାନ୍ୟର ଦେଖେ
ଦାରପୁତ୍ର ତ୍ରୁଟି ଏହା ଅନ୍ନ ଲେଣ୍ଡି କେଉଁଆଡ଼େ ପଳାଇଲେ ।
ସେମାନଙ୍କର ବସ୍ତ୍ର ଶଯ୍ୟା ନ ଥିବା ଚସ୍ତ୍ର ଯତ୍ନ
ଜଳ ନ ଚଷୁର ବୋଲେ ଜର୍ମିଗୁଲ ଧାନ ମୁଣ୍ଡି ନୃସିଂହ ।
ଲେଖରେ ସଚିତ୍ର ଶଯ୍ୟାଦ ରଚିଣ ଜନ୍ମାନଙ୍କ ମାଗୁଛି ।
ଘୋଡ଼ିଆ ବୃନ୍ଦାମଣ, ଭାବ ଚଟେକଥା ଜଳ କଣ ।
ଏବେ ପରମାଦ କହି ଅପବାଦ ଅବାଳରେ ମୋ ଉପରେ
ନାହିଁ କହୁ ଫଳ ବୃକ୍ଷତା କେବଳ ସ୍ୱାର୍ଥ ଦୁଃଖରୁ କରେ
ଏହା କେ ସହୃଦରେ, ଧର୍ମ ଲକ୍ଷଣ କହ ଯାଆରେ ।

× × ×

ଘର ଜମିଦାର ହୋଇଣ ଚତୁର ଜଣଆନ୍ତା ଅନ୍ୱେଷଣ
ପ୍ରକୃତ ଅବସ୍ଥା ଜାଣି ପାରିଥାନ୍ତା ନ ହୁଅନ୍ତା ଏ ମରଣ
ଜଡ଼ ଆଳସ୍ୟ ଜଳ, ଘର ଜଥାରେ ଭୁଲି ବସିଲ ।" (୮)

ସମ୍ଭବତଃ ଏ ସବୁ ଜନତାର ଜଣ ଥିଲେ ଯୋଦ୍ଧ ଗୌରୀଶଙ୍କର । ଶୁଣାଯାଏ ଏପରି ସିଧ ସ୍ପଷ୍ଟ ବାସ୍ତବ ଅଭେଦ ଯୋଗୁଁ କମିଶନର ରେଭେନସା ସାହିବ ସମ୍ପାଦକ ଗୌରୀଶଙ୍କରଙ୍କ ଉପରେ ରୁଷ୍ଟ ହୋଇ ଉଠିଥିଲେ । ପରେ ଗୌରୀଶଙ୍କରଙ୍କ ସେବାପରାୟଣତା ଓ ମହତ୍ ଅଭାବଶାର ପ୍ରମାଣ ପାଇ ତାଙ୍କ ଉପରେ ସନ୍ତୋଷର ସ୍ନେହ ଦେଖାଇ ଦେଇଥିଲେ ।

୧୮୬୬ ଖ୍ରୀ ରୁ ୧୮୬୯ ଖ୍ରୀ ପର୍ଯ୍ୟନ୍ତ ତିନିବର୍ଷ କାଳ ଉତ୍କଳ ଦୀପିକା ଉତ୍କଳର ପୂର୍ବପଶ୍ଚିମର ନଅଙ୍କର ଦରୁଣ ଜଣ ନିମନ୍ତେ ସ୍ୱରେ ବୋଲିଥିଲ ସରକାର ଜନର

ସମର୍ଥ ଓ ଉନ୍ନତିଶୀଳ କରି ତୋଳିଲେ । ସେମାନଙ୍କ ପାଇଁ ଜାତି ଭକ୍ତି ଓ ଧର୍ମ ଭକ୍ତି ସ୍ୱଭାଷା ତଥା ସ୍ୱଦେଶଭାଷା ଅବ୍ୟୁତ୍ପନ୍ନ ବୋଲିବାର ଦୃଢ଼ତା ଓ ଜବରଣୀ, ସ୍ୱଭାଷା ଅବ୍ୟୁତ୍ପନ୍ନରେ ଅଳ୍ପ ଯୋଗ୍ୟତାରେ ଅବ୍ୟବସ୍ଥା ଦୂର କରିବା, ସେମାନଙ୍କ ଧର୍ମ ଶୋଷଣ, ଶିକ୍ଷିତ ବାଳକ ବାଳିକାଙ୍କ ଅଭିଯାନ ଓ ଶିକ୍ଷା ବ୍ୟବସ୍ଥା, ଓଲାଟିଆ (ବୁଡ଼ିକା) ଶ୍ରେଣୀର ଆନ୍ଦୋଳନ ଓ ପ୍ରଚାର, ଲୁଣ ଉପରେ ଟିକସ ମୋଚନ ପାଇଁ ବେକାରୀ ଲେଖନ, ଦୁର୍ଭିକ୍ଷ ଅନୁସନ୍ଧାନ କମିଶନଙ୍କ ଦ୍ୱାରା ଦୁର୍ଭିକ୍ଷ ନିବାରଣ କମିଟି ଗଠନ, ସ୍ୱାସ୍ଥ୍ୟାବାସଙ୍କ ସହ କୁଞ୍ଜବନ ଅଞ୍ଚଳ ଆଦି ବ୍ୟାପକ ପରାମର୍ଶ ଓ ବିବରଣୀ ପ୍ରକାଶ କରି 'ଉତ୍କଳ ଦୀପିକା' ଦୁର୍ଭିକ୍ଷ କାଳରେ ଓଡ଼ିଶାର ଜନତାଙ୍କ ସମାଧାନର ମୁଖପତ୍ର ହୋଇ ଉଠିଥିଲା । ଏଥିରେ ସେବାର ସମୟରେ ଗୌରୀଶଙ୍କରଙ୍କ ପରାମର୍ଶ ଗ୍ରହଣ କରି ଓଡ଼ିଶାରେ ସେବାକୁ ଯଥା ସମ୍ଭବ ଉନ୍ନତ କରି ପୂର୍ବ ସରକାରଙ୍କର ବିଶେଷ ଅନୁକମ୍ପା ଦୃଷ୍ଟି ଦେଇ ପାରିଥିଲେ । ଏ ସମୟ ସମ୍ପାଦକଙ୍କୁ ଓଡ଼ିଆଙ୍କ ରକ୍ଷା କରିବା ପାଇଁ ମହାତ୍ମା ବିଦ୍ୟାସାଗର ଓ କ୍ଳାର୍କ ସାହେବଙ୍କ ସହିତ ହୋଇ ସନ୍ତୁଷ୍ଟ ନଥିଲେ । ପରେ ବିଭାଗ ବିଭାଗ ଧୂମ ଧର୍ମନ୍ୟାୟ ସେମାନଙ୍କୁ ଦୂର ସମାଜରେ ପୁନଃ ସ୍ଥାପନ ପାଇଁ ବ୍ୟାପକ ଉଦ୍ୟମ କରି ସଫଳତା ଅର୍ଜନ କରିଥିଲେ । (୪) ବାସ୍ତବରେ "ଉତ୍କଳ ଦୀପିକା" ଏଭଳି ସଙ୍କଟ କାଳରେ ପ୍ରକାଶ ପାଇ ନ ଥିଲେ ଆଜି କେତେ ଲକ୍ଷ ଅଧିକ ଓଡ଼ିଆ ଯେ ଦୁର୍ଭିକ୍ଷ ଦାଉରେ ମଲେ ପଡ଼ିଥାନ୍ତେ ତାର ହିସାବ କରିବା ସମ୍ଭବ ନାହିଁ । ଦୁର୍ଭିକ୍ଷ ପରେ ଏକ ସୁସଂଗଠିତ ସମବେଦନା ତଥା ଜାତିର ଅସନ୍ତୋଷରୁ ଜନ୍ମିତ ହେଉ ହେଉ ଓଡ଼ିଆ ଜାତି କୌଣସି ପ୍ରକାରେ ମଣ୍ଡି ଚଳି ବୋଲି ଆଶ୍ୱସ୍ତ ହେଲା । ଏତେବେଳେ ଓଡ଼ିଆର ଓଡ଼ିଆ ସ୍ୱତ୍ୱ ସମ୍ପ୍ରଦାୟର ପ୍ରକୃତ ସେବକ ପ୍ରବୁଦ୍ଧ ହୋଇ ନଥିଲେ ଓଡ଼ିଆ ସ୍ୱାଧୀନତା ଅଧିକ ନବଜୀବନ ତଥା ଐକ୍ୟବଦ୍ଧ ହୋଇ ବିପଦର ମୁକାବିଲା କରିବାର ସଚେତନତା ଅଧିକ ସାଧୁ ହୋଇ ଉଠିଲା ।

ଇଂରେଜ ଶାସନର ଓଡ଼ିଶା ଭୂଖଣ୍ଡ ଅନେକ କରିବା ସମାଧାନ ଓ ନିଦାରୁଣ ଅବହେଳାକୁ ସଂଶୋଧନ କରି ତାର ପ୍ରଥମରୁ ସବୁ ସଂଶୋଧନ କରିବା ପାଇଁ ବହୁ ରଚନାତ୍ମକ ଯୋଜନା ଆଣି ଓଡ଼ିଆଙ୍କ ମନରେ ନୂତନ ଉନ୍ମାଦନା ଭରି ପାରିଥିଲେ । ଆଞ୍ଚଳିକ ତଥା ଜାତୀୟତା ଓଡ଼ିଆର ଅସନ୍ତୋଷକୁ ଦୂର କରି ବାଙ୍ଗାଳୀ ଶାସନଙ୍କ ଉପରେ, ବଙ୍ଗୀୟ ଜମିଦାରଙ୍କ ଉପରେ ପ୍ରବୋଧକ ନିବାରଣ ବଙ୍ଗୀୟଙ୍କ ଉପରେ । ବଙ୍ଗୀୟମାନେ "ଓଡ଼ିଆ ସ୍ୱତନ୍ତ୍ର ଭାଷା" ବୋଲି ଏକ ଅମୂଳକ ଧାରଣା ପୋଷଣ କରି ଆସୁଥିଲେ । ତେଣୁ କେବଳ ଜନସାଧାରଣ ଭାଷା ସ୍ୱୀକୃତି, ଓଡ଼ିଆ ଜାତିର ସ୍ୱାର୍ଥ ରକ୍ଷା ପାଇଁ ମଧ୍ୟ ଉତ୍କଳ ଦୀପିକା ପ୍ରକାଶନର ପ୍ରଥମ ବର୍ଷରୁ ହିଁ ପ୍ରଚେଷ୍ଟା ଆରମ୍ଭ କରି ଦେଇଥିଲା । 'ଓଡ଼ିଆମାନେ ସ୍ୱତନ୍ତ୍ର ଜାତି' ଏହି ପ୍ରଚଳିତ ପ୍ରବାଦକୁ ଖଣ୍ଡନ କରି ଦୀପିକା ଅକାଟ୍ୟ ଯୁକ୍ତି ବାଢ଼ିଥିଲା—"ବିଦେଶୀୟ ଲୋକେ ବହୁତ ଓଡ଼ିଆ-ମାନଙ୍କର କ୍ଷତି ଏପରି ଭୁଲ ଯେ ନାନା ପ୍ରକାର ଚେଷ୍ଟା କଲେ ମଧ୍ୟ ସେମାନେ କୌଣସି ପ୍ରକାରରେ କୌଣସି ବିଷୟରେ ସ୍ଥିରୀକୃତ ହୋଇ ପାରନ୍ତୁ ନାହିଁ । ମାତ୍ର

ଅନୁଧ୍ୟାନ ପୂର୍ବକ ବିବେଚନା କରି ଦେଖିଲେ ସେମାନଙ୍କର ଏରୂପ ସଙ୍ଗ୍ରାମ ଏକାନ୍ତ ଅଦୂରଦର୍ଶିତା ମୂଳକ । ସକଳ ବିଷୟରେ ଓଡ଼ିଆମାନେ ସ୍ୱଭାବରେ ପାରଦର୍ଶୀ ।

କେବଳ କେହି ସ୍ୱାଭାବିକତା ନ ଥିବାରୁ ଏବଂ ସ୍ୱଜନଦ୍ରୋହ ତଥା ଅନ୍ୟାନ୍ୟ ବାଧା ଥିବାରୁ ଉତ୍କଳୀୟମାନଙ୍କର ସମସ୍ତ ମହତ୍ତ୍ୱଶ୍ରୀ ଧୀରେ କ୍ରମଶଃ ଲୋପ ହୋଇ ପଡ଼ୁଅଛି । ଏହି ଅସ୍ମାନଙ୍କର ପ୍ରତିବାସୀ ବଙ୍ଗାଳୀମାନଙ୍କର ଅବସ୍ଥା ଯେ ଏତେ ଉନ୍ନତ ହୋଇଅଛି ତାହାର କାରଣ କି ? କେବଳ ଐକ୍ୟର ଅଭାବ କି ଏହି ଅବନତ ଅବସ୍ଥାର ମୂଳୀଭୂତ କାରଣ ନୁହେଁ ? ଦେଶ କି ଗଭର୍ଣ୍ଣମେଣ୍ଟ ଓ ଦେଶହିତୈଷୀ ସଦାଶୟ ଲୋକଙ୍କ ଚେଷ୍ଟା ଓ ଉଦ୍ୟମ ଉତ୍କଳର ଉନ୍ନତିର କାରଣ କି ସର୍ବଦା ଉଦ୍ୟୋଗୀ ଓ ଅଗ୍ରଣୀ ହୋଇବା ନ ପାରନ୍ତି ? କୁଷ୍ଟିଆ ବଙ୍ଗଳା ଦେଶରେ ସବୁ ଲୋକର ଚେଷ୍ଟା ଉଦ୍ୟମ ଯେତେ ଅଛି ତେବେ ଆଜି କି ଉତ୍କଳର ଏପରି ଦୂରବସ୍ଥା ଥାଆନ୍ତା । × × ×

ପୁନଶ୍ଚ ଦେଖ ଏବେ ବଙ୍ଗାଳୀ ଭାଷାର ଉନ୍ନତି କାହିଁ କି ପରିମାଣ ବା ଅଛି ବର୍ଦ୍ଧମାନ ଅଛି । ତଥାପି ଉତ୍କଳୀୟ ଲେଖକମାନେ ଯେ ସକଳ କାବ୍ୟଗ୍ରନ୍ଥ ରଚନା କରି ଯାଇଅଛନ୍ତି ତାହାର ତୁଳନା ଦେବା ପାଇଁ ଆଜି ପର୍ଯ୍ୟନ୍ତ ଖଣ୍ଡେ ମଧ୍ୟ କାବ୍ୟ ବଙ୍ଗଳା ଭାଷାରେ ପ୍ରକାଶ ହୋଇନାହିଁ । ସାହିତ୍ୟ କି କାବ୍ୟ କି ଗଣିତ କି ଭୂଗୋଳ କି ଦାର୍ଶନିକ ତତ୍ତ୍ୱ ସକଳ ବିଷୟରେ ବଙ୍ଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକାଶ ହୋଇଅଛି ମାତ୍ର ଏହି ସକଳ ପୁସ୍ତକ ଅନୁବାଦିତ ବା ଅପହୃତ । ସ୍ୱାଧୀନ ପୁସ୍ତକ କେତେ ଖଣ୍ଡ ଅଛି ? ସ୍ୱାଧୀନ ଗ୍ରନ୍ଥ ମଧ୍ୟରୁ ବଙ୍ଗାଳୀମାନେ ବିଦ୍ୟାସୁନ୍ଦରକୁ ସର୍ବୋତ୍କୃଷ୍ଟ ପୁସ୍ତକ ବୋଲି ମଣନ୍ତି । ଏବଂ ଏହି ଗ୍ରନ୍ଥ ରଚନା କରି ଭାରତ ଚନ୍ଦ୍ର ରାୟ ବଙ୍ଗଳା ଦେଶରେ ବିଖ୍ୟାତ ହୋଇଅଛନ୍ତି । 'ବିଦ୍ୟା ସୁନ୍ଦର' ରଚନା ଅନେକ ପୂର୍ବରୁ ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରନ୍ତି, ତାହାର ସହିତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର ଅତି ଅପକୃଷ୍ଟ ବୋଧହୁଏ । କି ରଚନା ଚାତୁରୀ, କି ସ୍ୱଭାବ ବର୍ଣ୍ଣନା, ଅନୁପ୍ରାସ ଓ ଯମକ ରଚନା ସମସ୍ତ ବିଷୟରେ ଦୀନକୃଷ୍ଣ ଭାରତ ଚନ୍ଦ୍ରଙ୍କଠାରୁ ଅଧିକ ପଟୁତା ପ୍ରକାଶ କରିଅଛନ୍ତି ।" (୧୧)

୧୮୬୭ ମସିହାରେ ଗୋପାଳ ଚନ୍ଦ୍ର ହାଲଦାର 'ଉତ୍କଳ ଦୁର୍ଭିକ୍ଷ' ଉପରେ ଏକ ପୁସ୍ତକ ଇଂରାଜୀରେ ରଚନା କରିଥିଲେ । ପୁସ୍ତକଟିର ଭୂମିକା ପରିଶିଷ୍ଟରେ ଇଂରେଜ ଶାସନ ପରିପ୍ରେକ୍ଷରେ ବଙ୍ଗୀୟ ଅଧ୍ୟକ୍ଷ କର୍ମଚାରୀଙ୍କ ସମର୍ଥନ କରି ଓଡ଼ିଆଙ୍କୁ ଅବମାନନା କରାଯାଇଥିଲା । ଗୌରୀଶଙ୍କର ଏହାର ତୀବ୍ର ପ୍ରତିବାଦ କରି ଲେଖିଥିଲେ -"ଉକ୍ତ ପୁସ୍ତକ ପାଠ କରିବାରେ ଉକ୍ତ ଲେଖକଙ୍କର କେତେକ ବିଷୟରେ ଭ୍ରମ ଦେଖାଯାଏ । ବିଶେଷତଃ ଓଡ଼ିଆମାନଙ୍କୁ ଯେ ଅନ୍ୟାୟ ଅବୋଧ ପ୍ରଭୃତି ବର୍ଣ୍ଣନା କରନ୍ତି । ଏ ପ୍ରବାଦ ଯେ ନିତାନ୍ତ ଅମୂଳକ ଓ ଅଯଥାର୍ଥ ତାହା ଏ ପତ୍ରିକାରେ ପୂର୍ବେ ବାରମ୍ବାର ପ୍ରତିପନ୍ନ କରାଯାଇଛି । ଗ୍ରନ୍ଥକର୍ତ୍ତାଙ୍କର କାରଣ ଏହି ଯେ ଓଡ଼ିଆ-

ମାନେ ବର୍ତ୍ତମାନ କାଳର ପ୍ରୟୋଜନୀୟ ପଦାର୍ଥମାନ ପାଇଲେ, ଅତୀତର କାଳ ପ୍ରତି ଦୃଷ୍ଟି ଦେଉନାହାନ୍ତି । ସୁତରାଂ ଦୁର୍ଭିକ୍ଷରେ ଏତାଦୃଶ ଦୁରବସ୍ଥାରେ ପତିତ ହେଲେ । × × × ଏ ଦେଶରେ ଶସ୍ୟ ନଷ୍ଟ ହେବାର କାରଣ ଗଭର୍ଣ୍ଣମେଣ୍ଟରେ ଜଣାଇବାର ଗ୍ରନ୍ଥକର୍ତ୍ତା ଶାସନକର୍ତ୍ତାମାନଙ୍କ ପ୍ରତି ଦୋଷ ଅର୍ପଣ କରନ୍ତି । × × × ଦେଶର ପ୍ରକୃତାବସ୍ଥା ଅନ୍ୱେଷଣ କରିବାର ସ୍ଥାନୀୟ କର୍ମଚାରୀମାନଙ୍କର କର୍ତ୍ତବ୍ୟ । ତାହା ନକରି ଶସ୍ୟ ଅଭାବ ଜନରବ ହେଲେ । ଅତଏବ ଯଥାର୍ଥ ଦୋଷୀ ଲୋକମାନେ ଅଟନ୍ତି ।

ଗ୍ରନ୍ଥକର୍ତ୍ତା କେବଳ ସେ ଏତିକିରେ ଅଳ୍ପ ଦୋଷାରୋପ କରିବାର ଅଛନ୍ତି । ଦେଶୀ-ଲୋକ ଅନ୍ୟ ଲୋକଙ୍କୁ ଥିଲେ ମଧ୍ୟ ଆପଣା ଅଧିକାରରେ ଦୁର୍ଭିକ୍ଷ ନିବାରଣରେ ସାହାଯ୍ୟ କରି ଅଛନ୍ତି । ଏ ମତ ଭ୍ରମ — ବାବୁ ରାମନାଥ ରାୟ ଚୌଧୁରୀ, ବାବୁ ଲକ୍ଷ୍ମୀନାରାୟଣ ହରିଚନ୍ଦନ, ବାବୁ ଦେବେନ୍ଦ୍ର ନାଥ ଠାକୁର ଓ ଅହୁରି ଓ ପଟାମୁଣ୍ଡେଇ ଜମିଦାର ମାନଙ୍କର କାର୍ଯ୍ୟ ଆସୁଛ ? ଏମାନଙ୍କ ମଧ୍ୟରେ କେହି କେହି ଲକ୍ଷପତି ଅଟନ୍ତି ଓ ଏମାନେ ଆପଣା ଆପଣା ଶକ୍ତି ଅନୁସାରେ କଦାପି ସାହାଯ୍ୟ କରି ନାହାନ୍ତି ।

ଗ୍ରନ୍ଥକର୍ତ୍ତା ଜଣେ ଓଡ଼ିଆ କବିତାରଙ୍କ ଅଧିକନ୍ତୁ କଥା କହୁଅଛନ୍ତି । ସେ ଯାହାଙ୍କୁ ଉଦ୍ଦେଶ୍ୟ କରି ଲେଖିଅଛନ୍ତି ତାହା ତାଙ୍କ ଲେଖାକୁ କହୋଇ ମାତ୍ର ସେ ଏତାଦୃଶ କଥା ଓ ଅପବାଦର ଉପଯୁକ୍ତ ନୁହନ୍ତି ।" (୧୧)

ଗୌରୀଶଙ୍କର ଲକ୍ଷ ଲକ୍ଷ ଓଡ଼ିଆ ଉପବାସୀ ପ୍ରାଣରେ ଉତ୍କଳ ଦୀପିକା ମାଧ୍ୟମରେ ପ୍ରାରମ୍ଭରୁ ହିଁ ଉତ୍କଳୀୟ ଜାତୀୟତାବୋଧର ବୀଜ ବପନ କରିବା ଆରମ୍ଭ କରିଥିଲେ ।

ଏଣୁ ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିର ଗୌରୀଶଙ୍କର କଲମ ଓ ସ୍ମୃତି ମନରେ ଆଘାତ ହାଣିଲା । ଓଡ଼ିଆ ମନ ଓ ପ୍ରାଣ ଦୁଇଟି ସ୍ୱାଧୀନତାରେ ଅବଗାହନ କରି ଆଧୁନିକ ହେବାକୁ ଲାଗିଲା । ବସ୍ତୁତଃ ଜାତୀୟତାବୋଧ ହେଉଛି ଉଚିତ ଆଧୁନିକ ଯୁଗର ଏକ ଅବହେଳାମୁକ୍ତ ସଂସ୍କାରମୁଖୀ ଭାବ ପ୍ରବଣ । (୧୨) ନଅଙ୍କ ଦୁର୍ଭିକ୍ଷ ଓଡ଼ିଶା ପାଇଁ ନିଷ୍ଠୁର ଅଭିଶାପ ହୋଇଥିଲେ ମଧ୍ୟ, ପରୋକ୍ଷ ରୂପରେ ଏହା ହିଁ ହୋଇ ଉଠିଲା ଉତ୍କଳୀୟ ଜାତୀୟତାବୋଧ ତଥା ନବଜାଗରଣର ଦର୍ପଣ । ଓଡ଼ିଆ ପ୍ରାଣରେ ଏହା ନୂତନ ସାଂସ୍କୃତିକ ଆବେଗର ପୃଷ୍ଠଭୂମି ରଚନା କରିଥିଲା । ଦୁର୍ଭିକ୍ଷ ପାଇଁ ଯେଉଁ ବ୍ୟାପକ ଓଡ଼ିଆ ଜନକଷ୍ଟ ହେଲା, ତାହା ପ୍ରମୁଖ ରେଭେନ୍ସାଙ୍କ ହେବଲ 'ଉତ୍କଳ ଦର୍ପଣ'ରେ ନୁହେଁ, ମି. ଏ.ମାନଙ୍କ ଇଂରେଜ ଶାସକମାନେ ମଧ୍ୟ ଓଡ଼ିଶା ପ୍ରତି ଦୃଷ୍ଟି ଦେବାରେ ଅମୂଳ ପରିବର୍ତ୍ତନ ଘଟିଥିଲା । ପୁଣି ତେଣିକି ଇଂରେଜ ଶାସକଙ୍କ ଦୃଷ୍ଟିକୋଣରେ ନୁହେଁ, ଓଡ଼ିଶାର ମଧ୍ୟବିତ୍ତ ସମାଜରେ ମଧ୍ୟ ଇଂରାଜୀ ଶିକ୍ଷା ଓ ସଂସ୍କୃତି ପ୍ରତି ଆକର୍ଷଣ ଆସିଲା / ଅଧିକ ବୃଦ୍ଧି ପାଇଲା । ବିଦ୍ରୋହମୟ ଓଡ଼ିଶା ଜାତି ଗଣରେ 'ଅନ୍ନ ସଙ୍କଟ' ତୁଳନାରେ 'ମାନସିକ ସଙ୍କଟ' ଅଧିକ ଗ୍ଲାନିକର ତଥା ପୀଡ଼ାପ୍ରଦ ହୋଇ

ଛପୁଥିଲା । 'ଉତ୍କଳ ଦୀପିକା' ପୃଷ୍ଠାରେ ଗୌରୀଶଙ୍କରଙ୍କ ଲେଖନୀରେ ସେହି ପୀଡ଼ିତ ଅସ୍ମିତାର ବେଦନା ମର୍ମିତ ହୋଇ ଉଠିଛି—"ବଙ୍ଗଳାରେ ବହୁତ କଲେଜ ଅଛି, କିନ୍ତୁ ଓଡ଼ିଶା କି ଦୋଷ କରିଅଛି ଯେ ଗୋଟିଏ ସୁଦ୍ଧା କଲେଜ ପାଇବ ନାହିଁ । × × ହାୟ ! ଏତେ ବଡ଼ ଦୁର୍ଭିକ୍ଷର ଉତ୍ପୀଡ଼ନ, ତାହାଂ ନିବାରଣ ପକ୍ଷରେ ସରକାର ହାତ ଖୋଲି ଆପଣା କର୍ତ୍ତବ୍ୟ ସାଧନ କରି ଅଛନ୍ତି । ଏଥର ମାନସିକ ଦୁର୍ଭିକ୍ଷ ନିବାରଣର ଉପାୟ କରନ୍ତୁ ।" (୧୩) 'ମାନସିକ ଦୁର୍ଭିକ୍ଷ' ଶବ୍ଦ ଏକ ସଚେତନତା ସଦା ପ୍ରକାଶ କାର ପକ୍ଷରେ ବର୍ଣ୍ଣିତ ଯୁଗର ଏକ ଇଙ୍ଗିତାତ୍ମକ ଉଦ୍‌ବୋଧକ ଥିଲା ।

୧୮୬୮ ଖ୍ରୀରେ କଟକରେ ହାଇସ୍କୁଲ ପ୍ରତିଷ୍ଠା ସହ ଉଚ୍ଚ ଶିକ୍ଷାର ଅତ୍ୟାବଶ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିଲା । କଲେଜ ପାଠ୍ୟକ୍ରମର ଶୁଭାରମ୍ଭ ପରି ୧୮୭୬ ଖ୍ରୀରେ ଏହା ଫାଷ୍ଟଗ୍ରେଡ୍ କଲେଜର ରୂପନିଏ । ୧୮୭୧ ସାଲ ବେଳକୁ ବନମାଳି ସିଂହ ଓ ନନ୍ଦ କିଶୋର ଦାସ ଦୁଇଜଣ ଓଡ଼ିଆ ଡେପୁଟି କଲେକ୍ଟର ପଦରେ ନିଯୁକ୍ତି ପାଇଥିଲେ । ୧୮୭୩ ସାଲରେ ଡାକ୍ତରୀ ଶାସ୍ତ୍ର ଅଧ୍ୟୟନ ପାଇଁ ଓଡ଼ିଶାର ତ୍ରିଶଜଣ ଯୁବକ କଲିକତା ଯାତ୍ରା କରିଥିଲେ । ମଧୁବାବୁ ୧୮୭୩ ସାଲରେ ଏମ୍.ଏ ଓ ୧୮୭୮ ଖ୍ରୀ.ରେ ବି.ଏଲ୍ ପାଶ୍ କରି ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରି ଦେଇଥିଲେ । ୧୮୭୮ ଖ୍ରୀରେ ରାମଶଙ୍କର କଟକ କଲେଜରୁ ଏଫ୍.ଏ ପାଶ୍ କରିଥିଲେ ।

ବସ୍ତୁତଃ, ୧୮୭୦/୭୫ ଖ୍ରୀ. ବେଳକୁ ଓଡ଼ିଶାରେ ଅନେକ ଶିକ୍ଷିତ ମଧ୍ୟବିତ୍ତ ସୃଷ୍ଟି ହୋଇ ସାରିଥିଲେ । ସ୍ୱଜାତି ପ୍ରୀତି ସ୍ୱଭାଷାର ଆକର୍ଷଣ ଥିଲା ଏମାନଙ୍କ ଚରିତ୍ରର ଅନ୍ୟତମ ସ୍ୱାଭାବିକ ଦିଗ । ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧ ହେଉଛି ଓଡ଼ିଶାର ନବ ଜାଗରଣର ଯୁଗ, ଓଡ଼ିଆ ଜାତିର ଜାଗ୍ରତିର ଯୁଗ । ଗୌରୀଶଙ୍କର ହେଉଛନ୍ତି ଏହି ନବ ଯୁଗର ଯୁଗ ପୁରୁଷ, ଯୁଗ ନାୟକ ।

ସେତେବେଳେ ଓଡ଼ିଶାର ସବୁଠି ଏପରିକି ପ୍ରତ୍ୟେକ ଦପ୍ତରମାନଙ୍କ ପ୍ରଧାନ କର୍ମଚାରୀ ଥିଲେ ମଧ୍ୟ ବଙ୍ଗାଳୀ । ଓଡ଼ିଶା ଶିକ୍ଷା ବିଭାଗର କର୍ମକର୍ତ୍ତା ଏପରିକି ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷକବର୍ଗ ମଧ୍ୟ ବଙ୍ଗାଳୀ । ପୁଣି ଓଡ଼ିଶାର ସ୍କୁଲ ଗୁଡ଼ିକରେ ଛାତ୍ରଙ୍କ ମଧ୍ୟରେ ନବ୍ୟ ଶିକ୍ଷା ସଚେତନ ବଙ୍ଗୀୟ କର୍ମଚାରୀଙ୍କ ସନ୍ତାନ ମାନଙ୍କର ଭିଡ଼ । କଟକଠାରେ ଓଡ଼ିଆ ଭାଷା ପ୍ରବର୍ତ୍ତନ ଫଳରେ ନବାଗତ ବଙ୍ଗୀୟ ଅମଲାତନ୍ତ୍ର ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ । ୧୮୬୯-୭୦ ସାଲ ବେଳକୁ ଓଡ଼ିଶାର ସ୍କୁଲ ଗୁଡ଼ିକର ଓଡ଼ିଆ ଓ ବଙ୍ଗଳା ଉଭୟ ଭାଷାରେ ଶିକ୍ଷା ପ୍ରଦାନ କରାଯାଉଥିଲା । ବଙ୍ଗୀୟ ଶିକ୍ଷକମାନଙ୍କୁ ଓଡ଼ିଆ ଭାଷାରେ ପଢ଼ାଇବା ବେଳେ ଅସୁବିଧା ଉପସ୍ଥିତ ହେବାରୁ ପଡ଼ିଥିଲା । ଓଡ଼ିଆ ଭାଷାରେ ବ୍ୟାକରଣ ଓ ଅନ୍ୟାନ୍ୟ ବିଷୟର ଏଯାଏଁ ପ୍ରଣୟନ ନହେବାରୁ ପାଠ୍ୟ ପୁସ୍ତକର ଅଭାବ ଦର୍ଶାଇ ଓଡ଼ିଆ ସ୍କୁଲରେ ବଙ୍ଗଳା ଭାଷାରେ ଅଧ୍ୟୟନ ପାଇଁ ଅବତାରଣା ଆରମ୍ଭ କରାଯାଇଥିଲା । ଏପରି ଏକ ସଂକୀର୍ଣ୍ଣ ପ୍ରଚେଷ୍ଟାକୁ ପ୍ରତିହତ କରିବାକୁ

ଅପେକ୍ଷା କରି ରହିଥିଲେ । ଉମାଚରଣ ହାଲଦାରଙ୍କ ପରେ ଓଡ଼ିଶା ଶିକ୍ଷା ବିଭାଗର ବଡ଼ ଓଡ଼ିଆ ବିଦ୍ୱେଷୀ କର୍ମଚାରୀ । ସେମାନଙ୍କ ପ୍ରୋତ୍ସାହନରେ ଓଡ଼ିଶାର ସ୍କୁଲମାନଙ୍କରେ ଶିକ୍ଷା ଉପଯୋଗୀ ଓଡ଼ିଆ ପୁସ୍ତକ ନଥିବା ଦର୍ଶାଇ ଇଂରେଜ ସରକାର ୧୮୬୮ ଖ୍ରୀ.ରେ ଓଡ଼ିଶାର ସମସ୍ତ ସ୍କୁଲରେ ବଙ୍ଗଳା ଭାଷାରେ ଅଧ୍ୟୟନ ବାଧ୍ୟତା ମୂଳକ କରିବା ପାଇଁ ପ୍ରସ୍ତାବ/ନିର୍ଦ୍ଦେଶ ପଠାଇ ଦେଇଥିଲେ ।

ଏହାର ପ୍ରତିବାଦ କରି ଗୌରୀଶଙ୍କର ଉତ୍କଳ ଦୀପିକାରେ ଲେଖିଥିଲେ— "ଏ ପ୍ରସ୍ତାବ ଓଡ଼ିଶାର ଭଦ୍ର ମଣ୍ଡଳୀ ଅଣାର ମୂଳୋତ୍ପାଟନ କରିବାର ଉପକ୍ରମ କରୁଅଛି ଏବଂ ଶୀଘ୍ର ଏଥିର ଅନ୍ୟଥା ନ ହେଲେ ରକ୍ଷା ନାହିଁ । × × × ଯେଉଁ ଦେଶରେ ସେତେବେଳେ ପ୍ରଥମ ବିଦ୍ୟା ଶିକ୍ଷାର ଆରମ୍ଭ ହେଲା ଓ ଗଭର୍ଣ୍ଣମେଣ୍ଟ ବିଦ୍ୟାଳୟମାନ ସ୍ଥାପନ କଲେ ସେତେବେଳେ କି ପାଠୋପଯୋଗୀ ପୁସ୍ତକମାନ ସେ ଦେଶରେ ଥିଲା ? ସେଠାରେ ତ ଅନ୍ୟ ଭାଷା ଶିକ୍ଷା ଦେବାର କେହି ପ୍ରସ୍ତାବ କଲେ ନାହିଁ । ତେବେ ଏଠାରେ ଏ ରୂପ ହେବାର କାରଣ କି ?" (୧୪)

ଗୌରୀଶଙ୍କର ଉତ୍କଳ ଦୀପିକାରେ ଓଡ଼ିଶା ଶିକ୍ଷା ବିଭାଗର ଦାୟିତ୍ୱବାନ କର୍ମଚାରୀଙ୍କୁ ସେମାନଙ୍କ ଦାୟିତ୍ୱହୀନତା ଓ ଅପାରଗତା ପାଇଁ ଆକ୍ଷେପ କରି ଲେଖିଥିଲେ— "ଏତେଦିନ ଏଠାରେ ବିଦ୍ୟାଳୟ ସ୍ଥାପନ ହେଲା ଓ ଉତ୍କଳ ପୁସ୍ତକର ଅଭାବ ବିଷୟ ପୁନଃପୁନଃ ଡେପୁଟି ଇନସ୍ପେକ୍ଟରମାନେ ଇନସ୍ପେକ୍ଟର ଓ ଡାଇରେକ୍ଟରଙ୍କୁ ଜଣାଇଲେ କିନ୍ତୁ ଅଦ୍ୟାପି ସେମାନେ ଭଲ ପୁସ୍ତକ ରଚନା କରାଇବାର କୌଣସି ଉପାୟ କରି ନାହାନ୍ତି ଏବଂ ଯଦ୍ୟପି ମିଶନାରୀମାନେ ଏ ନଗରରେ ଅର୍ଦ୍ଧଶତାବ୍ଦୀ ହେବ ପ୍ରାୟ ଏକଖଣ୍ଡ ପୁସ୍ତକ ଉତ୍କଳ ଭାଷାରେ ଥାନ୍ତା ନାହିଁ, କୌଣସି ବିଷୟ ସାଧନ ପକ୍ଷରେ ଉପାୟ ନକରି ପରିତ୍ୟାଗ କରିବା କାପୁରୁଷର କର୍ମ ଅଟେ । ମାତ୍ର ଦୁଃଖର ବିଷୟ ଯେ, ଶିକ୍ଷାଦାନ କର୍ମଚାରୀମାନେ ପାଠଶାଳାର ନିମନ୍ତେ ଉପକରଣ ଧନ ଅଭାବ ଅର୍ଥାତ୍ ସେମାନେ ଯେଉଁପରି ଲକ୍ଷ୍ୟ ନଥିବା ଲୋକମାନଙ୍କୁ ସୃଷ୍ଟାନ୍ତ ଦେବା ପାଇଁ ଅଧିକାର ନାହିଁ, ଏ କର୍ମଚାରୀମାନେ ମଧ୍ୟ ସେହିରୂପ ଉପଯୁକ୍ତ ପୁସ୍ତକ ନଥିବା ବାହାନା କରୁଅଛନ୍ତି ।"

ଓଡ଼ିଆ ଭାଷା ବିରୋଧରେ ଏଭଳି ଷଡ଼ଯନ୍ତ୍ରର ଖବର ଉତ୍କଳ ଦୀପିକା ପୃଷ୍ଠାରେ ପ୍ରକାଶ ପାଇବା ମାତ୍ରେ ଓଡ଼ିଶାରେ ତୀବ୍ର ଆନ୍ଦୋଳନ ସୃଷ୍ଟି ହୋଇଥିଲା । ଓଡ଼ିଆ ଭାଷାଭାଷୀମାନେ ସେତେବେଳେ ଏ ସମ୍ବାଦରେ କିପରି ଆତଙ୍କିତ, ବିବ୍ରତ, କ୍ଷୁବ୍ଧ ଓ ଉତ୍କଣ୍ଠିତ ହୋଇ ଉଠିଥିଲେ ଜନୈକ ବାଲେଶ୍ୱରବାସୀଙ୍କ ଏକ ପତ୍ରରୁ ଓଡ଼ିଆ ଜାତିର ମାନସିକ ଉଦ୍‌ବେଳନର ଚିତ୍ର ସ୍ପଷ୍ଟ ହୋଇଉଠେ...... "ଏହି ପ୍ରସ୍ତାବ ପାଠ କରି ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହେଲୁ । ଯେଉଁ ଜାତି ଆମ୍ଭର ମାତୃଭାଷା ପ୍ରତି ଏ ରୂପ ଦୌରାତ୍ମ୍ୟ ଦେଖି ଘୃଣା ଓ କ୍ରୋଧର ଉଦ୍ରେକ ହେଉ ନ ହୋଇ ଉଠିଲା; ନହେବ ବା କିପାଇଁ ? ମାତାର ଦୁରବସ୍ଥା ଦେଖି ପୁତ୍ରମାନଙ୍କର କ୍ଷମତା ନଥିଲେ ଦୁଃଖ

ପୃଥକ କାହିଁକି ହୋଇପାରେ ? ଆମ୍ଭମାନଙ୍କ ଗୁରୁଙ୍କ ଭାଗବତେଶ୍ୱର ଓ ଭବିଷ୍ୟ-ପୁରାଣର ମହାତ୍ମାମାନେ କହନ୍ତିଯେ, ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । × × × ଯେଉଁ ଭାଷା କାବ୍ୟ କାନନର ବନଦେବୀ ସ୍ୱରୂପ ସଂସ୍କୃତ ଭଣ୍ଡାର ଭଳି, ସେ କି ଭାଷା ନୁହେଁ ? ଯେଉଁ ଭାଷାର ଭୂଷଣ ସୁକୁମାର ତତ୍ତ୍ୱ ଗୀତଗୋବିନ୍ଦ, ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନେ ବିବିଧ ଅଳଙ୍କାରରେ ଭୂଷିତ କରିଅଛନ୍ତି, ଯାହାର କମନୀୟ ରୂପ ମାଧୁରୀ ଦେଖି କାବ୍ୟରସାମୋଦୀ ବ୍ୟକ୍ତିମାନଙ୍କର ଚିତ୍ତକ୍ଷେତ୍ର ଅନନ୍ତ ରସରେ ପ୍ଳାବିତ ହୋଇଯାଏ, ସେ କି ଏକ ସ୍ୱତନ୍ତ୍ର ଭାଷା ନୁହେଁ ?" (୧୫) ✲

ଓଡ଼ିଆ ଭାଷାର ଅସ୍ତିତ୍ୱର ସ୍ୱପକ୍ଷରେ ଓଡ଼ିଆ ଜାତିର ନବୀନ ମନରେ ସ୍ପୃହା ଜନ୍ମିତ ହୋଇଥିଲା । ଜାତିର ଏ ସଙ୍କଟପୂର୍ଣ୍ଣ ସନ୍ଧିକ୍ଷଣ ମୁହୂର୍ତ୍ତରେ ଗୌରୀଶଙ୍କର ଉତ୍କଳ ଦୀପିକା-ରେ ଅପୋଷହୀନ ମସୀ ସଂଗ୍ରାମ ଅବ୍ୟାହତ ରଖିଥିଲେ । ତାଙ୍କ ସୁଚିନ୍ତିତ, ଯୁକ୍ତି ପୂର୍ଣ୍ଣ ଓ ତଥ୍ୟନିର୍ଭର ଆଲୋଚନା ଓଡ଼ିଶା ସରକାର ଓ ଜନତାଙ୍କ ଉପରେ ଗଭୀର ରେଖାପାତ କରୁଥିଲା ।

ଓଡ଼ିଆ ଭାଷାର ଉନ୍ନତି କଳ୍ପେ ଗୌରୀଶଙ୍କର ସେତେବେଳେ ଦୁଇଟି ମୁଖ୍ୟ ବିଷୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ—

୧. ସରକାରୀ ଅଥବା ଗୁଡ଼ା ଦ୍ୱାରା ପରିଚାଳିତ ବେସରକାରୀ ସମସ୍ତ ବିଦ୍ୟାଳୟରୁ ବଙ୍ଗଳା ଏକାବେଳକେ ଉଠାଇଦେବା ।
୨. ଓଡ଼ିଆ ଭାଷାରେ ପୁସ୍ତକାଦି ରଚନା କରିବାକୁ ଉତ୍ସୁକ ଥିବା ବ୍ୟକ୍ତିଙ୍କୁ ସରକାରୀ ଅର୍ଥ ପ୍ରୋତ୍ସାହନ ।

ଏ ପ୍ରସଙ୍ଗ ଉପରେ ବିତର୍କ ଆରମ୍ଭ କରି ସରକାରଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ ଲେଖିଥିଲେ—"ବଙ୍ଗଳା ଉଠିଗଲେ ଶିକ୍ଷା ବିଭାଗର କର୍ମଚାରୀମାନେ ଉତ୍କଳ ଭାଷାର ଉନ୍ନତି ଚେଷ୍ଟା କରିବାକୁ ବାଧ୍ୟହେବେ । ବର୍ତ୍ତମାନ ଏ କର୍ମଚାରୀମାନେ ବଙ୍ଗଦେଶରୁ ଆସୁଥିବାରୁ ଏ ଦେଶୀୟ ଭାଷା ଜାଣନ୍ତିନାହିଁ ଏବଂ ବିଦ୍ୟାଳୟରେ ବଙ୍ଗଳା ପଠନ ହେଉଥିବାରୁ ଉତ୍କଳ ପକ୍ଷରେ ଦୃଷ୍ଟି ଦେଉନ୍ତି ନାହିଁ । କେବଳ ଉତ୍କଳ ଭାଷା ପଠନ ହେଲେ ସେମାନେ ଅବଶ୍ୟ ଉତ୍କଳ ବିଦ୍ୟା-ଶିକ୍ଷା କରିବେ ନଚେତ୍ କର୍ମ ତ୍ୟାଗ କରିବେ । ସୁତରାଂ ଓଡ଼ିଆ ଭାଷାର ଆଦର ବଢ଼ିବ । କେହି କେହି କହନ୍ତି ଯେ, ଉତ୍କଳ ଭାଷାରେ ଉପଯୁକ୍ତ ପୁସ୍ତକ ନାହିଁ ଅତ-ଏବ ଏ ସମୟରେ ବଙ୍ଗଳା ଭାଷା ଉଠାଇଦେଲେ ବିଦ୍ୟାଳୟରୁ ବହୁ ବନ୍ଦ କରିବାକୁ ପଡ଼ିବ । ମାତ୍ର ବିବେଚନା କରି ଦେଖିଲେ ଏ ପ୍ରଦେଶର ଭାଷା ବିଦ୍ୟାଳୟର ଉଚିତ ଉପଯୁକ୍ତ ପୁସ୍ତକ ଅଛି × × × × ଏବଂ କ୍ରମଶଃ ଉତ୍କଳ ପୁସ୍ତକରେ ଏ ପ୍ରକାର ବୃଦ୍ଧି ହେଉଅଛିଯେ ଅଳ୍ପକାଳରେ ପ୍ରାୟ ଶିକ୍ଷାର ଉପଯୋଗୀ ସମସ୍ତ ପୁସ୍ତକ ପ୍ରାପ୍ତ

---

✲ 'ଢାକେଶ୍ୱରବାଣୀ' ଛଦ୍ମନାମରେ ଏ ପତ୍ରିକାର ଲେଖକ ସ୍ୱୟଂ ଗୌରୀଶଙ୍କର ହୋଇଥିବାର ସମ୍ଭାବନାକୁ ମଧ୍ୟ ଉପେକ୍ଷା କରାଯାଇ ନପାରେ ।

ହେବ । ସେମାନେ ଓଡ଼ିଶାର ଏ ଅବସ୍ଥା ଜାଣିପାରୁ ନାହାନ୍ତି ଓ କେବଳ ମୁଦ୍ରିତ ବହି ଦେଖନ୍ତି ଯେ ଉତ୍କଳ ଲୋକମାନେ ଆପଣା ଭାଷାର ସ୍ୱତନ୍ତ୍ର ଚର୍ଚ୍ଚା କରୁ ନାହାନ୍ତି ସେମାନଙ୍କୁ ଆମ୍ଭେମାନେ ଏକଥା କହୁଅଛୁଁ ଯେ ଅନେକ କଟକ ପ୍ରିଣ୍ଟିଂ କୋମ୍ପାନୀ ଏବଂ ବାଲେଶ୍ୱର ଛାପାଖାନା ସ୍ଥାପନର ସଦ୍‌ଯୋଗକୁ ଅବଲୋକନ କରନ୍ତୁ । ତାହା ହେଲେ ସେମାନଙ୍କ ଭ୍ରମ ଦୂର ହେବ । (୧୬)

ଏହାର ଅଳ୍ପଦିନ ପରେ କଟକ ହାଇସ୍କୁଲର ପାରିତୋଷିକରେ କମିଶନର ରେଭେନ୍‌ସା ଉତ୍କଳ ବାସୀଙ୍କର ଗୌରୀଶଙ୍କରଙ୍କ ମନ୍ତବ୍ୟକୁ ହିଁ ପୁନରୁଲ୍ଲେଖ କରି ଘୋଷଣା କରିଥିଲେ—"ବଙ୍ଗଭାଷାର କୌଣସି ପ୍ରୟୋଜନ (ଏଠାରେ) ନାହିଁ । ଏହାକୁ ଏକାବେଳକେ ଉଠାଇଦେବା କର୍ତ୍ତବ୍ୟ । ହେତୁ ଲୋକଙ୍କୁ ସ୍ୱଦେଶୀୟ ଭାଷା ଶିଖିବାର ସୁବିଧା ଏବଂ ଯାହାର କୌଣସି ବିଦେଶୀୟ ଭାଷା ଅଭ୍ୟାସ କରିବାର ଆବଶ୍ୟକ ହେବ ସେ ଇଂରାଜୀ ସ୍କୁଲକୁ ଯିବେ । ବଙ୍ଗଳା ଭାଷା ଶିଖି ଏ ଦେଶୀୟ ଲୋକଙ୍କର କିଛି ଉପକାର ନାହିଁ । ଏବେ ପର୍ଯ୍ୟନ୍ତ ବଙ୍ଗଳା ଭାଷା ଉଠାଇ ନଦେବାର ଏକ କାରଣ ବୋଧ ହୋଇଅଛି ଯେ ଉତ୍କଳ ଭାଷାରେ ଶିକ୍ଷୋପଯୋଗୀ ଅନେକ ପ୍ରଥମ ପୁସ୍ତକ ନାହିଁ କିନ୍ତୁ ବର୍ତ୍ତମାନ ସେପରି ପୁସ୍ତକ ଉତ୍କଳ ଭାଷାରେ ପ୍ରାପ୍ତ ହୋଇଅଛି ଏବଂ କଟକ ପ୍ରିଣ୍ଟିଂ କମ୍ପାନୀ ସେପରି ପୁସ୍ତକ ମୁଦ୍ରିତ କରୁଅଛନ୍ତି କିମ୍ବା ମୁଦ୍ରିତ କରିବେ ବୋଲି ପ୍ରସ୍ତୁତ ହେଉଅଛନ୍ତି ଏଥିରୁ ବୋଧ ହୁଏ ଯେ ଏ ଅଭାବ ଅଧିକ କାଳ ରହିବ ନାହିଁ । × × × ଏ ଅବସ୍ଥାରେ ବଙ୍ଗଭାଷା ରଖିବାର କୌଣସି କାରଣ ନାହିଁ ।"

କମିଶନରଙ୍କ ଘୋଷଣା ପରେ କାନ୍ତି ବାବୁଙ୍କ ମତ ପ୍ରତିଷ୍ଠିତ ହେବାର ଅଛିଥିଲା ସେତେବେଳେ କଟକ ଡିବେଟିଂ କ୍ଲବରେ ଦୁର୍ଗାପ୍ରସାଦ ସେନଗୁପ୍ତଙ୍କ ବକ୍ତବ୍ୟ ଏ ବିବାଦକୁ ଉଗ୍ର କରି ତୋଳିଲା—"ଉତ୍କଳର ଯଥାର୍ଥ ହିତାକାଂକ୍ଷୀ ଯେ ହେବେ ସେ କଦାପି ଉତ୍କଳ ଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳନ କରିବାର ଚେଷ୍ଟା କରିବେ × × × ପୂର୍ବୋକ୍ତ କମିଶନରଙ୍କ ଗଣନାନୁସାରେ ଉତ୍କଳର ଲୋକ ସଂଖ୍ୟା ବର୍ତ୍ତମାନ କୋଡ଼ିଏ ଲକ୍ଷ ଅଟେ ଓ ଏଥିରୁ ସ୍ତ୍ରୀ ବାଳକ ଇତ୍ୟାଦି ନିକାଳିଦେଲେ (ବାଦ) କେବଳ ଦଶହାର ଲକ୍ଷ ଲୋକ ଲେଖାପଢ଼ା ଜାଣିବାର ସମ୍ଭବ । କିନ୍ତୁ ଏତେ ଲୋକ କି ସ୍ୱତନ୍ତ୍ର ଭାଷା ରଖିପାରନ୍ତି ? ଅଳ୍ପ ସଂଖ୍ୟକ ଥିବାରୁ ଏଠାରେ କେବେ ନୂତନ ପୁସ୍ତକ କରି କୃତକାର୍ଯ୍ୟ ହେବାର ଅସମ୍ଭବ । ଇଂରେଜୀ ବଙ୍ଗ ସଂସ୍କୃତ ଓ ଯେଉଁମାନେ ଲୋକସଂଖ୍ୟା ଅଧିକ ହେବାରୁ ଏଠାରେ ଭାଷାର ଏତାଦୃଶ ଦୁର୍ଦ୍ଦଶା ହୋଇଅଛି । × × × ବଙ୍ଗ ଦେଶରେ ଗତ ଦଶମାସରେ ପ୍ରାୟ ୩୦୦ ଖଣ୍ଡ ନୂଆ ପୁସ୍ତକ ମୁଦ୍ରିତ ହୋଇଅଛନ୍ତି ଉତ୍କଳରେ ୩/୪ ଖଣ୍ଡରୁ ଅଧିକ ନୁହେଁ, ଏଥିରୁ ସ୍ପଷ୍ଟ ପ୍ରମାଣ ହେଉଛି ଉତ୍କଳ ଭାଷା କଦାପି ଉନ୍ନତ ହୋଇ ନପାରେ ।" (୧୭)

ଏହାର ଦୃଢ଼ ପ୍ରତିବାଦ କରିଣ ଉତ୍କଳ ଦୀପିକାରେ ଗୌରୀଶଙ୍କର ଜବାବ ଦେଇଥିଲେ—"ପ୍ରକୃତରେ ଦେଖାଯାଏ ଯେ ଉତ୍କଳ ଭାଷା ପ୍ରଚଳିତ ଥିବା ଭୂମିଖଣ୍ଡର

ଅଭ୍ୟନ୍ତର ନାନା ପ୍ରଦେଶର ଦେଶୀୟକୁ ଭଣା ନ ଯାଉ । ଅତଏବ ଉତ୍କଳ ଭଣା ଉଚିତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ଏହି ପୁସ୍ତକ ମୁଦ୍ରାଙ୍କନର ବ୍ୟୟଭାର ଗାନ୍ଧୀ (ଶ୍ରୀମନ୍) ସ୍ୱୀକାର କଲେ ତାହା ଅଧିକ ଫଳପ୍ରଦ ଅଟେ । ଆମ୍ଭେମାନେ ପୁନଃ ପୁନଃ ବଙ୍ଗଦେଶୀୟ ଯେ ବଙ୍ଗଦେଶ ସହ ଗଭର୍ଣ୍ଣମେଣ୍ଟଙ୍କର ଯେତେ ବଡ଼ ଦେଶ ସୁତନ୍ତ୍ର ସଙ୍ଗେ ଉତ୍କଳ ସହ ତାହା ହୋଇନାହିଁ । ସୁତରାଂ ଉତ୍କଳ ଖଣ୍ଡକୁ ଖଣ୍ଡ କରୁଅଛୁ । ସେହେତୁ ବଙ୍ଗକୁ ମୂଳ ଦେଶ ସହ ସମାନ ଦୃଷ୍ଟି ଆସୁ ଏ ଦେଶରେ ଉତ୍କଳ ଅବସ୍ଥା ବଙ୍ଗପ୍ରଶ୍ନ ଗ୍ରାମ ଦୃଷ୍ଟାନ୍ତ କେବେ ସ୍ୱରୋଜ୍ ବାବୁଙ୍କ କଥା ଶୋଭାପାଏ । × × ବର୍ତ୍ତମାନ ଉତ୍କଳ ଭାଷା 'ଉଡ଼ ଦେଶୀୟ ଭାଷା ବାଙ୍ଗ' ପ୍ରାପ୍ତ ଶ୍ରେଣୀକୁ ଅବନତ ହେଉଅଛି । ଏହାର କାରଣ ଏକ ଗଭର୍ଣ୍ଣମେଣ୍ଟ ହୋଇ ନ ଥିବା । ଏକ ସ୍ୱର ଦେଖିଲା ଗଭର୍ଣ୍ଣମେଣ୍ଟ ହସ୍ତରେ ଏକ ଭାଷା ମଧ୍ୟ ପ୍ରଦେଶର ଗଭର୍ଣ୍ଣମେଣ୍ଟ ହସ୍ତରେ ଓ ଅନ୍ୟ ଏକ ଭାଷା ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ହସ୍ତ ପଡ଼ିବାରୁ ଏହାର ସ୍ୱାଧୀନ ବ୍ୟବହାର ରୂପେ ଉନ୍ନତ ହେଉ ନାହିଁ । ଏକ ଏକ ସ୍ଥାନରେ ଏକ ଏକ ପ୍ରଥା ପ୍ରଚଳିତ ଏବଂ ଏକ ଏକ ପ୍ରକାର ପୁସ୍ତକ ପଠିତ ହୁଅଇ । କେଉଁ ସ୍ଥାନ ଭଲ ଅବା ମନ୍ଦ ଜାଣିବାର ଉପାୟ ନାହିଁ । ସୁତରାଂ ଉତ୍କଳ ଭାଷା ମୂଳ ସହ ଲୁପ୍ତ ହୋଇ ଅପଭାଷା ହୋଇଅଛି ।" (୧୮)

ବର୍ତ୍ତମାନ ଉତ୍କଳର ଏକଜାତୀୟତା ଚେତନା ଓ ଭାଷା ପ୍ରଥମେ ଗୋପବନ୍ଧୁଙ୍କ ଲେଖାରେ ହିଁ ମୂର୍ତ୍ତି ହୋଇ ଉଠିଥିବା ଏଠାରେ ଲକ୍ଷ୍ୟ କରିବାର କଥା । ଓଡ଼ିଆ ଭାଷା ଭାଷୀ ଲୋକମାନଙ୍କ ଐକ୍ୟବୋଧ ( feeling of oneness ) ସେତେବେଳେ ଠାରୁ ଧୀରେ ଧୀରେ ବାସ୍ତବ ଭୂମିକୁ * ସଞ୍ଚରିତ ହୋଇ ଉଠୁଥିଲା । ଜାତୀୟ ଚେତନା (Patriotism) ଗୋପବନ୍ଧୁଙ୍କ ଲେଖାରେ କ୍ରମଶଃ ଅଧିକ ସଂହତ, ସଙ୍ଗଠିତ ଓ ସ୍ପଷ୍ଟ ହୋଇ ବ୍ୟାପକ ଭାବେ ଉତ୍କଳୀୟ ଜାତୀୟତା ବୋଧ (Nationalism) ରୂପ ନେବା ପାଇଁ ଦାନା ବାନ୍ଧୁଥିଲା । ଉତ୍କଳ ସମ୍ମିଳନୀ ମାଧ୍ୟମରେ ଏହାର ସୁଯୋଗ୍ୟ ସମ୍ପାଦକ ଏବଂ ସ୍ୱତନ୍ତ୍ରତାର ରୂପ ଏକ "Mass movement and a major Political Force" ରୂପେ ନେଇ ପାରିବା ଭଳି ଆପଣା ଧାରାରେ ସର୍ବୋଚ୍ଚ ମହାତ୍ମାଙ୍କ ହସ୍ତରେ ହସ୍ତାନ୍ତରରେ ସମର୍ପଣ କରିଦେଇ ପାରିଥିଲା ତାହା ଲକ୍ଷ୍ୟ କରିବାର କଥା ।

ବସ୍ତୁତଃ ଏହି ୧୮୭୪ ସାଲରୁ ହିଁ ସମ୍ବଲପୁର ପ୍ରଭୃତି ସମ୍ବଲପୁରକୁ ଓଡ଼ିଶା (ବଙ୍ଗ ପ୍ରଦେଶ) ଭୁକ୍ତ କରିବା ପାଇଁ ବହୁତ ଚେଷ୍ଟା ଆରମ୍ଭ ହୋଇ ସାରିଥିଲା । (୧୯) ଏ ପ୍ରସଙ୍ଗରେ ଉତ୍କଳ ଦୀପିକା ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରି ପୁଣି ଲେଖିଥିଲା— 'ସମ୍ପ୍ରତି କୌଣସି କାରଣରୁ ସମ୍ବଲପୁର ଏବେ ମଧ୍ୟପ୍ରଦେଶ ଅନ୍ତର୍ଗତ ହୋଇ ଅଛି ତଥାପି ସମ୍ବଲପୁରକୁ ବାସ୍ତବରେ ଓଡ଼ିଶାର ଅଂଶ ବୋଲି ଜ୍ଞାନ କରିବାକୁ ହେବ । × × ସେଠାର ଲୋକ ସଂଖ୍ୟା ଏକ ଲକ୍ଷ ଅଧିକରେ ଅଧିକ ହୋଇପାରେ ନାହିଁ । × × ଅତଏବ ସମ୍ବଲପୁରକୁ ଓଡ଼ିଶା ସହିତ ସଂଯୋଗ କରିବା ବଡ଼ ଆବଶ୍ୟକ ହେଉଛି ।" (୨୦)

---

* ଏହା ଚିନ୍ତିତ ଭୂଖଣ୍ଡ ପ୍ରତି ସୂଚାଉଛି ।

ତତ୍ତ୍ୱାବଧାୟକମାନେ ଓଡ଼ିଶାରେ ଶିଖିବାକୁ ସକଳ ଅସୁବିଧା ପ୍ରକାଶ କରିଥିଲେ । ଏ ସମ୍ପର୍କିତ ଅନେକ ତତ୍ତ୍ୱାବଧାୟକଙ୍କ ଅଭିଯୋଗ ପ୍ରସଙ୍ଗରେ 'ଉତ୍କଳ ଦୀପ'ର ସମ୍ପାଦକ ଲେଖିଥିଲେ—"ଆମ୍ଭମାନଙ୍କ ଗଭର୍ଣ୍ଣମେଣ୍ଟ ଏ ବିଷୟରେ ଏକଥର କରିବାକୁ କାହିଁକି ମନୋଯୋଗ କରୁ ନାହାନ୍ତି ? ଏ ରୂପ କଲେ ପ୍ରଜାବର୍ଗଙ୍କର ଯଥେଷ୍ଟ ଉପକାର ହେବ ଏଥିରେ ସନ୍ଦେହ ନାହିଁ । ଦେଶ ହିତୈଷୀମାନେ ଗଭର୍ଣ୍ଣମେଣ୍ଟଙ୍କ ପ୍ରତିକୂଳ ପ୍ରସ୍ତାବକୁ ଭରସା କରିଅଛନ୍ତି, କିନ୍ତୁ ଆବେଦନ କାହିଁକି କରୁ ନାହାନ୍ତି ? X X ସୁଯୋଗ୍ୟ ଦୀପିକା ସମ୍ପାଦକ ଏ ବିଷୟ ଅଭିନବକୁ ଅଧିକ ଉତ୍ଥାପନ କରିଥିଲେ ଓ ତାଙ୍କ ମଧ୍ୟ ଏଠାରେ ବିଶେଷ ପ୍ରାର୍ଥନା ଯେ ସେ ଏଥିରେ ବିଶେଷ ଉଦ୍‌ଯୋଗୀ ହେବେ ।" (୨୧)

ଭାଷାକୁ ନେଇ ବିବାଦ ପୁଣି ଗୁରୁତର ହୋଇଉଠିଲା । କଟକ ଟ୍ରେନିଂ ସ୍କୁଲରେ ଓଡ଼ିଆ ଭାଷାକୁ ବଙ୍ଗାକ୍ଷରରେ ଲେଖିବା ନେଇ ଏକ ଷଡ଼ଯନ୍ତ୍ରରେ ପ୍ରସ୍ତାବ ଗ୍ରହଣ ହୋଇଯାଇଥିଲା । ଉତ୍କଳ ଦୀପିକା ଏହାକୁ 'ଉତ୍କଳୋଚ୍ଛେଦିନୀ' ସଭା ଏହାର ପ୍ରତିବାଦ କରିଥିଲା । କଟକ ଟ୍ରେନିଂ ସ୍କୁଲର ଏ ପ୍ରସ୍ତାବ ପ୍ରସ୍ତୁତ କରିବାର ମୂଳରେ ମୁଖ୍ୟ ଭାବରେ ଦାୟୀ ଥିଲେ ରାଜକୃଷ୍ଣ ବାବୁ । ତାଙ୍କ ଏହି କର୍ମକୁ ଉପହାସ କରି ଗୌରୀଶଙ୍କର 'ଉତ୍କଳ ଦୀପିକା' ପୃଷ୍ଠାରେ 'ଶ୍ରୀହରି ପଞ୍ଚାନନ' ଛଦ୍ମନାମରେ ଶାଣିତ ଲେଖନୀ ଧାରା ମାଧ୍ୟମରେ ଏମ୍. ଏ. ଉପାଧିଧାରୀ ରାଜକୃଷ୍ଣ ବାବୁଙ୍କୁ 'ମେଷ'ରେ ବ୍ୟଙ୍ଗ-ରୂପାୟିତ କରିଥିଲେ । ଏଥିରେ ଉତ୍ତେଜିତ ହୋଇ ରାଜକୃଷ୍ଣ ବାବୁ 'ଉତ୍କଳ ଦୀପିକା' ସମ୍ପାଦକ ଗୌରୀଶଙ୍କରଙ୍କ ନାମରେ ମାନହାନି ମକଦ୍ଦମା ଦାଏର କରିଥିଲେ । ଓଡ଼ିଆ ଓ ବଙ୍ଗାଳୀଙ୍କ ମନୋମାଳିନ୍ୟକୁ ଏହି ବିବାଦ ଜାତ ହୋଇଥିବା ଦୁର୍ଦ୍ଦମନୀୟ କରି ମାଜିଷ୍ଟ୍ରେଟ ଗୌରୀଶଙ୍କରଙ୍କ ସପକ୍ଷରେ ରାୟ ଦେଇଥିଲେ । (୨୨) ୧୮୬୯ ସାଲରେ ବଙ୍ଗଳା ସରକାର ଏହା ଘୋଷଣା କଲେଯେ, "ନିମ୍ନ ଶ୍ରେଣୀରେ ଉତ୍କଳ ବିଦ୍ୟାଳୟରେ କେବଳ ଉତ୍କଳ ଭାଷାରେ", ମଧ୍ୟ ଶ୍ରେଣୀରେ ଓଡ଼ିଆରେ ଉତ୍ତମ ପୁସ୍ତକ ନହେବା ପର୍ଯ୍ୟନ୍ତ କେବଳ ଭାଷା ଶିଖିବାପାଇଁ ବଙ୍ଗଳା ପଢ଼ାହେବ ଓ ହାଇସ୍କୁଲରେ ଓଡ଼ିଆ ଅଥବା ବଙ୍ଗଳା ଭାଷାରେ ଅଧ୍ୟୟନ ଛାତ୍ରଙ୍କ ଇଚ୍ଛାଧୀନ ରହିବ । (୨୩)

ଏହାପରେ ଏ ଭାଷା ବିବାଦର ଗତିବିଧି ବାଲେଶ୍ୱରଠାରେ କେନ୍ଦ୍ରୀଭୂତ ହୋଇଥିଲା । ଏହାର ପୁରୋଧା ଥିଲେ ବାଲେଶ୍ୱର ଜିଲା ସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ । ସେ 'ଓଡ଼ିଆ ସ୍ୱତନ୍ତ୍ର ଭାଷା ନହେ' (୧୮୭୦) ନାମରେ ଏକ ପୁସ୍ତକ ରଚନା କରି ବସିଥିଲେ । ରାଜେନ୍ଦ୍ର ଲାଲ ମିତ୍ର ଏ ପୁସ୍ତକର ରଚନା ଓ ପ୍ରକାଶନ ପାଇଁ ସକ୍ରିୟ ପ୍ରୋତ୍ସାହନ ପ୍ରଦାନ କରିଥିଲେ । (୨୪) ଏପରିକି ଏଡ଼େବଡ଼ ଭାଷା ବିବାଦର 'ନାୟକ' ବା 'ଜନକ' ଥିଲେ ଶ୍ରୀମିତ୍ର । ଏହାର ପ୍ରତିବାଦ କରି ଗୌରୀଶଙ୍କର ଉତ୍କଳର ଅତୀତକୁ ମଧ୍ୟ ସ୍ମୃତି ଅନେକଥର ସାଉଁଟି ରଖିଥିଲେ – "କେବଳ କେତେକ ପୁସ୍ତକ ହେତୁରୁ ଯେବେ ଦୁଇ ବା ଅଧିକ ଭାଷାକୁ ଏକ ବୋଲିବାକୁ ପାରିବ ତେବେ ସେହି ଓଡ଼ିଆକୁ ହିନ୍ଦି ଓ ବଙ୍ଗଳା କହାଯାଇପାରେ କହିଲେ ଦୋଷ ହେବ ନାହିଁ । ମାତ୍ର ଓଡ଼ିଆମାନେ ଭ୍ରାନ୍ତିକୁ ଏତେ ଅହଙ୍କାର କରନ୍ତି ନାହିଁ । ଅଥଚ

ବସ୍ତୁର ମଧ୍ୟ ଏମାନଙ୍କର ଅଧିକାର ରହିବାର ଅନେକ କାରଣ ଅଛି । ଉତ୍କଳର କୀର୍ତ୍ତିକଳାପ ବଙ୍ଗଳାରେ ନାହିଁ । ଉତ୍କଳର ରାଜା ଏକ ସମୟରେ ବଙ୍ଗଳାର ତ୍ରିବେଣୀ ପର୍ଯ୍ୟନ୍ତ ଅଧିକାର କରିଥିଲେ । ବଙ୍ଗଳାର କୌଣସି ରାଜା କେବେ ଉତ୍କଳକୁ ଜୟ କରିବାକୁ ସମର୍ଥ ହୋଇନାହାନ୍ତି । ଅତଏବ ବଳବୀର୍ଯ୍ୟ ଓ ଶିଳ୍ପ କୌଶଳରେ ଉତ୍କଳର ପୂର୍ବକାଳୀନ ଲୋକ ବଙ୍ଗଳାରୁ ଶ୍ରେଷ୍ଠଥିବା ପ୍ରତ୍ୟକ୍ଷ ହେଉଛି କିନ୍ତୁ ଏକ'ଠାରୁ ହୀନ ହୋଇଥିଲେ କଦାପି ସମ୍ଭବ ନୁହଇ । x x x ବିଶେଷତଃ ଉତ୍କଳରେ ଯେତେ ପ୍ରାଚୀନ ଭାଷା ଗ୍ରନ୍ଥ ଅଛି ବଙ୍ଗଳାରେ ସେତେ ନାହିଁ ।" (୨୫)

ଏହି ଧରଣର ବହୁ ବିବାଦ ଦେଶୀୟ ଗଣ୍ଡଗୋଳର ରୂପ ନେଇ ବସିଥିଲା । ସ୍ୱାର୍ଥ ଗୋଷ୍ଠୀ ବଙ୍ଗାଳୀମାନେ ଏଣେ ସ୍ଥାନରେ ଉତ୍କଳର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷା ପ୍ରଚଳନ ପାଇଁ ଦରଖାସ୍ତ ଛଡ଼ାଇ ଗୋପନରେ ଓଡ଼ିଆଙ୍କ ଦସ୍ତଖତ ସଂଗ୍ରହ ଅଭିଯାନରେ ଲାଗିପଡ଼ିଥିଲେ । ଏଥିପାଇଁ ଉତ୍କଳର ବଙ୍ଗାଳୀ କର୍ମଚାରୀଙ୍କ ଷ୍ଟାମ୍ପ.ଇଲ ପ୍ରଜା/ସ୍କୁଲ ଅବଶ୍ୟ ଲଗାଇବାର ଚେଷ୍ଟା କରୁଥାଆନ୍ତି । ଏ ପ୍ରକାର ଅପପ୍ରଚାର ଦେଖି ଉତ୍କ୍ଷିପ୍ତ ହୋଇ ଗୌରୀଶଙ୍କର ଏମାନଙ୍କୁ ଶିକ୍ଷା ଦେବା ପାଇଁ ସରକାରଙ୍କୁ ସତର୍କ କରାଇ ଦେଇଥିଲେ—"ଆଜି ଏକ କଥାରେ ଯେବେ ଉପର ମହାଲ୍‌ବାସୀଙ୍କର ଦରଖାସ୍ତ ନେଇ ଓଡ଼ିଆଙ୍କ ସ୍ୱାର୍ଥ ଭାଙ୍ଗି ଉତ୍କଳର ମଙ୍ଗଳ ବୋଲି ଗଭର୍ଣ୍ଣମେଣ୍ଟକୁ ପ୍ରତାରଣା କରି ପାରନ୍ତି ତେବେ ସେ ଗଭର୍ଣ୍ଣମେଣ୍ଟ କମ୍ପା ଅଧିକାଂଶ ଦୋଷୀ ସ୍ଥାନର ବସ୍ତିରେ ପଶୁ ନେଇ ଏପରି ଓଡ଼ିଆଙ୍କ ସ୍ୱାର୍ଥ ସମ୍ବନ୍ଧ ନେଇ ଦରଖାସ୍ତ ପଠାଇ ପାରନ୍ତି । ସ୍ୱଜାତିଦ୍ରୋହୀ ଏରୂପ ହୋଇପାରେ । ଅତଏବ ସେହିମାନେ ଏ ଦରଖାସ୍ତରେ ସ୍ୱାକ୍ଷର ଦେଇ ଥାଇ ଭୁଲିବେନି, ତାଙ୍କର ତଦନ୍ତ ଅନୁସନ୍ଧାନ କରିବା ଗଭର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ ଅଟେ ।" (୨୬) ସମ୍ଭବତଃ ଏ ଭାଷା ବିବାଦର ଜନକାଙ୍କ୍ଷଙ୍କ ଅଧିକାରକୁ ସ୍ୱଜାତିଦ୍ରୋହ ସହ ସମ୍ପର୍କାନ୍ୱିତ କରି ଗୌରୀଶଙ୍କର ସେମାନଙ୍କୁ ସମୁଚିତ ଶିକ୍ଷା ଦେବାକୁ ଚାହୁଁଥିଲେ ।

ସ୍ୱଦେଶ ପ୍ରତି ଗଭୀର ଅନୁରାଗ ଓ ପ୍ରେରଣାରୁ ନୈତିକ ବଳ ସଞ୍ଚୟ କରି 'ଉତ୍କଳ-ହିତୈଷିଣୀ' ଓ 'ଉତ୍କଳ ଦୀପିକା' ପତ୍ରିକା ପ୍ରଧାନ ମୁଖପତ୍ର ଓଡ଼ିଆ ଜାତୀୟତାବାଦୀ ଦୃଷ୍ଟି ଗ୍ରହଣ କରି ଉଠିଥିଲେ । ଗୌରୀଶଙ୍କର ଓ ତାଙ୍କ ସହଯୋଗୀମାନଙ୍କ ଉଦ୍ୟମରୁ ଭୂଦେବ ମୁଖୋପାଧ୍ୟାୟ, କୃଷ୍ଣମୋହନ ବାନାର୍ଜିଙ୍କ ବନ୍ଦ୍ୟୋପାଧ୍ୟାୟ, ଉମେଶଚନ୍ଦ୍ର ବେଲ୍ଭେଣ୍ଟିନା ପଣ୍ଡିତଙ୍କ ପୃଷ୍ଠପୋଷକତା ଫଳରେ ଓଡ଼ିଆ ଭାଷା ଉଚ୍ଛେଦ 'ଅପଚେଷ୍ଟା' ବନ୍ଦ ହୋଇ ଯାଇଥିଲା ।

ଏଠାରେ ଉଲ୍ଲେଖ କରିବା ଅତ୍ୟନ୍ତ ପ୍ରୟୋଜନ ଯେ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଶିକ୍ଷିତ ଶ୍ରେଣୀ ଥିଲେ ଏହାର ସ୍ରଷ୍ଟା ଏବଂ ନେତା । ବଙ୍ଗଳା ଭାଷାର ଆଘାତ ପ୍ରତିହତ କରିବା ସହିତ ଜାତୀୟ ସଂସ୍କୃତି ଅକ୍ଷୁଣ୍ଣ ରଖିବା ପାଇଁ ଉତ୍କଳ ଦୀପିକା ଓଡ଼ିଆ ଜାତିର ତଥା ସମସ୍ତ ଓଡ଼ିଆଙ୍କୁ ଅଧିକ ରକ୍ଷା କରିବାର ଭୂମିକା ଗ୍ରହଣ କରିଥିଲା ।

ସ୍ୱଦେଶୀ ପକ୍ଷକୁ ନୀରବ/ନିରସ୍ତ କରିବା ପାଇଁ ଇଂରାଜମାନେ କୌଶଳ ନିର୍ଦ୍ଦିଷ୍ଟ କରୁଥିଲେ ଶିବିର ସେନାପତି ଗୌରୀଶଙ୍କର । ତାଙ୍କର ନେତୃତ୍ୱରେ ଉତ୍କଳ ଦୀପିକା ସାଙ୍ଗକୁ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକ ତତ୍ପର ହୋଇ ଏ କାର୍ଯ୍ୟ ଆନ୍ଦୋଳନର ସମ୍ପୃକ୍ତ ହୋଇ ପାରିଥିଲେ । ବାସ୍ତବରେ ଏହି 'ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ' ହିଁ ଥିଲା ଓଡ଼ିଆ ଜାତୀୟତାର ପ୍ରଥମ ଉଦ୍ଭବର ବଳିଷ୍ଠ ଆତ୍ମପ୍ରକାଶ । (୨୭)

ଓଡ଼ିଆ ଭାଷାରେ ଉତ୍ତମ ପାଠ୍ୟପୁସ୍ତକର ଅଭାବ ଦୂର କରିବା ପାଇଁ ଗୋବିନ୍ଦ ରଥ ପ୍ରମୁଖ ଶିକ୍ଷିତ ଓଡ଼ିଆ ଯୁବକଙ୍କୁ ନେଇ ମିଶନାରୀଙ୍କ ସହଯୋଗରେ ଗୌରୀଶଙ୍କର ଅଗ୍ରଣୀ ରହିଥିଲେ । ଓଡ଼ିଆ ପୁସ୍ତକ ପ୍ରକାଶନ ସହ ତତ୍କାଳୀନ କଲିକତା ସ୍କୁଲ୍ ସୋସାଇଟିକୁ ନେଇ ଦଳ ଗୌରୀଶଙ୍କର ଦକ୍ଷତାରେ ଓଡ଼ିଆ ପୁସ୍ତକ ପ୍ରକାଶ ତଥା ମନୋନୟନ ପାଇଁ କମିଟି ଗଠନର ପ୍ରସ୍ତାବ ଦେଇଥିଲେ । ପ୍ରସ୍ତାବ ମତେ ସରକାର ଗୌରୀଶଙ୍କରଙ୍କୁ ନେଇ କମିଟି ଗଠନ କରିଥିଲେ । ଗୌରୀଶଙ୍କରଙ୍କ ଆହ୍ୱାନ କ୍ରମେ ପ୍ରଥମଥର ଓଡ଼ିଆ ଭାଷାରେ ରଚିତ ଶ୍ରେଷ୍ଠ ପୁସ୍ତକ ପାଇଁ ଢେଙ୍କାନାଳ ମହାରାଜା ଏକ ସହସ୍ର ଟଙ୍କା ପୁରସ୍କାର ପ୍ରଦାନ କରିବା ପ୍ରକାଶେ କମିଟି ହସ୍ତରେ ଟଙ୍କା ଅର୍ପଣ କରିଥିଲେ ।

ଗୌରୀଶଙ୍କର ସ୍ୱୟଂ ଏକାଧିକ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଣୟନ କରିଥିଲେ । ସେ କାଳରେ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଣୟନ ନାମରେ ବଙ୍ଗଳା ପାଠ୍ୟ-ପୁସ୍ତକର ଅବିକଳ ଅନୁବାଦ ପ୍ରକାଶ ପାଉଥିଲା । ଗୌରୀଶଙ୍କର ଥିଲେ ତାର ବ୍ୟତିକ୍ରମ । ଉତ୍କଳ ଦୀପିକା ପୃଷ୍ଠାରେ ଓଡ଼ିଆ ଭାଷାର ମୌଳିକତା ନେଇ ସଂଗ୍ରାମ ଚଳାଇ ଆସୁଥିବା ଗୌରୀଶଙ୍କର ଓଡ଼ିଆ ପାଠ୍ୟ ପୁସ୍ତକ ଆନ୍ଦୋଳନର ପ୍ରବର୍ତ୍ତକ ଭାବରେ ଏ ଦିଗ ପ୍ରତି ସତର୍କ ସଜାଗ ରହିଥିଲେ । ଗୌରୀଶଙ୍କରଙ୍କ ସରଳତା ଗଦ୍ୟ ଶୈଳୀରୁ ତାଙ୍କ ସ୍ୱାଧୀନ ଚେତନା ସମ୍ପାଦକୀୟ ସ୍ପଷ୍ଟ ପ୍ରତିଫଳିତ ହୋଇଛି । ତାଙ୍କ ପ୍ରଣୀତ 'ଭୂଗୋଳ ତତ୍ତ୍ୱ' ପୁସ୍ତକର ସେତେବେଳେ ରହିଛି ଗୌରୀଶଙ୍କରଙ୍କ ପରିଚ୍ଛନ୍ନ ଗଦ୍ୟଶୈଳୀର ଉଦାହରଣ ସୁଲଭ । ଗୌରୀଶଙ୍କର ଯଥାର୍ଥରେ ଓଡ଼ିଆ ଗଦ୍ୟ ସାହିତ୍ୟର ଆଦ୍ୟପର୍ବର ଜଣେ ସଫଳ ଗଦ୍ୟ ଲେଖକ । ଏପରିକି ଗୌରୀଶଙ୍କରଙ୍କ ଓଡ଼ିଆ ଗଦ୍ୟର ପରିଚ୍ଛନ୍ନତା, ଭାବ ପ୍ରାଞ୍ଜଳତା, ସାବଲୀଳତା ଓ ଅର୍ଥ ପରିବହନ ପାରଙ୍ଗମତା ପ୍ରତିଭା ସାହିତ୍ୟିକ/ନାଟ୍ୟକାର ରାମଶଙ୍କରଙ୍କ ଦୃଷ୍ଟିରେ ଦେଖିବାକୁ ମିଳେନା । ଗୌରୀଶଙ୍କର ଯଥାର୍ଥରେ ଥିଲେ ଜଣେ ଆଦର୍ଶ ଓଡ଼ିଆ ଗଦ୍ୟକାର ।

ଗୌରୀଶଙ୍କର ଥିଲେ ପ୍ରାଚୀନ ଓଡ଼ିଆ କାବ୍ୟ କବିତାର ମୁଦ୍ରଣ ଉଦ୍ଧାରକ । ଅଶ୍ଳୀଳତାର ଅଭିଯୋଗ ଆରୋପ କରି ଓଡ଼ିଶାରେ ଭଞ୍ଜ କାବ୍ୟ ଉପେକ୍ଷାର ଆନ୍ଦୋଳନରେ ଗୌରୀଶଙ୍କର ଭଞ୍ଜଙ୍କ କାବ୍ୟ ପକ୍ଷନେଇ ଦୀପିକା ପୃଷ୍ଠାରେ ସମର୍ଥନ କରିଥିଲେ । ପରେ ପରେ 'ଇନ୍ଦ୍ରଧନୁ' ମାଧ୍ୟମରେ ସେ ଓଡ଼ିଆ ଛନ୍ଦକାବ୍ୟର ବର୍ତ୍ତିକାକୁ ଅଧିକ ଦୀପ୍ତିମାନ କରିବାକୁ ପ୍ରଚେଷ୍ଟ ଥିଲେ । ପ୍ରିଣ୍ଟିଂପ୍ରେସ ସ୍ଥାପନର

ଦେଢ଼ଶହ ବର୍ଷ ମଧ୍ୟରେ ଭକ୍ତଙ୍କ 'ପ୍ରେମ ସୁଧାନିଧି' କାବ୍ୟକୁ ନୂଆ ମୁଦ୍ରିତ ରୂପ ଦେଇପାରି-
ଥିଲେ । 'ବୈଦେହୀଶ ବିଳାସ' ଏବଂ 'କୃଷ୍ଣଭ ଓ ଦ୍ୟସ୍ତାତ୍ମ' କାବ୍ୟକୁ ମୁଦ୍ରିତ ରୂପ
ଦେବାପାଇଁ ଅତୁଳ ଘୋଷ ଦୂରସମ୍ପର୍କୀୟ ଭ୍ରାତୃ ସନ୍ତାନ ସଦାଶିବ କାବ୍ୟରସିକ ଗୌରୀ-
ଶଙ୍କରଙ୍କ ଦୀପିକା ମୁଦ୍ରାରେ ଶ୍ରୀଯୁକ୍ତ ଡା. ଅନନ୍ତ ବାସୁଦେବ ଲକ୍ଷ୍ମୀ ପ୍ରକାଶର
କଥା । (୬୮) 'ଉତ୍କଳ ପଞ୍ଜିକା' ଗୌରୀଶଙ୍କରଙ୍କ ଉଦ୍ୟମରେ ଏହି ସମ୍ବାଦପତ୍ରକୁ
ପ୍ରକାଶପାଇ ଓଡ଼ିଶାରେ ବଙ୍ଗଳା ପାଞ୍ଜିର ପ୍ରଚଳନ ବନ୍ଦ କରି ଦେଇଥିଲା । (୬୯)
ଜନେମ ଶ୍ରୀ ଶ୍ରୀ ଶର୍ମାଙ୍କର ମୁଦ୍ରିତ ପୁସ୍ତକ ପ୍ରଶଂସା ଅଶାତୀତ ଭାବେ ବୃଦ୍ଧି ପାଇବାରୁ
ଗୌରୀଶଙ୍କରଙ୍କୁ କମିଶନ ସମ୍ବାଦପତ୍ର ଲେଖାରେ ଅଗତ୍ୟା ପୁସ୍ତକ ଦୋକାନଟିଏ
ଖୋଲିବାକୁ ପଡ଼ିଲା । ଶିକ୍ଷିତ ଓଡ଼ିଆ ପାଠକଙ୍କୁ ନେଇ ଏକ ଆଧୁନିକ ରୁଚି ସାହିତ୍ୟ
ବଞ୍ଚାଇ ରଖିବା ଦୂରଦୃଷ୍ଟି ବ୍ୟାକରଣିକ ବୋଲି ସୁରେନ୍ଦ୍ର ଲାଲ ମିଶ୍ର ଏକଦା ସତ୍ତର୍ଦ୍ଦବାର୍ଣ୍ଣ
ଶୁଣାଇଥିଲେ । ଓଡ଼ିଆ ପ୍ରତି ଗୌରୀଶଙ୍କର ତାଙ୍କ କଥାକୁ ଦୃଢ଼ ସମର୍ଥନ କରିଥିଲେ ।
ଇତିହାସ, ଐତିହାସିକ ସୁରେନ୍ଦ୍ର ଲାଲ ମିଶ୍ରଙ୍କ ସମ୍ପର୍କରେ ଲେଖି, ଗୌରୀଶଙ୍କରଙ୍କ
ସମ୍ପର୍କରେ ସେ କୃତଜ୍ଞ ସ୍ୱପ୍ନ ଦେଖାଇଥିଲେ । (୭୦)

ପ୍ରାଚୀନ ଓଡ଼ିଆ ଛାନ୍ଦ, ଚମ୍ପୂ, ଚଉତିଶା ଓ ସଙ୍ଗୀତ ଶାସ୍ତ୍ର ପ୍ରତି
ପ୍ରାଣବନ୍ତ ଥିଲେ ଗୌରୀଶଙ୍କର । ସେ ସ୍ୱୟଂ ସୁମଧୁର ସଙ୍ଗୀତ ଗାନ କରି ପାରୁଥିଲେ ।
ଶିଳ୍ପୀ ଶର୍ମାଙ୍କ ଦ୍ୱାରା ସମ୍ପାଦନରେ ତାଙ୍କର ପୁସ୍ତକ ପ୍ରକାଶରେ ସଙ୍ଗୀତ ଚର୍ଚ୍ଚାର
ଅଗ୍ରଗତି ହୋଇଥିଲା । ଓଡ଼ିଶା ସଙ୍ଗୀତର ସମ୍ବର୍ଦ୍ଧନା ଓ ପ୍ରସାର ପାଇଁ ସେ ଏକାନ୍ତରେ
ବହୁ ଧନ ବ୍ୟୟ କରି ଯାଇଥିଲେ । ପୁଣି ଓଡ଼ିଶାରେ ରଙ୍ଗମଞ୍ଚର ଉଦ୍ଭବ ଓ ଓଡ଼ିଆ
ନାଟକର ପ୍ରସାର ପାଇଁ ଗୌରୀଶଙ୍କର ଦୀପିକା ପୃଷ୍ଠାରେ ଧାରାବାହିକ ଘୋଷଣା/ପ୍ରୋତ୍ସା-
ହନର ବାଣୀ ଶୁଣାଉଥିଲେ । ଓଡ଼ିଆ ନାଟ୍ୟକାର ସମସ୍ତଙ୍କୁ ଗଡ଼ଜାତରେ
ଗୌରୀଶଙ୍କରଙ୍କ ଅବଦାନକୁ ଉପେକ୍ଷା କରି ହେବନାହିଁ ।

ଉତ୍କଳ ପ୍ରାଣ ବାବୁ ମଧୁସୂଦନଙ୍କ ପରି ଅନନ୍ୟ ସାଧାରଣ ଗୁଣ ବ୍ୟକ୍ତିଙ୍କ
ଆଶୀର୍ବାଦ ଓ ଆଶ୍ୱାସନା ବଳରେ ଗୌରୀଶଙ୍କର ସମସ୍ତ ପ୍ରକାର ପ୍ରତିକୂଳ ପରିବେଶକୁ
ଅତିକ୍ରମ କରି ମୁକାବିଲା କରି ଓଡ଼ିଶାରେ ନବ ଜାଗରଣର ପଥ ପ୍ରସ୍ତୁତରେ ନିଜକୁ ଉତ୍ସର୍ଗ
କରି ଦେଇଥିଲେ । ମଧୁସୂଦନଙ୍କ ଦେହାନ୍ତ (୧୮୭୫) ଫଳରେ ଗୌରୀଶଙ୍କର
ତାଙ୍କ Friend Philosopher ଓ Guideଙ୍କୁ ହରାଇ ବସିଥିଲେ । ମଧୁସୂ-
ଦନଙ୍କ ମୃତ୍ୟୁରେ ଗୌରୀଶଙ୍କରଙ୍କ ମନରେ ପ୍ରଚଣ୍ଡ ମାନସିକ ଆଘାତ ଲାଗିଥିଲା—
"ବାବୁ ମଧୁସୂଦନ ରାଓ ନବ୍ୟ ଶିକ୍ଷିତ ସମ୍ପ୍ରଦାୟର ଲୋକ ନଥିଲେ ହେଁ ତାହାଙ୍କ
ଦ୍ୱାରା ଦେଶର ଯେତେ ଉପକାର ହୋଇଅଛି ଅନ୍ୟ କାହାରି ଦ୍ୱାରା ସେପରି ହେବାର ଦେଖିନ
ଆଜି ସେ ମାର୍ଗରେ ତାହାଙ୍କର ଚିନ୍ତା କରିବାର ସୁବିଧା ଦେଖାଯାଉ ନାହିଁ । ବର୍ତ୍ତମାନ
ଓଡ଼ିଶାରେ ଅନେକ ଯୁବକ ଓଡ଼ିଆ ବେସ୍ଥିତିରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଉଚ୍ଚପଦ
ମାନଙ୍କରେ ପ୍ରତିଷ୍ଠିତ ହୋଇ ଅଛନ୍ତି । ମାତ୍ର ଏମାନଙ୍କ ଦ୍ୱାରା ସମାଜର କ ଲାଭ

ହୋଇଅଛୁ ? ସାମାନ୍ୟ ବ୍ୟକ୍ତିଙ୍କ ପରି ବଡ଼ ଗୁଣଜ୍ଞମାନେ ମଧ୍ୟ ଆପଣା ବୃତ୍ତିକୁ ପାଳିବା ଛଡ଼ା ଅନ୍ୟ କେଉଁ ମହତ୍ କାର୍ଯ୍ୟ କରୁଅଛନ୍ତି ? ବାବୁ ବିଚିତ୍ରାନନ୍ଦ ଦାସଙ୍କ ମୁଖ ଉଜ୍ଜ୍ୱଳ କରିବାକୁ ଜଣେ କେହି ଓଡ଼ିଆ ଏପରି ବାହାର କାହିଁ ସେହି ତାହାଙ୍କର ମାର୍ଗରେ ଗତି କରୁଅଛୁ । ସେ ଏକ ଉଚ୍ଚଳକ୍ଷ୍ୟ ଥିଲେ ସେ ତାହାଙ୍କ ଶୋକରେ କାତର ଓଡ଼ିଶାର ମୁଖ ଉଜ୍ଜ୍ୱଳ କରିଥିଲେ । ସେ ଅସ୍ତମିତ ହେଲେ ସବୁ ଅନ୍ଧକାର ହୋଇ-ଗଲା ।" (୩୮)

ବିଚିତ୍ରାନନ୍ଦଙ୍କ ପରେ ତାଙ୍କ ଶୂନ୍ୟସ୍ଥାନ ପଦପୂରଣ ପୂର୍ବକ ଓଡ଼ିଶାର ମୁଖୋ-ଜ୍ଜ୍ୱଳ କରିପାର ନବ୍ୟକଳ୍ପ ଶିକ୍ଷିତ ସନ୍ତାନ ତଥା ଏକ କର୍ମପଥରେ ଜଣେ ସମର୍ଥ ସହଯୋଗୀ ଗୌରୀଶଙ୍କରଙ୍କ ଦୃଷ୍ଟିରେ କେହି ଓଡ଼ିଶାରେ ଆଉ ଦେଖୁନଥିଲେ । ସମ୍ପୂର୍ଣ୍ଣ ଓଡ଼ିଆଜାତିର ସେତେବେଳେ ପ୍ରୟୋଜନ ଥିଲା ବଳିଷ୍ଠ ନେତୃତ୍ୱ, ଅଭିନବ ତଥା ଫଳପ୍ରୋତ୍ସାହୀ ପଦକ୍ଷେପ । ଏପରି ଏକ ସଙ୍କଟପୂର୍ଣ୍ଣ ସମୟରେ ୧୮୮୧ ମସିହା ସେପ୍‌ଟେମ୍ବର ମାସରେ ଓଡ଼ିଶାର ପ୍ରଥମ ଆଇନ ଉପାଧିଧାରୀ ମଧୁସୂଦନ ଦାସ ସେତେବେଳେ ଓକିଲାତି କରିବା ପାଇଁ କଟକ ଫେରିଲେ, ଦୂରଦର୍ଶୀ ପ୍ରାଜ୍ଞ ଗୌରୀଶଙ୍କର ତାଙ୍କ ଯୋଗ୍ୟ ସାଥୀକୁ ସମ୍ବର୍ଦ୍ଧନା ଜଣାଇ ପାଖେଇକି ଆଣିଥିଲେ । ଓଡ଼ିଶାର ସର୍ବପ୍ରଥମ ବି. ଏ. ସର୍ବପ୍ରଥମ ଏମ. ଏ. ଓ ସର୍ବପ୍ରଥମ ବି. ଏଲ. ଉପାଧିଧାରୀ ମଧୁବାବୁଙ୍କ ଆଗମନ ଓଡ଼ିଶାର ଯୁବ ସମାଜରେ ନୂତନ ଆଶା ଓ ଉଦ୍ଦୀପନା ସଞ୍ଚାର କରିଥିଲା । ବିଶିଷ୍ଟ କର୍ମୀମାନର ପ୍ରଶସ୍ତ ବୃତ୍ତିଗତ ପ୍ରସାଦରେ ଗୌରୀଶଙ୍କର ଓ ଅନ୍ୟ ସୁମଣୀଷୀଙ୍କ ଉଦ୍ୟମରେ ମଧୁବାବୁଙ୍କୁ ଏକ ସ୍ୱାଗତ ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରାଯାଇଥିଲା । ମଧୁବାବୁ କଲିକତାରୁ କଟକ ପ୍ରତ୍ୟାବର୍ତ୍ତନ ପରେ ଗୌରୀଶଙ୍କର ତାଙ୍କ କର୍ମକାଣ୍ଡର ସାଥୀ ଓ ସହାୟ ହୋଇ ରହିଥିଲେ । ଓଡ଼ିଶାର ଭୂଖଣ୍ଡଗୁଡ଼ିକ ଓ ସାଂସ୍କୃତିକ ଐକ୍ୟ ସାଧନରେ ମୁଖ୍ୟତଃ ଜାତୀୟ ଜୀବନ ଗଠନରେ ତଥା ବିଚ୍ଛିନ୍ନ ଉତ୍କଳ ଏକତ୍ରୀ-କରଣ ସଂଗ୍ରାମରେ ଗୌରୀଶଙ୍କର ଥିଲେ ମଧୁବାବୁଙ୍କ ବଳିଷ୍ଠ ମନ୍ତ୍ରଦାତା, ସହଯୋଗୀ ଓ ସମର୍ଥକ । ତାଙ୍କଠାରୁ ଗୌରୀଶଙ୍କରଙ୍କୁ ଭକ୍ତିର ଆବେଗରେ ମଧୁବାବୁ 'ମାଷ୍ଟରଦା' ବୋଲି ସମ୍ବୋଧିତ କରୁଥିଲେ । ମଧୁବାବୁଙ୍କ ଦୃଢ଼ଚେତା ପ୍ରତି ଗୌରୀଶଙ୍କରଙ୍କର ଅନ୍ତରରେ ମଧ୍ୟ ଭରି ରହିଥିଲା ଅସୀମ ଶ୍ରଦ୍ଧା ଓ ଅଖଣ୍ଡ ଅନୁରାଗ । ଉତ୍କଳ ସଭାନୁଷ୍ଠାନ ପ୍ରତିଷ୍ଠା, ଓଡ଼ିଶାରେ ସ୍ୱତନ୍ତ୍ର ଶାସନ ପ୍ରବର୍ତ୍ତନ, ସ୍ୱତ୍ୱ ବଜାୟ ମହଲ ମାଲିକ ଓ ଗଡ଼ଜାତ ଦେଶର ନିଜ ଅସ୍ତିତ୍ୱ ରହିବା ପ୍ରଚେଷ୍ଟା, ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା, ଓଡ଼ିଶା ବାହାରରେ ନ ଯିବା ଭଳି ଅର୍ଥନୀତିର ଉନ୍ନତି, ଓଡ଼ିଶାରେ ଶିଳ୍ପ କାରଖାନା ସ୍ଥାପନ, କଟକରେ ପ୍ରଥମ ବୀଜ ଶିଳ୍ପରେ ଉତ୍କଳ ଟ୍ୟାନେରୀ ଗଠନ, ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏକତ୍ରୀକରଣ ଉଦ୍ଦେଶ୍ୟରେ ଓଡ଼ିଆଙ୍କ ମନରେ ଉତ୍କଳୀୟ ଜାତୀୟତା ବୋଧର ଉଦ୍ବୋଧନା ଦ୍ୱାରା ଓଡ଼ିଶାରେ ନବଜାଗରଣର ବଳିଷ୍ଠ ଭିତ୍ତିଭୂମି ରଚନା — ମଧୁ-ମାନସରେ ଏସବୁ ଉଚ୍ଚାକାଙ୍କ୍ଷା ଗୁଡ଼ିକର ଉଦ୍ରେକ କରାଇବା ତଥା ରୂପରେଖ ଦେବାରେ ଗୌରୀଶଙ୍କରଙ୍କ ସ୍ପନ୍ଦନ ସକ୍ରିୟ ଓ ସହଯୋଗ

ଜଡ଼ିତ ଥିଲେ । ମଧୁବାବୁଙ୍କ ବ୍ୟାପକ କର୍ମଯୋଜନା ଓ କର୍ମ ତତ୍ପରତାକୁ ଗୌରୀଶଙ୍କର ପ୍ରାଧାନ୍ୟ ଦେଇ ପ୍ରକାଶ କରୁଥିଲେ । 'ଉତ୍କଳ ଦୀପିକା'ରେ ସ୍ୱୟଂ ମଧୁବାବୁ ନିଜ ନାମରେ ଓ ଛଦ୍ମ ନାମରେ ଓଡ଼ିଆରେ, ବିଶେଷ କରି ଇଂରାଜୀରେ, ଅନେକ ବିବରଣୀ ଓ ପତ୍ର ସମ୍ପାଦକ ସମୀପେଷୁ ପ୍ରକାଶ କରୁଥିଲେ । ଜନମତ ସୃଷ୍ଟି ପାଇଁ / ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ / ପ୍ରତିପକ୍ଷଙ୍କ ଅଭିଯୋଗକୁ ଖଣ୍ଡନ କରିବା ପାଇଁ ସେତେବେଳେ ଏସବୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇ ଉଠିଥିଲା । ପୁଣି ସଭା ସମିତିରେ ଓ ଅନ୍ୟାନ୍ୟ ପତ୍ରପତ୍ରିକାରେ ମଧୁବାବୁଙ୍କ ଉପରେ ଆକ୍ରମଣ ହେଲେ ଗୌରୀଶଙ୍କର ସ୍ୱୟଂ ବା ଅନ୍ୟ ନାମରେ ମଧୁବାବୁଙ୍କ ପକ୍ଷ ସମର୍ଥନ କରି ଉତ୍କଳ ଦୀପିକାରେ ତାର କଡ଼ା ତଥା ଶାଣିତ ପ୍ରତ୍ୟୁତ୍ତର ପ୍ରଦାନ କରୁଥିଲେ । ମଧୁବାବୁଙ୍କ ପୃଷ୍ଠପୋଷକତାରେ 'The Star of Utkal ଓ 'The Oriya' ପତ୍ରିକା ପ୍ରକାଶ ପାଉଥିଲେ ମଧ୍ୟ ସେସବୁ ବେଶୀ ଦିନ ତିଷ୍ଠି ପାରିନଥିଲା । ବସ୍ତୁତଃ 'ଉତ୍କଳ ଦୀପିକା' ହିଁ ମଧୁବାବୁଙ୍କ ମୁଖପତ୍ର ହୋଇ ଉଠିଥିଲା । ମଧୁ ବ୍ୟକ୍ତିତ୍ୱକୁ ଉଦ୍ଭାସିତ, ବର୍ଣ୍ଣୋଜ୍ଜ୍ୱଳ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ପ୍ରଭାବଶାଳୀ କରି ତୋଳିବା ପାଇଁ ଆନ୍ତରିକତାରେ ଗୌରୀଶଙ୍କର 'ଉତ୍କଳ ଦୀପିକା'କୁ "ମଧୁ ବ୍ୟକ୍ତିତ୍ୱ ପ୍ରସୂତ ମଞ୍ଚ"ରେ ପରିଣତ କରିଥିଲେ । ଅନ୍ୟ ଅର୍ଥରେ କହିଲେ, ନିଜ ପଦରେ ଉତ୍କଳର ଜଣେ ଜନସମ୍ମାନିତ ନେତା ରୂପେ ଗୌରୀଶଙ୍କର ମଧୁବାବୁଙ୍କୁ ଗଢ଼ିବାକୁ ମନପ୍ରାଣରେ / ନିଷ୍ଠାପୂର୍ବକ ଲାଗି ହୋଇ ଉଠିଲେ । ଫଳତଃ '[illegible]' ବିଚ୍ଛିନ୍ନ ଓଡ଼ିଶାକୁ ଏକାତ୍ମତା ପୂର୍ବକ ସଂଯୁକ୍ତ ଶ୍ରୀମଣ୍ଡିତ/ସମୃଦ୍ଧି ସାଧନର ଗୌରୀଶଙ୍କରଙ୍କ ସ୍ୱପ୍ନ ପ୍ରତ୍ୟକ୍ଷ ଉଦ୍ୟୋଗରେ ମଧୁବାବୁଙ୍କ ଦ୍ୱାରା ହିଁ ସମ୍ଭାବ୍ୟ ହୋଇ ପାରିବ ବୋଲି କର୍ମଯୋଗୀ ଗୌରୀଶଙ୍କର ଧ୍ୟାନମଗ୍ନ ଦୃଷ୍ଟିରେ ଲକ୍ଷିତ ହୋଇ ସାରିଥିଲେ । ତାଙ୍କ ପରବର୍ତ୍ତୀ ପର୍ଯ୍ୟାୟର ଉତ୍କଳର ଭାଗ୍ୟଦେବୀର ଅସ୍ମିତାକୁ ଜାଗ୍ରତ କଲେ ସେ ମଧୁବାବୁ ଏକଥା ମଧ୍ୟ ଗୌରୀଶଙ୍କରଙ୍କ ହୃଦ୍‌ବୋଧ ହୋଇ ସାରିଥିଲା । ବସ୍ତୁତଃ ସେ କାଳରେ ମଧୁବାବୁଙ୍କ ବହୁତ ଓ ନିଷ୍ଠା ଶକ୍ତି ହିଁ ହୋଇ ଉଠିଥିଲା ଉତ୍କଳର ନବଜାଗରଣର ତଥା ଉତ୍କଳୀୟ ଜାତୀୟତା-ବୋଧର ମୂଳ ଭିତ୍ତିଭୂମି । ଉତ୍କଳର ନବ ଜାଗୃତିର ଅଗ୍ରଦୂତ ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ ଏଇ ନବଜାଗରଣର ବାର୍ତ୍ତା ପରିବେଷଣରେ ଅଗ୍ରାଧିକାର ଦେବାରେ କିଛି ଅସ୍ୱାଭାବିକତା ନଥିଲା ।

ଓଡ଼ିଆମାନେ/ହିନ୍ଦୁମାନେ ଶ୍ରୀ ଜଗନ୍ନାଥଙ୍କୁ ଠାକୁର ରାଜା ରୂପେ ମାନ୍ୟ କରୁଥିଲେ । ଏହି କାରଣରୁ ପୁରୀର ଐତିହ୍ୟମଣ୍ଡିତ ଠାକୁର ରାଜା ବଂଶ ପ୍ରତି ସମସ୍ତଙ୍କ ଗଭୀର ଶ୍ରଦ୍ଧା ଓ ସମ୍ମାନ ରହିଥିଲା । ଉଦାରଚେତା ବ୍ରାହ୍ମ ଗୌରୀଶଙ୍କର ଓ ଖ୍ରୀଷ୍ଟିୟାନ ମଧୁବାବୁ ଜଗନ୍ନାଥ ଓ ପୁରୀ ଗଜପତି ପ୍ରତି ଏକାନ୍ତ ଅନୁରକ୍ତ ହୋଇ ଉଠିଥିଲେ । ଭାଗବତ ଭକ୍ତ ପ୍ରଚାରିକା [illegible] ସମସ୍ତଙ୍କର ମଧ୍ୟ ପୁରୀ ମନ୍ଦିର ପ୍ରତି ଆନ୍ତରିକତା ହୋଇ ପଡ଼ିଥିଲେ । ଶ୍ରୀମନ୍ଦିର ଉପରେ ଅଥବା ପୁରୀ ଗଜପତି ଉପରେ ଯେତେବେଳେ ସାମାନ୍ୟତମ ଅବମାନନା ଘଟୁଥିଲା, ଗୌରୀଶଙ୍କର,

ମଧୁବାବୁ ଓ ଗୌରୀଶଙ୍କରଙ୍କ ସମ୍ମୁଖ ନିଲାମକୁ ତୀବ୍ର ଦୃଢ଼ ପ୍ରତିବାଦ ଓ ପ୍ରତିରୋଧ କରିଥିଲେ । ସେହି ସମୟରେ ଏ ଦେଶୀ ମଠ ସମ୍ପତ୍ତି ହୋଇ ରହିଥିଲା । ଉତ୍କଳର ଇଷ୍ଟଦେବତା ଓ ଉତ୍କଳର ମୁକୁଟମଣି — ଏ ପ୍ରଦେଶଙ୍କ ସମ୍ମାନ ଅକ୍ଷୁଣ୍ଣ ରଖିବାପାଇଁ ଉତ୍କଳ ଦୀପିକା ରେଭେନ୍ସାର ସ୍ତମ୍ଭ କରି ସଫଳରେ ଏକାଠି ହୋଇ ରହିଛି ।

୧୮୭୮ ଖ୍ରୀ.ରେ ପୁରୀ ରାଜା ଜଣେ ବୈଷ୍ଣବ ବାବାଜୀଙ୍କ ହତ୍ୟା କରିବାର ଜଘନ୍ୟ ଅପରାଧରେ ଅଭିଯୁକ୍ତ ହୋଇଥିଲେ । ଗୌରୀଶଙ୍କର ସାମ୍ବାଦିକ ହିସାବରେ କର୍ତ୍ତବ୍ୟ-ବୋଧ ଓ ଓଡ଼ିଆ ପ୍ରାଣ ତଥା ଜଗନ୍ନାଥ ବଂଶ ପ୍ରତି ସ୍ୱାଭାବିକ ଦୁର୍ବଳତା ମଧ୍ୟରେ ଆତ୍ମାର ଅପୂର୍ବ ସନ୍ତୁଳନ ସାଧନ କରିଥିଲେ । ଏ ଅପକର୍ମ ପାଇଁ ଅଭିଯୁକ୍ତ ଆସାମୀଙ୍କୁ ଭର୍ତ୍ସନା କରିବା ସଙ୍ଗେ ସଙ୍ଗେ ଜଗନ୍ନାଥଙ୍କ ସମ୍ମାନ ଯେପରି ଅଧିକ କ୍ଷୁର୍ଣ୍ଣ ନ ହୁଏ ସେଥିପ୍ରତି ମଧ୍ୟ ଗୌରୀଶଙ୍କର ଉଦ୍‌ବିଗ୍ନ ହୋଇ ଉଠିଥିଲେ — "......... ସେ ଓଡ଼ିଶାର ଗଜପତି ବଂଶୀୟ ହୋଇଥିବାରୁ ତାଙ୍କୁ ପଦାର୍ଥ ଓ ମାନମର୍ଯ୍ୟାଦା ଦୟା ସ୍ୱରୂପ ମାନିବାକୁ ହେବ । ଏପରି ବ୍ୟକ୍ତିର ଏପରି କୁବ୍ୟବହାର ଓ ଦୁର୍ଦ୍ଦଶା ଦେଖି ଦୁଃଖିତ ବୋଧହୁଏ ନାହିଁ ।" (୩୨) × × × "ମହାରାଜା ଆସିବା ବେଳେ ବହୁତ ଲୋକ ତାହାଙ୍କୁ ବାଟରେ ଦେଖୁଥିଲେ ଓ କଚେରୀ ସମ୍ମୁଖରେ ଏତେ ଲୋକ ଜମା ହୋଇଥିଲେ ଯେମନ୍ତ ଖାଲି ରହିବା ସ୍ଥାନ ନଥିଲା । ଓଡ଼ିଶାର ସର୍ବପ୍ରଧାନ ମାନ୍ୟ ବ୍ୟକ୍ତିର ଏ ପ୍ରକାର ଦୁରବସ୍ଥା ଦେଖି ସମସ୍ତେ ଚମତ୍କୃତ ହେଉଥିଲେ ।" (୩୩) ଯେତେ ସମସ୍ତଙ୍କ ଅପେକ୍ଷା ଗୌରୀଶଙ୍କର ଯେ ଅଧିକ ଚମତ୍କୃତ ହୋଇଥିଲେ ତାର ପ୍ରମାଣ ମିଳୁଛି ଉତ୍କଳ ଦୀପିକା ପୃଷ୍ଠାରେ ତାଙ୍କର ଏହି ମୋକଦ୍ଦମାର ସମ୍ବେଦନା ଜନିତ କାରୁଣ୍ୟ ମଣ୍ଡିତ ସାର୍ବାତ୍ମିକ ବର୍ଣ୍ଣନା । ଏ ବିବରଣୀ ଓ ବର୍ଣ୍ଣନା ଗୌରୀ-ଶଙ୍କରଙ୍କ ସାମ୍ବାଦିକ ଶୈଳୀରେ ଏପରି ମାର୍ମିକ ଭାବେ ଫୁଟିଉଠିଛି ଯେ ପାଠ କଲାବେଳେ ମନେହୁଏ ଯେପରି ଜୀବନ୍ତ ଦୃଶ୍ୟାବଳୀ ଦୂରଦର୍ଶନରେ ପ୍ରସାରିତ ହେଉଛି । ଜଗନ୍ନାଥଙ୍କ ସାର୍ବଜନୀନ ଭାବଧାରା ସ୍ୱଦେଶରେ ଓଡ଼ିଶାରେ କୋଣାର୍କ ଭକ୍ତି ବୈଶିଷ୍ଟ୍ୟ ସାଧିଥିଲା । ତେଣୁ ବାବୁ ଗୌରୀଶଙ୍କରଙ୍କ ସମ୍ପାଦକୀୟ ଏ ପ୍ରସଙ୍ଗରେ ଲକ୍ଷ୍ୟ କରିବାର କଥା — 'ଏକ ଜଣ ସାକାରେ ବ୍ରିଟିଶ ରାଜ ସମସ୍ତ ଲୋକଙ୍କୁ ଏପରି ଦୁର୍ଦ୍ଦିନ ସମୟରେ କେବେ ହେଁ ଦେଖାଯାଇ ନାହିଁ । ବିଦେଶୀମାନେ ଲୋକଙ୍କର ଏ ପ୍ରକାର ଭାବ ଦେଖି ଆଶ୍ଚର୍ଯ୍ୟ ହେଉଅଛନ୍ତି କିନ୍ତୁ ଆମ୍ଭମାନଙ୍କ ବିବେଚନାରେ ଏଥିରେ ଚମତ୍କାର କିଛି ନାହିଁ । ଯେଉଁ ବଂଶର ପ୍ରବଳ ପ୍ରତାପ ଏକ ସମୟରେ ସମୁଦାୟ ଓଡ଼ିଶା ଦାକ୍ଷିଣାତ୍ୟ ଗୋଦାବରୀଠାରୁ ତ୍ରିବେଣୀ ପର୍ଯ୍ୟନ୍ତ ରାଜ୍ୟ ଦଣ୍ଡରେ ଉନ୍ନତ ଥିଲା କେତେ କେତେ ରାଜାଙ୍କର ମଧ୍ୟମଣି ହୋଇଥିଲେ ଏବଂ ସେହି ବଂଶର ଅସାଧାରଣ କୀର୍ତ୍ତି ଅଦ୍ୟାବଧି କେବଳ ପ୍ରକାଶ ରହିଅଛି ଏମନ୍ତ କୃତ୍ୟ ଲକ୍ଷ ଲକ୍ଷ ଲୋକଙ୍କର ପୂଜ୍ୟ ଓ ପ୍ରଶଂସାର ପାତ୍ର ହୋଇଅଛି ସେହି ବଂଶର ବର୍ତ୍ତମାନ ପଦାଧିକାରୀ ଅତି ସାମାନ୍ୟ ଲୋକପରି ଫାଉଜଦାରୀ ଆଦାଲତରେ ହେଲେ ଏମନ୍ତ କଠିନ ଦୁର୍ଦ୍ଦଶାର ଲୋକ କିଏ ଅଛି ଯେ ଏହା ଦେଖି ତାହାର ମନ ବିଚଳିତ ନହେବ ? ତାହାଙ୍କର ଦୁରବସ୍ଥା ଶୁଣିଲେ ତାହାର

ନନ୍ଦନଙ୍କୁ ଅନ୍ତଃପୁର ନ ନେବେ ? ଆପଣାର ଭକ୍ତ ଓ ପୁତ୍ରଙ୍କର ଅଭିଳାଷାନୁସାରେ ଦଣ୍ଡ ହେଲେ ତ ମନରେ ଖେଦ ଜାତ ହୁଅନ୍ତା ନାହିଁ ନା ସନ୍ତାନବୃନ୍ଦ ଲଜ୍ଜିତ ହେଲାଏ ।" (୩୪)

ଖୋରଧା ରାଜାଙ୍କ ଶ୍ରୀମନ୍ଦିରରେ ପୂର୍ବ ଗଜପତିଙ୍କ ପାରମ୍ପରିକ ଧାରାନୁଯାୟୀ ସେବା ଅଧିକାର ନେଇ ଇଂରେଜ ସରକାର ଓ ଗଜପତିଙ୍କ ମଧ୍ୟରେ ମତଭେଦ ଦେଖା ଦେଇଥିଲା । ମନ୍ଦିର ସେବା ଜାରିରେ ରାଜା ଅଦାଲତର ଉଦ୍ଯୋଗ ଅର୍ଥୀ ସରକାର ପୁରୀ କଲେକ୍ଟରଙ୍କ ସହ ସେଠା ରାଜାଙ୍କ ସ୍ୱତ୍ତ୍ୱ କାଟି ନେବାପାଇଁ କଟକ ଅଦାଲତରେ ମୋକଦ୍ଦମା ଦାଏର (୧୮୭୭) କରିଥିଲେ । ମନ୍ଦିରରେ ଯେଉଁମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ବହୁମୂଲ୍ୟ ପଦାର୍ଥମାନ ଏବଂ ମନ୍ଦିରର ଅର୍ଥ ପୁଷ୍ପ ରକ୍ଷିତ ହୋଇ ଭଣ୍ଡା-ରଘରେ ସ୍ଥାନ ପାଇଥିବା ପୁରୀ କଲେକ୍ଟରଙ୍କ ଉଦ୍‌ଯୋଗ କରିଥିଲେ । ସରକାରଙ୍କ ତରଫରୁ ଓକିଲ ମୁରାରିଲାଲ ଘୋଷ ଓ ଲାଲ ବିହାରୀ ଘୋଷ ଏବଂ ପୁରୀ ରାଜାଙ୍କ ତରଫରୁ ଓକିଲ ମଧୁସୂଦନ ଦାସ ଓ ରାମଶଙ୍କର ସ୍ୱତ୍ତ୍ୱ ଏବଂ ମର୍ଯ୍ୟାଦା ସପକ୍ଷ ମୋକଦ୍ଦମା ଲଢ଼ିଥିଲେ ।

ଏ ମୋକଦ୍ଦମା ଓଡ଼ିଆ ଜାତିରେ ଚାଞ୍ଚଲ୍ୟ ଆଣିଥିଲା । ପୁରୀ ରାଜବଂଶ ଏବଂ ଏ ଅପମାନ ଓଡ଼ିଆ ଜାତି, ଏପରିକି ଧାର୍ମିକ ସମେତ ହିନ୍ଦୁ ସମାଜ, ଯେଉଁ ଦୁଃଖକୁ ଅପମାନ ଦର୍ଶାଇ ମଧ୍ୟ ଜାତି, ଗୌରୀଶଙ୍କର ଓ ରାମଶଙ୍କର ଏ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଉତ୍କଳ ଦୀପିକାର ସମ୍ପାଦକ ଗୌରୀଶଙ୍କର ଓ ସହସମ୍ପାଦକ ରାମ-ଶଙ୍କର ଏ ସରକାରୀ ହସ୍ତକ୍ଷେପର କଥା ଲେଖି ଦୀର୍ଘ ପ୍ରବନ୍ଧମାନ ପ୍ରକାଶ କରିଥିଲେ । ଏ ସମ୍ପର୍କିତ ନିଜର ଅଭିମତରେ ୧୮୭୭ ଖ୍ରୀ. ଡିସେମ୍ବର ୮ ତାରିଖରେ ଦୀପିକା * କର୍ମାଧ୍ୟକ୍ଷ ଓଡ଼ିଆ ସମାଜର ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ କରାଇଥିଲେ । ଶ୍ରୀମନ୍ଦିର ସେବାବିଧିରେ ହସ୍ତକ୍ଷେପ କରି ସରକାର ଯୋଜନା ଗ୍ରହଣ କରିଥିବା ହେତୁ ଏ ପ୍ରକାର ଅନା-ଧିକାର ଓ ଅନାବଶ୍ୟକ ହସ୍ତକ୍ଷେପର ତତ୍ତ୍ୱ ନିନ୍ଦାକରି ତହିଁ ସମ୍ବନ୍ଧୀ ସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା ।

ଉତ୍କଳ ଦୀପିକା ଓ ଉତ୍କଳ ସଭାର ସମସ୍ତ ଆବେଦନ ଓ ପ୍ରତିବାଦ ସତ୍ତ୍ୱେ ହାଇକୋର୍ଟ ଆଦେଶ ବଳରେ ସରକାର ଶ୍ରୀଘ୍ର ଅପ୍ରତ୍ୟୁଷ ପୂର୍ବରୁ ଶ୍ରୀମନ୍ଦିର ତ୍ରୟ କୋରେକ କରିଥିଲେ । କର୍ମ ପାଦୁକା ପିନ୍ଧି କନେଷ୍ଟବଳମାନଙ୍କ ମନ୍ଦିର ଭିତରେ ମୁକ୍ତସ୍ୱନ ଓ ଜଣେ କନେଷ୍ଟବଳର ଶ୍ରୀଜଗନ୍ନାଥଙ୍କ ରତ୍ନ ସିଂହାସନକୁ ଅଙ୍ଗୁଳି "ଟିଣ୍ଡିଆ ଟଙ୍କା ଡୋରିଆ" କହିବା ଫଳରେ ସେଥିଲ ମାଣ୍ଡିବା ପରେ ଏପରି ହିନ୍ଦୁ ସମାଜରେ ଘୃଣ୍ୟ ଅସନ୍ତୋଷ ସୃଷ୍ଟି କରିଥିଲା । ଉତ୍କଳ ଦୀପିକାରେ ଏତଦ୍‌ବିଷୟରେ ଗୌରୀଶଙ୍କର ଇଂରେଜ ସରକାରଙ୍କୁ ଉଦ୍ଦେଶ୍ୟ କରି କଡ଼ା ଭାଷାରେ ଲେଖିଥିଲେ– "ଆମ୍ଭେ-ମାନେ ଶ୍ରୀମତୀ ମହାରାଣୀଙ୍କ ନାମରେ ପଚାରୁଁ କି ଏ ଗଭର୍ଣ୍ଣମେଣ୍ଟ ଏହି ନ୍ୟାୟରେ ଭାରତ ଶାସନ କରିବାକୁ ଆସିଛନ୍ତି ?" (୩୫)

ପୁରୀ ରାଜାଙ୍କ ତରଫରୁ ତଳକୋର୍ଟର ରାୟ ବିରୁଦ୍ଧରେ କଲିକତା ହାଇକୋର୍ଟରେ ମକଦ୍ଦମା ଦାଏର କରାଯାଇଥିଲା । ଜଗନ୍ନାଥଙ୍କ ଓ ସବୁ ସମ୍ପତ୍ତିରେ ଜନମତର ପ୍ରତି-କ୍ରିୟା ଅନୁକୂଳ ତଥା ଅନୁମାନ କରି ଇଂରେଜ ସରକାର ଏ ମକଦ୍ଦମାରେ ଅଳ୍ପ ଉଦାସୀନ ମନୋବୃତ୍ତି ଗ୍ରହଣ କରିଥିଲେ । କଲିକତା ହାଇକୋର୍ଟ ତଳକୋର୍ଟର ରାୟକୁ ସମ୍ପୂର୍ଣ୍ଣ ଅସିଦ୍ଧ ଘୋଷଣା କରିଦେଇଥିଲେ । ଏ ଘଟଣା ପରେ ଓଡ଼ିଆ ଜାତିର କୃତଜ୍ଞତା ଓ ଶ୍ରଦ୍ଧାଞ୍ଜଳି ସ୍ରୋତ ହୋଇପଡ଼ି ଧାବମାନ ହୋଇଛୁଟିଲେ ମଧୁବାବୁ........ ମଧୁ ବାରିଷ୍ଟର । ଧୀରେ ଧୀରେ ମଧୁବାବୁ ଓଡ଼ିଆ ସ୍ୱାଭିମାନୀ ଜନ ମାନସରେ ଓଡ଼ିଆ ସ୍ୱାଭିମାନର ପ୍ରତୀକରେ ରୂପାନ୍ତରିତ ହୋଇ ଆସୁଥିଲେ । ଏହି ପରିସ୍ଥିତିକୁ ଉତ୍କଳ ଦୀପିକା ବିଶେଷ କରି ତାର ସମ୍ପାଦକ ହୃଦୟଙ୍ଗମ କରି ଖୋଲ ଖୁଲିଥିଲେ ଏକାନ୍ତ ଅବିବେଚିତ ହେବ, ଅବୈଧ ହେବ । ଏହାକୁ ପ୍ରମାଣିତ କରିବାପାଇଁ ଗୋଟିଏ ଉଦାହରଣଟିଏର ଅବତାରଣା ଏଠାରେ ଅପ୍ରାସଙ୍ଗିକ ହେବ ନାହିଁ । ଉତ୍କଳ ଦୀପିକାରେ ମଧୁବାବୁଙ୍କ ଗୁଣଗାନ ଓଡ଼ିଆ ଓ ନବସମ୍ବାଦକୁ 'ଅସହ୍ୟ' ଲାଗିଥିବାରୁ ଗୌରୀଶଙ୍କର ତାର ପ୍ରତିବାଦରେ ଲେଖିଥିଲେ—"ଆମ୍ଭେମାନେ ମାନ୍ୟବର ଦାସ ମହାଶୟଙ୍କର ଯେତେବେଳେ ଦୋଷ ଦେଖିଅଛୁଁ ସେତେବେଳେ ସେମନ୍ତ ତାହା ପ୍ରକାଶ କରିଅଛୁଁ ଗୁଣ ଦେଖିଲେ ସେମନ୍ତ ବ୍ୟକ୍ତ କରିଅଛୁଁ । କେବଳ ଦାସ ମହାଶୟଙ୍କର ଦୋଷଠାରୁ ଗୁଣ ଅତ୍ୟନ୍ତ ଅଧିକ ଥିବାହେତୁ ଯେବେ ଅନେକ ସମୟରେ ଆମ୍ଭେମାନେ ତାଙ୍କର ପ୍ରଶଂସା କରିଅଛୁଁ ତାହା ଆମ୍ଭମାନଙ୍କ ଦୋଷ ନୁହେଁ । ବରଂ ସେକଥା ଯାହାକୁ ଭଲ ନଲାଗେ ଦୋଷ ତାହାର । ମନୁଷ୍ୟର ସ୍ୱଭାବରେ ଦୋଷଗୁଣ ଉଭୟ ଅଛି ଏବଂ ଯୋଗ୍ୟତା ଦେଖି ଦୋଷର ବିଚାର ହୁଅଇ ।" (୩୭)

ଭାଷାଗତ, ଜାତିଗତ ଓ ସାଂସ୍କୃତିକ ଭିତ୍ତିର ସ୍ତରରେ ଜାତୀୟତା ପ୍ରସ୍ତାବକୁ କଂଗ୍ରେସ ବିରୋଧ କରୁଥିବା ବେଳେ ଅନୁରୂପ କାରଣରୁ ଗଞ୍ଜାମ ଭିଜାଗାପଟ୍ଟମ୍ ଏଜେନ୍ସିକୁ ଓଡ଼ିଶାରେ ମିଶାଇ ଦେବାପାଇଁ ସ୍ୱୀକୃତ ସରକାରଙ୍କ ନିଷ୍ପତ୍ତିକୁ କଂଗ୍ରେସ ଅପର ପକ୍ଷରେ ବିରୋଧ କରୁଥିଲା । ତେଣୁ କଂଗ୍ରେସର ଏଇ ଅଯାଚିତ ବିରୋଧୀ ନୀତି ଫଳରେ ପରାଞ୍ଚଳଠାରୁ ବହିର୍ଭୂତ ହେବ ଅବଶିଷ୍ଟ ଲକ୍ଷଲକ୍ଷ ଓଡ଼ିଆଙ୍କର ମୂଳ ଓଡ଼ିଆଭାଷୀଙ୍କ ସହ ଏକଜୁଟ ହେବାର ଆଶା ସୁଦୂର ପରାହତ ହୋଇ ଉଠିଥିଲା । ଗୌରୀଶଙ୍କରଙ୍କ ସହ ପରାମର୍ଶ କରି ଓଡ଼ିଆ ଆନ୍ଦୋଳନକୁ ନୂତନ ରୂପରେଖ ଓ ଗତିବେଗ ଦେବାଲାଗି ୧୯୦୩ରେ ମଧୁବାବୁ ସ୍ଥାପନା କରିଥିଲେ 'ଉତ୍କଳ ସମ୍ମିଳନୀ' । ଉତ୍କଳର ପ୍ରଥମ ରାଜନୈତିକ ଅନୁଷ୍ଠାନ 'ଉତ୍କଳ ସଭା' କ୍ରମେ ଏଥିରେ ସାମିଲ ହୋଇଯାଇଥିଲା । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ— ଓଡ଼ିଶାର ଜନଜୀବନରେ ଏକ ଅନନୁଭୂତ ଶିହରଣର ଲଗ୍ନ— ଅଭୂତପୂର୍ବ ପ୍ରାଣ ସ୍ପନ୍ଦନର ମାହେନ୍ଦ୍ର ଲଗ୍ନ— 'ସ୍ୱ ଉତ୍କଳ'ର ଆହ୍ୱାନ ଶଙ୍ଖଧ୍ୱନିର ନାଦରେ ସମ୍ମିଳନୀ ମଣ୍ଡପ ମୁଖରିତ ହୋଇ ଉଠିଥିଲା । ସମ୍ମିଳନୀର ପ୍ରଥମ ଅଧିବେଶନରେ ଗୃହୀତ ହୋଇଥିବା ପ୍ରସ୍ତାବ ମୁଖ୍ୟ

ସ୍ଥାପନ ହେଲା—ପ୍ରାକୃତିକ ଉତ୍କଳର ଏକତା ସ୍ଥାପନ, ଏକ ଶାସନ ତଳେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୁଡ଼ିକର ଏକତ୍ରୀକରଣ, ପ୍ରବାସୀ ତଥା ପରିତ୍ୟକ୍ତ ଅଞ୍ଚଳରେ ରହୁଥିବା ଓଡ଼ିଆମାନଙ୍କ ସ୍ୱାର୍ଥ ସୁରକ୍ଷା ଓ ଉତ୍କଳର ସର୍ବାଙ୍ଗୀନ ଉନ୍ନତି ସାଧନ । ବିଚ୍ଛିନ୍ନ ଭାବେ ଅବସ୍ଥିତ ଓଡ଼ିଆ ଭାଷାଭାଷୀଙ୍କ ହୃଦୟଭୂମିରେ ରହିଥିବା ଏକାତ୍ମବୋଧ ଭାବକୁ (Feeling of Oneness) ଉତ୍କଳ ସମ୍ମିଳନୀ ଶକ୍ତି ଓ ବଳ ଯୋଗାଇଦେଇ ଓଡ଼ିଆ ଆନ୍ଦୋଳନର ମୋଡ଼ ବଦଳାଇ ଦେଇଥିଲା । ବସ୍ତୁତଃ ଉତ୍କଳ ସମ୍ମିଳନୀ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ଓଡ଼ିଶା ପ୍ରଦେଶ ଗଠନର ପ୍ରାଥମିକ ଭିତ୍ତିଭୂମି ରଚନା କରିଥିଲା । ଉତ୍କଳ ସମ୍ମିଳନୀର ସମସ୍ତ ବାର୍ଷିକ ଅଧିବେଶନର ଆବେଦନ/ଅଭିଯୋଗ ଫଳରେ ଓଡ଼ିଆ ଜାତିର ସ୍ୱତନ୍ତ୍ର ଚେତନା/ସଂସ୍କୃତି ରାଷ୍ଟ୍ରୀୟ ସ୍ୱୀକୃତି ପାଇବାରେ ସକ୍ଷମ ହୋଇଥିଲା ।

ଏହି ଉତ୍କଳ ସମ୍ମିଳନୀର ପ୍ରସ୍ତୁତି ଓ ପରିଚାଳନାରେ ଗୌରୀଶଙ୍କର ମଧୁବାବୁଙ୍କୁ ସକ୍ରିୟ ସାହାଯ୍ୟ ଓ ସହଯୋଗ କରିଥିଲେ । ଉତ୍କଳୀୟ ଜାତୀୟତାବୋଧର ବାର୍ତ୍ତା ବହନ କରି ସୁଦୀର୍ଘ ଉତ୍କଳ ଦୀପିକା ଉତ୍କଳ ସମ୍ମିଳନୀର ମୁଖପତ୍ର ଓ ବାର୍ତ୍ତାବହ ହୋଇ ଉଠିଥିଲା ।

କିନ୍ତୁ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉତ୍କଳ ସମ୍ମିଳନୀର ପ୍ରଥମ ଅନେକଗୁଡ଼ିଏ ଅଧିବେଶନ କାର୍ଯ୍ୟକ୍ରମରେ ସଫଳତାର ସହ ଅନୁଷ୍ଠିତ ହୋଇ ପାରିଥିଲା । ଏହାର ପ୍ରତିଷ୍ଠାତା ଓ ସମ୍ପାଦକ ନିଜ ସ୍ୱାର୍ଥକୁ ଅନେକ ଉତ୍ସର୍ଗ କରି ପାରିଥିଲେ । ତେମନ୍ତ ପାର୍ଶ୍ୱ ଅଞ୍ଚଳକୁ ପ୍ରକୃତରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହୋଇ ପାରିଲେ ନାହିଁ । ସମ୍ମିଳନୀର ଆଦର୍ଶକୁ ରୂପାୟିତ କରିବା ପାଇଁ ସର୍ବାଙ୍ଗୀଣ କର୍ମୀଙ୍କ ଯୋଗ ଅଭାବ ରହୁଥିଲା । ଅନ୍ତଃକଳହ ଦଳ ଗଠନାତ୍ମକ କାର୍ଯ୍ୟ କରିବା ଅପେକ୍ଷା ନିଜ ନିଜର ସ୍ୱାର୍ଥ ବୃଦ୍ଧି ପାଇ ଚାଲିଥିଲା । 'ପ୍ରଜାବନ୍ଧୁ' ଓ 'ଓଡ଼ିଆ ଓ ନବ ସମ୍ବାଦ' ପତ୍ରିକାରେ ମଧୁବାବୁଙ୍କ ବିରୁଦ୍ଧରେ ବେନାମୀ ପତ୍ର ଲେଖାଯାଇ କୁତ୍ସାମୂଳକ ଅପପ୍ରଚାର ଆରମ୍ଭ ହୋଇଥିଲା । ଏହା ମଧୁବାବୁଙ୍କୁ ବ୍ୟଥିତ ଓ ମର୍ମାହତ କରିଥିଲା । ଉତ୍କଳ ସମ୍ମିଳନୀ ପ୍ରତି ମଧ୍ୟ ଏହାଥିଲା ଦାରୁଣ ଝଟକା ।

'କସ୍ୟ ଚିତ୍ରାଲିକାଚିତ୍' ଛଦ୍ମ ନାମରେ ଗୌରୀଶଙ୍କର 'ଉତ୍କଳ ଦୀପିକା' (୧୯୦୪)ରେ ମଧୁବାବୁଙ୍କ ସପକ୍ଷରେ ଓକିଲାତି ଆରମ୍ଭ କରି ଲେଖିଥିଲେ—"ଆଜି କାଲି ଅନେକ ଲୋକଙ୍କ ମୁହଁରୁ ଶୁଣାଯାଏ "ଘର ଜଳୁଥିବ ଗୋଡ଼ା ଓଲ୍ଲ ମଧୁବାବୁ" । କୌଣସି କୌଣସି ପ୍ରବାସୀ ବଙ୍ଗାଳୀମାନେ କହୁଥାଆନ୍ତି "ମଧୁବାବୁ ଯୋଗାଏ ସମ୍ମିଳନୀ କଲେ କାହିଁକି ? ସେ ଆମମାନଙ୍କ ଶତ୍ରୁ ।" କୌଣସି କୌଣସି ଓଡ଼ିଆମାନେ କହୁଥାଆନ୍ତି, "ଓଡ଼ିଶାବାସୀ ବଙ୍ଗାଳୀମାନେ ଓଡ଼ିଆମାନଙ୍କ ସଙ୍ଗେ ସମାନ ଅଧିକାର ପାଇବା ଉଚିତ ବୋଲି ମଧୁବାବୁ ମତଦେଲେ କାହିଁକି ? ସେ ଆମମାନଙ୍କର ଶତ୍ରୁ ।" ଅନ୍ୟ ଏକ ସମ୍ପ୍ରଦାୟ କହୁଥାଆନ୍ତି "ଓଡ଼ିଶାଟା ମଧ୍ୟପ୍ରଦେଶକୁ ନଯାଇ ବଙ୍ଗଳା ସଙ୍ଗେ

ଅତଏବ ସମସ୍ତେ ମଧୁବାବୁ ମତରେ ଚଳିଲେ ଭାଙ୍ଗିବ, ସେ ଆମ୍ଭମାନଙ୍କର ଦୋଷ ।" ମୁଁ ଲେଖା ମନେକରନ୍ତୁ ପ୍ରଥମ ସମ୍ପ୍ରଦାୟର ବିଶ୍ୱାସ ଯେ ମଧୁବାବୁ ନଥିଲେ ସେମାନେ ଓଡ଼ିଶାକୁ ଗଞ୍ଜାମାଦିକୁ ମିଶ୍ର ଅନ୍ତର୍ଭୁକ୍ତ କରି ନେଇ ପାରନ୍ତେ, ଓଡ଼ିଆ ଜାତି ଏବଂ ଓଡ଼ିଆ ଭାଷା ଲୋପ ପାଉଥାନ୍ତା । ୨ୟ ଓ ୩ୟ ସମ୍ପ୍ରଦାୟମାନଙ୍କର ବିଶ୍ୱାସ ଯେ ମଧୁବାବୁ ନଥିଲେ ଓଡ଼ିଆମାନେ ଓଡ଼ିଶାକୁ ବଙ୍ଗାଳିମାନଙ୍କ ହାତରୁ ବାହାର କରି ପାରନ୍ତେ । ମଧୁବାବୁଙ୍କ ଯୋଗେ ସେ ସେ ଆଶା ଭରସା ସଫଳ କାଳରେ ସମ୍ଭବିଲା ।" ସେକାଳର ଓଡ଼ିଶାର ଜାତୀୟ ଆନ୍ଦୋଳନରେ ବଙ୍ଗଳା ତଥା ପ୍ରଭାବରୁ ନିଷ୍କାସନ, ଆତ୍ମପ୍ରତ୍ୟୟ ଓ ଆତ୍ମଗୌରବ ଭାବ ଏହି ଆନ୍ଦୋଳନରୁ ସୃଷ୍ଟି ହୋଇଥିଲା ।

୧୯୩୩ ଖ୍ରୀ ରେ ଓଡ଼ିଶାକୁ ସ୍ୱତନ୍ତ୍ର ମଧ୍ୟପ୍ରଦେଶ ସହ ସଂଯୁକ୍ତ କରିବାକୁ ଯାଉଥିବା ପ୍ରସ୍ତାବ ଶୁଣି ଗୋପବନ୍ଧୁଙ୍କର ମତ ଥିଲା "ଗଞ୍ଜାମ ଓ ସମ୍ବଲପୁରର ସ୍ୱତନ୍ତ୍ର ଖଣ୍ଡମାନ ମୂଳ ଓଡ଼ିଶା ସଙ୍ଗେ ମିଶି ବଙ୍ଗୀୟ ଗଭର୍ଣ୍ଣମେଣ୍ଟଙ୍କ ଶାସନାଧୀନ ହେଲେ ପ୍ରତ୍ୟାଶା ଉତ୍ତମ ।" (୩୬) ମଧୁବାବୁ ଓ ଶ୍ରୀମନ୍ତଙ୍କର ମଧ୍ୟ ଓଡ଼ିଶାର ବଙ୍ଗଳା ସହ ସଂଯୁକ୍ତ ହେବାର ଦୃଢ଼ ସମର୍ଥକ ଥିଲେ । ଅପର ପକ୍ଷରେ ଓଡ଼ିଶାର ମଧ୍ୟପ୍ରଦେଶ ସହ ମିଶ୍ରଣକୁ ଓକିଲ ଗୋକୁଳାନନ୍ଦ, ପାଦ୍ରୀ ସ୍ୱାର୍ଥେଲ, ଗୋପବନ୍ଧୁ ଏପରିକି ମଧୁବାବୁଙ୍କ ଅନୁଗତ ଗୋପାଳ ବଲ୍ଲଭ ମଧ୍ୟ ଦୃଢ଼ ସମର୍ଥନ କରୁଥିଲେ ଏବଂ ଏହା ହିଁ ହେଲା ପରିଣତ ସ୍ୱରୂପ ପରବର୍ତ୍ତୀ କାଳରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ସମିତି ଉପରେ ସିଂହଭୂମ, ସରାଇକେଲା ଓ ଖରସୁଆଁ ଓଡ଼ିଆ ଅଞ୍ଚଳ ହରାଇ ବସିଲା ।

ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ମଧୁବାବୁଙ୍କ ସମ୍ବନ୍ଧରେ ବିଶ୍ୱନାଥ କର, ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରମୁଖ ସାହିତ୍ୟିକମାନେ ଭଲ ଧାରଣା ଦେଇଥିଲେ— "ସମ୍ମିଳନୀ ଉତ୍କଳର ବା କଣ ସେହିମାନଙ୍କର ମନକଥା ହେଉ । ସେହି ନାୟକ ବା କଣ କେବଳ ତାହାର ସୃଷ୍ଟି-ସ୍ଥିତି-ପ୍ରଳୟ କର୍ତ୍ତା । ତୁମେ ଆମେ ସମସ୍ତେ କେବଳ କାଠିଆ, ଢାଲିଆ ଓ ବାହୁଆ ମାତ୍ର । × × × ସେମାନଙ୍କ କଥାରେ 'ହୋ' ରେ ମାଡ଼ି ଅଛନ୍ତି × × ସମ୍ମିଳନୀଟା କେବଳ ଗୋଟାଏ ତାମସା ..... ।" (୩୮)

ଏ ଇର୍ଷା, ଅସୂୟା ଓ ଆକ୍ଷେପୋକ୍ତି ମଧୁବାବୁଙ୍କୁ ଅନେକ ଭଲ ସାମୟିକ ବାଧା ଦେଇଥିଲେ ମଧ୍ୟ ଓ ଉତ୍କଳ ସମ୍ମିଳନୀର ପରବର୍ତ୍ତୀ ଅଧିବେଶନ ଗୁଡ଼ିକ ଅନ୍ତ- ର୍ବିବାଦ ତଥା ଗୋଷ୍ଠୀ କଳହ ଯୋଗୁଁ ଅବ୍ୟବସ୍ଥିତ ହୋଇ ପଡ଼ିଥିଲେ ମଧ୍ୟ ଉତ୍କଳ ସମ୍ମିଳନୀ ଏହି ସମୟରେ ଏକ ଜାତୀୟ ତଥା ରାଜନୈତିକ ମଞ୍ଚ ରୂପେ ପରିଣତ ହୋଇ ଉତ୍କଳ ପ୍ରଦେଶ ଗଠନ ପଥ ସୁଗମ କରି ଚାଲିଥିଲା ।

ବାମଣ୍ଡା ରାଜା, କନିକାର ରାଜା, ... ମଧୁବାବୁ, ... ରାଜାଙ୍କୁ ଦାନଶୀଳତା, ଦେଶ ସେବାରେ ... , ... , ... ଓ ... ମୋହ ... ମଧ୍ୟ ... ଓ ... କରିଥିଲା ।

୧୮୬୮ ଖ୍ରୀ.ରେ ଅବିଭକ୍ତ-ବଙ୍ଗ-ପ୍ରଦେଶରୁ, ଦେଓ୍ୱାନୀ ଯୁବ ନେତାଙ୍କୁ ସନ୍ତୋଷିତ ଦେବା ପାଇଁ ଗୁଣ୍ଡାମାନେ ଯନ୍ତ୍ରଣାଧର କାଳିଆ ଜଣ ଅଧିକାରୀର ଦୋଷରେ ଆଦେଶ ନେଇ ମଧୁବାବୁ ଗୁଣ୍ଡା ଗାଳି ବ୍ରାହ୍ମଣଙ୍କ ସମ୍ମୁଖରେ ଘର ଖାନତଲାସ କରିଥିଲେ ଏଣେ ସ୍ୱଳାଭ ଟଙ୍କା, ମୁଦ୍ରାଧାର, ସମ୍ପେଶ୍ୱର ମୋହରବନ୍ଧାର ହରାଇ କରିଥିଲେ । ତାହାକୁ ଦୂଷିତକୁ ସ୍ୱାସ୍ଥ୍ୟ ଅବହେଳା ଲକ୍ଷ ଟଙ୍କା ଜୋରିମାନା ଦୁଇ ଯୁବ ନେତାଙ୍କୁ ଏହାକୁ ପରେ କଟେଇଦେବାକୁ ମଧୁବାବୁ ସମାଲୋଚନାର ଶରବ୍ୟ ହୋଇଥିଲେ । ମଧୁବାବୁଙ୍କ ବଦଳରେ ବାଂଗ୍ଲାରେ ଭୂଲୋକ ମଧ୍ୟ ଅନ୍ୟ ନ ଥିଲା । ସେତେବେଳେ ଏହା ନାଁ ସ୍ୱଦେଶ ଏକ ଯୁବା ଗୁଣ୍ଡାର ଗୁଣ୍ଡାମି ଅଦଳ୍ୟର ଓ ସ୍ୱଦେଶର ଦୃଷ୍ଟି ଦେଉଲେ ଆନ୍ଦୋଳିତ ହୋଇ ଉଠିଥିଲା — ଶ୍ରୀଲଦାଲା ପାଲିତା ଲୁଣ, ମଧୁବାବୁଙ୍କ ଦୃଷ୍ଟିରେ ଥିଲେ ବିକୃତ ଜନ୍ମ !

ମଧୁବାବୁଙ୍କ ପରି ଗୌରୀଶଙ୍କରଙ୍କ ବାଂଗ୍ଲାରୁ ମଧ୍ୟ ସେମାନଙ୍କେ ବାଦ ସମ୍ପ୍ରଦାୟର ସେଥିରେ କଳଙ୍କ ହୋଇ ପଡ଼ିଥିଲା । ଓଡ଼ିଆ ସାହିତ୍ୟର ନାଟକ, ଉପନ୍ୟାସ ଗଠନରେ ଓ ଆଲୋଚନାର ଥିବା ପ୍ରସ୍ତାବରେ ପ୍ରଥମ ପ୍ରବନ୍ଧ ଦେବା ପାଇଁ ତାହା କରୁଥିବା ଗୌରୀଶଙ୍କର ସମର୍ଥନରେ କେହି କେହି ଗୁଣ୍ଡାଙ୍କରେ ପ୍ରଥମ ନଥିଲେ । ଉତ୍କଳୀୟ ଜାତୀୟତାବୋଧ ଅପେକ୍ଷା ଭାରତ ଜାତୀୟତାବୋଧ ପ୍ରତି ସେ ଥିଲେ ଅଧିକ ଅନୁରକ୍ତ । ୧୯୦୩ ଖ୍ରୀ ରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଯୋଗ ନ ଦେଇ ଜାତୀୟ କଂଗ୍ରେସ ଅଧିବେଶନରେ ଯୋଗ ଦେବାକୁ ସେ ମାନ୍ଦ୍ରାଜ ଯାଇଥିଲେ । ଉତ୍କଳ ସମ୍ମିଳନୀରେ ଯୋଗଦେବା ପାଇଁ ତାଙ୍କର କେତେକ ଅବେଦନ/ଉପେକ୍ଷିତ ଥିବା ଅନୁଭବ କରିଥିଲା । ପରେ ଦେଶପ୍ରୀତି ସେ, ଉତ୍କଳ ସମ୍ମିଳନୀର ବାଲେଶ୍ୱର ଅଧିବେଶନରେ ଗୌରୀଶଙ୍କର ଯୋଗ ନଦେଇ 'ବଙ୍ଗାଳୀ ସମ୍ମିଳନୀ'ରେ ଯୋଗଦେବା ଅଧିକ ଉଚିତ ମନେ କରିଥିଲେ । ଏପରି ମୋହ ଓ ଦେଶପ୍ରୀତି ଦୃଷ୍ଟି ତାଙ୍କର କମ୍ ନଥିଲା ।

ଗୌରୀଶଙ୍କର ବାଙ୍ଗାଳୀଙ୍କ ସ୍ୱରୂପ ଆଜନ ଉଦ୍ଦେଶ୍ୟରେ ଏ ଦୃଷ୍ଟାନ୍ତ ବାଙ୍ଗାଳୀ ଏହା ଏକ ଆଂଶିକ ଚିତ୍ରାଧ୍ୟନ ମାତ୍ର । ଜୋଶିଆ ନେଇ ବଙ୍ଗାଳୀମାନଙ୍କୁ ଗୌରୀଶଙ୍କର ଓଡ଼ିଆ ରୂପେ ଗ୍ରହଣ କରୁଥିବାକୁ ତାଙ୍କୁ ମଧ୍ୟ ବହୁ କଟୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଛି । ତେବେ ମଧୁବାବୁ ଓ ଗୌରୀଶଙ୍କରଙ୍କ ଅନୁରୂପ ସମାଲୋଚନାରେ ବିଚଳିତ/ବ୍ୟଥିତ ହୋଇ ସେ କେବେ କର୍ମବିରତ ହୋଇନାହାନ୍ତି । ଓଡ଼ିଆମାନଙ୍କୁ ଦୂରେଇ ଦେଇ ନାହାନ୍ତି ବା ଓଡ଼ିଆଙ୍କଠାରୁ ଦୂରେଇ ରହି ନାହାନ୍ତି । ଗୌରୀଶଙ୍କରଙ୍କ ଓଡ଼ିଆପ୍ରାଣ ବାଂଗ୍ଲାରୁ ଥିଲା ପ୍ରକୃତ ଓଡ଼ିଆ ଶୁଦ୍ଧ, ସତେଜ, ସ୍ୱଚ୍ଛ ।

ଜାତୀୟରେ ସର୍ବସାଧାରଣଙ୍କ ସହ ମିଳିତ ତଥା ତାଠାରୁ ପାଇଁ କୋଟାଇଏ ପ୍ରତ୍ୟେକଙ୍କୁ ସେ ଅନୁଭବ କରିଥିଲେ । ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ କଟକଠାରେ ଅଗଣ୍ୟ କଥା ଭଲରେ ସେ ଉଦ୍ୟୋଗୀମାନଙ୍କୁ ଦେଇଥିଲେ । କିନ୍ତୁ ସମ୍ମିଳିତ ପାଇଁ ତାଙ୍କ ମଧ୍ୟ ଅଦ୍ୱିତୀୟ ଓ କର୍ମୀଙ୍କ ପାଇଁ ଅସୁବିଧା ଜନକ ହୋଇ ଉଠିଥିଲା

ଗୌରୀଶଙ୍କର ନିଜର ସମସ୍ତ ସଞ୍ଚିତ ଅର୍ଥ (ଟ ୧୦୧୬୬/) ଖର୍ଚ୍ଚ କରି ମ୍ୟୁନିସିପାଲିଟି ସ୍କୁଲ ପ୍ରତିଷ୍ଠା କରିଥିଲେ । ଏହାହିଁ ତାଙ୍କର ଓଡ଼ିଆ ଜାତି ଓ ଦେଶପ୍ରୀତିର ଶ୍ରେଷ୍ଠତାର ପ୍ରମାଣ ବହନ କରେ । ସେ ଅତି ସରଳ ନିରାଡ଼ମ୍ବର ଜୀବନ ଯାପନ କରୁଥିଲେ । ନିଜର ଘୋଡ଼ାଗାଡ଼ି ଥିଲେ ମଧ୍ୟ କଟୋଲ ପିନ୍ଧି, ଛତାଧରି ସେ ସ୍ୱଳ୍ପସ୍ୱଳ୍ପ ଯିବା ଆସିବା କରୁଥିଲେ । ଗୁଣ୍ଡା ଖାଉଥିବା ଛତାଟି ଥିଲା ତାଙ୍କର ଘନିଷ୍ଠ ବନ୍ଧୁ । ଲୁଣ ମୁଣ୍ଡି ଖାଦ୍ୟପେୟ ବଞ୍ଚାଇଲେ ସେ ଶରଣ ହୋଇ କହୁଥିଲେ—"ଖାଲି ସମସ୍ତଙ୍କୁ ଦିଅ........ ...।" ନିଜ ଜମିର ମୋଟା ଚଉଳ ଗୁଡ଼ିକର ଭାତ ହିଁ ଥିଲା ତାଙ୍କର ପ୍ରିୟ ଖାଦ୍ୟ । ହଜାର ହଜାର ଟଙ୍କା ଦାନ କରିପାରୁଥିବା ଗୌରୀଶଙ୍କର ମୋଟା ଦେଶୀ ଲୁଗା ଓ ସୁଲଭ ଗାଲଖ ସମାଜାମା (ଟେକେଲେକେ ପଟା) ଆଦି ବ୍ୟବହାର କରୁଥିଲେ ।

୧୯୧୬ଖ୍ରୀରେ ଗୌରୀଶଙ୍କରଙ୍କୁ ସରକାର ରାୟ ବାହାଦୂର ଉପାଧିରେ ଭୂଷିତ କରିଥିଲେ । ଏ ଖବରଟି ପାଇବାମାତ୍ରେ ଗୌରୀଶଙ୍କର ନାଥ ପଣ୍ଡାଙ୍କ ଅବସରରେ ହୋଇ ବାଷ୍ପରୁଦ୍ଧ କଣ୍ଠରେ କହିଥିଲେ—"ଓଡ଼ିଶାର ମାଟି, ପାଣି, ପବନରେ ମୁଁ ବଢ଼ି ମଣିଷ ହୋଇଛି । ଯାହା ପଇସା ଅର୍ଜନ କରିଛି ସବୁ ଓଡ଼ିଶାରୁ । ସେହି ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତିରେ ତାହା ବିନିଯୋଗ କରିଛି ମାତ୍ର । ଓଡ଼ିଶାର ପଇସା ଓଡ଼ିଶାରେ ଖର୍ଚ୍ଚ କରିଛି । ଏଥିରେ ମୋର ବାହାଦୁରୀ ବା କଣ ? ଏ କଥା ଉପରେ ଓଡ଼ିଶାର ସେବା କରିବାକୁ ଆଉ ମୋର ଶକ୍ତି ନାହିଁ । ରାୟବାହାଦୂର ଉପାଧି ନେଇ ଓଡ଼ିଆ ଜାତି ନିକଟରେ ଋଣୀ ହୋଇଗଲି ମାତ୍ର ।" (୩୪) ଇଂରେଜ ସରକାର ଗୌରୀଶଙ୍କରଙ୍କୁ ରାୟବାହାଦୂର ପଦବୀ ଅର୍ପଣ କରିବା ପାଇଁ ଲେଭିଡନ କଟକରେ ଦରବାରର ଅନୁଷ୍ଠାନ ଆୟୋଜନ କରିଥିଲେ, ସେଠାନ ସେଥିରେ ଉପସ୍ଥିତ ନରହି ଦରବାରମାନ ଗୌରୀଶଙ୍କର ନିଜ ଗ୍ରାମରେ ନିଜ ଅର୍ଥରେ ଖୋଲିଥିବା ଡାକ୍ତରଖାନା ଉଦ୍‌ଘାଟନ ପାଇଁ ଚାଲି ଯାଇଥିଲେ । ୧୯୧୭ଖ୍ରୀରେ ପ୍ରିଣ୍ଟିଂ କମ୍ପାନୀର ପ୍ରେସ୍ ଗୃହରେ ହିଁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ଏହି କର୍ମବୀରଙ୍କ ଜୀବନୀ ମୂଲ୍ୟାୟନ ପାଇଁ ତାଙ୍କର ଦୁଇ ସହକର୍ମୀମାନଙ୍କର ଗୋପାଳ ଚନ୍ଦ୍ର ପ୍ରହରାଜ ଓ ବିଶ୍ୱନାଥ କର ଏବଂ ମୃତ୍ୟୁ ପରେ/ପଞ୍ଚସଖା ମଧୁବାବୁଙ୍କ କେତୋଟି ଶ୍ରଦ୍ଧାନିବେଦନ ଏଠାରେ ଉଲ୍ଲେଖ କରାଯାଉଛି । ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ମନ୍ତବ୍ୟ—"ଗୌରୀଶଙ୍କର ସମ୍ପାଦକ ରୂପେ ଅବତୀର୍ଣ୍ଣ ହେବା ପୂର୍ବେ ଉତ୍କଳରେ କୌଣସି ସାଧାରଣ ଭାଷା ନଥିଲା । ପୂର୍ବେ ଲିଖିତ ଉପାୟରେ ଉତ୍କଳୀୟମାନଙ୍କ ମଧ୍ୟରେ ସବଳ ଆଦାନ ପ୍ରଦାନ ହେଉନଥିବାରୁ ଉତ୍କଳ ଭାଷା ପ୍ରାଦେଶିକତାରେ ପୂର୍ଣ୍ଣଥିଲା; ଏମନ୍ତକି କଟକ ଜିଲ୍ଲାର କୌଣସି ଅଞ୍ଚଳରେ ବ୍ୟବହୃତ ହେଉଥିବା ଭାଷାକୁ ଅନ୍ୟ ଅଞ୍ଚଳରେ ଲୋକେ ବୁଝିପାରୁ ନଥିଲେ । ଭାଷାରୁ ଏହିସବୁ ପ୍ରାଦେଶିକତା ଦୂର କରି ସମସ୍ତ ଉତ୍କଳରେ କୌଣସି ସାଧାରଣ ଭାଷା ପ୍ରବର୍ତ୍ତାଇବା ବିଷୟରେ ଉତ୍କଳ ଦୀପିକା ଯେଉଁ କାର୍ଯ୍ୟ କରିଅଛି, ତାହାର ମୂଲ୍ୟ ନିରୂପଣ କରିବା ସହଜ

ନୁହେଁ ।"

ଗୌରୀଶଙ୍କରଙ୍କ ସମ୍ବନ୍ଧରେ ବିଶ୍ୱନାଥ କର ଲେଖିଥିଲେ—"ଗୌରୀଶଙ୍କରଙ୍କ ପରି ନାଗର, କର୍ମଯୋଗୀ, ନିର୍ଲୋଭ ସ୍ୱଦେଶାନୁରାଗୀ ବୈଷ୍ଣବ, ଉଦାରଚେତା ଧର୍ମ ସ୍ୱାଧୀନଚେତା ପ୍ରଭୃତି ଗୁଣ ଉତ୍କଳରେ ଅଳ୍ପ କେଇ ଜଣ ଥିଲେ ? କର୍ମ ଜୀବନକୁ ଅର୍ଦ୍ଧଶତ ବର୍ଷ ଧନ ପାଇଁ କର୍ମ ହୋଇ କରି ନାହାନ୍ତି, ବରଂ ଜନ୍ମଭୂମି ଅନୁଷ୍ଠାନର ସୁବ୍ୟବସ୍ଥା କରିବାକୁ ଭୁଲି ନାହାନ୍ତି । ଜୀବନରେ କେତେ ସମୟରେ ତାଙ୍କ ହୃଦୟ ଭଲ ମନ୍ଦ କରିଥିଲୁଁ, ପୁଣି ତାଙ୍କ ଜୀବନର ଦୁର୍ଘଟଣା ତୋଟାଏ ବ୍ୟକ୍ତିଗତ ଦୋଷ ଦେଖି ବ୍ୟଥିତ ହୋଇଅଛୁଁ, କିନ୍ତୁ ସେ ପ୍ରବଳ ମନୁଷ୍ୟତ୍ୱର ଜନ୍ମ ହେତୁ ମାଝରେ ମସ୍ତକ ସ୍ୱତଃ ନତ ହୋଇଅଛି, ଦୂରରୁ ନାନା ସମୟରେ ସେ ମହତ୍ତ୍ୱ କଥା ସ୍ମରଣ କରି ଭକ୍ତି-ବିନମ୍ର ଅନ୍ତରରେ ନମସ୍କାର କରୁଅଛୁଁ ।" (୪୦)

ଗୌରୀଶଙ୍କରଙ୍କ ସ୍ମୃତିରେ ଉତ୍କଳ ସମ୍ମିଳନୀର ୧୩ ଅଧିବେଶନରେ ଶୋକ ପ୍ରସ୍ତାବ ଆଲୋଚନା କରି ଆପଣାର ବନ୍ଧୁ 'ମାଷ୍ଟରପା'ଙ୍କ ପ୍ରତି ଋଣ ସ୍ୱୀକାର କରିବେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ମଧୁବାବୁ—"ଗୌରୀଶଙ୍କର ଉତ୍କଳରେ ପ୍ରଥମେ ସମ୍ବାଦ ପତ୍ର ପ୍ରକାଶ କଲେ । 'ଉତ୍କଳ ଦୀପିକା' ଉତ୍କଳର ଦୀପଶିଖା । ଏକ ସମୟରେ ମନୁଷ୍ୟଜାତି ଅସଭ୍ୟ ଅବସ୍ଥାରେ ଥିଲା । ସୃଷ୍ଟିର ପ୍ରଥମ ଦିନ ଯେତେବେଳେ ସୂର୍ଯ୍ୟ ଅସ୍ତ ହେଲେ ଅନ୍ଧକାର ପୃଥିବୀରେ ଘୋଟିଗଲା । ମନୁଷ୍ୟ ସେତେବେଳେ ଆତ୍ମରକ୍ଷା ପାଇଁ ବ୍ୟାକୁଳ ହେଲା । ସେତେବେଳେ ମନୁଷ୍ୟ କୌଣସି ଉପାୟରେ କାଠରୁ ଅଗ୍ନି ହେବାକୁ ପାପର ସୃଷ୍ଟି କଲା । × × × ବର୍ତ୍ତମାନ ଦୀପ ଜାଳିବା ଅତି ସହଜ । କିନ୍ତୁ ପ୍ରଥମ ଯାହାର ମସ୍ତିଷ୍କ ସେହି ଅନ୍ଧକାରରେ ଉଦ୍ଭାବିତ ହେଲା ତାହାର କେତେ ଚେଷ୍ଟାର ଫଳ ଏହା । ସେହି ମାନବ ଜାତି ତାହା ନିକଟରେ କୃତଜ୍ଞ ରହିବାକୁ ବାଧ୍ୟ ।"

ଓଡ଼ିଆ ଜାତି 'ଉତ୍କଳ ଦୀପିକା'ର ସମ୍ପାଦକ ଗୌରୀଶଙ୍କରଙ୍କ ନିକଟରେ କେତେ ପରିମାଣରେ କୃତଜ୍ଞ ରହିବା ଉଚିତ, ଏଠାରେ ବ୍ୟାଖ୍ୟାମୂଳକ କହିବା ବାହୁଲ୍ୟ । ଫିରିଙ୍ଗି ବଙ୍ଗାଳୀ ସହ ଯେ ଏପରି ସଂଘର୍ଷ ହୋଇ ପଡ଼ିଥିଲେ ସେ କେବଳ ଗୌରୀଶଙ୍କର ଛାପାଖାନା ଖୋଲି ପ୍ରେସ୍‌ଟିକୁ ଚଳାଇ କରିଥିଲେ । 'ଉତ୍କଳ ଦୀପିକା' କେବଳ ଏକ ସାମାନ୍ୟ ଖବର କାଗଜ ନଥିଲା, ଏହା ଓଡ଼ିଆ ଆନ୍ଦୋଳନର ମୁଖପତ୍ର ହୋଇ ଉଠିଥିଲା । ଓଡ଼ିଆର ପ୍ରାଣବାଣୀ ଏଥିରେ ମୂର୍ଚ୍ଛିତ, ମର୍ମରିତ ହୋଇ ଉଠୁଥିଲା । ଓଡ଼ିଆ ଅସ୍ମିତାର ଅନ୍ତର୍ବାଣୀ ଏଥିରେ ପ୍ରକାଶିତ ହେଉଥିଲା । ଉତ୍କଳୀୟ ଜାତୀୟତା-ବୋଧର/ଓଡ଼ିଆ ଜାତୀୟତାର ନାଭିକେନ୍ଦ୍ର ହୋଇ ଉଠିଥିଲା କଟକ ପ୍ରିଣ୍ଟିଂ କମ୍ପାନୀ ଓ ଉତ୍କଳ ଦୀପିକା । ଗୌରୀଶଙ୍କର ହୋଇ ଉଠିଥିଲେ ଉତ୍କଳୀୟ ଜାତୀୟତାବୋଧର ସୂତ୍ରଧର, ସାରଥି ; ଓଡ଼ିଆ ଜାତିର ଦଧୀଚି ।

ଓଡ଼ିଶା ପ୍ରଦେଶ ଗଠନ ରୂପକ କୋଣାର୍କର ସୂତ୍ରଧର ଓ ଶିଳ୍ପାଚାର୍ଯ୍ୟ ଥିଲେ

ଗୌରୀଶଙ୍କର, ଫର୍କେଣ୍ଡ଼ କମ୍ପାନୀର ମୁକ୍ତ ଶିକେଳ ସାହେବ । ତତ୍କାଳୀନ ଓଡ଼ିଶା ପ୍ରଦେଶ ଗଠନ ରୂପକ କୋଣାର୍କର ମୂର୍ତ୍ତି ମାଣିଥିଲେ ଥାଇଲା। ରାଜା କୃଷ୍ଣଚନ୍ଦ୍ର-ଗଜପତି, ଏ କାଉଳ ଧରମ! । ଆଧୁନିକ ଓଡ଼ିଶା ଇତିହାସ ଆଲୋଚନା କଲେ ଏ ବୃନ୍ଦାବନ ରୂପ ପୁରୁଷଙ୍କୁ ଆମେ ଯଥେଷ୍ଟ ଶ୍ରୀକୃଷ୍ଣ ଦେଇ ପାରିବା । କାରଣ କଣେ ନିଷ୍ପତ୍ତ ଓଡ଼ିଆ ସ୍ଥାଣିଥିଲେ ମଧ୍ୟ ତୋମିଶାଙ୍କତ୍ୱ ବଙ୍ଗାଳୀ ଗୁରୁଙ୍କ କମ୍ପ ସ୍ତ୍ରୀଷ୍ଣ କରିଥିଲେ ଆଉ କଣକ ଆସିଥିଲେ ଓଡ଼ିଶାର ଉପାନ୍ତ ଅଞ୍ଚଳର ସ୍ୱଳ ପରିବାରରୁ !. ଥାଉଁ। ଗଜପତିଙ୍କ ସ୍ୱପ୍ନରେ କୋଟିଏ ବୁଣିଟି ଶିକ୍ଷାନୁଷ୍ଠାନର ନାମକରଣ, ବୁଦ ଉକୋଟି ପ୍ରତିମୂର୍ତ୍ତି, ସ୍ମୃତିରେ ହେଲେ ମଧ୍ୟ କୋଟିଏ ଜଣାର ନାମକରଣର ସୌଭାଗ୍ୟ (!) ଲଭିଥିବା ମଧ୍ୟ ସେତେ ଗୌରୀଶଙ୍କରଙ୍କ ଫଟୋ ତଥା କାନରେ ଲୁଚାଯାଇ/ ଅଛଣ୍ଟ୍ର ପାର୍କଟିର ନାମକରଣ ବ୍ୟତୀତ ଓଡ଼ିଆ ଜାତି ତାଙ୍କପ୍ରତି ଆଉ ବିଶେଷ କିଛି ଅନୁଷ୍ଠାନ କରିବାର ସମସ୍ତ ପାଇନ !

ଜରାଜୀର୍ଣ୍ଣ ଅଟ୍ଟାଳିକା ଦାଗରେ ପାର୍ଶ୍ୱର ଭଗ୍ନ ଅବସ୍ଥା — ଏହି ଅପରିଚ ଅନୁଷ୍ଠାନ/ଅପାଂକ୍ତେୟର ଅପେକ୍ଷା ଅଛୁଚି । ଗୌରୀଶଙ୍କର, ଓଡ଼ିଆ ଜାତିକୁ କ୍ଷମାକର !

— ପାଦଟୀକା —

୧) ଗଗନେନ୍ଦ୍ର ନାଥ ଦାଶ — ଜଗନ୍ନାଥ ଓ ଜାତୀୟତାବୋଧ-ପୃ ୬୪

୨) ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ଦ୍ରଷ୍ଟବ୍ୟ —

  କ) ଗଗନେନ୍ଦ୍ର ନାଥ ଦାଶ — ଜଗନ୍ନାଥ ଓ ଜାତୀୟତାବୋଧ ପୃ ୬୮-୭୧

  ଖ) Dr. G N. Dash: Jagannath and Oriya Nationalism Chapter-XIX in The Cult of Jagannath and the Regional Tradition of Orissa Page-359-374,

୩) Dr. G N Dash: The Cult of Jagannath and the Regional Tradition of Orissa Page-364,

୪) ୧୮୬୬ ମସିହା କଟକ ପ୍ରିଣ୍ଟିଂ କମ୍ପାନୀର ବାର୍ଷିକ ବିବରଣୀ-ପୃ-୨୮

୫) ଉତ୍କଳ ଦୀପିକା — ତା ୮. ୧୨. ୧୮୬୬

୬) ୧୮୬୬ ମସିହା କଟକ ପ୍ରିଣ୍ଟିଂ କମ୍ପାନୀର ବାର୍ଷିକ ବିବରଣୀ-ପୃ-୨୯

୭) ଉତ୍କଳ ଦୀପିକା — ତା ୨୯. ୯. ୧୮୬୬

୮) ଉତ୍କଳ ଦୀପିକା — ତା ୧୦. ୧୧. ୧୮୬୬

୯) ସୁରେନ୍ଦ୍ର ମହାନ୍ତି-ଶତାବ୍ଦୀର ସୂର୍ଯ୍ୟ (୧୯୬୬) ପୃ-୫୩

୧୦) ପତ୍ର (ଏକ) ଦୁଇଭାଗରେ ଉତ୍କଳ ଦୀପିକା ତା ୧. ୯. ୧୮୬୬ ଓ ତା ୨୦. ୧୦. ୧୮୬୬ରେ ପ୍ରକାଶିତ ।

୧୧) ଉତ୍କଳ ଦୀପିକା—ତା ୮. ୧୨. ୧୮୭୭

୧୨) Nationalism is a modern emotional fusion and exaggeration of *two phenomena*—*Nationalism* and Patriotism". says C.J.H, Essays on Nationalism (1926) P-5-29

୧୩) ଉତ୍କଳ ଦୀପିକା—ତା ୧. ୧. ୧୮୭୨

୧୪) ଉତ୍କଳ ଦୀପିକା—ତା ୪. ୧. ୧୮୬୮

୧୫) ଉତ୍କଳ ଦୀପିକା—ତା ୨୫. ୧. ୧୮୬୮

୧୬) ଉତ୍କଳ ଦୀପିକା—ତା ୪. ୪. ୧୮୬୮

୧୭) ଉତ୍କଳ ଦୀପିକା—ତା ୧୩. ୩. ୧୮୬୯

୧୮) ଉତ୍କଳ ଦୀପିକା—ତା ୧୩. ୩. ୧୮୬୯

୧୯) ଉତ୍କଳ ଦୀପିକା—ତା ୨୭. ୧୦. ୧୮୭୨

୨୦) ଉତ୍କଳ ଦୀପିକା—ତା ୧୬. ୧୧. ୧୮୭୨

୨୧) ଉତ୍କଳ ପୁତ୍ର—ତା ୧. ୮. ୧୮୭୩

୨୨) ଉତ୍କଳ ଦୀପିକା—ତା ୨୫. ୯. ୧୮୬୯

୨୩) ଉତ୍କଳ ଦୀପିକା—ତା ୨୭. ୧୧. ୧୮୬୯

୨୪) ଗଗନେନ୍ଦ୍ର ନାଥ ଦାଶ—ଓଡ଼ିଆ ଭାଷା ବର୍ତ୍ତୀର ପରମ୍ପରା-ପୃ-୪୯

୨୫) ଉତ୍କଳ ଦୀପିକା—ତା ୨୭. ୨. ୧୮୭୦

୨୬) ଉତ୍କଳ ଦୀପିକା—ତା ୨. ୪. ୧୮୭୦

୨୭) ଡାଃ ଗଗନେନ୍ଦ୍ର ନାଥ—ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ; ଏକ ସିଂହାବଲୋକନ (୨) - ଝଙ୍କାର; ଡିସେମ୍ବର, ୧୯୮୬-ପୃ-୮୫୫

୨୮) ଉତ୍କଳ ଦୀପିକା—ତା ୮. ୬. ୧୮୭୨

୨୯) ଉତ୍କଳ ଦୀପିକା—ତା ୨୮. ୩. ୧୮୬୮

୩୦) ଡ କେ. ଉ. ମୋହାନ୍ତି—ଦେଶ, କାଳ, ପାତ୍ର ଓ ମଣିଷ ପର୍ଯ୍ୟାଲୋଚନ ପୃ-୭-୯ ଦ୍ରଷ୍ଟବ୍ୟ ।

୩୧) ଉତ୍କଳ ଦୀପିକା—ତା ୧୯. ୨. ୧୮୬୬

୩୨) ଉତ୍କଳ ଦୀପିକା—ତା ୨. ୩. ୧୮୬୮

୩୩) ଉତ୍କଳ ଦୀପିକା—ତା ୨୩, ୩. ୧୮୬୮

୩୪) ଉତ୍କଳ ଦୀପିକା—ତା ୧୩. ୪. ୧୮୬୮

୩୫) ଉତ୍କଳ ଦୀପିକା—ତା ୧. ୧. ୧୮୮୭

୩୬) ଉତ୍କଳ ଦୀପିକା – ତା ୨୧. ୮. ୧୯୦୯

୩୭) ଉତ୍କଳ ଦୀପିକା — ତା ୩୧. ୧. ୧୯୦୩

୩୮) ଗୋପାଳ ଚନ୍ଦ୍ର ପ୍ରହରାଜ — ଏ.ମ ଖଣ୍ଡ ଫାଲିଙ୍କ-ଉତ୍କଳ ସାହିତ୍ୟ ୨୨ଶ ଭାଗ, ପ୍ରଥମ ସଂଖ୍ୟା-ପୃ-୨୮-୩୫ ଦ୍ରଷ୍ଟବ୍ୟ ।

୩୯) ଗୁରୁଶଙ୍କର ରାୟଙ୍କ ପୁତ୍ରବଧୂ ଶ୍ରୀମତୀ ନୈଳବାଳା ରାୟଙ୍କ ସହ ସାକ୍ଷାତ୍କାର — ତା ୭. ୧୦. ୧୯୭୫ ।

୪୦) ଉତ୍କଳ ସାହିତ୍ୟ — ୨୦ଶ ଭାଗ ୧୨ଶ ସଂଖ୍ୟା-ପୃ ୫୯୧-୯୨ ।

ଓଡ଼ିଆ ବିଭାଗ
ମ୍ୟୁନିସିପାଲ୍ କଲେଜ
ରାଉରକେଲା-୨

# ଗୌରୀଶଙ୍କର ଓ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ

* ଡକ୍ଟର ଗଗନେନ୍ଦ୍ର ନାଥ ଦାଶ

## ପ୍ରାରମ୍ଭ :-

ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷାର ସ୍ଥିତିକୁ ସୁରକ୍ଷା, ସୁଦୃଢ଼ ଓ ସମ୍ପ୍ରସାରିତ କରିବା ପାଇଁ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ୧୮୬୮ର ଜାନୁଆରୀ ମାସରେ ଆରମ୍ଭ ହୋଇ ଅନେକୋଟି ପର୍ଯ୍ୟାୟରେ ୧୮୭୦ର ମଧ୍ୟଭାଗ ପର୍ଯ୍ୟନ୍ତ ଚାଲିଥିଲା । ଏହି ଆନ୍ଦୋଳନ ପ୍ରସଙ୍ଗରେ ଯେଉଁ ଓଡ଼ିଆ ଓ ଅଣ-ଓଡ଼ିଆମାନେ ଓଡ଼ିଶାରେ ବା ଅନ୍ୟସ୍ଥଳରେ ଥାଇ ବିଭିନ୍ନ ପ୍ରତ୍ୟକ୍ଷ ବା ପରୋକ୍ଷ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସେ ସମସ୍ତଙ୍କ ନାମ ଓ ଭୂମିକାର ସ୍ୱରୂପ ତଥା ଗୁରୁତ୍ୱ ମୂଲ୍ୟାୟନ କରାଯାଇଛି । ସେଉଁମାନଙ୍କ ନାମ ଓ ଭୂମିକା ସମ୍ପର୍କରେ କିଛି କହାଯାଇଛି ସେମାନେ ହେଲେ ଗୌରୀଶଙ୍କର ରାୟ, ବିଚିତ୍ରାନନ୍ଦ ଦାସ, ନନ୍ଦକିଶୋର ଦାଶ, ଜଗମୋହନ ରାୟ, ଫକୀର ମୋହନ ସେନାପତି, ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ, ଭୁଦେବ ମୁଖୋପାଧ୍ୟାୟ, T. E Ravenshaw, John Beames, H. C. B. C. Raban, R. L. Martin । ଏମାନଙ୍କ ମଧ୍ୟରେ ଉତ୍କଳ ଦୀପିକା (ଏହାପରେ କେବଳ ଦୀପିକା ର ତତ୍କାଳୀନ ସମ୍ପାଦକ ଗୌରୀଶଙ୍କର ରାୟଙ୍କ ନାମ ଅଗ୍ରଗଣ୍ୟ ।

ଗୌରୀଶଙ୍କରଙ୍କ ଭୂମିକା ଥିଲା ସ୍ୱାତନ୍ତ୍ର୍ୟ ତଥା ଅନନ୍ୟ । ପୁଣି ତାଙ୍କର ଭୂମିକା ହିଁ ଏ ଆନ୍ଦୋଳନର ପ୍ରସ୍ତୁତି ପର୍ଯ୍ୟାୟରୁ ଆରମ୍ଭ କରି ଅନେକୋଟିଯାକ ପର୍ଯ୍ୟାୟବ୍ୟାପୀ ଥିଲା । ଅଧିକନ୍ତୁ ମଧ୍ୟ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ପ୍ରଭାବଶାଳୀ । ଏହା ଏକ ଦିଗରେ ଆନ୍ଦୋଳନର ସୃଷ୍ଟି ପାଇଁ ପ୍ରତ୍ୟକ୍ଷରେ ଦାୟୀ ଥିଲା; ଆନ୍ଦୋଳନର ପ୍ରତ୍ୟେକ ପର୍ଯ୍ୟାୟରେ ତାର ଗତିଧାରାକୁ ଅବ୍ୟାହତ ରଖିଥିଲା ଓ ଗତିପଥକୁ ନିୟନ୍ତ୍ରଣ କରିଥିଲା । ଅନ୍ୟ ଅର୍ଥରେ ଏହା ସରକାରୀ ନିଷ୍ପତ୍ତିକୁ ପରୋକ୍ଷରେ ହେଲେ ହେଁ ପ୍ରଭାବିତ କରିବାରେ ସମର୍ଥ ମଧ୍ୟ ହୋଇଥିଲା ଯାହା ଫଳରେ ୧୮୬୯ର ନଭେମ୍ବର ମାସରେ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ଭାଷାର ସ୍ଥିତିକୁ ସୁରକ୍ଷା, ସୁଦୃଢ଼ କରିବା ପାଇଁ ସରକାରୀ ସ୍ତରରେ ପ୍ରଥମ ଗଠନମୂଳକ ନିଷ୍ପତ୍ତି ନିଆଗଲା ଓ ୧୮୭୦ରେ ଓଡ଼ିଆ ଭାଷା ଓଡ଼ିଶାର ବିଦ୍ୟାଳୟରେ ସ୍ୱପଦ ଆଦର ଲାଭ କଲା । ସେଥିରେ ତାଙ୍କର ଭୂମିକା ଏହି ଆନ୍ଦୋଳନର ପ୍ରତିସ୍ପର୍ଦ୍ଧା-ଜନିତ ଏବଂ ପ୍ରତି-ଆନ୍ଦୋଳନ ପ୍ରଚେଷ୍ଟାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ବ୍ୟର୍ଥ କରିବା ପାଇଁ ସମର୍ଥ ହୋଇ ପାରିଥିଲା । ସେ ପ୍ରସଙ୍ଗରେ ଏ ପ୍ରତି-ଆନ୍ଦୋଳନ ପ୍ରଚେଷ୍ଟାର ଜନକ ଓ ନାୟକ ବଙ୍ଗୀୟ ପଣ୍ଡିତ, ସମ୍ପାଦକ ଓ ବାଗ୍ମୀପ୍ରବର ରାଜେନ୍ଦ୍ର ଲାଲ ମିତ୍ରଙ୍କ ସୃଷ୍ଟି ଆସ୍ଫାଳନକୁ ଗଭୀର ଓ ସଫଳ ଭାବରେ

ମୁକାବିଲା କରିବାରେ ଗୌରୀଶଙ୍କର ଅଦୌ ପଶ୍ଚାତ୍‌ପଦ ହୋଇନଥିଲେ ବା ମାନସିକ ମନୋବଳରେ ବିଶୃଙ୍ଖଳତାର ସମ୍ମୁଖୀନ ହେବା ପାଇଁ ଉଦ୍‌ଗ୍ରୀବ ହୋଇ ନଥିଲେ । (ଏହା ଗୌରୀଶଙ୍କରଙ୍କ ପକ୍ଷରେ ଏକ ଗୌରବାବହ କୃତିତ୍ୱ ।) ତେଣୁ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନରେ ଗୌରୀଶଙ୍କରଙ୍କ ଭୂମିକା ଓ ସେ କ୍ଷେତ୍ରରେ ତାଙ୍କର ଅବଦାନ ଏକାନ୍ତ ଭାବରେ ମହତ୍ତ୍ୱ, ବନ୍ଦନୀୟ ଓ ସ୍ମରଣୀୟ ।

ନିମ୍ନରେ ସଂକ୍ଷେପରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ପ୍ରସ୍ତୁତି ପର୍ବ ତଥା ଉତ୍କର୍ଷପ୍ରାପ୍ତ ପର୍ଯ୍ୟାୟରେ ଗୌରୀଶଙ୍କରଙ୍କ ଭୂମିକାର ସ୍ୱରୂପ ଓ ଗୁରୁତ୍ୱ ଜାଣିବାର ପ୍ରଚେଷ୍ଟା କରାଯିବ ।

## ଆନ୍ଦୋଳନର ପ୍ରସ୍ତୁତି ପର୍ବ :-

ଊନବିଂଶ ଶତକରେ, ଓଡ଼ିଶା ବ୍ରିଟିଶ ଶାସନାଧୀନ ହେବା ପରେ ମୁଖ୍ୟତଃ ସରକାରୀ ଉଦାସୀନତା, ଓଡ଼ିଆ ପାଠ୍ୟ ପୁସ୍ତକର ଅଭାବ, ଓଡ଼ିଆ ଭାଷାଭାଷୀ ଲୋକଙ୍କ ସଂଖ୍ୟାଧିକ୍ୟତା ଓ ଶିକ୍ଷା ବିଭାଗରେ କାମ କରୁଥିବା ବଙ୍ଗାଳୀ ଡେପୁଟି ଇନ୍‌ସ୍‌ପେକ୍ଟର ଓ ଶିକ୍ଷକମାନଙ୍କ ଓଡ଼ିଆ ପ୍ରତି ପ୍ରତିକୂଳ ତଥା ବଙ୍ଗଳା ପ୍ରତି ଅନୁକୂଳ ମନୋଭାବ ହେତୁ ଓଡ଼ିଶାର ବିଦ୍ୟାଳୟରେ, ବିଶେଷ ଭାବରେ ନିମ୍ନ ଶ୍ରେଣୀରେ ଓଡ଼ିଆ ଭାଷା ଅବହେଳିତ ହେଉଥିଲା ଓ ସେହି ସୁଯୋଗରେ ବଙ୍ଗଳା ଭାଷା କ୍ରମଶଃ ଅନୁପ୍ରବେଶ କରିବାରେ ଓ ତାର ସ୍ଥିତି ଦୃଢ଼ କରିବାରେ ଲାଗିଥିଲା । ପୁଣି ଓଡ଼ିଶାର ବିଦ୍ୟାଳୟରୁ ଓଡ଼ିଆକୁ ସମ୍ପୂର୍ଣ୍ଣ ବା ଆଂଶିକ ଭାବରେ ନିର୍ବାସନ କରିବାର ଏକାଧିକ ଉଦ୍ୟମ ଏ ମଧ୍ୟରେ ସରକାରୀ ସ୍ତରରେ ହୋଇଥିଲା ଯଦିଓ ବେଳେ ସରକାରୀ ସ୍ତରରେ ତାର ସଫଳ ପ୍ରତିରୋଧ ମଧ୍ୟ କରାଯାଇ ପାରିଥିଲା (୧) । ଏସବୁ ପରୋକ୍ଷ ବା ଅପ୍ରତ୍ୟକ୍ଷ ଭାବରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ପଥ ପରିଷ୍କାର କରିଥିଲା । ୧୮୬୪ ରେ କଟକ ପ୍ରିଣ୍ଟିଂ କମ୍ପାନୀର ସ୍ଥାପନ ଓ ୧୮୬୬ ଅଗଷ୍ଟ ମାସ ଠାରୁ ଗୌରୀଶଙ୍କରଙ୍କ ସମ୍ପାଦନାରେ 'ଦୀପିକା'ର ପ୍ରକାଶନ ମଧ୍ୟ ପ୍ରତ୍ୟକ୍ଷରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ପଥ ପରିଷ୍କାର କରିଥିଲା ।

ଏହାପରେ ଅପାତ ସମ୍ପର୍କ ବହୁଳ ଯେଉଁସବୁ ଘଟଣା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ଅନୁକୂଳ ପରିବେଶ ସୃଷ୍ଟିରେ ସହାୟକ ହୋଇଥିଲା ସେ ମଧ୍ୟରେ ମୁଖ୍ୟତଃ ତିନୋଟି ଅଭିମୁଖ୍ୟ ଦୃଷ୍ଟି ଉଠିଥିଲା ବା ପ୍ରତିଫଳିତ ହୋଇଥିଲା । ପ୍ରଥମରେ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ଭାଷା ପଠନପାଠନରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ବାଧା ସୃଷ୍ଟି କରୁଥିବା ବଙ୍ଗଳାଭାଷୀ ଶିକ୍ଷା ବିଭାଗୀୟ କର୍ମଚାରୀ, ବିଶେଷ ଭାବରେ ଡେପୁଟି-ଇନ୍‌ସ୍‌ପେକ୍ଟରମାନଙ୍କ ଓଡ଼ିଆ ବିରୋଧୀ କାର୍ଯ୍ୟକଳାପର ତୀବ୍ର ସମାଲୋଚନା । ଏଥିରେ ଦୀପିକାର ସମ୍ପାଦକ ଗୌରୀଶଙ୍କର ଅଗ୍ରଣୀ ଥିଲେ । ଦୀପିକା ପ୍ରକାଶନ ଆରମ୍ଭର ମାତ୍ର ମାସେ ନ ପୂରୁଣୁ ୧୮୬୬ ସେପ୍ଟେମ୍ବର ୧ ତାରିଖର ଦୀପିକାରେ "ଓଡ଼ିଶା ସ୍କୁଲ-ମାନଙ୍କରେ ଡେପୁଟୀ ଇନ୍‌ସ୍‌ପେକ୍ଟର୍ କର୍ମ" ଶୀର୍ଷକ ଲେଖାରେ ସେ କହିଥିଲେ, "ବଙ୍ଗ

ଦେଶୀ ଲୋକମାନେ ସ୍ୱଭାବତଃ ଉତ୍କଳ ଦେଶ ଉପରେ ବିରକ୍ତ ଅଛନ୍ତି ଏବଂ ଓଡ଼ିଆ ଭାଷା ଓ ସାହିତ୍ୟକୁ ସବୁ ପ୍ରକାରରେ ଅବଜ୍ଞା ଦେଖାଇ ତାହାଙ୍କ ସ୍ୱଜାତିର ଏ ଯାକୁ ସେମାନେ କୌଣସି ସ୍ଥାନରେ ଦୁଇ ତିନି ବର୍ଷରୁ ଅଧିକ ନ ରହିବାରୁ ଉତ୍କଳ ଭାଷା ଶିକ୍ଷା କରିବାକୁ ଇଚ୍ଛା କରନ୍ତି ନାହିଁ ଓ ଯତ୍ନ କଲେ ସୁଦ୍ଧା ଅଳ୍ପକାଳରେ ଶେଷ କରିବା କଷ୍ଟ । ଏ ଯୋଗୁଁ ଏହି ଦେଶରୁ ଆଜିଯାଏ ଯେତେ ଡେପୋଟି ଇନ୍ସପେକ୍ଟର ଅଛି- ଅଛନ୍ତି କେହି ଉତ୍କଳ ଭାଷା ଉନ୍ନତି ବିଷୟରେ କିଛି ଚେଷ୍ଟା କରିନାହାନ୍ତି ବରଂ ଉତ୍କଳ ଭାଷା ପ୍ରକାଶ୍ୟଭାବରେ ମୋଫସଲ ସ୍କୁଲମାନଙ୍କରୁ ଉଠାଇ ଦେଇ ବଙ୍ଗଳା ଭାଷା ପ୍ରଚଳିତ କରୁଅଛନ୍ତି । ଅଧିକ କ'ଣ କହିବୁଁ ଏକ ଏକଜଣ ବଙ୍ଗଦେଶୀ ଡେପୁଟୀ ଇନ୍ସପେକ୍ଟର ଉତ୍କଳ ଦେଶକୁ ଏ ପ୍ରକାର ଘୃଣା କରନ୍ତି ଯେ ସରକାରଙ୍କ ରିପୋର୍ଟରେ ସୁଦ୍ଧା ତାହା ଜଣାଇବାକୁ ତ୍ରୁଟି କରିନାହାନ୍ତି," (୨) ଇତ୍ୟାଦି । ସେହିପରି ୧୮୬୭ର ଦୀପିକାର ଏକ ସଂଖ୍ୟାରେ ଅନୁରୂପ ଭାବରେ ସେ କହିଥିଲେ, "ଅଧିକ କେତେକ ବଙ୍ଗାଳି ଡେପୁଟି ଇନ୍ସପେକ୍ଟର ସେଥିମାନେ କେବଳ ଅର୍ଥୋପାର୍ଜନରେ କର୍ମ କରନ୍ତି ଓ ବହୁତ ଟଙ୍କା ପାଇଲେ କର୍ମ ପରିତ୍ୟାଗ କରି ଚାଲନ୍ତି ଓ ମନେ ମନେ ଭାବୁଅଛନ୍ତି ଓ କେତେବେଳେ ମଧ୍ୟ ପ୍ରକାଶ କରି ଥାଆନ୍ତି ଯେ, ଇଂରାଜମାନେ ଯେପରି ଭାରତ ଅଧିକାର କରି ତତ୍ରସ୍ଥ ଭାଷାକୁ ନିଃସ୍ୱ ଅବସ୍ଥାରେ ଲଟିନଲିପି କରି ଲେଖିବାକୁ ଇଚ୍ଛା କରନ୍ତି ମଧ୍ୟ ଅନେକ ଅର୍ଥ ବ୍ୟୟ କରି ଖ୍ରୀଷ୍ଟଧର୍ମ ପ୍ରଚାର କରନ୍ତି ଓ ଅପର କେତେକ ପୁସ୍ତକ ରୋମାନ ମୁଦ୍ରିତ କରିଅଛନ୍ତି; ସେହିପରି ସେମାନେ ଉତ୍କଳ ଭାଷାକୁ ଏକା- ବେଳକେ ନୋହିଲେ ନିତ୍ୟାନ୍ତ ସରକାରୀ କଚେରୀରୁ ଉଠାଇ ଦେଇ ଦେଶୀୟଙ୍କ ବଙ୍ଗଳା ଚଳାଇବେ, ଏତଦ୍ରୂପ ମାନସ କରନ୍ତି ଓ ସ୍ୱୀୟ ଉପର ସାହେବଙ୍କ ଠାରେ କହନ୍ତି ଯେ ଓଡ଼ିଆ ଅତି କଦର୍ଯ୍ୟ ଭାଷା ।" (୩)

ଏ କ୍ଷେତ୍ରରେ ଦୃଷ୍ଟି ରଖିଥିବା ଦ୍ୱିତୀୟ ଅଭିମୁଖ୍ୟ ହେଉଛି ଓଡ଼ିଆ ଭାଷାରେ ମୁଦ୍ରିତ ପୁସ୍ତକର, ବିଶେଷ ଭାବରେ ପାଠ୍ୟ ପୁସ୍ତକର, ଅଭାବ ଦୂରକରି ତାହାର ରଚନା, ସଙ୍କଳନ ଓ ପ୍ରକାଶନ ପାଇଁ ଉଦ୍ୟମ । ଏ କ୍ଷେତ୍ରରେ ମଧ୍ୟ ଗୌରୀଶଙ୍କର ଅଗ୍ରଣୀ ଓ ସକ୍ରିୟ ଥିଲେ । ୧୮୬୭ର ଜାନୁଆରୀ ମାସରେ କାଳିପଦ ବନ୍ଦ୍ୟୋପାଧ୍ୟାୟଙ୍କ ସହିତ ଯେତେବେଳେ କଟକ ସ୍କୁଲବୁକ୍ କମ୍ପାନି ସ୍ଥାପିତ ହୋଇଥିଲା ସେତେବେଳେ ଗୌରୀ- ଶଙ୍କର ଦୀପିକା ପୃଷ୍ଠାରେ ଏ ଉଦ୍ୟମର ଭୂୟସୀ ପ୍ରଶଂସା କରି ପ୍ରୋତ୍ସାହନ ଦେଇଥିଲେ ତଥା କଟକ ପ୍ରିଣ୍ଟିଂ କମ୍ପାନି ଏ ଉଦ୍ୟମର ସହାୟକ ହେବା ଉଚିତ ବୋଲି ସୂଚନା ଦେଇଥିଲେ । (୪) ୧୮୬୭ର ମେ ମାସରେ ଯେତେବେଳେ "ଉତ୍କଳ ଭାଷୋଦ୍ଦୀପିନୀ ସଭା" ସ୍ଥାପିତ ହେଲା ସେତେବେଳେ ସେ ଉଦ୍ୟମରେ ଗୌରୀଶଙ୍କର ବିଶେଷ ଆଗ୍ରହ ପ୍ରକାଶ କରିଥିଲେ ଓ ଏହି ସଭା ପକ୍ଷରୁ ପାଠ୍ୟ ପୁସ୍ତକ ତଥା ଅନ୍ୟାନ୍ୟ ପୁସ୍ତକ ସଙ୍କଳନ ଓ ପ୍ରକାଶନ ପାଇଁ ଯେଉଁ କାର୍ଯ୍ୟକ୍ରମମାନ ଗୃହୀତ ହେଲା ସେଥିରେ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । (୫)

ଏ ପ୍ରସଙ୍ଗରେ ପ୍ରକାଶ ପାଇଥିବା ତୃତୀୟ ଅଭିମୁଖ୍ୟଟି ହେଉଛି ଓଡ଼ିଆ ଭାଷା

ଭାଗରେ କ୍ରମାଗତ ପଡୁଥିବା ବଙ୍ଗଳାଭାଷାର ପ୍ରଭାବକୁ ପରିହାର କରି ଓଡ଼ିଆ ଭାଷାର ଶୁଦ୍ଧତା ରକ୍ଷା ଉଦ୍ୟମ । ଏହା ଫଳରେ ସେତେବେଳେ ପ୍ରକାଶିତ ହେଉଥିବା ଓଡ଼ିଆ ପୁସ୍ତକର ଭାଷାରେ ପଡୁଥିବା ବଙ୍ଗଳାଭାଷାର ପ୍ରଭାବକୁ ସମାଲୋଚନା କରାଯାଉଥିଲା । ଗୌରୀଶଙ୍କରଙ୍କ ସମ୍ପାଦନାରେ ପତ୍ରିକା ମଧ୍ୟ ଏ ଦିଗରେ ଅଗ୍ରଗାମୀ ଭୂମିକା ଗ୍ରହଣ କରି ୧୮୭୨ ମାର୍ଚ୍ଚ ତା ୯ ଖ ସଂଖ୍ୟାରେ ଜଗନ୍ମୋହନଙ୍କ 'ଚନ୍ଦ୍ରାବଳୀ' (ଈଶ୍ୱରଚନ୍ଦ୍ର, ବିଦ୍ୟାସାଗରଙ୍କ ଦ୍ୱାରା ବଙ୍ଗଳାରେ ରଚିତ 'ଜୀବନ ଚରିତ'ର ଅନୁବାଦ ?) ପୁସ୍ତକର ଭାଷାରେ ଥିବା ବଙ୍ଗ ପ୍ରଭାବର ସମାଲୋଚନା ସମ୍ବଳିତ ଏକ ପ୍ରେରିତ ପତ୍ର ପ୍ରକାଶ କରିଥିଲେ । (୭) ପୁଣି ୧୮୭୨ ମେ' ମାସରେ ପ୍ରତିଷ୍ଠିତ 'ଉତ୍କଳ ଭାଷୋଦ୍ଦୀପିନୀ ସଭା'ର ମଧ୍ୟ ଏହା ଅନ୍ୟତମ ଉଦ୍ଦେଶ୍ୟ ଥିଲା ଯାହାର ସ୍ଥାପନରେ ଗୌରୀଶଙ୍କର ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ଏ ସବୁରୁ ଜଣାଯାଏ ଯେ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ପ୍ରସ୍ତୁତି ପର୍ବରେ ଆନ୍ଦୋଳନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେଉଥିବା ବେଳେ ଏହି ମଧ୍ୟରେ ଯେଉଁ କେତୋଟି ପ୍ରଧାନ ଆଭିମୁଖ୍ୟ ଫୁଟି ଉଠିଥିଲା ସେ ସମସ୍ତରେ ଗୌରୀଶଙ୍କରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଅବଦାନ ରହିଥିଲା ।

ଏ ମଧ୍ୟରେ ୧୮୬୫ରେ ଟି. ଇ. ରେଭେନ୍‌ସା (T. E. Ravenshaw) ଓଡ଼ିଶା ଡିଭିଜନର କମିଶନର ଭାବରେ କାର୍ଯ୍ୟରେ ଯୋଗ ଦିଅନ୍ତି । ତାର ଅବ୍ୟବହିତ ପରେ ୧୮୬୫ର ସେପ୍ଟେମ୍ବର ତା ୧୬ରେ ସେ ବଙ୍ଗ ସରକାରଙ୍କ ନିକଟକୁ ୧୮୬୪-୬୫ର ଓଡ଼ିଶାର ଶିକ୍ଷା ସମ୍ବନ୍ଧୀୟ ବାର୍ଷିକ ରିପୋର୍ଟ ପ୍ରେରଣ କରନ୍ତି । ଏଥିରେ ଓଡ଼ିଶାର ବିଦ୍ୟାଳୟର ଉଚ୍ଚ ସ୍କୁଲରେ ଓଡ଼ିଆ ଭାଷା ଅବହେଳିତ ହେଉଥିବାରୁ କ୍ଷୋଭ ପ୍ରକାଶ କରି ସେଥିପ୍ରତି ବଙ୍ଗ ସରକାରଙ୍କ ଦୃଷ୍ଟି ଆକର୍ଷଣ କରନ୍ତି ଓ ଯଥାଶୀଘ୍ର ଓ ଯଥା ସମ୍ଭବ ବଙ୍ଗଳା ପାଠ୍ୟ ପୁସ୍ତକ ପରିବର୍ତ୍ତେ ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରଚଳନର ଦୃଢ଼ ସୁପାରିଶ କରି ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ଶୁଭ ମହରତ କରନ୍ତି । ବଙ୍ଗ ସରକାର ରେଭେନ୍‌ସାଙ୍କ ସୁପାରିଶ ସମ୍ପର୍କରେ ଶିକ୍ଷା ବିଭାଗର ଡିରେକ୍ଟରଙ୍କ ମତାମତ ନେଇଥିବାରୁ ଡିରେକ୍ଟର ଆଟ୍‌କିନ୍‌ସନ ଏ ସମ୍ପର୍କରେ ଦକ୍ଷିଣ ପଶ୍ଚିମ ଶିକ୍ଷାଚକ୍ରର ଇନ୍‌ସ୍ପେକ୍ଟର ଉଡ୍ରୋଙ୍କ ଅଭିମତ ନେଇଥିଲେ କାରଣ ଓଡ଼ିଶାର ବିଦ୍ୟାଳୟ ଗୁଡ଼ିକ ସେତେବେଳେ ଏହି ଶିକ୍ଷାଚକ୍ରର ଅନ୍ତର୍ଗତ ଥିଲା । ଉଡ୍ରୋଙ୍କର ସ୍ୱଳ୍ପ ଅଭିଜ୍ଞତା ହେତୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅଭିମତ ଦେବାକୁ ତାଙ୍କ ତାତ୍‌କାଳିକ ଅକ୍ଷମତା ଦର୍ଶାଇ ସେ ଅଧିକ ତଥ୍ୟ ସଂଗ୍ରହରେ ଲାଗିଛନ୍ତି ବୋଲି ଜଣାଇଥିଲେ । ପରେ ସେ ଅସୁସ୍ଥ ହୋଇ ବିଲାତ ଫେରିବାରୁ ତାଙ୍କ ସ୍ଥାନରେ ଇନ୍‌ସ୍ପେକ୍ଟର ହୋଇ ଆସିଲେ ମାର୍ଟିନ (R. L. Martin) । ଡିରେକ୍ଟର ବଙ୍ଗ ସରକାରଙ୍କ ଦ୍ୱାରା ପୁଣି ଥରେ ମତାମତ ଜଣାଇବା ପାଇଁ ଆଦିଷ୍ଟ ହୋଇ ଇନ୍‌ସ୍ପେକ୍ଟର ମାର୍ଟିନଙ୍କ ଅଭିମତ ନେଇଥିଲେ । ଉଡ୍ରୋଙ୍କ ପରି ମାର୍ଟିନ ମଧ୍ୟ ନିଜର ସ୍ୱଳ୍ପକାଳ ଅଭିଜ୍ଞତା ଯୋଗୁଁ ଓଡ଼ିଶା ବିଷୟକ ଜ୍ଞାନର ସ୍ୱଳ୍ପତା ଦର୍ଶାଇଥିଲେ ବି କମିଶନରଙ୍କ ସୁପାରିଶ ଦେଇଥିବା ପ୍ରସ୍ତାବର ବିରୁଦ୍ଧାଚରଣ କରି

ଓଡ଼ିଶାର ବିଦ୍ୟାଳୟର ମଧ୍ୟମ ଓ ଛାତ୍ର ଶ୍ରେଣୀରେ ବଙ୍ଗଭାଷାର ଶିକ୍ଷା ସୁଦୃଢ଼ ଓ ସମ୍ପ୍ରସାରିତ କରିବା ପାଇଁ ଏକ ମତ-ପ୍ରସ୍ତାବ ଦେଲେ । ଇନ୍‌ସ୍ପେକ୍ଟରଙ୍କ ମତ-ପ୍ରସ୍ତାବକୁ ଡିରେକ୍ଟର ତୁରନ୍ତ ଭାବରେ ସମର୍ଥନ କରି ବଙ୍ଗ ସରକାରଙ୍କ ନିକଟକୁ ପଠାଇ ଦେଲେ । ବଙ୍ଗ ସରକାର ଡିରେକ୍ଟରଙ୍କ ସମର୍ଥିତ ଇନ୍‌ସ୍ପେକ୍ଟରଙ୍କ ଏହି ମତ-ପ୍ରସ୍ତାବ ଉପରେ କୌଣସି ସିଦ୍ଧାନ୍ତ ନ ନେଇ ୧୮୬୯ର ନଭେମ୍ବର ମାସରେ ବିଷୟଟି ଉପରେ କମିଶନର ରେଭେନ୍‌ସାଙ୍କ ସୁଚିନ୍ତିତ ଅଭିମତ ଲୋଡ଼ିଲେ । କମିଶନର ରେଭେନ୍‌ସା ମଧ୍ୟ ଏ ସମ୍ପର୍କରେ (ଅର୍ଥାତ୍ ତାଙ୍କର ମାଜିଷ୍ଟ୍ରେଟ ତଥା ଇନ୍‌ସ୍ପେକ୍ଟର ଓ ଡିରେକ୍ଟରଙ୍କ ମତ-ପ୍ରସ୍ତାବ ସମ୍ପର୍କରେ) କଟକ, ପୁରୀ ଓ ବାଲେଶ୍ୱରର କଲେକ୍ଟରଙ୍କ ମତାମତ ଆହ୍ୱାନ କରି ୧୮୬୯ର ଡିସେମ୍ବର ମାସରେ ଚିଠି ଲେଖିଲେ । ଏହି ଡିରେକ୍ଟର ସମର୍ଥିତ ଇନ୍‌ସ୍ପେକ୍ଟରଙ୍କ ମତ-ପ୍ରସ୍ତାବର ପ୍ରତିବାଦ ଓ ପ୍ରତିରୋଧରେ ୧୮୭୦ର ଜାନୁଆରୀ ମାସରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ଆରମ୍ଭ ହେଲା । (୭)

## ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟ :-

୧୮୭୦ ଜାନୁଆରୀ ୪ ତାରିଖରେ ଗୌରୀଶଙ୍କର 'ଦୀପିକା' ପୃଷ୍ଠାରେ ଓଡ଼ିଶାର ବିଦ୍ୟାଳୟର ମଧ୍ୟମ ଓ ଛାତ୍ର ଶ୍ରେଣୀରେ ଓ ଏପରିକି ନିମ୍ନ ଶ୍ରେଣୀରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଭାଷା ପ୍ରଚଳନ ସପକ୍ଷରେ ଶିକ୍ଷା ବିଭାଗର ଡିରେକ୍ଟରଙ୍କ ସମର୍ଥିତ ଇନ୍‌ସ୍ପେକ୍ଟର ମାର୍ଟିନଙ୍କ "ମତ ପ୍ରସ୍ତାବ"ର ବିରୋଧ କରି ଗଭୀର ଉଦ୍‌ବେଗ ପ୍ରକାଶ କରନ୍ତି । ଏ ପ୍ରସଙ୍ଗରେ ସେ କହିଥିଲେ, "......ଏ ପ୍ରସ୍ତାବ ଓଡ଼ିଶାର ସର୍ବ ମଙ୍ଗଳ ଆଶାର ମୂଳୋତ୍ପାଟନ କରିବାର ଉପକ୍ରମ କରୁଅଛି ଏବଂ ଶୀଘ୍ର ଏହାର ଅନ୍ୟଥା ନ ହେଲେ ରକ୍ଷା ନାହିଁ । ... ... ...ଯାହାଙ୍କ ଉପରେ ଶିକ୍ଷାର ଭାର ଅଛି ସେମାନେ ଦେଶର ଭାଷା ଉଠାଇ ଦେବାକୁ ଯତ୍ନ କରୁଅଛନ୍ତି, ଏହା କି ଆମମାନଙ୍କ ଦୁଃଖର ବିଷୟ ।" (୮) ଇତ୍ୟାଦି । ଓଡ଼ିଶାର ସର୍ବ ମଙ୍ଗଳ ସହ ଓଡ଼ିଆ ଭାଷାକୁ ଓ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ଭାଷାର ସୁଦୃଢ଼ ଶିକ୍ଷାକୁ ସଂଯୁକ୍ତ କରି ଏହା ମଧ୍ୟରେ ଗୌରୀଶଙ୍କର ଅତୁଳନୀୟ ଦୂରଦୃଷ୍ଟିର ପରିଚୟ ଦେଇଥିଲେ ତଥା ଭାଷା କେନ୍ଦ୍ରିକ ଓଡ଼ିଆ ଜାତୀୟତାର ଆଗମନୀ ଶୁଣାଇଥିଲେ । 'ଦୀପିକା' ପୃଷ୍ଠାରେ ପ୍ରକାଶିତ ଏହି ଲେଖା ମାଧ୍ୟମରେ ହିଁ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଅଙ୍କୁର ଜନ୍ମ ହୋଇଥିଲା । ତେଣୁ ଗୌରୀଶଙ୍କରଙ୍କୁ ଏ ଆନ୍ଦୋଳନର ଜନକ ବା ସ୍ରଷ୍ଟା ବୋଲି ଗ୍ରହଣ କରାଯାଇପାରେ ।

ଏହାପରେ 'ଦୀପିକା'ର ବିଭିନ୍ନ ସଂଖ୍ୟାରେ ସେ ଡିରେକ୍ଟର ସମର୍ଥିତ ଇନ୍‌ସ୍ପେକ୍ଟରଙ୍କ ମତ-ପ୍ରସ୍ତାବର ସମାଲୋଚନା କରି ଓଡ଼ିଶାର ସମସ୍ତ ବିଦ୍ୟାଳୟର ସବୁ ସ୍ତରରେ ଓଡ଼ିଆ ପଢ଼ାଯିବାର ଯଥାର୍ଥତା ଓ ଏକାନ୍ତ ଆବଶ୍ୟକତା ଦର୍ଶାଇଥିଲେ, ପୁଣି ଓଡ଼ିଆ ଭାଷା ସପକ୍ଷବାଦୀମାନଙ୍କ ମନ୍ତବ୍ୟ ଓ ବକ୍ତବ୍ୟ ତଥା ସେମାନଙ୍କ ପତ୍ରାବଳୀକୁ 'ଦୀପିକା' ପୃଷ୍ଠାରେ ସ୍ଥାନ ଦେଇ ସେମାନଙ୍କୁ ଉତ୍ସାହିତ ମଧ୍ୟ କରୁଥିଲେ (୯) । ଏହିଭଳି ଭାବରେ ଗୌରୀଶଙ୍କର କେବଳ ଓଡ଼ିଆ ଭାଷା-ସୁରକ୍ଷା

ଆନ୍ଦୋଳନର ଜନକ ନୁହେଁ ତାର ପ୍ରଥମ ପର୍ଯ୍ୟାୟରେ ନାୟକ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇନଥିଲେ । ଅଥଚ ଏ ପର୍ଯ୍ୟାୟରେ ତାଙ୍କର ଭୂମିକା ସମ୍ବନ୍ଧରେ ଅନେକ ମାନଙ୍କ ପରିପ୍ରେକ୍ଷରେ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଘଟଣାର ସ୍ପଷ୍ଟତା ଦର୍ଶାଇଲେ ବୋଲି କୁହାଯାଇପାରେ । କାରଣ ୧୮୬୮ ଜାନୁଆରୀ ତା ୪ ରିଖରେ ସୁଦ୍ଧା ପ୍ରଥମ ଲେଖା ଓ ତା ୨୫ ରିଖରେ ଏ ସମ୍ପର୍କୀୟ ଏକ ପ୍ରେରିତ ପତ୍ର 'ଦୀପିକା' ପୃଷ୍ଠାରେ ପ୍ରକାଶ ପାଇବା ପରେ ଜାନୁଆରୀ ତା ୨୭ ରିଖରେ କଟକର ପ୍ରଧାନ ବ୍ୟକ୍ତିମାନେ ଏକ ସଭାରେ ମିଳିତ ହୋଇ ବିମ୍ସଙ୍କର ସମର୍ଥିତ ରାଜେନ୍ଦ୍ରଲାଲଙ୍କ 'ମତ-ପ୍ରସ୍ତାବ' ବିରୁଦ୍ଧରେ ଆବେଦନ କରିବାର ସ୍ଥିର କଲେ (୧୦) ଏପ୍ରିଲ ତା ୧୫ ରିଖରେ ଆବେଦନ କଲେ । ଏହି ଆବେଦନକୁ କମିଶନର ରେଭେନ୍‌ସା ଓ ତାପରେ ବଙ୍ଗ ସରକାର (ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର) ବିଶେଷ ମାନ୍ୟତା ଦେଇଥିଲେ ଓ ସ୍ପଷ୍ଟ ମତ ଦର୍ଶାଇବାରେ ବିମ୍ସଙ୍କୁ ଦେଇଥିଲେ ।

ଏ ମଧ୍ୟରେ ରାଜେନ୍ଦ୍ରଲାଲ ମିତ୍ର ନିଜ ମତର ପରିବର୍ତ୍ତନ କରି ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ନେଇ ବିମ୍ସଙ୍କୁ ଚିଠି ଦେଲେ ଓ ତାର ଏକ ନକଲ କମିଶନରଙ୍କୁ ଜଣାଇ ଦେଲେ । କମିଶନର ରେଭେନ୍‌ସା ମଧ୍ୟ ଜଜ୍ କାଷ୍ଟ, କଲେକ୍ଟର ତଥା କଟକ କଲେକ୍ଟରଙ୍କ ସ୍ୱୀୟ ଅଭିଜ୍ଞ ହୋଇ ଏ ବିଷୟରେ ମତାମତ ଜଣାଇଥିବା ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ ଓ ଚନ୍ଦ୍ରଶେଖର ବନ୍ଦ୍ୟୋପାଧ୍ୟାୟଙ୍କ ମତାମତ, ରାଜେନ୍ଦ୍ରଲାଲଙ୍କ ପରିବର୍ତ୍ତିତ ମତ ତଥା କଟକବାସୀଙ୍କ ଆବେଦନ ଓ ଅନ୍ୟାନ୍ୟ ବକ୍ତାମାନଙ୍କ ମତାମତ ବିମ୍ସଙ୍କୁ ଦେବା ପରେ ଓଡ଼ିଆ ଭାଷାର ଆଶୁ ପ୍ରଚଳନକୁ ଦୃଢ଼ ସମର୍ଥନ କରି ନିଜର ସୁଚିନ୍ତିତ ଅଭିମତ ବଙ୍ଗ ସରକାରଙ୍କୁ ୧୮୬୮ ମେ ତାରିଖରେ ଜଣାଇ ଦେଲେ । ବଙ୍ଗ ସରକାର ସେ ବର୍ଷ ଜୁଲାଇ ମାସରେ ବିଷୟଟି ଉପରେ ପୁଣିଥରେ ରେଭେନ୍‌ସାଙ୍କ ଅଭିମତ ଲୋଡ଼ିଲେ । (୧୧)

କମିଶନର ରେଭେନ୍‌ସା ପ୍ରକାଶ୍ୟରେ ତଥା ସରକାରଙ୍କ ସ୍ତରରେ ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଦୃଢ଼ ଓ ସ୍ପଷ୍ଟ ଭାବରେ କରୁଥିବାରୁ (ତଥା ରାଜେନ୍ଦ୍ରଲାଲ ମତ ପରିବର୍ତ୍ତନ କରି ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଦର୍ଶାଇବାରୁ) ଓଡ଼ିଆମାନଙ୍କ ଆଶଙ୍କା ବହୁ ପରିମାଣରେ ଦୂରୀଭୂତ ହୋଇ ଆନ୍ଦୋଳନ କ୍ରମେ ସ୍ତିମିତ ହୋଇ ପଡ଼ିଲା ।

## ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ

୧୮୬୮ର ଡିସେମ୍ବର ମାସରେ ପ୍ରଖ୍ୟାତ ପଣ୍ଡିତ ଓ ଭାଷାତତ୍ତ୍ୱବିତ୍ ରାଜେନ୍ଦ୍ରଲାଲ ମିତ୍ର ପ୍ରତ୍ନତତ୍ତ୍ୱ ଅନୁସନ୍ଧାନ ଉପଲକ୍ଷେ ଓଡ଼ିଶା ଆସିଥିବା ଅବସରରେ କଟକ ଡିବେଟିଂ କ୍ଲବରେ ଉପସ୍ଥାପିତ 'ଦେଶପ୍ରେମ' ଶୀର୍ଷକ ପ୍ରବନ୍ଧ ଉପରେ ଅଭିମତ ଦେବାକୁ ଯାଇ ହଠାତ୍ ଅବାନ୍ତର ଓ ଅନାବଶ୍ୟକ ଭାବରେ ଓଡ଼ିଆ ଭାଷା ବିରୋଧୀ ଏକ ଉକ୍ତି ଘୋଷଣା କରି ତଥା ଅନ୍ୟ ଭାବରେ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ କରୁଥିବାର ବଙ୍ଗଭାଷା ସପକ୍ଷବାଦୀ ଏକ ପ୍ରତି-ଆନ୍ଦୋଳନ ତିଆରି କରିବାର ଉଦ୍ୟମ

କରନ୍ତି । କେବଳ କଟକ ସ୍କୁଲ ପାଠ୍ୟ-ପୁସ୍ତକର ଉଦ୍ଦିଷ୍ଟ ହୋଇଥିବାରୁ କେବଳ ସ୍ୱାର୍ଥରକ୍ଷା, ଏକ ଅର୍ଥୋପାର୍ଜନ ଇଚ୍ଛା ହିଁ ସେମାନଙ୍କ ଅଜ୍ଞାନର ମୂଳାଧାର ମନୋ-ବୃତ୍ତି ରାଜେନ୍ଦ୍ରଲାଲଙ୍କ ଏହି ସ୍ୱତନ୍ତ୍ର-ଆନ୍ଦୋଳନ ବିରୋଧ ମଧ୍ୟରେ ଦୃଶ୍ୟ ଥିଲା । ଏହି ସ୍ୱତନ୍ତ୍ର-ଆନ୍ଦୋଳନ ବିରୋଧ ମଧ୍ୟରେ କେତେକ ବିଶେଷ ଅଭିମୁଖ୍ୟ ପ୍ରକଟିତ ହୋଇଥିଲା :

(କ) ଓଡ଼ିଶାରୁ ଓଡ଼ିଆ ଭାଷା ନିର୍ବାସନର ଦୁରଭିସନ୍ଧି ପରିଲକ୍ଷିତ । ରାଜେନ୍ଦ୍ର-ଲାଲଙ୍କ ମତରେ ଓଡ଼ିଆମାନେ ସେମାନଙ୍କ ପ୍ରାଦେଶିକ 'ବୋଲି' ପ୍ରତି ମୋହ ହେତୁ ତାହାକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେବାକୁ ଚେଷ୍ଟା କରି ନିଜର କ୍ଷତି କରୁ-ଅଛନ୍ତି (" the injury which was being inflicted on the Uriya race by their attachment io a provincial patois, which they wish to exalt into a distinct language.") (୧୨) କେବଳ "ଉତ୍କଳର ପ୍ରକୃତ ହିତାକାଂକ୍ଷୀ ଯେ ହେବେ ସେ ସର୍ବାଗ୍ରେ ଉତ୍କଳ ଭାଷା ଉଠାଇ ଦେଇ ବଙ୍ଗଭାଷା ପ୍ରଚଳନ କରିବାର ଚେଷ୍ଟା କରିବେ କାରଣ ତାହାଙ୍କ ମତରେ ଯେତେଦିନ ଉତ୍କଳ ଭାଷା ଉଠିଯାଉନାହିଁ, ସେତେ ଦିନ ଏ ଦେଶର ଉନ୍ନତି ହେବା ଅସମ୍ଭବ ।" (୧୩) ଏହା ଥିଲା କଟକରେ ରାଜେନ୍ଦ୍ରଲାଲଙ୍କ ଉକ୍ତିର ଘୋଷଣା ।

(ଖ) ଓଡ଼ିଆକୁ ବଙ୍ଗୀୟ ଲିପିରେ ଲେଖିବାର ଦୁରଭିସନ୍ଧି ପରିଲକ୍ଷିତ । ୧୮୬୯ ଜୁଲାଇ ୧୫ ତାରିଖରେ କଲିକତାର ହାଲଦାର 'ଇଣ୍ଡିଆନ ଡେଲି'ରେ ଏକ ପ୍ରବନ୍ଧ ଲେଖି ଏହା ପ୍ରସ୍ତାବ ଦିଅନ୍ତି ଓ ଏହା ପରେ ପରେ କଟକ 'ଉତ୍କଳ ଦୀପିକା' ଲୁଡ଼ର ଏକ ଅଧିବେ-ଶନରେ ଓଡ଼ିଶାରୁ କଦାଚନ ଅଧିକ ଅଧ୍ୟାପକ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କ ନେତୃତ୍ୱରେ ଏ ପ୍ରସ୍ତାବର ସମର୍ଥନ କରାଯାଇଥିଲା । (୧୪)

(ଗ) ଓଡ଼ିଆ ଭାଷାକୁ ବଙ୍ଗ ଭାଷାର ଏକ ବିକୃତ ରୂପ ବା 'ଉପଭାଷା' ବୋଲି ଦର୍ଶାଇବା; ରାଜେନ୍ଦ୍ରଲାଲ ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷା ରୂପେ ସ୍ୱୀକାର ନ କରି କହୁଥିଲେ ଯେ ଏହା ଏକ ଆଞ୍ଚଳିକ 'ବୋଲି' (patois) । ପରେ 'ଗୀତା'ର ଓଡ଼ିଆ ଭାଷାକୁ ବଙ୍ଗଭାଷା ପ୍ରଭାବରୁ ମୁକ୍ତକରି ତାହାର ସ୍ୱକୀୟତା ରକ୍ଷା କରିବା ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଏପରି ଅଭିମୁଖ୍ୟ ଅଧିକ ସ୍ପଷ୍ଟ ରୂପ ପରିଗ୍ରହ କରିଥିଲା ଯାହା ଆନ୍ଦୋ-ଳନର ଉତ୍ତର ପର୍ଯ୍ୟାୟରେ ଅଧିକ ସ୍ପଷ୍ଟ ରୂପେ ପ୍ରମାଣ ପାଇ ଆଲୋଚନ ଦୃଷ୍ଟି କରିଥିଲା । ୧୮୬୯ର ଜୁନ ତା '୬ ତାରିଖରେ 'ଉତ୍କଳ ହିତୈଷିଣୀ'ରେ ପ୍ରକାଶିତ ଏକ ଚିଠି ବଙ୍ଗଭାଷାକୁ ଯେ ମାର୍ଚ୍ଚ ତା ୨୭ ତାରିଖର 'ପାଠିକା'ରେ ନବ୍ୟ ସମାଲୋଚନା କରଯାଇ ତାହାକୁ ସଙ୍କର ଭାଷା ଓ ବଙ୍ଗୋତ୍କଳ ମିଶ୍ରିତ ଭାଷା ବୋଲି ଆକ୍ଷେପ କରାଯାଇଥିଲା । ଏହାର ପ୍ରତିଶ୍ରୁତିରେ ଉକ୍ତ କବିତା ପୁଣି ଲେଖକ ଓଡ଼ିଶାରେ ଏଦ୍ୟ ପଦାର୍ପଣ କରିଥିବା ଜଣେ ନବ୍ୟ କବି 'ମୁଖୋପାଧ୍ୟାୟ' (ରାଜକୃଷ୍ଣ ମୁଖୋପାଧ୍ୟାୟ ?) 'ଉତ୍କଳ ହିତୈଷିଣୀ'ର କୁଲୁଷ ଭାଂଗରେ 'ଉତ୍କଳ ଏକ ଭଷା ପତ୍ର' ଓ 'ବଙ୍ଗଭାଷାର ବିକୃତ ହେଲେ ଉତ୍କଳ ଭାଷା ହୁଏ' ବୋଲି ମନ୍ତବ୍ୟ ଦେଇଥିଲେ ।

(ଘ) ଓଡ଼ିଆକୁ ଓଡ଼ିଶାର ବିଦ୍ୟାଳୟରୁ ନିର୍ବାସନ କରି ତା ପରିବର୍ତ୍ତେ ବଙ୍ଗଭାଷାର

ପ୍ରଚଳନ କରାଯାଉ ବୋଲି ଦାବୀ କରି ଓଡ଼ିଆମାନଙ୍କ ନାମରେ ମିଥ୍ୟା ଦରଖାସ୍ତ ପ୍ରେରଣର ଅପ-ପ୍ରୟାସ; ଏହାର ସୂଚନା କଲିକତାରୁ ପ୍ରକାଶିତ Indian Mirrorର ମାଧ୍ୟମରେ ଜଣା ପଡ଼ିଥିଲା । (୧୬)

ଏହି ସ୍ୱତ-ଆନ୍ଦୋଳନ ପ୍ରଚେଷ୍ଟା, ବିଶେଷ ଭାବରେ ଓଡ଼ିଆଭାଷୀ ଅଞ୍ଚଳର ପୁନର୍ମିଶ୍ରଣ ପ୍ରସ୍ତାବ ମଞ୍ଚରେ ସ୍ୱରେନ୍ଦ୍ରନାଥଙ୍କ ଯୁକ୍ତି ଘୋଷଣା ଫଳରେ ସ୍ତିମିତ ହୋଇ ପଡ଼ିଥିବା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ପୁଣିଥରେ ଜାଗ୍ରତ ହୋଇ ଉଠେ ଓ ଏହାର ଦ୍ୱିତୀୟ ପର୍ଯ୍ୟାୟର ଆରମ୍ଭ ହୁଏ । ଏ ପର୍ଯ୍ୟାୟରେ ମଧ୍ୟ ଗୌରୀଶଙ୍କର ଓ ତତ୍-ସମ୍ପାଦିତ 'ଦୀପିକା', ସ୍ୱତ-ଆନ୍ଦୋଳନ ପ୍ରଚେଷ୍ଟା ମଧ୍ୟରେ ଫୁଟି ପଡ଼ୁଥିବା ସ୍ୱଦେଶୀ ଭାବ ମୁଖ୍ୟ ବାହକରେ ସକ୍ରିୟ, ନିର୍ଦ୍ଦିଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ପ୍ରଥମରେ ସ୍ୱରେନ୍ଦ୍ରନାଥଙ୍କ ଭ୍ରମାତ୍ମକ ପ୍ରସ୍ତାବକୁ – ଅର୍ଥାତ୍ ଓଡ଼ିଶାରୁ ଓଡ଼ିଆ ଭାଷା ନିର୍ବାସନର ଯୁକ୍ତିଯୁକ୍ତତାକୁ — ସେ ଉପଯୁକ୍ତ ତଥ୍ୟ ପ୍ରମାଣ ତଥା ବଳିଷ୍ଠ ଯୁକ୍ତି ସାହାଯ୍ୟରେ ଖଣ୍ଡନ କରି ତାଙ୍କ ତୀବ୍ର ସମାଲୋଚନା କରିଥିଲେ । ସେ ପ୍ରସଙ୍ଗରେ ସେ କହିଥିଲେ ଯେ ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ତିନି ପୃଥକ୍ ଶାସନାଧୀନ ଥିବାରୁ ଓଡ଼ିଆ ଭାଷାର ପ୍ରଭୂତ କ୍ଷତି ହେଉଛି । ତେଣୁ ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ଏକ ଶାସନାଧୀନରେ ରହିବାର ଏକାନ୍ତ ଆବଶ୍ୟକତା ଦର୍ଶାଇ ସେ ପରବର୍ତ୍ତୀକାଳରେ ଚୂଡ଼ିଥିବ ଓଡ଼ିଶା ଗଠନ କାର୍ଯ୍ୟକ୍ରମର ଅଗ୍ରୀ ସୂଚନା କରିଥିଲେ । ତାଙ୍କ ଭାଷାରେ ........"ବର୍ତ୍ତମାନ ଉତ୍କଳ ଭାଷା 'ତିନ ଚେଙ୍ଗିଆ ତାଳୁଚ ଖାଇ' ପ୍ରାୟ ଗୁଡ଼ାକୁ ଖଣ୍ଡଖଣ୍ଡ ହେଉଅଛି । ଏହାର ଉପରେ ତିନି ଗବର୍ଣ୍ଣମେଣ୍ଟ ହୋଇ ପଡ଼ିଲା, ଏକଭାଗ ବଙ୍ଗଳା ଗବର୍ଣ୍ଣମେଣ୍ଟ ହସ୍ତେ, ଏକ ଭାଗ ମଧ୍ୟ ପ୍ରଦେଶର ଗବର୍ଣ୍ଣମେଣ୍ଟ ହସ୍ତେ ଏବଂ ଅନ୍ୟ ଏକ ଭାଗ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ହସ୍ତେ ପଡ଼ିବାରୁ ଏହାର ସର୍ବାଙ୍ଗ ସମାନ ରୂପେ ଗଠନ ହେଉନାହିଁ ।" ଇତ୍ୟାଦି । (୧୭) ଅନ୍ୟତ୍ର ମଧ୍ୟ, "....... ଉତ୍କଳ ଭାଷାର ଉନ୍ନତି ସାଧନ ତିନି ଗବର୍ଣ୍ଣମେଣ୍ଟ ହେବାରୁ ଏ କାର୍ଯ୍ୟ ସମ୍ୟକ ରୂପେ ହେଉନାହିଁ, ଏ ରୂପ କହିବାର ତାତ୍ପର୍ଯ୍ୟ ଏହି ଯେ ଐକ୍ୟତା ଦ୍ୱାରା ଯେ ରୂପ କାର୍ଯ୍ୟ ସଫଳ ହୁଅଇ ଭିନ୍ନ ଭିନ୍ନ ହୋଇ କାର୍ଯ୍ୟ କଲେ ସେ ରୂପ ହୁଏନା......" ଇତ୍ୟାଦି । (୧୮)

ଦ୍ୱିତୀୟରେ ଓଡ଼ିଆଙ୍କୁ ବଙ୍ଗଳା ଲିପିରେ ଲେଖିବା ପ୍ରସ୍ତାବ ବିରୁଦ୍ଧରେ ଗୌରୀଶଙ୍କର ଓ ଦୀପିକା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏ ପ୍ରସ୍ତାବର ଅସାରତା ଦର୍ଶାଇ ଏ ପ୍ରସ୍ତାବ ଦେଇଥିବା ଜମାଦାରଙ୍କ ସ୍ୱାଳିଦାର ଓ ତାହାର ମୁଖ୍ୟ ସମର୍ଥକ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କୁ ଗୌରୀଶଙ୍କର 'ଦୀପିକା' ପୃଷ୍ଠାରେ ତୀବ୍ର ଶାଣିତ ସମାଲୋଚନା କରିଥିଲେ (୧୯) । ଏ ମଧ୍ୟରେ ଅନ୍ତର୍ଗତ ଥିଲା ଚିଠିମାନଙ୍କରେ ଲିଖିତ ପାଠ ଯୋଗ୍ୟ ଦୁଇଟି ବାବୁ ଚନ୍ଦ୍ରଶାସ୍ତ୍ରୀ ସହାୟ ଓ ଶ୍ରୀ ଦୀନ ସହାନନ୍ଦ ଝାଙ୍କ ନାମରେ ଲିଖିତ ଏକ ଶ୍ଳେଷାତ୍ମକ ପତ୍ର । (୨୦) ଏହି ପ୍ରେରକ ପତ୍ରରେ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କ ଉଦ୍ଦେଶ୍ୟରେ କୁହାଯାଇଥିଲା, "ବାବୁ ମହାଶୟ ଅନେକ ବିଦ୍ୟାରେ ପରିପୂର୍ଣ୍ଣ ହୋଇ ପ୍ରଶଂସାପତ୍ରମାନ

ନିଜ କର 'ଏ ମେ' ଉପାଧି ପ୍ରାପ୍ତ ହୋଇ ଅଛନ୍ତି ।..............ଏତ ଦୁଃଖର ବିଷୟ ବାବୁ ଏଥ ପ୍ରକାର ବିଦ୍ୱାନ ତାହାଙ୍କ ଉପରେ କେତେ କୋଟି ଉତ୍କଳ ଅଧିକ ରହିବାକୁ ଯେପରି ନାରାଆଁନ୍ତା ତେବେ ଶଙ୍କାମ୍ବର ଅଜ୍ଞ ବନ୍ଧନ ! ବାବୁ ଏକ ସ୍ୱଭାବ ଚତୁରତାର କର୍ମ କରି ଉପାଧିରୁ 'ସ' ଲୋପ କରି ଅଛନ୍ତି ।" 'ଏମେ'ରେ 'ସ' ଯୁକ୍ତ ଥିଲେ ହୋଇଥାଆନ୍ତା 'ଏ ମେସ' (ଏମେ+ସ) । ରାଜକୃଷ୍ଣ ମୁଖୋପାଧ୍ୟାୟ ତାଙ୍କର ପ୍ରକୃତ ଉପାଧି "ଏ ମେସ"କୁ ଚତୁରତାର କର୍ମବଳ 'ସ' ଲୋପ କରି 'ଏମେ' ଉପାଧି ଧାରିଥିଲେ ବୋଲି ଗୌରୀଶଙ୍କର କହୁଥିଲେ । ଅନ୍ୟ କଥାରେ ରାଜକୃଷ୍ଣଙ୍କ ପ୍ରକୃତ ଉପାଧି 'ଏ ମେସ' ବୋଲି ଗୌରୀଶଙ୍କର ବ୍ୟଙ୍ଗରେ କହୁଥିଲେ ତାହାର ମେଷ ଶବ୍ଦର ଅର୍ଥ ଗଡ଼ଡାଳିକା ପ୍ରବାହ । ରାଜକୃଷ୍ଣ ମୁଖୋପାଧ୍ୟାୟ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଓ ଉପାଧି (M. A.) ଲାଭ କରିଥିଲେ ମଧ୍ୟ ଗଡ଼ଡାଳିକା ପ୍ରବାହରେ ଭାସିଯାଇ ଓଡ଼ିଆକୁ ବଙ୍ଗୀୟ ଲିପିରେ ଲେଖିବା ଭଳି ଉଦ୍ଭଟ ଅଯୌକ୍ତିକ ଓ ଅସମୀଚୀନ ପ୍ରସ୍ତାବକୁ ସମର୍ଥନ କରିଥିବାରୁ ତାଙ୍କର 'ଏ ମେସ' ଉପାଧି ଯଥାର୍ଥ । ତେବେ ମେଷ ଶବ୍ଦର ଅନ୍ୟ ଅର୍ଥ ମଧ୍ୟ ମେଣ୍ଢା । ତେଣୁ ବ୍ୟଙ୍ଗରେ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କୁ 'ଏ ମେଣ୍ଢା' ବୋଲି ବି କୁହାଯାଉଥିଲା । ତାଙ୍କ ଓଡ଼ିଆ ବିରୋଧୀ ଭାଷାକୁ ତୀବ୍ର ସମାଲୋଚନା କରାଯାଉ ଥିବାରୁ ରାଜକୃଷ୍ଣ କ୍ଷୁବ୍ଧ ଥିଲେ । ବର୍ତ୍ତମାନ ତାଙ୍କୁ ବ୍ୟଙ୍ଗରେ ମେଣ୍ଢା ବୋଲି କୁହାଯାଉ ଥିବାରୁ ଉତ୍କଣ୍ଠିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଠାରେ କ୍ଷମା ପ୍ରାର୍ଥନା ଦାବି କରନ୍ତି । ସେଥିରେ କଟକ ପ୍ରିଣ୍ଟିଂ କମ୍ପାନୀ ଅସମ୍ମତ ହେବାରୁ ତାଙ୍କ ନାମରେ ଅଦାଲତରେ ମାନହାନି ମକଦ୍ଦମା କରନ୍ତି । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପକ୍ଷରୁ ଗୌରୀଶଙ୍କର ନିର୍ଭୀକ ଭାବରେ ଏ ବ୍ୟାପାରର ସମ୍ମୁଖୀନ ହୋଇ ବେକସୁର ଖଲାସ ହୋଇଥିଲେ । (୨୯) ଏଥିରୁ ଓଡ଼ିଆ ଭାଷାର ପକ୍ଷ ସମର୍ଥନରେ ଗୌରୀଶଙ୍କରଙ୍କ ପ୍ରବଳତା, ଦୃଢ଼ତା ଓ ନିର୍ଭୀକତାର ପ୍ରମାଣ ମିଳେ ; ସେ ସମୟରେ ସେ କିପରି ଅତ୍ୟନ୍ତ ଜଟିଳ ଓ ବିପଜ୍ଜନକ ପରିସ୍ଥିତିର ସମ୍ମୁଖୀନ ହୋଇ ତାହାର ସଫଳ ମୁକାବିଲା କରିଥିଲେ ତା ମଧ୍ୟ ଜଣାଯାଏ ।

ବସ୍ତୁତଃ ଓଡ଼ିଆ ଭାଷାକୁ ବଙ୍ଗଭାଷା ପ୍ରଭାବରୁ ମୁକ୍ତ କରି ତାର ଶୁଦ୍ଧତା ରକ୍ଷା ପାଇଁ ଆନ୍ଦୋଳନର ପ୍ରସ୍ତୁତି ପର୍ବରେ ଗୌରୀଶଙ୍କରଙ୍କ ସମ୍ପାଦନାରେ 'ଦୀପିକା' ଯେଉଁ ଭୂମିକା ଗ୍ରହଣ କରିଥିଲା ତାହା ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ସୁଦୃଢ଼, ଶାଣିତ ଓ ବ୍ୟକ୍ତିତ୍ୱପୂର୍ଣ୍ଣ ହୋଇ ପଡ଼ିଥିଲା । (ରାଜକୃଷ୍ଣ) ମୁଖୋପାଧ୍ୟାୟଙ୍କ ବଙ୍ଗଭାଷା ଭାଷା ବିଷୟ ପୂର୍ବେ କୁହାଯାଇଛି । ଏପରି କି ଫକୀରମୋହନଙ୍କୁ 'ଉତ୍କଳର ଜଣେ ପ୍ରକୃତ ହିତସାଧକ' ବୋଲି ସ୍ୱୀକାର କରି ଓ ଓଡ଼ିଆ ଭାଷାର ଉନ୍ନତି ପାଇଁ ତାଙ୍କ ପରିଶ୍ରମ ଓ ଧୈର୍ଯ୍ୟକୁ ପ୍ରଶଂସା ମଧ୍ୟ କରି ତାଙ୍କ 'ଭାରତ ବର୍ଷର ଇତିହାସ' ପୁସ୍ତକର ଭାଷାକୁ ତୀବ୍ର ସମାଲୋଚନା କରିବା ପାଇଁ ଗୌରୀଶଙ୍କର କୁଣ୍ଠିତ ହୋଇ ନ ଥିଲେ । (୩୨) ଏ ପ୍ରସଙ୍ଗରେ ସେ କହିଥିଲେ, "...... ଗ୍ରନ୍ଥକର୍ତ୍ତା ବିଷୟମୂ ମିତ୍ରାନ୍ନ ପ୍ରସ୍ତୁତ କରି ଉତ୍କଳ ଭାଷାର ବିନାଶ ସାଧନ ପକ୍ଷରେ ଯେ ରୂପ ଦୃଢ଼ ବ୍ରତୀ

ହୋଇ ଅବସ୍ଥା ବର୍ତ୍ତିରେ ତାଙ୍କୁ ନିମଜ୍ଜନ ଛନ୍ଦି ଅଛି ନା ଛିନ୍ନ କରନ୍ତୁ ।" ସେ ସମୟରେ ପ୍ରକାଶିତ ଅନେକ ପୁସ୍ତକ ଓ ପତ୍ରିକା 'ଦୀପିକା' ପ୍ରଭୃତିରେ ଏପରି ସମାଲୋଚନାର ଶରବ୍ୟ ହୋଇଥିଲା । ଏହା ପରିପ୍ରେକ୍ଷୀରେ ବଙ୍ଗ ଭାଷାଠାରୁ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କରିଥିଲା ଯଦ୍ୱାରା ଏପରି ସମାଲୋଚନା ହେଲା ଓଡ଼ିଆ 'ସଙ୍କରଭାଷା' ଓ 'ବଙ୍ଗ ଭାଷାର ବିକୃତ ହେଲେ ଓଡ଼ିଆ ହୋଏ' ବୋଲି ଦାବି କରିବା ଆରମ୍ଭ ହେଲା ।

ଚତୁର୍ଥରେ ଓଡ଼ିଆ ପରବର୍ତ୍ତୀ ଓଡ଼ିଶାର ବିଦ୍ୟାଳୟରେ ବଙ୍ଗଭାଷାର ପ୍ରଚଳନ ଦାବି କରି ଓଡ଼ିଆମାନଙ୍କ ନାମରେ ମିଥ୍ୟା ଦରଖାସ୍ତ ପ୍ରେରଣ ରୂପକ ଗୋପନୀୟ ଷଡ଼ଯନ୍ତ୍ରମାନ 'ଦୀପିକା' ପତ୍ରିକାରେ ପ୍ରକାଶ କରିଥିଲା ଓ ତୀବ୍ର ସମାଲୋଚନା କରିଥିଲା ।(୨୩)

ମୋଟ ଉପରେ ଆନ୍ଦୋଳନର ଏହି ଦ୍ୱିତୀୟ ପର୍ଯ୍ୟାୟରେ ଗୌରୀଶଙ୍କର ଅଗ୍ର ଗୁରୁତ୍ୱପୂର୍ଣ୍ଣ ତଥା ଆନ୍ଦୋଳନର ନେତା ଭୂମିକାରେ ହିଁ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର ସ୍ଥାନ ଥିଲା ଆନ୍ଦୋଳନର ପୁରୋଭାଗରେ ।

ଏ ସମୟରେ ଆନ୍ଦୋଳନର ଅଗ୍ରଗତିରେ ସରକାରୀ ସ୍ତରରେ ଯେଉଁସବୁ ଘଟଣା ଘଟିଥିଲା ଏଠାରେ ତାର ସଂକ୍ଷିପ୍ତ ବିବରଣୀ ଦେବା ଉଚିତ ହେବ । କମିଶନର ରେଭେନ୍‌ସାଙ୍କ ଓଡ଼ିଆ ସପକ୍ଷବାଦୀ ମତ ପ୍ରସ୍ତାବ ଓ ଶିକ୍ଷା-ବିଭାଗ ଡିରେକ୍ଟରଙ୍କ ସମର୍ଥିତ ଇନ୍‌ସ୍ପେକ୍ଟରଙ୍କ ଓଡ଼ିଆ ଭାଷା-ବିରୋଧୀ ମତ-ପ୍ରସ୍ତାବ ଉପରେ ନିଜର ଅଭିମତ ଜଣାଇବା ପାଇଁ ଡିରେକ୍ଟରଙ୍କୁ ବଙ୍ଗସରକାର ପୁଣି ମନେ ପକାଇ ଦେଲେ । ଏ ମଧ୍ୟରେ ଇନ୍‌ସ୍ପେକ୍ଟରଙ୍କ ନିଜର ମତ ପରିବର୍ତ୍ତନ କରିସାରି ଓଡ଼ିଆ ଭାଷାର ସପକ୍ଷବାଦୀ ଭୂମିକାରେ ଅବତୀର୍ଣ୍ଣ ହୋଇସାରିଥିଲେ ବୋଲି ବୁଝାଯାଉଛି । ଡିରେକ୍ଟର କିନ୍ତୁ ନିଜର ପୂର୍ବ ମତ ଦୋହରାଇ ପ୍ରଥମ ଥର ପାଇବାର ବର୍ଷକ ପରେ ଓଡ଼ିଆ ଭାଷା ପ୍ରଚଳନକୁ ବିରୋଧ କରି ଓ ବଙ୍ଗଭାଷା ପ୍ରଚଳନକୁ ଦୃଢ଼ ଭାବରେ ସମର୍ଥନ କରି ନିଜର ମତ ବଙ୍ଗ ସରକାରଙ୍କୁ ଜଣାଇ ଦେଲେ । ବଙ୍ଗ ସରକାର ୧୮୬୯ର ନଭେମ୍ବର ମାସ ୮ ତାରିଖରେ ଡିରେକ୍ଟରଙ୍କ ମତକୁ ଅଗ୍ରାହ୍ୟ କରି କମିଶନର ରେଭେନସାଙ୍କ ମତକୁ ଅର୍ଥାତ ଓଡ଼ିଶାର ବିଦ୍ୟାଳୟରେ କେବଳ ଓଡ଼ିଆ ଭାଷା ଶିକ୍ଷାର ଯଥାର୍ଥତା ଓ ଆବଶ୍ୟକତାକୁ — ସ୍ପଷ୍ଟ ଭାବରେ ସ୍ୱୀକାର କଲେ । କେବଳ ପାଠ୍ୟ ପୁସ୍ତକର ଅଭାବ ହେତୁ ଶିକ୍ଷାର ନିମ୍ନ ସୋପାନ ସ୍ତରରେ ଓ ସାମୟିକ ଭାବରେ ବଙ୍ଗଭାଷା ଶିକ୍ଷା ଅବ୍ୟାହତ ରହିବ ବୋଲି ନିଷ୍ପତ୍ତି ନେଲେ ଓ ଡିରେକ୍ଟରଙ୍କୁ ଜଣାଇ ଦେଲେ । (୨୪) ଏହା ଫଳରେ ମୂଳ ଆନ୍ଦୋଳନ ଓ ତାର ପ୍ରତିକ୍ରିୟା ଜନିତ ସବୁ ଆନ୍ଦୋଳନ ସାମୟିକ ଅବସାନ ହେବ ବୋଲି ଆଶା କରୁଥିଲେ । ଗୌରୀଶଙ୍କର ସରକାରୀ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଏପରି ଆଶା ମଧ୍ୟ କରୁଥିଲେ, "ଏତେ ଯାକ ଓଡ଼ିଆ ଓ ବଙ୍ଗଳା ଭାଷା ସଙ୍ଗେ ଯେଉଁ ବିରୋଧ ଜାତ ହୋଇଥିଲା ତାହା ସମସ୍ତ ନିବୃତ୍ତ ହେଲା ।" (୨୫)

## ଆନ୍ଦୋଳନର ତୃତୀୟ ପର୍ଯ୍ୟାୟ

ବଙ୍ଗ ସରକାରଙ୍କ ଭାଷା-ନୀତି ପ୍ରତି ଓଡ଼ିଆ ଲୋକଙ୍କ ବିରୋଧ କରିବା ଆରମ୍ଭ କଲା, ଠିକ ଏହି ସମୟରେ କୋଟିଏ ପ୍ରତି-ଆନ୍ଦୋଳନ ଠିଆ କରିବାର ଉଦ୍ୟମର, ଅବସାନ ହୋଇ ନାହିଁ । ଏହି ପକ୍ଷରେ ଭାଷା-ନୀତିର ସମର୍ଥନରେ ରାଜେନ୍ଦ୍ର-ଲାଲଙ୍କ ଉତ୍ସାହ ଓ ପ୍ରେରଣାରେ ତାଙ୍କର ଜଣେ ଅନୁଗାମୀ ଓ ବାଲେଶ୍ୱର ଜିଲାସ୍କୁଲର ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ "ଓଡ଼ିଆ ସ୍ୱତନ୍ତ୍ର ଭାଷା ନହେ" ପୁସ୍ତକ ପ୍ରକାଶ କରି ଆଉଥରେ ଏକ ପ୍ରତି-ଆନ୍ଦୋଳନ ଠିଆ କରିବାର ପ୍ରଚେଷ୍ଟା କଲେ ୧୮୭୦ର ଜାନୁଆରୀ ମାସରେ । ୧୮୬୮ର ଡିସେମ୍ବରରେ ଘଟକ ଡିବେଟିଂ କ୍ଲବରେ ରାଜେନ୍ଦ୍ର-ଲାଲ ଦେଇଥିବା ବକ୍ତୃତାର ବକ୍ତବ୍ୟକୁ ପ୍ରତିପାଦନ କରିବା, ସେହି ପ୍ରସଙ୍ଗରେ ଗୌରୀଶଙ୍କରଙ୍କ ପ୍ରତିକୂଳ ସମାଲୋଚନାର ଜବାବ ଦେବା ତଥା ରାଜକୃଷ୍ଣ ମୁଖୋ-ପାଧ୍ୟାୟଙ୍କ "ଉତ୍କଳ ସ୍ୱ' ସଂକର ଭାଷା ଅଟେ" ଓ "ବଙ୍ଗଭାଷାର ବିକୃତ ହେଲେ ଉତ୍କଳ ଭାଷା ହୋଏ" ଆଦି ମନ୍ତବ୍ୟର ଯଥାର୍ଥତା ପ୍ରତିପାଦନ କରି ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଅସ୍ୱୀକାର କରିବା ଥିଲା ଏ ପୁସ୍ତକର ଗୌଣ ବା ଆନୁଷଙ୍ଗିକ ଉଦ୍ଦେଶ୍ୟ (୨୬) । ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ କିନ୍ତୁ ବଙ୍ଗଭାଷାର ଏକ ଉପଭାଷା ବୋଲି କଲିକତାର ତଥା ମିଶନାରୀ ସଂସ୍କାରମାନଙ୍କ ମନରେ ଧାରଣା ଜନ୍ମାଇ ଦେଇ ବଙ୍ଗ ସରକାରଙ୍କ ଭାଷା-ନୀତିରେ ପରିବର୍ତ୍ତନ ଅଣାଇବା ତଥା ଓଡ଼ିଶାର ବିଦ୍ୟାଳୟରେ ବଙ୍ଗଭାଷାର ପ୍ରଚଳନକୁ ଅବ୍ୟାହତ ରଖିବା ଥିଲା ଏ ପୁସ୍ତକର ମୁଖ୍ୟ ବା ମୂଳ ଉଦ୍ଦେଶ୍ୟ । (୨୭) ଏ ସମୟରେ ବାଲେଶ୍ୱରରେ ଅବସ୍ଥାପିତ ଡେପୁଟି ଇନସ୍‌ପେକ୍ଟର ଶିବଦାସ ଭଟ୍ଟାଚାର୍ଯ୍ୟ ମଧ୍ୟ ସରକାରୀ କ୍ଷମତାର ଅପବ୍ୟବହାର କରି ବାଲେଶ୍ୱରର ସ୍କୁଲରେ ବଙ୍ଗଭାଷା ଶିକ୍ଷା ଅବ୍ୟାହତ ରଖିବା ପାଇଁ ଅପ-ଉଦ୍ୟମ କଲେ । (୨୮) କେବଳ ସେତିକି ନୁହେଁ ଓଡ଼ିଶାର ବିଦ୍ୟାଳୟରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଭାଷା ଶିକ୍ଷା ପ୍ରଚଳିତ ହେଉ ବୋଲି ଦାବୀଯୁକ୍ତ ବଙ୍ଗଳାପତ୍ରରେ ଏକ ମୁଦ୍ରିତ ଆବେଦନ ପତ୍ରରେ ଓଡ଼ିଆମାନଙ୍କ ସ୍ୱାକ୍ଷର ତାଙ୍କ ଦସ୍ତଖତ ନେବାର ଅପ-ପ୍ରଚେଷ୍ଟା ମଧ୍ୟ କରା ଯାଇଥିଲା । (୨୯)

ଏହା ଫଳରେ ସୃଷ୍ଟି ହୋଇ ଉଠିଥିବା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ଆହୁରି ଅଧିକ ଜାଗ୍ରତ ଓ କ୍ରିୟାଶୀଳ ହୋଇ ଉଠିଲା । ବାଲେଶ୍ୱରରେ କାନ୍ତିଚନ୍ଦ୍ର ଓ ଶିବଦାସଙ୍କ ଅପ-ଉଦ୍ୟମ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କଲା । ବାଲେଶ୍ୱରବାସୀ ଓଡ଼ିଆ ମାନେ ଶିବଦାସଙ୍କ ବଦଳି ଦାବୀ କଲେ । ବାଲେଶ୍ୱରବାସୀ ଫକୀରମୋହନ ସେନାପତି ମଧ୍ୟ ଆନ୍ଦୋଳନର ଏ ପର୍ଯ୍ୟାୟରେ ସକ୍ରିୟ ଅଂଶ ଗ୍ରହଣ କରିଥିବାର ଦାବୀ କରିଛନ୍ତି । (୩୦) ଯାହା ବିଶ୍ୱାସଯୋଗ୍ୟ । ବାଲେଶ୍ୱରର ତତ୍କାଳୀନ କଲେକ୍ଟର ଭାଷାତତ୍ତ୍ୱବିଦ୍ ଜନ୍‌ବିମସ୍ ଏହି ପ୍ରତିକ୍ରିୟା ଅନୁଭବ କଲେ ଓ କାନ୍ତିଚନ୍ଦ୍ରଙ୍କ ବକ୍ତବ୍ୟକୁ ଭାଷାତତ୍ତ୍ୱ ଭିତ୍ତିରେ ବୈଜ୍ଞାନିକ ଯୁକ୍ତିରେ ଖଣ୍ଡନ କରି ଏକ ନିବନ୍ଧ ରଚନା କରି କଲିକତାସ୍ଥ ଏସିଆଟିକ୍ ସୋସାଇଟିର ଏକ ଅଧିବେଶନରେ ଉପସ୍ଥାପନ କଲେ । (୩୧) କାନ୍ତିଚନ୍ଦ୍ରଙ୍କ ପ୍ରେରଣାଦାତା ତଥା ନେତା ରାଜେନ୍ଦ୍ରଲାଲ ସେଦିନ ଏ ଅଧିବେଶନରେ

ଭୂପତି ଭଟ୍ଟ କାନ୍ତିଚନ୍ଦ୍ରଙ୍କ ମତବାଦକୁ ସମର୍ଥନ କରାଇଥିଲେ । ସେତେବେଳେ କଟକରୁ ପ୍ରକାଶିତ 'ଉତ୍କଳ ହିତୈଷିଣୀ' କାନ୍ତିଚନ୍ଦ୍ରଙ୍କୁ ସମର୍ଥନ କରୁଥିବାବେଳେ କଲିକତାରୁ ପ୍ରକାଶିତ Calcutta Review ଓ ଭୂଦେବ ମୁଖୋପାଧ୍ୟାୟ ସମ୍ପାଦିତ Education Gazette କାନ୍ତିଚନ୍ଦ୍ରଙ୍କ ପୁସ୍ତକକୁ ତୀବ୍ର ସମାଲୋଚନା କରି-ଥିଲେ । (୬୨)

କେବଳ ବାଲେଶ୍ୱର ଓ କଲିକତାରେ ନୁହେଁ କଟକରେ ମଧ୍ୟ କାନ୍ତିଚନ୍ଦ୍ରଙ୍କ ପୁସ୍ତକ, ଶିବଦାସଙ୍କ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଶିକ୍ଷା ଅବ୍ୟାହତ ରହିବାର ଅପ-ଉଦ୍ୟମ ଓ ସେଥିରେ ଓଡ଼ିଆମାନଙ୍କୁ ସ୍କୁଲ ବିଦ୍ୟାଳୟରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ପ୍ରଚଳନ ହେଉ ବୋଲି ଦାବୀପତ୍ର ଏକ ପ୍ରସ୍ତାବରେ ତାଙ୍କ ଦସ୍ତଖତ ନେବା ଭଳି ଅପଚେଷ୍ଟା କରୁଥିବାରୁ ଗୌରୀଶଙ୍କରଙ୍କ 'ଦୀପିକା' ପୃଷ୍ଠାରେ ତାର ପ୍ରତିକ୍ରିୟା ଦେଖା ଦେଲା । ଗୌରୀଶଙ୍କର 'ଦୀପିକା'ର କତିପୟ ସଂଖ୍ୟାରେ କାନ୍ତିଚନ୍ଦ୍ରଙ୍କ ପୁସ୍ତକର ବକ୍ତବ୍ୟକୁ ତୀବ୍ର ଭାବରେ ସମାଲୋଚନା କରିଥିଲେ ତଥା Education Gazette ଓ Calcutta Reviewର ସମାଲୋଚନାର ସୂଚନା ଦେଇ ତାହାକୁ ସ୍ୱାଗତ ଓ ସମର୍ଥନ କରାଇଥିଲେ । ସେ 'ଉତ୍କଳ ହିତୈଷିଣୀ'କୁ ମଧ୍ୟ ଅକ୍ଷତ ଛାଡ଼ି ନ ଥିଲେ । ଏ କ୍ଷେତ୍ରରେ ଗୌରୀଶଙ୍କରଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ଓ ଓଡ଼ିଆମାନଙ୍କ ମନରେ କିପରି ଆଶା-ବାଣୀ ସେଚନ କରୁଥିଲା ତା ଫକୀରମୋହନଙ୍କ ନିମ୍ନ ଉକ୍ତିରୁ ଜଣାଯାଏ, "ବାବୁ ଗୌରୀଶଙ୍କର ବାବୁଙ୍କୁ ଶତ ଧନ୍ୟ ପ୍ରଣିପାତ କରୁଥାଉଁ । ସେ ଉତ୍କଳ ଦୀପିକାରେ ଉତ୍କଳଭାଷା ସପକ୍ଷରେ ପ୍ରତି ସପ୍ତାହ ଯୁକ୍ତିପୂର୍ଣ୍ଣ ପ୍ରବନ୍ଧ ବାହାର କରୁଥାଆନ୍ତି । ଆମ୍ଭେମାନେ ବାଲେଶ୍ୱରବାସୀ ସମସ୍ତ ଉତ୍କଳଙ୍କୁ କେବଳ ତାହାଙ୍କ ଅନୁଗମନରୁ ବାଣୀ ଶୁଣୁଥାଉଁ ।" (୬୩) କେବଳ ସେତିକି ନୁହେଁ ଏ ପର୍ଯ୍ୟନ୍ତ ମିଳିଥିବା ତଥ୍ୟରୁ ଜଣାଯାଏ ଯେ କାନ୍ତିଚନ୍ଦ୍ରଙ୍କ ପୁସ୍ତକ ବିରୁଦ୍ଧରେ ପ୍ରତିକ୍ରିୟାର ପ୍ରଥମ ପ୍ରକାଶ ୧୮୭୦ ଫେବ୍ରୁଆରୀ ତା ୨୬ରିଖର 'ଦୀପିକା' ପୃଷ୍ଠାରେ ହିଁ ଦେଖା ଯାଇଥିଲା ଓ ପରେ ତାହା ବାଲେଶ୍ୱର ଓ କଲିକତାକୁ ବ୍ୟାପିଲା । ପୁଣି ଶିବଦାସଙ୍କ ଅପଉଦ୍ୟମ ହେତୁ ତାଙ୍କ ବଦଳ ଧାରାରେ 'ଦୀପିକା' ମଧ୍ୟ ବାଲେଶ୍ୱର 'ସମ୍ବାଦ ବାହିକା' ସହ ସ୍ୱର ମିଳାଇ କହିଥିଲା "ଏହି ଚିନ୍ତା ଯେବେ ଦୃଢ଼ୀଭୂତ ହେଲା ତେବେ ତାହାକୁ ଭଙ୍ଗ ଦେବାପାଇଁ ବାଲେଶ୍ୱରବାସୀମାନେ ଯାହା କରିଅଛନ୍ତି ତାହା ଉଚିତ ହୋଇଅଛି ।" (୬୪) ଅଧିକନ୍ତୁ ମଧ୍ୟ ଓଡ଼ିଆମାନଙ୍କୁ ସ୍କୁଲ ଓଡ଼ିଆ ଭାଷା ଉଠାଇବାରେ ଓ ବଙ୍ଗଳା ଭାଷା ସପକ୍ଷରେ ଏକ ମୁଦ୍ରିତ ଆବେଦନ ପତ୍ରରେ ତାଙ୍କଠାରୁ ଦସ୍ତଖତ ନେବା ଉଦ୍ୟମକୁ 'ଦୀପିକା' ତୀବ୍ର ସମାଲୋଚନା କରି ଓ ତାକୁ ପ୍ରକାରେ ଧରାଇ ବ୍ୟସ୍ତ କରି ଦେଇଥିଲା । (୬୫)

ମୋଟ ଉପରେ ଆନ୍ଦୋଳନର ଭିତ୍ତି ପ୍ରତିଷ୍ଠାରେ ଫକୀରମୋହନ ବାଲେ-ଶ୍ୱରବାସୀ ଓଡ଼ିଆ, ଜନ ବିମ୍ସ, ଭୂଦେବ ମୁଖୋପାଧ୍ୟାୟ ଓ Calcutta Review ବେଶ ସକ୍ରିୟ ଓ ପ୍ରଶଂସନୀୟ ଅଂଶ ଗ୍ରହଣ କରିଥିଲେହେଁ ଗୌରୀଶଙ୍କରଙ୍କ ଓ 'ଦୀପିକା'ର

ଭୂମିକା କୌଣସି ଅଂଶରେ ସେମାନଙ୍କ ଠାରୁ ନ୍ୟୂନ ନ ଥିଲା ବରଂ କେତେ ଦିଗରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା କହିବା ସ୍ୱୀକାର୍ଯ୍ୟ ଅଟେ ।

## ଉପସଂହାର –

ଉପରୋକ୍ତ ଆଲୋଚନାରୁ ଦେଖାଗଲା ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନରେ ଗୌରୀଶଙ୍କରଙ୍କ ଭୂମିକା କେତେଦୂର ଅର୍ଥପୂର୍ଣ୍ଣ, ବ୍ୟାପକ, ଗୁରୁତ୍ୱପୂର୍ଣ୍ଣ ତଥା ପ୍ରଭାବଶାଳୀ ଥିଲା । ଏଥିରୁ ଏକାଧିକ ସୂତ୍ର ପ୍ରକାଶ ପାଏ ମନେ କରୁଛୁ । ପ୍ରଥମରେ ଏହି ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ ଆଧୁନିକ ଓଡ଼ିଆ ସାହିତ୍ୟର ପରମ ସହାୟକ ହୋଇଥିଲା । ତେଣୁ ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ବିକାଶରେ ଗୌରୀଶଙ୍କରଙ୍କ ଭୂମିକା ସ୍ୱୀକାର୍ଯ୍ୟ । ଅନ୍ୟପକ୍ଷରେ ସେ ଓଡ଼ିଶାର ଭାଷା ମଣ୍ଡଳ ସହ ଓଡ଼ିଆ ଭାଷାକୁ ମଧ୍ୟ ଓଡ଼ିଶାର ଐକ୍ୟ ଉଦ୍ୟମରେ ଓଡ଼ିଆ ଜାତିର ଗ୍ରନ୍ଥିକୁ ସଂଯୁକ୍ତ କରି ସେ ଭାଷା ଭିତ୍ତିକ ଓଡ଼ିଆ ଜାତୀୟତାର ଅଦ୍ୟ ଆଦର୍ଶ ସେହିଠାରୁ ଶୁଣାଇଥିଲେ ସେହିପରି ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ତଥା ଶାସନାଧୀନରେ ଥିବାରୁ ଓଡ଼ିଆ ଭାଷା ଓ ସଂସ୍କୃତି ଲୋପ ହେଉଥିବା ଦର୍ଶାଇ ଓଡ଼ିଆ ଭାଷା ଭାଷୀ ଅଞ୍ଚଳ ଏକ ଶାସନାଧୀନରେ ରହିବାର ଆବଶ୍ୟକତା ମତ ଦେଇଥିଲେ । ଏହା ଭିତରେ ସେ ଦେଖିଥିଲେ ଭବିଷ୍ୟତର ଓଡ଼ିଶା ସ୍ୱପ୍ନ ଓ କରିଥିଲେ ସେ ସ୍ୱପ୍ନ ସାର୍ଥକ ହେବାର ଅଦ୍ୟ ସୂଚନା । ତେଣୁ କେବଳ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ତାଙ୍କ ନେତୃତ୍ୱ ପାଇଁ ଗୌରୀଶଙ୍କରଙ୍କୁ ଆଜି ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ଭାବରେ ସ୍ମରଣ କରିବା ଏକାନ୍ତ କାମ୍ୟ ।

## ସୂଚନା / ପ୍ରାନ୍ତଟୀକା –

୧) ସାମନ୍ତରାୟ, ନଟବର, ୧୯୬୪, ପୃ ୧୯୮-୨୨୪; ଦାଶ, ଗଗନେନ୍ଦ୍ର ନାଥ, ୧୯୮୭ (ଝଙ୍କାର, ୩୮/୮) ପୃ ୭୬୯
୨) ଦୀପିକା, ୧ ୯-୧୮୭୭, ଦ୍ରଷ୍ଟବ୍ୟ : ମହାନ୍ତି, ବଂଶୀଧର, ୧୯୭୮, ପୃ ୩୦
୩) ମହାନ୍ତି, ୧୯୮୯, ପୃ ୧୪
୪) ଦୀପିକା, ୨୭ ୧-୧୮୭୭ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ସୁଧାକର, ୧୯୭୨, ପୃ ୪୧୮-୧୯
୫) ଦୀପିକା ୨୭-୫-୧୮୭୭ ଓ ୧୦-୮-୧୮୭୭ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୬୫୩-୫୮
୬) ଦୀପିକା ୯-୩-୧୮୭୭, ଦ୍ରଷ୍ଟବ୍ୟ—ମହାନ୍ତି, ୧୯୮୯, ପୃ ୨୦୮-୧୦
୭) ଦ୍ରଷ୍ଟବ୍ୟ—ଦାଶ, ଗଗନେନ୍ଦ୍ର ନାଥ, ୧୯୮୯ (ଝଙ୍କାର ୪୧/୮) ପୃ ୭୨୧-୨୩ ଓ (ଝଙ୍କାର, ୪୧/୭) ପୃ ୬୯୦-୯୧
୮) ଦୀପିକା ୪-୧-୧୮୬୮, ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୦୧-୦୨
୯) ଦୀପିକା ୨୫-୧-୧୮୭୮, ୧-୨-୧୮୭୮, ୪-୪-୧୮୭୮ ଓ ୧୮-୪-୧୮୭୮ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୦୪-୧୩

୧୦) ଦୀପିକା ୧-୨-୧୮୬୮ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୦୫
୧୧) ଦ୍ରଷ୍ଟବ୍ୟ, ଦାଶ, ଗଉରେଶର୍ ଦାଉ, ୧୯୮୯ (ଝଙ୍କାର, ୪୧/୯) ପୃ ୮୧୦-୧୬
୧୨) Beames, John, 1870, p. 201
୧୩) ଦୀପିକା ୧୩-୩-୧୮୬୯ ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୩୨
୧୪) ଦୀପିକା ୧୦-୭-୧୮୬୯ {ଦ୍ରଷ୍ଟବ୍ୟ—ପଟ୍ଟନାୟକ, ପୃ ୫୪୨-୪୪ ଓ ୨୪-୭-୧୮୬୯
୧୫) ଦୀପିକା ୨୬-୬-୧୮୬୯ ଓ ୧୦-୭-୧୮୬୯
୧୬) ଦୀପିକା ୨୫-୯-୧୮୬୯ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୬୬୪
୧୭) ଦୀପିକା ୧୩-୩-୧୮୬୯ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୩୩
୧୮) ଦୀପିକା ୨୦-୩-୧୮୬୯ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୩୪
୧୯) ଦୀପିକା ୧୦-୭-୧୮୬୯, ୧୭-୭-୧୮୬୯ ଓ ୨୪-୭-୧୮୬୯
୨୦) ଦୀପିକା ୨୪-୭-୧୮୬୯
୨୧) ଦୀପିକା ୨-୮-୧୮୬୯
୨୨) ଦୀପିକା ୧୦-୪-୧୮୬୯
୨୩) ଦୀପିକା ୨୫-୯-୧୮୬୯
୨୪) ଦାଶ, ଗଉରେଶର୍ ଦାଉ, ୧୯୯୦, (ଝଙ୍କାର ୪୧/୧୧) ପୃ ୯୮୦-୮୧
୨୫) ଦୀପିକା ୨୬-୧୧-୧୮୬୯, ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୫୮
୨୬) ମହାପାତ୍ର, ଭାଗବତ, ୧୮୭୦, ଭଣ୍ଡାର
୨୭) ତତ୍ରୈବ
୨୮) ଦୀପିକା ୨୬-୩-୧୮୭୦, ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୩
୨୯) ଦୀପିକା, ୨୬-୩-୧୮୭୦ ଓ ୨-୪-୧୮୭୦ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୨-୭୩ ଓ ପୃ ୫୭୫-୭୮
୩୦) ଦେବନାଥ, ୧୯୭୩, ପୃ ୫୩-୫୫
୩୧) Beames, John, 1870
୩୨) ଦୀପିକା ୩୦-୪-୧୮୭୦ ଓ ୩-୯-୧୮୭୦ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୮-୮୧ ଓ ପୃ ୫୮୨-୮୩
୩୩) ତତ୍ରୈବ
୩୪) ଦେବନାଥ, ୧୯୭୩, ପୃ ୫୪
୩୫) ଦୀପିକା ୨୬-୩-୧୮୭୦ ଦ୍ରଷ୍ଟବ୍ୟ :—ପଟ୍ଟନାୟକ, ପୃ ୫୭୩
୩୬) ଦୀପିକା ୨୬-୩-୧୮୭୦ ଓ ଦ୍ରଷ୍ଟବ୍ୟ ପଟ୍ଟନାୟକ, ପୃ ୫୭୧-୭୩ ଓ ପୃ ୫୭୫-୭୮


## ଉପାଦାନ ପଞ୍ଜିକା


(କ) ଉତ୍କଳ ଦୀପିକା (ଦୀପିକା)

ଖ) ଦାଶ, ଗଜେନ୍ଦ୍ର ନାଥ, ୧୯୮୬, ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ : ଏକ ସିଂହାବଲୋକନ । ଝଙ୍କାର ୩୮/୮ ଓ ୩୮/୯

୧୯୮୮, ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ-- ଏକ ଦୃଷ୍ଟିପାତ । ନୂଆଯୁଗ—୨୨

୧୯୮୯, ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ : ପୁନର୍ସିଂହାବଲୋକନ । ଝଙ୍କାର, ୪୧/୫, ୪୧/୬, ୪୧/୭, ୪୧/୮, ଓ ୪୧/୯

୧୯୯୦, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ : ପୁନର୍ସିଂହାବଲୋକନ । ଝଙ୍କାର, ୪୧/୧୦ ୪୧/୧୧, ୪୧/୧୨, ୪୨/୨, ୪୨/୩

ପଟ୍ଟନାୟକ, ସୁଧାକର, ୧୯୭୨, ସମ୍ବାଦ ପଛରୁ ଓଡ଼ିଶାର କଥା ।

ଭଟ୍ଟାଚାର୍ଯ୍ୟ, କାନ୍ତିଚନ୍ଦ୍ର, ୧୮୭୦, ଓଡ଼ିଆ ସ୍ୱତନ୍ତ୍ର ଭାଷା ନହେ ।

ମହାନ୍ତି, ବଂଶୀଧର, ୧୯୭୮, ଅଠରଶ ତେଷଠି (ଉତ୍କଳ ଦୀପିକା)
୧୯୮୯, ଓଡ଼ିଆ ଭାଷା ଆନ୍ଦୋଳନ

ସାମନ୍ତରାୟ, ନଟବର, ୧୯୬୪, ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦)

ସେନାପତି, ଫକୀରମୋହନ, ୧୯୬୩ ଫକୀରମୋହନ ଗ୍ରନ୍ଥାବଳୀ (ପ୍ରଥମ ଖଣ୍ଡ)

Beames, John, 1870. On the relation of the Uriya to the other Modern Aryan Languages. (Proceedings of the Asiatic Society, June, 1870, PP. 192-216)

ପ୍ରଫେସର, ଭାଷାତତ୍ତ୍ୱ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର ।

# ଊନବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟ ଶୈଳୀ ଓ ଶୈଳୀକାରଙ୍କର

ଅଧ୍ୟାପକ ଗୌରାଙ୍ଗ ଚରଣ ଦାଶ,

## ॥ ଏକ ॥

ଊନବିଂଶ ଶତାବ୍ଦୀ ଭାରତୀୟମାନଙ୍କ ପାଇଁ ନୂତନ ଜୀବନ ଅନ୍ୱେଷଣର ଶତାବ୍ଦୀ । ସେ କାଳରେ ସେମାନେ ନୂତନ ରୂପ ଓ ଭାବରେ ଜୀବନ ଉପଭୋଗର ସୁଯୋଗ ପାଇଥିଲେ । ଗତ କେତେ ଶତାବ୍ଦୀ ଧରି ସେମାନେ ଅପଣା ଅପଣା ବିଶ୍ୱାସର ଦୃଢ଼ ଗଣ୍ଡିଆ ଭିତରେ ଅବରୋଧର ପଣ ଆଚରଣ କରୁଥିଲେ । ମୁକ୍ତ ଜୀବନକୁ ଡରୁଥିଲେ । ସେମାନଙ୍କ ସାମାଜିକ ଧର୍ମ, ଭକ୍ତି, ସାହିତ୍ୟ, ଭାବ ଓ ଆଚରଣ ସବୁଥିରେ କେବଳ ସଙ୍କୀର୍ଣ୍ଣତା ହିଁ ଅବିକୃତ ଭାବରେ ପ୍ରକାଶ ପାଉଥିଲା । ନିଜ ନିଜ ବାଡ଼ରେ ପାଦ ପକେଇବାକୁ ସେମାନେ ସାହାସ କରିପାରୁ ନଥିଲେ । ସ୍ୱାଧୀନଚେତା ଭାବରେ ଅନ୍ୟର ଦୋଷଗୁଣ ଭିତରେ ନିଜ ନିଜର ଜୀବନ ଦୃଷ୍ଟିକୋଣ ଅନୁସାରେ ନ ଦେଖାଇବା ପାଇଁ ଏମାନେ ଚିନ୍ତା ବା ଚିନ୍ତିତ ହେଉ ନଥିଲେ । ନାସ୍ତିକମାନଙ୍କ ପଥ ପାଳନ କରିବା ଥିଲା ସେମାନଙ୍କ ଅଭ୍ୟାସ, ସେମାନଙ୍କ ଜୀବନ ଧର୍ମ ।

ସେମାନଙ୍କ ଅବବୋଧର ଏକ ଦୀର୍ଘକାଳୀନ ଅନୁଶାସନ, ଲକ୍ଷିତ ଓ ଶୃଙ୍ଖଳିତ ଜୀବନବୋଧ ଗତ ଶତାବ୍ଦୀରେ ଏକ ନୂଆ ପରିବର୍ତ୍ତନର ସଙ୍କେତ ପାଇଲା । ପଶ୍ଚିମା-ମାନଙ୍କର ଚେତନା-ବଳ ଭିତରେ ସେମାନଙ୍କ ଦେହ ଓ ମନରେ ଲାଗିଲା କ୍ରମଶଃ ମାନସିକ ଚେତନାର ସ୍ପନ୍ଦନ ଆସିଲା । ସେମାନେ ବଦଳିବାକୁ ଆରମ୍ଭ କଲେ । ନୂଆ ଜୀବନ ଖୋଜି ବାହାରିବା ପାଇଁ ଅନୁପ୍ରେରିତ ହେଲେ । ଯୋଗୀମାନେ ଯୋଗ ବାଟଗୁଡ଼ିକୁ ଜୀବନ ସ୍ୱର୍ଗ ଦେଖିବା ପାଇଁ ଚାଲୁ କରୁଥିଲେ, ପ୍ରଥମେ ପ୍ରଥମେ ସେ ବାଟଗୁଡ଼ିକ ଦେଶୀମାନଙ୍କର ଦୃଷ୍ଟି ଆକର୍ଷଣ ଏବଂ ପ୍ରସାରର କାରଣ ହୋଇଥିଲେ । ଜଳ ସବୁ ଭିତରର ମାନସିକ ଅଗ୍ରଗତିକୁ ଏତେ ଶୀଘ୍ରରେ ଚିହ୍ନି ହେବା ଲାଗି ସେମାନେ ପ୍ରସ୍ତୁତ କରିପାରୁନଥିଲେ । ମାତ୍ର କ୍ରମଶଃ ବଡ଼ ଶଙ୍କିତ ଭାବରେ ସେମାନେ ସେମାନଙ୍କ ପାଖକୁ ଗଲେ । ସେମାନଙ୍କୁ ଛୁଇଁଲେ, ତେଜକୁ ଅନୁଭବ କଲେ । ଡର ଭାଙ୍ଗ ପାଦ ପକାଇଲେ । ପାଦ ପକାଇବାର ମଜା ବୁଝିଲେ । ନିଜକୁ ନୂଆ ଭାବରେ ଦେଖିବାର ସୁଯୋଗ ପାଇଲେ । ଲୋକମାନେ ନିଜର ସୁବିଧା ପାଇଁ କେତେ ଆମୋଦ ଗୋଷ୍ଠୀ ଗଢ଼ିଲେ, କଳା ଆଉ ସାଧକମାନେ ସେ ଗୁଣିଜନ ସୂକ୍ଷ୍ମମାନବତା ଉପରେ ଦୃଷ୍ଟି ପକାଇଲେ । ସେମାନଙ୍କର ଅବବୋଧର ଦୋଷତ୍ରୁଟି ଖୋଲିବାକୁ ଆରମ୍ଭ କଲେ ।

ଯାହା ପାଖରେ ଠିଆ ହୋଇ ହିନ୍ଦୁ ଶକ୍ତିଆର ପଣ୍ଡପ୍ରକାଶ ଓ ଧର୍ମ ପ୍ରଚାରଣ ପାଇଁ ସେମାନେ ପ୍ରସ୍ତୁତ କଲେ । ତୀର୍ଥମାନେ ଯାତ୍ରା କରୁଥିଲେ, ତାହା ସେମାନଙ୍କ ପାଇଁ ଭଲ ହେଲା । ସେମାନଙ୍କର ଉଦ୍ଦେଶ୍ୟ ପୂରଣ ହୋଇ ପାରିଲା । ମାତ୍ର ହୋଲି ଉପରରେ 'ଜଗନ୍ନାଥ କଳା ମଳା' 'ମାରିବା ପାଇଁ ହିନ୍ଦୁ ପଣ୍ଡାଅର ଶତ୍ରୁମାନେ ଜନତାର ଲୋକଧାତ ଧାରଣ କଲେ, ଯେଉଁ ଜଡ଼ିତ ଜାତି ଦେବତା ଭଗବାନ୍ ଗୃହୀନ ନାମକ ଭୂପରେ ଶାଳୁକାଳୁ ହେଉଥିଲେ, ତାର ପରିମଳ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା ସେହି କାଳରେ ।

ପରମ୍ପରାଗତ ପ୍ରକ୍ରିୟା ଆରମ୍ଭ କରିଥିଲେ ପାଦ୍ରୀମାନେ । ଖ୍ରୀଷ୍ଟମାନଙ୍କ ଚେତନାରେ ଧାର୍ମିକତାର ମଧ୍ୟ ଜୋଗ୍ରାଫାନ୍ତ୍ର କମାଟ ବାନ୍ଧୁଥିଲେ ବୋଲି ସେମାନେ ସେପଟରେ ଆସି ଅନୁଭବ କରିଥିଲେ । କୋଷ୍ଠକାଠିକା ବ୍ୟାଧିରୁ ଖ୍ରୀଷ୍ଟସ୍ତ-ମାନଙ୍କୁ ମୁକ୍ତ କରିବା ପାଇଁ ପାଶ୍ଚାତ୍ୟ ପ୍ରଚୁର ଔଷଧ ହାତରେ ଧରି ସକଳ ଅନେକଙ୍କୁ ଅଧି ସେମାନେ ଗ୍ରାମ୍ୟ ଭୂମିରେ ପାଦ ଦେଲେ ।( ୧ ) ସେପଟରେ ଆସିବା ଖ୍ରୀଷ୍ଟମାନଙ୍କର ଏକ୍ତା, ଲୁପସ୍ତାରପୂର୍ଣ୍ଣ ସ୍ୱାସ୍ଥ୍ୟ ଅବସ୍ଥାକୁ ଦେଖି ଅସ୍ଥିର ହୋଇ ଉଠିପାରିଲେନି । ପାଶ୍ଚାତ୍ୟର ଆଲୋକରେ କୋଷ୍ଠବାଳର କମାଟକୁ ଭାଙ୍ଗିବା ଦୃଢ଼କରିବା ପାଇଁ ଚେଷ୍ଟା କଲେ । ବାଇବେଲକୁ ଦେଶୀ ଲୋକଙ୍କ ଭାଷାରେ ଅନୁବାଦ କଲେ । ଧର୍ମ – ବିଧି ଓ ଶାସ୍ତ୍ର ଆଧାରିତ ପୁସ୍ତିକା ବା ଟ୍ରାକ୍ଟ ସୃଷ୍ଟି କଲେ, ବଜାର, ମେଳା, ମନ୍ଦିର, ମଠର, ଚଉକିଦ ଆଦି ଜାଗାରେ ବାଣ୍ଟିଲେ । ମୁଦ୍ରାଯନ୍ତ୍ର ବସାଇଲେ । ସ୍କୁଲ ସ୍ଥାପିଲେ । ପଢ଼ା ହେବା ପାଇଁ ବହି ଲେଖିଲେ । ପଢ଼ାଇବା ପାଇଁ ଶିକ୍ଷକ ଏବଂ ପଢ଼ିବା ପାଇଁ ଛାତ୍ର ଖୋଜିଲେ । ସେମାନଙ୍କ କଥା, କର୍ମ ଏବଂ ବସ୍ତୁକୁ ଦେଶୀମାନଙ୍କ ମୁଣ୍ଡରେ ପୂରାଇବା ଲାଗି ପ୍ରସ୍ତୁତ କଲେ । ସେମାନଙ୍କ ଭାଷାକୁ ଜନମାନଙ୍କ ଅନୁବାଦ କଲେ । ବ୍ୟାକରଣ ଅଭିଧାନ ଲେଖିଲେ ସେମାନଙ୍କ ହାତଲେଖା ସୂତ୍ର ଅନୁସାରେ । ଏହି ପତ୍ରିକା ବି ପ୍ରକାଶ କଲେ । ସେତେ ସାହା କଲେ, ସବୁର ମୂଳରେ ଥିଲା ଆଉ ଏକ ସନ୍ତୁଷ୍ଟି ବିସ୍ତାରଧାରା— ଧର୍ମ ପ୍ରଚାର, ଜନଙ୍କୁ କହେବୋଲି ବ୍ରତ ଜନ ଅନ୍ୟମାନଙ୍କୁ ଶ୍ରେଷ୍ଠ ଭାବରେ ଦେଖିବାର ଜଟିଳବୋଧ । ମିଶନାରୀମାନେ ଖ୍ରୀଷ୍ଟାନମାନଙ୍କୁ ଜନନ ଦେଖେଇଲେ । ଇଂରେଜ ସରକାର ପ୍ରଥମେ ସ୍ପଷ୍ଟ କହିଥିଲେ ଜନମାନଙ୍କୁ ଜନନ ଦେଖେଇବ ପାଇଁ, ସେମାନଙ୍କୁ ଏବଂ ସେମାନଙ୍କ ଦେଶକୁ ବାଦ୍ ଦେଇଦେବା ପାଇଁ । ମାତ୍ର ପରିସ୍ଥିତିର ସ୍ରୋତରେ ସେମାନେ ଏହା କରିବାକୁ ବାଧ୍ୟ ହେଲେ । ମାତ୍ର ଯୋଗ୍ୟ ପାଦ୍ରୀମାନେ ସେମାନଙ୍କୁ ଜନନ ଦେଖେଇବା ପାଇଁ ଜନ ଲୋକମାନଙ୍କୁ ଠାକୁର କଳ୍ପି କହୁଥିଲେ ସେହି ଲୋକମାନେ ସେମାନଙ୍କୁ ପାଦୁକା ଭଳି ନିଜ ପକ୍ଷୀମାନଙ୍କୁ ସହଜରେ ଦେବା ପାଇଁ ଅନେକ କୃପା ପ୍ରଦାନ କଲେନି । ସେମାନେ ଜନେ ଧରିଥିବା ସହିତ ଜନତାର ଜନନୀ ମାଗିଲେ । ଏହି ଗୃହୀନ ବି ଉଠେଇ ରହିଲେ ।

ପାଦ୍ରୀମାନଙ୍କ ଆନ୍ଦୋଳନରେ ଜୀବନ ଦେଇଥିବା ଦେଶୀମାନେ ସାହେବମାନଙ୍କ ପାଖ ପଢ଼ିବାରେ ଆଗ୍ରହ କଲେ । ସେମାନେ ପଢ଼ିଲେ । ନିଜ ପାଇଁ ବାଟ ଖୋଲିଥିଲେ । ନୂଆ ଦୃଷ୍ଟିରେ ନିଜର ଭାଷା, ସାହିତ୍ୟ, ଧର୍ମ, ସମାଜ, ଇତିହାସ, ରାଜନୀତି ଓ ବାଣିଜ୍ୟକୁ ପରୀକ୍ଷା କଲେ । ବଙ୍ଗଭୂମିରୁ ରାଜା ରାମମୋହନ ରାୟ ପରିବର୍ତ୍ତନର ନୂତନ ଇସ୍ତାହାର ଘୋଷଣା କଲେ । ବାଲ୍ୟ ବିବାହ, ବହୁ ବିବାହ, ବଳ୍ପବିବାହ, କଉଳୀ, ସତୀଦାହ ପରି ସାମାଜିକ କୁପ୍ରଥାର ଲୋପପାଇଁ ସାହେବମାନଙ୍କ ସହିତ ହାତ ମିଳାଇଲେ । ଲର୍ଡ ବେଣ୍ଟିଙ୍କଙ୍କ ସହାୟତାରେ ସତୀଦାହ ନିୟମ (୧୮୨୮) ମଧ୍ୟ ପ୍ରଣୟନ କଲେ । ଖ୍ରୀଷ୍ଟିୟାନମାନେ ନୂଆ ଜୀବନର ସନ୍ଧାନ ପାଇଲେ । ଧର୍ମବ୍ୟବସ୍ଥାରେ ସମନ୍ୱୟବାଦୀ ଚିନ୍ତାର ପ୍ରାଧାନ୍ୟ ଲକ୍ଷ କଲା । ଧର୍ମର ନୂଆ ଅଭିଯାନ ଚାଲିଲା— ତାକୁ କୁହାଗଲା ବ୍ରାହ୍ମଧର୍ମ । ନୂଆ ସମାଜ ବ୍ୟବସ୍ଥା ଘୋଷଣା କରାଗଲା । ତାକୁ କୁହାଗଲା—ନୂଆ ସାମାଜିକ ବ୍ୟବସ୍ଥାର ଜୀବନବାଦୀ ରୂପାୟନ । ବଙ୍ଗଳାରୁ ଆରମ୍ଭ ହୋଇ ତାହା ଭାରତକୁ ବ୍ୟାପିଗଲା । କଲିକତାର ପର୍ଣ୍ଣ ମରୁ ପାଣି ଓ ପବନରେ ଅନୁଭିତ୍ତ ଅନ୍ୟ ଏକ ଭାରତବର୍ଷ । ଓଡ଼ିଶାରେ ବି ସେ ନୂତନ ମଂଚ ପ୍ରସାରିତ ହେଲା । ଏ ମାଟିରେ ସକଳ ନୂତନତାର ପ୍ରଚାରକ ହେଲେ ଆଧୁନିକ ଶିକ୍ଷାପ୍ରାପ୍ତ ଯୁବଗୋଷ୍ଠୀ । ସେମାନଙ୍କର ପୁରୋଧା ଥିଲେ ଗୌରୀଶଙ୍କର ରାୟ ।

ଗୌରୀଶଙ୍କର ଯେଉଁ ସମୟ (୧୮୩୮)ରେ ଜନ୍ମ ହୋଇଥିଲେ, ତାହା ସପନ ଦେଖିବାର ଏକ ସୁକାଳ ନଥିଲା । ଆଗରୁ ନୂଆଙ୍କର ଗତିବାର ଆହ୍ୱାନ ଥାଇ ଲୋକଙ୍କ ଚେତନାରେ ଢେଉ ସୃଷ୍ଟି କରୁଥିଲା । ବିଶେଷତଃ ଓଡ଼ିଆମାନଙ୍କ ପାଇଁ ତାହା ଥିଲା ବିପତ୍ତିକାଳ ସମୟ । ଦୁର୍ଭିକ୍ଷ, ଉତ୍କଣ୍ଠା, ଅନ୍ଧକାର, ଅସ୍ତ୍ର ଗ୍ରସ୍ତର ପରି କେତେ କେତେ ଖଳ ପ୍ରେତ ମୂର୍ତ୍ତିରେ ସେମାନଙ୍କ ଜୀବନ ସହିତ ଧକ୍କା ଖାଉଥିଲା । ଗୋରାମାନଙ୍କର ପାଖ ଲୋକ ହୋଇ ଯୋଉମାନେ ନୂଆ ଜାଣିଶୁଣି ଥିଲେ, ସେମାନେ ଗୁହ ଖାଇବା ଆରମ୍ଭ କରିଦେଲେ । ଯେଉଁମାନେ ବଙ୍ଗଦେଶୀମାନଙ୍କ ଠାରୁ ନିଜ ଭାଷା, ସାହିତ୍ୟ, ଜାତୀୟତା, ସ୍ୱାଭିମାନବୋଧ ପରି ଅନେକ ଅନେକ କଥା ଶିଖିଥିଲେ, ସେ ଶକ୍ତି ଗୁଡ଼ିକୁ ନିଜ ମାଟିରେ ପୋତି ପକାଇଲେ । ସ୍ୱାର୍ଥମାନଙ୍କୁ ପୁରସ୍କୃତ ଭୁଲିଗଲେ । ସ୍ୱାତନ୍ତ୍ର୍ୟତାର ସ୍ମୃତି ଭିତରେ ଇତି ମୋଡ଼ି ହେଲେ । ଶିକ୍ଷିତ ପ୍ରିୟଜୀବ ବଙ୍ଗୀୟମାନେ ନୂଆ ଜୀବନର ଅଧିକାର ଆଳରେ ଅନ୍ୟମାନଙ୍କୁ ତୁଚ୍ଛ କରି ଦେଖିବା ଆରମ୍ଭ କରିଦେଲେ । କେତେ ସ୍ୱାର୍ଥାନ୍ୱେଷୀ ମନ ସ୍ୱାର୍ଥର ଗଣତନ୍ତ୍ର ପାଣ୍ଡି ହେଲେ ଓଡ଼ିଶା ଓ ଆସାମକୁ ଆମର ବୋଲି କହିଲେ । ଅନ୍ୟମାନଙ୍କର ମଣିଷମାନଙ୍କୁ ନିଜର ବୋଲି ବୁଝି ଦେଲେ । ଅନ୍ୟମାନଙ୍କର ଭାଷା, ସାହିତ୍ୟ, କଳା, ସ୍ଥାପତ୍ୟକୁ ନିଜ ସ୍ୱକ ପୂର୍ବପୁରୁଷଙ୍କର ମହାନ୍ ଅବଦାନ ରୂପରେ ଘୋଷଣା କଲେ । ପ୍ରାମାଣିକ ତଥ୍ୟ ଖୋଲିଦେଲେ । ଶାସକମାନଙ୍କର କାନଭରା ହେଲେ । ଓଡ଼ିଶା ଏବଂ ଓଡ଼ିଆମାନଙ୍କୁ ଯାହା ନ କରିବା କଥା, ତାହା କଲେ । ଫଳରେ ଓଡ଼ିଆ ଜାତିର ଆତ୍ମାକୁ ଅନୁଭବ କରିବା ଏବଂ ତାର ସ୍ୱାଭିମାନକୁ ପ୍ରତିଷ୍ଠା କରିବାର ଆବଶ୍ୟକତା ହେଲା ସେ

ଚାଲିବେ । ଗୌରୀଶଙ୍କର ତାହା ପାଳନ କରିବାପାଇଁ ନିଜ ପାଖରେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ।

ମଣିଷ ଯାହା ଭୁଲେ, କଥା ଭିତରେ ସେ କହିଥିଲେ, ସେ ଶୃଙ୍ଖଳ ଅନ୍ୟମାନଙ୍କର ଏ ଭାବରେ ପଡ଼ି ଆଉ ଭାବରେ ବାହାରି ଯାଏ । ଜନତା ଏବଂ ଅଭିଜ୍ଞସ୍ତୁଗଣଙ୍କିଏ ନିଜ ପାଖରେ, ସ୍ୱ ସମାଜ ପାଖରେ ଅଧିକ କାଳ ବଞ୍ଚି ପାରେନା । ତତ୍କାଳୀନ ଭାବରେ ହାରିଯାଏ । ତା'ର ଅପମୃତ୍ୟୁ ଘଟେ । ଲୋକ୍ ମଣିଷ ସମସ୍ତ ଏବଂ ସମାଜ ଭିତରେ ନିଜ ଜୀବନକୁ ଗଭୀର ଭାବରେ ଲିପ୍ତ ଦେଖିଥାଏ ତାର କଥାରି ଅନ୍ୟମାନଙ୍କ ଚେତନାରେ ନୂଆ ଜୀବନ ଶକ୍ତିର ସଂଚାର କରେ । ପ୍ରତ୍ୟେକ ଶବ୍ଦ ଭିତରେ ଅସୀମ ସେମିତି ଜୀବାଳକ ଦେଖିଥାଏ । ଗୌରୀଶଙ୍କର ସେମିତି ମଣିଷଟିଏ ଥିଲେ । ଯାହା କହୁଥିଲେ ତାହା କରୁଥିଲେ । ଜୀବନ ଓ ଆଚରଣ ଭିତରେ ତାଙ୍କର ସମସ୍ତ ବାଣୀକୁ ମୂର୍ତ୍ତିମନ୍ତ ଦେଖୁଥିଲ । ତାଙ୍କ ବାଣୀରୁ ଥିଲ ଜ୍ୱଳନ୍ତ ଜାତୀୟତାର ଏକ ମୂର୍ତ୍ତିତ ପରିପ୍ରକାଶ, ତାଙ୍କ ଭାଷା ଥିଲ ପ୍ରଗତିଶୀଳ ଜୀବନବୋଧର ଅନ୍ତରଙ୍ଗ ଅଭିବ୍ୟକ୍ତି ।

## ॥ ଦୁଇ ॥

ପ୍ରଥମେ ଉନବିଂଶ ଶତକର ପ୍ରଥମ ଦଶକରେ ମିଶନାରୀମାନେ ଯେଉଁ ଭାଷା ଏବଂ ଶୈଳୀରେ ନିଜକୁ ପ୍ରକାଶ କରୁଥିଲେ ତାହା ସେମାନଙ୍କର ଭାଷା ଓ ଶୈଳୀ ଥିଲା । ମାତ୍ର ଶବ୍ଦ ଥିଲା ଓଡ଼ିଆ । ସେମାନେ ବୁଝିଥିଲେ ନିଜକୁ ଏକ ଭିନ୍ନ ଭାଷାରେ ପ୍ରକାଶ କରିବା ପାଇଁ । ମାତ୍ର ଏ ଦେଶରେ ସେମାନେ ଅନ୍ୟମାନଙ୍କ ସବୁ ଚେତନା ଶୁଖାଣିଆ କରିବା କଥା, ତାହାଠାରୁ ଅଧିକ ଥିଲେ ନିଜ ଧର୍ମ ଏବଂ ନିଜର ଉଦ୍ଦେଶ୍ୟ ହିତ । ଏଣୁ ଏତ ପଣିଆ, ଉଦାରତା, ରକ୍ଷଣକୁ ଅନ୍ୟମାନଙ୍କ ଉପରେ ଲଦି ଦେବାପାଇଁ ଚେଷ୍ଟା କରୁଥିଲେ । ଅନ୍ୟମାନଙ୍କ ବିଶ୍ୱାସ ଓ ଜୀବନଚର୍ଯ୍ୟାକୁ ନିନ୍ଦାକୁତ୍ସିତ ଜୀବନ-ଲକ୍ଷ୍ୟ ବୋଲି ପ୍ରମାଣ କରୁଥିଲେ । ସେମାନଙ୍କ କହିବା, ଦେଖାଇବା, ପାଳିବା ଏବଂ ଜୀବନ-ବଞ୍ଚିବାର ଗୋଟିଏ ସୂତ୍ର ଥିଲା । ନିଜ ଧର୍ମକୁ ସେମାନେ ଅନୁଶାସିତ ଦେଶୀମାନଙ୍କ ଚେତନାରେ ବୋଳିଦେବା ପାଇଁ ପ୍ରୟାସ କଲେ । କିନ୍ତୁ ଦେଶୀ ପଣ୍ଡିତଙ୍କର ସାହାଯ୍ୟ ନେଲେ । ସେମାନଙ୍କୁ ଦେଶୀ ସ୍ୱଭାବ ଓ ଶାସ୍ତ୍ର ରୂପରେ ପରୀକ୍ଷଣ କଲେ । ମାତ୍ର ଜଣା-କଥିତ ପଣ୍ଡିତ ଓ ପଣ୍ଡିତମ୍ମନ୍ୟମାନେ ସାଧାରଣଲୋକଙ୍କୁ ଯେଉଁ ଜନାଭୂ ଶୁଦ୍ଧ ପାଉ ନଥିଲେ, ସେମାନଙ୍କ କଥା ଶୁଣି ନାକ ଟେକୁଥିଲେ, ପ୍ରଥମେ ପାଦ୍ରୀମାନେ ଏ ଗୂଢ଼ କଥାକୁ ଜାଣିପାରି ନଥିଲେ । ସାହେବୀ ବାଦ ସାମନ୍ତମାନେ ଏକ ସୁଯୋଗରେ ଲୋକମାନଙ୍କର ଅଧାଶକୁ ଜୋରକରି ପାଣ୍ଡିତ୍ୟ ପ୍ରକାଶର ଆଉ ଏକ ଅଧିକାର ଓ ଐଶ୍ୱରିକ ପ୍ରତିଷ୍ଠାରେ ପ୍ରତିଷ୍ଠା କରିନେଲେ । ବାଇବେଲ ଓ ଗ୍ରୀକ୍ ଗ୍ରନ୍ଥର ଅନୁବାଦ ଓ ଅନୁକରଣ ଭାବରେ କ୍ରମାଗତ ପ୍ରକାଶ ପାଇଲା । ପ୍ରାୟ ୧୮୧୧ ଠାରୁ ଆରମ୍ଭ କରି ୧୮୪୦

ମିଶନ ମଧ୍ୟରେ ଓଡ଼ିଆରେ ଲେଖିବା ଦଳ ଲେଖାଇଲେ ସେ ଗ୍ରନ୍ଥ ଓଡ଼ିଆ ଲିପିରେ ଲେଖାଯାଇଥିଲେ ସୁଦ୍ଧା, ଓଡ଼ିଆଭାଷାର ସ୍ୱଭାବ ତା ଭିତରେ ନଥିଲା । * ସେମାନେ ସଂସ୍କୃତ ଶବ୍ଦଗୁଡ଼ିକୁ କେବଳ ଅନୁବାଦ କରି ପକାଉଥିଲେ । ଭାଷାର ଜାତ ଉପଲବ୍ଧି କରିବା ସେମାନଙ୍କ ପକ୍ଷରେ ସମ୍ଭବ ନଥିଲା । ଏହା ଏ କାର୍ଯ୍ୟରେ ସେମାନଙ୍କୁ ଯେଉଁ ପଣ୍ଡିତମାନେ ସାହାଯ୍ୟ କରୁଥିଲେ ସେମାନଙ୍କ ପାଖରେ ମଧ୍ୟ ସଂସ୍କୃତ ସ୍ୱଭାବ ଥିଲା ଏଦେଶୀ । ପାଦ୍ରୀମାନେ ପ୍ରଥମେ ବଙ୍ଗଳା ଭାଷା ମାଧ୍ୟମ ଦେଇ ଓଡ଼ିଆ ଭାଷା ଶିଖିଥିଲେ । ବଙ୍ଗଭୂମି ଥିଲା ସେମାନଙ୍କର କର୍ମକ୍ଷେତ୍ର । ତେଣୁ ଓଡ଼ିଆ ଭାଷା ଉପରେ ପ୍ରଭାବ କରୁଥିଲା ବଙ୍ଗଭାଷା ।

ଅମ୍ପଟନ୍ ସାହେବ ପ୍ରଥମ ପାଦ୍ରୀ ଯିଏ ଓଡ଼ିଆମାନଙ୍କ ଭିତରକୁ ଯିବା ପାଇଁ ପ୍ରସ୍ତୁତ ହେଲେ । ନିଜର ଅସୁବିଧା ଦୂର କରିବା ପାଇଁ ତାଙ୍କର ସ୍ତ୍ରୀ ଓ ସହକର୍ମୀ ଶୀଳ ସ୍ୱଦେଶ ଅଟନ୍ତି ସେଥିପାଇଁ, ଏ ସତ୍ୟକୁ ଅନୁଭବ କରିଥିଲେ । ସେ ନିଜେ ଓଡ଼ିଆ ଭାଷାରେ ପଣ୍ଡିତ ଓ ପଣ୍ଡିତମାନଙ୍କର ପାଣ୍ଡିତ୍ୟ ଧାର୍ମିକ ଗ୍ରନ୍ଥବୋଧ ଏବଂ ଅନ୍ୟ ଭାଷାରେ ଜ୍ଞାନ ଥିବା ସାଧାରଣମାନଙ୍କର ସ୍ୱାଭାବିକ ଭାଷାଗତ ବାସ୍ତବ ଦେଖି ଧରି କାମ କଲେ । ଆପଣା ନିଜର ଅନୁଭୂତ ଶାସକ ମାନଙ୍କୁ ଅନୁଶାସିତ ମାନଙ୍କର ଭାଷା ଶିଖିବା ପାଇଁ ଜୋର ଦେଲେ । ବ୍ୟାକରଣ ଓ ଅଭିଧାନ ପ୍ରଣୟନ କଲେ । ବଙ୍ଗଳା ଓ ଓଡ଼ିଆ ଭାଷା ଭିତରେ ଥିବା ପାର୍ଥକ୍ୟକୁ ସେ ଦେଖାଇଲେ । ପଦ୍ୟ ବହି ଲେଖିଲେ ଏବଂ ଅନୁବାଦ କଲେ । ଦେଶୀୟ ମାନଙ୍କର ଶବ୍ଦ ଓ ଜୀବନ ଧାରାକୁ ବୁଝିବା ପାଇଁ ଚେଷ୍ଟା କଲେ । ସେମାନଙ୍କର ଅଶୁଦ୍ଧ ଶବ୍ଦକୁ ଲେଖାରେ ପ୍ରବୀଣ କରିବା ପାଇଁ କାର୍ଯ୍ୟ ଯୋଗକଲେ । ଅଭିଧାନ ଦେଇ ସେଗୁଡ଼ିକୁ ସମ୍ପାଦନେ । ତାଙ୍କ ସେପ୍ଟୁଲ ବା ଗଣ୍ଠି କଥା ଗ୍ରନ୍ଥରେ ତଥା ଜଣେ ପଣ୍ଡିତମାନଙ୍କର ଅନୁଷ୍ଠିତ ଓ ଅନ୍ୟଦିଗ ସେ ଗୁଡ଼ିକୁ ସଂସ୍କୃତ ଠାଣିରେ ବହୁତ ଦେଖେଇଲେ । (୨) ** ସାହେବଙ୍କ-

---

* "ପ୍ରଥମେ ଈଶ୍ୱର ସ୍ୱର୍ଗ ଓ ପୃଥ୍ୱୀ ସୃଜନ କଲେ । ପୃଥ୍ୱୀ ଶୂନ୍ୟ ଓ ଶୂନ୍ୟ ଆକାର ଥିଲା । ପୁଣି ଗଭୀରର ଉପରେ ଅନ୍ଧକାର ଓ ଈଶ୍ୱରଙ୍କ ଆତ୍ମା ଜଳର ଉପରେ ଦୋଳାୟମାନ ହେଉଥିଲେ । ଅନନ୍ତର ଈଶ୍ୱର କହିଲେ ଯେ ଦୀପ୍ତି ହେଉ, ତହିଁରେ ଦୀପ୍ତି ହେଲା । ତହୁଁ ଈଶ୍ୱର ସେ ଦୀପ୍ତି ଯେ ଉତ୍ତମ ଈଶ୍ୱର ତାହା ଦେଖିଲେ, ତହିଁ ଉତ୍ତାରେ ଈଶ୍ୱର ଦୀପ୍ତି ଓ ଅନ୍ଧକାର ଭିନ୍ନ କଲେ ।" ଜେନେସିସ ଅନବତ ବାଇବେଲ—ଧର୍ମପୁସ୍ତକ । 1814, ପୃ—5.

** ଏକ ଦେଶୀୟ କୌଣସି ବାଘୁଣୀର ଜଙ୍ଗଲରେ ଥାଇ କହିଲେ ଯେ, ଅନ୍ୟ ବାଘୁଣୀ, ଶୁଣ । ମୁଁ ଜଙ୍ଗଲରେ ଅନେକ ଅନେକ ସନ୍ତାନ ସନ୍ତତ ଦେଖୁଅଛି । ପୁଣି ତୁମ୍ଭର ଜନ୍ମକୁ ଯଦିବା ପର୍ଯ୍ୟନ୍ତେ, କୋଟିଏ ସନ୍ତାନକୁ ଅଧିକ ନ କରୁଛ । ତାହା ଶୁଣି ବାଘୁଣୀ ଉତ୍ତର କଲା, ଥାଉ, ଆମ୍ଭର ଏକ ସନ୍ତାନ ହୁଅଇ ପ୍ରମାଣ ପୁଣି ସେହୁ ତୁମ୍ଭର ଅନେକ ସନ୍ତାନର ଶ୍ରେଷ୍ଠ । ଏହାର ତାତ୍ପର୍ଯ୍ୟ ଅପାର ଅଧମ ସନ୍ତାନଙ୍କୁ ଜଣେ ଉତ୍ତମ, ପୁତ୍ର ଭଲ ସାହେବଙ୍କ ଟେବୁଲ । ପୁ ପୃ. 1842.

ସାହେବ ଦ୍ୱାରା ମିଳେଇଦେଲେ ଉତ୍କଳ ପ୍ରି. ପ୍ରେସ । ସେ ମଧ୍ୟ ସମ୍ପାଦକ ହୋଇଥିଲେ । ଉତ୍କଳ ଦୀପିକା (୧୮୬୬) ପତ୍ରିକା ସମ୍ପାଦନା କଲେ । ସେଥି ସୋସାଇଟି ପ୍ରକାଶ କଲେ ଭାଷା-ପ୍ରଚଳନ ଓ ପୁସ୍ତକ ପ୍ରକାଶନରେ ହୋଇଥିବା ଦେଶୀୟ ଓଡ଼ିଆ ଏବଂ ଲେଖକଙ୍କୁ ତାଙ୍କୁ ଆଗଭର ହେବାର ସୁଯୋଗ ଦେଲେ । ପ୍ରାୟ ୧୮୬୦ ମସିହା ପର୍ଯ୍ୟନ୍ତ ସାରା ପ୍ରବର୍ତ୍ତିତ ଧାରା ଓଡ଼ିଆ ଜାତୀୟ ଭୂମି ଶୋଷଣରେ ଶକ୍ତିଶାଳୀ ମାଧ୍ୟମ ସ୍ୱରୂପରେ ପରିଣତ ହେଉଥିଲା । ବିଦେଶୀ ମାନଙ୍କର ଭାଷା ଓ ସଂସ୍କୃତି ପ୍ରତି ସେମାନେ ଅଧିକରୁ ଅଧିକ ଆକର୍ଷିତ ହୋଇ ପଡ଼ୁଥିଲେ । ଭାଷା ଓ ଜାତି ପ୍ରକାଶର ସବୁ କ୍ଷେତ୍ରରେ ନିଜ ନିଜକୁ ମିଶେଇ ଦେବାପାଇଁ ଚେଷ୍ଟା କରୁଥିଲେ । ସେମାନଙ୍କର ସ୍ୱାର୍ଥ ସେଥିରେ ଜଡ଼ିତ ହୋଇଥିଲା, ପ୍ରତିକ୍ରିୟାଶୀଳ ଜମି ପରିବର୍ତ୍ତିତ ରୂପ ଭିତରେ ଅସ୍ୱାଭାବିକ ପରିବେଶ ସୃଷ୍ଟି ହେଉଥିଲା । ପରିବର୍ତ୍ତିତ ପରିସ୍ଥିତି ଭିତରେ ମୁକ୍ତ ବିଚରଣ ପାଇଁ ସେମାନେ ବିଦେଶୀମାନଙ୍କୁ ସୁଯୋଗ ଦେଉଥିଲେ । ଧର୍ମାନ୍ତର ହେବାର ଭୟରେ ଅପଶାସନ ଶୋଷଣର କବଳ ଭିତରେ ଅଧିକାଂଶ ଜମିଦାର ବଣିକଙ୍କୁ ସେମାନେ ବୋଧହୁଏ ଉଚିତ ମଣିଥିଲେ । ପରାକୁ ମୁଣ୍ଡ ଟେକିଲେ ସେମାନଙ୍କୁ ଉପରକୁ ଆଣିଲେ ସେହି ଶାସକମାନେ, ଲୋକମାନଙ୍କୁ ସେମାନେ ସାହାଯ୍ୟ କରୁ ନ ଥିଲେ, ଜମିର ଉପରେ ଘର-ଦ୍ୱାରରେ ଅଧିକାର ନେଉଥିଲେ । ପ୍ରଥମେ ପାଦ୍ରୀମାନେ ଯୋଉଁ ସ୍ୱପ୍ନରେ କରୁଥିଲେ, ତା ଭିତରେ ଓଡ଼ିଆର ଅସ୍ମିତାକୁ ସେମାନେ ଉପଲବ୍ଧି କରିଥିଲେ । ମାତ୍ର ସେମାନେ ସେତେବେଳେ ସବୁ ଜାତିଙ୍କୁ ଅନୁକରଣ ପାଇଁ ପ୍ରସ୍ତୁତ କଲେ, ବିଦେଶୀମାନେ ଏଠାକୁ ଆସିଲେ ନୂତନ ଭୂମିକୁ । ବିଦେଶୀମାନଙ୍କର ଶ୍ରଦ୍ଧା ବିଦେଶୀମାନଙ୍କର ଦୁର୍ବଳତା ହେବାର କାରଣ ହେଲା । ସେମାନଙ୍କର ଉଦ୍ଦେଶ୍ୟ ପରିପୂର୍ଣ୍ଣ ସଫଳ ଚେଷ୍ଟା କରି ଦେଶୀୟ ସଂସ୍କୃତିର ଭିତ୍ତି ହୋଇଯାଉଥିଲା । ଏ କଥାକୁ ମଧ୍ୟ ଅନେକ ପାଦ୍ରୀମାନେ ଅନୁଭବ କରିଥିଲେ । ଦେଶୀମାନଙ୍କୁ ସେମାନଙ୍କ ଭାଷାରେ ଶିକ୍ଷା ପାଇଁ ସାହାଯ୍ୟ କଲେ । ବାଟ ଦେଖାଇ ଦେଲେ । ସେହି କଥା ଯୋଉଁ ଏ ମାଟିରେ ଜନ୍ମ ନେଲା, ତାହା ବିଦେଶୀମାନଙ୍କୁ ତ୍ରାହି ତାଙ୍କର ନିଜକୁ ସମ୍ପୂର୍ଣ୍ଣ ଭାବରେ ପ୍ରକଟ କରି ପାରିଲା । କୋଟିଏ ନୂଆ ଭାବ ଓ ରୂପରେ ସେମାନେ ଠିଆ ହେଲେ ।

୧୮୬୬ ମସିହା ପରେ ପରେ ଓଡ଼ିଆମାନଙ୍କ ଜନସାଧାରଣ ଭିତରେ ଏକ ନୂତନ ଚେତନା ସୃଷ୍ଟି ହେଲା । ଏ ନୂତନତା ଆସିଥିଲା ବଙ୍ଗଳାରୁ — ସେ ପକ୍ଷରୁ ପାଠପଢ଼ି ଆସୁଥିବା କିଛି ଓଡ଼ିଆ ଏବଂ ଏ ପକ୍ଷରେ ସରକାରଙ୍କ ସ୍ୱୀକୃତ ବଙ୍ଗୀୟ ଜମିଦାର କରୁଥିବା କିଛି ବଙ୍ଗାଳୀଙ୍କ ଦ୍ୱାରା । ଊନବିଂଶ ଶତାବ୍ଦୀର ଦ୍ୱିତୀୟ ପର୍ଯ୍ୟାୟରେ ରାଜା ରାମମୋହନ ରାୟ ସମ୍ବାଦସ୍ୱ କାଳରୁ ଭାରତରେ ଯୋଉଁ ନୂତନ ଭାବ ସୃଷ୍ଟି କରିଥିଲେ ତାହା ଜନ୍ମ ଦେଇଥିଲା ବ୍ରାହ୍ମ ଧର୍ମକୁ । ପ୍ରଥମର ସତ୍ୟଧର୍ମର ଆସ୍ଥା, ଶ୍ରଦ୍ଧା, ତ୍ୟାଗ ଓ ସହିଷ୍ଣୁତାର ଉଦ୍-ବୋଧରେ ସେ ସମସ୍ତ, ସନାତନ, ଇସଲାମ, ଖ୍ରୀଷ୍ଟ ଓ ଅନ୍ୟ ଧର୍ମ ଗ୍ରନ୍ଥର ମୂଳ

ଧର୍ମକୁ ଆଧାର କରି ସେ ପ୍ରତିପାଦନ କଲେ ଅନେକତା ମାଧ୍ୟମରେ । ବ୍ରାହ୍ମଧର୍ମ ଜନ୍ମ ହେଲା । ଧର୍ମକୁ ସମାଜ ଅଭିମୁଖୀ କରିବା ପାଇଁ ସେ ପ୍ରଚେଷ୍ଟା କଲେ । ଜୀବନବୋଧର ଏ ମୂଲ୍ୟବୋଧ— ଶିକ୍ଷିତ ବର୍ଗର ଭାଷା ଓ ସାହିତ୍ୟ ଉପରକୁ ଆସିଲା । ଧର୍ମ, ସମାଜ, ଭାଷା ଓ ସାହିତ୍ୟକୁ ଗୋଟିଏ ଗଣ୍ଡି ଭିତରେ ବାନ୍ଧି ଦେଇଗଲା । ଜୀବନ-ମାର୍ଗକୁ ପୌରାଣିକ-ଗ୍ରନ୍ଥକୁ ଆଉ ବଞ୍ଚେଇବା ଲାଗି ଆଗ୍ରହ କରିଗଲା । ଜାତିର ସାଧାରଣୀକରଣ ଭିତରେ ମୁକ୍ତି ଦେଖାଗଲା । ଜୀବନର ସକଳ କ୍ଷେତ୍ରରେ ପରଶ୍ରୀକାତରର ଆବଶ୍ୟକତା ରହିଛି ବୋଲି ବ୍ରାହ୍ମମାନେ ବିଶ୍ୱାସ କଲେ ଏବଂ ସାହିତ୍ୟ ଓ ଭାଷାକୁ ବିଶ୍ୱାସ ପରିପ୍ରସାରଣର ମାଧ୍ୟମ ଭାବରେ ଗ୍ରହଣ କଲେ । ରାଜା ରାମମୋହନ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ଦେବେନ୍ଦ୍ରନାଥ ଠାକୁର, ଶୈଳେନ୍ଦ୍ରନାଥ ସାନ୍ୟାଲ ଆଦି ବଙ୍ଗ ଭୂମିର ସମକାଳୀନ ସନ୍ତାନମାନେ କଲମ ଚଳେଇଲେ । ମାତ୍ର ଧର୍ମକୁ ସମାଜ ଅଭିମୁଖୀ କରିବାର ଯେଉଁ ସ୍ୱପ୍ନ ସେମାନେ ଦେଖିଥିଲେ ତାହା ସଫଳ ହେଲାନି । ସେମାନେ ସଂସ୍କୃତ ଓ ସମ୍ପ୍ରଦାୟୀ ଭିତରେ ଆବଦ୍ଧ ହେଲେ । ସାହିତ୍ୟରେ ଏକ ଅଲଗା ଧାରା ସୃଷ୍ଟିର ତାହା ଅବଶ୍ୟ କାରଣ ହେଲା । କବି ସମ୍ରାଟ, ମଧୁ ରାଓ ପ୍ରଭୃତି, ଲକ ଭୂରାବକ ପର୍ଯ୍ୟନ୍ତ କେତେ କେତେ ଲେଖା ପ୍ରକାଶ ପାଇଲା, ମାତ୍ର ସେ ଆନ୍ଦୋଳନ ମାଟିକୁ ଛୁଇଁଲାନି । କେବଳ ପବନରେ ଭାସିବୁଲିଲା । ସେମାନେ ବୋଧହୁଏ ସାଧାରଣମାନଙ୍କୁ ଉଦାର ଦୃଷ୍ଟିରେ ଦେଖୁ ନଥିଲେ । ଦେଶମୁଖର ଭାଷାକୁ ନାକ ଟେକୁଥିଲେ । 'ଗାଉଁଲିଆ ଭାଷା' ବୋଲି କହୁଥିଲେ । ସମାଜିକ ଭାଷାରେ ସାହିତ୍ୟ ସୃଷ୍ଟି ଅନୁଚିତ ବୋଲି ଅବହେଳା କରୁଥିଲେ । ସେମାନେ ଚେତନାରେ ପୌରାଣିକ-ଧର୍ମୀ ଥିଲେ । ଜୀବନରେ ସାମାଜିକତାର କଥା କହୁଥିଲେ । ଜୀବନ ଓ ବଚନକୁ ଅଲଗା ଅଲଗା ଥାକ କରାଇ ଦେଖାଉଥିଲେ । ସେମାନଙ୍କ ବାଣୀରେ ଚେତନା ଧର୍ମପ୍ରଚାରରେ ଥିଲା । ମାତ୍ର ସ୍ୱାସ୍ଥ୍ୟ ପୂର୍ଣ୍ଣ ବର୍ଷକୁ ଅଧିକ କାଳ ଧରି ସେମାନେ ବଙ୍ଗ ଓ ଓଡ଼ିଆ ସାହିତ୍ୟ ଭୂମିରେ ଯେ ସ୍ୱାକ୍ଷର ରଖିଥିଲେ, ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ ।

ବଙ୍ଗଳା ଭାଷାରେ ଶିଶୁପାଠ୍ୟ ଗଦ୍ୟଶୈଳୀ ଅଧିକାଂଶ ସ୍ୱକୀୟ ବିକାଶ କରିଥିଲା । ଅଲଙ୍କାରର ଗଦ୍ୟ ଆରମ୍ଭ ହୋଇଥିଲା ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଲଙ୍କାରଙ୍କ ଠାରୁ ଏବଂ ପୂର୍ଣ୍ଣତା ଲାଭ କରିଥିଲା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଠାରେ । ରାଜା ରାମମୋହନ ବାଙ୍ଗାଳୀ ଲେଖକମାନେ ବେଶ୍ ସରଳ ଓ ଦୃଢ଼ ଭାଷା ଭିତରେ କଥା କହୁଥିଲେ, ମାତ୍ର ଧର୍ମ ଓ ଦର୍ଶନ ବିଷୟରେ ତର୍କ । ଏଣୁ ଜନ ମାନସ ସ୍ୱତଃ ଭାବିତ ହୋଇ ପଡ଼ୁଥିଲେ । ସରଳତା ଠାରୁ ଦୂରେଇ ଯାଉଥିଲେ । ସମାଚାର ଦର୍ପଣ (ମାର୍ଶମାନ ସମ୍ପାଦକ -୧୮୧୮)ରେ ଯାହା ଆରମ୍ଭ ହୋଇଥିଲା ତାହା ସମ୍ବାଦ କୌମୁଦୀ (ରାଜା ରାମମୋହନଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ — ୧୮୨୮) ସମ୍ବାଦ ପ୍ରଭାକର (ଈଶ୍ୱରଚନ୍ଦ୍ର ଗୁପ୍ତ ସମ୍ପାଦିତ ୧୮୩୧) ଏବଂ ତତ୍ତ୍ୱବୋଧିନୀ (ପ୍ରଥମେ ଅକ୍ଷୟ କୁମାର

ବନ୍ଧୁ ସମ୍ପାଦିତ—୧୮୪୩)ରେ ପୂର୍ଣ୍ଣତା ଲାଭ କରିଥିଲା । ବୋଧୋଦୟ (୧୮୫୧) ସୀତାବନବାସ (୧୮୬୦), ଶକୁନ୍ତଳା (୧୮୫୪) ଆଦି ଗ୍ରନ୍ଥରେ ବିଦ୍ୟାସାଗର ନବରୂ-ପ୍ରତିଷ୍ଠା କଲେ । ତାଙ୍କ ଗଦ୍ୟ ଥିଲା ଅନୁପ୍ରାସ ବହୁଳ, ସଂଧିସମାସ ଯୁକ୍ତ, ସୁଲଳିତ, ସଂସ୍କୃତାନୁଗ-ଏବଂ ଓ ଅଳଙ୍କାରମଣ୍ଡିତ ସମୃଦ୍ଧ । ମାତ୍ର ବିଦ୍ୟାସାଗରଙ୍କ ଗଦ୍ୟ ବିରୋଧରେ ଯୁଦ୍ଧ ଘୋଷିଲେ 'ମାସିକ ପତ୍ରିକା' (୧୮୫୪)ର ସଂପାଦକ ପ୍ୟାରୀଚାନ୍ଦ ମିତ୍ର ଏବଂ ରାଧାନାଥ ସିକଦାର । ଲୋକମୁଖର କଥିତ ଭାଷାରେ ସାହିତ୍ୟ ଲେଖାଯିବା ଉଚିତ ବୋଲି ସେମାନେ କହିଲେ । ପ୍ୟାରୀଚାନ୍ଦ 'ଆଲାଲେର ଘରେର ଦୁଲାଲ' କଥାବସ୍ତୁ ବି ଲେଖିଲେ । ପ୍ୟାରୀଚାନ୍ଦଙ୍କ ଶୈଳୀର ସ୍ରୋତରେ ବିଦ୍ୟାସାଗରଙ୍କ ମଧ୍ୟ ବାଂଧି ହୋଇଗଲେ । ସୀତାବନବାସର ଶେଷାଂଶର ପ୍ୟାରୀଚାନ୍ଦ ପ୍ରୀତିର ହିଁ ପରିଚୟ । (୩) ସାଧାରଣ ଜୀବନର ପ୍ରଥମାବସ୍ଥାରେ ବିଦ୍ୟାସାଗରଙ୍କ ବୃତ୍ତିରେ ବଞ୍ଚାଉ କରୁଥିବା ବଂକିମଚନ୍ଦ୍ର ମଧ୍ୟ ତାଙ୍କ ଠାରୁ ଦୂରେଇ ଯାଇଥିଲେ । 'ଦୁର୍ଗେଶ ନନ୍ଦିନୀ' ଓ 'କପାଳ କୁଣ୍ଡଳା'ର ବଙ୍କିମଚନ୍ଦ୍ର ବଦଳି ଗଲେ 'ବିଷବୃକ୍ଷ'ରେ । ବଙ୍ଗ ଦର୍ଶନ ପତ୍ରିକା (ବଙ୍କିମଚନ୍ଦ୍ର ସଂପାଦିତ—୧୮୭୨)ରେ ସେ ଭାଷାକୁ ନୂଆ ଗଢ଼ରେ ପ୍ରକାଶ କଲେ । ପ୍ୟାରୀଚାନ୍ଦ ଓ ବିଦ୍ୟାସାଗରଙ୍କର ଅଦ୍ଭୁତ ସମନ୍ୱୟ ଘଟିଲା ତାଙ୍କ ହାତରେ । ପରବର୍ତ୍ତୀ କାଳରେ ରବିଠାକୁରଙ୍କ ଅଭ୍ୟାସ । ବଙ୍ଗଳା ଗଦ୍ୟ ଶୈଳୀରେ ଅନେକ ଧାରାର କାରଣ ହେଲା । ପାଖରେ ଏଇ ପରବର୍ତ୍ତୀମାନଙ୍କ ନାଁ ଶୁଣିଥିଲେ ଓଡ଼ିଆ ସାହିତ୍ୟିକ ଋଷି ଏବଂ ପାଠକମାନେ ବହୁଧିତା ଆଡ଼କୁ ଆଖି ନ ଦେଇ ଇଂରାଜୀ ସମୁଦ୍ରରେ ବହାଣ ଖେଳାଇ ସ୍ୱପ୍ନ ଦେଖୁଥିଲେ । ସରଳ ଓ ସାବଲୀଳତା ତଥାପି ସେମାନଙ୍କ ସୀମା ଲଙ୍ଘନକୁ କେତିକି ଅପେକ୍ଷାରେ ରହିଥିଲା ।

ଇଂରାଜୀ ଗଦ୍ୟ ଶୈଳୀ ବଙ୍ଗଳା ମାଧ୍ୟମ ଦେଇ ଓଡ଼ିଆ ସାହିତ୍ୟ ଉପରେ ପ୍ରାୟ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଧରି ପ୍ରଭାବ ପକାଇଲା । ମାତ୍ର ଓଡ଼ିଆ ଗଦ୍ୟ ପାଦୁକୀ ପଥରୁ ମଳୟ ମୁକ୍ତ ହେବାକୁ ଆରମ୍ଭ କଲାବେଳେ, ତାହା ବହୁରଥାସ୍ୱ ପୂର୍ବ ଅବେ ତାକୁ ନୂଆ ବେଶ ପୋଷାକର ମୋହ ଦେଖାଇଲା । ପ୍ରବୋଧ ଚନ୍ଦ୍ରିକା (୧୮୫୬) ମାଧ୍ୟମରେ ଗାନ୍ଧୀ ଲେଖି ଓଡ଼ିଆ ଗଦ୍ୟକୁ ଅସଲ ରୂପ ଦେବା ଲାଗି ପ୍ରଚେଷ୍ଟା କଲେ ମାତ୍ର ଓଡ଼ିଆ-ମାନେ ତାଙ୍କୁ ଦେଖି ପାରିଲେନି । ଖ୍ରୀଷ୍ଟାନମାନଙ୍କ ଅପଣାର ଗୁପ୍ତ ରୂପରେ ଶବେଦନା କରୁଥିବା ଓଡ଼ିଆମାନେ ବିଦ୍ୟାସାଗର ଏବଂ ତାଙ୍କ ସମଧର୍ମୀମାନଙ୍କର ଗଦ୍ୟ ଲିଖ ଗ୍ରନ୍ଥକୁ ଓଡ଼ିଆରେ ଅନୁବାଦ କଲେ ଏବଂ ସେଗୁଡ଼ିକ ସ୍କୁଲର ପାଠ୍ୟ ବହି ହେଲା । ରାଧାନାଥ ସ୍ୱୟଂ 'ବିବେକୀ' ବୋଲି ଛଦ୍ମନାମରେ ଲେଖିଲେ ୧୮୭୩ ବେଳକୁ ଉତ୍କଳ ଦର୍ପଣରେ । ସେହି ପତ୍ରିକାରେ ଇଚ୍ଛାମୟୀ ଛୁଟି (୧୮୭୩) ନାଁରେ ଗପ ବି ଲେଖିଥିଲେ । ମଧୁସୂଦନ ମଧ୍ୟ ଉତ୍କଳ ଦର୍ପଣରେ ୧୮୭୫/୭୬ ମସିହାରେ ବୁଦ୍ଧଦେବ, ଇନ୍ଦ୍ରଜାଲିନୀ, ଶାସନ ପ୍ରଣାଳୀ, ପିତୃଭକ୍ତି, ଏବଂ ଚନ୍ଦ୍ର ଓ ତାଙ୍କ ଓ ପ୍ରଦେଶର ଅଦ୍ଭୁତ ଘଟଣାମାନ ଆଦି ପ୍ରବନ୍ଧ ଓ କଥା ପ୍ରକାଶ କଲେ (୪) । ଭକ୍ତକବିଙ୍କ ପ୍ରବନ୍ଧାବଳୀ ପ୍ରଥମେ

ପ୍ରକାଶ ପାଇଲା ୧୮୮° ମସିହାରେ । ଏହା ପାଠ୍ୟ ପୁସ୍ତକ ଭାବରେ ମଧ୍ୟ ପ୍ରଚଳିତ ହୋଇଲା । ପରେ ପରେ ଉମେଶଚନ୍ଦ୍ର ସରକାରଙ୍କ ପଦ୍ମମାଳୀ (୧୮୮୮), ରାମଶଙ୍କରଙ୍କ 'ସୌଦାମିନୀ' (୧୮୭୮—୮°), କାଦମ୍ବିନୀ (୧୮୯୧), ଉନ୍ମାଦିନୀ (୧୮୯୩) ଆଦି ଉପନ୍ୟାସ ଏବଂ ଭାଗ୍ୟଭାବେଷ୍ଟା (୧୮୮°) ବନମାଳା (୧୮୮୭) ସ୍ୱପ୍ନ କନକାଙ୍ଗ (୧୮୯୧) ଆଦି ନାଟକ, ଜଗମୋହନ ଲାଲଙ୍କ ବାବାଜୀ (୧୮୭୭) ପରି କେତେ ପୁସ୍ତକ ପ୍ରକାଶ ପାଇଲା । ଏଗୁଡ଼ିକ ଓଡ଼ିଆ ଲିପି ଏବଂ ଶବ୍ଦରେ ଲେଖା ଯାଇଥିଲା । ଓଡ଼ିଆ ପତ୍ର ପତ୍ରିକାରେ ପ୍ରକାଶ ପାଇଥିଲା । ଅନେକ ବଙ୍ଗ ସ୍କୁଲରେ ଛୋଟ ଛୋଟ ଅବୋଧ ପିଲାମାନଙ୍କୁ ମଧ୍ୟ ପଢ଼ାଯାଉଥିଲା । ଭଲ ବଙ୍ଗ ଭାବରେ ପ୍ରବନ୍ଧମାଳା ମଧ୍ୟ ପ୍ରକାଶିତ ହୋଇଥିଲା । ମାତ୍ର ସେ ଗୁଡ଼ିକୁ ଓଡ଼ିଆ ଭାଷାରେ ଲେଖାଯାଇଥିଲେ ହେଁ ସୀକାର କରିବାକୁ ଅସମର୍ଥ ମନେକରୁଏ । ସେଗୁଡ଼ିକର ପରିକଳ୍ପନାରେ ଅନୁକରଣ ବୃତ୍ତି ଏବଂ ପରିଭାଷାରେ ଚାଙ୍ଗଣ ଭାଷାର ଉଚ୍ଚାରିତ ଦୋଷ ମଧ୍ୟ ପରିଲକ୍ଷିତ ହୋଇଥିଲା । ସାହିତ୍ୟ ଜୀବନ କାବ୍ୟର ଆଦର୍ଶ ଉପନ୍ୟାସ ଏବଂ ନାଟକର ରୂପକୁ ଗଢ଼ି ଦେଇଥିଲା । * କାବ୍ୟ ଆଦର୍ଶ, କଥୋପକଥନର ସମ୍ବୋଧନର ଗ୍ରନ୍ଥରେ ଓଡ଼ିଆ ଉପନ୍ୟାସମାନେ

---

* ରାଧାନାଥଙ୍କ ଚନ୍ଦ୍ରଭାଗା ନାଟକରେ ନାୟିକା ରୂପ ବର୍ଣ୍ଣନା :- ଯେଉଁ ଗୃହରେ ସେ ବସିଥିଲା, ସେହି ଗୃହ ଭିତ୍ତି ପଦ୍ମରାଗ ମଣି ରକ୍ତ ବର୍ଣ୍ଣରେ ମଣ୍ଡିତ ହୋଇଥିବାରୁ କାନ୍ଥରେ ଚନ୍ଦ୍ରର ପଡ଼ି ସେଥିରେ ଚନ୍ଦ୍ରମା ତୃପ୍ତି ପାଉଥିଲା । ସେହି ଲାବଣ୍ୟବତୀର ଅପୂର୍ବ ସୌନ୍ଦର୍ଯ୍ୟ ବର୍ଣ୍ଣ । ରୂପର କଥା ଆଉ କ'ଣ କହିବୁ ? ଦେଖିଲାକ୍ଷଣି ବୋଧ ହେଲା ଯେ, ସୌନ୍ଦର୍ଯ୍ୟ ନମ୍ରତା ଲଜ୍ଜା ଏବଂ ଯୌବନ ରୂପରେ ଏକତ୍ରିତ ଅବସ୍ଥାନ ହୋଇ ଅଛନ୍ତି × × ସେହି ସ୍ୱର୍ଗୀୟ ଲାବଣ୍ୟ ଦେଖି ଆମ୍ଭ ମନ ଏପରି ଅନ୍ତର୍ହିତ ହେଲା ଯେ, ଆମ୍ଭେ ଶରୀରରେ ଧଇର୍ଯ୍ୟ ନାହିଁ (ରାଧାନାଥ ଗ୍ରନ୍ଥାବଳୀ : ଦ୍ୱିତୀୟ ସଂସ୍କରଣ, ୧୯୧୮, ପୃ-୪୧୩)।

* ମଧୁସୂଦନଙ୍କ ପ୍ରସିଦ୍ଧ ଅଦ୍ଭୁତ ପରିଣାମ ନାଟକର ରୂପ ସଂସ୍କୃତରେ :—'ସତ୍ୟ କନ୍ୟାର ଯୌବନାରମ୍ଭ ହେଲା । ତାଙ୍କୁ କେଉଁ ସଙ୍ଗେ ଉପଯୋଗୀ କରିବାକୁ ଦେଲେ ନାହିଁ । ମାତ୍ର ସିଂହାସନର ସେଥି ମାର୍ଗରେ ବରଣ କରିବାକୁ ସ୍ୱାମୀ ଥିଲେ ନାହିଁ, ପ୍ରଶ୍ନ ସେପରି ମାର୍ଗରେ ପୂଜା କର୍ମ ହୋଇ ଭ୍ରମଣ କରେ' (ମଧୁସୂଦନ ଗ୍ରନ୍ଥାବଳୀ, ଗ୍ରନ୍ଥ ମନ୍ଦିର କଟକ, ୧୯୬୪, ପୃ ୪୫୮) ।

* ରାମଶଙ୍କର ରାୟଙ୍କ କାଦମ୍ବିନୀରେ ବେଶଭୂଷା ବର୍ଣ୍ଣନା— 'ଦେହ ଚଞ୍ଚଳ ଅଳଙ୍କାରମାନ ଅପୂର୍ବ ସୁନ୍ଦର ଦେଖୁଥିଲେ । ଏହି ଚନ୍ଦ୍ର କୌମୁଦୀ ଅଧରେ ରହିଲା ନାହିଁ । ସେହି ଶୀତ କାଳୀନ ଶୁଭ୍ର କାନ୍ତିରେ ମଳିନ ହୋଇଥିଲା । ବେଶଭୂଷା ବସ୍ତ୍ର ଦେହ ଏକାବେଳକେ ତାହାକୁ ପରିତ୍ୟକ୍ତ କଲା । ବେଶଭୂଷାର ଅଳଙ୍କାର ଦେଖି ଏମନ୍ତ ମନରେ ଅନୁମାନ ହେଉଅଛି, ସତେକି କୌମୁଦୀକୁ ଉପରେ ଦେବା କାରଣ ପଣ କରିଅଛି । ଶତ ରଶ୍ମିରୁ ଦୋଷ ପଡ଼ିଲା ପ୍ରାୟ ଦମ୍ପ କାନ୍ତିର ତୃଷ୍ଣାର ଧୂଳି କୌମୁଦୀମୟ କୌମୁଦୀ ପ୍ରକାଶ ହେବ ବୋଲି ନ ଚନ୍ଦ୍ରାଳେକକୁ ମୁକ୍ତାଶିଅଛି ।" (ରାମଶଙ୍କର ଗ୍ରନ୍ଥାବଳୀ), ଶ୍ରୀରାମଶଙ୍କର ରାୟ କର୍ତ୍ତୃକ ପ୍ରଣୀତ ଓ ପ୍ରକାଶିତ, ୧୯୩°, ପୃ – ୩୩୯ ।)

କରାଯାଉଥିଲେ । ସେ ସବୁଙ୍କୁ ଟୀକାଣ ଭୁକ୍ତ ଶକ୍ତିର ଅଲଙ୍କାର ଅନୁବାଦ ବୋଲି କୁହାଯାଇ ପାରେ । ସେ ପୁସ୍ତକ ଭିତରେ ଓଡ଼ିଆର ଆତ୍ମା ନଥିଲା । ନବ ସାମନ୍ତମାନେ ସାଲଙ୍କାର ଭାଷାକୁ ସାହିତ୍ୟରେ ପ୍ରୟୋଗ କରି ଥିବାଠାରୁ ଅଧିକ: ସରସ୍ୱତୀଙ୍କୁ କୃତ୍ରିମ କରିବାକୁ ବୋଧହୁଏ ସୁଖ ପାଉ ନଥିଲେ । ସେମାନେ ଜନକୁ, ଜନର ଜନଜୀବନ ପ୍ରତିବେଶୀ ଏବଂ ସୁନ୍ଦର ଦୃଶ୍ୟଶୀ ତାହାକୁ ଠିକ ଭାବରେ ଅନୁଭବ କରିପାରୁ ନଥିଲେ । ସେମାନଙ୍କର ସାହିତ୍ୟରେ ସତ୍ୟ ରହିବାର ଯେ ଏକ ସମ୍ଭାବ ସମର୍ଥନ ଥିଲା, ଏହାକୁ ସେମାନେ ଆକଳନ କରି ପାରୁ ନଥିଲେ । ସତ୍ୟ କହିଲେ ସେମାନେ କ'ଣ ନାହିଁ ଭଲ ବୁଝୁଥିଲେ ।

ତେଣୁ ଅତିରଞ୍ଜିତ ଅଧ୍ୟାୟକୁ ଦୂର କରିବାକୁ ହେଲେ, ମିଶନାରୀଙ୍କ ପରି ବ୍ରାହ୍ମଧର୍ମୀ ଭାବରେ ଓଡ଼ିଆ ଭାଷାର ଅତ୍ୟନ୍ତ ଅପେକ୍ଷିତ ଥିଲା । ଏହିପରି ଏ କାମରେ ଗୌରୀଶଙ୍କର ଅପଣା ପାଖରେ ବୋଧହୁଏ ପ୍ରେରଣା କରୁଥିଲେ ପ୍ରକାଶ ଭଙ୍ଗୀରେ ନୂଆ ସୃଷ୍ଟି-ମାନଙ୍କୁ ପ୍ରକାଶ କରିବା ପାଇଁ । ସେ ଓଡ଼ିଶାର ଧର୍ମ, ଭାଷା, ସାହିତ୍ୟ ଏବଂ ସଂସ୍କୃତିର ଓଡ଼ିଆ ଜାତିକୁ ଭଲଭାବରେ ଭଲ ପାଉଥିଲେ । ପ୍ରଚଣ୍ଡ ପ୍ରଗତିଶୀଳତା ତାଙ୍କ ଜୀବନ ଓ ଭାଷାଗତ ଆବେଗ କରିଥିଲା । ତାଙ୍କ ଜୀବନରେ ଜୀବନର ଆଚରଣ ପ୍ରକାଶିତ ହେଉଥିଲା । ତାଙ୍କ ବ୍ୟକ୍ତିତ୍ୱ ନୂତନ ବହୁଗୁଣର ଅଭିଳାଷମାନେ । ସେ ସାହିତ୍ୟ ଲେଖି ନଥିଲେ । ମାତ୍ର ତାଙ୍କର ପ୍ରଗତିଶୀଳ ସାହିତ୍ୟିକ ଉଦ୍ଦେଶ୍ୟ ଥିଲା । ସେହି ଉଦ୍ଦେଶ୍ୟକୁ ଜନ୍ମ ଦେଇଥିଲେ, ପ୍ୟାରୀମୋହନ, ଫକୀରମୋହନ, ପଣ୍ଡିତ ମୃତ୍ୟୁଞ୍ଜୟ, ବିଶ୍ୱନାଥ, ଗୋପାଳ ଚନ୍ଦ୍ର ପ୍ରହରାଜ, ମଧୁସୂଦନ ଏବଂ ଗୋପବନ୍ଧୁଙ୍କ ପରି ବ୍ୟକ୍ତିମାନେ । ଉତ୍କଳଦୀପିକାର ଦୃଷ୍ଟିପଥରେ ଆତ୍ମପ୍ରତିଷ୍ଠା ଅଧିକତାର ଧରି, ଉପେକ୍ଷିତ ଓଡ଼ିଆ ଅସ୍ମିତାର ସ୍ୱର ଏବଂ ଭାଷା ସାହିତ୍ୟ ଚେତନାର ମାଧ୍ୟମରେ ଏକ ନୂତନ ଯୁଗରେ ଅଗ୍ନି ପ୍ରକାଶ କଲା । ତେଣୁ ଉନବିଂଶ ଶତାବ୍ଦୀର ଓଡ଼ିଆ ସବୁଙ୍କୁ ଗୌରୀଶଙ୍କରଙ୍କର ଆତ୍ମିକ ପ୍ରେରଣାରେ ସମ୍ପୃକ୍ତ ଭାବରେ ପରିଚୟ କରିବା ଅନୁଚିତ ହେବ ନାହିଁ ।

## ॥ ତିନି ॥

ପଚିଶ ବର୍ଷ ଯାଏଁ ଲୁହେଁ ଏବଂ ଲେଖେ, ତା' ଭିତରେ ସେ ବହୁ ଥିବା ସମସ୍ତ ଏବଂ ତା ଜୀବନର ଅନୁଭୂତ ଜିଜ୍ଞାସାକୁ ଭାବରେ ପ୍ରକାଶିତ ନ ହେଲେ, ଅନ୍ୟମାନେ ତାଙ୍କୁ ଜୁଦେଶୁର ଶକ୍ତ ଗ୍ରହଣ କରିପାରନ୍ତୁ ନାହିଁ । ଗୌରୀଶଙ୍କର ଅଧେ। ଲେଖା ଭିତରେ କେତେ ପରିପୂର୍ଣ୍ଣ ଭାବରେ ପ୍ରକାଶିତ ହୋଇଥିଲେ । ସେ ମୁଖ୍ୟତଃ ଥିଲେ ଜଣେ ସାମ୍ବାଦିକ । ସାମ୍ବାଦିକ ସତ୍ୟାନ୍ୱେଷୀ ଏବଂ ନିର୍ଭୀକ । ତାଙ୍କର ଉଦ୍ୟମରେ ପ୍ରତିଷ୍ଠିତ ଏବଂ ତତ୍ତ୍ୱାବଧାନରେ ପରିଚାଳିତ ପ୍ରଥମ ପ୍ରେସ 'କଟକ ପ୍ରିଣ୍ଟିଂ କମ୍ପାନୀ'ରୁ 'ଉତ୍କଳ ଦୀପିକା' ସମ୍ବାଦପତ୍ର ପ୍ରଥମେ ପ୍ରକାଶ ପାଇଲା ୧୮୬୬ ମସିହା

ଅବଶ୍ୟ ମାଷ୍ଟ୍ର ସ୍କୁଲ ଭାବରେ, ଏକ ସାମ୍ପ୍ରାଦିକ ସମ୍ପାଦକ ଥିଲେ । ପତ୍ରିକା ସମ୍ପାଦନା ଏବଂ ପ୍ରକାଶନ ବ୍ୟତୀତ ସେ ସ୍କୁଲର ପିଲମାନଙ୍କ ପାଇଁ ପାଠ୍ୟପୁସ୍ତକ ଲେଖିଥିଲେ । ଭୁଗୋଳ ତତ୍ତ୍ୱ ବା ପ୍ରାକୃତ ଭୁଗୋଳର ପ୍ରଥମ ଓ ଦ୍ୱିତୀୟ ଭାଗ ଯଥାକ୍ରମେ ପ୍ରକାଶ ପାଇଥିଲା ୧୮୭୦ ଏବଂ ୧୮୭୨ ମସିହାରେ । ବଙ୍ଗଳାରେ ଲିଖିତ-ଉପନ୍ୟାସର ମଧ୍ୟ ସେ ଓଡ଼ିଆ ଅନୁବାଦ କରିଥିଲେ । ଅନେକ କାବ୍ୟ କବିତା ଲେଖିଥିଲେ ଏବଂ ସେଗୁଡ଼ିକ ବିଭିନ୍ନ ସମୟରେ ପ୍ରକାଶ ପାଇଥିଲା ଉତ୍କଳ ଦୀପିକାର ପୃଷ୍ଠାରେ । ବନମାଳୀ ସିଂହଙ୍କ ସହଯୋଗରେ ହେମସୁଧାନିଧି (୧୮୭୭) ରସପଞ୍ଚକ (୧୮୭୭) ଏବଂ କବିଙ୍କ ହାରାବଳୀ ଆଦି ସ୍ୱରଚିତ କାବ୍ୟଗ୍ରନ୍ଥ ସମ୍ପାଦନା କରିଥିଲେ । ଉପେନ୍ଦ୍ରଙ୍କ ଲାବଣ୍ୟବତୀ (୧୮୭୦), ରସିକ ହେରିଞ୍ଜିଙ୍କ କଳାଓ, ଚକ୍ରପଥ ଭତ୍ତୁ (୧୮୭୭) ଏବଂ ଅନେକ ସ୍ୱତନ୍ତ୍ରଶୀଳ୍ପ କାବ୍ୟ କବିତାର ମୁଦ୍ରଣ ଓ ପ୍ରକାଶନର ଗୁରୁଦାୟିତ୍ୱ ସେ ତୁଲାଇଥିଲେ । ଏପରିକି ସେ ଏକ ସଂସ୍କୃତ ବା ନାଟକ ଗୀତ (୧୮୯୧) ବହି ମଧ୍ୟ ସମ୍ପାଦନା କରିଥିଲେ । ତାଙ୍କର ପ୍ରେରଣାରେ କଟକ ପ୍ରିଣ୍ଟିଂ କମ୍ପାନୀରୁ ଅନ୍ୟ ପ୍ରକାଶ କରିଥିଲା ଭଗବତୀଚରଣ ଦାସଙ୍କ ସମ୍ପାଦନାରେ ସାପ୍ତାହିକ, ଉତ୍କଳ ଶୁଭଙ୍କରୀ (୧୮୬୯) ଏବଂ ଏକ ଇଂରାଜୀ ପତ୍ରିକା 'କଟକ ଷ୍ଟାର' (ସେପ୍ଟେମ୍ବର ୧୮୬୯) । ମାତ୍ର କେବଳ ଭାଷ୍ୟିକ ସେ ଗବେଷଣାରୁ ଅଧିକ ପାଠ୍ୟବସ୍ତୁ ଲେଖି ନଥିଲେ । ଉଲ୍ଟା କେତେଗୋଟି ବ୍ୟକ୍ତି ଅଧ୍ୟବସାୟ କାବ୍ୟ ସମ୍ପାଦନା କରିନଥିଲେ । ୧୮୭୦ ମସିହାରେ ଅଧିକ ପତ୍ରିକା ସମ୍ପାଦନ ଓ ପ୍ରକାଶ ପାଇଁ ଉତ୍ସାହ କରି ନଥିଲେ । ଆପଣାର ସବୁ ସମୟ ଉତ୍କଳ ଦୀପିକା ସମ୍ପାଦନା ଓ ପ୍ରକାଶନରେ ବ୍ୟୟ କରୁଥିଲେ । ଭଲପତ୍ର ବନ୍ଧ ରଚନା, ଭଲ ସାମ୍ବାଦିକ ଟିପ୍ପଣୀ ଏବଂ ଭଲ ପତ୍ରିକା ପ୍ରକାଶନ ପାଇଁ ସ୍କିମ ପ୍ରସ୍ତୁତ କରୁଥିଲେ । ଭଲ ପୁସ୍ତକ ଆକାର ଦେବାପାଇଁ ସାଧନ କରୁଥିଲେ ।

ନିଜେ କିଛି ହେବା ଅପେକ୍ଷା, ଅନ୍ୟମାନଙ୍କ ପାଇଁ ହେବାର ବାଟଦେବା ଓ ସୁଯୋଗ ସୃଷ୍ଟି କରିବା ହେଉଛି ବଡ଼କଥା । ତାହା ଏକ ଗହନ କଥା । ଏହା ସମସ୍ତଙ୍କ ଦ୍ୱାରା ହୋଇପାରେନା । ଏହା ସମ୍ଭବ ହୁଏ ଚରିତ୍ରନିଷ୍ଠ ମାନଙ୍କଦ୍ୱାରା । ଗୌରୀଶଙ୍କର ସେହିପରି ଭିତରେ ଜୀବନ ବଞ୍ଚିଥିଲେ । କିଛି ବର୍ଷ ପାଇଁ ସରକାରୀ ଚାକିରି କରି ଅବସର (୧୮୫୯-୮୨) ନେଇଥିଲେ । ପ୍ରାଚୀନ ଋଷିରେ ନିଜକୁ ଏବଂ ବନ୍ଧୁମାନଙ୍କ ମାଟି ଉପରେ ଠିଆ ହୋଇ ଅତୀତ ଓ ଭବିଷ୍ୟତର ଅନୁଭବ ଏବଂ ରୂପାୟନ ପାଇଁ ତପସ୍ୟା କରୁଥିଲେ । ତାଙ୍କ କଲମରେ ସମାଜର ଶୋଷଣ ଓ ଦଳିତ ଦୁଃଖ ଅନୁଭବର ଛବି ନେଇ ପ୍ରକାଶିତ ହେଉଥିଲା । ସେ ଗୁଳିରେ ସେ ଯେଉଁ ବାଣୀ ଥାଉଥିଲେ, ତାହା ଭବିଷ୍ୟତର ଉତ୍କଳୀୟ ସମାଜକର ଥିଲା ଆତ୍ମଗୌରବ-ବୋଧ । ତାଙ୍କ ଭିତରେ ଭୁଲୁଥିଲା ଥିଲା । ନିଜକୁ ବଡ଼ କରି ଦେଖେଇହେବାର ନିଶା ହେଉ ନଥିଲା । ଅତଏବ ଅନେକ ଚେଷ୍ଟା ସତ୍ତ୍ୱେ କରିବାର ସୁବିଧା ମିଳି ନଥିଲା । ସମସ୍ତ ଅତୀତଙ୍କ ଓ ସଚେତନ ସାମ୍ବାଦିକତାର ମର୍ଯ୍ୟାଦା ସେ ଥିଲେ ତାଙ୍କ

ଦେଉଥିଲା ଉତ୍କଳ ଦୀପିକା । ସେ ଯାହା କହୁଥିଲେ ଏବଂ ଲେଖୁଥିଲେ ସକଳ ଉତ୍କଳରେ ସେ ବୁଝି ପାରୁଥିଲେ ଏବଂ ତାହା ଥିଲା ସମକାଳୀନ ଓଡ଼ିଶାର ସମଷ୍ଟି-ଚେତନାର ସ୍ୱର ଓ ସ୍ୱାକ୍ଷର । ସ୍ୱର ଓ ଅକ୍ଷର ଭିତରେ ପ୍ରସ୍ତୁତ ସମ୍ପର୍କ, ମନ ଓ ପ୍ରାଣ ପରିପୂର୍ଣ୍ଣ ଭାବରେ ନ ଥିଲେ, ଦୀପାଳିତ ଶବ୍ଦ ପାଠକ ବା ଶ୍ରୋତା ପାଖରେ ପହଞ୍ଚାଏ । ପୁଣି କେତେ ଗାମ୍ଭୀର୍ଯ୍ୟ ଥିଲେ, ପରିକଳ୍ପନା ଅପେକ୍ଷା ସତ୍ୟ ଓ ବାସ୍ତବତାର ସେତେବେଳେ ଅଧିକ ସମ୍ମାନ ଥାଏ । ଫଳସ୍ୱରୂପ ସମସ୍ତ ଏବଂ ବ୍ୟବସ୍ଥାର ପରିବର୍ତ୍ତିତ ସବୁ ସତ୍ୟ ସମ-ଭାବରେ ତାଙ୍କୁ ପାଦେ ପଦେ ଭରିବାକୁ ପଡ଼େ । ଅର୍ଥାତ୍ ୧୮୬୬ ମସିହାରୁ ସେ ଯାହା ଦେଖୁଥିଲେ ଏବଂ ଦେଖା ଚରିତ୍ରକୁ ଯେମିତି ଲେଖୁଥିଲେ ତାହା ସମଗ୍ର ବଦଳି ବଦଳି ଚାଲିଥିଲା ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ । ତେଣୁ ଗୌରୀଶଙ୍କରଙ୍କ ସମ୍ପାଦ ପରିବେଶରେ ସହ ଉଦ୍ଧୃତ ଓଡ଼ିଆ ଗଦ୍ୟର ପରିବର୍ତ୍ତିତ ରୂପର ଦର୍ପଣ ଏହା । ତେଣୁ ତାଙ୍କ ଗଦ୍ୟ ଭିତରେ ତାଙ୍କ ବସ୍ତୁନିଷ୍ଠ ସହିତ ପ୍ରାୟ ୧୯୧୭ ମସିହା ପର୍ଯ୍ୟନ୍ତ ଓଡ଼ିଆ ଗଦ୍ୟର କ୍ରମ ପରିବର୍ତ୍ତିତ ରୂପ ଲକ୍ଷ୍ୟ କରାଯାଏ ।

ପ୍ରଶାସନିକ ବ୍ୟବସ୍ଥା ଉପରେ ନିର୍ଭର କରେ ଜାତିର ଭାଷା, ସାହିତ୍ୟ, ଧର୍ମ, ଶିକ୍ଷା, ସାମାଜିକ ଆର୍ଥନୀତିକ ଅବସ୍ଥା ସବୁ କିଛିର ସମ୍ପର୍କ ରହିଥାଏ । ସନ ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷର ଭୟଙ୍କର ରୂପ, ତାତ୍କାଳିକ ଓଡ଼ିଶାର ପ୍ରାୟ ଏକ ତୃତୀୟାଂଶ ଲୋକଙ୍କୁ ଗର୍ଭସାତ କରିବାର କାରଣ ଥିଲା— ସରକାରଙ୍କ ପ୍ରଶାସନିକ ଅଦୂରଦର୍ଶିତା । ସେ କାଳରେ ଓଡ଼ିଆଙ୍କ ଉପରେ ପଡ଼ିଥିବା କାଳର କୋପଦୃଷ୍ଟି ସବୁ ଦିଗରୁ ବାଟ ଅଟକାଇ ବସିଥିଲା । କିଛି ବିବାଦୀୟ ବଙ୍ଗୀୟ ଓଡ଼ିଆ ଭାଷା, ତା'ର ସାହିତ୍ୟ, ପରମ୍ପରା ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ । ସଶଙ୍କିତ ଦୃଷ୍ଟି ନେଇ ଗୌରୀଶଙ୍କର ଯାହା ଦେଖୁଥିଲେ ଏବଂ ଅନୁଭବ କରୁଥିଲେ, ତାହା ପ୍ରକାଶ କରୁଥିଲେ ଉତ୍କଳ ଦୀପିକା ପତ୍ରିକାରେ, ତେଣୁ ସ୍ୱାଭାବିକ ଭାବରେ । ସମସ୍ତ, ପ୍ରଶାସନ ଏବଂ ପଣ୍ଡିତମାନଙ୍କ କୋଳାହଳ ଭିତରେ ହଜି ଯାଇଥିବା ଏକ ସ୍ୱାଧୀନ ବ୍ୟକ୍ତିତ୍ୱକୁ ନୂଆ ଚେତନାରେ ସଚେତନ କରିବା ପାଇଁ ଯୋଉ ନିଦାରୁଣ ଆବଶ୍ୟକ — ତାହା ଉଦ୍ଧାର କରିବାକୁ ଆଗେଇ ଆସିଥିଲେ ଗୌରୀଶଙ୍କର ଏବଂ ତାଙ୍କ ଗଦ୍ୟରେ ଥିଲା ସଚ୍ଚୋଟତା ଓ ଅହଂକାରବର୍ଜିତ ସମ୍ପ୍ରାସ୍ତ ଦୃଷ୍ଟି ।

ଓଡ଼ିଆମାନେ ଇଂରାଜୀ ଓ ଅନ୍ୟ ଭାରତୀୟମାନଙ୍କ ସହ ପାଦ ମିଳାଇ ଚାଲି ନ ପାରିବାର ଅନେକ କିଛି କାରଣ ଥିଲା । ଓଡ଼ିଶାରେ ଅଧିକ ସ୍କୁଲ ନ ଥିଲା । ଯୋଉ କେତେକ ସ୍କୁଲ ଥିଲା— ସେଥିରେ ବହୁତ କମ୍ ପଢୁଥିଲେ । ସେମାନଙ୍କ ପଢ଼ା ପାଇଁ ଏ ଭାଷାରେ ଉଦ୍ଦେଶ୍ୟ ବହି କୌଣସି ପ୍ରକାର ନ ଥିଲା । ଯେଉଁ ବହିଗୁଡ଼ିକ ଚଳୁଥିଲା ସେ ଗୁଡ଼ିକୁ ଲେଖୁଥିଲେ ଇଂରେଜ ପାଦ୍ରୀ ଓ ବଙ୍ଗାଳୀ । ଯେଉଁ ଅଳ୍ପ କେତେକ ଓଡ଼ିଆ ବହି ଲେଖୁଥିଲେ ସେ ଗୁଡ଼ିକ ଥିଲା ବଙ୍ଗଳା ଓ ଇଂରାଜୀ ଭାଷାରେ ଲିଖିତ ବହିର ଅନୁବାଦ । ସେ ବହି ଗୁଡ଼ିକ ପିଲାମାନଙ୍କ ଅବବୋଧରେ ବାଧା ସୃଷ୍ଟି କରୁଥିଲା । ବଙ୍ଗଳାରେ ୧୮୧୮ ବେଳକୁ ଛାପାଖାନା ପ୍ରତିଷ୍ଠା ହୋଇଥିଲେ, ଓଡ଼ିଶାରେ ତାହା ହେବ

ହୋଇ ନ ଥିବ ୧୮୮୦ ମସିହା ପର୍ଯ୍ୟନ୍ତ । ତେଣୁ ଗୌରୀଶଙ୍କର ଓଡ଼ିଆ ବହି ଲେଖିବା ପାଇଁ ଏବଂ ଓଡ଼ିଶାରେ ସ୍କୁଲବୁକ୍ କମିଟି ଗଢ଼ିବା ପାଇଁ ଓଡ଼ିଆମାନଙ୍କୁ ଏବଂ ସରକାରଙ୍କୁ ଆହ୍ୱାନ ଦେଉଥିଲେ । "ଗବର୍ଣ୍ଣମେଣ୍ଟ ସାହାଯ୍ୟ ଦେଲେ ଯେ ସବୁର ପୁସ୍ତକର ମୁଦ୍ରଣ ହେବ, ଏହା ସମସ୍ତେ ଅନୁଭବ କରି ପାରିବେ × × ଆମ୍ଭମାନଙ୍କର ଦୃଢ଼ବିଶ୍ୱାସ ଏହି ଯେ ଉତ୍କଳ ପୁସ୍ତକର ଦୋଷଗୁଣ ବିଷୟ ବିଦେଶୀ ଲୋକଙ୍କ ଦ୍ୱାରା ଶୋଧିତ ହେବ ନାହିଁ । ଅତଏବ ଏହି ପୁସ୍ତକ ନାନା ନ ରହିଲେ ଭଲ ହୋଇ ପରିବର୍ତ୍ତିତ ହେବ । ଦେଶ ଭାଷାକୁ ସମ୍ମାନ ରୂପେ ଜ୍ଞାନ ଥିବା ବ୍ୟକ୍ତିଙ୍କ ତେଣୁ ହସ୍ତରେ ପ୍ରକାଶିତ କରି ପାରିବେ ନାହିଁ । ସୁତରାଂ ପକ୍ଷପାତିତା ବର୍ଜିତ ହୋଇ ଲକ୍ଷ୍ୟ ନ ରହିବ ।" ବୋଲି ଲେଖିଥିଲେ । (ଉ. ଦୀ. ତା ୪. ୪. ୧୮୭୮) ପାଠ୍ୟ ପୁସ୍ତକ ଲେଖନ, ମୁଦ୍ରଣ, ନିର୍ବାଚନ ଓ ବିତରଣ ସବୁ କାର୍ଯ୍ୟରେ ସେ ସମାଲୋଚନା କରୁଥିଲେ । ମାନ ଉପରେ ଗୁରୁତ୍ୱ ଦେଉଥିଲେ । ନାରୀଶିକ୍ଷାର ପ୍ରସାର ଉପରେ ମଧ୍ୟ ଗୁରୁତ୍ୱ ଦେଉଥିଲେ । "ନରନାରୀ ମିଶି ସଂସାର । ଏଥିପାଇଁ ମନୁଷ୍ୟଙ୍କୁ ପତ୍ନୀ ଓ ଗୃହିଣୀ ନାରୀ ସବୁକୁ ଅରଣ୍ୟ ବୋଲି ଶାସ୍ତ୍ର ଯାହା କହନ୍ତି ତାହା କଦାପି ସତ୍ୟ × × ନାରୀ କେବଳ ସୁଖ ଦୁଃଖ ଭୋଗ କରିବା ନିମନ୍ତେ ସୃଷ୍ଟ ହୋଇ ନାହାନ୍ତି । ମାତ୍ର ସେମାନଙ୍କର ଅବସ୍ଥା, ଶିକ୍ଷା ପାଳନ ଉତ୍ପାଦ ସକଳ ସବୁ ତାଙ୍କ ହାତରେ ରହିଛି । ବୋଲି ଲେଖିଥିଲେ ଏବଂ ଉତ୍କଳର ନାରୀଶିକ୍ଷାର ସମ୍ବନ୍ଧ ପରାମର୍ଶ, ସେମାନଙ୍କ ସାମାଜିକ ମର୍ଯ୍ୟାଦା ବିଷୟରେ ମଧ୍ୟ ଆଲୋକପାତ କରୁଥିଲେ । (ଉ. ଦୀ ତା ୩୦-୯-୧୮୭୧, ତା୨୮-୧୧-୧୮୮୧ ) ଏ ସମୟରେ ଓଡ଼ିଆମାନଙ୍କୁ ଅବୋଧ ସ୍ୱଭାବ ଭୁଲାଇଦେବା ବିଦେଶୀମାନଙ୍କ ସମାଲୋଚନା କରି ଲେଖିଥିଲେ : "ଓଡ଼ିଆ-ମାନେ ସ୍ୱଭାବତଃ ଅବୋଧ", ଏହି ପ୍ରବାଦ ଯଥାର୍ଥ କି, ନା ? ବିଦେଶୀୟ ଲେଖକ କହନ୍ତି—ଓଡ଼ିଆମାନଙ୍କର ଜ୍ଞାନ ଏପରି ସ୍ଥୂଳ ଯେ, ନାନା ପ୍ରକାର ଚେଷ୍ଟା କଲେ ମଧ୍ୟ ସେମାନେ କୌଣସି ପ୍ରକାରରେ, କୌଣସି ବିଷୟରେ, ସୁଶିକ୍ଷିତ ହୋଇ ପାରନ୍ତୁ ନାହିଁ । × × ସକଳ ବିଷୟରେ ଓଡ଼ିଆମାନେ ସ୍ୱଭାବରେ ପାରଦର୍ଶୀ । କେବଳ ଦେହ ଭଙ୍ଗାଇ ଦାତା ନ ଥିବାରୁ ... ... .. ଉତ୍କଳୀୟମାନଙ୍କର ବୁଦ୍ଧି ମନ୍ଦବୁଦ୍ଧି ଧାରଣା ଜନସାଧାରଣ ଲାଭ ପାଇଅଛି । (ଉ. ଦୀ. ୧୮୭୭) ।" ଗୌରୀଶଙ୍କର ସମ୍ପାଦକୀୟରେ କେବଳ ନିଜର ଅଭିମତ ଦେଇ ନାହାନ୍ତି । ପ୍ରକୃତ ଭୂଗୋଳ ବା ଭୂଗୋଳ ତତ୍ତ୍ୱ ତାଙ୍କ ଆଦର୍ଶର ରୂପାୟନ । ସ୍ପିନୋଜା, ହ୍ୟୁମ୍, ମିଲ୍ଟନ ଏବଂ ବେକନ୍ କଲ ମ୍ପଜିକ ଭୂଗୋଳ ବହିର ସାହାଯ୍ୟରେ ସେ ନବ ଉତ୍କଳର ସଙ୍କଳନା କରିଥିଲେ ସୁଦ୍ଧା, ଗଣ ସ୍ୱଦେଶ ଓ ବାକ୍ୟଚେତନ ଖଣ୍ଡରେ ସେ ନୂତନତା ଆଣିବାକୁ ଚେଷ୍ଟା କରିଥିଲେ । * ତାଙ୍କ ଅନୁଦିତ ଜ୍ୟୋତିଷ ପଦ ଏଥିରେ ସମାପ୍ତି

* ସେଣ୍ଟ ଶୀଘ୍ର ପ୍ରସ୍ତୁତ କଲେ ପୃଥିବୀର ସକଳ ଜଳବାୟୁ ଇତ୍ୟାଦି, ତାହାକୁ ଭୂଗୋଳ ଶାସ୍ତ୍ର କହନ୍ତି । କେବଳ ପୃଥିବୀର ଗଠନ ଆକୃତି ଓ ପ୍ରକୃତି ଜାଣିଲେ ସେ ଭୂଗୋଳ ବିଦ୍ୟା ଜଣାଗଲା, ଏମନ୍ତ ବୁଝିବ । ପୃଥିବୀର ଉପର ଓ ଅନ୍ତରରେ

ଶବ୍ଦ, ପର୍ଯ୍ୟାୟ, ଭାବଧର୍ମୀ ବର୍ଣ୍ଣନା ଶୈଳୀ ପ୍ରାଧାନ୍ୟଲାଭ କରିନଥିଲା । ତେବେ ଗ୍ରାମ୍ୟ ଶବ୍ଦକୁ ପ୍ରଥମାବସ୍ଥାରେ ଉପାଖ୍ୟାନସୁଲଭ ଶୈଳୀର ପ୍ରେମରେ ପଡ଼ିଥିଲେ ମଧ୍ୟ, ପରବର୍ତ୍ତୀକାଳରେ ସେଥିରୁ ମୁକ୍ତ ହେବାପାଇଁ ଚେଷ୍ଟା କରିଥିଲେ । ୧୮୭୩ରେ ଉତ୍କଳ ଦର୍ପଣରେ ପ୍ରକାଶିତ ସୁଧାକରଙ୍କ ସ୍ୱଦେଶ, ମଧୁସୂଦନଙ୍କ ବନ୍ଧୁ ଓ ଭାଷା, ସୁଖଦେବ, ପୂର୍ଣ୍ଣ କଳାକାହିଣୀ, ଶୌଚାସି ଓ ରୂପ ଆଦି ପ୍ରବନ୍ଧ ଏବଂ ସ୍ୱଦେଶର ଅବହେଳିତ ପରିଣାମ, ଇଂରାଜୀ ଶିକ୍ଷା (*) ଆଦି ରଚନାର ଗଦ୍ୟକୁ ସେ ପ୍ରଚଳନରେ ଦେଖିପାରୁ ନଥିଲେ । ୧୮୮୦ ମସିହାରେ ମଧୁବାବୁଙ୍କ ଲିଖିତ ପ୍ରବନ୍ଧମାଳା ପାଠ୍ୟ-ପୁସ୍ତକ ରୂପରେ ପ୍ରକାଶିତ ହେବା ଯୋଗୁଁ ସେ ସ୍ୱତନ୍ତ୍ର ପ୍ରକାଶ କରିଥିଲେ । ୧ ପ୍ରକାର ଶିକ୍ଷାନ୍ତର ସମାଲୋଚନା କରିଥିଲେ (ଉ ସା ତା ୮୮, ୨, ୮୦) । ମଧୁବାବୁଙ୍କ ଗଦ୍ୟ ଯେ ବାଲ-ଉପଯୋଗୀ ନୁହେଁ, ଏହା ସେକାଳର ସଚେତନ ଓଡ଼ିଆ-ମାନେ ଅନୁଭବ କରିଥିଲେ । ବାଲେଶ୍ୱର ସମ୍ବାଦବାହିକା, ଶିକ୍ଷାବନ୍ଧୁ, ସମ୍ବଲପୁର ହିତୈଷିଣୀ, ଉତ୍କଳ ମଧୁପର ସମ୍ପାଦକମାନେ ମଧ୍ୟ ମଧୁବାବୁଙ୍କ ଗଦ୍ୟଶୈଳୀକୁ ସମାଲୋଚନା କରିଥିଲେ ଏବଂ ଗୌରୀଶଙ୍କର ପ୍ରଶ୍ନମାନଙ୍କ ଉତ୍ତରରେ ଓଡ଼ିଆଭାଷାର ସଂସ୍କାର ପାଇଁ ଯେଉଁମାନେ ସ୍ୱତନ୍ତ୍ରତାର ଥିଲେ । (୬)

ସାହିତ୍ୟାନୁରାଗୀ ଓ ଜାତି ମର୍ଯ୍ୟାଦା ଓ ଜାତୀୟତାର ସୁରକ୍ଷା ପାଇଁ ଆପଣା ସାଙ୍ଗରେ ସ୍ୱତନ୍ତ୍ରତାର ଦୃଢ଼ତା ଏବଂ ଏହା ପ୍ରକାଶ ପାଏ ସେମାନଙ୍କ ଭାଷା ଓ ଶୈଳୀ ମାଧ୍ୟମରେ । ଅନ୍ୟର ଅନୁକରଣକୁ ପସନ୍ଦ କରିବା ପାଇଁ ସେମାନେ ଉତ୍ସାହ ଅନୁଭବ ନ କରନ୍ତି । ସାହିତ୍ୟ ପରିସରରେ ଏ ଅଭୂତ ଉଦ୍ୟମ କାହିଁ । ଆପଣାର ସାହିତ୍ୟମାନଙ୍କର ରୂପରେ ଏକାପ କରୁଥିବା ରାସ୍ତା ତର୍ଜମା ପ୍ରସଙ୍ଗରେ ହୁଏ । ସେ ଲେଖ ଗଦ୍ୟକୁ ଅପେକ୍ଷା-- ଭାଷାରେ ଲୋକରେ କୋହଳି ସୃଷ୍ଟି ହୁଏ । ଗୌରୀଶଙ୍କର ଗଦ୍ୟଶୈଳୀରେ ବ୍ୟଙ୍ଗାତ୍ମକତା କାହିଁ ଦେଖାଯାଏ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନକୁ ନେଇ । ୧୮୬୬ ମସିହା ବେଳକୁ ବୃଦ୍ଧିକରିବାକୁ ଆରମ୍ଭ କରିଥିବା ଏ ଆନ୍ଦୋଳନ ନ ଥିବାର ରୂପ ନିଏ ୧୮୬୮/୬୯ ବେଳକୁ ଏବଂ ତାର ଚରମ ଅବସ୍ଥା ଘଟେ ୧୮୭୩ ମସିହାରେ । ରାଜେନ୍ଦ୍ରଲାଲ ମିତ୍ର, ରମାନାଥ ସାର୍ବଭୌମ, କାଳୀପଦ ବନ୍ଦ୍ୟୋପାଧ୍ୟାୟ, ରାଜକୃଷ୍ଣ ମୁଖୋପାଧ୍ୟାୟ, କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଆଦି ଓଡ଼ିଆର ଅସ୍ତିତ୍ୱରେ ସନ୍ଦେହପ୍ରକାଶ କରି ଜନମତ ବର୍ଣ୍ଣିଥିଲେ. ଓଡ଼ିଆ ଭାଷା ରୂପରେ ଅବାସ୍ତବ ଆରମ୍ଭ କରିଦେଇଥିଲେ । ଖ୍ରୀ: ୧୮୭୮ ଜାନୁଆରି ମାସରେ କଟକ ଡିବେଟିଂ କ୍ଲବରେ 'ଶାନ୍ତି ଓ ବିନିମୟ' ବିଷୟରେ ପ୍ରବନ୍ଧ ପଢ଼ି ରାଜେନ୍ଦ୍ରଲାଲ ମିତ୍ର ଓଡ଼ିଆରେ ଚାଲେ ।

---

ଚେତନା ବୋଲିବ ଯେତେ ପଦାର୍ଥ ଦୃଶ୍ୟ, ଦୁର୍ଦ୍ଦଶା ଏବଂ ଜଳ, ସ୍ଥଳ, ଓ ବାୟୁରେ ଜନ୍ତୁ ଏକ ଯେ ବମଣ୍ଡଳର ଘଟଣା ହୁଅଇ, ଏ ସମସ୍ତର ଉତ୍ପତ୍ତି, ସ୍ଥିତି ଓ ପ୍ରୟୋଜନ ଜାଣିବା ଭୂଗୋଳ ଜ୍ୟୋତିଷ ଉଦ୍ଦେଶ୍ୟ ଅଟଇ ।

(ଶ୍ରୀ ନଟବର ମିଶ୍ରଙ୍କ ଅଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ ପୁସ୍ତକରୁ ଉଦ୍ଧୃତ ପୃ ୮୪)

ଭାଷାର ପ୍ରଚଳନ କରି ଆପଣାର ଉପକାର କରିବା ଉଚିତ ବୋଲି ମତ ଦେଇଥିଲେ । ଉମାଚରଣ ହାଲଦାର ଓଡ଼ିଆ ଭାଷାକୁ ବଙ୍ଗଳା ଲିପିରେ ଲେଖିବା ପାଇଁ ପରାମର୍ଶ ଦେଇଥିଲେ । ବହୁ ଅଳ୍ପକାଳ ଭିତରେ ଓଡ଼ିଆ ଭାଷାକୁ ବଙ୍ଗଳା ଭାଷାର ବିକୃତ ରୂପ ଏବଂ ଏହା ଏକ ସ୍ୱତନ୍ତ୍ର ଭାଷା ବୋଲି କହିବାକୁ ପଛେଇ ନ ଥିଲେ । ସେମାନେ ଓଡ଼ିଆମାନଙ୍କର ସ୍ୱାର୍ଥ ସାଧନ ପାଇଁ 'ଉତ୍କଳହିତୈଷିଣୀ' ଏବଂ 'କଟକ ଷ୍ଟାର' ପତ୍ରିକା ପ୍ରକାଶ କରୁଥିଲେ । ସ୍ୱତନ୍ତ୍ର ସେହିଭଳି ଓଡ଼ିଆମାନଙ୍କର ଜନ୍ମଗତ ଶକ୍ତିମାନଙ୍କୁ ଉପଲବ୍ଧ କରି ସେମାନଙ୍କ ହୃଦୟ କୋଣ ହୋଇଯାଇଥିଲା । ସେଥିପାଇଁ ରାଜେନ୍ଦ୍ରଲାଲ ମିତ୍ରଙ୍କ ପ୍ରରୋଚନାରେ କାଲେଜର ଗଭର୍ଣ୍ଣମେଣ୍ଟ ସ୍କୁଲ ପଣ୍ଡିତ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନହେ' ଶୀର୍ଷକ ବହିଟି ଲେଖିଲେ ୧୮୭୦ ମସିହାରେ । ଗୌରୀଶଙ୍କର ବଙ୍ଗାଳୀମାନଙ୍କର ଏ ଉକ୍ତିକୁ ତୀବ୍ର ଭାବରେ ଆକ୍ରମଣାତ୍ମକ ସମାଲୋଚନା କରିଆସୁଥିଲେ । ରାଜେନ୍ଦ୍ରଲାଲ ମିତ୍ରଙ୍କ ମତ ସମାଲୋଚନା କରି ସେ ଲେଖିଥିଲେ "ରାଜେନ୍ଦ୍ର ବାବୁଙ୍କର ଏ ମତ ଅତ୍ୟନ୍ତ ଭ୍ରମ ମୂଳକ ଓ ସେଥିପାଇଁ ସେଥିରେ ଅନୁଗାମୀ ହୋଇଛନ୍ତି ସେମାନେ ଅକାରଣ ବ୍ୟସ୍ତ ହୋଇ କେବଳ ଆପଣା ବୁଦ୍ଧି ପଦକୁ କ୍ଳେଶ ଦେଉଅଛନ୍ତି । (ଉ. ଦୀ.—୧୩. ୬. ୬୮) । ମାଣିକ୍ୟକୁ ଅଙ୍ଗାର ପରି ଭାବିବାର ଚେଷ୍ଟା କଲେ ତାହାର ଲୁଚି ରହିବାର ପଦାର୍ଥ (ଉ. ଦୀ. ୧. ୬. ୬୮) ଯାହାସବୁ ତାହାକୁ ସୂଚାଏ । ଓଡ଼ିଆ ଅକ୍ଷର ଗୋଲାକାର, ବଙ୍ଗଳା ତ୍ରିକୋଣ ବା ଅର୍ଦ୍ଧଗୋଲ, ଏହା ତାହାକୁ ନିର୍ମୁକ୍ତ ଭାବରେ ସୂଚକ ଚରିତ୍ର ପଦକ ପ୍ରାପ୍ତ କାନ୍ତିବାବୁ ଲାମାକ ଦଶିଲ, ଅଥବା ବାବୁଙ୍କର ବୈଷ୍ଣବଧର୍ମ ଭଳି ଲୁପ୍ତ ହୋଇଥିବ" (ଉ. ଦୀ. ୧୫. ୬. ୬୯) ବୋଲି ପରିହାସ କରିଥିଲେ ଉମାଚରଣ ହାଲଦାରଙ୍କୁ । ଏତଦ୍ଭିନ୍ନ ରାଜକୃଷ୍ଣ ମୁଖୋପାଧ୍ୟାୟଙ୍କ ପ୍ରଥମ ଭାଗର ଅନେକ ଦୋଷ ବାଛିଥିଲେ ଏବଂ ଅସାରତାର ସମ୍ପର୍କିତ ସୃଷ୍ଟି କରିଥିଲା । ଶ୍ରୀଯୁକ୍ତ ପଞ୍ଚାନନ ଛନ୍ଦୋବଦ୍ଧରେ ସେ "ବାବୁ ମନ୍ତ୍ର ଶବ୍ଦ ଅନେକ ସ୍ଥାନରେ ପରିପୂର୍ଣ୍ଣ ହୋଇ ଦୃଶ୍ୟ ପଣ୍ଡିତ ଲାଭ କରି ଏବଂ ଉପାଧି ପ୍ରାପ୍ତ ହୋଇ ଅଛନ୍ତି । × × × ବାବୁ ଏ ପ୍ରକାର ଚତୁରତାର ବର୍ଣ୍ଣନା ଉପାଧିକୁ 'ଝ' ଲୋପ କରି ଅଛନ୍ତି' (ଉ. ଦୀ.) ଏହି ଉପାଧିରେ 'ଝ' ଯୋଗକଲେ ହେଉଥାନ୍ତା ଏବେବି । ରାଜକୃଷ୍ଣ ମୁଖୋପାଧ୍ୟାୟ ଜଣେ ଉଚ୍ଚ ଶିକ୍ଷିତ ଥିଲେ ସତ୍ୟ ସେ ହାଲଦାରଙ୍କ ପ୍ରୋତ୍ସାହନକୁ ସ୍ୱୀକାର କରିଥିବାରୁ ଗଣତନ୍ତ୍ରକତା ସ୍ୱାଧୀନରେ ମାତ୍ର ପାଇଥିଲେ, ଏହା ଦେଖ ବୁଝି । ଶାଣିତ ବିଦ୍ରୂପ ମାଧ୍ୟମରେ ଗୌରୀଶଙ୍କର ଜଣେ ଶିକ୍ଷିତ ବଙ୍ଗାଳୀଙ୍କୁ ନେସ୍ତନାବୁଦ କରିଥିଲେ । ରାଜକୃଷ୍ଣବାବୁ ପଟ୍ଟଣାକୁ କୋର୍ଟ ପରିସରକୁ ନେଇଥିଲେ । ଗୌରୀଶଙ୍କରଙ୍କ ବିରୁଦ୍ଧରେ ମାନହାନି ମୋକଦ୍ଦମା କରିଥିଲେ । ମାତ୍ର ଗୌରୀଶଙ୍କର ଜିତିଯାଇଥିଲେ ଆପଣାର ଯୁକ୍ତି ବଳରେ । (୭) ବଙ୍ଗାଳୀମାନଙ୍କର ଓଡ଼ିଆ ଭାଷା ବିଦ୍ୱେଷୀ ମନୋବୃତ୍ତିକୁ 'ଓଡ଼ିଆ ଭାଷା ଉପରେ ଶତ୍ରୁ ଅର୍ଥ ଆକ୍ରମଣ' ବୋଲି ଉଲ୍ଲେଖ କରିଥିଲେ । ବହୁ କଷ୍ଟ ଭାଷାରେ ବିଦ୍ରୂପ କରିଥିଲେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କୁ ତାଙ୍କର 'ଉଡ଼ିୟା ସ୍ୱତନ୍ତ୍ର ଭାଷା ନହେ' ପ୍ରମାଣିବା ପାଇଁ । ବାବୁଙ୍କ', ଆଇକାନ୍ତ ପଣ୍ଡିତ ପର ବଙ୍ଗାଳୀ

ପ୍ରଚଳିତ ଶିକ୍ଷା ଶାସନର ଦୋଷ ମାଲିକମାନଙ୍କୁ ମଧ୍ୟ ସମାଲୋଚନା କରିଥିଲେ । ମାତ୍ର ଓଡ଼ିଆ ଭାଷାର ପ୍ରାଚୀନତା ଓ ମୌଳିକତା ସଂପର୍କରେ ଭ୍ରମାତ୍ମକ ଅଭିମତମାନ ପ୍ରକଟ କରିଥିଲେ ସେହି ଦୋଷମାନେ । ଜନ୍ ବିମ୍ସ ଏସିଆଟିକ୍ ସୋସାଇଟିରେ On the Relation of the Uriya to Other Modern Aryan Languages ଶୀର୍ଷକ ପ୍ରବନ୍ଧ ୧୮୭୦ ମସିହା ମେ ମାସ ୪ ତାରିଖରେ ଉପସ୍ଥାପନ କରିଥିଲେ । ବିମସଙ୍କ ପ୍ରବନ୍ଧର କେତେକ ଅଯୌକ୍ତିକ ଉକ୍ତିର ଉତ୍ତର ଦେଇଥିଲେ ରାଜେନ୍ଦ୍ର ଲାଲ ଏସିଆଟିକ ସୋସାଇଟିର ସେହି ସଭାରେ, ସେତେବେଳେ ଗୌରୀଶଙ୍କର ରାଜେନ୍ଦ୍ର-ଲାଲଙ୍କୁ ଏକ ସର୍ବସାଧାରଣ ସଭାରେ ସମ୍ବର୍ଦ୍ଧନା କରିବାକୁ ପଛେଇ ନଥିଲେ । କମିଶନର ଟି. ଇ. ରେଭେନ୍‌ସା, ଜନ୍ ବିମ୍ସ, ଭୂଦେବ ମୁଖୋପାଧ୍ୟାୟ ଏବଂ ସ୍ୱଦେଶର ଓଡ଼ିଆ-ମାନଙ୍କ ସହ ଯୁକ୍ତ ଉଦ୍ୟମଦ୍ୱାରା ୧୮୭୩ ମସିହାରେ ଓଡ଼ିଶାର ବିଦ୍ୟାଳୟ ଗୁଡ଼ିକରେ ଓଡ଼ିଆ ଭାଷା ଓ ସାହିତ୍ୟ ପଢ଼ାଯିବା ପାଇଁ ସରକାରୀ ସ୍ୱୀକୃତି ପ୍ରଦାନ ପାଇଲା । ମାତ୍ର ଗୌରୀଶଙ୍କର ବଙ୍ଗାଳୀମାନଙ୍କୁ ବିଦ୍ରୂପ କରୁଥିଲେ ସୁଦ୍ଧା ଏତେ ମାତ୍ରା ନଥିଲେ । ଓଡ଼ିଶାର ବହୁତତ୍ତ୍ୱ ବିଷୟରେ କାମ କରୁଥିବା ରାଜେନ୍ଦ୍ର ଲାଲଙ୍କୁ ସାହାଯ୍ୟ କରିବା ପାଇଁ ଓଡ଼ିଆମାନଙ୍କୁ ନିବେଦନ କରିଥିଲେ, ତାଙ୍କର ପ୍ରଶଂସା ବି କରିଥିଲେ (ଉ. ଦୀ. ୧୫-୪-୭୮/୨୧ ୧୧ ୭୮) ଏପରିକି ସେ କାଳର କଳିକତାର ଅବସର ପ୍ରାପ୍ତ ଜଷ୍ଟିସ୍ ଶାରଦା ଚରଣ ମିତ୍ର ସାରା ଭାରତବର୍ଷରେ ସବୁ ଭାଷାର ଗୋଟିଏ ଲିପି ଭାବରେ ଦେବନାଗରୀକୁ ଗ୍ରହଣ କରିବା ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ, ତାକୁ ସମର୍ଥନ କରିଥିଲେ ଗୌରୀଶଙ୍କର ।

ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନତାକୁ ପ୍ରମାଣ କରିବା ପାଇଁ ମଧ୍ୟ ଗୌରୀଶଙ୍କର ସେତେବେଳେ କମ ପ୍ରୟାସ କରି ନଥିଲେ । ପ୍ରାଚୀନ କାବ୍ୟ କବିତା ସଂପାଦନା କରି, ପ୍ରେମ ସୁଧାନିଧିର ମୁଖବନ୍ଧରେ ସେ ଲେଖିଥିଲେ—"ଉତ୍କଳ ଦେଶରେ ଯେ କେତେକ ପୁରାତନ ଭାଷା ପୁସ୍ତକ ଅଛି, ତାହା ଅନେକ ଲୋକଙ୍କ ଜାଣନ୍ତିନି । × × କଟକ ପ୍ରିଣ୍ଟିଂ କମ୍ପାନୀର ଉଦ୍ୟମରୁ ଆମ୍ଭେମାନେ ସେ ପୁସ୍ତକ ସମସ୍ତର ଗୌରବ ଜଣାଇ ମୁଦ୍ରାଙ୍କ ଗ୍ରନ୍ଥକର୍ତ୍ତାଙ୍କର କୀର୍ତ୍ତି ଅଧିକତର ପ୍ରଚାର କରିବାର ଚେଷ୍ଟା କରୁଅଛୁ × × ଆମ୍ଭମାନଙ୍କର ଏହି ଆଶା ଯେ, ଯେ ଲେଖକ କବିଙ୍କର ଯଶମାନଙ୍କର ସାହାଯ୍ୟରେ ସୁଚିତ୍ର ଓ ସୁରମ୍ୟ କୁସୁମଗୁଣି ଦେବତାଙ୍କ ମସ୍ତକରେ ଭୂଷଣ ହୁଅନ୍ତି, ସେ ରୂପ ସେ ଆମ୍ଭମାନଙ୍କର ସାମାନ୍ୟ ଯତ୍ନରେ ଉତ୍କଳ ଦେଶରେ ବହୁ କାଳରୁ ଅଦୃଶ୍ୟ ରତ୍ନ ସମୂହ ଯେପରି ରୂପଗୁଣମ ନ ଗୁଣିଜନଙ୍କର ହୃଦୟ ଭୂଷଣ ହୁଅନ୍ତି ତାହା ହେଲେ ଆମ୍ଭମାନଙ୍କର ଯଥାର୍ଥ ପୁରସ୍କାର ହେବ ! (ଉ.ଦୀ. ଡିସେମ୍ବର ୧୫, ୧୮୭୭) ଏପରିକି ବଙ୍ଗଳାର କବି ଭାରତଚନ୍ଦ୍ର ଓ ଓଡ଼ିଶାର ଦୀନକୃଷ୍ଣଙ୍କ ପ୍ରତିଭା ସଂପର୍କରେ ଏକ ତୁଳନାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ ଉତ୍କଳ ଦୀପିକାରେ । "ଦୀନକୃଷ୍ଣ ଦାସ ଯେ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରିଛନ୍ତି, ତାହା ସହିତ ତୁଳନା କରି ଦେଖିଲେ ବିଦ୍ୟାସୁନ୍ଦର

ଅତି ଅପକୃଷ୍ଟ ହୋଇଥାଏ । ନ ରଚନା ଚାତୁର୍ଯ୍ୟ, ନ ଶବ୍ଦ ବର୍ଣ୍ଣନା, ନ ଶ୍ଳେଷ ଓ ଯମକ ରଚନା, ସମସ୍ତ ବିଷୟରେ ସାନକୃଷ୍ଣ ଭରତଚନ୍ଦ୍ରଙ୍କ ଠାରୁ ଅଧିକ ପ୍ରତିଷ୍ଠା ଲାଭ କରି ଅଛନ୍ତି । × × × ଯାହା ଭାବକଲ୍ଲୋଳ ପ୍ରଭୃତି କେଉଁ ଦୃଷ୍ଟିରୁ ଉତ୍କୃ- ନାହିଁ ।" (ଉ. ଦୀ ୨୮-୧୦-୭୨) ବୋଲି ଉଲ୍ଲେଖ କରିଥିଲେ । ଓଡ଼ିଆମାନଙ୍କ ହୃଦୟରେ ଆତ୍ମସଚେତନତା ସୃଷ୍ଟି କରିବା ଥିଲା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ।

ସାହିତ୍ୟର ଧର୍ମ, ଉଦ୍ଦେଶ୍ୟ, ଭାଷା ଓ ପ୍ରକାଶଭଙ୍ଗୀ ପ୍ରଭୃତିରେ ଗୌରୀଶଙ୍କର ଆପଣାର ସୁସ୍ଥ ଓ ସ୍ୱଚ୍ଛ ଉତ୍କଳ ପତ୍ରିକାର ନିଜସ୍ୱ ଯୋଗାରେ ସ୍ପଷ୍ଟ ଭାବରେ ପ୍ରକାଶ କରୁଥିଲେ । ବିଶେଷତଃ ଗଦ୍ୟକୁ ଏକ ସ୍ୱତନ୍ତ୍ର ରୂପ ଦେବା ପାଇଁ ସେ ମୁଖ୍ୟ ପରିଚ୍ଛ- ସାଧନା କରି ଥିଲେ । ବଙ୍ଗଳା ଓ ଓଡ଼ିଆ ଗଦ୍ୟ ସ୍ୱରର ଏକ ତୁଳନାତ୍ମକ ଚିତ୍ର ଦେବାକୁ ଯାଇ ସେ ଲେଖିଥିଲେ "ବଙ୍ଗାଳୀମାନେ ଗଦ୍ୟମୟ ପୁସ୍ତକର ସ୍ୱର୍ଗଙ୍କୁ ସେଠି ପଣ୍ଡିତମାନଙ୍କର ଗଦ୍ୟମୟ ରୂପରେ ଉନ୍ନତ କରି ଅଛନ୍ତି ଆମ୍ଭେମାନେ ଆମ୍ଭମାନଙ୍କର ଗଦ୍ୟମୟ ପୁସ୍ତକର ଭାଷାକୁ ସେହି ପଣ୍ଡିତମାନଙ୍କର ଗଦ୍ୟମୟ ଭାଷା ରୂପେ ଉନ୍ନତ କରିପାରୁ ନାହୁଁ । ଦୁଃଖର ବିଷୟ ଏହି ଯେ ଆମ୍ଭେମାନେ ଅନ୍ୟମାନଙ୍କ ମାତୃଭାଷାର ଉନ୍ନତି ବିଷୟରେ ଯତ୍ନ କରିପାରୁ ନାହୁଁ । (ଉ. ଦୀ. ୩୦-୫-୭୮) ଗୌରୀଶଙ୍କର ବଙ୍ଗଳା ଗଦ୍ୟ ସ୍ୱରର ପରିବର୍ତ୍ତନକୁ ସଚେତନ ଭାବରେ ପର୍ଯ୍ୟବେକ୍ଷଣ କରୁଥିଲେ ଏବଂ ଓଡ଼ିଆ ସାହିତ୍ୟିକମାନେ ହେପଟକୁ ଦୃଷ୍ଟି ଦେବା ଲାଗି ପରାମର୍ଶ ଦେଉଥିଲେ । ବିଶେଷତଃ ପାଠ୍ୟ ପୁସ୍ତକ ଭାବରେ ମଧ୍ୟଯୁଗୀୟ କାବ୍ୟ କବିତା ଏବଂ ଆଧୁନିକ କାବ୍ୟ ଧାରାର ପ୍ରଚଳନକୁ ସେ କଠୋର ଭାଷାରେ, ଉପହାସ, ଘୃଣା, ସାମାଜିକ ଭାବରେ ବିରୋଧ କରୁଥିଲେ । ସମୀକ୍ଷକମାନେ ଉପେନ୍ଦ୍ରଙ୍କ କାବ୍ୟ ଗୁଡ଼ିକୁ ଅଶ୍ଳୀଳ ଏବଂ ଶୃଙ୍ଗାର ଭାବରେ ପରିପୂର୍ଣ୍ଣ ବୋଲି ଅଭିଯୋଗ କରିବା ସଙ୍ଗେ ସଙ୍ଗେ ସେ ଗୁଡ଼ିକୁ ପାଠ୍ୟ ପୁସ୍ତକ ରୂପରେ ପ୍ରଚଳନ ନ କରିବା ପାଇଁ ଦାବି କଲେ । ଉକ୍ତ ସମ୍ପାଦକମାନଙ୍କ ମତାମତର ଉତ୍ତର ଦେବାକୁ ଯାଇ ସେ ଲେଖିଥିଲେ—"ବର୍ତ୍ତମାନ ନୀତିଶିକ୍ଷା ସମ୍ପ୍ରଦାୟ ମଧ୍ୟରୁ କେତେକ ବ୍ୟକ୍ତି କବିଙ୍କ ଅଶ୍ଳୀଳ ପୁସ୍ତକକୁ ଏକାବେଳକେ ଉଠାଇଦେବା ଉଚିତ । ପୁଣି କେହି କେହି ଅଶ୍ଳୀଳ ଅଂଶ ବାଦଦେଇ ଭଲ ଅଂଶ ରଖି ବଢ଼ାଇବା ପରାମର୍ଶ ଦେଉଅଛନ୍ତି ଏବଂ ଏହି ପ୍ରସ୍ତାବ ଭଲ ନୁହେଁ । ଅଶ୍ଳୀଳତା ଦୋଷରୁ କୌଣସି କବିଙ୍କୁ ବାଦ ଦେଲେ, ଓଡ଼ିଶା ମହାକବିଙ୍କୁ ତ୍ୟାଗ କରିବାକୁ ହେବ । ଅନେକ ପରମ ସୁନ୍ଦର, ପରମ ରମଣୀୟ ଅତୁଳ ଅନୁପମ ମହାକାବ୍ୟ ପୋଡ଼ି ପକେଇବାକୁ ହେବ । × × × ଦେଶର ସାହିତ୍ୟ ସମସ୍ତ ସମାଜର ସମ୍ପତ୍ତି, ବର୍ତ୍ତମାନ ସମାଜର ଓ ଭବିଷ୍ୟତ ସମାଜର । କେବଳ ବିଦ୍ୟାଳୟର ସମ୍ପତ୍ତି ନୁହଇ । ସୁତରାଂ ସେ ପ୍ରକାର ପୁସ୍ତକର ଶ୍ରେଣୀ ଅନୁସାରେ ରଖିବା ଭୁଲ ଆମ୍ଭର ଅଧିକାର ନୁହଇ । ସେହି ବଳ ସେ ରୂପେ ପ୍ରକାଶ ହୋଇ ଅଛନ୍ତି, ତାହାଙ୍କୁ ସେହି ରୂପ ରହିବା ହିଁ ଉଚିତ । ଲଜ୍ଜାସତେ ତାହାଙ୍କୁ ଚିହ୍ନ କରି ଦୂରରେ ରଖାଇବା ଉଚିତ ନୁହେଁ ।" (ଉ. ଦୀ. ୬-୩-୮୬) ଉପଯୁକ୍ତ

ଏହି ସବୁରେ ଗୌରୀଶଙ୍କରଙ୍କର ସମୀକ୍ଷାତ୍ମକ ଅନ୍ତର୍ଦୃଷ୍ଟିର ସଙ୍କେତ ସୁସ୍ପଷ୍ଟ । ସେ କେବଳ ଅଳଙ୍କାର ଯୁକ୍ତିରେ କାବ୍ୟର ବିଚାର କରୁ ନାହାନ୍ତି । ବରଂ ଜଣେ ଅଭିଜ୍ଞ ଭାବୁକପାଠକର ସୂକ୍ଷ୍ମ ବିଚାର ବୁଦ୍ଧି ସେଥିରେ ପ୍ରକାଶ ପାଉଛି । ଊନବିଂଶ ଶତକର ଶେଷ ଦୁଇ ଦଶକରେ ସାହିତ୍ୟରେ ଶ୍ଳୀଳତା, ଅଶ୍ଳୀଳତା, ପ୍ରାଚୀନତା ଓ ଆଧୁନିକତା ଏବଂ ଭାଷା ଶୁଦ୍ଧି ପ୍ରଭୃତି ଅନୁଷ୍ଠାନ ମାନସିକତାକୁ ଆଧାର କରି ସମୀକ୍ଷକମାନଙ୍କ ମଧ୍ୟରେ ଯେ ବାଦାନୁବାଦ ଚାଲିଥିଲା, ତାହା ପଛରେ ଥିଲା ଗୌରୀଶଙ୍କରଙ୍କର ଅନୁପ୍ରେରଣା । ଉପେନ୍ଦ୍ର ଓ ରାଧାନାଥଙ୍କୁ କୋଳାଏ ବାହାର ଦୁଇ ପାଖରେ ପରସ୍ପର ବିପକ୍ଷ ରୂପରେ ଠିଆ କରାଇ ଆଲୋଚକମାନେ ଯେଉଁ ଅସମୃଦ୍ଧ ଭାବ ଯେଉଁ ବିତର୍କ ଘଣ୍ଟ ଘୋଳ ସୃଷ୍ଟି କରିଥିଲେ, ତାହା କେବଳ ଓଡ଼ିଆ ସମାଲୋଚନା-ସାହିତ୍ୟର ପରିସରକୁ ବୃଦ୍ଧି, ଓଡ଼ିଆ ଗଦ୍ୟକୁ ଅଧିକ ଏକ ନୂଆ ରୂପରେ ପରିମଣ୍ଡିତ ହେବାର ପରିବେଶ ସୃଷ୍ଟି କରିଥିଲା । ସମାଲୋଚକମାନେ ଆଲୋଚନା କାଳରେ ସ୍ୱବର୍ଣ୍ଣିତ ଏବଂ ପ୍ରାସଙ୍ଗିକତାନୁସାରେ ଶବ୍ଦ ପ୍ରୟୋଗ ଉପରେ ଗୁରୁତ୍ୱ ଦେଲେ । ଆପଣା ଆପଣାର ଅନୁଭବଗୁଡ଼ିକୁ ଯୁକ୍ତିର ସହିତ ଉପସ୍ଥାପନ କରିବା ପାଇଁ ପ୍ରୟାସ କଲେ । ଓଡ଼ିଆ ଗଦ୍ୟ ନୂଆ ରୂପ ନେଲା । ସମାଲୋଚନା ସାହିତ୍ୟରେ ଦାମୋଦର ମିଶ୍ରଙ୍କ ଦୋଷଦର୍ଶନ (୧୮୯୬) ଏବଂ ଗୋପୀନାଥ ଶର୍ମାଙ୍କ ଭ୍ରମାଦର୍ଶ (୧୯୦୦) ପରି ପୁସ୍ତକର ପୃଷ୍ଠଭୂମି ପ୍ରସ୍ତୁତ କରିଥିଲେ ଗୌରୀଶଙ୍କର ।

ଗୌରୀଶଙ୍କରଙ୍କ ର ଜାତୀୟ ଅନ୍ତର୍ଦୃଷ୍ଟି ସାହିତ୍ୟ ଅପେକ୍ଷା ସମାଜର ବଳିଷ୍ଠତ୍ୱ ଅଧିକ ଫୁଟିଥିଲା । ଓଡ଼ିଆ ଭାଷା ଓ ଓଡ଼ିଆମାନଙ୍କୁ ସେ ଖୁବ ଭଲ ପାଉଥିଲେ । ତାଙ୍କ ଭିତରେ ପ୍ରଚଣ୍ଡ ସ୍ୱାଭିମାନବୋଧ ଥିଲା । ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନର ସେ ଥିଲେ କର୍ଣ୍ଣଧାର । ସନ ୧୮୭୮ରେ ତାଙ୍କର ଉଦ୍ୟମରେ ଓଡ଼ିଆ ଆସୋସିଏସନ ଗଠିତ ହୋଇଥିଲା । ସନ ୧୮୭୦ ରେ ଗଠିତ ଉତ୍କଳଭାଷୋଦ୍ଧାରିଣୀ ସଭାର ସାଧାରଣ ତାହା କାର୍ଯ୍ୟ କରୁଥିଲା । ଭାରତୀୟ ଜାତୀୟ କଂଗ୍ରେସର ସେ ଥିଲେ ଅନ୍ୟତମ କାର୍ଯ୍ୟକର୍ତ୍ତା ଏବଂ ଉତ୍କଳ ସମ୍ମିଳନୀର ଅନ୍ୟତମ ଜନ୍ମଦାତା । ବ୍ରିଟିଶ ସରକାରଙ୍କ ଓଡ଼ିଶା-ନୀତିକୁ ସେ ଯଥେଷ୍ଟ ସମାଲୋଚନା କରୁଥିଲେ । ଓଡ଼ିଶାକୁ ସେମାନେ ଇଚ୍ଛା ଅନୁସାରେ କଲିକତା, ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଏବଂ ବିହାର ସହିତ ଯୋଡ଼ି ଦେଉଥିବାରୁ ସେ ତାର ପ୍ରତିବାଦ କରୁଥିଲେ । ପତ୍ରିକା ମାଧ୍ୟମରେ ଆପଣାର ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନକୁ ପ୍ରକାଶ କରୁଥିଲେ । ଏକ ଦେଶୀୟ ଭାଷାଭିତ୍ତିକ, ସମସ୍ତଙ୍କର ଦାୟିତ୍ୱ ତାହାର ନୁହେଁ, ଦୁଇଶହ ବର୍ଷିଆ ମୋଗଲ ଶାସନରେ ଶୋଷିତ, ଓଡ଼ିଶାର ଦୁର୍ଦ୍ଦଶା ଦାଣ୍ଡିକ ଓଡ଼ିଆମାନଙ୍କର ଜ୍ଞାନାନ୍ତର ପର ବନ୍ଧ ଅନ୍ତର୍ଲେଖାରେ ଓଡ଼ିଶାର ଅବସ୍ଥା ସମସ୍ୟାକୁ ସରକାରଙ୍କ କାଲ କାନରେ ପୂରେଇବା ଲାଗି ଚେଷ୍ଟା କରୁଥିଲେ । ଏପରିକି ଓଡ଼ିଆମାନଙ୍କ ହୃଦୟରେ ଜାତି—ପ୍ରୀତି— ଭାବ ସୃଷ୍ଟି କରିବା ପାଇଁ ସେ—"ହେ ଉତ୍କଳୀୟ-ମାନେ ଉଠ, ଆପଣାର ପୂର୍ବ ପୁରୁଷର ଗରିମା ନାମ ରକ୍ଷାକର ଓ ଆପଣା ଆପଣାର ଲବ୍ଧପ୍ରତିଷ୍ଠ ଅଜ୍ଞାତାପବାଦ ରୂପକ କଳଙ୍କ ରେଖା ଉନ୍ମୋଚନ କରିବାକୁ ତତ୍ପର ହୁଅ । ଆଉ ତେତେକାଳ ଆଳସ୍ୟ ଶଯ୍ୟାରେ ଜୀବନ ବିସର୍ଜନ କରିବ । (ଉ. ଦୀ. ୧୮୬୬)

କାରଣ 'ହେ ଉତ୍କଳଦେଶୀୟ ଯୁବାମାନେ, ତୁମ୍ଭେମାନେ ବଙ୍ଗଦେଶୀୟ ଯୁବା ପୁରୁଷମାନଙ୍କୁ ଲକ୍ଷ୍ୟ କରି ସଂସାର ମାର୍ଗରେ ବିଚରଣ କର ଓ ଯେ ପ୍ରକାର ତୁମ୍ଭମାନଙ୍କର ଯଶଃ ଓ ଦେଶର ଗୌରବ ବୃଦ୍ଧି ହୁଏ ତାହା କରିବାରେ ଏକମାତ୍ର କୁଣ୍ଠିତ ନ ହୁଅ । (ଉ. ଦୀ. ବ. ମ. ପୃ. ୧୮୭୮/୭୯) ପରି ବହୁ ସମ୍ବୋଧନ ମୂଳକ ଲେଖା ଉତ୍କଳ ଦୀପିକା ପୃଷ୍ଠାରେ ପ୍ରକାଶ କରୁଥିଲେ । କାରଣ ସମାଜ ରୂପ ଦେଖିବା ପାଇଁ ତାଙ୍କ ହୃଦୟ ସେପରି ବ୍ୟାକୁଳ ହେଉଥିଲା । ଜନ ମନ ଜାଗରଣର କଥା ଗୁଡ଼ିକ ହୋଇ ବଞ୍ଚିଥିଲା । ଊନବିଂଶ ଶତାବ୍ଦୀର ଏହି ଶୈଳୀ ବ୍ୟକ୍ତିର ସଚେତନତା ଗୁଣ ସ୍ୱଭାବରେ ପରିସ୍ଫୁଟ । ଉନବିଂଶ ଯୁଗରେ, ଇଂରେଜ ଶାସନରେ ଏହି ସ୍ରୋତ ସ୍ୱର ନିର୍ଭରଶୀଳ ଥିଲା । ବଙ୍ଗଳା ସାହିତ୍ୟ ଏଠା ପ୍ରବେଶ କରିଥିଲା ଓଡ଼ିଶା ଭିତରକୁ । କେବଳ ଏହି ଶତାବ୍ଦୀ ନୁହେଁ, ଚଳିତ ଶତାବ୍ଦୀର ପ୍ରଥମ ଦଶକର କଥାକାର ଏବଂ ନାଟ୍ୟକାରମାନଙ୍କ ସୃଷ୍ଟିରେ ସଚେତନତା ଭାବ ବିଶେଷ ଭାବରେ ଲକ୍ଷ୍ୟ କରାଯାଏ । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅବଶ୍ୟ ସମ୍ବୋଧନାତ୍ମକ ସ୍ୱର ରହିଛି । ମାତ୍ର ଗୌରୀ-ଶଙ୍କରଙ୍କର ପ୍ରକାଶଭଙ୍ଗୀ ପ୍ରାଚୀନତା ଠାରୁ ବହୁ ଭାବରେ ସ୍ୱତନ୍ତ୍ର ।

ଗୌରୀଶଙ୍କର କେତୋଟି କାହାଣୀ ଅବତାରଣା କରିଥିଲେ — ଓଡ଼ିଆ ପରମ୍ପରାର ସବୁ କଥା ଦୂଷିତ ନୁହେଁ । ଶତ୍ରୁକାଳରେ ସମକାଳୀନ ଲକ୍ଷ୍ୟମାନେ ଗୁପ୍ତ ସଙ୍କଟରେ ପ୍ରଥମ ଭୂତମାନଙ୍କୁ ଶିଖାନ୍ତି ବଶନ୍ତି । ଦେଶରେ ଗୁପ୍ତରେ ଖୋଲି ହୋଇଗଲେ ତାହା ଆଉ ଗ୍ରହଣୀୟ । ମଣିଷ ସବୁବେଳେ ସେହି ସଙ୍କଟ ଭିତରେ ଥିଲେ ଜୀବନ ଅଛି ବୋଲି ଗ୍ରହଣ କରନ୍ତି । ଏଭଳି ପରିସ୍ଥିତି କେବଳ ପରମ୍ପରାକୁ କଳୁଷିତ କରେନା, ବରଂ ଭବିଷ୍ୟତର ସକଳ ସୃଷ୍ଟି ସମ୍ଭାବନାକୁ ନଷ୍ଟ କରିଦିଏ । କେଉଁ ଗୌରୀଶଙ୍କର ସବୁବେଳେ ଅନ୍ଧକାରର ଗୁପ୍ତଶତ୍ରୁରେ ନ ପଶିବା ପାଇଁ ଦେଶର ଭବିଷ୍ୟତ ଯୁବମାନଙ୍କୁ ଡାକ ଦେଉଥିଲେ । ଗଣିକା, ସୁରା ଏବଂ ବିଳାସବ୍ୟସନ ପ୍ରିୟ ଶିକ୍ଷିତମାନଙ୍କୁ 'ଏଥର ଦୌରାତ୍ମ୍ୟରେ ପରିସ୍ଥିତି, ପରସ୍ତ୍ରୀ ବଳାତ୍କାର ପ୍ରଭୃତି ଅପରାଧ ଘଟିବା ସୋମବାରୀ ଅଧିକାଂଶ ଦେଖାଯାଏ । କେତେକ ପ୍ରକାର ଲୋକ ଯେଉଁ ଫୌଜଦାରୀ ଅପରାଧ ଦ୍ୱାରା ନ ଯାଆନ୍ତି ଅଛନ୍ତି ଯେ, ସବୁ ବିଷୟରେ ସବୁ ଲେଖକ, ଏ ବିଷୟରେ ଅପରାଧ କରନ୍ତି' । (ଉ. ଦୀ. ୧୧, ୪, ୭୦) ଅଧୁନା ଶିକ୍ଷା ପ୍ରାପ୍ତ ବାବୁମାନଙ୍କୁ ''ବାବୁମାନେ ଶାରୀରିକ କୌଣସି କର୍ମ କରିବାକୁ ଅସମର୍ଥ । ଯେ ସବୁଠାରୁ କର୍ମକ୍ଷମ ସେ ବାବୁ, ଯାହାର ଝିଅ କନିଷ୍ଠ ଅଛି ସେ ବାବୁ, ଯେ ଟଙ୍କା ଧାର ନିଏ ସେ ବାବୁ (ଉ. ଦୀ. ୧୮, ୩, ୭୬) ଜମା ଜମି କରୁଥିବା ବାପା ମାନଙ୍କୁ 'କମ୍ ବଟୁଆ, ସନ୍ତାନ ହୋଇ କହିଲେ ଏମାନଙ୍କର ବେଶୀ ଦାମ୍ । ଏମାନେ ଦୁଃଖୀମାନଙ୍କୁ ଶୋଷଣ କରୁଥିଲେ । ଏମାନେ ଅଳ୍ପଦିନ ମଧ୍ୟରେ ଧନ ବୃଦ୍ଧିର ବାଟ ଖୋଜି ଯାଉଥିଲେ । ରାଜା ହିଁ ସେ ଜମି ଲବ୍ଧ ଧନ ଦେଉଥିଲେ । କମ୍ ଦାମରେ ଜମି ହେବାର ଖବର ପାଇଲେ ରାଜା ଜମି ବନ୍ଧ କରିଦେଉଥିଲେ'' । ''ଏହି

ଅଥବା ଶଙ୍କୀ ଲିବ୍ରେ ଅନ ବାପା ନ ପାଇ ପାରନ୍ତେ ରଜା, କାରଣ ସେ ସମସ୍ତଙ୍କର ପିତା । (ଉ. ଦୀ. ୧୭-୪-୭୫) ଏବଂ ଇଂରେଜମାନଙ୍କର ଗୋଲାମୀ କରିବା ପାଇଁ ସବୁବେଳେ ଧାଇଁଥିବା ଜମିଦାର ଓ ରାଜାମାନଙ୍କୁ "ପାଠପଢ଼ି ଜମିଦାରୀ କଥା ବୁଝିଲେ ସେ ଲକ୍ଷ ଅଣା ଅଧିକ ଏକଥା ପାଠ ପଢ଼ିଥିବା ବାବୁମାନେ ଜାଣିବେ କାହିଁ" (ଉ. ଦୀ. ୪-୧୨-୭୪) ଏବଂ ଜମିଦାରଙ୍କୁ ଚୁମିଶାଣ୍ଢ ଗୋଟ ଭୁଲ ଜ୍ଞାନ କରନ୍ତୁ" (ଉ. ଦୀ ୨୨-୫-୭୮) ପ୍ରଭୃତି ବ୍ୟଙ୍ଗାତ୍ମକ ସ୍ୱରରେ ସମାଲୋଚନା କରୁଥିଲେ । ତାଙ୍କ ଉପାୟକୁ ଛାତ୍ରମାନଙ୍କ ପାଇଁ ସ୍କୁଲର ବେତନରେ ଘଣ୍ଟି ଶିକ୍ଷକ ରୂପକ ଦର୍ଶାଇଲେ । (ଉ. ଦୀ. ୧୮-୭-୭୮) ଧର୍ମ ସ୍ୱାତନ୍ତ୍ର୍ୟ ରକ୍ଷଣାର୍ଥେ, ସମାଜ ବ୍ୟବସ୍ଥା ପ୍ରଭୃତିରୁ ଯେ ଉଦ୍‌ବେଗ ଜନକ ଅବସ୍ଥାରେ ଉପୁଜିଲା ସେ ତାହା ଅନୁଭବ କରୁଥିଲେ । ସକଳ ବ୍ୟବସ୍ଥାକୁ ସମ୍ପ୍ରଦାନଶୀଳ ଭାବରେ ସମାଲୋଚନା କରୁଥିଲେ । ସମସ୍ତ ଓ ବ୍ୟବସ୍ଥା ସହିତ ସେ ଠିକ ନିଜର ଅସ୍ୱୀକୃତି ନ ଥିଲେ ଏ ଉପଦ୍ରବ ତାଙ୍କରେ ପାଠରେ ସମ୍ଭବ ନୁହେଁ । ମାତ୍ର ଗୌରୀଶଙ୍କର ବେଶ୍ ନମ୍ର ସ୍ୱରରେ ଆପଣା ଲୁଣରେ ସମାଜିକ ସ୍ତରକୁ ତାଙ୍କରେ ପାଦ ଚଳାଇବା ପାଇଁ ଏକେ ଚିନ୍ତା ଓ ଲକ୍ଷ୍ୟ ସ୍ଥିର କରିଥିଲେ

ପତ୍ରିକା ବର୍ଷିକୁ ଅଧିକ କାଳ ଧରି ଗୌରୀଶଙ୍କର ମୁଖ୍ୟତଃ ଗଦ୍ୟରେ ଲେଖି ପ୍ରକାଶ କରୁଥିଲେ, କେଣ୍ଟି ଓ କ୍ଷେତ୍ର ଗଦ୍ୟ-ଶୈଳୀର ବିବର୍ତ୍ତିତ ଧାରା ସହିତ ଗୌରୀ-ଶଙ୍କରଙ୍କ ସମ୍ପର୍କ ଅଛି । ଉତ୍କଳ ଦୀପିକା ପ୍ରକାଶ କାଳରେ ସେ ଉତ୍ତମ ଗଦ୍ୟ ପ୍ରସ୍ତୁତ ସ୍ୱରରେ ଗୁରୁତ୍ୱ ଦେଉଥିଲେ ମାତ୍ର ଲେଖମାନଙ୍କରେ ଅଧିକ ଶବ୍ଦକୁ ସେ ପୁସ୍ତକର ଉପେକ୍ଷା କରୁ ନଥିଲେ । ସାଧାରଣ ଜନତାର ବୁଝିବା ଭାଷାକୁ ଅନୁରୂପ ସ୍ୱରରେ ପ୍ରୟୋଗ କରିବା ପାଇଁ ସେ ଚେଷ୍ଟା ପ୍ରକାଶ କରୁଥିଲେ ସତ, ତାଙ୍କ ରଚନାବଳୀରୁ ଏବେ ଭିନ୍ନ ଦେଖାଯାଉ ନଥିଲେ । ଦେଶୀ ଶବ୍ଦ ଯଥା ଗୋଲ, ପେଣ୍ଡିଆର, ଜବରା, ଦୋହଲ, ଭୁଣ୍ଡି ମେଟେକୁଣ୍ଡା, ଚାମ୍ଭ, ଟୋକା, ଭଗ କାରଖାନା, ଜମାଦାର, ଗୋମାସ୍ତା, ଦେଣ୍ଡି, କେବଳଖାନ, କଣ୍ଡି, ଭଉଣୀ, ବସ୍ତା, ଲଣ୍ଠି, ଦଣ୍ଡିଦାର, ମଝୁରୁତ, ଲସ୍, ଓଲଟା, ସୁପାରିସ୍ ଆଦି ଲେଖ ଅଧିକ ସ୍ଥାନ ଓ ପାଣି ଶବ୍ଦର ଇଂରେଜୀ ଦେଖିବା ଚକଳ-ଦୀପିକା । ସେବେ ଇଂରାଜୀ ଶବ୍ଦ ଗୁଡ଼ିକୁ ସେଇ ଅବସ୍ଥା ବାଟରେ ଉଚ୍ଚାରଣ କରୁଥିଲେ, ତାହାର ଅନେକ ମିଳେ ଗୌରୀଶଙ୍କରଙ୍କ ଗଦ୍ୟରେ । ଅଟେସ୍ତ (ଅନେଷ୍ଟ), ଲୁନେଟୀ, କମେଟୀ (କମିଟି), କାଲେକ୍‌ଟର (କଲେକ୍ଟର), ରେଜେଷ୍ଟ୍ରୀ ଫିସ୍ (ରେଜେଷ୍ଟ୍ରୀ ଫି), ଇଂଗିରାଜ (ଇଂରାଜ), କମିସ୍ନର (କମିଶନର), ଗାଉନ (ଗାଉନ), ଭିକ୍ଟୋରିଆ (ଭିକ୍ଟୋରିଆ), ହାସପାତାଲ (ହସ୍ପିଟାଲ), ଅଫ୍ଟ (ଏଜେଣ୍ଟ), ଟେକ୍ସ (ଟ୍ୟାକ୍ସ) ସିଭିଲ (ସେପ୍‌ଟେମ୍ବର) ଫେବ୍ରୁଆରୀ (ଫେବ୍ରୁୟାରୀ), ପାଉଣ୍ଡ (ପାଉଣ୍ଡ୍), ଅକ୍ଟୋବର (ଅକ୍ଟୋବର), କମିଶନ (କମିଶନ), ରେଲୱେ (ରେଲୱେ), ସିଭିଲ (ସିଭିଲ), ଡାକ୍ତରୀ (ଡକ୍ଟର), ଅଫିସର (ଓଭରସିଅର), ବୋମ୍ବାଇ (ବମ୍ବେ) ଆଦି ଇଂରାଜୀ ଶବ୍ଦର ବିକୃତ ରୂପ । ଇଂଲିସମ୍ୟାନ୍, ଷ୍ଟିମର୍, ବୋର୍ଡ, ହାଇ-

ଭୋଟ୍, ମେମ୍ବର, ସ୍କୁଲ୍, ସାର୍ଟିଫିକେଟ୍, ଇନ୍‌କମ୍ ଟିକସ, ଜେନେରାଲ ଷ୍ଟୋର, ଫଣ୍ଡ୍ରାଲ୍ସ, ସିଭିଲ ସର୍ଜନ୍, ଜଜ୍, ଡେପୁଟିମାନଙ୍କ ଆଦି ଶବ୍ଦ ଗୁଡ଼ିକୁ ସେ ଅନୁରୂପ ଆକାରରେ ପ୍ରୟୋଗ କରୁଥିଲେ । ତେଣୁ ତାଙ୍କ ଗଦ୍ୟରେ ସଂସ୍କୃତ, ଇଂରାଜୀ, ପାର୍ସୀ, ହିନ୍ଦୀ ମୂଳର ବହୁତ ଶବ୍ଦର ସମନ୍ୱୟ ବିଶେଷ ଭାବରେ ଲକ୍ଷ୍ୟ କରାଯାଏ । ଶବ୍ଦ ପ୍ରୟୋଗ କାଳରେ ସେ କେବଳ ଲୋକ ବୋଧ୍ୟ ରୂପ ଉପରେ ଦୃଷ୍ଟି ଦେଉ ନଥିଲେ । ଆପଣା ଚେତନାରେ ତାର ଅର୍ଥକୁ ଅନୁଭବ କରୁଥିଲେ । ସବୁ ସେମିତି ଶବ୍ଦ ରୂପରେ ପ୍ରକାଶିତ ହେଉଥିଲା । ବାକ୍ୟଗଠନ ଗଦ୍ୟ ରଚନା ତାଙ୍କରେ ହୋଇ ଥିଲେ ଦକ୍ଷ ।

ଗୌରୀଶଙ୍କରଙ୍କ ଗଦ୍ୟରେ ଅନେକ ସମୟରେ ଗଦ୍ୟ ବାକ୍ୟ ଏବଂ ସଂସ୍କୃତାନୁଗ ଯୁକ୍ତ ଅବଶ୍ୟ ଲକ୍ଷ୍ୟ କରାଯାଏ । ମାତ୍ର ଏହାକୁ ବିଦ୍ୟାସାଗରଙ୍କ ସ୍ଥାନ ଭାବରେ 'ସ୍ୱତନ୍ତ୍ର' କହିବା ସମ୍ଭବ ନୁହେଁ । ପୁଣି ଏହାକୁ କେବଳ ମୁଦ୍ରଣରେ ଦର୍ଶିତ ସାଙ୍କେତିକ ଶୈଳୀ ଭାବରେ ବିବେଚନା କରିବା ଯୁକ୍ତିଯୁକ୍ତ ନୁହେଁ । କାରଣ ଗୌରୀଶଙ୍କର ସାହିତ୍ୟରେ ନୂତନ ଗଦ୍ୟ ଓ ମୁଦ୍ରଣ ଶିଳ୍ପ ପ୍ରଦେଶଗୁଡ଼ିକୁ ପୂର୍ଣ୍ଣଭାବରେ ଦେଖିପାରୁ ନଥିଲେ । ତା ହୋଇଥିଲେ, ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଉତ୍କଳ କାହାଣୀ (୧୯୦୧)ର ଗଦ୍ୟ ଶୈଳୀକୁ ସାଧୁଭାଷା ଶୈଳୀ ନୁହେଁ ବୋଲି କହି ସମାଲୋଚନା କରି ନଥାନ୍ତେ, ତେଣୁ ସେହି ସଂଶୋଧନ ଓ ପରିବର୍ତ୍ତନ କାଳ ଅର୍ଥାତରେ ଗୌରୀଶଙ୍କରଙ୍କୁ ମଧ୍ୟମପନ୍ଥୀ ରୂପରେ ବିବେଚନା କରିବା ଯୁକ୍ତିଯୁକ୍ତ । ସେ ଏହା ବେଳରେ ବିଦ୍ୟାସାଗରଙ୍କ କାମ୍ୟ ଗଦ୍ୟ ସ୍ୱକୀୟ କୃତିତ୍ୱ, ବରଂ ସଂଯମ ରଚନା । ତାଙ୍କର ଲେଖନୀ ହିଁ ଓଡ଼ିଆ ଗଦ୍ୟଶୈଳୀକୁ ସାମ୍ପ୍ରଦାୟିକତା ପାଇଁ ଉପଯୁକ୍ତ କରିପାରିଥିଲେ । (୯) ତାଙ୍କର ପଦାଙ୍କ ଉପରେ ସଫଳ ଅନୁକରଣ କରିଥିଲେ ସଂଗୀତ ମୋହନ, ଫକୀରମୋହନ, ମଧୁସୂଦନ ଏବଂ ଗୋପବନ୍ଧୁଙ୍କ ପରି ଗଦ୍ୟକାରମାନେ ।

ସମସ୍ତ ଘଟଣାବଳୀ । ସେ ସମୟର ଘଟଣାବଳୀ ଜାତୀୟ ସାମାଜିକ, ରାଜନୈତିକ, ଧାର୍ମିକ ଓ ସାହିତ୍ୟିକ ଆଦର୍ଶ । ସମସାମୟିକ ଦେଶୀୟ ମଣିଷମାନଙ୍କର ଜୀବନଧାରାର ମଧ୍ୟ ସଂଗ୍ରାମର ପ୍ରତିଚ୍ଛବି ତାଙ୍କ ଲେଖାରେ ଥାଏ । ଘଟଣାଗୁଡ଼ିକ ସେମାନଙ୍କର ଅର୍ଥ ପ୍ରକାଶନର ସୂତ୍ର । ଏ ପ୍ରସଙ୍ଗରେ ଗୌରୀଶଙ୍କରଙ୍କ ଉତ୍କଳ ଦୀପିକାରୁ କେତେ-କୋଟି ଉଦାହରଣ ଦିଆଯାଇପାରେ । ସନ ୧୮୬୬ ର ଘୋର ଦୁର୍ଭିକ୍ଷ ସମୟରେ ଲେଖିଥିଲେ "ଏହି ରୂପ ଦିନ ଦିନ ଲୋକଙ୍କ ଯନ୍ତ୍ରଣା ବୃଦ୍ଧି ହେଉଛି । ଅନ୍ନାଭାବରେ ଲୋକମାନେ କ୍ଷୁଧାନିବାରଣ ନିମନ୍ତେ ନାନା ଅଖାଦ୍ୟ ପଦାର୍ଥ ଖାଇବାରୁ ଓ ଦୈହିକ ଦୁର୍ବଳ ହେବାରୁ ଓଲାଉଠା ରୋଗର ପ୍ରାଦୁର୍ଭାବ ହୋଇଛି । ଏହା ଶୀଘ୍ର ପ୍ରାଣୀ ନାଶ ହେଲେ ଓ ଦୁର୍ଭିକ୍ଷର ସମସ୍ତ ଲକ୍ଷଣ ଦୃଷ୍ଟ ଦର୍ଶନ ହେଲେ ସୁଦ୍ଧା ସମ୍ଭବ ଉଚିତ ହାକିମ ମାନେ ସେଥିରେ ଉଦ୍‌ବେଗ ମାତ୍ର କଲେ ନାହିଁ, ଜିଲ୍ଲାର ଭାଗ୍ୟରେ ଥିଲା, ସେହିପରି ଶାସ୍ତ୍ର ଅଛି । (ଉ. ଦୀ. ୧୧. ୮. ୬୬)(୧୦) ସେତେବେଳେ 'ସିନ୍ଦୁରା

(ସଂସ୍କୃତ) ଏବଂ ବ୍ରାହ୍ମ ଧର୍ମଦ୍ୱେଷୀ ଗୋଷ୍ଠୀ ଗୌରୀଶଙ୍କରଙ୍କ ବିରୁଦ୍ଧରେ ସମସ୍ତ କାଳରେ ଛିଡ଼ା ହୋଇଥିଲେ । ତା ପରେ ସେ-କମଣ ମୁକ୍ତ ହୋଇଲେ ସେମାନଙ୍କ ଦଳକୁ ଦଳିବାକୁ ଆରମ୍ଭ କଲେ । ୧୯୦୮ ମସିହା ବେଳକୁ ତାଙ୍କ-ପ୍ରକାଶ ଭଙ୍ଗୀରେ ଏକ ଅଦ୍ଭୁତ ପରିବର୍ତ୍ତନ ଦେଖାଦେଲା । ଉଦାହରଣରେ ଗୌରଦାସ ମିଶ୍ର ବସାଇବାର ପ୍ରତିବାଦରେ ସେ ଲେଖିଥିଲେ—"ମିଶ୍ରଙ୍କ ଅସୁଲ ହେଲେ, ଗୌରଦାସ ଦରମା ପାଇବ । ଦରମା ପାଇଲେ ଗୃହସ୍ଥ ପରିବାର । ସହସ୍ର ଦେଲେ କେବେ ସେହି ବଣ୍ଟାଙ୍କ ପାଇବାକୁ ରକ୍ଷା ପାଇବେ । ଏଣେ ପେଟ ଭାଗୁଆଙ୍କ ସବୁଦେଇ ମିଶ୍ରଙ୍କ ଅସୁଲ ହେବା ଉଚିତ । ମାତ୍ର ଗୌରଦାସ ଙ୍କ ଭରସ × × × ଏଥିରେ ତାହା ଧାଇଁବ ଯେବେ, ଭଜନ କାହିଁ, ଅନ୍ନ ଶୋଷାଏ, ଭଗାରୁ ଖାଉ ସେହି ଘଏ, ତହିଁରେ ଅଦ୍ଭୁତ ଙ୍କ ।" (ଉ. ଦୀ. ୧୧. ୪ ୧୯୦୮) କୃଷ୍ଣା ବାର୍ଣ୍ଣିଙ୍କ ପଣ୍ଡିତ ଗୋବିନ୍ଦ ରଥ ମୋକଦ୍ଦମାରୁ ମୁକ୍ତ ପାଇବା ପରେ "ବାର୍ଣ୍ଣିଙ୍କ ପ୍ରସିଦ୍ଧ ପଣ୍ଡିତ ଗୋବିନ୍ଦ ରଥଙ୍କ ନାମରେ ସେଠା ଷଡ଼ଯନ୍ତ୍ର କେତେପୋଟି ଜଳାଇବା ବାବୁ, ବାଳମୁକୁନ୍ଦ ଭାବଗ୍ରାହୀ ମିଥ୍ୟା ଅପବାଦ ରଚନା କରିଥିବା ମର୍ମରେ ଡାକ୍ତରଖାନା ଅଭିଯୋଗ ଦାଖଲ ମତେ ସେହି ମୋକଦ୍ଦମା ହୋଇଥିଲେ ତହିଁରେ ବାବୁ ଲକ୍ଷ୍ମୀଧରଙ୍କ ଡେପୁଟି ମ୍ୟାଜିଷ୍ଟ୍ରେଟ୍ ଏ. କେ. ରାୟ ସାହେବଙ୍କ ବିଚାରରେ ମୁକ୍ତ ପାଇଥିବା କଥା ପାଠକମାନଙ୍କୁ ଜଣାଇବୁ (ଉ. ଦୀ. ୧୮. ୪. ୧୯୦୮) ଉପଯୁକ୍ତ ଉଦାହରଣ ସମ୍ପର୍କ ଆବଶ୍ୟକ ନାହିଁ । ସମ୍ପୃକ୍ତ କାଳ ସ୍ପଷ୍ଟ ହୋଇ ନାହିଁ । ତାହାକୁ ସଂଯମ ଭାବରେ ଗଢ଼ିବାର ପ୍ରୟାସ ନାହିଁ । ତାହା ସେମିତି ହେଉ ମୁଦ୍ରଣ ସ୍ୱାଧୀନ ଅଭିବ୍ୟକ୍ତିର ସ୍ପଷ୍ଟ ସଙ୍କେତ । ମାତ୍ର ଶେଷ ଆଡ଼କୁ ଯାଇ ସେ ସୁନ୍ଦର ଉତ୍କଳ ସାହିତ୍ୟ ସମାଜର ଦ୍ୱାଦଶ ବାର୍ଷିକ ଅଧିବେଶନ (ତା-୧୬. ୧୨. ୧୯୧୬) ରେ ସଭାପତି ପ୍ରଦତ୍ତ ଅଭିଭାଷଣରେ ସେ କହିଥିଲେ—"ପୈତୃକ ସମ୍ପତ୍ତିର ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ ଏବଂ ତଦ୍‌ଦ୍ୱାରା ସାଧାରଣ ହିତ ସାଧନ ସତ୍ ପୁତ୍ରର ଲକ୍ଷଣ । ପୂର୍ବ ପୁରୁଷଙ୍କ ଠାରୁ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଅମୂଲ୍ୟ ସାହିତ୍ୟ ଧନର ଉନ୍ନତି ବାହାର କରିଲେ, ଆମ୍ଭେମାନେ ସୁପୁତ୍ର ଆଖ୍ୟାର ଯୋଗ୍ୟ ହେବୁ ନାହିଁ ।" ଉପର୍ଯ୍ୟୁକ୍ତ ଅଭିଭାଷଣରେ ଗୌରୀଶଙ୍କରଙ୍କର ପ୍ରାୟ ଜୀବନଟି ସେମିତି ମୁଦ୍ରିତ ହୋଇଯାଇଛି । (୧୭) ଏ ଶୈଳୀ କେବଳ ଗୌରୀଶଙ୍କରଙ୍କର ନୁହେଁ, ପ୍ରାୟ ଯୋଡ଼ାଏ ଶତାବ୍ଦୀ ଧରି ସ୍ୱଳ୍ପଶିକ୍ଷିତ ଓଡ଼ିଆ ଗଦ୍ୟର ରୂପାନ୍ତର ପ୍ରକ୍ରିୟାର ଇତିହାସ । ତତ୍ସମ ଯେ କୌଣସି ଶବ୍ଦକୁ ମନଇଚ୍ଛା ରୂପରେ ପ୍ରୟୋଗ କରିବା ପାଇଁ ଓଡ଼ିଆ ଭାଷାରେ ଶବ୍ଦମାଳାର ଯେ ଅଭାବ ନାହିଁ, ତାହା ତାଂକ ଗଦ୍ୟରେ ଯଥେଷ୍ଟ ଅଭିବ୍ୟକ୍ତ ହୋଇ ପାରୁଥିଲା ।

ଗୌରୀଶଙ୍କର ସାହିତ୍ୟ ଲେଖି ନ ଥିଲେ । ମାତ୍ର ଆପଣା ଭାଷାର ସାହିତ୍ୟିକ ମାନଙ୍କର ଯେ ଥିଲେ ପ୍ରେରଣାଦାତା, ଅନ୍ୟ ପ୍ରକାରାନ୍ତରେ ଓଡ଼ିଆ ସାହିତ୍ୟ-ଜଗତର ନେତା । ପ୍ରାୟ ପଚାଶ ବର୍ଷର ଉତ୍କଳ ଦୀପିକା ପୃଷ୍ଠାରେ ଓଡ଼ିଆ ଗଦ୍ୟର ଯେଉଁ କ୍ରମ ବିବର୍ତ୍ତନ ରୂପ ଲକ୍ଷ୍ୟ କରାଯାଏ ତାହା ଯେ ଜଣେ ବ୍ୟକ୍ତିର ସମସ୍ତ ଜୀବନବ୍ୟାପୀ ଅଧ୍ୟବସାୟର

ଉଚ୍ଚାରଣ, ସାଂକେତିକ ସ୍ୱରୂପ, ଉଚ୍ଛ୍ୱାସ ଅବବୋଧରେ ଶବ୍ଦାବଳୀ, ଏ ସବୁକୁ ନିର୍ବିବାଦରେ ସ୍ୱୀକାର କରିହୋଇ ପାରେ । ଉତ୍କଳ ପ୍ରତିଭା ଥିଲା ଜନ୍ମ-ଜନ୍ମାନ୍ତିତ ଓଡ଼ିଆ ଗଦ୍ୟ ସ୍ୱରୂପର ପରୀକ୍ଷା ଭୂମି ।

## ସହାୟକ ଗ୍ରନ୍ଥ ଓ ପତ୍ରିକା ସୂଚୀ :—


୧- Mayhew Aurthur — Christianity in India, Gian Publishing House, 2916 Shaktinagar, New Delhi-7 Pages 24 26.

୨- ମିଶ୍ର ଶ୍ରୀଧର — (୧୯୬୮) ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟ, ବିଦ୍ୟାପୁରୀ, କଟକ, ପୃ ୫, ୫୮ ।

୩- ଅବଦୁଲ ମଜିଦ ଅଲ ଅମାନ (ସମ ) ସାହିତ୍ୟ ସମ୍ରାଟ । ପ୍ରକାଶକ : ଏସ ମଲ୍ଲିକ, ୩୭ ଏ, କଲେଜ ରୋଡ, କଲିକତା, ପୃ ୨୫୨-୨୯ ।

୪- ରାମଚନ୍ଦ୍ର ଦେହୁରୀ—(୧୯୭୭) ଓଡ଼ିଆ ସାହିତ୍ୟରେ ସମୀକ୍ଷା ଓ ସନ୍ଧାନ, ଶ୍ରୀମତ୍ ଭଗବାନ ରାମଚନ୍ଦ୍ର, ଭୁବନେଶ୍ୱର, ପୃ ୫୬-୬୬ ।

(ଖ) Shastri, Sibanath—History of Brahma Samaj Second Edition (1974) Page 520

୫- ପୂର୍ବୋକ୍ତ ଟିପ୍ପଣୀ — ୪ ପୃ ୫୬-୬୬ ।

୬- ରାମଚନ୍ଦ୍ର ଦେହୁରୀ (୧୯୬୪) ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦) ବାଣୀ ଭବନ, ରାମଚନ୍ଦ୍ରପୁର, ଭୁବନେଶ୍ୱର ଦ୍ୱି.ସଂ : ୧୯୮୩ ପୃ ୨୨୫-୩୬ ।

୭- ରାମଚନ୍ଦ୍ର ଦେହୁରୀ ୧୯୬୪ – ଓଡ଼ିଆ ସାହିତ୍ୟର ଇତିହାସ ପୃ ୨୦୧-୨୫୧ । ପଟ୍ଟନାୟକ ସୁଧାକର (୧୯୭୨) ସମ୍ବାଦ ପତ୍ରରୁ ଓଡ଼ିଶାର କଥା, ଗ୍ରନ୍ଥ ମନ୍ଦିର କଟକ, ପ୍ରଥମ ପୃ ୫୦୧-୦୪, ୫୩୧-୩୬; ଦାଶ ଦେବେନ୍ଦ୍ର ନାଥ (୧୯୮୩)ଙ୍କ ଓଡ଼ିଆ ଭାଷା ବର୍ଣ୍ଣର ପରିଶିଷ୍ଟ, ଓଡ଼ିଆ ଗବେଷଣା ପରିଷଦ, କଟକ ପ୍ରଥମ ପୃ ୪୩-୫୫, ଏବଂ ଦାଶ ଦେବେନ୍ଦ୍ର ନାଥଙ୍କ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ, ଝଙ୍କାର, ୧୮୬୭ର ନଭେମ୍ବର, ଡିସେମ୍ବର, ରାମଚନ୍ଦ୍ର ଦେହୁରୀଙ୍କ ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ଏବଂ ପୁନରୁଦ୍ଧାର ଝଙ୍କାର—(୧୯୮୮) ଅଗଷ୍ଟ, ସେପ୍ଟେମ୍ବର, (୧୯୮୯) ଜାନୁୟାରୀ ଏବଂ ଦାଶ ଦେବେନ୍ଦ୍ର ନାଥଙ୍କ, ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ଏବଂ ପୁନର୍ସଂସ୍ଥାପନ, ଝଙ୍କାର (୧୮୮୯) ଅଗଷ୍ଟ, ଅକ୍ଟୋବର, ନଭେମ୍ବର (୧୯୯୦) ଜାନୁୟାରୀ, ମାର୍ଚ୍ଚ ଓ ଜୁନ ସଂଖ୍ୟା

ଏବଂ ରଥ ପଣ୍ଡିତ ମୃତ୍ୟୁଞ୍ଜୟଙ୍କ ଲିଖିତ 'ଧର୍ମଯୋଗୀ ଗୌରୀଶଙ୍କର'—ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ (୧୯୬୧) କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍, ପୃ ୩୬୪·୩୮୦, ପ୍ରଥମ ।

୮- ରଥ, ପଣ୍ଡିତ ମୃତ୍ୟୁଞ୍ଜୟ : ଧର୍ମଯୋଗୀ ଗୌରୀଶଙ୍କର (୧୯୨୪) ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ (୧୯୬୧). କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍, ଖଣ୍ଡ-୨ ।

୯- ମହାନ୍ତି, ସୁରେନ୍ଦ୍ର (୧୯୮୮) ଓଡ଼ିଆ ସାମ୍ବାଦିକତାର ଜନକ ଗୌରୀଶଙ୍କର, ଧର୍ମବୀର ଗୌରୀଶଙ୍କର ଭୂମିକା, ଗୌରୀଶଙ୍କର ସ୍ମୃତି ସଂସଦ, କଟକ ୧। ପୃ ୧୪୦ ।

୧୦- ମହାନ୍ତି ବଂଶୀଧର—ସମ୍ପାଦନା (୧୯୬୮) ଉତ୍କଳ ଦର୍ପଣ, ଫ୍ରେଣ୍ଡସ୍ ପବ୍ଲିସର୍ସ ଖଣ୍ଡ-୨ । ପୃ ୧୧ ।

୧୧- Mazumdar, B.C. (1925)—Typical Selections from Oriya, Litratese, vol-3, Calcutta University, Introduction XXVII.

୧୨- ପୂର୍ବୋକ୍ତ ଟିପ୍ପଣୀ ପୃ-୩୪୬ ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ସରକାରୀ ମହାବିଦ୍ୟାଳୟ,
ଅନୁଗୁଳ, ଢେଙ୍କାନାଳ ।

# ଓଡ଼ିଶାର ନବଜାଗରଣ ଓ ବୁଦ୍ଧିଜୀବୀ ଗୌରୀଶଙ୍କର

ଦେବେନ୍ଦ୍ର କୁମାର ଦାଶ

॥ ଏକ ॥

ଊନବିଂଶ ଶତାବ୍ଦୀ, ଓଡ଼ିଶା ତଥା ଭାରତ ଇତିହାସର ଏକ ସନ୍ଧିକାଳ । ଏହି ଶତାବ୍ଦୀରେ 'ସମଗ୍ର ଭାରତରେ ଦେଖା' ଦେଇଥିବା ସାମାଜିକ, ରାଜନୈତିକ ଆନ୍ଦୋଳନ ଭାରତ ଇତିହାସର ଗତିପଥକୁ ନୂତନ ଭାବେ ନିର୍ଦ୍ଧାରଣ କରିଥିଲା, ଭାରତୀୟ ମନୀଷା ବିଭିନ୍ନ ସ୍ତରରେ ଆପଣାକୁ ଅଭିବ୍ୟକ୍ତ କରିଥିଲା । ଏହି ପରିବର୍ତ୍ତନର ପ୍ରତ୍ୟେକ ବୈଶିଷ୍ଟ୍ୟ ଏବେ ବି ବିତର୍କର ବିଷୟ । ଔପନିବେଶିକ ଶାସନ ବ୍ୟବସ୍ଥା ଭିତରେ ଏହା ମୁଷ୍ଟିମେୟ ଜନସାଧାରଣଙ୍କୁ ହିଁ ସ୍ପର୍ଶ ଓ ପ୍ରଭାବିତ କରିଥିଲା । ତଥାପି ଐତିହାସିକ ଅର୍ଥରେ ଏହା ନବଜାଗରଣ ରୂପରେ ଚିହ୍ନିତ । ଗୌରୀଶଙ୍କର ରାୟ (୧୩. ୭. ୧୮୩୮— ୭. ୩. ୧୯୧୭), ଓଡ଼ିଶାରେ ଏହି ନବଜାଗରଣର ଥିଲେ ଅଗ୍ରଣୀ ଉଦ୍‌ଗାତା ।

ଗୌରୀଶଙ୍କରଙ୍କ ସାମାଜିକ ଭୂମିକାର ମୂଲ୍ୟାୟନ ତାଙ୍କ ସମକାଳରେ ହିଁ ଆରମ୍ଭ ହୋଇ ସାରିଥିଲା । ତାଙ୍କୁ ସେତେବେଳେ ମାତ୍ର ତିରିଶ ବର୍ଷ, ସେତେବେଳେ କବି ରାଧାନାଥ ଏକ କବିତାରେ ତାଙ୍କୁ 'ଉତ୍କଳ-ହିତୈଷୀ ନାୟକ' ପାଠ ରୂପେ ଉଲ୍ଲେଖ କରିଥିଲେ । ପାଠ୍ୟ ପୁସ୍ତକ ଆନ୍ଦୋଳନ ଓ ଭାଷା-ଭାଷ୍ୟ ଆନ୍ଦୋଳନ ବେଳେ ସେତେବେଳେ ବେଶ ଉଣେ ଅଧ ଶତାବ୍ଦୀ ବାକିଥିଲା, ସେତେବେଳେ 'ନବ-ଯୁଗ-ସ୍ରଷ୍ଟା-ପ୍ରଜ୍ଞ ଗୌରୀଶଙ୍କର'ଙ୍କ ମହାପ୍ରାଣ ଓ ପ୍ରତିଭାର ପ୍ରଶଂସାରେ ଦେଶ ମନସ୍ୱୀଙ୍କ ଦ୍ୱାରା ସେ ଅଭିନନ୍ଦିତ ହୋଇଥିଲେ । ଫକୀର ମୋହନ ମଧ୍ୟ ତାଙ୍କୁ କର୍ମୀ ଓ ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନର ନାୟକ ରୂପେ ସ୍ୱୀକାର କରିଥିଲେ । ତାଙ୍କ ମୃତ୍ୟୁ ପରେ ପରେ ଯେଉଁ ଜୀବନୀ (ଶ୍ରୀଧର ରାଉତ, ମୃତ୍ୟୁଞ୍ଜୟ ରଥ ଓ ଲାଲ ଦଶରଥ କୁମାର ସିଂହ) ତାଙ୍କ ଜୀବନୀ ଲେଖିଛନ୍ତି ସେମାନେ ତାଙ୍କୁ ମୁଖ୍ୟତଃ କର୍ମଯୋଗୀ, କର୍ମବୀର ଆଦି ଉପାଧିରେ ଭୂଷିତ କରିଛନ୍ତି । ଓଡ଼ିଶାରେ ପ୍ରିଣ୍ଟିଂ ପ୍ରେସ ସ୍ଥାପନ ସମ୍ବାଦ ପତ୍ର ପ୍ରକାଶନ, ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ପ୍ରତିଷ୍ଠା ପାଇଁ ସଂଗ୍ରାମ, ସ୍ୱାଧୀନ ଓଡ଼ିଆ ସାହିତ୍ୟର ପୁନରୁତ୍ଥାନ, ବିଭିନ୍ନ ସାମାଜିକ ଓ ରାଜନୈତିକ ଆନ୍ଦୋଳନରେ ଅଂଶ ଗ୍ରହଣ, କାଂଗ୍ରେସ ପ୍ରତିଷ୍ଠା, ବିଦ୍ୟାଳୟ, ଚିକିତ୍ସାଳୟ ସ୍ଥାପନ, ସହୋଦର

ଜୀବନ ଆରମ୍ଭ ଥିଲା ସେତିକି ତାଙ୍କ କର୍ମୀ ଜୀବନର ଉଜ୍ଜ୍ୱଳ ସ୍ମାରକୀ ରୂପରେ ଉଲ୍ଲିଖିତ । ଏବେ ମଧ୍ୟ ତାଙ୍କର ସେହି କର୍ମ-ଭୂମିକା ଉପରେ ହିଁ ଅତ୍ୟଧିକ ଗୁରୁତ୍ୱ ଆରୋପିତ । ତାଙ୍କର ସାର୍ଦ୍ଧ ଶତବାର୍ଷିକୀ ଉପଲକ୍ଷେ 'ଗୌରୀଶଙ୍କର ସ୍ମୃତି ସଂସଦ' ଆନୁକୂଲ୍ୟରେ ପ୍ରକାଶିତ 'କର୍ମବୀର ଗୌରୀଶଙ୍କର' ପୁସ୍ତକର ଶୀର୍ଷକରେ ତାଙ୍କର କର୍ମୀ ଜୀବନ ଉପରେ ଜୋର ଦିଆଯାଇଥିଲେ ବି ଏଥିରେ ସଂଯୁକ୍ତ କେତେକ ପ୍ରବନ୍ଧରେ ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱର ଅନ୍ୟ କେତେକ ଦିଗ ଉପରେ ଆଲୋକ ପାତ କରାଯାଇଛି । ଏହି ଦୃଷ୍ଟିରୁ ସଙ୍ଗ୍ରାମ ପାଣି ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ, ନୀହାର ରଞ୍ଜନ ପଟ୍ଟନାୟକ, କୁଳମଣି ମହାନ୍ତି, ହେମନ୍ତ କୁମାର ଦାସ ତଥା ସ୍ୱର୍ଗତଃ ସୁରେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ପ୍ରବନ୍ଧ ଗୁରୁତ୍ୱପୂର୍ଣ୍ଣ । କେବଳ କର୍ମୀ ଭାବରେ ନୁହେଁ, ଜଣେ ବୁଦ୍ଧିଜୀବୀ ତଥା ଚିନ୍ତାନାୟକ ଭାବରେ ଗୌରୀଶଙ୍କର ତାଙ୍କ ସମୟକୁ କେଉଁଭଳି ଭାବେ ଆଲୋଡ଼ିତ କରିଥିଲେ ଓ ଭବିଷ୍ୟତ ପାଇଁ କେଉଁ ପଥ-ନିର୍ଦ୍ଦେଶ କରିଥିଲେ, ତାହାର କେତେକ ସୂଚନା ଉପରୋକ୍ତ ଲେଖକମାନଙ୍କର ପ୍ରବନ୍ଧରେ ରହିଛି । ଉପରୋକ୍ତ ସଙ୍କଳନର ପ୍ରକାଶ ପୂର୍ବରୁ ଡକ୍ଟର ନଟବର ସାମନ୍ତରାୟ ତାଙ୍କର 'ଓଡ଼ିଆ ସାହିତ୍ୟର ଇତିହାସ' ପୁସ୍ତକ ଓ ଅନ୍ୟାନ୍ୟ ପ୍ରବନ୍ଧରେ ଓଡ଼ିଆ ଭାଷାକୁ ବିଲୋପନରୁ ଉଦ୍ଧାର ଓ ପ୍ରତିଷ୍ଠା କରିବାରେ ସେ ଯେଉଁ ଅଗ୍ରଣୀ ଭୂମିକା ନେଇଥିଲେ, ତାହାକୁ ଅର୍ଦ୍ଧ-ଶତାବ୍ଦୀ ଓ ତାହାର ବିସ୍ମୃତିରୁ ମୁକ୍ତ କରି ଓଡ଼ିଆ ପାଠକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ ।

ଗୌରୀଶଙ୍କରଙ୍କ କର୍ମୀ ଭୂମିକାକୁ ଅସ୍ୱୀକାର ନ କରି, ଏତିକି କୁହାଯାଇପାରେ ଯେ, ତାଙ୍କ କର୍ମ ଥିଲା ମୁଖ୍ୟତଃ ବୌଦ୍ଧିକ-କର୍ମ । ଗୌରୀଶଙ୍କର ମୁଖ୍ୟତଃ ଥିଲେ ଜଣେ ସମ୍ପାଦକ ଓ ଚିନ୍ତାନାୟକ । ସମାଜ-ଆନ୍ଦୋଳନ ଠାରୁ ରାଜନୈତିକ ଆନ୍ଦୋଳନ ପର୍ଯ୍ୟନ୍ତ ଗୌରୀଶଙ୍କରଙ୍କ ଅଧିକାଂଶ କ୍ରିୟା ଥିଲା ବୁଦ୍ଧିମାର୍ଗୀୟ । ଓଡ଼ିଆ ଜାତୀୟତାର ତାହା ଥିଲା ଉନ୍ମେଷ ପର୍ବ ଓ ଓଡ଼ିଆ ଜାତୀୟ ଚେତନାର ଭଗୀରଥ ଥିଲେ ଗୌରୀଶଙ୍କର । ଭାଷା ସୁରକ୍ଷା ଆନ୍ଦୋଳନର ନେତୃତ୍ୱ, ଓଡ଼ିଆ ସାହିତ୍ୟର ପୁନରୁଦ୍ଧାର, ଓଡ଼ିଆ ଗଦ୍ୟ ଶୈଳୀର ନିର୍ମାଣ ଓ ସମ୍ବାଦପତ୍ର ସମ୍ପାଦନା ମଧ୍ୟ ଦେଇ ଓଡ଼ିଶାର ମଧ୍ୟବିତ୍ତମାନଙ୍କୁ ନୂଆ ଜୀବନ ପ୍ରତି ଆକୃଷ୍ଟ କରିବା ଗୌରୀଶଙ୍କରଙ୍କ ବୁଦ୍ଧିଜୀବୀ ଭୂମିକାର ପରିଚାୟକ ।

## ॥ ଦୁଇ ॥

ଆଧୁନିକ ଶିଳ୍ପ ସଭ୍ୟତାର ମାନଦଣ୍ଡରେ ଅନଗ୍ରସର ରୂପେ ଅଭିହିତ କୌଣସି ସମାଜରେ ଜଣେ ବୁଦ୍ଧିଜୀବୀଙ୍କର ଅବଦାନ ସହଜ ଓ ସରଳ ସାମାଜିକ ପ୍ରକ୍ରିୟା ହେତୁ ସମ୍ଭବ ହୋଇନଥାଏ । କୌଣସି ଐତିହାସିକ ଅତୀତର ବା ପ୍ରଗତିଶୀଳ ସମାଜ ବା ଗୋଷ୍ଠୀ ସହ ପଶ୍ଚାତ୍‌ବର୍ତ୍ତୀ ସମାଜର ସମ୍ପର୍କ, ସଂଘର୍ଷ ଓ ସଂଯୋଗ ଫଳରେ ସୃଷ୍ଟି

ହେଉଥିବା ସାମାଜିକ ଓ ଆର୍ଥିକ ଆବର୍ତ୍ତରୁ ଏହି ବୁଦ୍ଧିଜୀବୀଙ୍କର ଆବିର୍ଭାବ । ଅନ୍ୟ ଶବ୍ଦରେ କହିଲେ ଯେତେବେଳେ ଅସମ ବିବର୍ତ୍ତନ ହେତୁ ଦୁଇଟି ଭିନ୍ନ ଭିନ୍ନ ସ୍ଥିତିରେ ଅବସ୍ଥାନ କରୁଥିବା ଦୁଇଟି ସମାଜ ବା ଗୋଷ୍ଠୀ ଅବାଧ ସଂଯୋଗ ଫଳରେ ସଂଶ୍ଳିଷ୍ଟ ହୋଇ ପଡନ୍ତି, ସେତେବେଳେ ଅନଗ୍ରସର ସମାଜରେ ବୁଦ୍ଧିଜୀବୀଙ୍କର ଅଭ୍ୟୁଦୟ ଅନିବାର୍ଯ୍ୟ ହୋଇପଡ଼େ । ଅଷ୍ଟାଦଶ ଶତକର ଭାରତବର୍ଷର ସାମ୍ରାଜ୍ୟ, ସାମାଜିକ ସ୍ତରରେ ସଂଘଟିତ ହୋଇଥିବା ବିପ୍ଳବ ଘଟଣା ହେତୁ ଗୋଟିଏ ଜୀବନ୍ମୃତ ସଭ୍ୟତା ଉପରେ ପଶ୍ଚିମର ଗୋଟିଏ ପ୍ରଗତିଶୀଳ ଆଗ୍ରାସୀ ସଭ୍ୟତାର ଆକ୍ରମଣ ଆରମ୍ଭ ହୋଇଯାଇଥିଲା । ଏହି ଆକ୍ରମଣ ଆରମ୍ଭ ହୋଇଥିଲା ପ୍ରାୟତଃ ସମକାଳରେ ଭାରତର ତିନୋଟି ତଟରେ - କଲିକତା, ବମ୍ବେ ଓ ମାନ୍ଦ୍ରାଜରେ । ପରେ ତାହା ଭାରତର ଭିତର ଅଞ୍ଚଳକୁ ପ୍ରସାରିତ ହୋଇଥିଲା । ଫଳରେ, ଦୁଇଟି ସମ୍ପୂର୍ଣ୍ଣ ବିପରୀତଧର୍ମୀ ଜୀବନଦର୍ଶନ ଓ ମୂଲ୍ୟବୋଧର ଆକ୍ରମଣ ଓ ଆତ୍ମରକ୍ଷାର ଆକାଂକ୍ଷା ଯେଉଁ ଜଟିଳ ଆବର୍ତ୍ତର ସୃଷ୍ଟି କରିଥିଲା, ତାହା ପ୍ରତ୍ୟାହିତ ସ୍ରୋତରେ ଆଧୁନିକ ବୁଦ୍ଧିଜୀବୀର ଚିନ୍ତାଶୀଳତାର ମାର୍ଗକୁ ନିୟନ୍ତ୍ରିତ କରେ ।

ବୌଦ୍ଧିକମାନଙ୍କ ଉପରେ କୌଣସି ଆଲୋଚନା ଆରମ୍ଭ କରିବା ପୂର୍ବରୁ କଥାଟିକୁ ଭିନ୍ନ ଭାବରେ ଉପସ୍ଥାପନ କରାଯାଇପାରେ । ଅର୍ଥନୈତିକ ଉତ୍ପାଦନରେ ନିର୍ଦ୍ଦିଷ୍ଟ ଭୂମିକା ଥିବା କୌଣସି ଶ୍ରେଣୀ ଯେତେବେଳେ ଇତିହାସର କୌଣସି ସ୍ତରରେ ଉତ୍ପତ୍ତି ହୁଏ, ସେତେବେଳେ ଏକ ସାଙ୍ଗରେ ଏକ ବା ଏକାଧିକ ବୁଦ୍ଧିଜୀବୀ ଗୋଷ୍ଠୀ ଜନ୍ମ ନିଅନ୍ତି । ଏହି ବୁଦ୍ଧିଜୀବୀମାନେ ଆପଣା ଶ୍ରେଣୀର ଆଦର୍ଶ ସୃଷ୍ଟି କରନ୍ତି, ସଂରକ୍ଷଣ କରନ୍ତି ସେହି ଶ୍ରେଣୀର କର୍ମକାଣ୍ଡ । ସାମାଜିକ ଅର୍ଥନୈତିକ ରାଜନୈତିକ ଆଦି ଯାବତୀୟ କର୍ମରେ ବୁଦ୍ଧିଜୀବୀଗଣ ଆପଣା ଶ୍ରେଣୀକୁ ସଚେତନତାବୋଧ ଓ ଅସ୍ତି-ତ୍ୱ ଦ୍ୱାରା ସମୃଦ୍ଧ କରନ୍ତି । ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇପାରେ, ଆଧୁନିକ ପୁଞ୍ଜିପତି ଶ୍ରେଣୀର ଅଭ୍ୟୁଦୟ ସହ ଯନ୍ତ୍ରବିତ୍, ଅର୍ଥନୀତି, ଦର୍ଶନ ସାହିତ୍ୟ ଓ ନ୍ୟାୟଶାସ୍ତ୍ରର ଲେଖକର ଏମାନଙ୍କ ଭୂମିକାକୁ ଶ୍ରେଷ୍ଠ ସମ୍ପାଦନ କରିବା ପାଇଁ ଏକ ପଣ୍ଡିତବର୍ଗର ଅଭ୍ୟୁଦୟ ଦେଇଥିଲା । ଭାରତବର୍ଷରେ ଔପନିବେଶିକ ଶାସନ କାଯେମ ରଖିବା ପାଇଁ ଇଂରେଜ ଶାସକବର୍ଗ ଓ ଇଂରେଜ ବଣିକ ଶ୍ରେଣୀକୁ ଅନୁସରଣ କରି ଭାରତରେ ନବ-ଧନିକ ଶ୍ରେଣୀ ଓ ନୂଆ ଭୂମ୍ୟଧିକାରୀ ବା ଜମିଦାର ଗୋଷ୍ଠୀର ଆବିର୍ଭାବ ଘଟିଥିଲା । ସୁତରାଂ ସାମାଜିକ ଜନନ ନିୟମ ଅନୁଯାୟୀ ସେମାନଙ୍କ ଆଦର୍ଶର ପ୍ରବକ୍ତା ହିସାବରେ ଗୋଟିଏ ବୁଦ୍ଧିଜୀବୀ ଗୋଷ୍ଠୀର ଅଭ୍ୟୁଦୟ ପ୍ରତ୍ୟାଶିତ ଓ ସ୍ୱାଭାବିକ । ଇଂରେଜ ଶାସକମାନଙ୍କର ଅସ୍ତ୍ର ଓ ବୁଦ୍ଧିଜୀବୀମାନଙ୍କର ମେଧା — ଏହି ଦୁଇ ସ୍ତମ୍ଭ ଉପରେ ଛିଡ଼ା ହୋଇ ଔପନିବେଶିକ ବ୍ୟବସ୍ଥା ଅନଗ୍ରସରଙ୍କର ଚରମ ଶୋଷଣ କରିବା ସହ ତା'ର ତଥାକଥିତ ପ୍ରଗତିଶୀଳତାର ବାର୍ତ୍ତା ପ୍ରଚାର କରୁଥିଲା । ଏଥିରୁ ଅନ୍ୟ ଗୋଟିଏ ସତ୍ୟ ଉଦ୍‌ଘାଟିତ, ତାହା ହେଲା ସମାଜ-ରୂପାନ୍ତରରେ ବଣିକ ଯେଉଁଭଳି, ମେଧାର ମଧ୍ୟ ସେହିଭଳି ଏକ

କାର୍ଯ୍ୟକାରୀ ଅଥବା ଫଣ୍ଡ୍ କଲେକ୍ଟରର ଭୂମିକା ନେଇଛନ୍ତି । ପୁଣି ବେଳେବେଳେ ଦେଖାଯାଏ ଯେ ବୁଦ୍ଧି ଓ ମେଧା ନଥିବା ବ୍ୟକ୍ତିଙ୍କ ପାଖରେ କେବଳ ଭୁଲ— ଜଣେ ବ୍ୟକ୍ତିଙ୍କର ସୂଚକ ଭୂମିକା । ପୁଣି ବେଳେବେଳେ ଦେଖାଯାଏ, ମେଧା ବ୍ୟକ୍ତିଙ୍କ ବହୁଧାର ହେବାରେ ସାହାଯ୍ୟ କରନ୍ତି ଓ ମେଧା ତଥା କଳ୍ପନାର ମିଳନ ବ୍ୟକ୍ତିଙ୍କୁ ବୁଦ୍ଧିଜୀବୀ ରୂପରେ ଏକ ଅପରୂପ ସୃଜନଶୀଳ ଓ ସାହସୀ ଭୂମିକା ନେବାରେ ସହାୟକ ହୋଇଛି । ଗୌରୀଶଙ୍କରଙ୍କ ବୁଦ୍ଧିଜୀବୀ-ଜୀବନ ଏହାର ଦୃଷ୍ଟାନ୍ତ ।

ଓଡ଼ିଶା ଭଳି ଅନଗ୍ରସର ରାଜ୍ୟରେ ବୁଦ୍ଧିଜୀବୀଙ୍କର ଭୂମିକାର ସ୍ୱରୂପ ଓ ସେମାନଙ୍କର ସ୍ୱକୀୟ ବୈଶିଷ୍ଟ୍ୟ ନେଇ କେତୋଟି ପ୍ରଶ୍ନର ଅବତାରଣା କରାଯାଇ ପାରେ । ଅଧ୍ୟାପକ ଅରବିନ୍ଦ [illegible] ପ୍ରାଚ୍ୟ-ପାଶ୍ଚାତ୍ୟ ସମାଜ ଭାରତୀୟ ଐତିହାସିକ ବୈଶିଷ୍ଟ୍ୟର ଆଲୋଚନା କରିବାବେଳେ ବୁଦ୍ଧିଜୀବୀମାନଙ୍କୁ 'ମାନବୀୟ ଟ୍ରାନ୍ସଫର୍ମର ରୂପେ ଅଭିହିତ କରିଛନ୍ତି । ଗୋଟିଏ ଯାନ୍ତ୍ରିକ ଟ୍ରାନ୍ସଫର୍ମର ଯେପରି ବିଦ୍ୟୁତ ଶକ୍ତି ପ୍ରବାହକୁ ନିୟନ୍ତ୍ରିତ କରି ନୂତନ ପ୍ରବାହ ସୃଷ୍ଟି କରିଥାଏ; ବୁଦ୍ଧିଜୀବୀଗଣ ସେହିପରି ଗୋଟିଏ ଜଗତରୁ ଅର୍ଜିତ ଜ୍ଞାନ, ଧ୍ୟାନଧାରଣା ଓ ଆଦର୍ଶ ଆଦିକୁ ଅନ୍ୟ ଏକ ଜଗତରେ ସଂକ୍ରମିତ କରନ୍ତି । ଏହି ବୁଦ୍ଧିଜୀବୀଗଣ ହେଲେ ନୂତନ ଧ୍ୟାନଧାରଣାର ପ୍ରଚାର ଓ ସଂପ୍ରସାରଣର ମାଧ୍ୟମ— ଏହି ବିଷୟରେ ସମସ୍ତ ଇତିହାସ-ବେତ୍ତା ପଣ୍ଡିତ ଓ ସମାଜତାତ୍ତ୍ୱିକଗଣ ଏକମତ । ସମାଜରେ ସନ୍ଧି ମୁହୂର୍ତ୍ତରେ ସେମାନେ ଗ୍ରହଣ କରନ୍ତି ସଂଯୋଗ-ପ୍ରାପକର ଭୂମିକା । ସେହି ଭୂମିକା ଗ୍ରହଣ କରିବା ପାଇଁ ତାଙ୍କର ବ୍ୟକ୍ତିଗତ ଓ ସାମାଜିକ ଜୀବନକୁ କଠୋର ସ୍ତରରେ ନିୟନ୍ତ୍ରିତ କରିବାକୁ ହୋଇଥାଏ । ମାନବିକ ଇତିହାସର ଗୋଟିଏ ପର୍ଯ୍ୟାୟରୁ ଅନ୍ୟ ଏକ ପର୍ଯ୍ୟାୟକୁ ଯାତ୍ରା କରିବାବେଳେ ସ୍ୱତ ସ୍ୱତନ୍ତ୍ର ଓ ଆଦର୍ଶବାଦରେ ସେମାନେ ଥାଆନ୍ତି ଉଦବୁଦ୍ଧ । ନୂଆ ଜଗତର ଆଲୋକ ଅନ୍ୟ ଜଗତକୁ ଗ୍ରହଣ କରି ଆଣିବା ବେଳେ ବା ତାକୁ ଆଲୋକିତ କରିବାବେଳେ ସେହି ଆଲୋକର ଦୀପ୍ତିରେ ଆପଣାର ଅନ୍ତର୍ଜଗତକୁ ମଧ୍ୟ ସେମାନେ ଆଲୋକିତ କରିଥାନ୍ତି । ଅନ୍ୟର ଦୃଷ୍ଟି ଭିତରେ ଅନୁଭୂତ ଅନୁଭବକୁ ସେମାନେ ବର୍ଣ୍ଣନା କରିଥାନ୍ତି ଯେ ଏକ ଐତିହାସିକ ମୁହୂର୍ତ୍ତରେ ତାଙ୍କର ଜନ୍ମ ଓ ଐତିହାସିକ ଦାୟିତ୍ୱ ସମ୍ପାଦନ କରିବାର ସାମର୍ଥ୍ୟ ତାଙ୍କ ଦେହ ଓ ମନରେ ବର୍ତ୍ତିତ । ବ୍ୟକ୍ତିଗତ ଜୀବନର ସାମାନ୍ୟ ସ୍ୱାର୍ଥ ଓ ସ୍ୱାଭାବିକ ସମାଜ-ଜୀବନର ଅନ୍ଧଚକ୍ରରୁ ମୁକ୍ତିଲାଭ କରି ଅଦେଖା ନୂଆ ମାନବିକ ଭବିଷ୍ୟତକୁ ଧାଇଁବାରେ ପ୍ରସ୍ତୁତ କରିବା ପାଇଁ ସେମାନେ ସ୍ୱୟଂ ଅନୁପ୍ରେରିତ ହୋଇଥାନ୍ତି । ଆଂଗ୍ଲୋଇକ ସମାଜ ଯେଉଁ ନୈତିକ ଓ ରାଜନୈତିକ ସମସ୍ୟାରେ ପୀଡ଼ିତ, ସେହି ସମସ୍ତ ସମସ୍ୟାର ବିଶ୍ଳେଷଣ କରି ତାହାର ସମାଧାନର ସନ୍ଧାନ ଦେଇ ଓ ସମାଧାନର ପଥ ସେମାନେ ଉନ୍ମୁକ୍ତ କରନ୍ତି । ଉପନିବେଶ କାଳର ଭାରତୀୟ ଜାତୀୟତାରେ ସେମାନଙ୍କ ଭୂମିକା ପଥପ୍ରଦର୍ଶକର— ଏହି ସଚେତନ ସେମାନଙ୍କର କର୍ତ୍ତବ୍ୟ ଓ କର୍ମରେ ଆସିଥାଏ ଅସାଧାରଣ ଉଦ୍ଦୀପନା ଓ ପ୍ରାଣଶକ୍ତି ।

ଉପରୋକ୍ତ ସାଂସ୍କୃତିକ-ବସ୍ତୁର ଭିତ୍ତିରେ ଗୌରୀଶଙ୍କରଙ୍କ ବ୍ୟକ୍ତିତ୍ୱ ଓ ଭୂମିକା ଆଲୋଚନା କରାଯାଇପାରେ । ଗୌରୀଶଙ୍କର ଓଡ଼ିଶାର ଦୌର୍ଭିକ୍ଷ ଅବଲମ୍ବନରେ ନୂତନ ସୃଷ୍ଟି ରୂପେ ଉଦିତ ହେବା ମୂଳରେ ଅନ୍ୟ ସାହିତ୍ୟ-ବାଣିଜ୍ୟତା ଭଳି ସା-ଏହା ଏକ ଐତିହାସିକ ଆବଶ୍ୟକତା ଥିଲା । ଏହା ସ୍ୱାଦେଶି ଓ ଜାତୀୟ ବ୍ୟାପୀ ସାଧନାର ପ୍ରେରଣା ପାଇଥିଲେ ସେ ଆପଣାର ଅନ୍ତର ପ୍ରଦେଶରୁ । ତାଙ୍କ ପୂର୍ବରୁ ମୁକ୍ତି ମଧ୍ୟ ଓଡ଼ିଆ ଶିକ୍ଷାଗତ ଯୋଗ୍ୟତାରେ ଏହି ଦେଶ ଠିକ୍ ଅନୁଗମନ କରିଥିଲେ । ସେହି କେତେଜଣଙ୍କ ଏହି ଦେଶ ପର୍ଯ୍ୟନ୍ତ ଥାଇଥିଲେ ସେମାନେ ସବୁବେଳେ ସ୍ୱଦେଶର ଭାଗମତା ହେତୁ ପାଶ୍ଚାତ୍ୟ ଓ ବ୍ୟକ୍ତିଚିନ୍ତାର ସଂଘର୍ଷରେ ପଡ଼ିଥିଲେ । ଗୌରୀଶଙ୍କର ଓଡ଼ିଶାକୁ ଅନୁଧ୍ୟାନ ଓ ଏହା ପାଇଁ କିଛି କରିବାର ମନୋବୃତ୍ତି ପୋଷଣ କରି 'ଉତ୍କଳ ଦୀପିକା'ର ପ୍ରକାଶନ ଓ ସମ୍ପାଦନା ଦାୟିତ୍ୱ ଆତ୍ମନିୟୋଗ କରିଥିଲେ । ସେ ଦେଖିଥିଲେ ନବଜାଗରଣ ଆନ୍ଦୋଳନର ପ୍ରଗତିଶୀଳ ଚିନ୍ତାଧାରା ଆନ୍ଦୋଳିତ । ନୂଆ ଜୀବନର ସମ୍ଭାବନାରେ ଉଦ୍‌ବେଳିତ ହୋଇଥିଲା ସମଗ୍ର ଜାତି ଜାଗରିତ । ଅଥଚ ପ୍ରେରଣା ଅଭାବରୁ ଓଡ଼ିଆ ଜାତି ପଛରୁ ରହିଯାଉଥିଲା ଓ ଐତିହାସିକ ଜାତି ସମ୍ମାନ ହରାଇ ପୋଷାଏ ଜାତିର ଅଧିନ । ଜାତି ସମ୍ମାନକୁ ଆଜି ନୂଆ ଜୀବନର ଦୂର ଅଛି । ତାକୁ ସମ୍ପୂର୍ଣ୍ଣ ନ କଲେ ସେ ଜୀବନହୀନ । ଇଂରେଜ ରାଜ କର୍ମଚାରୀରେ ପଡ଼ୁଥିବା ଅଣଓଡ଼ିଆ ଲୋକ ପଦସ୍ଥ ଓଡ଼ିଶାରେ । ତାଙ୍କୁ ଏଠାରୁ ହଟାଇବା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବାଧ କରିବାକୁ । ଫଳରେ ଓଡ଼ିଶା ବିଭିନ୍ନ ଖଣ୍ଡ ଖଣ୍ଡ ହୋଇ ରହିଯାଉଛି । ଆଜି ଅବଶ୍ୟ ଇଂରେଜମାନେ ଶାସିତ ହୋଇ ଅଛନ୍ତି, ଶାସକ ଓ ଶାସିତ ହୋଇ ଅଛନ୍ତି । ସମସ୍ତେ ଏକ ଅଛନ୍ତି ଶୋଷକ ଓ ଶୋଷିତ ଉପରେ ଏକ । କିନ୍ତୁ ସେମାନେ ସମସ୍ତେ ଏହାକୁ ନୂଆ ଜୀବନର ସମ୍ଭାବନା ବୋଲି ଭାବୁଛନ୍ତି । ସମସ୍ତ ଓଡ଼ିଆ ଜାତିକୁ ଏମାନଙ୍କ ଦ୍ୱାରା ଶାସିତ ହେବାରେ ସଚେତନ କରିବା ପାଇଁ ପଡ଼ିବ । ସେ ସମ୍ପୂର୍ଣ୍ଣ ପ୍ରେମ ଦିଗରୁ ଏକ ସଙ୍ଗଠିତ ଜାତି ହିସାବରେ ପ୍ରସ୍ତୁତ କରିବା ପାଇଁ ପଡ଼ିବ । ଯେଉଁଥି ଉତ୍କଳ-ପ୍ରକୃତି ପ୍ରଥମ ଏଥିପାଇଁ ଭଳି ସ୍ପର୍ଦ୍ଧା ଦେଖାଯାଏ କିନ୍ତୁ ଅଶ୍ରୁର ହିସାବରେ ତାଙ୍କୁ ବର୍ତ୍ତମାନକୁ ଉନ୍ନୟନ କରିବାକୁ ହେବ, ଭବିଷ୍ୟତ-ଦୃଷ୍ଟି ପାଇଁ ବୈଜ୍ଞାନିକ ଚିନ୍ତାଧାରା ପ୍ରଚାର କରିବାକୁ ହେବ ।

କଥିତ ମାନବୀୟ ଓ ଉଦାରଧର୍ମର ହେବାରେ ଗୌରୀଶଙ୍କରଙ୍କ ସାହାଯ୍ୟ କରିଥିଲା ତାଙ୍କର ଶିକ୍ଷା । ବସ୍ତୁତଃ ସ୍ୱାଧୀନତାର ଅନୁସରଣ କରି ଖ୍ରୀଷ୍ଟିୟାନ ପାଦରେ ଆଧୁନିକ ମହାବିଦ୍ୟାଳୟ-ଶିକ୍ଷା ଥିଲା ତାଙ୍କର ପାଶ୍ଚାତ୍ୟ ଶକ୍ତି । ସେ ହୁଏତ ହୁଗୁଳି କଲେଜର ଶିକ୍ଷା ଅସମାପ୍ତ ରଖି ପାରିବାରିକ ବାଧ୍ୟବାଧକତାରେ ଓଡ଼ିଶାକୁ ଫେରି-ଆସିଲେ କିନ୍ତୁ ସେ ହୁଗୁଳି ରହଣିରୁ ତାଙ୍କ ଆଧୁନିକ ମନ ଓ ଜୀବନର ସନ୍ଧାନ ଆଣିଥିଲେ । ହୁଗୁଳିର ଅବସ୍ଥାନ କଲିକତା ସହର । ଇଂରେଜ ଶାସନର

ଏହି ଶହ ବର୍ଷ ଭିତରେ କଲିକତା ସହର ଏକ ନୂଆ ଚାଲଣୀର ପଶ୍ଚାତ୍ପଟରେ ପରିଣତ ହୋଇଥିଲା । ତାଙ୍କ ବାଣିଜ୍ୟର କ୍ରମୋନ୍ନତି ଧାର୍ମିକ ଏବଂ ନବ-ସାହିତ୍ୟିକ ଅଭିନବ-ବୈପ୍ଳବିକ-ଚେତନା ଅନୁକୂଳ ପରିବେଶ ସୃଷ୍ଟି କରିଥିଲା । ମାର୍ଶମ୍ୟାନ ବନ୍ଧୁ, ସହକର୍ମୀ ଓ ସେହି ଶିକ୍ଷାନୁରାଗୀ ଏଣ୍ଡେରସନ୍ ଇଉରୋପୀୟ ନବଜାଗରଣର ପୂର୍ବ-ବୈଶିଷ୍ଟ୍ୟ ସମ୍ପର୍କରେ ସେତିକି ମନ୍ତବ୍ୟ କରିଥିଲେ, ତାହାର ଯଥାଯଥ ଭାବେ ସମକାଳୀନ କଲିକତା ସହରର ପରିବେଶ ଅନୁରୂପ ଥିଲା । ସେ ଲେଖିଥିଲେ, 'ତାହା ଥିଲା ଏଭଳି ଏକ କାଳ ଯାହାର ଦାବି ଥିଲା ବଡ଼ ପୁରୁଷର ସୃଷ୍ଟି । ଚିନ୍ତା, ଆବେଗ, ଚରିତ୍ର, ବିଶ୍ୱଜନୀନତା ଓ ପାଣ୍ଡିତ୍ୟରେ ସେତେବେଳେ ତାହା ବଡ଼ ପୁରୁଷର ସୃଷ୍ଟି କରିଥିଲା । "a tine which called for giants and produced giants—giants in power of thought, passion and character, in universality and learning" ତାହା ଥିଲା ରାମମୋହନ, ଡେରୋଜିଓ ଓ ସ୍ୱର୍ଣ୍ଣ ଦେବେନ୍ଦ୍ରଙ୍କ ଗୋଷ୍ଠୀ, ବିଦ୍ୟାସାଗର ଓ ମାଇକେଲ ମଧୁସୂଦନଙ୍କ କଲିକତା ସହର । ଏମାନେ ଥିଲେ କଲିକତାର ଅଗ୍ରଣୀ-ଅଗ୍ରଗାମୀ ଦଳ । ଏହି ସହରର ଯୁଗସନ୍ଧି ମୁହୂର୍ତ୍ତରେ ଗୌରୀଶଙ୍କରଙ୍କ ସମ୍ବେଦନଶୀଳ ଓ ନୂତନ-ସନ୍ଧାନ-ଉନ୍ମୁଖ ମନ ଯେଉଁ ଏକ ଅଭିନବ-ଚିନ୍ତାର ତରଙ୍ଗ ଅନୁଭବ ଲାଭ କରିଥିଲା । ଏହି ଅନୁଭବ କଟକ ସହରକୁ ଆସି କିଛିକାଳରେ ଅଙ୍କୁରିତ ହୋଇଥିଲା ।

ଇଂରେଜମାନେ କଟକ ସହରକୁ ଅଧିକାର କଲେ ୧୮୦୩ ମସିହାରେ ସେମାନେ ଓଡ଼ିଶାକୁ ଆସିଲେ ବାଣିଜ୍ୟ/ଧର୍ମ ପ୍ରଚାରକ ରୂପରେ ନୁହେଁ—ଶୋଷକ ଓ ଶାସକ ରୂପରେ । ଫଳରେ ଯେଉଁ ପ୍ରେସିଡେନ୍ସୀର କେନ୍ଦ୍ର କଲିକତା ସହରକୁ ନୂଆ ଜୀବନର ସ୍ପର୍ଶରେ ସେମାନେ ଯେଉଁ ଆନ୍ଦୋଳିତ କରିଥିଲେ କଟକରେ ତାହା ସେମାନେ କରିପାରିନଥିଲେ । ତଥାପି ଓଡ଼ିଶା ଡିଭିଜନର ଶାସନକେନ୍ଦ୍ର ଭାବରେ କଟକ ସହରରେ ମଧ୍ୟବିତ୍ତ ଇଂରେଜ ପ୍ରଶାସକ, ବଙ୍ଗାଳୀ ଅମଲା, ଓଡ଼ିଶା ଓ ଭାରତର ତଥା ନିମ୍ନଶ୍ରେଣୀର ଓଡ଼ିଆ ଅମଲା, ସେମାନଙ୍କ ସେବାପ୍ରିୟ ବର୍ଗ କଟକ ସହରରେ ବସା ବାନ୍ଧିଥିଲେ । କିନ୍ତୁ ଐତିହାସିକ କାରଣରୁ ଏମାନେ କେବଳ ଭିନ୍ନ ଭିନ୍ନ ଗୋଷ୍ଠୀରେ ବିଭକ୍ତ ନ ଥିଲେ, ବାସ୍ତବ ଜୀବନର ଆବଶ୍ୟକତା ଏମାନଙ୍କୁ ଭିନ୍ନ ସ୍ୱାର୍ଥ-ମଣ୍ଡଳୀରେ ବିଭକ୍ତ କରିଥିଲା । ଗୌରୀଶଙ୍କର ଜଣେ ନିମ୍ନ-ଶ୍ରେଣୀର ସରକାରୀ ଅମଲା ଭାବେ କଟକରେ ଯୋଗଦେଲେ ପରେ ଏକ ନିର୍ଦ୍ଦିଷ୍ଟ ସ୍ୱାର୍ଥ-ମଣ୍ଡଳୀରେ ଯୋଗ ଦେବାକୁ ବାଧ୍ୟ ହୋଇଥିଲେ—ତାହା ଥିଲା ଓଡ଼ିଆ ସରକାରୀ ଅମଲାମାନଙ୍କର ଗୋଷ୍ଠୀ । କିନ୍ତୁ ଗୌରୀଶଙ୍କର ଏହି ସଙ୍କୀର୍ଣ୍ଣ ଗୋଷ୍ଠୀ ଭିତରେ ସୀମାବଦ୍ଧ ହୋଇ ରହିନଥିଲେ । ଓଡ଼ିଆ ଜାତୀୟତାର କଲମ୍ବସ-ଭୂମିକା ସେ ଏହିଭଳି ସ୍ୱତନ୍ତ୍ର ଗ୍ରହଣ କରିଥିଲେ । ପ୍ରଥମ ସ୍ୱରାଜ୍ୟ ସ୍ୱାଧୀନତା ମହାସମର ପରେ ଔପନିବେଶିକ ଶାସନ ଯନ୍ତ୍ର ତାଙ୍କୁ ଏଥିପାଇଁ ସନ୍ଦେହ ଚିହ୍ନିତ କରିଥିଲା ।

ସ୍ୱାଦେଶିକ ରୂପ-ଜାତୀୟତା ବା ସଂସ୍କୃତିକ ଜାତୀୟ-ଚେତନାର ଉଦ୍ଭବ ଓ ବିକାଶରେ ପ୍ରଥମ ସ୍ୱତନ୍ତ୍ର ସ୍ୱାଧୀନତା ସଂଗ୍ରାମ-ରୂପର ବ୍ରିଟିଶ ଶାସନ-ବିରୋଧ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ୧୮୫୭ ମସିହା ପର୍ଯ୍ୟନ୍ତ ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରବଳ ବାଂଳାପ୍ରାନ୍ତିକ ସ୍ୱାର୍ଥ ନେଇ ବଙ୍ଗାଳୀ, ମରାଠୀ ଓ ତାମିଲମାନଙ୍କୁ ଶାସନ ଓ ଶୋଷ-ଣାଧୀନରେ ଓଡ଼ିଶାକୁ ଶାସନରେ ଭାଗ ଦେଇଥିଲେ ଓ ତାହାର ଫଳରେ ହୋଇଥିଲା ହେମ୍ପିଂଷ୍ଟନ୍‌ସୀ-ଭିତ୍ତିକ ଜାତୀୟ ଚେତନାର ବିକାଶ । ସେହି କାଳରେ ବଙ୍ଗଳାରେ ଯେଉଁ ସ୍ୱତନ୍ତ୍ର ଜାତୀୟ ଚେତନାର ସୂତ୍ରପାତ ହୋଇଥିଲା, ତାହାର କେନ୍ଦ୍ରରେ ଥିଲା କଲିକତା ସହର । କିନ୍ତୁ ୧୮୫୭ ମସିହା ପରେ ବ୍ରିଟିଶ ପ୍ରଶାସନ ସ୍ଥିର କଲା ଯେ, ଓ ଅସ୍ପଷ୍ଟ ଅଞ୍ଚଳ ମାନଙ୍କର ମଧ୍ୟବିତ୍ତ ବୁର୍ଜୁଆ, ଅବହେଳିତ ଅଞ୍ଚଳର ମଧ୍ୟବିତ୍ତ ଓ ଶିକ୍ଷିତ ଶ୍ରେଣୀକୁ ଆନୁକୂଲ୍ୟର ଗୁରୁତ୍ୱ ଦିଆଯିବ । 'ବିଭାଜନ ଓ ଶାସନ ନୀତି'ର ଅନୁଷ୍ଠାନରେ ଓଡ଼ିଆ ଜାତୀୟତାରେ ଖୁବ୍ ଖୁବ୍ ଶବ୍ଦ ପ୍ରଥମେ ଶୁଣାଯାଇଥିଲା । ବେଙ୍ଗଲବାସୀ, ଭଳି ଅନେକ ପ୍ରମୁଖ ଇଂରେଜ ସିଭିଲିଆନ ମାନେ କେଉଁ ଓଡ଼ିଶାର ସ୍ୱାର୍ଥ-ସଂରକ୍ଷଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କିନ୍ତୁ ଏହା ଓଡ଼ିଆମାନଙ୍କ ଭଳି ଅଧୀନସ୍ଥ ଜାତିକୁ ସେମାନେ ରକ୍ଷାକର୍ତ୍ତାର ଭୂମିକା ଗ୍ରହଣ କରି ଅନୁପମ ସୁକୌଶଳରେ ସନ୍ତୋଷ ଦେବାକୁ ଚାହିଁଥିଲେ । ଇଂରେଜମାନେ ଜାଣିଥିଲେ ଭଳି ସ୍ୱାଧୀନତାପ୍ରିୟ ମତ ଥିବା ସ୍ୱାଧୀନମାନଙ୍କୁ ଦୟା ବା ଅନୁକମ୍ପା ପ୍ରଦର୍ଶନ କରିବା ପୂର୍ବରୁ ତାଙ୍କୁ ତଳ ଜାକିବାକୁ ହେବ । କାରଣ ସେମାନେ ନେତୃତ୍ୱ ନ ନେବା ପର୍ଯ୍ୟନ୍ତ ସେମାନଙ୍କ କ୍ଷମା ବା ଅନୁକମ୍ପା ଗ୍ରହଣ କରନ୍ତି ନାହିଁ । ଲର୍ଡ ଡଲହୌସି ସେପ୍ଟେମ୍ବର ୨୭, ୧୮୫୭ରେ ଏକ ଚିଠିରେ ଲେଖିଥିଲେ "you must knock a native down before you pardon him. He will not accept your pardon till he is at your mercy" ଓଡ଼ିଶାକୁ ସାହାଯ୍ୟ ଓ ସହଯୋଗ କରିବା ପୂର୍ବରୁ ଏହାକୁ ସେମାନେ ଶୋଷଣ ଓ ପୀଡନର ଧ୍ୱଂସ କ୍ଷେତ୍ରରେ ପରିଣତ କରିଥିଲେ । ରେଭେନ୍‌ସା ଓ ଅନେକ ପ୍ରମୁଖ ଇଂରେଜ ପ୍ରଶାସକ ଦୁର୍ଭିକ୍ଷ ପରବର୍ତ୍ତୀ-କାଳରେ ଓଡ଼ିଶାର ତ୍ରାଣକର୍ତ୍ତା ଭୂମିକା ସ୍ୱତଃସ୍ଫୂର୍ତ୍ତ ଭାବରେ ଗ୍ରହଣ କରିଥିଲେ । ଅଥଚ ଓଡ଼ିଶା ଇଂରେଜ ଶାସନରେ ସମସ୍ତ ସ୍ଥାନ ମାତ୍ର ଏକବିଂଶରେ, ବଙ୍ଗାଳୀ ଓଡ଼ିଆ, ମୁକ୍ତ ହ, ଅସମ ଓ ଶ୍ରୀକ୍ଷେତ୍ରଠାରେ । ସେମାନଙ୍କ ଦୃଷ୍ଟିରେ ଓଡ଼ିଶା ଥିଲା ଦୁର୍ଭିକ୍ଷର ଜନ୍ମଭୂମି ଏବଂ ପାଞ୍ଚଦଶ; ଜାତୀୟ ପ୍ରେମର ବର୍ତ୍ତମାନ ଭଳି ସମୟର ସାମୁଦ୍ରିକ ସମ୍ପଦ । ସେହି ଓଡ଼ିଆ ଭାଷା, ଜାତି ଏବଂ ଅଞ୍ଚଳରେ ବଙ୍ଗଳା ହୋଇଥିବା ଓଡ଼ିଶା ପାଇଁ ପରିତ୍ରାଣର ଏକମାତ୍ର ଉପାୟ । ଜନୈକ ଓଡ଼ିଶାରେ ଲେଫ୍ଟେ ଗଭର୍ଣ୍ଣରଙ୍କ ଓଡ଼ିଆ ବିଷୟରେ ମତ ଦେଇଥିଲେ ୧୮୬୭ ମସିହାରେ ପ୍ରକାଶିତ ତାଙ୍କ 'ଉତ୍କଳଦର୍ପଣ'ରେ ଲେଖିଥିଲେ; 'ଏ ସମୟ ଉତ୍କଳ ଭାଷାର ଦେଶୀୟ ସାହିତ୍ୟ ପ୍ରଚୁରତା ରହିଲା ଗଲା; ଜନସାଧାରଣ ବ୍ୟବସାୟର ସାହାଯ୍ୟ ଅଭାବ, କେହାର ଓ ଉଚ୍ଚଶ୍ରେଣୀର ଜନ ସାଧାରଣ ଅଲଗ ପ୍ରମୁଖ ହୋଇଲେ ନଗରୀ ଓ ସ୍ଥାନୀୟ ସୁଦୂର

ଏକଥା ସ୍ୱୀକାର୍ଯ୍ୟ ଯେ, ଅର୍ଥନୈତିକ ସ୍ୱଚ୍ଛଳତା, ଆଭିଜାତ୍ୟ, କେବଳ ଭୂମିର ଜମିଦାରୀ ଜରିଆରେ, ଏକାନ୍ତ ସ୍ୱାର୍ଥ ଉପରେ ଅବଲମ୍ବିତ ହୋଇଥିଲା ଓ ରାଜକୀୟ ଜାଗିରଦାର ଓ ପଦସ୍ଥ ଅଧିକାରୀ ମଧ୍ୟ ସେଥିରୁ ପ୍ରଭାବିତ ହୋଇଥିଲେ । ଏହି ଦୁଇ ଜାତୀୟ ସ୍ୱାର୍ଥ ନିବିଡ଼ ଭାବରେ ଉତ୍କଳୀୟ ଦେଶୀୟ ଭଦ୍ରର ପ୍ରତି ସେ ହସ୍ତ ପ୍ରସାରଣ ପଡ଼ିଥିବା ଆସିଥିଲେ ତାହା ଏପର୍ଯ୍ୟନ୍ତ ସାମାଜିକ ଜୀବନର ସ୍ଥିତାବସ୍ଥାକୁ ନଷ୍ଟ କରିନାହିଁ ଆହୁରି । ଏହି ବର୍ଗ ପରିଚାଳିତ କଟକରେ ଶାସନ, ସେହି ସମାଜରୁ ମିଶି ଯାହା କରୁଥିଲେ, ତାହା ଉପଯୋଗୀ ବର୍ଗର ସିଦ୍ଧାନ୍ତ ନୁହେଁ । ବସ୍ତୁତଃ, କଟକରେ ଥିବା ବଙ୍ଗାଳୀ ଜମିଦାର ଓ ବ୍ୟବସାୟୀ ସମ୍ପ୍ରଦାୟଙ୍କ ଆପଣା ସ୍ୱାର୍ଥ, ଓ ଅହଂର ତୁଷ୍ଟିକୁ ଓଡ଼ିଆର ସ୍ୱାଭିମାନର ବାଧକ ରୂପେ ମଣୁଥିଲେ । ଗୌରୀଶଙ୍କରଙ୍କ ନୈତିକ-ଜୀବନ-ଯାପନକୁ କଟକର ଏହି ପରିବେଶ ନିୟନ୍ତ୍ରିତ କରିଥିଲା । କିନ୍ତୁ ବୁଦ୍ଧିଜୀବୀ ଆପାତତଃ ସ୍ୱାଧୀନ ମନୋବୃତ୍ତିରୁ, ଦୃଢ଼ଭାବରେ ସେ ସମସାମୟିକ କାଳ ଓ ପରିବେଶ ନିରପେକ୍ଷ ନୁହନ୍ତି । ବରଂ ସାମାଜିକ ପରିବେଶ, ତାଙ୍କ ମନନ ଓ ବୁଦ୍ଧିମତ୍ତାକୁ ନିୟନ୍ତ୍ରଣ ଓ ଗତିଶୀଳ କରିଥାଏ । ଗୌରୀଶଙ୍କର ଉତ୍କଳଦୀପିକା ପ୍ରକାଶ କରିବାବେଳେ ଓ ଅନେକାନେକ ସାମାଜିକ ତଥା ରାଜନୈତିକ ଅନୁଷ୍ଠାନ ସ୍ଥାପନ କରିବାରେ ଅଗ୍ରଣୀ ଗୋଷ୍ଠୀ ଭୁକ୍ତଙ୍କର 'ଅଭିଜାତ' ସାମାଜିକ-ଅବସ୍ଥାନ ଓ ସେମାନଙ୍କର ମନୋଭଙ୍ଗୀ ପ୍ରତିକୂଳ ସ୍ଥାନ ଅଧିକାର 'କରିଥିଲା' ।

ଇଂରେଜ-ଶାସନ କାଳରେ ଭାରତୀୟ ସାଂସ୍କୃତିକ-ଐତିହ୍ୟ ଉପରେ ତତ୍କାଳୀନ ଇଉରୋପୀୟ ଯୁକ୍ତିବାଦୀ-ମନନର ଅଭିଘାତ ଏକ ସ୍ୱାଭାବିକ ପ୍ରକ୍ରିୟା ଥିଲା । ଗୌରୀଶଙ୍କରଙ୍କ ସମ୍ବେଦନଶୀଳ-ଚିତ୍ତରେ ଏହି ଅଭିଘାତ ସ୍ପଷ୍ଟ ମୁଦ୍ରା ଛାଡ଼ିଯାଇଥିବ । ଅଦୃଷ୍ଟବାଦୀ ଚିନ୍ତା, କର୍ମଫଳ ଓ ଜନ୍ମାନ୍ତରବାଦରେ ବିଶ୍ୱାସ; ସଂପୂର୍ଣ୍ଣ-ଭିନ୍ନ ପରିଧି ମଧ୍ୟରେ ଆପଣାକୁ ସ୍ୱେଚ୍ଛାକୃତ ଭାବେ ଆବଦ୍ଧ ରଖିବାର ଅବଶ୍ୟମ୍ଭାବୀତା ମଧ୍ୟରେ ତାଙ୍କର ସମକାଳୀନ ଓଡ଼ିଆମାନେ ଅସ୍ୱସ୍ତି ଅନୁଭବ କରିଥିଲେ । ଗୌରୀଶଙ୍କର ଯେ ଏହି ଭାବ-ବୃତ୍ତକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିଥିଲେ— ଏହା ଦାବୀ କରାଯାଇ ନପାରେ । କିନ୍ତୁ ଏହିଭଳି ଭାବ-ବୃତ୍ତରୁ ତାଙ୍କର ମୁକ୍ତି-ଆକାଙ୍କ୍ଷା ଥିଲା ତୀବ୍ର । ଏହି ତୀବ୍ର ମୁକ୍ତି-ଆକାଙ୍କ୍ଷା ସୃଷ୍ଟି କରିଥିବା ଅସ୍ଥିରତା ଓ ସ୍ୱବଶତା ଉତ୍କଳ-ଦୀପିକା ପୃଷ୍ଠାରେ ପରିସ୍ଫୁଟ । ବ୍ରିଟିଶ ଶାସନର ବ୍ୟବସ୍ଥାଗତ ଅକର୍ମଣ୍ୟତା ସଂପର୍କରେ ସେ ସଚେତନ ଥିଲେ କିନ୍ତୁ ଔପନିବେଶିକ ବ୍ୟବସ୍ଥା ଭାରତୀୟଙ୍କ ମନରେ ଇଂରେଜ ଶାସନ ସମ୍ପର୍କରେ ସୃଷ୍ଟି କରିଥିବା ପ୍ରହେଳିକାକୁ ସେ ଅତିକ୍ରମ କରିପାରିନଥିଲେ । ତେଣୁ ତାଙ୍କର ସମସାମୟିକ ଅନ୍ୟାନ୍ୟ ବୁଦ୍ଧିଜୀବୀଙ୍କ ଭଳି ସେ ଇଂରେଜ ଶାସନକୁ ଯଥାଭାବ ଆଶୀର୍ବାଦ ଭାବରେ ଗ୍ରହଣ କରି-ନେଇଥିଲେ । ଉପନିବେଶ ବାଦୀ ଚିନ୍ତା ଓ ପରିବେଶ ମଧ୍ୟ ଦେଇ ଓଡ଼ିଶାରେ ସାମ୍ରାଜ୍ୟବାଦର ଯେଉଁ ଚାକିରି-ଜୀବୀ ବର୍ଗ ଗଢ଼ିଥିଲା ନିଜର ଅଜ୍ଞାତରେ ଅନେକଙ୍କ

ଭକ୍ତ ଶ୍ରୀ ଶଙ୍କରଙ୍କ ମଧ୍ୟ ସେଥିରେ ବ୍ୟସ୍ତ ହୋଇଥିଲେ । କିନ୍ତୁ ଏହି ସ୍ଥିତ ହେବାର ନୂତନ ଅଭିଜ୍ଞତା ଲୋକମାନଙ୍କ ମାନସ-ଦର୍ପଣ ଉପରୁ ହଟିଯାଇ ନ ଥିଲା । ନାନା ଦେଶ ବୈଦେଶିକ ଧର୍ମରେ ବ୍ୟସ୍ତଥାଇ ଏକାନ୍ତ ସହଜ ହେଉଛି ନବଜାଗରଣର ବାଣୀ ଓ ଆଦର୍ଶକୁ ଯେ ଉତ୍କଳରେ ପ୍ରଚାରିତ କରିଥିଲେ, ତାଙ୍କ ସହିତ ଭାଗଟାକୁ ଦେଶ ଓ ସୃଷ୍ଟି-ପଥରେ ଆଗାମୀ ଥିବା ଅନେକ ତଥାକଥିତ ସମାଲୋଚକଙ୍କ ପ୍ରଚେଷ୍ଟାକୁ ତୁଳନା କରିହେବ ନ ପାରେ । ତାହାର କାରଣ ଶ୍ରୀ ଶଙ୍କରଙ୍କ ଭକ୍ତ ସେମାନେ ଏହି ଐତିହାସିକ ଲକ୍ଷ୍ୟର ଅଧ୍ୟାୟ ଦାର୍ଶନିକ ଓ କର୍ତ୍ତବ୍ୟ ଜ୍ଞାନ ପର୍ଯ୍ୟନ୍ତରେ ଶ୍ରଦ୍ଧା ଓ ସଚେତନ କରିଥିଲେ । ସେ'ହିଁ ଏ ଜାତିକୁ ସମାଜ-ବ୍ୟବସ୍ଥା ମଧ୍ୟରେ ଅଧିକାର ବାଞ୍ଛନୀୟ ଆବଦ୍ଧ ଥିଲେହେଁ, ଜୀବନର ଆତ୍ମିକ ପାର୍ଶ୍ୱରେ ଏଭଳି ସହଜ ନବକୁ ସ୍ୱାଗତ 'ଜଗନ୍ନାଥଙ୍କ' ଶ୍ରୀ ଶଙ୍କରଙ୍କର ଅଭିଯାନ ଥିଲା ପୁଣ୍ୟମୟ ତ୍ରିବେଣୀ ସାମ୍ରାଜ୍ୟ ଭଳି ବସନ୍ତ-ସ୍ପର୍ଶ । ଏହି ବ୍ୟାପକ-ଶୀଳତା ମଧ୍ୟରେ ଶ୍ରୀ ଶଙ୍କରଙ୍କ ବୃଦ୍ଧି ନେତୃ-ଭୂମିକା ଅବାନ୍ତର ।

ଓଡ଼ିଆ ବିଭାଗ
ରାଉରକେଲା ମ୍ୟୁନିସିପାଲିଟି ମହାବିଦ୍ୟାଳୟ
ରାଉରକେଲା - ୭୬୯ ୦୧୨